

# ବାଥୁଡ଼ି ଲୋକ ସାହିତ୍ୟ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

# ବାଥୁଡ଼ି ଲୋକ ସାହିତ୍ୟ


ସଂକଳକ :
ଡ଼. ରବୀନ୍ଦ୍ର କୁମାର ଶତପଥି

ସଂପାଦନା :
ଡ଼. ମନ୍ମଥ କୁଣ୍ଡୁ

ନିର୍ଦ୍ଦେଶକ :
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ପ୍ରକାଶକ :
© ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପଡ଼ିଆ, ୟୁନିଟ୍-୧
ଭୁବନେଶ୍ୱର-୭୫୧୦୦୯

ମୁଦ୍ରଣ :
ଓଁକାର, ଏମ୍-୫/୨,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ପ୍ରଥମ ପ୍ରକାଶ :
୩୧, ଡ଼ିସେମ୍ବର, ୨୦୦୦

ମୂଲ : ଟ. ୬୦/- ମାତ୍ର


# BATHUDI LOK SAHITYA


**Compilation :**
Dr. Rabindra Ku. Satpathy

**Editor :**
Dr. Manmath Kundu
Director, ATDC

**Publisher :**
© Academy of Tribal Dialects & Culture
ST & SC Development Department
Adivasi Ground, Unit - 1
Bhubaneswar - 751009

**Printed at :**
Omkar, M-5/2,
Acharya Vihar, Bhubaneswar

**1st Edition :**
31st Dec. 2000

**Price : 60/- Rupees**

ଜନଜାତିର ଏଇ ବାଚିକ ପରମ୍ପରା ଆଧୁନିକ ଗଣମାଧ୍ୟମର ପ୍ରଭାବରେ ଶ୍ରୀହୀନ । ସେ ସଂପୂର୍ଣ୍ଣ କବଳିତ । ତଥାପି ଏଇ ନାଟଗୁରୁ ମାନଙ୍କର ବିଲୟ ପର୍ଯ୍ୟନ୍ତ ସେ ପରମ୍ପରା ବଞ୍ଚିବା ପାଇଁ ସଂଗ୍ରାମରତ । ଏବର ଯୁବ ପିଢ଼ି ଏଥିପାଇଁ ବିତସ୍ପୃହ । ଟିଭି, ସିନେମାର ନିଶାରେ ସେମାନେ ପାଗଳ । ନାଟଗୁରୁ ଅଲୋଡ଼ା ତାଙ୍କ ପାଇଁ ।

ବିସ୍ମୃତିର ଗର୍ଭରେ ଏହି ପରମ୍ପରାଟି ଲୋପ ପାଇଯିବା ପୂର୍ବରୁ ସେଇ ପରମ୍ପରାର ଶେଷ ମଣିଷଟି ମରିଯିବା ପୂର୍ବରୁ, ତାର କଥାନକକୁ ସାଉଁଟିବାର ଏହାହିଁ ହେଉଛି ଶେଷ ସୁଯୋଗ । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ବିଧିବଦ୍ଧ ଭାବରେ ସେହି ପ୍ରଜାତିକ ପରମ୍ପରାର ଲୋକ ମୌଖିକ ଉପାଦାନ ସବୁକୁ ସଂଗ୍ରହ କରି ତାର ସଂପାଦନ ଓ ପ୍ରକାଶନ କାର୍ଯ୍ୟ ହାତକୁ ନେଇଛନ୍ତି । କମ୍ପ୍ୟୁଟରର ପ୍ରସାର ପରିପ୍ରେକ୍ଷୀରେ ଏକାଡ଼େମୀ ଏହି ଲୋକ ସାହିତ୍ୟକୁ ନବକଳେବର ପ୍ରଦାନ କରିପାରିଲେ ଏକ ପୁରାତନୀ ପରମ୍ପରା ଜନ ମାନସରେ ସମାଦୃତ ହୋଇପାରିବ ।

ଅରୁଣ କୁମାର ସାମନ୍ତରାୟ
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଭୂମିକା

ଓଡ଼ିଶାର ଆଦିବାସୀମାନଙ୍କର ଭାଷା, ସାହିତ୍ୟ, ସଂସ୍କୃତିର ସଂରକ୍ଷଣ ଓ ପରିପ୍ରସାର ଉଦ୍ଦେଶ୍ୟରେ ରାଜ୍ୟସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ଵାରା ୧୯୭୯ରେ ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏକ ସ୍ୱୟଂଶାସିତ ଅନୁଷ୍ଠାନ । ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କର ଭାଷା-ସାହିତ୍ୟ-ସଂସ୍କୃତିର ସଂରକ୍ଷଣ, ସଂକଳନ ଓ ସଂପାଦନ କ୍ଷେତ୍ରରେ ଏହା ଅଗ୍ରଣୀ ଭୂମିକା ବହନ କରେ । ଆଧୁନିକତାର ପ୍ରଭାବ ଏବଂ ଗଣମାଧ୍ୟମର ପ୍ରସାର ଯୋଗୁଁ ଆମେ ପ୍ରାୟ ସମସ୍ତେ ଆଜି ପରମ୍ପରା ବିମୁଖ । ଫଳତଃ ଆମେ ଆମ ନିଜସ୍ୱ ଉନ୍ନତ ବାଚିକ ପରମ୍ପରାଠାରୁ ଦୂରେଇ ଯାଉଛୁ । ଆଦିବାସୀ ଅଞ୍ଚଳରେ ଶିକ୍ଷା ଓ ସଚେତନତା ପ୍ରସାରରେ ଆଜିମଧ୍ୟ ଲୋକ ସାହିତ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଆଦିବାସୀ ଭାଇ ଭଉଣୀଙ୍କ ମଧ୍ୟରେ ଅଦ୍ୟାବଧି ପ୍ରଚଳିତ ଲୋକସାହିତ୍ୟ ସଂପଦକୁ ସଂଗ୍ରହ ପୂର୍ବକ ପ୍ରକାଶନର ଦାୟିତ୍ୱ ନେଇଛି ଏକାଡ଼େମୀ ।

ଏକାଡ଼େମୀ ତାର ସୀମିତ ସମୟ ଭିତରେ ସେହି ମହାନ କାର୍ଯ୍ୟର ଅଂଶ ସ୍ୱରୂପ ପୂର୍ବରୁ କିଛିଟା କାର୍ଯ୍ୟ ସଂପାଦନ କରିଛି । ସେଗୁଡ଼ିକ ହେଲା : ''ସାନ୍ତାଳ ଲୋକ କାହାଣୀ'', ''ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକସାହିତ୍ୟ'', ''ଆଦିବାସୀ ଲୋକ କାହାଣୀ'', ''ଗଣ୍ଡ ସଂସ୍କୃତି ଓ ଲୋକ ସାହିତ୍ୟ'', ''ପିଲାଙ୍କ ପାଇଁ ଆଦିବାସୀ ଲୋକକଥା'' ଇତ୍ୟାଦି ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବାଥୁଡ଼ି, ବଣ୍ଡା, ଭତରା, କୋୟା, ଭୂମିଜ, ଦୁରୁଆ, ଭୁଞ୍ଜିଆ ଲୋକ ସାହିତ୍ୟ ଉପରେ ଅଧ୍ୟୟନ କାର୍ଯ୍ୟ ଏକାଡ଼େମୀ ହାତକୁ ନେଇଛି । ପ୍ରକାଶିତ ''ବାଥୁଡ଼ି ଲୋକ ସାହିତ୍ୟ'' ତନ୍ମଧ୍ୟରୁ ଅନ୍ୟତମ । ଏହି ପୁସ୍ତକରେ ସ୍ଥାନିତ ବାଥୁଡ଼ି ଲୋକକଥା ଗୁଡ଼ିକ କଥନ ଶୈଳୀରେ ଲିଖିତ ଏବଂ ସେ ସବୁର ବିଶେଷତ୍ୱ ହେଲା ଭାଷାର ସାବଲୀଳତା ଏବଂ ବାକ୍‌ଶୈଳୀ । ଆମ ବାଥୁଡ଼ି ଭାଇଭଉଣୀମାନେ ସେ କ୍ଷେତ୍ରରେ ବେଶ ପାରଙ୍ଗମ ।

ବାଥୁଡ଼ି ଲୋକ ସାହିତ୍ୟକୁ ସଂକଳନ କରିଛନ୍ତି ସୀମାନ୍ତ କଲେଜ ଝାଡ଼ପୋଖରିଆ, ମୟୂରଭଞ୍ଜର ଓଡ଼ିଆ ଅଧ୍ୟାପକ ଡ଼. ରବୀନ୍ଦ୍ର କୁମାର ଶତପଥୀ । ''ବାଥୁଡ଼ି ଲୋକ ସାହିତ୍ୟ'' ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| | ମୁଖବନ୍ଧ | |
| ୧. | ଖକ ଚଢ଼େଇ | ୫ |
| ୨. | ସିଆଳ କୁକୁଡ଼ା | ୮ |
| ୩. | ମାକ୍‌ଡ଼ କାଉ ଖାଇଲା | ୧୨ |
| ୪. | ଟିଣ୍ଡି ଚଢ଼େଇ | ୧୪ |
| ୫. | ସିଆଳ ଖେଳିଆ | ୧୮ |
| ୬. | କାନ୍ ପାହାଳି | ୨୦ |
| ୭. | ଭାଲୁ ବରହା | ୨୨ |
| ୮. | ସିଆଳ ସିଆଳୁଣି | ୨୩ |
| ୯. | ବାଘ ଆଉ ଚୁର | ୨୪ |
| ୧୦. | ତିନ୍ ସଙ୍ଗାତ୍ ଆଉ ଢେମାଦେଇ | ୨୬ |
| ୧୧. | ରାଜାପୁଅ ଆଉ ମନ୍ତ୍ରି ପୁଅ | ୨୯ |
| ୧୨. | କଁଟନି ଝିଅ | ୩୫ |
| ୧୩. | ସୁଲସିଂ ରାଜା ଆଉ ମନ୍ତରି | ୪୦ |
| ୧୪. | ସାହ୍‌ବ ଝିଅ ଆଉ ମାକ୍‌ଡ଼ | ୪୬ |
| ୧୫. | ଭାଇ ଭଉଣି ଆଉ ପାଗଳ | ୫୦ |
| ୧୬. | ଅଳସୁ ଆଉ ଖାଣ୍ଟିଆ ପଣ୍ଡା | ୫୩ |
| ୧୭. | ସାହାଳା ସୁନ୍ଦରି | ୫୭ |
| ୧୮. | ବେନିଙ୍ଗୁମାମାଳି ଝିଅ | ୬୨ |
| ୧୯. | ସାହ୍‌ବଝିଅ ରାଜାପୁଅ | ୬୮ |
| ୨୦. | ଖେସ୍‌ଗିଣିଗିଣି ବଥ୍ ଗିଣିଗିଣି | ୭୪ |
| ୨୧. | ବିସ୍‌କେସ୍‌ନ | ୭୬ |
| ୨୨. | ନର୍ଖିଁ, ସରସଁତି ଆଉ କରମା | ୮୦ |
| ୨୩. | ବଡ଼ାମ୍ ବୁଢ଼ା ବଡ଼ାମ୍ ବୁଢ଼ି | ୮୧ |
| ୨୪. | ଝାମ୍‌ଲି ମୁଣ୍ଡି ଆଉ ଭାଲୁକାଣି | ୮୩ |
| ୨୫. | ଦୁଖା, କାଣିବୁଢ଼ି ଆଉ ରାଜା ଝିଅ | ୮୫ |

| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୨୬. | ରାଜାପୁଅ, ମନ୍ତ୍ରିପୁଅ କଟୁଆଳ ପୁଅ | ୯୧ |
| ୨୭. | ରାଜାପୁଅ ଆଉ ମାଳତି କନିଆ | ୧୦୨ |
| ୨୮. | ବଡ଼ାମ ପୁଅ ଆଉ ଅସୁରାଣି | ୧୧୦ |
| ୨୯. | ସାଦ୍‌ବ ପୁଅ ଆଉ ଅସୁରାଣି | ୧୨୨ |
| ୩୦. | ଅଯୁରଧା କୁମର | ୧୨୭ |
| ୩୧. | କନିଆ ମାଁ | ୧୩୦ |
| ୩୨. | ଭାଇ ଭଉଣୀ | ୧୩୪ |
| ୩୩. | ମୂଲାବତୀ କଥାଣି | ୧୩୭ |
| ୩୪. | ମାଣିକ ରାଜା, ବିଦାଧର ଆଉ ରଙ୍ଗବତୀ | ୧୪୦ |
| ୩୫. | ରାଜାପୁଅ ଆଉ ସପତ ମାଁ | ୧୪୮ |
| ୩୬. | ନକ୍ଷୀଁ ବଡ଼ରାମ୍ | ୧୫୩ |
| ୩୭. | ଚାଙ୍ଗୁଗିତ | ୧୫୯ |
| ୩୮. | ଚାଙ୍ଗୁହାଦି | ୧୬୫ |
| ୩୯. | ଡାଣ୍ଡିଗିତ | ୧୬୬ |
| ୪୦. | ଦୁଲିଗିତ | ୧୬୯ |
| ୪୧. | ବାଦିଗିତ | ୧୭୬ |
| ୪୨. | ଝାଲଗିତ | ୧୮୧ |
| ୪୩. | ବାହାଘର ଗିତ | ୧୮୨ |
| | (କ) ମାଟିକଡା | ୧୮୩ |
| | (ଖ) ଝଟିଗିତ | ୧୮୪ |
| | (ଗ) ବନ୍ଦାଣ ଗିତ | ୧୮୫ |
| | (ଘ) ହଲଦି ମଖା ଗିତ | ୧୮୬ |
| | (ଙ) ନଣଦେଇ ପେଲି | ୧୮୭ |
| | (ଚ) ଗନ୍ଧାଦିଆ | ୧୮୯ |
| | (ଛ) ବରଦାନ | ୧୯୧ |
| | (ଜ) କନିଆ ଛାଳା ଗିତ | ୧୯୨ |
| | (ଝ) କାନ୍ଦଣାଗିତ | ୧୯୩ |
| ୪୪. | ଛଟା | ୧୯୬ |
| ୪୫. | ଢଗ | ୧୯୯ |

# ଖକ ଚହ୍ଲେଇ

ଆଉ ତାଙ୍କର ଝଣେ ସଁପତିକୁ ଆଉ ଛୁଆପିଲା ନାଇଁ । ବଁଝା ବଁଝି । ବଁଝାବଁଝି ହେନେ ବନେୟ କୁକୁଳା ରଖିଛି, ଛେଳି ରଖିଛି । ହାଟୁ କଟିଏ ଖାଇକି ଦୟ ନାଇଁ ବୁଢ଼ି; ସାଦ୍‌ବାଣିବୁଢ଼ି । ଖାଇବି ବଲୟ୍ ସାଦ୍‌ବ ବୁଢ଼ା ଯେ ନାଇଁ ବଲୟ୍ । ଉଁ ହୁଁଃ ଥାଉ ଥାଉ ମର୍ କେଢ଼େ ସୁନ୍ଦର ଦେଖୁଛେୟଁ, ଥାଉ ପଇସା ହାକେ । ସାଦ୍‌ବ ବୁଢ଼ା ଯେତେଦିନ କହିଲା ନାଇଁ ଖାଇକି ଦେଲା କଟିଏ । ବୁଢ଼ାତାର୍ ଗୁଟେ ବୁଧି କଇଲା । ଆରେ ବୁଢ଼ି ଏତେ ଜୋ ଧନ୍ ସଁପତି ଅରଜିଛେୟଁ କାଲି ମରିଯାକେ, ହଜିପାକେ, ଘରେ କଟିଏ ଶବ୍ଦ ନାଇଁ, ପାଟିଧିର ଧାର୍ ହେଇ ରଇଲା, ଗୁଟେ ଚଳେଇ ସାଉତିବା ହେନେ ଭୁଟୁର୍ ଭାଟୁର୍ ହେତା । ନାଁ କି ଚଳେଇ ସାଉତିବେରେ ବୁଢ଼ା ! ବୁଢ଼ି କହିଲା । ନାଁ ଖକ ଚଳେଇ ଗୁଟେ ଆଣିବା । ଖକ ଚହ୍ଲେଇଟା ଆଣିନେ ସିଏ ଭାକୁଭାକୁ କରିଆକେ ।

ବୁଢ଼ା ସିଠୁ ବୁଢ଼ିଆ ଗୁଟେ ଖାନ୍ଦେଇ କିରି ଗେଲା । କେଁଠେ ଗୁଟେ ଡଡ୍‌ରା ଗଛ ଦେଖିକରି ଆଇଲା ଆଇତେ, ପାଇଲେକିରେ ବୁଢ଼ା ? ହଁ ପାଇଛେୟଁ । ଏତେ କଟୁକଟୁ ଛୁଆ ହେଇଛିନି । ଆଜିନି ଫୁଟେଇଛି । ଅଧାର ଖାଇତେଇଁ ହେନେ ବେସି ବଡ଼୍‌ବଡ଼୍ ହେଇ ଜିତେଇଁ । ନାଁ କିସକିସ ଖାଆନ୍ତି ? ନାଁ ମାଇଁସ ଖାଆନ୍ତି । ମାଇଁସ ଖାଆନ୍ତି ତ, ତାହାନେ ମାର୍ ଗୁଟେ କୁକୁଳା; ବୁଢ଼ି କହିଲା । ସିଠୁ କୁକୁଳା ମାରିକିରି ଫୁଡ଼ିକିରି ବୁଢ଼ା ଖାଇଲା, ବୁଢ଼ି ଖାଇଲା, ଆଉ ପତ୍‌ରେ ରହିଲା ଚହ୍ଲେଇ ନାଗି ।

ବୁଢ଼ା ମାଇଁସ ନେଇକିରି ଗେଲା ବଣ୍‌କେ ସେଇ ଡଡ୍‌ରା ଗଛ ମୂଳ୍‌କେ । ଆର୍ ଖାଇ ଦେଇକିଛି ଗଛମୂଳେ ପଳେଇ ଆଇଲା । ବୁଢ଼ା ତାର୍ ଇନ୍ତି ମାଇଁସ ନେଇକିରି ଯାଏ ଆଉ ଖାଇ ଦେଇକିରି ଗଛମୂଳେ, ପଳେଇ ଆସୟ । ବେଢ଼େ ଭୁଖେଇଛିନି, ବୁଢ଼ି । ଖାଲି ଟାକୁଟାକୁ ହେଉଥିନେୟ୍ । ଭାକ୍ ଭାକୁମ୍ ଭାକୁ, ଭାକ୍ ଭାକୁମ୍ ଭାକୁ କରି ଡଣ୍ଡେ ହେଲା ଖାଇ ଦେନେୟ୍ ।

ଫେର୍ କିଛି ଦିନ୍ ଯାଇତେ ଆଉ ଥରେ ଦେ ତାହାନେ ମାର୍ ଆଉ ଗୁଟେ । ଦେଖି ଆସୟଁ କେଙ୍କେ କଟେକଟେ ହେନେଇନି । ନାଇଁ ସେଦିନ ଖାଇଛନ୍ତିଜେ କଟେକଟେ ନଡ଼ର ନଡ଼ର ହେଇ ଯାଇଥନ୍ତିନି । ଆହୁରି ତାହାନେ ଖୁଏଇବା । ଇନ୍ତି

କିରି ବୁଢ଼ା ସାଦ୍‌ଟା ଆଠ୍‌ଟା କୁକୁଲା ଖାଇଦେଲା । ଖାଇ ଦେଲାଠାଣୁ ବୁଢ଼ାହିଁ ମଟେଇ ଆଇଲାନି । ଇଆଲେ ବୁଢ଼ିର୍ କୁକୁଲା ହିଁ ସରି ଆଇଲାନି ।

ବୁଢ଼ା କେଁଦିନ ଅଣିବେରେ ଛୁଆଗାକ, ବୁଢ଼ି ପଚାରିଲା ।

ଆଣ୍‌ବିରେ ବୁଢ଼ି, ଇଥର ଭଡାକାଳିଆ ହେନେଇନିର୍ଟ । ମଟେଇ ଆଇନେଇନି । ମୁଇଁ ଏକ୍‌ଲା ହେନେ ଆଉ ପାର୍‌ବିନି । ତୁଇବି ଜିବେ । ତୁଇ ନାଇଁଗନେ ମୁଇଁ ଆଉ ପାର୍‌ବିନି । ତୁଇ ଜିବେଯେ ମୁଇଁ ଗଛ ଉପରେ ଉଠିବି । ତୁଇ ଠେକାଟା ମୁଣ୍ଡେଇ କିରି ଗଛ ସାଙ୍ଗ୍‌ରେ ଗଛ ହେଇ୍‌କିରି ଥିବେ । ଉଲୁଚୁଲୁ ହେବେ ନାଇଁ । ମୁଇଁ ସେଇ ଠେକାରେ ଡଢ଼୍‌ରା ଗଛରୁ ଉଲ୍‌ହେଇ କରି ପକେଇ ଦେବି । ଭାରି ନାଗିଲା ହେନେ ଉଢ଼େଇ କିରି ପକେଇ ଆସିବେଜେ ଏକ୍‌ଦମ୍ ଘରେ । ଏକ୍ ମୁହାଁ ହେଇକିରି ଚାଲି ଆଇବେ । ଅଲ୍‌ହାବେନ୍‌ନି । ନାହିଁନେ ଉଡି ପଳାମେୟ ।

ଭାକ୍ ଭାକୁମ୍, ଭାକ୍‌ଭାକୁମ୍ କରିଦେଲା ବୁଢ଼ା । ଦେଇବିରି ଠେକାରେ ଥିର୍ ହେଇକିରି ବସିଲା । ବସି ପଇଲା ଠାଣୁତ ଭାରି ନାଗିଲା । କହିଛି ଅଲ୍‌ହାବେନ୍ ନାଇଁ ବଲି । ଆଣିଲାଯେ ଏକ୍‌ଦମ୍ ଘରେ । କାଇଁ ଚଳେଇ । ଇଟାତ ବୁଢ଼ାଟା । ଇଟା ଖକ ଚଳେଇ ! ମର୍ କୁକୁଲା ଖାଇଲା । ନଗାଧରା ହେନେୟ୍ । ନାଇଁ ରହିବି ବଇଲା ବୁଢ଼ି । ମର୍ ବାପ୍ ଘର୍‌କେ ପଳାବି ବଇଲା । ପଳ୍‌ଲା ଛାଡିବିରି ବୁଢ଼ା ଆଁବା ପାଁକା ହେଲା ଏକ୍‌ଲା ରାନ୍ଧିବାଢ଼ିକିରି ।

ସିଠୁ ସାଇ ପଳିସିଆ ପିଲା ଦୁଇଝଣ୍ ନା ତିନ୍‌ଝଣ୍‌କେ ସାଙ୍ଗ୍ କଇଲା । ଜିବା ଚାଲଗ ଗୁଟେ ଗାଁରେ ଆମ୍‌ହେ ବୁଲେଇ ହେବା । କେଁଠେ ଛାବ୍‌ରି ଛୁଲ୍‌ରା ଥିଆକ୍ ହେନେ ଆଣିବା ଗୁଟେ । ସିଠିକିନି ଜିମେଇ । ସେନେୟ୍ ଜୋ ଅନ୍ଧାର ରାତିଆ ହେଇକିରି ସେଇ ସଲା ସେନେୟ୍ । ଆମ୍‌ହେ ଇଠେ ଫଳିଛୁଁ ଯେ ଛାବ୍‌ରିଛୁଲ୍‌ରା ଗୁଟେ ଥିଆକ୍ ହେନେ ବଲି ବଇନେୟ୍ । ନା ସେଇ ସାଦ୍‌ବ ଘର ଗୁଟେ ଦେଇଥିଲା ଯେ ଛାବ୍‌ରି ହେଇଛି ଜୁଅ, ଦେମେୟ୍ ହେନେ ବଲି ସାଇର୍ ନୁକ୍‌ଗା କହିନେୟ୍ । ସିଠୁ ସାଦ୍‌ବ ଘର୍‌କେ ଡାଣ୍ଡିଆ ବଟାନେୟ୍ । ବଟାନେୟ୍ ଠାଣୁ ହଁ ଦେମ୍ନୁଁ, ଆମ୍‌ହେକି ଆଉ ସବୁଦିନ୍ ପୁସିମୁଁ । ତ ହଁ ବାସା ହେଇ ଗେଲା ଠାଣୁ ଭାତ ତୁଉଣ ଖାଇନେୟ । ପାଗ ମାରିଛନ୍ ଯେ ବଡ଼ ବଡ଼, ଚିନି ପାରମେୟନି । ଟକ୍‌ଲିମାନେ ସଁଜ ହେଲାଠାଣୁ ଟାଙ୍ଗୁ ବଜା କରାନେୟ୍ । ଗିତ ଗାଇଜେୟ୍ ଗାଇନେୟ୍ । ଭୁର୍ ରାତି ହେଲା ବେଲ୍‌କୁତ ଗାଇନେୟ୍ ।

ସମ୍ରର ଦମ୍‌କିଲା କିରେ ସମ୍ରର ଦମ୍‌କିଲା
ଯେ ବୁଢ଼ାକୁ ସେଉବୁଢ଼ି ତର ନାଟ୍ ଜମ୍‌କିଲା,
ଘିନିଛା ଘିନିଛା ଘିନିଛା ।

ଇନ୍ତି ହେଇ ହେଇ ରାତି ପାହିଗେଲା । ରାତି ପାହିଲା ଠାଣୁ ଦେଖିନେୟ ଯେ ସେଇବୁଢ଼ା । ଆଉଥରେ ବୁଢ଼ା ଆଣି ଆଇଲା ବୁଢ଼ିକେ । ବୁଢ଼ା ବୁଢ଼ି ମିଟାମୁଟି ହେଇ ଗେନେୟ୍ । ବୁଢ଼ି ଖକ ଚନ୍ଲେଇକେ ଆଉ ଥରେ ସାଉଡିଲା ।

*ଫଗୁଣା ନାଏକ*
*ଘଟ୍‌କୁଣ୍ଡ କେଉଁଝର*

ଶବ୍ଦାର୍ଥ :

ଝଣେ-ଜଣେ, ସଂପତି-ସମ୍ପତ୍ତି, ବଁଝାବଂଝି - ବନ୍ଧ୍ୟା, ହେନେ-ହେଲେ, ବନେ୍ୟ-କହିବାର ଅର୍ଥ, କୁକୁଳା-କୁକୁଡ଼ା, ହାଟୁ-ସେଥିରୁ, କଟିଏ-ଟିକିଏ, ଖାଇକି-ଖାଇବାକୁ, ଦୟ ନାଇଁ-ଦିଏ ନାହିଁ, ବଲୟ-କହେ, ହାକେ-ହେବ, ସଦ-ଶବ୍ଦ, ହେତା-ହୁଅନ୍ତା, ଖାନ୍ଦେଇ-କାନ୍ଦେଇ, କେଁଠେ-କେଉଁଠାରେ, ଗୁଟେ-ଗୋଟିଏ, ଢଡରା-ଫମ୍ପା, ଆଇଲା-ଆସିଲା, କଟୁକଟୁ-ଛୋଟଛୋଟ, ସିଠୁ-ତହିଁ ଉତ୍ତାରୁ; ଫୁକିକିରି-ପୋଡ଼ି, ମାଇଁସ-ମାଂସ, ଭୁଖେଇଛିନି-ଭୋକ ଲାଗିଛି, ତଣ୍ଡେ-ଦଣ୍ଡେ, କଟେକଟେ-ଟିକେଟିକେ, ନଡର୍‌ନଡର-ବଡ଼ବଡ଼, କେଁଦିନ-କେଉଁଦିନ, ଉଡାବାଲିଆ-ଉଡିବାକୁ ସକ୍ଷମ, ଉଲୁଟୁଲୁ-ହଲ୍‌ଚଲ୍, ଅଲ୍‌ହାବେନ୍‌କି-ଓହ୍ଲାଇବୁ ନାହିଁ, ଥିର୍-ସ୍ଥିର, ପଇଲା-ପଡ଼ିଲା, ଇଟା-ଏହିଟା, କାଇଲା-କରିଲା, ସିଠିକି-ସେହିଠାକୁ, ସଙ୍ଗା-ପଥରେ, ଇଠେ-ଏହିଠାରେ, ଫଳିଛୁଁ-ପଡ଼ିଅଛୁଁ, ଛାଡ୍‌ରି ଛୁଡ୍‌ରା- ପରିତ୍ୟକ୍ତା (divorced), ଥିଆକ୍‌ହେନେ-ଥିବ ହେଲେ, ଯୁଅ-ଯାଅ, ତାଣ୍ଡିଆ-ମଧ୍ୟସ୍ଥ, (negotiators) ବଟାନେୟ୍-ପଠାଇଲେ, ବଟାନେୟ୍-ପଠାଇଲେ, ପୁସିମୁ-ପୋଷିବୁଁ, ହଁବାସା-ଚୁକ୍ତି, ତୁଉଣ-ତରକାରି, ପାଗ-ପଗଡ଼ି, ଭୁର୍-ଭୋର, ଦମ୍‌କିଲା-କମ୍ପିଲା, ମିଟାମୁଟି-ସାକ୍ଷାତ, ଚଲେଇ-ଚଢ଼େଇ ।

□□

# ସିଆଳ କୁକୁଳା

କୁକୁଳା ଗୁଟେଯେ ତାର୍ ଧାଳି କୁକୁଳାଟା । ସିଏ ତାର ଛୁଆ ଦୁଇଗଣ୍ଡା ଖଣ୍ଡେ ବରାବର୍ ବୁଲେଇକେ ନୟ୍ । ଆଉ ମାସିଆ ସିଏ ତାର୍ ଗୁଟେ ବାଁସ ଇଏରେ ସିଏ ମାସିଆ ଧରିଛି । ଖୁ ବଡ଼ବଡ଼ ମାସିଆ । ସିଏ ମାସିଆ ଦିନେ କିସ କରିଛି ତାର ଫଳିବାର୍ ସମୟ ହେଇଗେଲାନି । ପାକ୍‌ଳି ଗେଲାନି । କୁକୁଳା ଯାଇକିରି କିସ କରିଛି, ତାର ଛୁଆ ମାନ୍‌କେ ସିଠେ ଧୂଳି ବାହି ଖେଲି ଦେଉଛି । ଆଉ ଉଇପକ ନାନାଦି ରକମ୍ ଭାଆରୁଛନ୍ତି । ସିଏ ତାଙ୍କର ଖାଇକେ ନାଗିଛନ୍ତି । ମାସିଆ କହୁଛି ପଳାରେ କୁକୁଳି ଫଳିବିତି । କୁକୁଳି କହୁଛି ଫଲ୍‌ରେ ମାସିଆ ଫଲ୍ । ଦୁଲ୍ କରିବେ ନାଭୁଟ୍ କରିବେ । ତେଭେବି ସିଏ କୁକୁଳି ଯାଏ ନାଇଁ । ଏଇ ରକମ୍ ହେଇକିରି ସିଏ ଦୁଇଥର୍ ତିନ୍‌ଥର୍ କହିଲା । କହିବାକେ ସିଠୁ କୁକୁଳି ଆଉ ଘୁଁଚିଲା ନାଇଁ । ମାସିଆ ତାର ଫଳିବାର୍ ସମୟ ହେଇଗେଲା । ସିଏ ଫଳି ଦେଲା । ଯିନ୍ତି ଫଳିଦେଲା ତାର୍ ମୁଣ୍ଡରେ କିରି ପଇଲା । କୁକୁଳି ଧାଳିଟାର୍ ମୁଣ୍ଡ୍‌ଟାତ ଏକାଥରେ ଗୁଣ୍ଡା ହେଇଗେଲା । ଜେରକମ୍ ଚିରିକ୍‌ଚିଚି ହେଇ ଗେଲା ସିଏ ଡିଆଁ ମାରିଲା ନିରଘାତ୍ । ଡିଆଁ ମାରିତେ ଚିଆଁଗା କହୁଛନ୍ ହଁ ମାଁ ଆମ୍‌ହ୍‌ର୍‌ତ ବାହି,ଖେଲି ଦେଉଛି । ଆମ୍‌ହେ ବେସ୍ ମଜା ଖାଉଛେୟଁ । ଇଆଳେ ସିଏ ତାର୍ ଆନ୍‌ଦପୁର୍ ଗେଲାନି । ଯେତେବେଳେ ନିସ୍‌ଚୁପ୍ ହେଇକିରି ଫଳିଗେଲା ସେତେବେଳେ ଛୁଆମାନେ କହିନେୟି ମାଁ ତ ଆମ୍‌ହର୍ ମରିଗେଲା । ସିଠୁ କାନ୍ଦିନେୟ । କାନ୍ଦିନେୟ ଜେରକମ୍ ସିଆଳ ସିଏ ସୁଣୁଥାଏ । ସୁଣି ସୁଣା କିରିଆଇଲା । ଆସିକିରି କହିଲା କିସେଇଁରେ ଭାଣ୍‌ଜିମାନେ କାନ୍ଦସ ? ନାଇଁ ଆମ୍‌ରେ ମାଁତ ମରିଗେଲା, ଆମ୍‌ହକେ କିଏ ଆଉ ଖୁଦ କୁଣ୍ଡା ଦାକେ । ନା ତମ୍‌ହର ମାଁ ମରିଗେଲା । ଇଆଳେ କିସ କର୍‌ମୁ । ଦିଅ ତାହାନେ ମୁଇଁ ପକେଇ ଦେଇ ଆସେୟଁ, କହିଲା । ନା, କେଁଠ୍‌କେ ନେବ ମାମୁଁ । ନା, ନଇକେଁ ନେବି ଆଉ ତୁପି ଦେବି । ଚାଉଳ ଦିଅ, ନହତା ଗୁଟେ ଦିଁଅ ଆଉ ତେଲ ଜର୍ ମସ୍‌ଲା ଦିଅ । ଜିରା ମସ୍‌ଲା ଚାଉଳ ସବୁ ଦେନେୟ ତାକେ । ସିଏ ପକେଇକିରି ଆଣ୍‌ଲା । ନେଇକିରି ଖାଇଲା । ଖାଇକିରି ଦିଅ ଭାଣ୍‌ଜିମାନେ ଉଖୁଣି ଦୁଇଟା ଖୁଣ୍ଡି । ଉଖୁଣି ଖୁଣ୍ଡିତେ ଖୁଣ୍ଡିତେ ଦେଖ୍‌ନେୟଯେ ତାଳୁରେ କିରି ଗିଧିଟା

ଦେଇଛି । ମାମୁଁ ଇଟା କିସ ? ନା କ ନାଇଁ ଭାଣଜି । ତୁମହର ମାଁ ଦୁଖରେ ଛେଚି କଚାଳି ହେଇ କାନ୍ଦିଲିଜେ ଆଉ ଗଛରେ କୁଟିହେଲି ବଲେତ ଏଇଟା ଫାଟି ଗେଲା । ଗିଧିଟା ଭାଆରି ଆଇଲା । କୁକୁଳି ଛୁଆମାନେ କହିନେୟକି ନାଇଁ ଆମହର ମାଁକେ ଇଏ ଖାଇନି ଦେଇଛି । ସିଠୁ ସିମାନେ ପଳେଇ ଗେନେୟ । ପଳେଇ ଗେନେୟବଲେ ଇଏ କିସ କହୁଛିନା ଭଣଜା ଭାଣଜିମାନେ ତୁମହେ କେଁଠେ ସୁଇବ । କୁକୁଳି ଛୁଆମାନେ କହିନେୟ ଆଜି ଆମହେ ଚୁଲହି ଗାଲ୍‌ରେ ସୁଇମୁ । ରାତିରେ ସିଏ ଆଇଲା । କୁକୁଳା ଛୁଆତ ତାକର ସିଦିନ ଯାଇକିରି ହାୟଗୁଟେ ନାଉତୁମା ଫଳିଥାଏ ଉପ୍‌ରେ ଯେ ସିଠେ ସୁଇଥାନ୍ । ଇଏ ତାର ଆସିକିରି ଚୁଲହା ଗାଡ୍‌ରେ ଖୁଜ୍‌ଲା । ଖୁଜ୍‌ଲା ଜୁଡୁରି ଆଉ ପାଇଲା ନାଇଁ । ଗେଲା ସିଦିନ୍ । ଫେର ତାର୍ ଆର୍ ଦିନ୍‌କେ ଆସିକିରି କହିଲା ଆଜି କେଁଠେ ସୁଇବ ଭଣଜା ଭାଣ୍‌ଜିମାନେ । ଆଜି ଆମହେ ସଙ୍ଗା ଡଣ୍ଡାରେ ସୁଇମୁ । ସଙ୍ଗା ଡଣ୍ଡାରେ ସୁଇବନା ? ନାଁ, ହଁ । ଫେର୍ ରାତି ହେଲା ଜେରକମ୍ ଆଉ ଥରେ ଆଇଲା । ଆସିକିରି ସେ ସଙ୍ଗା ଡଣ୍ଡା ଗୁଟା ଖୁଜ୍‌ଲା । ଖଜିଖଜି ପାଇଲା ନାଇଁ । ଯେରକମ୍ ନାଇଁ ପାଇଲା ପଳ୍‌ଲା । ବିର୍‌କତିଆ ହେଇ ଗେଲା । ଦେଇକରି ଫେର୍ ଆର୍‌ଦିନ୍ ସଁଜବେଲ୍‌କେ ଫେରି ଆଇଲା । ଆସିକିରି କହିଲା ଆଜି କେଁଠେ ସୁଇବ ? ନା, ଆଜି ଆମ୍‌ହେ ମାଁ ଜେଁଠେ ସୁଇଥାଏ ସେଇ କୁଣ୍‌ରେ ସୁଇମୁ । ଏଇ ରକମ୍ କହିନେୟ । ସିଠେ ସୁଇବ ? ନା, ହଁ । କାଇଁ ମୁଇଁ ତୁମହ୍‌କେ ଦେଖ୍‌କିତ ପାଏ ନାଇଁ । ରାତିରେ କାଳେ ଡରୁଥିମେୟ, କହିକିରି ମୁଇଁ ଦେଖିକି ଆସୟଁ, ଆଉ ତୁମହ୍‌କେ ଦେଖି ପାଏ ନାଇଁ । ନାଇଁ ସିଠେତ ଆମହେ ସୁଇଥାଉଁ । ସିଠୁ ହେଇକିରି ଇମାନେ ପଳେଇ ଗେନେୟ । ସିଆଲବି ପଳ୍‌ଲା । ଇଏ ଛାଇକରି ସେଇ ନାଉ ତୁମାରେ ଫୁରି ହେଇଛନ୍ତି । ସିଏ ଆଇଲା ରାତିରେ । ଆସିକିରି ଖୁଜ୍‌ଲା । ଖଜିଖଜି ଆଉ ଗୁଟାଟା ସାରା ଖୁଜ୍‌ବି । ସେଇକିରିତ ଗୁଟା ସାରା ଖୁଜିଲା । ଖୁଜ୍‌ଲାଜେ ଖଜିଖଜି ନାଉତୁମାଟା ପାଇଲା । ପାଇଲା ଜେରକମ୍ ନାଉତୁମାଟା, ବଇଲା ଇଟାତ ଆଜି ବୁହିକିରି ପଳାବି । ସଳା ପାଇଲିନାଇଁ ଭଣଜା ଭାଣଜି ମାନ୍‌କେ । କହିକିରି ସେ ନାଉତୁମାଟା ନେଇକିରି ପଳ୍‌ଲା । ଛାଇକିରି ପଦାଳାଗାରେ ନେଇକିରି କଚାଳି ଦେଲା । ଜେରକମ୍ କଚାଳି ଦେଇଛି ଫୁର୍‌ଫାର୍ ଫୁର୍‌ଫାର୍ କୁକୁଳି ଛୁଆସବୁ ଉଡିଗେନେୟ । ଜେରକମ୍ ଉଡିଗେନେୟ ନେଣ୍ଡିଆ କଟି ଆଉ ଉଡି ପାଇଲା ନାହିଁ । ତା କେତ ମାଡ଼ି ମୁଡ଼ା କରି ତାର୍ ଉପ୍‌ରେ ହଗିହୁଗା

ଦେଇଛି । ମାମୁଁ ଇଟା କିସ ? ନା କ ନାଇଁ ଭାଣ୍ଜି । ତୁମ୍‌ହର ମାଁ ଦୁଖରେ ଛେଚି କଚାଳି ହେଇ କାନ୍ଦ୍‌ଲିଜେ ଆଉ ଗଛ୍‌ରେ କୁଟିହେଲି ବଲେତ ଏଇଟା ଫାଟି ଗେଲା । ଗିଧିଟା ଭାଆରି ଆଇଲା । କୁକୁଳି ଛୁଆମାନେ କହିନେୟକି ନାଇଁ ଆମ୍‌ହର ମାଁକେ ଇଏ ଖାଇନି ଦେଇଛି । ସିଠୁ ସିମାନେ ପଳେଇ ଗେନେୟ । ପଳେଇ ଗେନେୟବଲେ ଇଏ କିସ କହୁଛିନା ଭଣ୍ଜା ଭାଣଜିମାନେ ତୁମ୍‌ହେ କେଁଠେ ସୁଇବ । କୁକୁଳି ଛୁଆମାନେ କହିନେୟ ଆଜି ଆମ୍‌ହେ ଚୁଲ୍‌ହି ଗାଲ୍‌ରେ ସୁଇମୁ । ରାତିରେ ସିଏ ଆଇଲା । କୁକୁଳା ଛୁଆତ ତାଙ୍କର ସିଦିନ ଯାଇକିରି ହାୟଗୁଟେ ନାଉତୁମା ଫଳିଥାଏ ଉପ୍‌ରେ ଯେ ସିଠେ ସୁଇଥାନ୍ । ଇଏ ତାର ଆସିକିରି ଚୁଲ୍‌ହା ଗାଡ୍‌ରେ ଖୁଜ୍‌ଲା । ଖୁଜ୍‌ଲା ଜୁଦୁରି ଆଉ ପାଇଲା ନାଇଁ । ଗେଲା ସିଦିନ୍ । ଫେର ତାର୍ ଆର୍ ଦିନ୍‌କେ ଆସିକିରି କହିଲା ଆଜି କେଁଠେ ସୁଇବ ଭଣଜା ଭାଣ୍ଜିମାନେ । ଆଜି ଆମ୍‌ହେ ସଙ୍ଗା ଡଣ୍ଡାରେ ସୁଇମୁ । ସଙ୍ଗା ଡଣ୍ଡାରେ ସୁଇବନା ? ନାଁ, ହଁ । ଫେର୍ ରାତି ହେଲା ଜେରକମ୍ ଆଉ ଥରେ ଆଇଲା । ଆସିକିରି ସେ ସଙ୍ଗା ଡଣ୍ଡା ଗୁଟା ଖୁଜ୍‌ଲା । ଖଜିଖଜି ପାଇଲା ନାଇଁ । ଯେରକମ୍ ନାଇଁ ପାଇଲା ପଲ୍‌ଲା । ବିର୍‌କତିଆ ହେଇ ଗେଲା । ଦେଇକରି ଫେର୍ ଆର୍‌ଦିନ୍ ସଁଜବେଲ୍‌କେ ଫେରି ଆଇଲା । ଆସିକିରି କହିଲା ଆଜି କେଁଠେ ସୁଇବ ? ନା, ଆଜି ଆମ୍‌ହେ ମାଁ ଜେଁଠେ ସୁଇଥାଏ ସେଇ କୁଣ୍‌ରେ ସୁଇମୁ । ଏଇ ରକମ୍ କହିନେୟ୍ । ସିଠେ ସୁଇବ ? ନା, ହଁ । କାଇଁ ମୁଇଁ ତୁମ୍‌ହ୍‌କେ ଦେଖ୍‌କିତ ପାଏ ନାଇଁ । ରାତିରେ କାଳେ ଡରୁଥିମେୟ୍, କହିକିରି ମୁଇଁ ଦେଖ୍‌କି ଆସୟଁ, ଆଉ ତୁମ୍‌ହ୍‌କେ ଦେଖି ପାଏ ନାଇଁ । ନାଇଁ ସିଠେତ ଆମ୍‌ହେ ସୁଇଥାଉଁ । ସିଠୁ ହେଇକିରି ଇମାନେ ପଳେଇ ଗେନେୟ୍ । ସିଆଳବି ପଲ୍‌ଲା । ଇଏ ଜାଇକରି ସେଇ ନାଉ ତୁମାରେ ପୁରି ହେଇଛନ୍ତି । ସିଏ ଆଇଲା ରାତିରେ । ଆସିକିରି ଖୁଜ୍‌ଲା । ଖଜିଖଜି ଆଉ ଗୁଟାଟା ସାରା ଖୁଜ୍‌ବି । ସେଇକିରିତ ଗୁଟା ସାରା ଖୁଜିଲା । ଖୁଜ୍‌ଲାଜେ ଖଜିଖଜି ନାଉତୁମାଟା ପାଇଲା । ପାଇଲା ଜେରକମ୍ ନାଉତୁମାଟା, ବଇଲା ଇଟାତ ଆଜି ବୁହିକିରି ପଳାବି । ସଳା ପାଇଲିନାଇଁ ଭଣଜା ଭାଣଜି ମାନ୍‌କେ । କହିକିରି ସେ ନାଉତୁମାଟା ନେଇକିରି ପଲ୍‌ଲା । ଜାଇକିରି ପବାଙ୍ଗାଗାରେ ନେଇକିରି କଚାଳି ଦେଲା । ଜେରକମ୍ କଚାଳି ଦେଇଛି ଫୁର୍‌ଫାର୍ ଫୁର୍‌ଫାର କୁକୁଳି ଛୁଆସବୁ ଉଡିଗେନେୟ । ଜେରକମ୍ ଉଡିଗେନେୟ ନେଣ୍ଡିଆ କଟି ଆଉ ଉଡି ପାଇଲା ନାହିଁ । ତା କେତ ମାଡ଼ି ମୁଡ଼ା କରି ତାର୍ ଉପ୍‌ରେ ହଗିହୁଗା

ଇଏ କରି ଦେଇଛନ୍ତି । ତାର୍ ପଁଖ୍‌ଗାତ ଖାଲି ଗୁହ ହେଇଜାଇଛି । ସେଇ ଇଏରେ ଆଉ ଉଡିପାଇଲା ନାଇଁ । ଜିନ୍ତି ଉଡି ପାରିଲା ନାଇଁ ସିଠୁ କହିଲା ମୁଇଁ ତକେ ଖାଇବି । ମାମୁଁ ଇରକମ୍ ଗୁହ ସନ୍‌ବଟିଆ ଖାଇବ ନା । ଆଉ ମକେ ତେଲ ହଲ୍‌ଦି କରି ଗାଧେଇ ଆଣ । ମକେ ଟିକେ ଚିକଣ୍ କରି ଦେଇକିରି ସିନା ଖାଇତ । ଇରକମ୍ କହିତେ ସିଠୁ ସିଏ ଚିଆଁଟାର କଥା ମାନିକିରି ବେସ୍ ମଜାର୍ ଧୁଇଧୁଆ ଆଣ୍‌ଲା । ଆଣିକିରି କହିଲା ଇଥର ଖାଇବି । ନାଇଁ ମାମୁଁ ମୁଇଁ କଟିଏ ସୁକି ଜାଏଁ । ଅଦା ସନ୍ନବଟିଆଟା କେଁରକମ୍ ଖାଇବ । ସିଠୁ ସିଏ ଖରାରେ ନେଇକିରି ବସେଇ ଦେଲା । ତଣ୍ଡେଯାଏ ପଚାରୟ୍ ଭାଣଜି ସୁକିଲନା ? ହଁ ତଣା କଟି ସୁକିଛି । ଆଉ ତଣ୍ଡେଯାଏ ପଚାରୟ୍ ଭାଣଜି ସୁକିଲନା ? ହଁ ଆଉ ଗୁଡ଼ କଟେ ସୁକିଲା । ଆଉ ତଣ୍ଡେ ଯାଏ ପଚାରୟ୍ ଭାଣ୍‌ଜି ସୁକିଲନା ? ହଁ ଇଥର ଆଉ କଟେ ଡେଣା ସୁକିଲା । ଆଉ ତଣ୍ଡେ ଯାଏ ପଚାରୟ୍ ଭାଣ୍‌ଜି ସୁକିଲନା ? ହଁ ଇଥର ଆଉ କଟେ ସୁକିଲା । ଆଉ ଥରେ ପଚାରି ଦେଲାବେଲ୍‌କେ କହିଲା ନାଇଁ ସମୁଦାୟ ସୁକିଗେଲା । ଗଣ୍ଡିମଣ୍ଡି ସବୁ ସୁକିଗେଲା । ସୁକିଗେଲା ? ନା, ହଁ ସୁକି ଗେଲା । ଆଉ ତୁମ୍‌ହେ କିସେଇଁ ଏତେ କସ୍‌ଟ କିରି ଖାଇବ । ତୁମ୍‌ହେ ଆଁଖି ମୁଜି କିରି ଆଁକର, ମୁଇଁତ ପାଟିରେ ପସିଜିବି । ପସିଜିବ ? ନାଁ, ହଁ । ମରତ ଆଉ କଣ୍‌ସି ଆଲେ ଉଡିପାର୍‌ବି ନାଇଁ । ପସିଯିବି ପାଟିରେ । ସିଏତ ବେସ୍ ଚିକଣ୍‌କିରି ଧୁଇ ଦେଇଛିନା । ଡେଣାଗା ସବୁ ସୁକିଗେଲା ଜେରକମ୍ ସିଏ ଏକାବେଲେ ତାର୍ ପାଟିକି ଉଡିଆଲେ କିସ, ଇଏ ଆଁଖି ମୁଜିକିରି ଆଁତ କରିଛି, ପାଟିରେ ହଗି ଦେଇକିରି ସିମ୍‌ଲି ଗଛରେ ଜାଇକିରି ବସିଲା । ସିମ୍‌ଲି ଗଛରେ ବସିଲା ଜେରକମ୍ ସିଆଳ କହିଲା ତାର ଗୁହଟାତ ଏଡ଼େ ମଧୁର୍, ତାର୍ ମାଇଁସଟା କେତେ ମଧୁର୍ ନାଇଁ ହେଇ ଥିଆଲେ । କେତେବେଲେ ନାଇଁ ଫଲିବ । ତାକୁହିଁ ଖାଇବି । ଇନ୍ତି କହିକିରି ଉପର ଆଲେ ଚାହିଁକିରି ଟିକିରା ଗୁଟେରେ କିରି ବସିଛି । ଇଆଲେ ତାର୍ ଗାଣ୍ଡିଟା ଉଇ ଖାଇଦେଲାନି । ସିଠୁ ବସି ବସିକିରି ଥକିଲା ଜେରକମ୍ କହିଲା ହେଃ ଗଠେ ଆଉ ବସ୍‌ବି ନାଇଁ । ନଇ ଆଲେ ଗନେତ ମାଛ କନ୍‌କା ପାଇବି । କହିକିରି ନଇଆଲେ ଗେଲା । ପଲେଇ ଜାଇକିରି ସେଇ ନଇ କନ୍‌ରେ ଗୁଟେ ସେରଣା ମାଛ ପାଇଲା । ପାଇକିରି ତାକୁ ଗିଳି ଦେଲା । ଜେରକମ୍ ଗିଳି ଦେଇଛି ଗାଣ୍ଡିଟାତ ଉଇ ମାରିକିରି ଭଣା କରିଦେଇଛି । ମାଛଟା ସେଇଆଲେ ଭାଆରି ପଲ୍‌ଲା । ଭାଆରି ପଲ୍‌ଲା ଜେରକମ୍ ଘୁରିକିରି ଦେଖିଲା ଜେ ଫେର ଆଉରି

ଗୁଟେ ସେରଣା ମାଛ । ସେଇ ମାଛଟାକେ କହୁଛିନି, ଆଉ ଗୁଟେ ପାଇଛେୟିଁ । ତାକେ ଗିଲ୍‌ଲା । ଗୁଟେକେ ଦୁଇଟା ହେଲା । ଖାଲିଟା ହେନେ କୁକୁଲି ଛୁଆଟା ଆଲେ ମୁଇଁ ଚାହିଁଥିଲି । ଇରକମ୍ କହିକିରି ଫେର୍ ଗିଳିଦୟ୍, ଗାଣ୍ଡି ବାଟେ ଭାଆରି ଜାଏ । ଆଉଥରେ କୁଲ୍‌ହେଇ ଆଣୟ । ହଁ ଆଉରି ଗୁଟେ ପାଇଛେୟିଁ । ଦୁଇଟାକେ ତିନ୍‌ଟା ହେଲା । ଇରକମ୍ କହିକିରି ସଲା ଏତେ ଗିଲ୍‌ଲିନି, କାଇଁ ପେଟଟା ଫୁରୁଛି ବଇଲା । ସଲା ଭଲାକଥା ହେଲା । କିସ ହେଲା ବଲିକିରି ଅନେଇ ଦେଲାଜେ ଗାଣ୍ଡି ପାଖ୍‌ଟା ଉଇ ମାରିଦେଇଛି । ଅହ ମର୍ ଗାଣ୍ଡିଟାତ ଭଣା ହେଇଯାଇଛି । ନାଇଁ ମୁଇଁ ଜାଏଁ ଚମାର ଭାଇକତି । ଗେଲା, ଜାଇକିରି ଚମାରକେ କହିଲା ଚମାର ଭାଇ ଚମାର ଭାଇ ମର୍ ଗାଣ୍ଡିଟା ଟିକେ ସିଲେଇ କରିଦେ । ସିଏ ସିଲେଇ ବୁଜି ବୁଜା କରିଦେ । ବଲେ ତାକେ ମାରି ଦେଲା । ଆଉ ବାଟ ରଖିଲା ନାଇଁ । ଏକାବେଳେ ଜିନ୍ତି ବୁଜି ଦେଲା ତାର ପେଟ୍‌ଟା ଫୁଲିଗେଲା । ସିଏ ଆଉ ହେଗି ପାରିଲା ନାଇଁ । ନାଇଁ, ଆର୍‌ଥରେ ନହରା ସାଲ ଠାଣିକି ଜାଏଁ ବଇଲା । ବିନ୍ଧାଣି ଭାଇ ଠାଣିକି ଗେଲା । ବଇଲା ବିନ୍ଧାଣି ଭାଇ ବିନ୍ଧାଣି ଭାଇ କେଡ଼େ ଅଳୁଆ ହେଇଗେଲା । ଆଉ ଇଟା ଟିକେ ବାଟ କରିଦେ । ସିଏ ସିଠୁ ଗୁଟେ ନୁହାକେ ପିଟିକିରି ଛୁଞ୍ଚିଆ କଇଲା । ଦେଇକିରି ବଇଲା ପାକିଲା ଖାଇବେ ନା କେଞ୍ଚା ଖାଇବେ । ସିଆଲ ବଇଲା ପାକିଲା ଖାଇବି, ଆଉ କେଞ୍ଚା ଖାଇବି ନା । ସିଠୁ ବିନ୍ଧାଣି ଭାଇ ନୁହାକେ ତତେଇ ଦେଲା । ତତେଇ ଦେଇକିରି ଦେଲା ଚିପିଯେ ଏକାଥରେ ଭଲ୍‌ଭଲ୍ ହେଇ ସେଇ ବିନ୍ଧାଣିର ଦିହସବୁ ଗୁହୁ ହେଇଗେଲା । ସିଆଲ ଇଆଲେ ଆନ୍‌ଦପୁର ଗେଲା ।

ପାଟପୁର, ଉଦଲା

ଠଠ

# ମାକ୍‌ଲ ଜାଉ ଖାଇଲା

ସାଦ୍‌ବ ବୁଢ଼ାର ତାର ସାତ୍‌ଟା ଝିଅ । ସାତ୍‌ଟା ଝିଅଙ୍କେ ଗୁଟେ କୁହିଁ ବର ଆଇନେୟ ନାଇଁ । ବଳେୟ୍ ଏଇ ଅପ୍‌ଦୁସି ଝିଅଗାକୁ ମର୍ ଗୁଟେହିଁ ବର୍ ଆଇନେୟ୍ ନାଇଁ । ଆଉ ତାଙ୍କର ମୁଖ ମୁଇଁ ଚାହିଁବି ନାଇଁ, ଜେଁଆଲେ ହେନେ ପଳଉଛତ ପଳ, ଘରେ ହେଇକିରି ରୁହ ନାଇଁ ବଇଲା । ସିଠୁ ସାନକଟି ଶୁଣିଥିଲା । ଆଉ ଚାଲ ନିନା ପଳ୍‌ବା । ଆଉ ବାପ୍‌ଟା ହେଇକିରି ଆମ୍‌ହକେ ଇଣ୍ଡିକିରି କହ୍ୟାକ୍‌ନା । ମର୍ ଝିଅଣା ଅପ୍‌ଦୁସିଗା, ଆଉ ଗୁଟେକୁହିଁ ବର୍ ଆଇନେୟ୍ ନାଇଁ । ଆଉ ତମର୍ ମୁଖ ଚାହିଁବି ନାହିଁ । ଘରେ ହେଇକିରି ରୁହନାଇଁ ବଲିକିରି କହ୍ୟାକ୍ ବାପ୍‌ଟା ହେଇକିରି । ଚାଲ ପଳ୍‌ବା ବଇନେୟ୍ । ବେଳୁ ସିଠୁ ପଳେଇନେୟ୍ । ପଳେଇନେୟ୍‌ଙ୍କେ ପଳେଇନେୟଙ୍କେ ପଳେଇନେୟଙ୍କେ ଏକ ରଙ୍ଗା ରାଇଜକେ । ସିଠେ ଜଙ୍ଗଲ୍‌ରେ ରାତି ହେଇଗେଲା । ବଳେ ରାତିତ ହେଇଗେଲା, ଆଉ କେଁଠେ ରହିବା ବଇନେୟ । ସିଠୁ ଗୁଟେ ଢଡରା କାଠ୍ ଥାଏ । ଢଡରା କାଠ୍‌ଟାରେ କରି ଭରତି ହେଇଗେନେୟ୍ । ଭରତି ହେଇ ଗେନେୟ୍‌ବଳେ ସିଠୁ ତାର ବାପ୍ ଖଜିଖଜି ଗେଲା । କହିଦେଲି ବଳେ ସିନା କହିଦେଲି । ଆଉ ମର୍ ଝିଅଗାତ ସବୁ ପଳେଇନେୟ୍ । ଆଉ ମୁଇଁ ଛାଏଁ ଖଜିକି ବଇଲା । ଖଜିକି ଗେଲା । ଖଜିକି ଗେଲାବଳେ ଗେଲାଙ୍କେ ଗେଲାଙ୍କେ ଗେଲାଙ୍କେ ଆଉ ନାଇଁ, ସିଏ ନାଇଁ ପାଇଲା । ବଳେ ଢଡ୍‌ରା ଗଛଟାରେ ପିଟି ଦେଲାଙ୍କେ ମାଛିଗା ଭଣ୍‌ଭଣ୍ କଇନେୟ । ବଳେ ସିଠୁ ସେଇ ଢଡ୍‌ରା କାଠ୍‌ଟା ବୁହିକିରି ଆଣି ଆଇଲା ।

ବୁହିବି ବଇଲାବଳେ ଏ ନିନା ଘରି ମାରବେ, ଆଉ ସଭିଏଁ ବୁବା କାଠ୍‌ଟା ବୁହ୍ୟାକ୍ ବଳେ ସଭିଏଁ ହୁଳାହୁଳି ଦେବାଙ୍କେ ଆଉ ପକେଇ ଦେଇକିରି ପଳାକେ । ନେଇକିରିତ କାଟିଦେନେ ଆମ୍‌ହେ ସଭିଏଁ ମରିଜିମୁଁ । ହୁଳାହୁଳି ଦେବା ବଇନେୟ । କେତେବେଳେଁ ଖାନ୍ଦେଇଲା ଆଉ ତେତେବେଳେ ହୁଳାହୁଳି ଦେନେୟ୍ । ହୁଳାହୁଳି ଦେନେୟବଳେ ସିଠୁ ଚୁହାର ମହାପୁରୁ, ଆଉ ଅଜାଣତରେ ବୁହିଥିଲି । ତମ୍‌କୁ ଆଜିଠାଣୁ ରଖିଦେଉଛେଏଁ । ଆଉ ବୁହିବି ନାଇଁ । ବଳେ ଆଉ ଥିର୍‌କିରି ଉଲ୍ଲେଇ ଦେଲା । ଥିର୍‌କିରି ଭଲ୍‌ହେଇଦେଲା, ଆଉ ପଳ୍‌ଲା । ସିଠୁ ଝିଅଗା ଭାଆରି କିରି

ଉଡ଼ି ପକାନେୟ । ଗେନେୟଙ୍କେ ଗେନେୟଙ୍କେ ଜାଇକିରି ଗୁଟେ ମାକ୍ଳ ଘରେ ରହିନେୟ୍ । ମାକ୍ଳଟା ତାର ଆଉ ଖଜିକି ଯାଇଥାଏ । ଖଜି ଖାଇକି । ଖଜି ଖାଇକି ଜାଇଥାଏ ବଳେ ସିଠୁ ଇଗା ଗେନେୟ । ଭାତ ତୁଉଣ ରାଁଧିକିରି ଇଗା ଖାଇନେୟ । ମାକ୍ଳ ଆସିଲାବଳେ ଆଉ ଚାଳଗାରେ କିରି ଗେଁଜି ହେଇ ଗେନେୟ । ଗେଁଜି ହେଇଛନ୍ତି ବଳେ ଆର୍‌ଦିନ ସିଠୁ ସକାଲ୍ ପାହିଲା । ବଳେ ଦେଖିନେୟଙ୍କେ କେଁ ହାଣ୍ଡିଟାରେ ଗଦ, କେଁ ହାଣ୍ଡିଟାରେ ଗୁଳ, କେଁ ହାଣ୍ଡିରେ ଉଆ ଚାଉଳ, କେଁ ହାଣ୍ଡିରେ ଉଁସିଲା ଚାଉଳ ସବୁଖାଲି ଭରତି ହେଇଛି । ବଳେ ସାନ୍‌ଟା କହୁଛି ଏ ନିନାମାନେ, ଇଗା ଗୁଳ ଅଛି । ଆଉ ଖିରି କରିବା ଦିନେ ବଇନେୟ । ସିଠୁ ଉଆ ଗୁଳେ କୁଟ୍‌ନେୟ । ଖିରି ଘାଣ୍ଟିନେୟ୍ । ଖିରି ଘାଣ୍ଟନେୟ ବଳେ ଆଉ ମାକ୍ଳ ବସୟ ପିଲ୍‌ହାଟା ଆଣୟଁ ବଇଲା । ସିଠୁ ଆଣ୍‌ଲା । ଖାଇନେୟ ଖାଇନେୟ, ଆଉ ସାନ୍‌କଟି ଖାଇଖୁଆ କିରି ଇମାନେ ପଳେଇ ନେୟଁ ବେଲ୍‌କେ ସିଠୁ ମାକ୍ଳ ଆଇଲା । ଖାଇଲା ମାକ୍ଳ ଜାଉଭାତ ଗୁଳେ ସେଇ ପିଲ୍‌ହାଟାରେ ବସିକିରି । ଶଳାରେ ଖାଲି ନେଠ୍‌ନେଠ୍ କରୁଛି । ବଇଲା କିଗା ଦେଖୟଁନା । ଦେଖିଲା ଯେ ସେଇ ନାଁଙ୍ଗୁଳଟାରେ ଗୁଳେ ନାଗିଛି । ବଳେଇ ଶଳାରେ ମର୍ ନାଁଙ୍ଗୁଳନି ଖାଉଛି । ସେଇଦେଖି ଗୁଡ଼୍‌ଲି, କଦ, ମକ୍‌କା ସବୁଥିଲା, ଇ ଶଳା ନାଁ ଜୁଳ ଖାଇ ଖାଇନି ସାଇଲା । ମର୍ ଟୁଣ୍ଡବି ଖାଉଛି ତ ମର୍ ନାଁଙ୍ଗୁଳବି ଖାଉଛି । ଆଉ ଶଳାର, ଖାଇ ସାରଉଁ ବଇଲା । ଖାଇ ସାଇଲା । ସିଠୁ ମାଚିସ୍‌କି ମାରିକିରି ନାଁଙ୍ଗୁଳକେ ଦେଫୁଡ଼ି । ଆର୍ ମାକ୍ଳ ଫୁଡ଼ିଦେଲା ନାଁଙ୍ଗୁଳ । ଆଉ ରାଜାରଗା ସିକାର୍ ଆସି ଥିନେୟ୍‌ଯେ ସାତ୍ ଭଅଣିକୁ ନେଇ ଗେନେୟ୍ ।

*ଦାନି ନାଏକ*

*ସରଧା, କରଂଜିଆ*

□□

# ଟିଣ୍ଟି ଚଳେଇ

ଇରକମ୍ ବୁଲିବୁଲିକରି ତାର୍ ଗୁଟେ ଡାହି ଫୁଙ୍ଗେଇଲା । ଡାହି ଫୁଙ୍ଗେଇ ଫୁଙ୍ଗାକରି ଆଉ ସିଏ ସେ ଗୁଡ଼ାରେ ନଗେଇଲା ଭଇଁତାଲୁ । ଭଇଁତାଲୁ ନଗେଇଲା ଜେରକମ୍ ସେ ତାରେ ସିଆଳ ମାନେ ଦିନେ କହିନେୟ୍, ଏ ସାଦ୍‌ବ ବୁଢ଼ା ନାନାଦି ରକମ୍ ଚାସ କରୁଛି, ତାର ଜାହାକିଛି ଚାସ କଇଲା ଆମ୍‌ହର ଜଙ୍ଗଲ୍‌ଟା କାଟିଦେଲା । ତାର ଜାହାକିଛି କରିଆକେ ତାକେ ଖାଇଦେମୁ । ଖାଇଦେମୁ ? ନା, ହଁ ଖାଇଦେମୁ । ସିମାନେ ତାଙ୍କର ମିଟିଙ୍ଗ୍ କଇନେୟ୍ । ମିଟିଙ୍ଗ୍ କରିକିରି ଦିନେ କହିନେୟ ଚାଲ ଭଇଁତାଲୁ ଖାଇକି ଜିବା । ଡାହି ଫୁଙ୍ଗେଇବା ଦିନ ଟିଣ୍ଟି ଚଳେଇ ସିଏ ଗୁଟେ ଘୁଣ୍ଟି ଗଛରେ ଥାଏ । ସେଇ ଘୁଣ୍ଟି ଗଛରେ ସିଏ ବାସ କରିଛି । ସେଇ ବାସରେ ଟିଣ୍ଟି ଛୁଆ ବସିଛି । ପିଠାଳି ଦେଇଛି । ସାଦ୍‌ବ ବୁଢ଼ା ସେଇ ଗଛଟାକେ ହାଣି ଦେଇକି ଭାଆରି ଥିଲା । ସିଏ କହିଲା ଏୟ୍, ଇଟା ମୁଇଁ ବାସ କରିଛେୟଁ, ତୁୟ ଇଟାଭାଙ୍ଗ୍ ନାଇଁ, ତର ଭଉତ୍ ଉପ୍‌ଗାର୍ କର୍‌ବି । ଉପ୍‌ଗାର୍ କରିବେ ? ନାଁ, ହଁ ଉପଗାର କର୍‌ବି । ତାହାନେ କି ଉପ୍‌ଗାର କରବେ ? ନା ଜାହା ଉପ୍‌ଗାର କର୍‌ବି ସିଟା ତୁୟ ପଛରେ ଜାଣ୍‌ବେ । ସିଠୁ ସିଏ ତାକେ ହାଣ୍‌ଲା ନାଇଁ । ସେ ଗଛ୍‌ଟା ରଇଲା । ସେ ସିଆଳଗା ସବୁଦିନ୍ ତାଙ୍କର୍ ମିଟିଙ୍ଗ୍ କରନ୍ତି । ମିଟିଙ୍ଗ୍ କରିକରି ସେଦିନ ସେଇ ଭଇଁତାଲୁ ଖାଇବା କଥା କହିନେୟ ଜିନ୍ତି ସିଠେ ସିଏ ଟିଣ୍ଟି ଚଳେଇ ଆସିକିରି ସାଦ୍‌ବ ବୁଢ଼ାକେ କହିଦେଲା । ବେ ସାଦ୍‌ବ ବୁଢ଼ା ତର ଏଇ ଭଇଁତାଲୁଗା ସବୁ ଖାଇ ଦେମେୟ୍ ପରା । ନା, ମର୍ ଭଇଁତାଲୁଗା ଖାଇଦେମେୟ ? ନା, ହଁ ଖାଇଦେମେୟ୍ । ଆଉ ତାହାନେ ମୁଇଁ କିସ ବୁଧି କର୍‌ବି ? ନା ତୁୟ୍ ଯାଇକିରି ସେ ଭଇଁତାଲୁ ବାଳିରେ ସୁଇଥିବେ । ଭଇଁତାଲୁ ଖାଇକି ଆଇନେ ଆଉ ପିଟାମାରା କରିବେ । ସିଠୁ ଜାଇକିରି ସିଏ ସେଇ ଭଇଁତାଲୁ ବାଳିରେ ସୁଇଥାଏ । ରାତିରେ ସିଆଳ ଦଳ ଆସି ଗେନେୟ୍ । ଆସିକିରି ସେ ଭଇଁତାଲୁ ଖାଲି ଟେଡ଼ି ନେଇ ଜାଉଛନ୍ତି । ଇଏ ନରମ୍ ହେଇଛି, ଇଏ ନରମ୍ ହେଇଛି । ହେଇତେ ହେଇତେ ସେଇ ସାଦ୍‌ବ ବୁଢ଼ାକେ ଝଣେ ଟେଡ଼ିଦେଲା । କହିଲା ଇଟାତ ପାକି ଜାଇଛି, ଇଟା ଖାଇବା । ସିଠୁ ସାଦ୍‌ବ ବୁଢ଼ା କହିଲା ହଁବେ ସଳା ତୁମ୍‌ହେ କିଏ ? କହିବାକେ ସିମାନେ ତାଙ୍କର ଦଉଲିକିରି

ପଳେଇ ଗେନେୟ । ପଳେଇ ଗେନେୟଯେ ସିଦିନ ଆଉ ଭଇଁତାକୁ ଖାଇ ପାଇନେୟନି ।

ଆଉଥରେ ସାଦ୍‌ବ ବୁଢ଼ା ବର୍‌ଗଳି ଭଉତ୍ ନଗେଇଥାଏ । ସେଇ ସିଆଳମାନେ କହିନେୟ ତାର ବର୍‌ଗଳି ଖାଇଦେମୁ । ସିଏ ଟିଣ୍ଟି ସୁଣୁଥିଲା । ଆସିକିରି ସାଦ୍‌ବ ବୁଢ଼ାକେ କହିଦେଲା । ବେ ସାଦ୍‌ବ, ତର ବର୍‌ଗଳି ବାଳିଟା ଖାଇ ଦେମେୟ୍ ।ନା, ତାହାନେ ମୁଇଁ କିସ କର୍‌ବି । ନା, ତୁୟ୍ ଜାଇକରି ସେ ବରଗଳି ବାଳିରେ ସୁଇଥିବେ । ଆଉ ତର୍ ଦିହିରେ କଟିଏ କଟିଏ ଅଠା ନଗେଇ ଦେଇଥିବେ । ଅଠା ନଗେଇ ଦେଇକିରି କୁକ୍‌କୁଲି ପକ ନଗେଇ ଦେଇଥିବେ । ସେତ କୁକ୍‌କୁଲି ପକ ଝଲ୍‌ଝାଲ୍ ଝିଲ୍‌ଝାଲ୍ କରୁଥିମେୟ୍ । ସିଏ ନିଆ ଖଜିଖଜି ଗେନେୟ ତକେ ଦେଖିମେୟ୍ । ସିଏ ଯାଇକିରି ସେ ବରଗଳି ବାଳିରେ ସୁଇଛି, ସେ ସିଆଳ ମାନେ ଆଇନେୟ୍ । ଆସି କରି ବର୍‌ଗଳି ତୁଳିନେୟ୍ । ତୁଳି ତୁଳା କରି କହିନେୟ୍ ହଁ, ବର୍‌ଗଳିତ ତୁଳିନୁ । କେଁଠେ ଫୁଡିମୁ ଆର୍ ଖାଇମୁ । ନାଇଁ ବେୟ, ଇଠେତ ନିଆ ଅଛି, ଇଠେ ଝିଲ୍‌ଝାଲ୍ କରୁଛି । ସିଠୁ ସଭିଏଁ ଗେନେୟ୍ । ଗେନେୟ୍ ବେଲ୍‌କେ ସାଦ୍‌ବ ପାଟିହୁରି କରିଦେଲା ଜିନ୍ତି ପଳେଇ ଗେନେୟ୍ । ଜିନ୍ତି ପଳେଇ ଗେନେୟ୍ ଆଉଦିନେ ମିଟିଙ୍ଗ୍ କଇନେୟ । ସାଦ୍‌ବ ବୁଢ଼ାରତ ଭଉତ୍ କୁକୁଳା । ଢେର ଗଁଙ୍ଗା ଥାନ୍ତି । ତାହାନେ ସେଇ କୁକୁଳା ଦିନେ ଖାଇମୁ । କେଁ ଦିନ୍‌କେ ଜିବା ? ନା, ଅମୁକ୍ ଦିନ୍‌କେ ଜିବା । ଟିଣ୍ଟି ଚଳେଇ ସୁଣୁଥାଏ । ସିଏ ସୁଣିସୁଣା କିରି ଆସିକିରି ସାଦ୍‌ବ ବୁଢ଼ାକେ କହିଦେଲା । ବେୟ୍, ତର କୁକୁଳା ଖାଇଦେମେୟ ପରା । ନା କୁକୁଳା ଖାଇଦେମେୟ । ନା ମୁଇଁ ଆଉ କିସ ବୁଧି କର୍‌ବି । ନା ତୁୟ୍ ଦାଉଲି ଗୁଟେ ଧରିକିରି ସେଇ କୁକୁଳି କୁଣରେ ବସିଥିବେ । ସିଆଳ ଜେତେଠାର୍ ଜିମେୟ୍ ମୁହଁ ବଲ୍‌ହେଇଲାମାନେ ସେଇ ତାଙ୍କର ମଥାରେ ଖମ୍ମେ ଖମ୍ମେ ଦେଇଦେବେ । ସିଠୁ ସାଦ୍‌ବ ସେଇରକମ୍ କଇଲା । ସେ ଝଣେ ଯାଇକିରି କୁକୁଳା ଦୁଆରେ ଘାରଲା ବେଳକେ ସିଏ ମଥାରେ କିରି ଖମ୍ମିଦୟ୍ । ସିଏ ପଳେଇ ଆସୟ୍ । ଏଃ ବଡ଼ ସଣ୍ଡା ଗୁଟେ ଅଛିନି । ବେଢ଼େ ଝୁର୍‌ରେ କାମ୍‌ଳି ଦେଉଛି । ଆଉ ଝଣେ କହିଲାର ତକେ କାମ୍‌ଳୁଛି, ମୁଇଁଜାଏଁ । ଛାଲ୍‌ନା ଭାଇଛାଲ୍ ମୁଇଁ ଆଗେ ଜାଏଁ । ଇ ରକମ୍ ଠେଲାପେଲା, ଇଏ ଜାଏ ସିଏ ଜାଏ । ସଭିଏଁ ଖମ୍ମେ ଖମ୍ମେ ଖାଇକରି ପଳେଇ ଆସନ୍ତି । କେହି ଆଣି ପାଇନେୟ ନାଇଁ । ସେସ୍‌ରେ ସେଇ ନେଣ୍ଡିଆ କଟିକ ଥାଏ

ଜେ ତାକେ କହିନେୟ୍, ତୁୟ ଜାଆନା ଆଣିବେ । ସିଏ କହିଲା ହଁ ସଳା ମୁଇଁ ଜିବି । ସାଦ୍‌ବବୁଢ଼ା ବସିଛି କୁକୁଳି କୁଣରେ । ସିଏ ଦାଉଲି ଖଣ୍ଡରେ ଖୁମ୍ପି ମାରୁଛି । ସିଠୁ ସିଏ ପାଟିହୁରି କରିଦେଲା ଜିନ୍ତି ସିମାନେ ଧାଇଁ ପଳେଇନେୟ୍ । ତାର ପରେ ଫେର୍ ଆଉ ଦିନେ ଆଇନେୟ୍ । ଆସିକିରି ସେଇ ଘୁଣ୍ଟି ମୂଲ୍‌ରେ ବସିକିରି ବିଚାର କଇନେୟ ଆଜି କିସ କରମୁ । ଆଜି ଜାହାହେନେ ସେ ତାର୍ ଛେଳି ଖାସୁଗା ଖାଇଦେମୁ । ଖାଇଦେମୁ ? ନା, ହଁ ଖାଇଦେମୁ । ତାଙ୍କର ଇରକମ୍ ବିଚାର କଇନେୟ ଜେ ସେ ଟିଣ୍ଟି ଚଳେଇତ ସୁଣିଥାଏ । ସିଏ ଆସିକରି ସାଦ୍‌ବ ବୁଢ଼ାକେ କହିଦେଲା । କହିଦେଲା ଜେରକମ୍ ସେ ସାଦ୍‌ବ ବୁଢ଼ା କହିଲା ମୁଇଁ ତାହାନେ କିସ୍ ବୁଧି କରବି ? ନା ତୁୟ ବିନ୍ଧାଣିଘରୁ ହାତୁଳି ଗୁଟେ ତିଆରି କରି ଆଣିବେ । ସେଇ ହାତୁଳିରେ ସିମାନେ ମଥା ବଲ୍‌ହେଇନେୟ୍ ମଥାଗାରେ ଛେଚି ଦେବେ । ହଁ ହଁ ସେଇକାମ୍ ତାହାନେ କର୍‌ବି କହିକିରି ସିଏ ଗେଲା ବିନ୍ଧାଣି ଘରକେ । ଦେଇକିରି ଗୁଟେ ହାତୁଳି ତିଆରି କରି ଆଣ୍‌ଲା । ଆଣିକିରି ସେଇ ଛେଳି ଗୁହାଳେ ବସିଥାଏ । ସିଆଳ ତାର ଟାଇମ୍ ହେଇଗେଲା ଜେରକମ୍ ଆସିଗେନେୟ୍ । ଜେରକମ୍ ଆସିଗେନେୟ୍ ଆଗେ ଜିଏ ବଡ଼ ସିଏ ଜାଇକିରି ପହଁଚିଗେଲା । ର ମୁଇଁ ଜାଏଁ, ବଡ଼୍ ଖାସୁଟା ଧରି ଆଣ୍‌ବି । ସିଏ ଚାଲିଗେଲା । ତାକୁ ମଥାରେ କିରି ହାତୁଳିରେ ଛେଁଚି ଦେଲା । ଇସ୍ ! ବଡ଼ ଖାସୁ ଗୁଟେ ଅଛିବେ । ଭାରି ଝୁର ବିନ୍ଧୁଛି । ର ସଳା ମୁଇଁ ଜାଏଁ । ଆଉ ଝଣେ ଗେଲା । ତାକେବି ସିରକମ୍ ଛେଁଚି ଦେଲା । ସିଏବି ଆଣି ପାଇଲା ନାଇଁ । ଇରକମ୍ ସମତେ ଛେଁଚା ଖାଇକିରି ପଳେଇ ଆଇନେୟ । ସେଥିରେ ସେଇ ନେଣ୍ଡିଆ କଟିକୁ କହିନେୟ, ତୁୟ ଜାନାବେ, ଦେଖିବେ । ସିଏ କଇଲା ବେ ସାଦ୍‌ବ ବୁଢ଼ା ବସିଛି । ଖାସୁ ଛେଳିଟା ଏଡ଼େ ଝୁର୍ ବିନ୍ଧିଆକ୍‌ନା ଏଇ ସାଦ୍‌ବ ବୁଢ଼ା ହାତୁଳିରେ କିରି ଛେଁଚି ମାରୁଛି । ଇରକମ୍ କହିକିରି ପାଟି ହୁରି କରି ଦେଲା ଜେରକମ୍ ସଭିଏଁ ଧାଇଁନେୟ୍ । ଆଉ ସେ ଛେଳି ଖାସୁ ଖାଇ ପାଇନେୟ୍‌ନି । ଇରକମ୍ ହେଇକିରି ତାଙ୍କର ବୁଧି ସବୁ ଫାଙ୍କ୍ ହେଇଗେଲା ।

*ଆଠପଦା, ଉଦଳା*

ଶବ୍ଦାର୍ଥ :

ଇରକମ୍ - ଏହିପରି, ଡାହି - ପଡ଼ିଆ ଭୁଇଁ, ଫୁଙ୍ଗେଇଲା - ସଫାକଲା, ଗୁଡ଼ା - ଗଡାଣିଆ ଉଚ୍ଚ ଜାଗା, ନଗେଇଲା - ଲଗାଇଲା, ଭଇଁତାନୁ - ବୋଇତି କଖାରୁ, ତାସ - ଚାଷ, କଇନେୟ - କରିଲେ, ଟିଣ୍ଡି - ଟିକିଚଢେଇ, ବାସ - ବସା, ପିଠାଳି - ଅଣ୍ଡା, ଉପଗାର୍ - ଉପକାର, ବୁଧି - ବୁଦ୍ଧି, ତୁଇ - ତୁ, ବାଳି - ବାଡ଼ି ବଗିଚା, ଟେଡ଼ିନେବା - ତେଡ଼ିବା, କୁଟିବା; ପାକିଜାଇଛି - ପାଚି ଯାଇଅଛି, ସାଦ୍‌ବ - ସାଧବ, ଝଣେ - ଜଣେ, ବର୍‌ଗଳି - ଝୁଡଙ୍ଗ(ପରିବା ବିଶେଷ), କଟିଏ - ଟିକେ, କୁକୁଲି - ଜୁଳୁଜୁଳିଆପୋକ, ତୁଳିନୁ -ତୋଳିଲୁଁ, ଫୁଡିମୁ - ପୋଡ଼ିବୁଁ, ଗଁଜା - କୁକୁଡା ସଣ୍ଢା, ବଲ୍‌ହେଇଲା - ବଢ଼ାଇଲା, ମଥା - ମୁଣ୍ଡ, ଘାର୍‌ଲା - ଓଗାଳିଲା, ଝୁର - ଜୋର, କାସଳି -କାମୁଡ଼ି, ନେଣ୍ଡିଆ - ଛୋଟ, ଦାଉଲି - ଦା, ଖାସୁ -ଖସିଛେଳି, ହାତୁଳି - ହାତୁଡ଼ି, ସେସ୍ - ଶେଷ, ପାଟିହୁରି - ପାଟିତୁଣ୍ଡ, ଫାକ୍ ହେଇଗେଲା - ପଣ୍ଡ ହୋଇଗଲା ।

□□

# ସିଆଳ ଖେଳିଆ

ସିଆଳ ଆର୍ ଖେଳିଆ । ଦୁଇ ସଙ୍ଗାତ ତାକର୍ । ସିଠୁ ସିଆଳ ବଲୁଛି ଆଉ ଏ ସଙ୍ଗାତେ, ଖେଳିଆ ବଲୁଛି, ନା କିସ । ନା, ଆଜି ଗୁଟେ ପିସ୍ଥି କରମୁ । ସିଆଳ ବଲୁଛି ମୁଇଁତ ଆଜି ବୁଢ଼ା ଗଞ୍ଜା ଆଣବି, ଖେଳିଆ ବଲୁଛି ମୁଇଁ ଜିବିଜେ ତାହାନେ ଚାଉଳ ଆଣବି । ଆଉ ପିସ୍ଥି କରମୁ ଦୁଇ ସଙ୍ଗାତ । ସିଠୁ ଗେନେୟ୍ । ପିସ୍ଥି କଇନେୟ୍ । ସିଠୁ ସିଆଳ ବଲୁଛି ତମହର୍ ଗାଡ଼ିଆ ତମହର୍ କଡ଼, ମର୍ ଗାଡ଼ିଆ ମର୍ କଡ଼େୟଁ । ସିଆଳତ ତାର ବଡ୍ ଜନ୍ତୁ । ସିଏ ବଡ୍ ଗାଡିଆ କଡ଼ିଲା । ଆଉ ଖେଳିଆ ସିଏ କମ୍ ଗାଡ଼ିଆ କଡ଼ିଲା । ସିଠୁ ଖାଇନେୟ । ଖେଳିଆ ତାର୍ ଅଳପ୍ ହେଲା । ସିଆଳ ତାର ବଡ୍ ଗାଡ଼ିଆ କଡ଼ି ଖାଉଛି । ଏ ସଙ୍ଗାତ ତୁମହେ ଖାଉଛ ? ନା, ହଁ । ମୁଇଁ କଟେ ଧିରେ ଧିରେ ଚାଲୁଥାଏଁ । ତୁମ୍‌ହେ ଖାଇକିରି ଆସ । ଅହ ସଙ୍ଗାତ, କଟେ ଖାଇ ସାରୟଁ, ଏକା ସାତିରେ ଯିମୁ । ସିଠୁ ଗେନେୟ୍ । ସିଏ ସିଆଳ ଗେଲାଜେ ମରଚ ରାଜାଘର ଧରିଛି ଜେ ନାଲିଆ ଦିସୁଛି । ସିଠୁ କହୁଛି ସଙ୍ଗାତହ ଇଗାଜେ ନାଲିଆ ଦିସୁଛି । ଇଗା କିସଗା ? ଏୟ, ରାଜାଘର ଚିଙ୍ଗ୍‌ଲା ମାଛ, ଧରି ଧରେଇବ ନାଇଁ । ସିଆଳତ ଧଇଲାତ ଚୁବଲା । କାଁୟ୍ କାଁୟ୍ କରି ଘଟ୍‌କିଲା । ସିଠୁ ଖେଳିଆ ବଲୁଛି ରଇଥହ ସଙ୍ଗାତେ, ରଇଥହ ସଙ୍ଗାତେ । ଖାଇଥିଲେ ପରା ବଡ଼ ଗାଡ଼ିଆରେ ଭାତ୍ ବେସି, ଖା । ସିଠୁ ଆଉ ଠାଣିକି ଗେଲା । ସଙ୍ଗାତେ ଇଗା କିସଗାବ ? ଖାଲି ଧାନ୍ ହେଇକିରି ଚାଲୁଥାନ୍ତି, ବାଳିଜଣ୍ଡା । ନା ରାଜାଘର ଜେମାଦେଇର ଚାହୁଁରି । ସାଉଁଟି ଆଣ୍‌ଲା । ଦେନେୟ୍‌ତ ବରଲି ନାଗିଲା । ପଲ୍‌ଲା । ଖାଇଥିଲେ ପରା ବଡ୍ ଗାଡ଼ିଆରେ, ଦେଖ୍‌ଲେ । ର, ତକେନି ଦେଉଛେୟଁ ଠିକ୍ କରି । ସିଠୁ ଆଉଥରେ ଗେଲାଜେ ଏଇପାର୍ ବର୍‌ଲି ବନେଇଛି । ଏ ସଙ୍ଗାତେ ଇଟା କିସ । ନା, ରାଜା ଘର ତଲ୍ । ଏୟ୍ ବଜେଇ ବଜେୟବ ନାଇଁ । ରାଜାଘର ମକେ ବାନ୍ଧିକିରି ନେଇ ଜିମେୟ୍‌ତି । ଢ଼ଉ ଢଉ କରି ଟାଡ଼ିଲା । ସେ ବର୍‌ଲିତ କାମ୍‌ଲି ଦେନେୟ । ଆଁଖିରେ କାନ୍‌ରେ । ସିଏ ଚିହଁଲି କରି ପଲ୍‌ଲା । ଖାଇଥିଲେ ପରା ବଡ଼ ଗାଡ଼ିଆରେ ଭାତ୍, ଖାଆ । ସିଠୁ ସିଏ ଗେଲା । ଗେଲା ଗୁଟେ ସାଁପ ସୁଇଥାଏ । ଇଟା କିସହ । ନା ରାଜଘର ବାକ୍‌ତୁରି ପରା । ଆଉ ଫୁକି ଫୁକେଇବ ନାଇଁ ।

ନାହାନେ ମକେ ନେଇ ଜିମେୟତି । ସିଏତ ସେଇ ସାଁପକେ ଫୁକିଦେଲା । ସିଠୁ ସିଏ କାମ୍‌ଲି ଦେଲାବେ ସିଆଳ ଏକିବାରେ ଆନ୍‌ଦପୁର ଚାଲିଗେଲା । ଖେଳିଆ ବଡ଼ ଗାଡ଼ିଆର ଖ୍ଆ ସୁଜେଇ ଦେଲା ।

*ଅପୂର୍ବ ଦେଇ*
*ବିସିପୁର, କରଂଜିଆ*

**ଶବ୍ଦାର୍ଥ :**

ଖେଳିଆ - ଠେକୁଆ, ପିସ୍ନି-Feast (ଭୋଜୀ), ନେନେୟ - ନେଲେ, ଗାଡ଼ିଆ - ଛୋଟ ପୋଖରୀ, କଡ଼୍ - ଖୋଳ, ସାତିରେ - ସହିତ, ମର୍‌ଚ - ମରିଚ, ନାଲିଆ - ଲାଲ୍, ଧାଲହେଇକିରି - ଧାଡ଼ିବାନ୍ଧି, ଜଣ୍ଡା - ଜନ୍ଦା, ଚାହୁଁରି - ଚାମର, ବର୍‌ଳି - ବିରୁଡ଼ି, ଟାଡ଼ିଲା - ପିଟିଲା (ଆଘାତ୍‌କଲା), କାମ୍‌ଲି ଦେନେୟ - କାମୁଡ଼ି ଦେଲେ, ଆଁଖିରେ - ଆଖିରେ କାନ୍ - କାନ, ଚିହିଁଳି - ଚିତ୍କାର କରି, ପଲ୍‌ଲା - ପଳେଇ ଗଲା, ସାଁପ - ସାପ, ଜିମେୟତି - ଯିବେଟି, ଏକିବାରେ - ସଂପୂର୍ଣ୍ଣ ଭାବରେ, ଆନ୍‌ଦପୁର୍ ଗେଲା - ମୃତ୍ୟୁଲୋକକୁ ଗଲା(ରୁଢ଼ିଅର୍ଥ), ସୁଜେଇ ଦେଲା - ପରିଶୋଧ କରିଦେଲା ।

□□

# କାନ୍ ପାହାଲି

ତାରେ ରାଣ୍ଡ ମାଁ ଟାଙ୍କେ ତାର୍ ଝିଅ କଟିଏ ପୁଅ କଟିଏ । ସିଏ ତାର ବଁଧୁବାସିଆ ଜି ଆକେ ବଲିକିରି କହିଲା । ଆଉ ଝଣେ ମଣ୍‌ସ କିଏ ଜଗି ଦେତାକି ମର୍ ଛୁଆ ଦୁଇକଟିକେ, ତାହାନେ ମୁଇଁ ଜିତି ବଁଧୁବାସିଆ । କହିଲା ଜିନ୍ତି, ଝଣେ ମଣ୍‌ସ ହଁ ସୁଇ ଦେବି କଟିଏ କହିଲା । ସିଠୁ ସିଏ ତାର ବଁଧୁବାସିଆ ଗେଲା । ରାତି ହେଲା ଜିନ୍ତି ଛୁଆ ଦୁଇକଟି ତାଙ୍କର ଭାତଭୁତା ଖାଇ ସାଇନେୟ । ଖାଇ ସାଇନେୟ ବଳେ କାନ୍‌ପାହାଲି ଆଇଲା, ଚଘ୍‌ରି ଚଘ୍‌ରି ରପରପ ହେଇକିରି ଆଇଲା । ଆଇଲା ଜିନ୍ତି କହିଲା ଏୟ ଚୁଙ୍ଗି ନିଭାରେ ଦୁଖ୍ ଆଉ ମକେ ବେଙ୍କେ ଜର୍ ଆଉଛି । ସିଠୁ ଚୁଙ୍ଗିଟା ନିଭେଇ ଦେନେୟ ଛୁଆ ଦୁଇଟି । ଜର୍ ଆଉଛି ହେନେ, ଦୁଖ୍ କହିଲା ଆଣ୍‌ରେ କଟେ ରଜି ଦେବି ବଡ଼ମାଁ । ନାଇଁ ମର୍ ଛୁଇଁନେ ମର୍‌ବି, ମର୍ ଧରିନେ ମର୍‌ବି, ମର୍ ରଜ୍‌ନାଇଁ କହିଲା । ରଜ୍ ନାଇଁ କହିଲା ଜିନ୍ତି ଦୁଖ୍ ଇନ୍ତି କିରି ଆଉଁସି ଦେଲାଙ୍କେ ଖାଲିତ ରୟାଁ ଗୁଡ଼୍‌ଟା । ରୟାଁଙ୍କେ ସିଠୁ ଆସିକିରି ତାର ଭାଇଛୁଆଟାକେ କେବିଲା । କାହାନ୍ତେ ହେଗିବି, କାହାନ୍ତେ ହେଗିବି କ, କହିଲା । କହିଲା ଜିନ୍ତି ସିଏତ କାନ୍ଦିଲା ଛୁଆ କଟି ପଦାକେ ଜିବାରେ ପଦାକେ ଜିବାରେ କହିକିରି । ଏ ଘରେ ହେଗାରେ, ନେ ନାଇଁ ପଦାକେ । ସେଇ ଛୁଆକଟି କହୟ୍ ମର ଘରେ ହେଗିବି ନାଇଁ, ମର୍ ପଦାକେ ଜିବି । ଇନ୍ତି କହିକିରି ପଦାକେ ଭାରେଇ ଆଣ୍‌ଲା । ଭାରେଇ ଆଣ୍‌ଲା ଜିନ୍ତି ବେଲାଟା କିସଟା ଜାହାଥିଲା ତାର୍ ଘରେ ଜିନ୍‌ସ ସବୁ କାଢ଼ି ଆଣିକିରି କୁଁଚି ଦେଇକିରି ସିଠୁ ପଳେଇ ଆଇନେୟ୍ । ଜିନ୍ତି ପଳେଇ ଆଇନେୟ ସେଇ କାନ୍‌ପାହାଲିତ ରାତିରେ ଉଠିକିରି କହୁଛି କାଆଣେ ଗେଲେରେ ଦୁଖ୍, ମର୍ ରୟାଁ ଗୁଡ଼୍‌ଟାକେ ଦେଖ୍ । କାଆଣେ ଗେଲେରେ ଦୁଖ୍, ମର୍ ରୟାଁ ଗୁଡ଼ଟାକେ ଦେଖ୍ । ସିନ୍ତି ତାର୍ କହୁଛି କେ ସେଇଛୁଆ ଦୁଇକଟିତ ସାଇକି ଚାଲିଗେନେୟ । ସିଏତ ଖଟର୍ ଗୁଟା ଦରାଣ୍ଡି ହେଉଛି, କାନ୍‌ପାହାଲି ଖାଇବି ବଲି । ସିଠୁ ଇଏ କହିଲା ଆସ ଦେଖିବ ଆମ୍‌ହର୍ ଘରେ କିସ ଗୁଟେ ଫୁରି ହେଇଛିଙ୍କେ ଖାଲି ରୟାଁ ଗୁଡ଼ଟା, ଖାଲି ଗୁଟେ କାନ୍ ଖୁଲିଛି, ଗୁଟା ବିଛେଇଛି । ସାଇର୍‌ଗା ସିଠୁ କହିନେୟ୍ ଆସନା ଦେଖମୁ କୁଜିଆରେ କଣା କରିକିରି । ଦେକ୍‌ନେୟ ବେକ୍‌କେତ

କାନ୍‌ପାହାଳି ସୁଇଛି କୁଣ୍‌ରେ । ସେଇଟୁଇରେ ସିମାନେ କାଣା କରିକିରି ବନ୍ଧିନେୟ । ଆଁଉ କାନ୍‌ପାହାଳିକେ ମରେଇ ନେୟ । ମରେଇ ଦେଇକିରି ଟାଟି ଖୁଲିକିରି କାହ୍ଣି ଆଣିନେୟ ପଦାକେ । କାହ୍ଣି ଆଣିନେୟଳେ ତାର ମାଁ ତ ପହଁଚି ଗେଲା ସଖାଳେ । ଆସିକିରି କାନ୍ଦିଲା । ମର୍ ଛୁଆଗାକେ ଖାଇ ଦେଇଥିତା । ମର୍ ଛୁଆଗାକେ ଖାଇଦେଇଥିତା ଖେଣ୍ଡରେଇ ଖେଣ୍ଡରେଇ କିରି ।

*ଆଠପଡା, ଉଦଳା ।*

ଶବ୍ଦାର୍ଥ :

ରାଣ୍ଡ - ବିଧବା, ତାରେ - ତାର, ଛଗିଦେତା - ଛଗି ଦିଅନ୍ତା, ଜିତି - ଯାନ୍ତି, ଭାତଭୁତା - ଭାତ, ଚଘ୍‌ରିଚଘ୍‌ରି - ଗୁରୁଣ୍ଡିଗୁରୁଣ୍ଡି, ବେଲା - କାଂସ୍ୟପାତ୍ର କୁଁଚି - ଚାବିକାଠି, କାଆଣେ - କେଉଁଆଡ଼େ, ରୟାଁ - ଲୋମଶ, ଫୁରି ହେବା - ପଶିବା, ଭର୍ତ୍ତି ହେବା । ଟାଟି - ବାଉଁଶ ତିଆରି କବାଟ, ଖେଣ୍ଡ୍‌ରେଇବା - ଖଣ୍ଡିବା ।

□□

# ଭାଲୁ ବର୍‌ହା

ଭାଲୁ ଆଉ ବର୍‌ହା ଦୁଇ ସୟାଣି । ଦିନ୍ ଖଜି ଖାଇକି ଜାନ୍ତି । ବଳେ ଦିନେ ଭାଲୁର ଛୁଆ ବର୍‌ହାର ଛୁଆ କୁଟାକୁଟି ଖେଳିନେୟ । ବର୍‌ହାର ଛୁଆ ଭାଲୁର ଛୁଆକେ କେଞ୍ଚି ଦେଲା । ରଅନା, ମୁଇଁ ଛଲିବି ତକେ, ମର୍ ମାଁ ଛଲିଥାକ୍ ତର ମାଁକେ । ତେଲିଆ ତେଲିଆ କରି ଖାଇମୁ । ମର୍ ମାଁ ଆସିନେ କହିଦେମି ରଅନା, ବଇଲା ଭାଲୁର ଛୁଆ । ତାର୍ ମାଁ ଆସିଲାବେଳେ ଆଉ ଭାଲୁର ଛୁଆ କହିଦେଲା । ସିଠୁ ବର୍‌ହା ଆର୍ ତାର ଛୁଆ ରାତିରେ ପଳେଇ ଗେନେୟ୍ । ନଦି ବହ୍ଲିଥାଏ । ତାର୍ ଛୁଆକେ ପିଠିରେ ବସେଇଲା ଆଉ ପାହାରି ଯାଉଛି ବଳେ ଭାଲୁ ଡାକୁଛି ଏ ସୟାଣି କିନ୍ତି କରି ଗେଲ । ନା ଟାଙ୍ଗ୍‌ରଟା ବେକ୍‌ରେ ବାନ୍ଧ । ଇନ୍ତି କହିତେ କହିତେ ସିଠୁ ତାକେ ଭାସେଇ ନେଲା । ସିଠୁ ଭାଲୁ ବଲୁଛି :-

ଛୁଆ ପୁଅ କଳି ଦନ୍ଦ ସତ ପତାଣି
ସୟାଣି ବାଉଳି ଆସନି
ଛୁଆ ପୁଆ କଳି ଦନ୍ଦ ସତ ପତାଣି
ସୟାଣି ବାଉଳି ଆସନି ।

□□

# ସିଆଳ ସିଆଲୁଣି

ସିଆଳ ସିଆଲୁଣି ତାଙ୍କର୍ ଦୁଇଝଣ, ଜାଣିଲ ! ତାଙ୍କର ଦୁଇଝଣ ଜେ ଆଉ ସିଆଲୁଣି ସିଏତ ଛୁଆଳି ହେଇଛିନା । କଁକୁଆ ଛୁଆ ସିଏ ତାର୍ ଜଗେୟ । ଖରପାନ ଦୟ୍ । ଆଉ ଇଏ ଆସୟ୍ କିସନା ଦିନ୍ କୁକୁଳା ନେଇଯାଏ । କୁକୁଳା ନେଇ ଯାଏ ଜେ ନେଇ କରି ଦୟ । ସିଠୁ ସିଆଲୁଣି ଦିନେ କିସ କହୁଛି, କିରେ ବୁଢ଼ା ତୁୟତ ଖାଲି ଦିନ୍ କୁକୁଳା ଘିନି ଆଉଛୁ । ତକେ କେହି କିଛି କହୟ୍ ନାଇଁ କିରେ । ଆରେ ! ନେଖାପହ୍ଲା ଗୁଟେ ଦେଖେଇ ଦେନେତ ତର୍ଭାଇ ଦିନ୍ ଧରିକିରି ଦାକେ । ସିଆଲୁଣିକେ କହିଲା । ସିଆଲୁଣି କହୁଛି, ଏ ଶଳା କେଁଠେ ଗୁଟେ ମର୍ ଭାଇ ଅଜିଜେ ଖାଲି ଦିନ୍ ଧରିଧରି କରି ଦେଉଛି । ନା ଆଜି ଶଳା ତାର ପଛରେ ଜିବି । ସିଏ ଜେତେବେଳେ ଆଇଲା ଇଏ ଶିଆଲୁଣିବି ଆଉଛି ପଛ୍ରେ । ଆସିକିରି ସିଏ ତାର ବସିଲା ଅଦବାଟ୍ରେ । ସିଆଳ ଆସିକି ପସ୍ଲା ବଳେ ଇଏ କହୁଛନ୍ତି କିସନା ଧର୍ ସଳାକେ ମାର ସଳାକେ । ଇନ୍ତି କରି ଖେଦିନେୟ ବଳେ ସିଆଳ ସେଇ ବୁଢ଼ିବେଟେ ଧାଇଁଲା । ବୁଢ଼ି କହୁଛି ବୁଢ଼ା କିସେଇଁ ଧାଇଁଛୁରେ । ନେଖା କଟି ଦେଖେଇ ଦେ । ସାଳି ନେଇକରି ଇଠେ ଆସିକରି ବଇଛି ? ମୁଇଁ ଧାଇଁଛି ଆଁକା ପାଁକା । ସାଳି କହୁଛି ନେଖା ଦେଖା ।

□□

# ବାଘ ଆଉ ଚୁର

ସାଦ୍‌ବ ଘରେ ଗୁଟେ ବଲ୍‌ଦ ଇଡ଼ି ସୁନ୍ଦରଜେ ହେବା କଥା ନାଇଁ । ଚୁରବି ନୁଭ କରିଛି ସେଇ ବଲ୍‌ଦକେ, ବାଘବି ନୁଭ କରିଛି ସେଇ ବଲ୍‌ଦକେ । ଜସ୍‌ନା ଆଲତ । ଚୁର କହୁଛି ସଳା ଜସ୍‌ନା ଆଲଟା ହେଲା, ଚୁର କରିକିତ ଆଉ ହେଉ ନାଇଁ । ହଉର, ଅନ୍ଧାରିଆ ହେଇ ଆସୁ । ଜେତେବେଳେ ଅନ୍ଧାରିଆ ହେଇ ଆସିଛି ଚୁରବି ତାର୍ ପାଗ ପହଞ୍ଚି ଜାଇଛି, ବାଘର୍‌ବି ପହଁଚିଛି ସେଇ । ବାଘବି ଖୁଜୁଛି ଅନ୍ଧାର୍‌ରାତି, ଚୁରବି ଖୁଜୁଛି ଅନ୍ଧାର୍‌ରାତି । ଇନ୍ତି ଅନ୍ଧାର୍‌ରାତି ହେଇଥାଏ, ଅଳିଛାଗଳି, ସେ ବାଘ ଆଗେ ପହଞ୍ଚିଜାଇଛି । ଗୁରୁତ ଖୁଆଳି ହେଇଥାନ୍ତି । ଆଉ ଚୁରତାର ପଛାପଛା ଗେଲା । ଚୁର ଜେତେପର୍ ପସିଲା ଟିକେ ବର୍‌ସା ହେଲା । ବର୍‌ସା ଟିପେଟିପେ ହେଲା । ଚୁର କହୁଛି ବାଘ୍‌କେ ଡର୍ ନାଇଁ ଫାଗ୍‌କେ ଡର୍‌ନାଇଁ ଏଇ ଟିପାକେ ବେଳେ ଭୟ । ବାଘତ ସୁଣି ପାଇଲା । ବାଘ୍‌କେ ଡର୍‌ନାଇଁ ଫାଗ୍‌କେ ଡର୍‌ନାଇଁ, ଟିପାକେ ବେଳେ ଡର୍ । ଏଇ ଟିପା ନିଆନ୍ତରେ । ମର୍ ଠାଣୁତ ଇଏ ତିନ୍‌ଗୁଣ୍ ବଡ଼୍‌ରେ । ଡର୍‌ହରେ ସେଇ ବାଘ ଖାଲି ଚୁପ୍ ମାରିକିରି ରହିଲା । ଅନ୍ଧାର୍ ରାତିଆତ । ଆଉ ଦିଶେଇକେ ନାଇଁ । ଚୁର କିସ କରିଛି ସବୁ ଦିହଗା ଆଉ ପଁଛି ନେଇଗେଲା, ଆଉଁସି ନେଇଗେଲା । ଇନ୍ତି ହେଇକେ ହେଇକେ ବାଘର୍ ଦିହଟା ଆଉଁସି ଦେଲା । ଇନ୍ତି ପର୍‌ସିକାରଜେ ଆଉ ମାଛି ବସିଆଚ୍ଛନ୍ତି । ମାଛି ପିଛ୍‌ଳି ଜିଆକେ ଏଇତ ସେଇ ବଲ୍‌ଦ ବଲିକିରିତ ବାଘର୍ ବେକ୍‌ରେ ବାନ୍ଧିଲା ଗୁଟେ ବର୍‌ହେଇ । ବାଘର୍ ବେକ୍‌ରେ ବାନ୍ଧିକିରିତ ସିଠୁ ଟାଣ୍‌ଲା । ଜେତେ ଟାଣୟ ଇସଳାବାଘତ ଖୁଆଳୁ ଆଉ ଭାରିକି ନାଇଁ । କହୁଛି ମାରି ପକେଇଆକେ ସଳା ଆଜି ଏଇଟିପା । ଜେତେ ଟାଣ୍‌ଲା ଜେତେ ଟାଣ୍‌ଲା ଆଉ ଘିସ୍‌ରେଇ ପାରିକି ନାଇଁ । ଝର୍‌ସୁର୍ ଟାଣ୍‌ଲା ବେଲ୍‌କେତ ବାଘ ଭାଆଡ଼ି ପଇଲା । ଭାଆରି ପଇଲା ଜିନ୍ତିତ ଘିସ୍‌ରେଇ ନେଇଗେଲା । ଚୁର ଆଉ ଛାଳୟନାଇଁ । ନମା ବର୍‌ହେଇତ । ଛାଳିଛାଳି କିରିଇଏବି ଟାର ପଛା ଘଟ୍‌କିଲା । ହିଁ, ହିଁ, ର । ଚୁର ଥକି ଗେଲାନି । ଥକି ଗେଲେନି ଆଉ ଛାଳିକେ ନାଇଁ । ଧରିଛି ନମା ଦଉଳା । ଇନ୍ତି ହେଇକିରି ଗୁଟେ ଖୁଣ୍ଟିଥାଏ, ଗଛଟା । ସିଠେ ବଣ୍ଡାଳି ପକଲା । ବଣ୍ଡାଳି ପକଲା ଜିନ୍ତି ଭାବିଲା ବାନ୍ଧିତ

ଦେଇଛେୟଁ, କଟେ ଥକା ମାରୟଁ । ବସ୍‌ତେ ବସ୍‌ତେ ସୁଇ ଫଲ୍‌ଲା । ସୁଇ ଫଲ୍‌ଲା ଜିନ୍ତି ଆଇଲା ଭାଲୁ ଗୁଟେ । ଭାଲୁ ଆସିକିରି ସୁଙ୍ଘିଲା । ଇଟା ମାନୁସ୍‌ଟା ଖାବନା ନାଇଁ ଖାବ, ବଙ୍ଗ୍‌ଲାରେ କହୁଛି । ଇଆଳେ ବାଘତ ଟାଣି ଝିକି ହେଇହେଇତେ ଗଛଟା ଭାଙ୍ଗି ଗେଲା । ଭାଙ୍ଗିକିରି ଭାଲୁ ଉପ୍‌ରେ ଚେପିଗେଲା । ତାରପରେ ସିଠୁ ପହଞ୍ଚିଗେଲା ସିଆଳ ଗୁଟେ । ସିଆଳବି ସିରକମ୍, ଆଉ ମଣ୍‌ସ ଦିହଟାତ ସମତ୍‌କାର୍ ନୁଉ । ସୁଁ ସୁଁ ହେଇକିରି ସିଏବି କହୁଛି, ବଙ୍ଗ୍‌ଲା କହୁଛି ଖାବନା ନାଇଁ ଖାବ । ସିନ୍ତି କହିଲା ବେଳକେ ଚୁରତ ସୁଣିପାଇଲା । ହାତ୍‌ଟା ନେଇକିରି ଖଁଜାରେ ଧଇଲା । ଧରିକିରି ଉଡ୍‌ରେ ଧର୍‌ରେ ବିଞ୍ଚାଳେ ବିଞ୍ଚେଇକିରି ଛାଳିଦେଲା । କାଇଲା ହେଇକିରି ସିଆଳ ସିଆଳେ ବସିଲା । ଇନ୍ତି ହେଇତେ ହେଇତେ ରାତିତ ପାହିଗେଲା । କଟିଏ ପର୍‌ସିକାର୍ ଦେଖେଇଲା । ଦେଖେଇଲା ଠାଣୁ ସିଠୁ ଦେଖ୍‌ଲାଜେ ବାଘ, ଦୁତିୟରେ ଦେଖ୍‌ଲା ଭାଲୁ, ତାର ପରେ ଦେଖ୍‌ଲାଜେ ସିଆଳ । ବେଳେ ମସ୍‌କିଲ୍ ହେଲାତ । ଘାଇରେତ ଫଳିଗେଲି ମୁଇଁ । ତାହାନେ ମୁଇଁ କିସ ଉପାୟ କରବି । ସଳେୟଁତ ମଳେ ଖାଇଦେମେୟ୍ । ଇଆଳେ କିସ ହେଇଛି ନା ସେଇ ଗଛରେ ଜେ ଦଉଳାଟା ବାନ୍ଧିଥିଲା ସିଟା ଗଛ୍‌ରୁ ପୁର୍‌କି ଯାଇଥାଏ, ହେନେ ବାଘର୍ ବେକ୍‌ରେ ନାଗିଥାଏ । ସିଟା ଦେଖ୍‌କିରି ଇଆଙ୍କର ତିନ୍‌ଝଣ କଥା ହେଇକେ ନାଗିଛନ୍ତି । ବାଘ ବଲୁଛି ଅୟଟା ବଠୟ ଟିପା ବଠୟ । ଭାଲୁ କହୁଛି ନାୟଁ ଭାୟ୍, ଅୟ୍‌ଟା ବଠୟ ଉପୁର୍‌ଚେପା । ତାର ଉପରେ ଚେପିଥିଲା । ସିଆଳ ବଲୁଛି ନାଇଁ ଭାୟ୍, ଇଟା ବଠୟ ଘୁରଣ୍ ଚେପା । ଇନ୍ତି ତାଙ୍କର୍ ରେଁଘେସେ ହେନେୟ । ରେଁଘେସେ ହେନେୟ୍ ଜେରକମ୍ ଚୁର ସିଆଳେ ନୁକିକିରି ଧିରେ ଧିରେ ଦେ ଘଉ୍‌କାଣ୍ଡ୍ ।

ଦୁରଯଧନ ଗିରି
ଘଟକୁଣ୍ଡ, କେଉଁଝର

ଠଠ

# ତିନ୍ ସଙ୍ଗାତ୍ ଆଉ ଜେମାଦେଇ

ତାର୍ ଗୁଟେ ଝିଅ ଜେମାଦେଇ । ସିଏ କିସନାଗି ହଟୁଛି । ନା, ଜିଏ କାଳନ୍ଦି ହଦରୁ ଫୁଲଟି ଆଣିଦାକେ ସେଇ ତାହାକି ମୁଇଁ ମର୍ ଝିଅଟି ବାହା କରାବି । ଇନ୍ତି ଆଖପାଖ ଜେତେ ପୁରୁଣି ଫୁଲ ଆଣି ପାରମେୟଁ କାଳନ୍ଦି ହଦରୁ ? ସେଠି ଆଣି ପାର୍‌ମେୟନି । କେତେକେତେ ଗେନେୟଙ୍କେ ସଭିଏଁ ହଟି ଗେନେୟନି । କେହି ଆଣି ପାରିକି ନାଇଁ । ସିଠୁ ଝଣେ ଏକା ଦିନ୍‌କେ କାଣ୍ଡ୍ ବିନ୍ଧିଦାକ୍‌ଙ୍କେ ଏକାଦମ୍ ସାତ୍‌ଦିନ୍ ଯିଆକେ । ଆଉ ଝଣେ ବସ୍‌ଲାଠାଣୁ ସଏ କୁସ୍ ଦେଖିଆକେ । ଆଉ ଝଣେ ହଁ ବସିଛ ଠାଣୁ ଘଣ୍ଟା ଭିତ୍‌ରେ ସଏ କୁସ୍ ଦଉଡ଼ି ଯିଆକ୍ ଦଉଡ଼ି ଆସିଆକ୍ । ଏଇ ତିନ୍‌ଝଣ ସଙ୍ଗାତ୍ ହେନେଇ । ତିନ୍ ସଙ୍ଗାତ୍ ହେନେୟଙ୍କେ ସେଇତ ଆଖପାଖ ସବୁ ହଟି ଜାଇଛନ୍‌ନି । ଆଉ ଦେଖ ।

ବିଦେଶ୍ ଯାଇଛନ୍ତି ଇମାନେ । ସେଇ କାଣ୍ଡ୍ ବିନ୍ଧାଝଣେ, ଦଉଡ଼ିଲାଝଣେ ଆଉ ଦେଖିଲା ଝଣେ । ତିନ୍‌ଝଣ ହେନେୟ୍ । ତିନ୍‌ଝଣ ହେନେୟ ଙ୍କେ ଯିଏ ସଏ କୁସ୍ ଦେଖୟ୍, ଦେଖ ଆଉ କେତେବେଳେ ଯିଆକେ କାଳି ଚରିକି ସେତେବେଳେ ଜାଇକିରି ଫୁଲ ଆଣିବା । ସିଠୁ ଏଇ ଦେଖିଲାବାଲା ଦେଖିଲାଙ୍କେ ନାଇଁ, ଚରିକି ପକେଇଛି କାଳି । ଇଏ ସିଠୁ ଗେଲା । ଗେଲାଙ୍କେ ଫୁଲ୍‌କେ ଆଣିଲା । ଆଣିଲା ଆଣିଲା, କେତେଧୁର୍ ଆଣି ପହଞ୍ଚେଇଛି ଟିକେ ଥକା ନାଗିଗେଲା । ବଳେ ସନା କାଳି ଆସିକରି ତାର ବାସ ପାଇ ବଣ୍ଡାଳି ପକଲା । ଇଏତ ଆଉ ଆସି ପାରିକି ନାଇଁ । ଇମାନେ ସିଠୁ କହୁଛନ୍ତି ଏତେ ପର୍ ଆଉ କାଇଁ । ଘଣ୍ଟାକେତ ସଏ କୁସ୍ ଆସୟ । ଆଉ କିସ ହେଲାଙ୍କେ ଏତେପର୍ ଜାଏଁ ଆସିକି ନାଇଁ । ଦେଖନା ତୁମ୍‌ହେ । ତମ୍‌କେତ ପରା ସଏ କୁସ୍ ଦିସୟ୍ । ଇଏ ଦେଖିଲାଙ୍କେ ନାଇଁ ଆଣିଛି ଫୁଲ୍ ।ହେନେ କିସ ହେଲା କ୍ୱାଳି ବେଢ଼୍‌ହି ଦେଇଛି ଅଦବାଟ୍‌ରେ । ତାହାନେ କିସ ତୁମ୍‌ହେ ବିନ୍ଧସ ପରା । ଏତେ ଧୁର୍‌କେ ବିନ୍ଧ, ସାତ୍‌ଦିନ୍ କାଣ୍ଡ ବିନ୍ଧିପାର । ଇଟା ଆଉ ନାଇଁ ପାରସ । ସିଠୁ ଇଏ ବିନ୍ଧିଲା । ବେଢ଼୍‌ହି ଥିଲା ସିନା କାଳି, ଆଉ ଆସ୍ତେ ଆସ୍ତେ ଛାଡ଼ି ଦେଲା, କଟିଗଲା ଖଣେ । ଇଏ ତାହାନେ ଆଣି ଆଇଲା । ଆଣି ଆସିକରି ଚାଲ ଜିବା ରାଜା ଘର୍‌କେ । ରାଜା ଘର୍ ଛେଁଠୁ ଗେନେୟ୍ । ଏ ତିନ୍‌ଝଣ ଖାଲି ରେଁଘେସେ

ହେନେୟ । ଝଣେ କହିଲା ମୁଇଁ ଆଣିଛେୟଁଜେ ଫୁଲ ଢାଇକରି ମୁଇଁ ବାହାହେବି । ନା ତୁମ୍‌ହେ ସଙ୍ଗାତ୍ ନାଇଁ ଆଣି ପାରିଥିତ । ତମକେତ କାଲି ବେଲ୍‌ହି ଦେଇଥିଲା । ମୁଇଁ ବିନ୍ଧିଲି ବଲି ସିନା । ମୁଇଁ ବାହାହେବି । ଇଏ ଝଣେ ବଲୁଛିଜେ ନାଇଁ ମୁଇଁ ଦେଖିଥିଲି ବଲି ସିନା, ହାୟଟା ବେଲ୍‌ହିଛି ବଲି । ଇନ୍ତି ଝଣେ ବଲୁଛିଜେ ନାଇଁ ମୁଇଁ ଦେଖିଥିଲି ବଲି ସିନା, ହାୟଟା ବେଲ୍‌ହିଛି ବଲି । ଇନ୍ତି ତିନ୍‌ଝଣ ଖାଲି ରେଁଘେସେ ହେମେୟ, ମୁଇଁ କାଆରି ହେବି ନାଇଁ । ହେଇକରିସିଏ ମରିଗେଲା । ମରିଗେଲା ଠାଣୁ ତାକେ ଡାହା କରିକି ନେଇଗେନେୟ । ଡାହା କରିକି ଜୁଦୁରି ନେଇ ଗେନେୟ ସେଇ ତିନ୍‌ଝଣ ସାରା ଡାହାକି ଗେନେୟ । ସଳା ଇଜନ୍‌ମର ନାଇଁ ହେନେ ଆର ଜନ୍‌ମରେ ବାହାହେବି । ମୁଇଁହିଁ ତାର୍ ସେଇ ନିଆଗାଡ଼ରେ ପସିଜିବି । ସେଇ ନିଆଁ ଗାଡ଼ରେ ସିଠୁ ସିଏ ପସିଗେଲା । ଆଉ ଝଣେ ମୁଇଁତାର ହାଡ ଦୁଇଖଣ୍ଡ ନେଇକରି ହେନେ ଗଙ୍ଗାକେ ଜିବି । ଇ ଜନ୍‌ମରେ ନାଇଁ ହେନେ ଆର ଜନ୍‌ମରେ ବାହା ହେବି । ଆଉ ଝଣେ ତାର ଖାର ମାଖିକରି ସୟନାସି ହେଇ ବୁଲିବି ଚାରିଆଳେ । ଇ ଜନ୍‌ମରେ ନାଇଁ ହେନେ ଆର ଜନ୍‌ମରେ ହେବି ।

ସିଠୁ ସିଏ ସୟନାସି ଜିଏ ଖାର ମାଖିକରି ବୁଲୁଥିଲା ବୁଲ୍‌ତେ ବୁଲ୍‌ତେ କେଁଠେ ଗୁଟେ ମୁନିଠାଣେ ଭେଟାଭୁଟି ହେନେୟ୍ । କିସ ନାଗିରେ, ତୁତ ଭଲ ପୁତ୍ର, କିସନାଗିଇନ୍ତି ବୁଲୁଛେ । ନାଇଁ ଆଉ ରାଜା ଝିଅକେ ବାହା ହେବି ବଲିକିରି ଆଉ ପୁରୁଣି ଫୁଲ୍ କାଳନ୍ଦି ହଦରୁ ଆଣିଥିଲି । ଆଉ ସିଏତ ମଇଲା । ଆର ଜନ୍‌ମରେ ବାହାହେବି ବଲି ଆଉ ମୁଇଁ ଇନ୍ତି ବୁଲୁଛେୟଁ । ମୁନି କହିଲା ହଉ କାଲି, କେଁଠେ ଡାହା କରିଛ ସିଠ୍‌କେ ଯିବ ତମହେ । ସିଠୁ ତାର୍ ଆର୍ ଦିନ ଇମାନେ ଗେନେୟ ସିଠ୍‌କେ । ମୁନି ତାର ପାଣି କଟିଏ ମନ୍ତ୍ରିକରି ମାରିଦେଲା ଜିନ୍ତି ରାଜାର ଝିଅତ ଭାଆରି ପଇଲା । ତାର୍ ସାତିରେ ଜିଏନିଆ ଗାଡ଼ରେ ପସିଥିଲା ସିଏବି ଭାଆରି ପଇଲା । ସେ ଜିଏ ଗଙ୍ଗାକେ ହାଡ଼ ନେଇ ଥିଲା ସିଏବି କେଁଠେ ଥିଲା ପହଞ୍ଚିଗେଲା । ଫେର୍ ଆରଥରେ ତିନ୍‌ଝଣ୍ ରେଁଘେସେ ହେନେୟ । ଇଟା କିଏ ବାହାହାକେ ଆଉ । ବାହା ହାକେ ବଲିକରି, ସେଇ ସୟନାସୀ ହେଇକରି ଜିଏ ବୁଲିଥିଲା ସେଇନି ବାହାହାକ୍ । ତାର କହିଛି ପରା —

ତହନାଗି ହେନେ ହେବି ଜୁଗିରେ ନବରଙ୍ଗି ।

ଫଗୁଣା ନାଏକ

ଘନକୁଣ୍ଡ, କେଉଁଝର

**ଶବ୍ଦାର୍ଥ :**

ଜେମାଦେଇ -ରାଜକୁମାରୀ, କିସନାଗି - କ'ଣ ପାଇଁ, ହଟୁଛି - ଅଳିକରୁଛି, ହଦ - ହ୍ରଦ, କରାବି - କରାଇବି, ହଟିଗେନେୟ - ପାରିଲେ ନାହିଁ, ବସ୍‌ଲାଠାଣୁ - ବସିବାସ୍ଥାନରୁ, କୁସ - କ୍ରୋଶ, ସଏ - ଏକଶହ, ବିଦେସ୍ - ବିଦେଶ, ଧୂର୍ -ଦୂର, ବାସ - ବାସ୍ନା, ବଣ୍ଡାଳି ପକଲା - ବାନ୍ଧି ପକାଇଲା, ବେଲ୍‌ହି - ବେଢ଼ି, ଅଦ୍‌ବାଟ୍ - ଅଧାବାଟ, ଏତେପର୍ - ଏତେପ୍ରହର, ରେଁଘେସେ - ଯୁକ୍ତିତର୍କ, କିସେଇଁ - କ'ଣ ପାଇଁ, କାଆରି - କାହାରି, ଡାହା - ଶବଦାହ, ଜୁଦୁରି - ଯଦିୟ, ଇଜନ୍‌ମ - ଏହି ଜନ୍ମ ।

□□

# ରାଜାପୁଅ ଆଉ ମନ୍ତ୍ରି ପୁଅ

ଏଇ ରାଜାରେ ପୁଅ ଆଉ ମନ୍ତ୍ରି ପୁଅ ତାଙ୍କର୍ ଦୁଇ ସଙ୍ଗାତ । ତାଙ୍କର୍ ଦୁଇ ସଙ୍ଗାତଙ୍କେ ଆଉ ସେଠୁ ତାଙ୍କର୍ ଙ୍କେଁଠେ ହେନେ ଗୁଟେ ମଣ୍ଡପ ତିଆରିଛନ୍ତି । ଆଉ ତାଙ୍କର ଦୁଇ ସଙ୍ଗାତ ଖାଲି ବାଟୁଲିମାରି ଖେଲନ୍ତି । ଖେଲନ୍ତି ବଲେ ଆଉ ତାଙ୍କର ମାଁ ଘରିକା କହିନେୟ ଇଗାକେ କିନ୍ତି ଛାଳେଇବା । ଇମାନେତ ଦିନ୍ କାମ କରିକି ଗେନେୟ ନାଇଁ; କିଛି କାମ୍ ଧନ୍ଦା ଦେଖିଲେ ନାଇଁ । ଇଗାକେ ଛଳେଇବା କିନ୍ତି । ସିଠୁ ଗୁଟେ ଘାସିଆଣି ବୁଢ଼ି ଆଇଲା । ସିଏ ସିଠୁ ବଇଲା ଆଉ ପାଠ ପଲ୍‌ହିକି ଗେନେୟ ନାଇଁ କହୁଛ ହେନେ ମୁଇଁ ଛାଳେଇ ଦେବି । ଇମାନେ ସିଠୁ ହଉ କହିନେୟ ।

ତାଙ୍କର ଦୁଇ ସଙ୍ଗାତ ଦିନ ଜାନ୍ତି ଗାଧିକି । ଗାଧିଜାନ୍ତି ବଳେ ସିଠୁ ଘାସିଆଣି ବୁଢ଼ି ଆଇଲା । ଆଉ ସେଇ ଘୁଳାରେ ବସିକରି ଜାଉଛନ୍ତିନି ତାଙ୍କର ଦୁଇ ସଙ୍ଗାତ । ଘୁଳାରେ ବସି କରି ଗେନେୟ । ଗେନେୟ ଙ୍କେ ରାଜାର୍ ପୁଅ ପାହାରି ଗେଲା । ତେତ୍‌କିବେଳେ ଘାସିଆଣି କହୁଛି ମନ୍ତ୍ରି ପୁଅକେ ଏ ପୁଅ ର, ର । ଠିଆ ହଅନା ଗୁଟେ କଥା ସୁଣ୍ । ରାଜାର୍ ପୁଅତ ପାହାରି ଗେଲା । କିସ କହୁଛୁ ମାଉସି କ । ମକେ ଇଠେ ଏତେ ଡେରି କରୁଛୁଙ୍କେ । ସିମାନେତ ପଳେଇ ନେୟନି । ଆଉ ମୁଇଁ ଗାଧିକି ଜାଉଛେଁ ବଇଲା । ଫେର ପଳାୟ୍ ବଳେ ଆଉ ଥରେ ଛେଙ୍କୟ୍ । ଏ ପୁଅ ର, ର । ଜା ନାଇଁ । କହୁଛେନା କିଛି କଥା ଖାଲି ଛେଙ୍କୁଛେ ? ଇନ୍ତି ହେଇତେ ହେଇତେ ରାଜାର ପୁଅତ ଗାଧି ଆଇଲା । ଆଉ କିସ କରୁଥିଲ ସଙ୍ଗାତେ, ମର୍ କଥା କିସ କହୁଥିଲ ତମହେ । ଆଉ ଏତେ ଡେରିକରି ରଖିଲ ।

ରାଜାର ପୁଅ ଆସିକରି କବାଟ କିଳିକରି ସୁଇଲା । ଗାଧି ଗେଲଙ୍କେ କେଁଆଙ୍କେ ଗେଲାରେ ଆମ୍‌ହର, ରାଣି ପଚାରିନେୟ ? ଏତେ ପର ଜାଏଁ ଜାଏଁ ଆଇଲା ନାଇଁ । କେଜାଣ୍ ତାଙ୍କରତ ଆଗେ ଆଇନେୟଁ ଗାଧିକରି, ମୁଇଁତ ପଛେ ଗଲି । ଦେଖି ନାଇତ ଆଉ । ବଳେ ସିଠୁ ଆସିନେୟ୍ । ରାଣି କହୁଛି ବଳେ ସିଠୁ ବିଳେଇଗଟା କହୁଛି ଦୁଧଭାତ୍ ମକେ ଦେଟାଟିଏ । ଦିନ୍ ଦଅସେ ଅଇଁଠା ଭାତ୍, ଆଉ ଦୁଧ ଭାତ୍ କରି ମକେ ଟାଟିଏ ଦେନେ ମୁଇଁ କହିଦେବି । ସିଠୁ ରାଣି ଦୁଧଭାତ୍

ଇଆର୍ ପାଖେ ବସଯ୍ । ସିନ୍ତି ବସିକରି ବାଟୁକି ମାରନ୍ତି । ଇନ୍ତି ହେଇହେଇ ଟାଟିଆ ଚଳେଇ ଦୁଇଟା କାମ୍‌ଳା କାମ୍‌ଲି ହେନେୟ୍ । ହେନେୟ ବଳେ ସେଇ ଝିଅଟା ନାଉକାରେ ବଇଛି । ସିଠୁ ରାଜାପୁଅ କହୁଛିଜେ ସଙ୍ଗାତ୍ ଆଉ କିସ କିସ କହୁଛି ଏଇ ଝିଅଟାଜେ ମୁଇଁ ଆଉ ବୁଝି ପାଇଲି ନାଇଁ । ହାତର ସଙ୍କାଗା ଦେଖେଇ ଦେଉଛି, ପାଛିଆଟା ଦେଖେଇ ଦେଉଛି, ଦାନ୍ତଗା ଦେଖେଇ ଦେଉଛି ଆଉ ମୁଣ୍ଡଟା ହଇକେଇ ଦେଉଛି । କିସ ବଲୁଛି ? ଇଟା ବୁଝି ପାରସ ନାଇଁ ? ତମେହେ ସିନା ସଙ୍ଗାତକେ ହାଣିକରି ଚିତା ମାକ୍ ଜାଣସ । ତମ୍‌ହେ ଆଉ ଜାଣିବ କି, ବୁଝିବ ? ସଙ୍କାଗା ଦେଖେଇ ଦେଉଛି ଜେ ଆମ୍‌ହର ସଙ୍କେଇସ ରାଇଜ, ଆମ୍‌ହର ବାପା ଦନ୍ତେଇସ ରାଜା ଆଉ ମୁଇଁ ତାଙ୍କର୍ ଝିଅ କେସବତି ରାଣି । ତାର କେସଗା ହଲ୍‌କେଇ ଦୟଜେ ନମା ନମା ଅଛି ତାର କେସଗା, ଆଉ ଗେନେ ପାଛିଆଟାରେ ସାଗ ତୁଳି ଆଣ୍‌ବି ଆଉ ତମ୍‌ହ୍‌କେ ଖାଇକେ ଦେବି, ଆମ୍‌ହର୍ ଘରକେ ଗେନେ ବଲୁଛି । ଆଉ ତମ୍‌ହେ ଜାଣସ୍ ନାଇଁକି, ତମ୍‌ହେ ଚିତାମାଖ୍ ଜାଣସ, ମନ୍ତରି ପୁଅ କହିଲା । ବଳେ ହଉ ଜିବାନା ସଙ୍ଗା ସଙ୍ଗାତେ ସିଠକେ ? ନା ଜିବା । ଆଉ ସମୁଦରରେ ସାତେରାତି, ସାତେଦିନ୍, ଡୁବି କରି ଜିମେୟ ସେ ସଙ୍କେଇସ ରାଇଜକେ । ସିଠୁ ସିଏ ଜେ ଘୁଳାଟାକେ କହିଲା । ନାଇଁ କହିଲା । ନାଇଁ ମର୍ ପାର୍‌ବି ନାଇଁ ବଲି । ଆଉ ସିଠୁ ସୁଲ୍‌ହା ସାତେ କିଲ, ଖାଁସାରି ଇଗା ସବୁ ଧରିନେୟ ଖାଇକି ଦାନା । ଘୁଳାଟାକେ ଖାଇକି ଦାନା ଧରିକରି ଗେନେୟ ସେଇ ସଙ୍କେଇସ ରାଇଜକେ । ସେଇ ଟିଣ୍ଡିଘୁଳାଟା, ସାନ୍‌ଘୁଳାକଟି କହିଲା ମୁଇଁ ଜିବି । ସେଇ ଘୁଳାକଟିରେ ତାଙ୍କର ଗେନେୟ । ଟିଣ୍ଡି ଘୁଳାଟାରେ ଦୁଇଝଣ ବସିନେୟ୍ । ବସିନେୟ୍‌ଜେ ସାତେରାତି ସାତେ ଦିନ୍‌ରେ ପହଞ୍ଚିନେୟ ତାଙ୍କର ସେଇ ସଙ୍କେଇସ ରାଇଜରେ । ସିଠେ ଫୁଲ୍‌ସି ତାର ସଦାବେଳେ ଜାଗେଇଛି ।

ରାଜାର ସଦାବେଳେ ଫୁଲ୍‌ସି ତାଙ୍କର ବନ୍ଧୁକ ଧରି ବୁଲୁଛନ୍ତି । ରାତି ଦିନ୍ । କିନ୍ତି ଜିବାହ ସଙ୍ଗାତେ, ଆସିଲେ ସିନା ଆମ୍‌ହେ । ନା ତମହେ ସଙ୍ଗାତେ ମୁରଖଟା । ମୁଇଁ ଜିବି ଆଉ ଆଗରେ, ତମହେ ପଛେ ଜିବ ବଇଲା । ଦେବାକେ ମୁଇଁ ଗୁଡ଼ି ମାରି ଦେବି । ଗୁଡ଼ି ସେ କଳେ ରିଂ କରିଆକେ, ତମ୍‌ହେ ଏକଳେ ଫଟ୍‌ଫାଟ୍ ଚାଲିଯିବ । ଆଉ ତମହେ ଧିର ହେଇ ରହିବ ନାଇଁ । ମନ୍ତରି ପୁଅତ ଆଗ୍‌ରେ ଗେଲା । ସିଏ ଜେକଳେ ଗୁଡ଼ି ମାରିଦୟ୍ ତାର ଆରକଳେ ରାଜାର ପୁଅ ଫଟ୍‌ଫାଟ୍

ଚାଲିଜାଏ । ଆଉ ଥରେ ମାରିଦୟ ବଲେ ଆଉଥରେ ଫଟ୍‌ଫାଟ୍ ଚାଲିଯାଏ । ଇନ୍ତି ହେଇକରି ପହଞ୍ଚି ଗେନେୟ । ପହଞ୍ଚି ଗେନେୟ ସେଇ କେସବତି ତାର୍ ଉଆସକେ । ସିଠୁ କିସ କରିନେୟନା କେସବତିକେ ତାର୍ ଗହଣା ପତର୍ ନୁଗାପଟା ସବୁ ଖୁଲ୍‌ନେୟ । ଖୁଲିକରି ତାକେ ଚୁନ ଦାଗ ଦେଇ ଦେନେୟ । ଦେଇ କରି ତାର ଗହଣା ପତର୍ ସବୁ ଧରିକରି ପଳେଇ ଆଇନେୟ । ପଳେଇ ଆଇନେୟ ଆଉ ଆସିକରି ଭିହ ମୁଣ୍ଡାରେ ରହିନେୟ । କସ୍‌କରି ଧୁନି ଠେକେଇ ଦେନେୟ । ଧୁନି ଠେକେଇ ଦେଇକରି କହୁଛନ୍ତି କିସ ବାପ ମାଁ ଏତେ ଡାହାଣି ବଠୟ, ଖାଇ ଦେଇଥିଲାନି ଆମ୍‌ହକେ । ଅତ ଡାହାଣି ବଠୟ ଜେ ଆମ୍‌ହକେ ଖାଇଦେଇଥିଲାନିଜେ । ଇନ୍ତି ବଲିକରି ତାକର୍ ରାମ୍‌ରାମ୍ ବଲୁଛନ୍ତି । ରୁସି ବେସ ହେଇକରି ରାମ୍‌ରାମ୍ ବଲୁଛନ୍ତି । ଆଉ ବଲୁଛନ୍ତି ଡାହାଣିଟା ଆମ୍‌ହେ ଇଠେ ଆସିକରି ଥିନୁବଲେ ଆଉ ବସି ଛଉଁ ଧୁନି ଦେଇକରିବଲେ ଡାହାଣିଟା ଆସିକରି ଆମ୍‌ହକେ ଚୁହି ଦେଇଥିଲାନି । ସବୁତାର୍ ଗହଣା ପତର୍ ଜିନିଷ ପତର୍ ଛାଳେଇ କରି ଆଣି ଆଇଛଉଁ, ଆଉ ତାଳେ ଚୁନଦାଗ ଦେଇଛଉଁ । ତମହର ଏଇ ଗାଁରେ ଦନ୍ତେଇସ ରାଜାର୍ ଝିଅ ରହିଛି ହେନେ ସବୁକେ ଖାଇଦାକ୍, କଟେ ରଖିଆକ୍‌ନି । ଅତ ଡାହାଣି ବଠୟ । ନା କି ପର୍‌କାର୍ ତାହାନେ ରାଜାର ଝିଅକେ ପାର୍ କରମ୍ଭୁ । ସିଠୁ ରାଜାକେ କହିନେୟ୍, ଇନ୍ତି ସିନ୍ତିପରା ତର୍ ଝିଅ ଆଉ ପରା ସବୁ ଖାୟାକେ । ଇଏ ପରା ଡାହାଣି ଚୁହିକେ ଜାଇଥିଲା । ହାଠେ ଆସି ଥିନେୟ ରୁସିଗାଳେ ଚୁହିକି ଜାଇଥିଳା ପରା, ସବୁ ଗହଣା ପତର୍ ନୁଗାପଟା ସବୁ ଛାଳେଇ କରି ରଖିଛନ୍ତି ବଲିକରି କହିନେୟ । ସେଇତ ଫୁଲ୍‌ସିଗା ଜାଇଥିନେୟ ସିଠ୍‌କେ । ବଲେ ଫୁଲ୍‌ସିମାନେବି ଆସିକରି କହିନେୟ । କହିନେୟ ବଲେ ସିଠୁତ ରାଜା କହିଲା ହଉ କି ପର୍‌କାର୍ ତାହାନେ ଝିଅଟାକେ ପାର୍‌କରମ୍ଭୁ । ନା ଗୁଟେ ବିମାନ୍ କର । ବିମାନ୍ କରିକିରି ତାକେ ସେ ବିମାନ୍‌ରେ ବସେଇ ଦିଅ । ବସେଇ ଦେଇକରି ତାକେ ନେଇକରି ଅଦବାଟ୍‌ରେ ବଣମୁଣ୍ଡାରେ ରଖିଦେଇକରି ଏକ୍‌ମୁହାଁ ଘଟ୍‌କିବ । ରଖି ଦଣ୍ଡାନି ଘଟ୍‌କିବ, ନହନେ ତମହକେ ଖାଇଦାକେ ଏକାଥରେ । ସିଠୁ ଗେନେୟ ସିନ୍ତି ବିମାନ୍ କରିକିରି । ନେଇଁକରି ଦେନେୟ ସିଠେ ରଖି । ରଖି ଦେଇକରି ଘଟ୍‌କିନେୟ ସେଗା ସବୁ ଛାଳିକରି । ବଲେ ଇମାନେ ଦେ ଧରିକରି ଦନ୍ତେଇସ ରାଜାର ଝିଅକେ ପଳେଇ ଆଇନେୟ । ଆଇନେୟତ । ତାର ଗହଣା ଗଣ୍ଠି ନୁଗାପଟା ସବୁ ଆଣି ଆଇଛନ୍ତି । ଆଣିକରି ଆଉ କିସ କରିନେୟନା ଗୁଟେ

ସାଦ୍‌ବଘର ତାର ନୂଆଁ ବହୂ ଗୁଟେ ଆଣିଥାଏ । ସେ ସାଦ୍‌ବ ଘରେ ସିଠେ ରହିନେୟ । ସେଇ କେସବତିରାଣିକେ ଆଣିକରି । ରହିକରି ସିଠୁ ବଲିନେୟ୍ ଆମ୍‌ହର ନୂଆଁ ବହୂଟାକେ ଇଠେ ଦିଅ । ଆଉ ତମ୍‌ହର ଘରେ ସେ ନୂଆଁ ବହୂଠାଣେ ସଉ । ଆଉ ଆମ୍‌ହର୍ ଇଆଳେ ସୁଇମୁ ଭାଆରିଆ । ଆଉ କିସ କରିଛନ୍ତି ନା ସେଇ ରାଜାରେ ପୁଅ ଆଉ କେସବତି ରାଣି ସୁଟ୍‌ସାଟ୍ ନଗେଇକରି ସେଗା ତାଙ୍କର ଭାଆରି ଆଇନେୟ । ସେଇ ତାଙ୍କର ମେଲା ଘର୍‌କେ । ଆଉ ସେଇ ମନ୍ତରିପୁଅ ଚାଲାକିଆ ଗେଲା ତାଙ୍କର ନୂଆଁ ବହୂ ଠାଣିକେ । ସିଠେତ ସୁଇନେୟ । ସୁଇନେୟ ବଳେ ଇଏ କିସ ବଇଲା ନା ସାଦ୍‌ବର ପୁଅ, ଆଉ କେଡ଼େ ସୁନ୍ଦର ନୂଆଁ ବହୂଟା ଆଣିଛନ୍ତିଜେ କହୁଛି ସିଠେ ସଉ ବଲି, ଆଉ ଦେଖ୍‌ନା କେଡ଼େ ସୁନ୍ଦର ଆଣିଛନ୍ତି । ବଲିକରିତ ସେ ସାଦ୍‌ବର ପୁଅ ଦେ ଡୁଣ୍ଡକି । ଡୁଣ୍ଡକି ଦେଲା ଝରକାରେ । ଡୁଣ୍ଡକି ଦେଲାବଳେତ କାଟିଦେଲା ମନ୍ତରିପୁଅ ତାର୍ ନାକ୍‌ଟା । ନାକ୍‌ଟା କାଟି ଦେଲାତ । କାଟି ଦେଲାବଳେ କି କହିଲା ନା, ସଳା ମୁଇଁ କାଲି ବାହା ହେଇଛେୟଁ, ଆଉ୍ ସଳା ମର ନାକ୍‌ଟା କାଟିଦେଲା । ନକ କିସ ବଲିମେୟ । କହିଲା କି ଆଉ ଚୁଅରେ ଛିଳି ପାଇଲା । ଚୁଅରେ ଛିଳି ଫଳିକରି ମଇଲା । ଆଉ ମରିଆକ୍‌ନିନା ? ରାତି ପାହି ଆଇଲା ବଳେ ଆଉ ବଲୁଛନ୍ତି । ଅନ୍ଧାରୁ ଆମ୍‌ହର ନୂଆଁ ବହୂଟାକେ ବଟେଇ ଦିଅ । ଆମ୍‌ହର ଖରାହାକେ ପଳାଉଁ । ଭାଆର୍ କରିଦିଅ । ବଳେ ସିଠୁ କାଇଁ ତମହର ନୂଆଁ ବହୂଟା କାଇଁ । ମନ୍ତରି ପୁଅ ବୁଧିକାରି, ସିଏ ଭାଆରି ଜାଇ ଅଦବାଟ୍‌ରେ ବଇଛି । ପଳେଇଛିନି ବଳେ ଇମାନେ କହୁଛନ୍ତି ଆମ୍‌ହର ନୂଆଁ ବହୂଟାକେ ଭାଆରେଇ ଦିଅ, ଆମ୍‌ହର ଖରାହାକେ, ଆମ୍‌ହେ ପଳାମୁ । ଆଉ ଦିଅ ବଟେଇ । ଇମାନେତ ଆଉ ନୂଆଁ ବହୂଟାକେ ପାଇକି ନାଇ ଇଆଙ୍କର୍ । ବଳେ ରାଜାର ପୁଅ କିସ ବଲୁଛି, ନାଇଁ ତର୍ ପୁଅ ଧରିକରି ପଳେଇଛିନି । ଆମ୍‌ହର ନୂଆଁ ବହୂଟା ଏଡ଼େ ସୁନ୍ଦର ଆଉ ତୁମହେ କହୁଛଜେ । ତମ୍‌ହର ନୂଆଁ ବହୂଟା ଦିଅ ଆମ୍‌ହର । ଖରାହାକ୍ ପଳାମୁ । ବଇନେୟ କେସବତି ଆଉ ରାଜାର ପୁଅ ହେଇକରି । ଆଉ ସାଦ୍‌ବର ପୁଅକେ ଦେଖ୍‌ନେୟଜେ ସିଏତ ନାଇଁନି, ଚୁଅରେ ଛିଳିଛିନି । ସାଦ୍‌ବ ପୁଅକେ ଖଜୁଛନ୍ତିଜେ ଆଉ ପାଉଛନ୍ତି । ନାଇଁ ବଳେ ସିଠୁତାର୍ ନୂଆଁ ବହୂକେ ଦେନେୟ ବଟେଇ । ମନ୍ତରିପୁଅ ତାର୍ ଆଗ୍‌ରେ ବଇଛି । ଆଉ ତାଙ୍କର ସେଇ କେସବତି ରଜାର ପୁଅ ହେଇକରି ଆଇନେୟ । ସିଠୁ ସେଇ ସାଦ୍‌ବର

ବହୁକେ ହିଁ ଆଣି ଆଇନେୟ, ସଙ୍କେଇସ ରାଜାର୍ ଝିଅକେହିଁ ଆଣି ଆଇନେୟ ତାଙ୍କର ଦୁଇ ସଙ୍ଗାତ । ସଙ୍ଗାତେ ! ତମହେ ସିନା ଏଡ଼େ ମୁର୍ଖ, ମକେ ଟିକା ମାଖି ଜାଣସ ହାଣିକରି ଇତି କହିଲା ମନ୍ତରିପୁଅ । ସାଦ୍ବର ପୁଅ, ଆଉ ଦେଖିନେୟ ବଳେ ଚୁଅରେ ଫଳିଛି ଫୁଲିକରି । ନାକ୍‌ଟା କାଟିଦେଲା ଜେ, ଆଉ ଆମ୍‌ହର ବହୁକେ ନେଇଗେଲା, ରାଣ୍ଡିଖିଆ ନେଇଗେଲା ।

**ଚଣ୍ଡ, କେଉଁଝର**

**ଶବ୍ଦାର୍ଥ :**

ପାହାରିଗେଲା - ଅତିକ୍ରମ କରିଗଲା, ର - ରହ, କ -କହ, ଛେଙ୍କୟ୍ - ଓଗାଳେ, ଗାଧିଆଇଲା - ଗାଧୋଇ ଆସିଲା, କେଁଆଳେ - କେଉଁଆଡ଼େ, ଟାଟିଏ - ତାଟିଆଏ ଗୁଇଁଠେ - ଗୋଇଠାଏ, ପକ୍‌ଲା - ଏକା, ନାଉକା - ନୌକା, ହଲ୍‌କେଇ - ହଲାଇ, ସଙ୍କା - ଶଂଖା, ସଦାଦିନେ - ସବୁଦିନ, ଟାଟିଆଁଚଳେଇ - ବାଇଚଟିଆ, କାମ୍‌ଳାକାମ୍‌ଳି - କାମୁଡ଼ା କାମୁଡ଼ି, ଫଇନେୟ -ପଡ଼ିଲେ, ବଲୁଛି - କହୁଛି, ନମା - ଲମ୍ବା, ଖାଇକେ - ଖାଇବାକୁ, ଗେନେ -ଗଲେ, ସିଠ୍‌କେ - ସେଠାକୁ, ଡୁବି - ବୁଢ଼ି, ସୁଲ୍‌ହା -ବୁଢ, ଟିଣ୍ଡି - ଛୋଟ, ଫୁଲ୍‌ସି -ପୋଲିସ, ସଦାବେଳେ - ସଦାସର୍ବଦା, ତମ୍‌ହେ - ତୁମ୍ଭେ, ବଇଲା - କହିଲା, କରିଆକେ - କରିବ, ଏକଳେ - ଏକଡ଼ରେ, ଫଟ୍‌ଫାଟ୍ - ଶୀଘ୍ରଶୀଘ୍ର, ଉଆସ - ଅନ୍ତଃପୁର, ଗହଣାପତର୍ - ଅଳଂକାର, ଡିହ - ପଡ଼ିଆ, କସ୍ - ଅତ୍ୟନ୍ତ, ଠେକେଇ - ଲଗାଇ, ଚୁହି - ଚୋଷି, ରୁସି - ଋଷି, ବେସ୍ - ବେଶ, କଟେ - ଗୋଟିଏ, ପରକାର - ପ୍ରକାର, ହାଠେ - ସେହିପରି, ଘର୍‌କିବ - ଦୌଡ଼ିବ, ନୁଆଁ - ନୂଆ, ସଉ -ଶ୍ରୁ, ଭାଆରିଆ -ବାହାରିଆ, ମେଲା - ଖୋଲା, ଚାଲାକିଆ - ଚତୁର, ଡୁଣ୍ଡ୍‌କି - ଦେଣ୍ଡୁକି, ଚୁଅ - କୂପ, ଛିଳି -ଛିଡି, ଫଳି - ପଡ଼ି, ମଇଲା - ମରିଲା, କାଇଁ - କାଇଁ - କାହିଁ, ପକାମୁ - ପକାଇବୁଁ, ବଟେଇ - ପଠାଇ, ବଇଛି - ବସିଛି, ବହୁକେହିଁ - ବହୁକୁ ମଧ, ରାଣ୍ଡିଖିଆ - (ଗାଳି ବିଶେଷ)

□□

# କଁଚନି ଝିଅ

ତାଙ୍କର ଚାରିଭାଇ । ଗୁଟେ ଭଅଣି । ଗୁଟେ ଭଅଣିକେ ଆଉ ତାଙ୍କର ଚାର୍‌ଭାଇର ଚାର୍‌ଝଣ ବାହାହେଇ ଆଇଛନ୍ତି । ଆଉ ସେଇ ଭଅଣିଟା ତାର ନାଁ ହେଉଛି କାଁଚନ । ଇଏ ତାଙ୍କର କିସ କହିଲେନା ତୁମ୍‌ହେ ଥାଅ ବହୁଲାକ ରାନ୍ଧିବାନ୍‌ହି କରିଖାଇବ, ଆମ୍‌ହେ ଲାଉଛୁଁ ବେପାର କରି । ଚାର୍ ଭାଇ ଗେନେୟ୍ । ଇଏ ଗେନେୟକେ ଚାର୍‌ବହୁ ସେ ନଣ୍ଦେ ଘିନିକରି ଗାଧିକି ଗେନେୟ । ଗେନେୟବେ ସିଠେ ଗୁଟେ ଡୁମ୍‌ରି ଫଲ୍ ଗଛଥାଏ । ଆଉ ଗୁଟେ ବେଣା ସାଁପ୍ ଡୁମ୍‌ରି ଫଲ୍ ଖାଉଥାଏ । ଇଏ ଲେତେବେଲେ ଗେନେୟ, ହେ ଡୁମୁରିଫଲ୍ ଦେନା ଦୁଇଟା ପାଲି । ମୁଇଁ ଦୁଇଟାଖାଏଁ । ସିଏ କହିଲା ହ ମର ଭୁଖ ନାଗୁଛେ, ମୁଇଁ ଖାଉଛେଁ, ତମ୍‌ହର ନାଗି ଦେମିନା । ମୁଇଁ ଦିନ୍ ପେଟେ ଖାଏଁ । ଆଇ୍ ତମ୍‌ହକେ ଦେନେ ସରିଲିଆକେ । ନା ଏତେ କଥାକିସ । ଆମ୍‌ହେ ଏଇ ନଣ୍ଦେଟାକେ ଦେଇଦେମୁଁ ଲିନ୍ତି କହିନେୟ ବେଣା ସାଁପ ହଁ କହିଲା । ସିଠୁ ଝାଲିଦେଲା, ଖାଇନେୟ । ଖାଇକରି ଇଆକେ ପେଲେଇ ଦେଇକରି ପଳେଇ ଆଇନେୟ । ପେଲେଇ ଦେଲା ବେଲ୍‌କେ ସାଁପ ଘିନିଗେଲା । ଇମାନେତ ଘରକେ ପଳେଇ ଆଇନେୟ । ସିବାଟେ କିସ ହେଲାନା ତାଙ୍କର ଚାର୍‌ଭାଇ ବେପାର କରି ଆଉଛନ୍ତି । ଇଏ କିସ କହୁଛୁନା କାନ୍ଦୁଛି -

ଚାରିଭାଇ ଲାଇଛନ୍ତି ଲାହାଜ ବେପାର
ଚାରି ବହୁ ଦେଇଗେନେୟ ନଳା ଡୁମୁରିର ।

ସିଠୁ ସିବାଟେ ଲଁ ଆଇନେୟ ନା ଚାରିଭାଇ କହିନେୟ କିଏ କାନ୍ଦୁଛି । ଆମ୍‌ହର କଁଚନି ରକମ୍‌ତ ସଦଉଛି । ଫେର୍ ଆଉତରେ କହିଲା । ର, ବସନା ସୁଣ୍‌ବା । ସିଠୁ ସୁଣିକରି ଆଇନେୟ । ଆଇଲା ବେଲ୍‌କେ ସଳା ବେଣା ସାଁପ ବେଣ୍ଟିଛି । ସେଇ ବେଣା ସାଁପ୍‌କେ ଇମାନେ ହାଣି ଦେନେୟ୍ । କାଣ୍ଡ ନେଇଥିନେୟ, ମାରିଦେନେୟ, ଦେଇକରି ଭଅଣିକେ ଛାଳେଇ ଆଣିନେୟ୍ । କହିନେୟ କିରେ କାଁଚ୍‌ନ କିସ ନାଗି ତୁଇ ଆଇଲେ ଇଠ୍‌କେ ଏକ୍‌ଲା । ନା ଚାରିବହୁ ନଳା ଡୁମ୍‌ରି ସକାସେ ପାଳିଦେ କହିନେୟ, ଆଉ ମକେ ପେଲେଇ ଦେଇକରି ପଳେଇନେୟ । ଆଉ ମୁଇଁ ଇଠେତ କାନ୍ଦୁଛି ଏଗରକମ୍ । ଭାଇମାନେ ବେଣା ସାଁପକେ ଲୁଗାଲିଦରି

ତାର୍ ମାଈଁସକେ ଘିନି ଆଇନେୟ ଆଉ କଁଚନିକେ ନେନେୟ । ଘିନି ଆସିକରି ଘରେ ପହଁଚି ନେୟ । ବଇନେୟ ସଲା ବେଣା ମାଈଁସ ଖାଇକରି ମରନ୍ତୁ ଇମାନେ । ଆଉ ଆମ୍‌ହେ ରଖିବା ନାଇଁ ଇମାନ୍‌କେ । ଦେଇ ବଇନେୟ୍ ଆମ୍‌ହେ ସମ୍‌ର ମାଈଁସ ଆଣିଛେ ଯଁ । କଁଚନିକେ କହିନେୟ ତୁଇ ଖାଇବେ ନାଇଁ । ଚାରି ବହୁତ ଖାଇନେୟ୍ । ଖାଇକରି ସଇଁଧା ହେଲାଠାଣୁ ଇଏ ବଲୁଛି ଏ ନିନା ମର୍‌ମଥା ଝିମ୍‌ଝାମ୍ କରୁଛି, ସିଏ ବଲୁଛି ମର୍‌ମଥା ଝିମ୍‌ଝାମ୍ କରୁଛି । ଏଇରକମ୍ ହେଇକରି ଚାରିବହୁ ଜାକ ମରିଗେନେୟ । ମରିଗେନେୟ ଜିନ୍ତି ଚାରିଭାଇ ସାରା କହିନେୟ ସଲା ଆମ୍‌ହେତ ମାରି ପକେଇନୁ । ସଲା କଁଚନି ନାଇଁଥିନେ ନାଇଁଦ୍ ତା, ଇଆର ଦେଇରେ ଆମ୍‌ହେତ ସଲା ଚାରି ଭାଇ ଜାକ ରାଣ୍ଡା ହେନୁ । ଆଉଥରେ ସିଠୁ ବାହା ହେନେୟ । ବାହା ହେଇକରି ବହୁ ମାନେ ସବୁ ଆଇନେୟ । ଆଜି ତୁଇ ରାନ୍ଧିବେ, କାଲି ତୁଇ ରାନ୍ଧିବେ ଇଁତି ପାଁଦିନ୍ ହେଇଗେଲା । ସବୁ ବହୁ ରାନ୍ଧିନେୟ ଦିନେ ଦିନେ । ଦିନେ କଁଚନିର ପାଳି ପଡ଼ିଲା । ସିଏ କିସନା ସାଗ ଧୁଇତେ ଧୁଇତେ କାଟିହେଲା । ସିଏ କିସ କଇଲାନା ସେଇ ନହୁକେ ସାଗରେ ସାନିକରି ସିଇ ଦେଲା । କିଏ ସାଗ୍ ସିଜେଇଛି । ଭାରିତ ମିଠା ନାଗୁଛି । କାଇଁ ଚାର୍‌ବହୁ ସିଜାନ୍ତିଳେ ମିଠାତ ଭଲ୍ ନାଗୟନି । ପଚାରନା । ନା ତମ୍‌ହରତ କଁଚନି ସିଜେଇଛି ନହୁଟିକେ ସାନିକରି । ଇଏ ସବୁ କିସ କହିନେୟନା ଇଆର୍ ନହୁଟାତ ଏତେ ମଧୁର, ତାହାନେ ତାର ମାଈଁସଟା କେଡ଼େ ମଧୁର ନାଇଁ ହେଇ ଥିଆକେ ।

ହାଟୁ ଚାରିବହୁକେ କହିନେୟ ଚୁଲା ଚାଉଲ କର, ଆଉ କଁଚନିକେ ସାସୁ ଘରକେ ନେଇ ଜିମୁ । ନେଇ ଗେନେୟ୍ । ଗୁଟେ ଖାଣ୍ଡିଆ ବଲ୍‌ଦ ନେନେୟ । ତାଙ୍କର ଛେଦାଣ ନେନେୟ । ଭୁଜା, ଚାଉଳ, ଡାଲି । ଆଉ ସବୁ ଭାଇ ନେଇ ଛାଳିକି ଗେନେୟ । ନେଇ ଛାଳିକି ଗେନେୟଜେ ସେଇ ଭଅଣି ଜାଣି ପାଇଲାନି ମକେତ ମାରି ଦେଇକରି ବାଟ୍‌ରେ ଇମାନେ ଖାଇଦେମେୟ । ସେଇ ସାନ୍‌ଭାଇକେ କିସ କହିଥାଏ, ନା ତୁଇ ଖାଇବେନି ଦେଖ୍ । ତୁଇ ଆଉ ସେଇଆଳେ ବଲ୍‌ଦଟା ନେଇଜିବେ । କଲ୍‌ଜା ଫଲ୍‌ଲା ଗୁଟେ ଘାଲି ଆଣିବେ । ଆଣିକରି ଫୁଡ଼ିକରି ଖାଇବେ ସିଆଳେ । କେଡ଼େ ମିଠା ନାଗୁଛି କହିନେ ବେଡ଼େ ମିଠା କହିବେ । ଆଉ ଗୁଡ଼ ମୁଣ୍ଡ ସବୁ ରଖି ଦେଇଥାଅ ବଲିକରି କହିବେ । ଏଇ ମୁଇଁ ଜାଉଛେଯଁ ଘରୁ ଘିନିକି । ମକେ ଗୁଡ଼ ମୁଣ୍ଡ ସବୁ ରାଖି ଦେଇଥିବ । ମୁଇଁ ଆଇନେ ଫୁଡ଼ିକରି ଖାଇବି ଇନ୍ତି

କହି ବବଲି ସେଇ ସାନ୍‌ଭାଇକେ କହିଦେଲା । ସିଠୁ ସାନ୍‌ଟା ସିନ୍ତି କହିକରିଗେଲା । ମାଇଁସ ଫାଇଁସ ଭାତ୍ ଫାତ୍ ହେଲା । କହିନେୟ ତର ମୁଣ୍ଡ ଗୁଡ଼ନେ । ଭାତ୍‌ନେ କହିନେୟବଲେ କହିଲା ମକେ ଅଲଗା ଦିଅ । ଗୁଟେ ଜାଗାରେ ତିନ୍‌ଭାଇ ଖାଇନେୟ । ସାନ୍‌ଟା କିସ କଇଲାନା ସେଇ ଖାଇତେ ଖାଇତେ ଗୁଟେ ଟିକିରା ଥିଲାନା ସେଇ ଗୁଡ଼ ମୁଣ୍ଡକେ ଗଲେଇ ଦେଲା/ଦେଇକରି ତାର ଖାଇଲା । ଖାଇସାରିକରି ଚାଲ୍‌ଯିବା । ଚାଲ ଯିବା କହିତେ ଗୁଟେ କୁକୁର ଜାଇଥାଏ, ପୁସା କୁକୁରଟା । କହିନେୟ୍ ଏ ସଳାତ କହିଦାକେ, ବହୁମାନକାର ଠାଣେ ହାଣିକିରି ଖାଇଦେଇଛନ୍ତି ବଲିକରି । ସିଠୁ ତାକେବି ହାଣି ଦେନେୟ । ହାଣି ଦେଇକରି ସେ ଟିକିରା ଗାତ୍‌ରେ ଗଲେଇ ଦେଇକରି ପଲେଇ ଆଇନେୟ୍ । ପଲେଇ ଆଇତେ ତାର୍ ସାସୁଘର କିସ କରିନେୟ୍‌ନା ବହୁଟା ଏତେଦିନ୍‌ଗେଲା, କାଇଁ ଆଣି ଛାଳିନେୟ ନାଇଁ କହିକରି ଜେଁ ବାଟ୍‌ରେ ଇମାନେ ନେଇ ଛାଳିଥିନେୟ ସେଇ ବାଟ୍‌ରେ ଆଉଛନ୍ତି । ଆଇଲା ବେଲ୍‌କେ ଖାଲି କଁଟନି ଫୁଲ ଏକ୍‌ଦମ୍ ଫୁଟିକରି ସପ୍ । ସାସୁ କିସ କହିଲା ଏ ବୁଢ଼ା ଇଠୁ ଦୁଇଟା ଫୁଲନେନେ ଆମ୍‌ହର ବହୁଟା ପିନ୍ଧିଥାକ୍ । ବଢ଼ିଆଁ ଦିସୁଛି । ବୁଢ଼ା କହିଲା ତାହାନେ ଜାଏଁ ଆଣୟାଁ ଇଏ ଜଁ ତଲେ ଥିଲାନିନା କିସ କହୁଛି –

ଭୁଲିରେ ଭୁଲି ଫୁଲମ କିଏ ତୁଳନ୍ତି, ନାଇଁ ଗ ନିନା
ସସୁରା ଆସି ତୁଳନ୍ତି
ଡାଳନ ଭାଙ୍ଗିବ ସସୁରା ପତ୍ର ନ ରୁଅିବ
କଁଟନି ଫୁଲରୁ ନେନେ ଗୁଟିଏ ନେବ ।

ମାନେ ଡାଳ ଭାଙ୍ଗି ଦେନେ ହାତ ଗୁଡ଼ ତାର ଖାଣ୍ଡିଆ ହେଇ ଜିଆକେ । ଏଇ ରକମ୍ କହିକରି ତାର ଜଁ ତଲେ ଥିଲା ନାଇଁନା ଏକଦମ୍ ସରଗକେ ଉଠିଗେଲା । କହିଲା ଗିତତ ଭଲ୍ ଗାଉଛି ଆମ୍‌ହର କଁଟନି ନାଁରେ । ଆଉ କିସ ନାଗି ଗାଉଛି । ନା ବୁଢ଼ା ତୁଇତ ଆଣି ପାଇଲେନି, ମୁଇଁଜାଏଁ । ସିଠୁ ବୁଢ଼ିଗେଲା ।

ଭୁଲିରେ ଭୁଲି ଫୁଲମ କିଏ ତୁଳନ୍ତି, ନାଇଁଗ ନିନା
ସାସୁଜେ ତୁଳନ୍ତି
ପତ୍ର ନ ଭାଙ୍ଗିବ ସାସୁ ଡାଳନ ଭାଙ୍ଗିବ
କଅନି ଫୁଲରୁ ସାସୁ ଗୁଟିଏ ନେବ ।

ଏଇ ରକମ୍ କହିକରି ଚାଲିଗେଲା ଏକ୍‌ଦମ୍ ସରଗକେ । ଇମାନେ ପଲେଇ

ଆଇନେୟବଳେ ଫେର୍ ତଳକେ ଆସି ହେଇଗେଲା । ଏଇରକମ୍ ହେଇକରି ଇମାନେ ତୁଳି ପାଇନେୟନି । ବଇନେୟ ଚାଲ ଜିବା, ଦୁଇଟା ନେଇଥିନେ ଆମ୍ହର ବହୁଟା ପିନ୍ଧିଥିତା, ଆଉ ତୁଳି ପାଇନୁନି । ସିଠୁ ଗେନେୟ, ଦେଇକରି କହିନେୟ କାଇଁ ବହୁଟା ଅମ୍ହର ନେଇ ଛାଡ଼ିଲ ନାଇଁ । ସିଠୁ ତାର ଭାଇ ବହୁଗା କହିନେୟ୍ ଭୁଜା ଚାଉଳ ସବୁରକମ୍ତ ଦେନୁ, ଆଉ ନେଇକରି ଗେନେୟ । ଆଉ କାଆଣେ ଗେଲା । ତାର୍ ଭାଇମାନେ କହିନେୟ ନାଇଁ ନେଇ ଛାଡ଼ିନୁପରା । ନାଇଁ ନେଇ ନାଇଁ । ନେଇଥିନେ ଆଉ କାଆଣେ ଜିତା । ସିଠୁ କଳି କଇଛା କରିନେୟ । ଦେଇକରି ହଉ ଚାଲ, ନାଇଁଗନେ ନାଇଁ, ଆମ୍ହର ଚାଲ । ବାଟ୍‌ରେ ଦୁଇଟା, ଆମ୍ହର ବେଢ଼େ ସୁନ୍ଦର ଗିତ ଗାଉଛି ଦୁଇଟା ନେବା । ତାର୍ ସାସୁ ସସୁରା କହିନେୟା ସିଠୁ ଚାର୍ ଭାଇ ତାଙ୍କର ଗେନେୟ୍ । ଇମାନେ ସାସୁ ସସୁରା ଜେଁଠୁ ଫୁଲ ଆଣି ପାଇନେୟନି ସିଠୁ ତାର ବଡ଼ ଭାଇଗେଲା । ବଡ଼ ଗେଲା ଜିନ୍ତି ଫୁଲ ତୁଳିକି

ଭୁଲିରେ ଭୁଲି ଫୁଲମ କିଏ ତୁଳନ୍ତି, ନାଇଁ ଗ ନିନା
ଭଗାରି ତୁଳନ୍ତି
ପତ୍ର ନ ଭାଙ୍ଗିବ ଗ ଭଗାରି ଡାଳ ନ ଭାଙ୍ଗିବ
କଁଚନି ଫୁଲରୁ ନେନେ ଗୁଟିଏ ନେବ ।

ସେ ବଡ଼ବି ପାଇଲାନି ଫୁଲ ତୁଳି । ଦେଇତେ ମଝିଆଁ ଗେଲା । ସିଏବି ପାଇଲାନି । ଇନ୍ତି ହେଇକରି କେହି ପାଇନେୟନି । ସିଠୁ ସାନ୍‌ଗେଲା ।

ଭୁଲିରେ ଭୁଲି ଫୁଲମ କିଏ ତୁଳନ୍ତି, ନାଇଁ ଗ ନିନା
ସଗାଲୁ ତୁଳନ୍ତି ।

ସଗାଲୁ ତୁଳନ୍ତି ଜେତେବେଳେ କହିଲା ଖାଲିଫୁଲ ଏକ୍‌ଦମ୍ ନେଥି ହେଇଗେଲା । ସିଠୁ ତାର ସାନ୍‌ଭାଇ ଜିଏ ସଗେଇଥିଲା ଗଛଟାକେ ହାଣିଦେଲା । ହାଣିଦେଲା ଜିନ୍ତି ମୁଣ୍ଡଟା ହେଲା କୁକୁର, ଡାଳଟା ହେଲା କଁଚନି । ତାଙ୍କର ବହୁକେ ନେଇକରି ସାସୁ ସୁସୁରା ପଳେଇ ଗେନେୟ ।

କଇଳାସ ଦନେଇ
ପାଟପୁର, ଉଦଳା

**ଶବ୍ଦାର୍ଥ :**

ଗୁଟେ - ଗୋଟିଏ, ଭଅଣି - ଭଉଣୀ, ବାଲ୍‌ହି - ବାଡ଼ି, ବେପାର - ବ୍ୟବସାୟ, ବାଣିଜ୍ୟ; ନଣ୍ଦ - ନଣନ୍ଦ, ଘିନିକରି - ସାଙ୍ଗରେ ନେଇ, ସାଁପ୍ - ସାପ, ପାଳିବା - ବିଛାଇବା, ଝାଳିଦେଲା - ଅଜାଡ଼ିଦେଲା, ପେଲେଇ - ପେଲି, ସବଦଉଛି - ଶବ୍ଦହେଉଛି, ବେଣ୍ଟିଛି - ବେଢ଼ିଛି, ସକାସେ - ନିମିତ୍ତ, ଇମାନେ - ଏହିମାନେ, ସମ୍ବର - ସମ୍ବର, ମାଇଁସ - ମାଂସ, ଧୂଇତେ ଧୂଇତେ - ଧୋଉଁଧୋଉଁ, ସାନିକରି - ମିଶାଇ, ସିଜେଇ - ସିଝାଇ, ନାଗୁଛି - ଲାଗୁଛି, ମଧୁର୍ - ମିଠା, ହାଟୁ - ତହିଁ ଉତ୍ତାରୁ, ଚୂଳା - ଚୂଡ଼ା, ଘାଲି ଆଣିବେ - ମାରି ଆଣିବୁ, ଫୁଡ଼ିକରି - ପୋଡ଼ି, ଟିକିରା - ଉଇଗାତ, ପୁସା - ପୋଷା, ସପ୍ - ଛତା, ନେନେ - ନେଲେ, ବଢ଼ିଆଁ - ଅତିସୁନ୍ଦର, ରୁଞ୍ଜବ - ଟାଣିବ, ନିନା -ନାନୀ, ଫେର୍ -ପୁଣି, ଜିତା - ଯାନ୍ତା, କଳିକଇଚା - କଳିକଜ୍ୟା, ମଝିଆଁ - ମଧ୍ୟମ, ସଗାଳୁ - ଦୟାଳୁ, ସଗେଇଥିଲା - ଦୟା କରିଥିଲା ।

□□

# ସୁଲସିଂ ରାଜା ଆଉ ମନ୍ତରି

ସୁଲସିଂ ରାଜା ତାଙ୍କର ରାଣିକି କହୁଛନ୍ତି । ଏହ ରାଣି ତମ୍‌ହେ କଣ୍‌ସିଦିନ ଭଲ୍ ମନ୍ଦ କଥା କିବା ପୁଥି ସାହାସ୍ତ କଥା କହିଲନି, ଏଇରକମ୍ ସବୁ ଦିନେ ଜାଉଛି । ରାଣି କହିନେୟ ମହାରାଜ ମୁଇଁ ଜାଣୟ ନାଇଁ, ଜଦି ଆପଣ୍ ଜାଣନ୍ ମକେ କହୁନ୍, ରାଜା ପର୍‌ସନ ଦେନେୟ ରାଣିକେ । ଏକ୍ ଦୁଇ ତିନ୍ ଚାର ପାଁଚ୍ ଛଅ ସାତ୍ ଆଠ୍ ନଅ ଦସ, ଏଗାର, ବାର ଅର୍‌ଥ ନିକାଲ । ବାର ଅର୍‌ଥ କହି ନାଇଁ ପାଇଲେ ତାକେ ଗାଁ ଭାଆରିଆ ମାର । ରାଣି ବାର ଅର୍‌ଥ କହି ପାଇଲେ ନାଇଁ । ରାଜା ତାଙ୍କର୍ ମନ୍ତ୍ରିକେ କହିନେୟ୍ ମନ୍ତରି ଜୁଅ, ରାଣିକେ ସୁଳିଆ ପଦାରେ ସୁଳି ଦିଅ । ମନ୍ତରି ରାଜାର ଆଦେସ୍ ସୁଣି ରାଣିକେ ଧରି ନେଇ ଗେନେୟ । ରାସ୍‌ତାରେ ରାଣି କହିନେୟ୍ କିହ ସୁହୁଳ କଳାରୁ ହେଉଛନ୍ତି ରାଜା, ବତିସ କଳାରୁ ହେଉଛନ୍ତି ମନ୍ତରି । ଆପଣ୍ ଏତେ ବଡ଼ବଡ଼ ମନ୍ତରି ହେଇ ତିରି ହଇତା ଦୁସଟା କିସ ନାଗି କରିବେ । ମତେ ତୁମ୍‌ହେ ରଇଖାକର । ମେଣ୍ଢାଗୁଟେ ମାରିକରି ରାଜାକେ ନେଇଦିଅ । ମନ୍ତ୍ରି ଭାବିନେୟ୍ ପର୍‌କୁତ୍‌ରେ ରାଣି ଜେଁଟା କହୁଛନ୍ତି ଠିକ୍ । ଏତେବଡ଼ ମନ୍ତ୍ରି ହେଇକରି ଆଉ ତିରି ହଇତା ଦୁସ କିନାଗି ମୁଇଁ ଭୁଗିବି । ସିଠୁ ରାଣିର କଥା ଅନୁସାରେ ଆଉ ମେଣ୍ଢା ମାରିକରି ତାର ନହୁ ରାଜାକେ ଦେନେୟ୍ । ଆଉ ରାଣିକେ ତାଙ୍କର୍ ଘରେ ରକ୍‌ନେୟ୍ । ସିଠୁ ରାଣିତ ଗର୍‌ଭବାସ ହେଇଛନ୍ତିନି । ଇସ୍ତିରି ହଇତା ଦୁସ ପାପ ଅର୍‌ଜିମେୟ ବଲି କହୁଛନ୍ତି । ଆଉ ଗର୍‌ଭବାସ ହେଇଛନ୍ତି । ଆସ୍ତେ ଆସ୍ତେ ସିଠୁ ଦସ୍‌ମାସ୍ ହେଲା । ଜେଁଠୁ ଦସ୍‌ମାସ୍ ହେଲା କେତେଦିନ୍ ପରେ ତାଙ୍କର୍ ଗୁଟେ ପୁଅ ଜନ୍‌ମ ହେଲା । ସିଏ ବଳ୍‌ହି ବଳ୍‌ହି କରି ଇସ୍‌କୁଲ୍‌କେ ଗେଲା । ଭଉତ ପିଲା ପଢ଼୍‌ହୁଛନ୍ତି । ଦିନେ ତାଙ୍କର ଖଡ଼ିଟା ଗଡ଼ିଗଡ଼ି ଗେଲା । ସିଏ ପିଲାମାନକେ କହିନେୟ ଖଡ଼ିଟା ଗଡ଼ିଗେଲା, ଆଉ ମକେ ଦିଅ । ପିଲାମାନେ କହିନେୟ ଖଡ଼ିଟା ଗଡ଼ିଗେଲା, ଜିବାପିଆ ଛୁଆ କିସ ହେଲା । ଆଚ୍ଛା, ଆମ୍‌ହର ବାପ ନାଇଁତ କେଁରକମ୍ ଜନ୍‌ମ ହେଲି । ସିଏ ଚଟ୍‌କରି ପଳେଇ ଆଇଲା । ମନ୍ତ୍ରି, ତାଙ୍କର୍ ପୁଅ, ଝିଅ ଇସ୍ତିରି ସମତେ ତାକେ କେଡ଼େ ସିନେହ ଆଦର୍ କରନ୍ତି । ଆଉ ଇସ୍‌କୁଲକେ ଆସିଲାବେଳେ ଅଦ୍‌ବାଟ୍‌ରେ ଛାଡ଼ି ଦିଅନ୍ତି । କେତେ ସିନେହ ଆଦର୍ କରି ଅଦବାଟୁ ନେଇଜାନ୍ତି ଘର୍‌କେ । ଆଉ ସିଦିନ୍ କେଁଠ୍‌କି ଜାଇଛନ୍ତି ଦେଖିନେୟଜେ ଆଉ ନାଇଁ । ସିମାନେ ଇସ୍‌କୁଲ୍ ପିଲାମାନ୍‌କେ

ଜାଇକରି ପଚାର୍ନେୟ, କିହ ଆମ୍ହର ବାବୁକାଇଁଗେଲା । ମାସ୍ଟରକେ ପଚାରିନେୟ, ମାସ୍ଟର୍ବି କହିନେୟ୍ ହଁ, ଇମାନେ ଆସିଥିନେୟ୍, ଆଉ କାଆଣେ ଗେନେୟ୍ କହିପାରିମୁନି । ଖୁଜିଖୁଜି ଜାଇକରି ଦେଖିନେୟ୍ କେଁଠେ ଗୁଟେ ଅଜାଗାରେ ସୁଇଛନ୍ତି । ମନ୍ତରି, ତାଙ୍କର ରାଣି, ତାଙ୍କରବହୁ, ତାଙ୍କର ପୁଅ ସଭିଏଁ ଜାଇକରି ଦେଖିନେୟଜେ ଏଇରକମ୍ ଅଜାଗାରେ ସୁଇଛନ୍ତି । ଅପରିଷ୍କାର୍ ଜାଗାରେ । କିପେଇଁ ତୁଇ ଏଇରକମ୍ ସୁଇଛେ କ' । ତକେ କିଏ କିସ କହିଲା । ତକେ ଜିଏ ଦୁସ ଦେଇଛି ତାକେ ଆମ୍ହେ ଦଣ୍ଡ ଦେମୁ । ଆମ୍ହେ ଇଛା କଇଲେ ଧନିକେ ନିରଧନି କରି ପାରଉ ଆଉ ନିରଧନିକେ ଧନି କରିପାରଉଁ । ତକେ କିଏ କିସ କହିଲା କଅ । ନା, ସଇତ କରିବ ହେନେ କହିବି । ମୁଇଁ ଗୁଟେ କଥା ସୁଣିକରି ଆଇଲି ଇସ୍କୁଲ୍ରୁ । ପିଲାମାନେ ମକେ କହୁଛନ୍ତି ଜେ, ସଇତ ନାଇଁ କଇଲେ ମୁଇଁ କହିବି ନାଇଁ । ସଇତ କଇନେ ଜାଇ କହିବି । ମୁଇଁ ଜାହା କହିବି ସତ କହିବତ ? ନାଁ, ହଁ ସତ କହିମୁ । ମର୍ ବାପ୍ ନାଇଁନି, ମୁଇଁ କିନ୍ତିକରି ଜନ୍ମ ହେଲି କୁହ । ପିଲାମାନେ ନିବାପିଆ ଛୁଆବଲି କହୁଛନ୍ତି । ଆଉ ମର ବାପ୍ ନାଇଁନି କିନ୍ତି ଜନ୍ମ ହେଲି । ଏଇ କଥାକିରେ ବାପ । ନାଁ, ହଁ । ସୁଣ୍ କହୁଛି । ସୁଜସିଂ ରାଜା ହେଉଛନ୍ତି ତର୍ ବାପ । ଆଉ ଦିନେ ମକେ ପଚାର୍ନେୟ୍ ତର ବାପା, ରାଣି, କଣସିଦିନ ଭଲ୍କଥା କହିଲ ନାଇଁ ବା ପୁଥି ସାହାସ୍ର କଥା କହିଲ ନାଇଁ, ସବୁଦିନେ ଏଇରକମ୍ ଜାଉଛି । ଆଜି କିଛି କଥାକୁହ ମୁଇଁ ସୁଣିବି । କହିଲା ବେଲ୍କେ ମୁଇଁ କହି ପାଇଲିନି । ରାଜାକେ କହିଲି ରାଜା, ଆପଣ୍ କହିନେ ମୁଇଁ ସୁଣିବି । ସିମାନେ ମକେ ପରସନ ଦେନେୟ୍ ଏକ୍ ଦୁଇ ତିନ୍ ଚାର୍ ପାଞ୍ଚ ଛଅ ସାତ୍ ଆଠ୍ ନଅ ଦସ୍ ଏଗାର ବାର, ବାର ଅରଥ ନାଇଁ କହିନେ ତାକେ ଗାଁ ବାହାରିଆ ମାର । ମୁଇଁ କହିପାଇଲି ନାଇଁ । ରାଜା ମନ୍ତ୍ରିକେ କହିନେୟ ମନ୍ତରି ସୁଳିଆପଦାରେ ତାକେ ସୁଳିଦିଅ । ଆମ୍ହର ରାଣିକେ । ମନ୍ତରି ସୁଳିଆପଦାରେ ମକେ ସୁଳି ଦେନେୟ ବଲି ବସିଥିନେୟ, ମୁଇଁ କହିଲି ସୁଜ କଳା ହେଉଛି ରାଜା, ବଡିସ କଳା ମନ୍ତରି । ଆପଣ ପରକୁତ୍ରେ ଏତେ ବଡ଼ କରତା ହେଇକିରି ଇସ୍ତିରି ହଇତା ଦୁସ କିନାଗି ଅରଜିବେ । ମୁଇଁ ଗରଭବାସ ହେଇଛେଁ, ଆଉ ମୁଇଁ ତମ୍ହର ଧରମ୍ଝିଅ ହେଲି, ଆଉ ତମ୍ହର ଘରେ ମକେ ରଖ । ଆଉ ରାଜାକେ ଗୁଟେ ମେଣ୍ଢା ମାରିକରି ନହୁ ନେଇଦିଅ । ମନ୍ତ୍ରି ସେଇ ଅନୁସାରେ କରିନେୟ । ମକେ ତାଙ୍କର ଧରମ୍ ଝିଅ କରିକରି ରଖିନେୟ । ଗୁଟେ ମେଣ୍ଢା ମାରିକରି ତାର ନହୁ ଦେଇଦେନେୟ୍ । ଏଇ କଥା ହେଇଛି । ଏଇକଥା । ନା, ହଁ । ଆଉବାର ଅରଥ ନାଗିତ କହିଛନ୍ତି । ତାହାନେ ମୁଇଁ ଛିବି ବାର ଅରଥ ନାଗି ।

ମନ୍ତରିକି କହିନେୟ, ତାର୍ ମାଁକେ କହିନେୟ, ସମତ୍‌କେ କହିନେୟ୍ ମୁଇଁ ବାର ଅରଥ ନାଗି ଜାଉଛେୟଁ । ନା ବାପ ବାର ଅରଥ ତୁଇ ଆଣି ପାରିବେ । ଏତେ ବଡ଼ ବଡ଼ ରାଇଜ ରାଜା, ବିରମାନେ ଆଉ ବାରଅରଥ ଆଣି ପାଇନେୟନି, ଆଉ ତୁଇ ଆଣି ପାଇବେକେ ଜାଉଛେ ? ସିଏ ଆଉ କାଆରି କଥା ମାନ୍‌ଲା ନାଇଁ । କହିଲା ମୁଇଁ ଜିବି । ଗେଲା । ଜାଇତେ ବୁଲିବୁଲି କିଛିଦିନ୍ ଜାଇତେ ମେଘୁଳ ରାଇଜରେ ପହଁଚିଲା । ମେଘୁଳ ରାଇଜରାଜା ସୟିମ୍ବର କରିଛନ୍ତିଜେ, ଜିଏ ଗାର୍ ତିନ୍‌ଟା ଡେଇଁଆକେ ସିଏ ମର୍ ଝିଅକେ ବାହାହାକେ । ତାମାନେ ନୁକ ଙ୍କ ହାତି ସଇନ ରଖିଛନ୍ତି ଇଏ ଜାଇକରି ଅଇନ ରାସ୍‌ତାରେ ଜାଉଛନ୍ତି । ନାଇଁ ତମ୍‌ହକେ ଗାର୍ ଡେଇଁକେ ହାକ୍ । ଜେତେବେଳେ ରାଜାପୁଅ ଗାର ତିନ୍‌ଟା ଡେଇଁ ଗେନେୟ୍ ତାଙ୍କୁ ପାଟ୍ ହାତିରେ ବସେଇକରି ମେଘୁଳ ରାଜାର ପୁରକେ ନେଇଗେନେୟ । ତାଙ୍କର ଝିଅ ସାତେ ବାହାଘର୍ କରେଇମେୟ୍ । ସୟିମ୍ବର କରିଛନ୍ତି । ବଳେ ସିଠୁ ସିମାନେ କିସ କରିଛନ୍ତି ନା ସେଇ ମେଘୁଳ ରାଜାର୍ ଝିଅକେ ଆଉ ସେଇ ପୁଅକେ ଗୁଟେ ଘର୍ ଛାଡ଼ି ଦେନେୟ କଥାବାର୍‌ତା ହେବାନାଗି । ଇମାନେ କହୁଛନ୍ତି ସୁଳସିଂ ରାଜାର୍ ପୁଅ ମେଘୁଳ ରାଜାର ଝିଅକେ ମୁଇଁ ତମ୍‌ହକେ ବାହା ହେବି ନାଇଁ । ମୁଇଁ ସଇତ କରିଛି ଜିଏ ବାର ଅରଥ କହ୍ୟାକେ ମୁଇଁ ତାକେ ବାହା ହେବି । ବଳେ ସିମାନେ କହୁଛନ୍ତି ବାର ଅରଥ କଥା କହୁଛ ମକେ, ମୁଇଁ ପରା ବାର ଅରଥ କହିବି । କହିବତ ? ନାଁ, ହଁ । ନା, ସତ କହୁଛ ? ନା, ସତ କହୁଛି । ତେବେ ତାଙ୍କ କଥା ବାର୍‌ତା ଠିକ୍ ହେଲା । ବାହାଘର ଠିକ୍ ହେଲା, ସେସ୍ ହେଇଗେଲା । ବନ୍ଧୁ ବିଦାୟ କରମେୟ । ବିଦାୟ୍ ଏଇ ରକମ୍ କରିନେୟଁଜେ ସିମାନେ ଭଉତ୍ ପରକାର, ରାଜାଘର ବାହାଘର୍, କେତେ ଉତ୍‌ସୁବ, ବାଜା, ନାଟ କେତେ ପରକାର୍ ସବୁରକମ୍ ସଜ ଦେଇକରି ବଟେଇ ଦେନେୟ ଜୁଅ ବଳିକରି । ମେଘୁଳ ରାଜାତ ବିଦା କରିଛନ୍ତି ତାଙ୍କ ଝିଅ ଜୁଆଁଇଁକେ । ଆଇତେ ବୁଲିବୁଲିକରି ଆସି ଆସି ସିଏ ସୁଳସିଂରାଜା ରାଇଜରେ ପହଞ୍ଚିନେୟ । ସୁଳସିଂରାଜା ରାଇଜରେ ଜିନ୍ତି ପହଁଚିଛନ୍ତି ନା ସେଇ ରାଜା ଦଲାଣ ଉପରେ ବସିକରି କହୁଛନ୍ତି କିଏ ଜାଉଛନ୍ତି, କେଡ଼େ ସୁନ୍ଦର ସଜ ହେଇଛନ୍ତି । ନା ମନ୍ତରି ତାଙ୍କର୍ ନାତି ।

ଆଉ ନାତୁଣି ବହୁ କହିନେୟ୍ ରାଜାଘର ଜିନ୍ତିଗୁଟେ ସିଂହଦୁଆର ଆମ୍‌ହର ବି ଗୁଟେ ସିନ୍ତି ସିଂହଦୁଆର କର । ରାଜାଘର ଜିନ୍ତିଗୁଟେ ଫୁଲବଗିଚା ଆମ୍‌ହରବି ସିନ୍ତିଗୁଟେ ଫୁଲ ବଗିଚା କର । ସେଇ ଅନୁସାରେ ରାଜାଙ୍କ ସାମ୍‌ନା ଜେରକମ୍ ତାଙ୍କର୍ ସାମ୍‌ନା ଗୁଟେ ସେରକମ୍, ରାଜାଘର ଜେରକମ୍ ଘର, ଦୁଆର, ପାଚୁରି,

ଫୁଲ ବଗିଚା ସେଇରକମ୍ ମନ୍ତ୍ରିଙ୍କର ଗୁଟେ ସଜେଇ ଦେନେୟ୍ । ରାଜା ଦିନେ ଜାଉଛନ୍ତି ଫୁଲ ବଗିଚା ବୁଲିକି । ସିଏ ତାଙ୍କର ବହୁ ଜାଉଛନ୍ତି ବୁଲିକି । ଜେତେବେଳେ କିଏ ବଲି ଦେଖନ୍ତି, ତାଙ୍କର ବହୁବି ରାଜାକେ ଦେଖନ୍ତି । ଆଉ ସିଏ ଜେତେବେଳେ ତାଙ୍କର କଁସା କବାଟ ଖୁଲିକି ଦେଖନ୍ତି ଇଏବି ତାଙ୍କର କଁସା କବାଟ ଖୁଲିକି ଦେଖନ୍ତି । ରାଜା କହୁଛନ୍ତି କିଏ ଝଣେ ଏଇରକମ୍ ମନ୍ତ୍ରି ଘରର୍, ମୁଇଁ ଜେତେବେଳେ ବଗିଚାକେ ଜାଏଁ ସିଏ ସେତେବେଳେ ଜାଉଛି । ମୁଇଁ ଜେତେବେଳେ ଫେରି ଆସଯଁ ସିଏ ସେତେବେଳେ ଫେରି ଆଉଛି । ମୁଇଁତ କିଛି ଜାଣି ପାଇଲି ନାଇଁ । ମୁଇଁ ମନ୍ତରିକେ ପଚାରେଯେଁ । ସିଠୁ ପଚାରିନେୟ ମନ୍ତ୍ରିକେ, ମୁଇଁ ଜେତେବେଳେ ଫୁଲ ବଗିଚାକେ ବୁଲି ଆସଯଁ ସିଏ ସେତେବେଳେ ଆସୟ୍ । ମୁଇଁ ଜେତେବେଳେ ଆଉ ଏଇ ରକମ୍ ଦେଖଯଁ ସିଏ ମକେ ଏଇରକମ୍ ଦେଖୟ୍ । ମୁଇଁ ଜେତେବେଳେ ଫେରି ଆସଯଁ ସିଏ ସେତେବେଳେ ଫେରି ଆସୟ । ସବୁଦିନ୍ ଏଇରକମ୍ ହେଉଛିନି, କିଏଟାନି ? ନା, ମର ନାତୁଣି ବହୁ । ସିଠୁ ରାଜା କହିନେୟ, ତମ ନାତୁଣି ବହୁକେ ମକେ ବାହା କରେଇଦିଅ । ମନ୍ତ୍ରିରତ ବୁଧି ବେଶା । ସିଏ ସସୁର ଆଉ ଇଏ ବହୁ, କେଁଇରକମ୍ ବାହାଘର୍ ହାକେ । ମହାନ୍ ଅଳୁଆ ହେଲା । ସିଠୁ ମନ୍ତ୍ରି କହିନେୟ ମୁଇଁ କିଛି କହିପାରୁଛେୟଁ ନାଇଁ । ମୁଇଁ ଘରୁ ଆସେୟଁ, ଦେନେ କହିବି । ସିଠୁ ଚଟ୍‌କରି ଜାଇକରି ତାଙ୍କର ନାତୁଣିବହୁ ସେଇ ମେଘୁଳ ରାଜାର୍ ଝିଅକେ କହୁଛନ୍ତି ମୁଇଁ ଖାଇବି ନାଇଁ, ମକେ ଭାରି ଚିନ୍ତା ନାଗୁଛି । ରାଜା କହୁଛନ୍ତିଜେ ମୁଇଁ ଜେତେବେଳେ ଫୁଲ ବଗିଚାକେ ଜାଏଁ ସିଏ ସେତେବେଳେ ବୁଲିଯାଏ । ମୁଇଁ ଜେତେବେଳେ ଫେରି ଆସଯଁ ସିଏ ସେତେବେଳେ ଫେରି ଆସେୟ । ମୁଇଁ ଜେତେବେଳେ କଁସା କବାଟ ଖୁଲିକରି ଦେଖଯଁ ସିଏ ମକେ ଦେଖୟ, ଆଉ କିଏ ବଲିକରି ମକେ ପଚାରିନେୟ । ମୁଇଁ କହିଲି ମର୍ ନାତୁଣି ବହୁ । ନା ତୁମହର ନାତୁଣି ବହୁକେ ମକେ ବିଭା କରିଦିଅ ବଲୁଛନ୍ତି । କେଁଇରକମ୍ ହାକ୍ । ତୁମ୍‌ହେ ବହୁ ଆଉ ସିଏ ହେଉଛନ୍ତି ସସୁର । କେଁଇରକମ୍ ହାକ୍‌ଇଟା । ଅଃ, ତମହେ କହିବ ଯୁଅ ରାଜାକେ, ଜିଏ ସୁକିଲା ଭୁଇଁରେ ଡଙ୍ଗା ବାହିଆକେ ମର ନାତୁଣି ବହୁକେ ବାହାହାକେ, ରାଜାରତ ବୁଧି ବେଶା ହେଇଗେଲା । ଆଉ ରାଜା କୁଦି ନାଇଁ ବାହିମେୟ୍ ଆମ୍‌ହର ନାତୁଣି ବହୁ ବାହିମେୟ ବଲି କହିବ । ସିଠୁ ରାଜାକହିନେୟ, କିହ ମନ୍ତ୍ରି କିସ କଥା ହେଲା । ମୁଇଁ ଅପେଖା କରି ରହିଛେୟଁ । ନାଇଁ କିଛି ନାଇଁ । ମର୍ ନାତୁଣି ବହୁକେ କହିଁ ଆପଣ

ବାହାହେମେୟ ସୁକିଲା ଭୁଇଁରେ ଡଙ୍ଗା ବାହି ପାରିବେ ହେନେ ଜାଇ ବାହାହେମେଁୟ । ରାଜା କହିନେୟ ସୁକିଲା ଭୁଇଁରେ କିନ୍ତି ଡଙ୍ଗା ବାହିହାକ୍ । ମନ୍ତ୍ରି ଆଚ୍ଛା କଥା କହୁଛ । ନା ଆପଣ ଜୁଦି ନାଇଁ ବାହିବେ, ଆମହର ନାତୁଣି ବହୁ ବାହିମେୟ୍ । ସତେନା ! ହଁ । ହଉ ଆଚ୍ଛା ବାହୁ । ସିଠୁ ବାଜାର୍‌ରେ ଡିଗିରା ଦେଇଦେନେୟ ଜେ ମନ୍ତ୍ରି ତାଙ୍କର ନାତୁଣି ବହୁ ଆଉ ସୁକିଲା ଭୁଇଁରେ ଡଙ୍ଗା ବାହିମେୟ । ଆଉ ଆସୁନ୍ ସମତେ ଦେଖିବା ନାଗି । ସବୁନୁକ ଜମା ହେନେୟ । ଗୁଟେ ଡଙ୍ଗା ଆଣିନେୟ । ମନ୍ତରିଘର ଆଉ ରାଜାଘର ସିଙ୍ଗ୍‌ଦୁଆର ଜାଇଁ ରାସି ସୁର୍‌ସ ଏତ୍‌କି ପର୍‌ମାଣେ ବୁଣି ଦେନେୟ । ଗୁଟେ କାତ ଆଣିନେୟ, ଗୁଟେ ବାଇଁସ ବାନି ଆଣିନେୟ । ଡଙ୍ଗାକେ ରଖିନେୟ । ମନ୍ତ୍ରି ସେଇ ସୁଜସିଂରାଜା ତାଙ୍କ ରାଣି ବସିନେୟ, ତାଙ୍କ ପୁଅ ବସିନେୟ, ତାଙ୍କ ବହୁ ବସିନେୟ । ସିଏ ଡଙ୍ଗା ବାହିନେୟ, ବହୁ ଡଙ୍ଗା ବାହି ନେଉଛନ୍ତି । କୁଟି ଦେଉଛନ୍ତିଜେ ଖାଲି ଖସ୍‌ରି ଖସ୍‌ରି ଜାଉଛି । ସିଏ ବାର ଅର୍‌ଥ କରୁଛନ୍ତି । ଏକ୍‌ରେ ଏକାବନ୍, ଦୁଇରେ ଦିତିଆ ଚାନ୍ଦ, ତିନ୍‌ରେ ତିରିବେଣି ଘାଟ, ଚାର୍‌ରେ ଚତୁଥ ମୁରତି, ପାଞ୍ଚରେ ପଁଚୁ ପାଣ୍ଡବ, ଛଅରେ ଛଡ଼୍ ଅଇରି, ସାତ୍‌ରେ ସପତଫେଣିନାଗ, ଆଠ୍‌ରେ ଅସ୍‌ଟବକ୍ର ମୁନି, ନଅରେ ନବଗ୍ରହ ପିଲ୍‌ହ, ଦସ୍‌ରେ ଦସବତାର, ଏଗାରରେ ଅଗ୍ନିଦେବତା, ବାରରେ ବାସ୍ତୁରିଦେବଗଣ, ସୁଣହେ ରାଜ ନୁର୍‌ପ ଗଣ । ଆଗରେ ବସିଛନ୍ତି ଆପଣଙ୍କ ରାଣି, ପଛରେ ବସିଛନ୍ତି ଆପଣଙ୍କ ପୁଅ, ମଝିରେ ବସିଛନ୍ତି ଆପଣଙ୍କ ବହୁ । ତୁମ ବହୁକେ ବିଭାକଥା କହୁ । ସିଠୁ ସେ ସୁଜ୍‌ସିଂ ରାଜା ଦଉଡ଼ି ଗେନେୟ ମନ୍ତ୍ରି ପାସ୍‌କେ । କିହ ମନ୍ତ୍ରି, ଇମାନେ କିଏ କୁହ । ନା ଆପଣଙ୍କ ବହୁପରା ଇଏ । ରାଣିକିଜେ ସୁଳିଆପଦାରେ ସୁନି ଦେବେ କହିଥିନେୟ, ତାଙ୍କୁ ରଇଖା କରିକିରି ଗର୍‌ଭବାସ ହେଇଥିଲାଜେ, ପୁଅ ଜନ୍‌ମ ହେଇକରି ଆପଣଜେ ରାଣିକି ବାର ଅର୍‌ଥ କହିଥିଲେନା, ଆପଣଙ୍କ ପୁଅ ଜାଇକି ମେଘୁଳରାଜା ଝିଅକେ ବାହାହେଇକରି ଆସିକରି ଏ ବାରଅର୍‌ଥ ଇମାନେ କହିଛନ୍ତି । ଆପଣଙ୍କ ବହୁ । ରାଜାତ ଖାଲି ଖୁସି ହେଇଗେନେୟ । ମନ୍ତରିକେ କେତେ ଉପହାର ଦେନେୟ । ପୁଅ ତାଙ୍କର ରାଣିଙ୍କେ କେତେ ସେନେହ ଆଦ୍‌ର କରିକରି ଘରେ ରଖିନେୟ ।

*ଶ୍ରୀଚନ୍ଦନ ନାଏକ*
*ଅର୍ଜୁନ ବିଲା, ଖୁଟିଂ*

ଶବ୍ଦାର୍ଥ :

ପୁଥି - ପୋଥି, ସାହାସ୍ତ୍ର - ଶାସ୍ତ୍ର, ପରସନ - ପ୍ରଶ୍ନ, ଜାଣନ୍ - ଜାଣନ୍ତି, ନିକାଲ - ବାହାର କର, ଆଦେସ୍ - ଆଦେଶ, ସୁହୁଳ - ଷୋହଳ, ତିରି - ସ୍ତ୍ରୀ, ହଇତା - ହତ୍ୟା, ପରକୁତ୍ - ପ୍ରକୃତ, ଦୁସ - ଦୋସ, ରଇଖା - ରକ୍ଷା, ଭୁଗିବି - ଭୋଗିବି, ନହୁ - ରକ୍ତ, ବଢ଼ିହି - ବଢ଼ି, ଚଟ୍‌କରି - ସାଙ୍ଗେ ସାଙ୍ଗେ, ଅଦ୍‌ବାଟ୍ - ଅଧାବାଟ, କାଆଣେ - କେଉଁଆଡ଼େ, ଅପରିସ୍କାର - ଅପରିଷ୍କାର, କିସେଇଁ - କାହିଁକି, ସଇତ - ସତ୍ୟ, ଆଇଲି - ଆସିଲି, ଇସ୍‌କୁଲ୍ - ସ୍କୁଲ୍, ମକେ - ମତେ, କଣସି - କୌଣସି, ସମତ୍‌କେ - ସମସ୍ତଙ୍କୁ, ସୟିମ୍ବର - ସ୍ୱୟମ୍ବର, ସାତେ - ସାଥିରେ, ସିଠୁ - ସେଠାରୁ, ସଇତ - ସତ୍ୟ, ଭଉତ୍ - ବହୁତ, ଆଇତେ - ଆସନ୍ତେ, ଦଲାଣ - ଘର ସାମ୍‌ନାରେ ଥିବା ଛାତ, ସିନ୍ତି - ସେହିପରି, ପାଚୁରି - ପ୍ରାଚୀର, ସସୁର - ଶ୍ୱଶୁର । କେଁରକମ୍ - କିପରି, ସୁକିଲା - ଶୃଖଳା, ଶୁଷ, ବେଣାହେଇଗେଲା - ହଜିଗଲା, ଅପେଖା - ଅପେକ୍ଷା, ଜିଦି - ଯଦି, ଡିଗିରା - ଡେଙ୍ଗୁରା, ଜମାହେନେୟ - ଏକତ୍ରିତ ହେଲେ, ସିଙ୍ଗ୍‌ଦୁଆର - ହିଂହଦୁଆର, ସୁର୍‌ସ - ସୋରିଷ, ପ୍ରମାଣେ - ପ୍ରମାଣେ, ଖସ୍‌ରି ଜାଉଛି - ଖସଡ଼ିଯାଉଛି, ଅରଥ - ଅର୍ଥ, ଚତୁଥ - ଚତୁର୍ଥ, ପିନ୍‌ହ - ପିନ୍ଧ, ନୁର୍‌ପ - ନୃପ ।

◻◻

# ସାଦ୍‌ବ ଝିଅ ଆଉ ମାକ୍‌ଳ

ସାଦ୍‌ବ ବୁଢ଼ାରେ ଗୁଟେ ଝିଅ ଗୁଟେ ପୁଅ । ସିଠୁ ଦିନେ ସାଦ୍‌ବ ବୁଢ଼ାର ଝିଅ ନୁଗା ସିଜେଇଲା । ନୁଗା ସିଜେଇକରି କାଟିକି ନେଲା । କାଟିକି ନେଲା ନୁଗା । କାଟିକି ନେଇକରି କାଟିଲା । କାଟି କୁଚା ସୁକେଇ ଦେଲା । ସିଠୁ ଆଇଲା ମାକ୍‌ଳ । ସାଦ୍‌ବ ବୁଢ଼ାର ଝିଅ ତାର ତେଲ ନେଇଥାଏ । ସାବ୍‌ନି ମାଖିକରି ତେଲ ମାଖିଗେଲା ବେଲ୍‌କେ ସେ ମାକ୍‌ଳ ଧରିକରି ପଲ୍‌ଲା ନୁଗା ଗଣ୍ଡିରାକେ । ସେଇ ନୁଗା ଗଣ୍ଡିରା ଧରିକରି ପଲ୍‌ଲା ବେଲ୍‌କେ ଇଏ ସାଦ୍‌ବ ବୁଢ଼ାର ଝିଅ ମାଗ୍‌ଲାନୁଗା ।

ଏ କେସା କେନ୍ଦୁ ଖିଆ ମାକ୍‌ଳ ବଲେୟଁନା
ଦେରେ ମର୍ କାପ୍‌ଳ ବଲେୟଁନା
ଏ ସାଦ୍‌ବ ଘର ଝିଅନା
ଆଉ ଖଣ୍ଡେ ଦୁରୁ ଚାଲିଚାଲି ଆସନା
ଏ କେସା କେନ୍ଦୁଖିଆ ମାକ୍‌ଳ ବଲେୟଁନା
ଦେରେ ମର କାପ୍‌ଳ ବଲେୟଁନା
ଏ ସାଦ୍‌ବ ଘର ଝିଅନା
ଆଉ ଖଣ୍ଡେଦୁରୁ ଚାଲିଚାଲି ଆସନା

ମାକ୍‌ଳ ନୁଗା ଦେଲାନାଇଁ । ଚାଲ୍‌ଲା ଦଉଳି ଦଉଳି । ଦଉଳି ଦଉଳି ପଲ୍‌ଲା । ସିଏ ମାଗୁଛି ନୁଗା ।

ଏ କେସା କେନ୍ଦୁଖିଆ ମାକ୍‌ଳ ବଲେୟଁନା
ଦେରେ ମର୍ କାପ୍‌ଳ ବଲେୟଁନା,
ଆଉ ଖଣ୍ଡେଦୁରୁ ଚାଲିବଲି ଆସନା
ଏ କେସା କେନ୍ଦୁ ଖିଆ ମାକ୍‌ଳ ବଲେୟଁନା
ଆଉ ଅଛିରେ କେତେଦୁର୍ ବାଟନା
ଏ ସାଦ୍‌ବ ଘର ଝିଅନା
ଆଉ ଅଛିରେ ଝୁଣ୍ଡିଆ ପରବତନା
ଝୁଣ୍ଡିଆ ବାଛି ଝୁଣ୍ଡିଆ ପିନ୍ଧିବେନା
ଏ କେସା କେନ୍ଦୁଖିଆ ମାକ୍‌ଳ ବଲେୟଁନା

ଆଉ ଅଛିରେ କେତେ ଦୁର୍ ବାଟନା
ଏ ସାଦ୍ବ ଘର ଝିଅନା
ଆଉ ଅଛିରେ ଟାଡ଼ ପରବଟନା
ଟାଡ଼ ବାଛି ଟାଡ଼କେ ପିନ୍ଧିବେନା

ସିଠୁ ମାକ୍ଳ ପଲ୍ଲା ତାର ଘରକେ । ପହଁଚିଗେଲା । ପହଁଚିଙ୍କାଇ ସିଠୁ ଗେଲା କିଛି ଦିନ୍ । ତାର୍ ଭାଇ ଗେଲା ଖଜିକି । ସାଦ୍ବ ବୁଢ଼ାର ପୁଅ । ସିଠୁ ଖଜିଖଜି ଗେଲାଙ୍କେ ତାର ଭଅଣିକେ ସିଠେ ପାଇଲା । ମାକ୍ଳତ ବୁଲିକି ପଳେଇ ଥାଏନି ଜଙ୍ଗଲ୍ ପଳେଇଥାଏ । ସିଠୁ ପହଁଚିଗେଲା ତାର ଭାଇ । ତରତ ବରସ୍‌ଦିନ୍ ହେଲାନି, ଆମ୍‌ହେ ଖଜିଖଜି ପାଇକି ନାଇଁ । ଆଉ ତୁଇକିନ୍ତି କରି ଇଠ୍‌କେ ଆଇଲେ । ଭାଇ, ନୁଗା କାଟିକରି ସୁକେଇ ଦେଇଥିଲି । ମାକ୍ଳ ଧରିକରିପଳେଇ ଆଇଲା । ଆଉ କିସ କରିବି ବଇଲା । ସିଠୁ ତାର ଭାଇକେ ସିଏ ନୁକେଇ ଦେଲା । ସିଠୁ ଛୁଆଗା ବଲୁଛନ୍ତି କୁଲାକୁଲିକରି ଜକେଇଛି, ଠେକାଠୁକି କରି ଜକେଇଛି । ମାକ୍ଳ ଆଇଲା । ଆରେ, କିନ୍ତି କିନ୍ତି କରି ବାସୁଛେ । କିସ୍‌ଟା ବାସ୍‌ତା ? ହେଇ ଛୁଆଗା ଖାଲିଟା କହି ଦେଉଛନ୍ତି ସିନ୍ତିକରି । ଆଉ କଟ୍‌ଟାତାର୍ ଇଠେ । ନାଇଁ କିଏ ଆଇଛିନି । ନାଇଁ, ଙ୍କାରେ କେହି ଆସିନାଇଁ । ଛୁଆଗାକ ତାଙ୍କର ସିନ୍ତି ବଲୁଛନ୍ତି ବଇଲା । ସିଠୁ ମାକ୍ଳ ପଲ୍ଲା ତାରେ ଆର୍‌ଦିନ ଜଙ୍ଗଲ୍‌କେ । ଜଙ୍ଗଲ୍‌କେ ଙ୍କେତେବେଳେ ପଲ୍ଲା ସିଠୁ ସିଏ ତାର ଭଅଣିକେ ଧରିକରି ସେଇ ମାକ୍ଳ ଛୁଆଗାରେ ଆଉ ଚିରି ଦେଲା । ଚିରି ଦେଇକରି ସେଇ ନିଆ ଚଉତା ତିତେଇ ଦେଲା । ତତେଇ ଦେଇକରି ଭାଇଭଅଣି ପଳେଇ ଆଇନେୟ । ପଳେଇ ଆଇନେୟ । ସିଠୁ ମାକ୍ଳ ଆଇଲା । ସେଁ ଚଟ୍ କରୁଛି । ଇଟା ନିନିବ । ଦେନେ ଉଲ୍‌ହା ବଇଲା, ନିନିର୍ ମାଁ । ଦେଇତେ ଆଉଥରେ ସେଁ ଚଟ୍ । ଇଟା ବାବୁରୁ । ଦୁଇଟା ହେଲାନି । ଦେ ଅଲ୍‌ହା । ସିଟା ଆର୍‌ଥରେ ଟେଁ ଚଟ୍ । ଇଟା ମର୍ । ଆଉ ଗୁଟେ ଇଟା ନିନିର ମାଁର୍ । ହେଲା ଚାର୍‌ଟା । ଇଟା ଅଲ୍‌ହା ଅଲ୍‌ହା । ସିଠୁ ଦେଖିଲା ଚାର୍‌ଟା, ସିଏ ଛାକୁଛିନା । ସିଏ ଥିନେ ସିନା ତାର୍ ଛାଲିଆକେ । ସିଠୁ ଚାର୍‌ଟା ନାଇଁ ଛାହ୍‌ଲାବକେ ପେଲେଇ ନେଲା । ପେଲେଇ ନେଲା ବେଳେ ଦେଖିଲା ଙ୍କେ ଛୁଆଗାକେ ଟାଙ୍ଗି ଦେଇକରି ପଳେଇଛିନି । ସିଠୁ ର । ସେ ପଛା ଘଟ୍‌କିଲା ମାକ୍ଳ । କେତେ ଧୁରିଆ ଜିଆକେ । ଦେଖେଁ ମୁଇଁ ଙ୍କାଏଁ ପଛା ବଇଲା । ସିଠୁ ମାକ୍ଳ ଗେଲା । ପଛା ଘଟ୍‌କିଲା । ଘଟ୍‌କିଲା ଙ୍କେତେବେଳେ ସିଠୁ ପାଇଲା ପଣ୍ଡା ବଗାଳିଆକେ ।

ଏ ପଣ୍ଡାଚରା ବାଗାଲ୍ ଭାୟ
କଇଦିଙ୍କେ ରାଜାର ବେଟି ଦେଖିଥିଲକି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝିଞ୍ଜିରି
ମଥାରେ ଅବେ ବନର ଫୁଲ ।

ସିଠୁ ପଚାରି ପଚାରିଗେଲା । ହଁ ଗ ଭାଇ, ଇନାତ ଦୁଇଝଣ ଦେଖିଛଉଁ । ଇଟାରେ ତ ଗେନେୟ । ବଇଲା ସିଏ । ଆଉଥରେ ପାଇଲା ଛେଳି ବଗାଳିଆକେ ।

ଏ ଛାଗଲ ଚରା ବାଗାଲ୍ଭାୟ୍
କଇଦିଙ୍କେ ରାଜାର ବେଟି ଦେଖିଥିଲକି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝିଞ୍ଜିରି
ମଥାରେ ଅବେ ବନର ଫୁଲ୍ ।

ସିଠେ ନାଇପାଇଲା । ସିଠୁ ଗେଲାଙ୍କେ ଗେଲାଙ୍କେ କେଁଠେ ନାଇଁ ପାଇବି ? ପଛା ଘଟ୍କିଲା । ସିଠୁ ପାଇଲା ଗରୁ ବଗାଳିଆକେ । ଏ ଭାଇ ଦେଖିଛନା, ଦୁଇଝଣ ଗେନେୟ ନୁକଙ୍କେ । ନା ହଁ ଗ ଇଟାରେ ତ ଗେନେୟ । ସିଠୁ ପଛା ଆଉଥରେ ଘଟ୍କିଲା ।

ଏ ବଳଦ୍ ଚରା ବାଗାଲ୍ ଭାୟ
କଇନିଙ୍କେ ରାଜାର ବେଟି ଦେଖିଥିଲ କି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝିଞ୍ଜିରି
ମଥାରେ ଅବେ ବନର ଫୁଲ୍ ।

ସିଠୁ ଆଉଥରେ ପଛା ଘଟ୍କିଲା ମାକନ୍ଦଳ । ହଁ ଭାଇ, ଇନାତ ଦେଖିଥିଲି । ଇଟାରେ ଗେନେୟ । ଦଉଳି ଦଉଳି ଗେଲାଙ୍କେ ଆଉ ଥରେ ପାଇଲା ମେଣ୍ଢା ବଗାଳିଆକେ ।

ଏ ମେଣ୍ଢା ଚରା ବାଗାଲ୍ ଭାୟ
କଇଦିଙ୍କେ ରାଜାର ବେଟି ଦେଖିଥିଲକି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝିଞ୍ଜିରି

ମଥାରେ ଅବେ ବନର ଫୁଲ୍ ।

ସିଠେ ନାଇଁପାଇଲା । ସିଠୁ ପଲ୍‌ଲା । କେତେଧୁରିଆ, ପହଁଚେଇ ପାର୍‌ବି ନା ନାଇଁ ପାର୍‌ବି ବଇଲା । ନାଇଁଗ ଭାଇ, ଏଇ ନାଗ୍‌ତ ଗେନେୟ । ସିଠୁ ଘଟ୍‌କିଲା ପଛା । ଗେଲାଜେ ଗେଲାଜେ ପାଇଲା ଘୁସୁରା ବଗାଳିଆକେ । ସିଠୁ ତାକେ ପଚାରିଲା ।

ଏ ଘୁସୁରା ଚରା ବାଗାଲ୍ ଭାୟ
କଇଦିଜେ ରାଜାର ବେଟି ଦେଖିଥିଲକି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝିଞ୍ଜିରି
ମଥାରେ ଅବେ ବନର ଫୁଲ୍ ।

ସିଠେ ନାଇଁ ପାଇଲା । ନାଇଁ ପାଇଲା ବେଲ୍‌କେ ପଲ୍‌ଲା । ସିଠୁ ଗେଲାଜେ ତାର ଘର୍‌କେ ପହଁଚିଗେଲା । ଘର୍‌କେ ଜିନ୍ତି ପହଁଚିଗେଲା ସିଠୁ ତାର ସାକି ଗୁଟେ ଅଛିଜେ ବଲୁଛି ଏ ନିନା ହାୟଟା ଭେଣେଇ ଆଇଲାନି । ତାର ଭେଣେଇ ଜିନ୍ତିଗେଲା ପାଣି ପୁଣି ଦେଲା, ଧୁଇହେଲା । ସଇଁଧା ହେଲା ପହଞ୍ଚିଛି । ଆ ସିଠୁ ଗାଧିକି ଜିବେନାରେ ଘରେ ଗାଧିବେ । ଦେ ପାଣି ହାଣ୍ଡିଏ । ତତେଇ ଦେ ଗାଧିବି ବଇଲା । ସିଠୁ ପାଣି ହାଣ୍ଡିଏ ତତଲା । ଆଉ ତତିଲା ହେଇ ଥିଆକ୍‌ନାରେ ଉସୁମ୍ । ବେସ୍ ଝୁର୍ ତାତୁ । କାକର୍ ନାଗୁଛି । ଦେ ଗାଧିବି ବଇଲା । ତତେଇ ଦେଲା ପାଣି ହାଣ୍ଡିଏ । ପିଲ୍‌ହା ଆଣି ଦେଲା । ତେଲ୍ ଆଣିଦେଲା । ସବୁମୁଇଁ ଢ଼ାଳିଦେବି ନାରେ ତୁଇ ଢ଼ାଳି ହେବେ । ଦେ ଢ଼ାଳିଦେ । ଦେଲା ଏକାଥରେ ଢ଼ାଳି । ତତିଲା, ଠୁକୁମୁକୁ ବଲ୍‌କୁଥାଏ ହାଣ୍ଡିଏ ପାଣି, ଏକାଥରେ ମାକ୍‌ଳ ଡ଼ାଙ୍ଗ୍‌ଣା ।

*ରମଣୀ ଦାସ*
*ବିଣିପୁର, କରଂଜିଆ*

**ଶବ୍ଦାର୍ଥ :**

ନୁଗା-ଲୁଗା, କାଚିକି - ଧୋଇବାକୁ, ସଫା କରିବାକୁ, ସୁକେଇ - ଶୁଖାଇ, ଗଣ୍ଡିରା - ମୋଟ, ସାବ୍‌ନି - ସାବୁନ୍, ମାଗ୍‌ଲା - ମାଗିଲା, କେସା - କଷା, ମାକ୍‌ଳ - ମାକଡ଼, କାପ୍‌ଡ଼ - କପଡ଼ା, ଦଉଡ଼ି ଦଉଡ଼ି - ଦୌଡ଼ିଦୌଡ଼ି, ଝୁଣ୍ଟିଆ - ପାଦର ଅଳଂକାର, ଟାଡ - ଅଳଂକାର ବିଶେଷ, ଘୁସୁରା - ଘୁଷୁରି, ଭେଣେଇ - ଭିଣୋଇ, ସଇଁଧା - ସନ୍ଧ୍ୟା, ବଲ୍‌କୁଥାଏ - ଫୁଟୁଥାଏ । ଡ଼ାଙ୍ଗ୍‌ଣା - ଅଚଳ ।

ㅁㅁ

# ଭାଇ ଭଅଣି ଆଉ ପାଇକ

ଟାଙ୍କର ଭାଇ ଭଅଣି । ଭାଇ ଭଅଣିଙ୍କେ ମାଁ ବାପ୍ ନାଇଁନି । ଦିନେ ସିଆଲୁ ଗୁଟେ ପାଇକ ଆସୁଥିଲା । ପାଇକକେ ଦେଖିକରି ତାର୍ ନିନା ବଲୁଛି ଏଇ ତିଳଉ ଫୁଲ୍‌ଟା ଦେତାହେନେ ମୁଇଁ ଜିତି । ବଳେ ସିଏ ପକେଇ ଦେଇକରି ପଲ୍‌ଲା । ପଲ୍‌ଲା ବେଲ୍‌କେ ତାର୍ ପଛା ପଛା ଇଏ ଗୁଡ଼ି ଗେଲା । ତାର ଭାଇବି ଗେଲା । ଡଗ୍ରି ଜାଇକରିକା ସିଠେ ପାଇକ ଘରେ ରହିନେୟ । ରହିନେୟ ଜିନ୍ତି ଆଉ ତାର୍ ବିହିରେ ରହିଲା । ବିହରେ ରହିଲା ବେଲ୍‌କେ ପାଇକ ଗେଲା ତାର ବଣିଜ ବେପାର କରିକି । ଗେଲାଜେ ତାର ସାସୁ ଖେଦିଲା ଇମାନ୍‌କେ । ସୁତା ନଟେ ଦେଲା । ଦେଇକରି କହିଲା ଜେଁଠେ ଏଇ ସୁତାଟା ଖାଣ୍ଡିଆ ହେଇ ଜିଆକେ ସିଁଠେ ରହିବ । ସିଠୁ ଇମାନେ ଗେନେୟ୍ ଜେ ଗେନେୟ୍‌ଜେ ଗୁଟେ ପୁଖ୍‌ରି ପାସ୍‌ରେ ବୁଦାମୁଳେ କରି ରହିନେୟ୍ । ସିଠେ ରହିକରି ପୁଅଗୁଟେ ଜନ୍‌ମ ହେଲା । ପୁଅଗୁଟେ ଜନ୍‌ମ ହେଲାଜେ ଭୁଖ ନାଗିଲା ଅତିସତି । ଜା ଦୁଇଟା ଭାତ୍ ମାଗି ଆଣିବେ ମର୍ ସାସୁ ଠାଣୁ । କହିଲା ଜିନ୍ତି ତାର ଭାଇଗେଲା । ଏ ସାସୁ ଦୁଇଟି ଭାତ୍ ଦିଅ । ନିନା ବଟେଇଛି । ଜା ଛୁଁତା ହାଣ୍ଡିଟା ଆଣିବେ । ଛୁଁତା ହାଣ୍ଡିଟା ମାଜିମୁଜା କରି ଆଣିଲା । ଆଣିଲାବଳେ ସାଁପ୍ ଅଣ୍ଡା ଦୁଇଟା ତୁରାଣି ବେଲେ ଦେଇକରି ବଟେଇ ଦେଲା । ସିଏତ ଆଉ ପର୍‌ସ ହେଇକରି ଭୁଖ୍‌ରେ ମରି ଜାଉଛି । ତାର ଭାଇ କହିଲା । ପକେଇ ଦେଲା ବେଲ୍‌କେ କେଁଠେ ଭାତ୍‌ଗୁଟେ ଚିଟ୍‌କି ଥିଲା ମୁଣ୍ଡକେ । ବଳେ ସିଠୁ ତାର ନିନା କହୁଛି ଭାତ୍ ନ ହେଲା ତ ନହେଲା । ଆଉ ବାବୁ ଉଖୁଣି ଦେଖୟଁ । ମୁଣ୍ଡରେ ଉଖୁଣି ଦେଖିଲା ବେଳ୍‌କେ ଦେଖିଲାଜେ ଭାତ୍‌ଗୁଟେ ଫଳିଛି । ବଳେ ବାବୁ ତୁଇ ଆଣିଲେ, ଖାଇଦେଲେ, ମକେତ ଦେଲେ ନାଇଁ । ଆଉ ନାଇଁରେ ନିନା, ଆଉସାଁପ୍ ଅଣ୍ଡାଗା ଥିଲାଜେ ଆଉ ଆଣ୍‌ଲି ନାଇଁ, ଫାବ୍‌ଲି ଦେଲି ।

ଖାଆ ନାଇଁ ବଳେ, ମୁଇଁତ ଖାଇଦେଲିନି । ଖାଇଦେଲା । ଖାଇଦେଇଁକିତ ସାଁପ ଗଳେ ମଣ୍‌ସେ ଗଳେ ହେଇ କରିକା ରହିଲା । ଛୁଆ କାନ୍ଦିଲେ ଆସିକରି ଦୁଧ ପିଆଏ ଆଉ ଦେଇକରି ପାଣିକେ ପଳେଇଯାଏ । ମାଛ, କଙ୍କ୍‌ଡ଼ା କରି ଗୁଲ୍‌ହେ ଫାବ୍‌ଲି ଦୟ୍ ତାର ଭାଇର ନାଗି । ଦିନେ ଇମାନେ କାନ୍ଦୁଛନ୍ତି ବନଖଣ୍ଡ ଭିତରେ ।

ତିଳଉ ଫୁଲରେ ପାଇକ ବରି ଆଣିଥିଲା
ସୂତା ନଟେ ଦେଇ ସାସୁ ଘରୁ ନାଙ୍ଗୁଳଲା
ଭଣଜା କାନ୍ଦୟବ ନିନା ଖିର ଦାନଦେ
ପୁତୁର କାନ୍ଦୟବ ନିନା ଖିର ଦାନଦେ
ଗଛ ଉଡ଼ାଲ୍ ହେବ ଭାଇ ଡରି ମରି ବେତି
ବୁଦା ଉଡ଼ାଲ୍ ହେବ ଭାଇ ଡରି ମରି ବେତି ।

ତାର ଭାଇ ଉଡ଼ାଣିଆ ହେଇ ବସିଲା ଗଛ୍ ମୁକେ ବଳେ ଇଏ ପାଣି ଭିତ୍ରୁ ମାଛ କକ୍ଳା ଫାବ୍କି ଦେଲା । ସିଏ ଫୁଡ଼ି ଇାକି କରି ଖାଇଲା ବେଲ୍କେ ଇଏ ଛୁଆକେ ଖିର ଖୁଏଇଲା । ଆଉ ସିଏ ଆସୁଛି ପାଇକ । କହୁଛି କିଏ କାନ୍ଦୁଛି ଇଠେ ବନସ୍ତରେ । ସିଠୁ ସୁଣି ସୁଣି କରି ଗେଲାଜେ ଆସି ଦେଖିଲା ତାର ସଳା । ତକେ କିଏ ବଟେଇଲାରେ ଇଠ୍କେ । ସାସୁ ବଟେଇନେୟ୍ ପରା । କିସ ନାଗି । ନା ନିନା ଜେତେବେଳେ କଷ୍ଟ ପାଇଲା ଆଉ ସାସୁ ବଟେଇ ଦେନେୟ, ଜେ ଏଇ ସୁତାଟା ତାଣ୍ଡେଇ ତାଣ୍ଡେଇ ଜିବ । ଜେଁଠେ ସୁତାଟା ସରିଜିଆକେ ସିଠେ ରହିବ । ବଳେ ଆମ୍ହେ ଆସିଛଉଁ । ଆଉ ତର୍ ନିନା । ନା ପେଜଭାତ୍ ନାଗି ବଟେଇଲା ନିନା ବେଳେ ସାସୁ ସାଁପ୍ ଅଣ୍ଡା ଦେଲା ହୋ ପେଜ୍ ଭାତ୍ରେ, ଆଉ ଦେଇକରି ପଳ୍ଲା । ମୁଇଁ ମୁଣ୍ଡେଇ କରି ଆଉ ଥିଲି । ଦେଖିଲିଜେ ସାଁପ୍ ଅଣ୍ଡାଗା ବଳେ ହୁଁ ଇଗା ନେବି ନାଇଁ, ପକେଇ ଦେଲି । ନିନାକେତ ନେଇ ଦେନେ ଖାଇ ଦାକେ, ଭୁଖିରେ ହେଉଛି । ପକେଇ ଦେଲିବଳେ କେଁଠେ ଗୁଟେ ଭାତ୍ ଚିଟ୍କି ଥିଲା ମୁଣ୍ଡକେ । ନିନା କହିଲା ଭାତ୍ ନ ହେଲାତ ନ ହେଲା, ଆଉ ଉଖୁଣି ହେନେ ଦେଖୟଁ । ଉଖୁଣି ଦେଖିଲା ବେଲ୍କେ ଭାତ୍ ଗୁଟେ ଫଳିଛି ଦେଖିଲା, ଆଉ ଖାଇଦେଲା । ଖାଇ ଦେଇକରିତ ସାଁପଗଳେ ମଣ୍ସଗଳେ ହେଇକରି ରହିଲା । ଆଉ ସିଏ ପାଣିରେ ଫଳିଛି । ନା, ଡାକିନେ ଆସିଆକ୍ତର ନିନା । ସିଠୁ ଡାକ୍ଲା ।

ତିଳଉ ଫୁଲରେ ପାଇକ ବରି ଆଣିଥିଲା
ସୂତା ନଟେ ଦେଇ ସାସୁ ଘରୁ ନାଙ୍ଗୁଳଲା
ଭଣଜା କାନ୍ଦୟବ ନିନା ଖିର ଦାନଦେ
ପୁତୁର କାନ୍ଦୟବ ନିନା ଖିର ଦାନଦେ
ବୁଦା ଉଡ଼ାଲ୍ ହେବ ଭାଇ ଡରି ମରି ବେତି
ଗଛ ଉଡ଼ାଲ୍ ହେବ ଭାଇ ଡରି ମରି ବେତି ।

**ଶବ୍ଦାର୍ଥ :**

ତିଲଉ - ତିଳ, ଦେତା - ଦିଅନ୍ତା, ଜିତା - ଯାନ୍ତି, ଗୁଡ଼ିଗେଲା - ଗୋଡ଼ାଇଗଲା, ଡଗ୍‌ରି - ଅନୁସରଣ କରି (ପଶ୍ଚାତ୍‌ଧାବନ କରି), ଦିହି - ଶରୀର, ବଣିଜ - ବାଣିଜ୍ୟ, ନଟେ - ଲଟେଇଏ, ପୁଖ୍‌ରି - ପୋଖରୀ, ବୁଦା - ବୁଦା, ଭୁଖ - ଭୋକ, ଅତିସତି - ଅତିଶୟ, ଛୁଁତା - ଛୁଆଁ (ଅଶୁଚି), ଚିଟ୍‌କି - ଛିଟିକି, ଉଖୁଣି - ଉକୁଣୀ, ଗଳେ - ଗଡ଼େ(ଖଣ୍ଡେ), ଫାଡ଼୍‌ଳି - ଫୋପାଡ଼ି, ନାଗୁଳଲା - ଖେଦିଦେଲା, ଉଡ଼ାଣିଆ - ଆଡୁଆଳ, ଡାଣ୍ଡେଇ - କଢ଼େଇ, ଆସିଛଉଁ - ଆସିଅଛୁଁ, ଫଳିଛି - ପଡ଼ିଛି, ଗୁଲ୍‌ହେ - ଗୁଡାଏ, ଥିର - ସ୍ଥିର, ଜୁଗାଳିଲା - କାଟି ପ୍ରସ୍ତୁତ କରିବା, ମଇଲା - ମରିଲା ।

□□

# ଅଲସୁ ଆଉ ଖାଣ୍ଡିଆ ପଣ୍ଡା

ସାଦ୍ଦବ ବୁଢ଼ାର ତାର ସାତେ ପୁଅ । ସାତେ ପୁଅଜେ ସାନ୍ ପୁଅରେ ତାର ଭାରି ସରଦା । ସାନ୍ ପୁଅର୍ ନାଁ ହେଉଛେ ଅଲ୍‌ସୁ । ସିଏ କିଛି କାମ୍‌ଦାମ୍ କରୟ୍ ନାଇଁ । ସବୁଦିନ୍ ପଣ୍ଡାରାଖି ନୟ୍ । ଦେଇ ବଇଁସି ବଜାଏ । ଦେଇକରି ତାର ଭାଇମାନେ ବିଚାର କର୍‌ନେୟ ଅଲ୍‌ସୁକେ କେଁରକମ୍ ମାରିଦେବା ଚାଲ । ଦେଇକରି ବିଚାର କର୍‌ନେୟଜେ ସିଏ ଭାତ୍ ଖାଇକି ଆଉଛି ସିମାନେ ଆଗୁରୁ ପଖାଲ୍ ବେଲାରେ ମହୁରା ଦେଇଦେଇଛନ୍ତିନି । ତାର୍ ବହୁଜାଣି ପାଇକରି ଆଉ ସିଖେଇ ଦେଇଛିଜେ ବେ ଅଲ୍‌ସୁ, ଆଜି ମକେ ବେଢ଼େ ଜର୍ ଆଉଛି, କାକର୍ ନାଗୁଛି । ସେଇନାଗ୍ରୁ ମୁଇଁ ପଖାଲ୍ ଭାତ୍ ଖାଇବି ନାଇଁ । ସିଠୁ ଅଲ୍‌ସୁ ଜାଇକରି କହିଲା ଜେ ଆଜିମକେ ବେଢ଼େ ଜର୍ ଆଉଛି । ମକେ ତତିଲା ଭାତ୍ ଦିଅ । ସିଠୁ ତାକେ ତାତ୍‌ଲା ଭାତ ଦେନେୟ । ସିଏ ବଁଚି ଗେଲା । ତାକେ ମାରି ପାଇନେୟ ନାଇଁ । ତାର୍ ଆର୍‌ଦିନ୍ ବିଚାର କର୍‌ନେୟ ଫେର୍ କେଁରକମ୍ କରି ମାରିବା । ନାଇଁ ସିଏ ଦଇନିକ୍ ବସିକରି ଖାଏ ଜେଁଠେ ଗାଡ୍ ଖୁଡ଼ି ଦିଅ । ଆଉ ସିଠେ ବସିନେ ମାଟି ଜକେଇ ଦେବା ତାର ଉପରେ । ଏଇ ରକମ୍ କହିକରି ଗାଡ୍ ଖୁଡ଼ି ରଖିଛନ୍ତି, ଅଲ୍‌ସୁ ଜେତେବେଳେ ପଣ୍ଡାରାଖି ଆଉଛି ତାର ବଡ଼ ବହୁ କହୁଛି ବେୟ ଅଲ୍‌ସୁ ଦଇନିକ୍ ଜେଁଠେ ଖାଆସେ ସିଠେ ବସିକରି ଖାଇବେନି । ନା, କିସ ନାଗି ? ସିଠେ ଗାଡ୍ ଖୁଡ଼ି ରାଖିଛନ୍ତି ତକେ ପେଲେଇ ଦେଇକରି ମାଟି ଜକେଇ ଦେମେୟ । ତାହାନେତ ଭଲା ଅସୁବିଦା କଥା ହେଲା । ସିଠୁ ଅଲ୍‌ସୁତାର୍ ଆଇଲା । ସିଏ ଜେଁଠେ ଖାଏ ସିଠେ ଖାଇଲା ନାଇଁ । ଆଉଗୁଟେ ଅଇନ ଜାଗାରେ ବସିକରି ଖାଇଲା । ତାର୍‌ପରେ ଭାଇମାନେ ବିଚାର୍ କର୍‌ନେୟ ଆଜିବିତ ଅଲ୍‌ସୁ ସିଠେ ଖାଇଲା ନାଇଁ । କି ରକମ୍ କରି ମାରିବା । ସଳା ଜଉର ସିଆଣିଆତ ଇଏ । ଦେଇକରି ସିମାନେ କହିନେୟ ନାଇଁ ଆଜ୍ ରାତିରେ ଜେତେବେଳେ ସୁଇଥିଆକେ ତାକେଁ ଜାଇକରି ହାଣିଦେବା । ହାଣିଦେନେ ମରି ଜିଆକେ । ହାତୁ ଅଲ୍‌ସୁ ଜେତେବେଳେ ଆଉଛି ପଣ୍ଡା ରାଖିକରି ତାର ବଡ଼ ବହୁ କହୁଛି ଆଉ ଅଲ୍‌ସୁ ତର ଜେଁଠେ ସୁଅସେ ସିଠେ ସୁଇବେ ନାଇଁ । ନା କିସ ନାଗି । ନା ତକେ ଆଜି ହାଣି ଦେମେୟ । ତାହାନେ ମୁଇଁ କିସ ବୁଧି କର୍‌ବି ।

ସିଏ କହିଲାଜେ ତୁଇ ଗୁଟେ ପାଣି ମାଠିଆ ଆଉ କଦିଳଗଛ ଗୁଟେ ଆଣିକରି ସିଠେ ରାଖିଥିବେ । ଦେଇକରି ତାର୍ ଉପରେ ଚାଦ୍‌ର ଢ଼କେଇ ଦେଇଥିବେ । ଆଉ ତୁଇ ଅଇନ ଘରକେ ପଳେଇ ଜିବେ ସୁଇକି । ଦେଇକରି ଅଲ୍‌ସୁ ଖାଇଖୁଆ କରି ତାର୍ ବଡ଼ ବହୁ ଜିନ୍ତି କହିଥିଲା ସିନ୍ତି କରିକିରି ସିଏ ଜାଇକରି ଆଉ ଗୁଟେ ଜାଗାରେ ସୁଇଲା । ଇମାନେ ତେଣିକି ରାତି ହେଇଗେଲା ଜେରକମ୍ ଛଅଭାଇ ପହଁଚି ଗେନେୟ । ଜେଁଠେ ସୁଅୟ ଅଲ୍‌ସୁ । ବଡ଼ଭାଇଟା ଟାଙ୍ଗି ନେଇକରି ଦେଲାଜେ ଚଟେ ଏକାଥରେ ସେଇ କଦିଳଗଛଟା ଆଉ ପାଣିମାଠିଆ ଟାରେ ବାଜିଲା । ସିଠୁ ଭାଇମାନେ ଭାବିନେୟ୍‌ଜେ ଢେର୍ ନହୁ ବହି ଜାଇଛି । ସିଠୁ ସିମାନେ ପଳେଇ ଆସିକରି ସୁଇ ପଳିନେୟ୍ । ତାର ଆର୍‌ଦିନ ଜେତେବେଳେ ସକାଳ ହେଲା ଅଲ୍‌ସୁତାର ବଇସି ଫୁକି ଫୁକି ଫେର୍ ପଣ୍ଡା ରାଖିକି ନେଲା । ଇମାନେ କହିନେୟ କାଲ୍‌ତ ଆମ୍‌ହେ ହାଣି ଦେଇଥିନୁ ରାତିରେ, ଇଏ ଫେର୍ କିନ୍ତି ବଁଚିକରି ଆଇଲା । ବଇସି କିନ୍ତି ଫୁକୁଛି । ଦେଇକରି କହିନେୟ୍ ନାଇଁ, ଆଜ୍ ଅଲ୍‌ସୁକେ ଜିନ୍ତି ପର୍‌କାରେ ହେଉ ମାରି ଦେବା । ତାର ବଡ଼ ବହୁତ ସୁଣିଥିଲା । ସିଏ ଜାଇକରି କହିଲା, ବେ ଅଲ୍‌ସୁ ତର୍ ଭାଇମାନେ ଆଜ୍ ସମତେ ତକେ ଖେଦି ଖେଦି ମାରିମେୟ୍ । ତୁଇ ଆଉ କିନ୍ତି ବଞ୍ଚିବେ । ସିଠୁ ଅଲସୁତାର ଖାଣ୍ଡିଆ ପଣ୍ଡାରେ ବସି ଘଚ୍‌କିଲା । ଖାଣ୍ଡିଆ ପଣ୍ଡା ଝୁର ଧାଇଁ ପାରିକି ନାଇଁ । ଅଲ୍‌ସୁ ନଉଟି ଦେଖିଲା ବଲେ ତାର୍ ଭାଇମାନେ ଠେସି ଆଇନେୟନି । ସିଠୁ ଇଏ କାଣ୍ଡ୍‌ସରଟା ପକେଇଦେଲା । କାଣ୍ଡସରଟା ଜେଁରକମ୍ ପକେଇ ଦେଇଚି ଏକାଥରେ ବାଁସ ବଣ । ଜଉର -ନଟା ହେଇଗେଲା । ତାର୍ ଭାଇମାନେ ଇପାରେ ରହିଗେନେୟ୍ । ସିଏ ସିପାରି ରହିଲା । ଦେଇକରି ତାର ଭାଇମାନେ ବାଁସ ବଣ୍‌କେ କାଟିକାଟି ଫେର ପାହାରି ଗେନେୟ । ଦେଖିନେୟ ଜେ ହେଇକଟି ଅଲ୍‌ସୁ । ମୁଣ୍ଡ୍‌ଟା ଦିସୁଛି । ଡେର ଧୁରିଗେନେୟ ସେତେବେଳେ ଅଲ୍‌ମୁ ପଥିରଟା ପକେଇଦେଲା । ପକେଇଦେଲା ଜିନ୍ତି ଡେର୍ ବଡ଼ ହୁଳି ହେଇଗେଲା । ଦେଇକରି ଭାଇମାନେ ସେଇ ହୁଳିକେ ଉଠିନେୟ୍ । ଉଠିଉଠି ହୁଳିକେତ ପାହାରି ନେୟ । ଦେଇକରି କହିନେୟ୍ ଅଲ୍‌ସୁ ଧାଇଁଛି, ମୁଣ୍ଡଟା ଖାଲି ଦିସୁଛି । ଏତି କଟେ କଟେ । ଧାଇଁ ଧାଇଁ ଜାଇକରି ପହଞ୍ଚି ଗେନେୟ ଅଲ୍‌ସୁ ପାସ୍‌କେ । ତେତେବେଳେ ଅଲ୍‌ସୁ ପୁରା ଥକି ଗେଲାନି । ସିଏ ସିଠୁ ପାଣି ନୁଟାଟା ପକେଇଦେଲା । ଏକାଥରେ ଜଉର୍ ପାଣି ହେଇଗେଲା । ପୁରା ଏକାଥରେ ଦରିହା । ସିଠୁତାର୍ ଭାଇମାନେ

ପହଁରିନେୟ୍ । ପହଁରି ପହଁରି କରି ଫେର୍ ପାର୍ ହେଇ ଗେନେୟ । ଫେର୍ ଧାଇଁନେୟ ଜେ ଧାଇଁନେୟଜେ ଅଲ୍ସୁ ପାସ ପହଁଚି ଗେନେୟ୍ । ଜିନ୍ତି ପହଁଚି ଗେନେୟ ଆଉ ଅଗ୍ନିଜାଳ ପକେଇ ଦେଲା । ଅଗ୍ନିଜାଳ ପକେଇ ଦେଇତେ ନିଆତ ହୁତୁହୁତୁ ଜଳିଲା । ଜଳିଲା ଜିନ୍ତି ତାର୍ ଭାଇମାନେ ଇବାଟେ ପଳେଇ ଆଇନେୟ୍ । ଅଲ୍ସୁ ଜାଇ କରିକା ଗୁଟେ ପୁଖ୍‌ରିଠାଣି ପହଁଚିଗେଲା । ସେଇ ପୁଖ୍‌ରିକେ ସବୁଦିନ ଭୁଲକନିଆମାନେ ଆସନ୍ତି ଗାଧିକି । ଆଉ ଆସିନେୟ ଜେତେବେଳେ ଅଲ୍ସୁ ସାତିରେ ଭେଟ୍‌ଘାଟ୍ ହେଇଗେଲା । ସିଠୁ ଇମାନେ କହିନେୟ ଆଉ ଆସ, ଆମ୍‌ହେ ପାଣି ଭିତ୍‌ରି ନୁର୍ ନୁଚିଆଣି ଖେଲ୍‌ବା । ନା କିସ ନୁର୍ ନୁଚିଆଣି । ନା ଏଇ ମାଠିଆଟା ନୁଚେଇବା । ଆଉ ଆମ୍‌ହେ ମାଠିଆଟା ନୁକେଇନେ ତୁଇ ପାଇ ଦିବେ ଜୁଦି ଆମ୍‌ହର ଭିତାରେ ଜା'କୁ ହେନେ ବାହା ହେବେ । ଆଉ ଆମ୍‌ହେ ଜୁଦି ପାଇଜିମୁ ତାହାନେ ତର୍ ପଣ୍ଡାକେବି ନେମୁ, ଆଉ ତକେବି ନେମୁ । ସିଠୁ ଖେଳିନେୟ୍ । ଖେଳିନେୟ୍‌ଜେ ସେଇ କଲ୍‌ସାଟା ପରଥମ୍ ଭୁଲ କନିଆମାନେ ନୁକେଇନେୟ୍ । ଭୁଲକନିଆମାନେ ନେଇ କରି ଚୁଅରକମ୍‌ଥାଏ ଗୁଟେ କୁଣରେ କରି ନୁକେଇ ଦେନେୟ । ଆଉ କାଦ ଜକେଇ ଦେନେୟ୍ । ଆଉ କାଦ ଜକେଇ ଦେନେୟ୍ । ତାର୍‌ପରେ ପଣ୍ଡା ସେଇ ସମୟରେ ପାଣି ଖାଇକି ଜାଉଥିଲା ଆଉ ଦେଖି ପକେଇଲା । ଅଲ୍ସୁ ଜେତେବେଳେ ପାଇଲା ନାଇଁ ସିଠୁ ଖାଣ୍ଡିଆ ପଣ୍ଡା ତାକେ କହିଦେଲା । ସେଇ କୁଣରେ ଖାଦ ଜକେଇ ଦେଇଛନ୍ତି ଆଉ ସେଇ ଖାଦଗା ଆଲ୍‌ହେଇଦେନେ ପାଇଜିବେ । ସିଠୁ ଇଏ ଜାଇଜାଇ ପାଇଗେଲା । ପାଇଗେଲା ଜିନ୍ତି ସିମାନେ କହିନେୟ ତୁଇ ଇଥରନୁକା । ଇଏ ଜାଇକରି ତାର ପଣ୍ଡାକେ ପଚାର୍‌ଲା, କେଁଠେ ନୁକେଇବି । ନା ମୁଇଁ ଜେତେବେଳେ ପାଣି ଖାଉଥିବି -ମର୍ ପାଟିରେ ଦେଇ ଦେବେ । ମୁଇଁ ପାଣି ମିସା ଗିଳି ଦେବି । ସିଠୁ ସେଇ ପଣ୍ଡା ଜେତେବେଳେ ପାଣି ପିଇଲା ସେତେବେଳେ ତାର୍ ପାଟିରେ ଭର୍‌ତି ହେଇଗେଲା । ଆଉ ଭୁଲ କନିଆମାନେ ତ ଖୁଜିଖୁଜି ପାଇନେୟ ନାଇଁ । ଦିନ ତେତେବେଳେ ଢେର୍ ଘୁରି ଗେଲାନି । ଆଉ କହିନେୟ ତାହାନେ ଦେ ଅଲ୍ସୁ ତୁଇ ଆଣିଦେ । ଆଁମ୍‌ହର ହାରିଗେନୁ । ସାତେ ଝଣ୍‌ରୁ ଜାକେ ହେନେ ନେବେ । ସିଠୁ ଅଲ୍ସୁ ଗେଲା ଆଉ କଲ୍‌ସାଟା ଘିନି ଆଇଲା । ଘିନି ଆସିକରି କହିଲା ଦିଅ ତାହାନେ ଜାକେ ହେନେ । ସିମାନେ ଦେଇକରି ଗାଧେଇ ପାଧେଇ କରି ଧାଲ୍ ହେଇକରି ଠିଆ ହେଇ ଗେନେୟ । ତୁଇ ଜାକେ ନେବା କଥା ନେବେ । ଅଲ୍ସୁ

ସିଠୁ ସେଇ ପଣ୍ଡାକେ ପଚାର୍‌ଲା କେଁଟାକେନେବି ବଲିକରି । ପଣ୍ଡା କହିଲା ବଡ଼ଟାକେ ଆଣିନେ ସାନ୍‌ଗା ସାନ୍ନିହେମେୟ ଆଉ ଖାଇଜିମେୟା ଆଉ ସାନ୍‌ଟାକେ ଆଣିନେ ଇମାନେ ଛେଉସାଳି ହେମେୟ, ଆଲ୍‌ହେଇ ଜିମେୟ । ସେଇ ସାନ୍‌ଟା ଙ୍କେଁଟା ଗେଁଙ୍ଗେଲ୍ ମେଁଙ୍ଗେଲ୍ ହେଇଛି ତାକେ ଆଣ୍ ବଇଲା । ଦେଇକରି ଠିଆ ହେନେୟ ଜିନ୍ତି ତାର୍ ସେଇ ଙ୍ଗେଙ୍ଗେଲ୍ ମେଙ୍ଗେଲ୍ ମାଇଲା କଟିକି ଆଣ୍‌ଲା । ଆଣିକରି ତେଣିକି ଘୁରଧନି ହେଇଗେଲା । ତାର୍ ବହୁକେ ଆଉ ପଣ୍ଡାଟାକେ ଧରିକରି ଗେଲା । ଗୁଟେ ପାହାଡ଼ରେ ଜାଇକରି କହିଲାଙ୍କେ ମର୍ ଇଠେଗୁଟେ ବିରାଟ୍‌ବଡ଼ ପାକାଘର୍ ହେଇଜା । ସିଠୁ ହେଇଗେଲା ମସ୍ତବଡ଼ ପାକାଘର୍ । ତାର ପରେ ସିଠେ ତାର ତେର୍ ସୁନା ଗହଣା ହେନ୍‌ତେନ୍ ଧାନ୍ ଚାଉଳ ଭରପୁର୍ ଜଉର ହେଇଗେଲା । ପୁଖରି ଗୁଟେ କଡ଼ବି ବଇଲାଙ୍କେ ପଣ୍ଡାଟା ଗାଧାବୁଡ଼ା କରିଥାକେ ପାଣିଫାଣି ଖାୟାକେ । ଦେଇକରି ପୁଖ୍‌ରି ଖୁଡାହାକ୍ ବଲି ତୁଣ୍ଡୁରା ଦେଲାଙ୍କେ କୁଲେ ମାଟିକି ଧାନ୍‌କୁଲେ । ସବୁ କଡ଼ିକି ଆଇନେୟ । ଏଇ ରକମ୍ ହେଇକରି ତାର ଛଅ ଭାଇ ଗରିବ ହେଇ ଜାଇଛନ୍ତି ନି ସିମାନେ । ସିମାନେ ସବୁ ଆସିନେୟ । ଅଲ୍‌ସୁ ସିମାନ୍‌କେ ଚିନ୍‌ହି ପକେଇଲା । ତାର ବଡ଼ ବହୁକେ ଡାକି ନେଇକରି ରଖ୍‌ଲା । ଫେର୍‌ତାର ଭାଇମାନେ ଆସିକରି ସିଠେ ରହିନେୟ୍ । ମିଳାମିସା ହେଇଗେନେୟ୍ ।

*ଦେବରାଜପୁର, ଉଦଳା*

**ଶବ୍ଦାର୍ଥ :**

ସାତେ - ସାତ, ସର୍‌ଦା - ଶରଧା(ଶ୍ରଦ୍ଧା), ରାଖ୍ - ରଖ୍‌ବାକୁ, ବଇସି - ବଂଶୀ, କାକର୍ - ଥଣ୍ଡା, ଜର୍ - ଜ୍ୱର, ଖୁଡ଼ି - ଖୋଳ, ଅସୁବିଦା - ଅସୁବିଧା, ଅଭନ - ଅନ୍ୟ, ଜଉର - ପ୍ରବଳ, ସିଆଣିଆ - ଚତୁର, ଫଲନେୟ - ପଡ଼ିଲେ ।

□□

# ସାହାଳା ସୁନ୍ଦରି

ଗୁଟେ ରାଜାରେ ତାର୍ ସାତେଟା ପୁଅ । ସାତେଟା ପୁଅଙ୍କେ ଆଉ ସାତ୍ ପୁଅସାରା ବାହା ହେଇଛନ୍ତି । ତାଙ୍କର୍ ସାନ୍‌ପୁଅଟାର ବହୁଟା ନୁଆଁ ଆଇଛି, ନୁଆଁ ଆଇଛି ଜେତେବେଳେ ସିଏ ହେଲା ଆଉ ସାହାଳା ସୁନ୍ଦ୍ରି । ଆଉ ତାଙ୍କର ସାତ୍ ଭାଇ ସାରା, ସିମାନେ ଗେନେୟ କେଁଠିକେ ନା ବଣିଜ ବେପାର । ମାନେ କାର୍‌ବାର୍‌ରେ ଭାଆରିନେୟ୍ । ଭାଆରି ଗେନେୟ ବଳେ ତାଙ୍କର୍ ଗୁଟେ ଭଅଣିଥାଏ । ତାର୍ ନାଁ ନଳିତଙ୍କେ ନଳିତକେ କହିଗେଲା ତାର ଭାଇଟା ଆଉ ତର ବହୁକେ ପୁଖରି ଘାଟ୍‌କେ କି କେଣ୍‌ସି ଆଙ୍କେ ଛାଳିବେ ନାଇଁ । ଚୁଅରେ ଗାଧିଆକେ, ଆଉ ପୁଖରିକି ନଦି କାଇଁ ଛାଳିବେ ନାଇଁ । ସିଠୁ ସାହାଳା ସୁନ୍ଦ୍ରି ତାର ବାରହାତ କେସ । ବାରହାଦ୍ ତାର କେସ ଜେତେବେଳେ ମଇଳା ହେଲା ସିଠୁ ନଳିତକେ କହିଲା ଆମ୍‌ହେ ଜିବା ନଦି ।

ବାରହାତ କେସ ମଇଳା ହେଲାଗ  
ଚୁଅକେ ଗାଧଇ ଜିବା  
ନଇ ସରବର ଜିବାଗ ନଳିତ  
ନଇ ସରବର ଜିବା  
ନଇ ସରବର କିପାଁଇ ଜିବାଗ  
ଚୁଅକେ ଗାଧଇ ଜିବା ।

ସାହାଳା ସୁନ୍ଦ୍ରି ନଇକେ ଗାଧିକି ଡାକିଲାବଳେ ତାର ନଣ୍ଦ ଚୁଅରେ ଗାଧିବା ବଲି କହିଲା । ଫେର୍ ସାହାଳା ମାନିଲା ନାଇଁ । ସିଠୁ ଇମାନେ ଗେନେୟ ନଇକେ ଗାଧିକି । ତାର ନଣ୍ଦ ଧର୍‌ଲା ଗଗରା ଜୁଳେ, ତାର୍ ବହୁଧରଲା ଗଗରା ଜୁଳେ । ନଦିକେ ଜେତେବେଳେ ଗାଧିକି ଗେନେୟ ତେତେବେଳେ ହଟିଆ ରାଜା ଗାଧୁଥାଏ ତଳ ଘାଟ୍‌ରେ । ସାହାଳା ଆଉ ନଳିତ ହେଇକରି ଗାଧୁଛନ୍ତି ଉପ୍‌ର ଘାଟ୍‌ରେ । ସିଠୁ ସାବ୍‌ନି ଦେଇକରି ଜେତେବେଳେ ଗାଧୁଛନ୍ତି ତେତେବେଳେ ଗୁଟେ ଡୁମ୍‌ରି ଫଳ ଖସି ଫଲ୍‌ଲା । ଖସି ଫଲ୍‌ଲା ବଳେ ସିଠୁ ନଳିତ କହୁଛି ଦେଖନା ସେଇ ଡୁମ୍‌ରି ଫଳଟା ଭାସି ଆସୁଛି, ଆଉ ଇଟାତ ଟିଲାରେ ପକେଇଦେନେ

ଚଢ଼େଇ ଚିରଗୁଣି ଅଛନ୍ତି, ଖାଇକରି ମରି ଜିମେୟ୍। ତାହାନେ ଏଇ ଫଳଟା ବେଣ୍ଡଳେଇ କରି ଆଉ ଆମ୍ହେ ପାଣିରେ ଭାସେଇଦେବା। ସାହାଳା କହିଲା ଜେତେବେଳେ ଆଉ ଫଳଟାକେ ଛାଙ୍କି ଆଣନେୟ। ଛାଙ୍କି ଆଣିକରି ଆଉ ତାର ଚୁଟିଟାକେ ବେଲ୍‌ହେଇକରି ସେଇ ଫଳଟାକେ ଦେଇଦେନେୟ୍ ଆଉ ଛାଡ଼ି ଦେନେୟ୍। ହଟିଆ ରାଜା ଗାଧୁଥାଏ। ତାର୍ ଜେତେ ପରଜା ନେଇକରି ତଳଘାଟ୍‌ରେ। ଅତି ଅତି ସୁନ୍ଦର୍ ଦିସିଲା। ସିଠୁ କହିଲା ଦେଖନା ଇଟାଜେ ଭାସି ଆସୁଛି କେତେ ସୁନ୍ଦର୍ ନାଇଁ ଦିସୁଛି। ଛାଙ୍କିଆଣ। ସିଠୁ ଛାଙ୍କି ନେଇଗେନେୟ୍। ଛାଙ୍କି ନେଇ କରି ନାପିନେୟଜେ ବାରହାତ୍ ହେଲା। ବାରହାତ୍ କେସଟା ଜେତେବେଳେ ହେଲା କହିଲା ତାହାନେ କେତେନାଇଁ ସୁନଦର ହେଇଥିଆକେ ସେଇ ଝିଅଟା। ଲୁଅନା ଦଉଲ। ଉପରଘାଟ୍‌ରେ କିଏ ଗାଧୁଛି ଦେଖ। ସିଠୁ ତାର ନୁକଗା ଆସିନେୟ୍ ଜେତେବେଳେ ଦେଖିନେୟଜେ ସାହାଳା ସୁନ୍ଦରି ଗାଧୁଛି। ହଟିଆ ରାଜାକେ ଜାଇକରି କହିନେୟ୍ ଆମ୍ହେ ଦେଖିଲାର କଥା କହିମୁନା ସୁଣିଲାର କଥା କହିମୁ। ନା, ଦେଖିଲାର କଥା କୁହ। ନା କିସ କହିବ ରାଜା, ତାର ତଳିପାଦ ଆଉ ତୁମ୍ହର ସିରିମୁଖ। ତାର୍ ପାଦ ଜଦି ମରି ମୁଖଟା ହେଲା, ମୁଇଁ ଜାଏଁତ ଦେଖଯିଁଟିକେ। ହଟିଆରାଜା ଦଉଡ଼ି କରି ଗେଲାଜେ ବାରହାତ୍ କେସ ଛାଡ଼ି ଦେଇଛି, ଅତି ଅତି ସୁନ୍ଦର ଠିଆ ହେଇଛି। କହିଲା ଅହରେ ମୁଇଁ ଘର୍‌କେ ଜାଏଁ। ଘରକେ ଜାଇକରି ଆଉ ଉଡ଼ାମଲିର ଘୁଳା ଧରିକରିତ ଦୁଇଛକି ତାଣ୍ଡରେ ଛେଙ୍କିଲା। ଛେଙ୍କିଲା ଜେତେବେଳେ ସାହାଳା ସୁନ୍ଦରି ଆଉ ତାର ନଣ୍ଦେ ଜାଇପାରନେୟନି। ଜେତେବେଳେ ନାଇଁ ଜାଇ ପାରନେୟ ସେତେବେଳେ ଆଉ ସିଏ ଜାଇକରି ଘାଟ ଦାନମୂଲ ମାଗିଲା।

ଘାଟ ଦାନ ମୂଲ ଦିଅଗ ସାହାଳା
ଘାଟ ଦାନ ମୂଲ ଦିଅ।
ଘାଟ ଦାନ ମୂଲ କିସଜେ ଦେବିଗ
ସାଙ୍ଗର ନଣ୍ଦ ନିଅ।

ଇନ୍ତି କହିଲା। ତାର୍ ନଣ୍ଦକେ ନେଲା ନାଇଁ। ଦେଇକରି ସିଏ ଆଉ ଛାଡ଼ୟ ନାଇଁ। ସିଏ ଛେଙ୍କୁଛି। ସିଠୁ ତାର୍ ଜେତେ ଅଲଙ୍କାର୍ ଥିଲା ଗଗ୍‌ରା ଫଗ୍‌ରା ସବୁ ଜେତେ ଜାହାଥିଲା ପାଣିକେ ପକେଇ ସାଇଲା। ସିଠୁ ଇଏ ତାକେ ଉଡ଼ାମଲିର୍

ଘୁଳାରେ ବସେଇ କରି ପଲ୍ଲା ଧରିକରି । ପଲ୍ଲା ଜେତେବେଳେ ସେଇ ସାହାଳା ସୁନ୍ଦରିର ଗୁସିଆଁ ଆସିଗେଲା । ଆସିଲା ଆଉ ତାର ସାହାଳାକେ ଖୁଜ୍ଲା । ବଳେ ସଭିଏଁ ତ ଠକିନେୟ । କିଏ କହିଲା ତାର୍ ମାମୁଁ ଘର୍‌କେ ଜାଇଛି । କିଏ କିହଲା - ତାର୍ ପିଇସି ଘର୍‌କେ ଜାଇଛି । କିଏ କହିଲା ତାର ଆଉ କିଏ କହିଲା ତା ଆଉ କେଁଠ୍‌କେ ଜାଇଛି, ଇନ୍ତି ଠକିନେୟ ।

ସାହାଳା କିନ୍ତି ଗଲାଗ ସାହାଳା କିନ୍ତି ଗଲା
ତୁମ୍‌ହର ସାହାଳା ବେଢ଼େ ହଟିଆଗ କୁମ୍ଭାର ସାଇକେ ଗେଲା
କୁମ୍ଭାର ସାଇତ ବୁଲି ଆଇନୁଗ ସାହାଳା ଭେଟନ ହେଲା ।

ସିଠୁ ତାର୍ କୁମ୍ଭାର ସାଇରୁ ଫେରି ଆଇଲା । ଖୁଜିଖୁଜି ପାଇଲା ନାଇଁ । ସିଠୁ ତାର ଭଅଣିକେ ପଚାର୍‌ଲା । ନଳିତକେ ।

ତୁମ୍ଭକୁ ବଲଉଁ ଆମ୍ଭ ନଳିତଗ ସାହାଳା କେଁଠି ଗେଲା
ତୁମ୍ଭର ସାହାଳା ବଡ଼ ହଟିଆଗ ହଟିଆ ରାଜାତ ନେଲା ।

ସିଠୁ ତାର ହିରା ନିଳା କାପ କୁଳିକ ମୁଦୁରା ତଳେଇଲା । ଆଉ ତିନ୍ତିମିନ୍ତି ସାଲ୍‌ହିଟାକେ କୁଛ୍‌କି ଟିପିଲା । ଜୁଗି ଭେସ ହେଇକରି ଭାଆରିଲା । ଭାଆରିଲା ବଳେ ଆଉ ଭିକା ଭିକା କରି ଚାଲ୍‌ଲା । ଜାହିଁ ଜାହିଁ ପରମାଣେ ତାର୍ ଠେଟାରି ଘରୁ ଖଡୁଡି ଆରିଛି, ଆଉ ସେ ପାଟ୍‌ରା ଘରୁ ନୁଗାନେଇଛି । ଆଉ ସେ ବଣିଆ ଘରୁ ଗହଣା ନେଇଛି, ଏଇ ରକମ୍ ସବୁ ପରମାଣ୍ ପାଇପାଇ ପହଞ୍ଚ୍ ଗେଲା ହଟିଆ ରାଜାଘରେ । ପହଁଚିକରି କେନ୍ଦ୍‌ରି ବଜେଇକେ ବସିଲା । ଦେଇକରି ସିଏ ସାହାଳା ତ ସୁଣୁଛି ।

ତିନ୍ତିମିନ୍ତି ସାଲ୍‌ହି ଖଣ୍ଡ କୁଛୁକି ଟିପିଲି
ହିରାନିଳା କାପ କୁଳିକ ମୁଦୁରା ତଳାଲି
ଏକା ସାହାଳାର ନାଗି ଜୁଗି ଭେସ ହେଲି
ଏକା ସାହାଳାର ନାଗି ଦୁନିଆ ବୁଲିଲି
ଏକା ସାହାଳାର ନାଗି ଭିକାରି ହଇଲି ।
ସିଠୁ ହଟିଆ ରାଜା ଘର ତାଙ୍କର ନୁକ ଭିକ ଦେଇକେ ଆସିନେଁୟବଳେ
କେଁଠୁ ଆସିଲ ଝୁଲଣ ଭିକାରି ଆମ୍‌ହେ ଦଉଛଉଁ ଭିକା
ଭିକା ନେଇ ଜୁଅ
ଫେରେଇ ନିଅ ଫେରେଇ ନିଅ ଘରେ ରଖ୍‌ଦିଅ

ଦଇତା ପତି ଜେମା ଦେନେ ମୁଇଁ ବିଦା ହେବି ।

ସିଠୁ ଜେତେ ଜିଏ ଗେନେୟ ଆଉ ଭିକ ନେଲା ନାଇଁ । ନାଇଁ ନାଇଁ ସମତେ ଭିକ ଦେଇ ଦେଇ ଥକି ଗେନେୟ । ବଲେ ନୁଗା ଡେରା ବାନ୍ଧିନେୟ । ନୁଗା ତମ୍ବୁ ଗାଡ଼ିଗାଡ଼ି ପହଞ୍ଚେଇନେୟ ଭିକାରିଠାଣେ । ଦେଇକରି ସାହାଜା ଆଉ ଭିକ ଧରିକରି ଗେଲା ।

କେଁଠୁ ଆସିଲ ଝୁଲଣ ଭିକାରି ଆମ୍‌ହେ ଦଉଛଉଁ ଭିକା
ବିଦା ହେଇ ଜୁଅ
ଫେରେଇ ନିଅ ଫେରେଇ ନିଅ ଘରେ ରଖିଦିଅ
ହସ୍ତେ ଅଛି ସିରିମୁଦି ମକେ ଦେଇ ଜୁଅ ।

ସିଠୁ ତାର ମୁଦିଟା ଦେଇଦେଲା । ଦେଇଦେଲା ଜିନ୍ତି ନିଜେ ଜୁଗି ଛୁରି ମାରି ହେଇକରି ମରିଗେଲା । ମରିଗେଲା ଜେତେବେଳେ ହଟିଆ ରାଜାକେ କହିଲା ସାହାଜା ସୁନ୍ଦରି ଜେ ମର୍ ଆଁଖି ସାମ୍‌ନାରେ ତାହାନେ ଫୁଡ଼ିବ । ଆଉ ଧୁର୍‌କେ ନେବ ନାଇଁ । ମୁଇଁ ସବୁ ଫୁଡ଼ା ଦେଖିଛେୟଁ, ହେନେ ଜୁଗି ଫୁଡ଼ା ଦେଖିନାଇଁ । ହଉ ତାହାନେ ଠିକ୍ ଅଛି । ସାମ୍‌ନା ଉପରେ ଫୁଡ଼ିବା । ଦେଇତେ ସାମ୍‌ନା ସିଏ ଦେଖୁଥାଏ । ତାକେ ତାହା କରିନେୟ । ତାହା କରିନେୟ ବଲେ ଇଏ କହିଲା ମୁଇଁ ଇନାଗ୍ ପାସ୍‌କେ ଜିବି, କଟିଏ ଜୁରି ଫୁଡ଼ା ଭଲ କରି ଦେଖିବି । ଜେତେବେଳେ ଗେଲା ସିଏ ପାସ୍‌କେ ସମତ୍‌କାର୍ ଆଖିଁରେ ଧୁଳି ମାରିନେଲା, ଦେଇକରି ତାର ସାମି ତାହା ଜେଁଠେ ହେଉଛି ସିଏ ସେଇ ନିଆରେ ଜୁକି ଗେଲା । ସିଠୁ ତାର ପଛିରେ ହଟିଆ ରାଜାବି ଜୁକି ଗେଲା । ଆଉ ଜେ ସାତ୍‌ରାଣି ଥିନେୟ, ସିମାନେ ରାଣ୍ଡ ହେନେୟ । ସିମାନେ ସିଠୁ କାନ୍ଦ୍‌ନେୟ ।

ଜୁଗିମଲା ଜୁଗିଆଣି ମଲା ରାଜା କିପାଇଁ ମଲା
ସାତସ ରାଣିକି ରାଜା ରାଣ୍ଡ କରାଇଲା ।

ଦେଇକରି ସିଏ ରାଜା ମରିଗେଲା । ଆଉ ଜିଏ ଭିକାରୀ ହେଇଥିଲା ସିଏ ବଁଚିଲା । ସାହାଜା ସୁନ୍ଦରି ବଂଚିଲା । ଆଉ ହଟିଆରାଜା ସେଇଜେ ରଥିରେ ବସେଇଥିଲା କାଣ୍ଡି ଆଙ୍ଗ୍‌ନିରେ ଧରିକରି ସେଇଟା ତାର ଫୁଡ଼ିଗେଲା । ସିଏ ଘରକେ ଘୁରେଇ ଆଣିଲା ।

ଗୁଲାପ ନାଏକ
ପଦ୍ମପୁର, ଜସିପୁର୍

ଶବ୍ଦାର୍ଥ :

କଲ୍‌ସା - କଳସ, ଗେଁଜେଲ୍ ମେଁଜେଲ୍ - ଅପରିଷ୍କାର, ମାଇଳା - ସ୍ତ୍ରୀ, ପାକା - ପକ୍କା, ମସ୍ତ - ବୃହତ, ହେନ୍‌ତେନ୍ - ଇତ୍ୟାଦି ଇତ୍ୟାଦି, କଉ୍‌ବି - ଖୋଳିବି, ଚୁଅ - କୂପ, ପର୍‌କାରେ - ଉପାୟରେ, ସମତେ - ସମସ୍ତେ, ଝୁର୍ - ଜୋର, ବାଁସ - ବାଉଁଶ, ସର - ଶର, ଇପାରେ - ଏପଟରେ (ଏପାଖରେ), ନଟା - ଲଟା, ହୁଳି - ଛୋଟ ପାହାଡ଼, ଦରିହା - ଦରିଆ, ନିଆ - ନିଆଁ, ନୁଚନୁଚିଆଣି - ଲୁଚକାଳି, ଭିଳା - ଭିଡ଼, ଗହଣ, ନୁକେଇ - ଲୁଚାଇ, ଖାଦ - କାଦ, ଆଲ୍‌ହେଇ - ଆଡ଼େଇ, ଗଗ୍‌ରା - ଗରା, ଜୁଳେ - ଯୋଡ଼ିଏ, ଗାଧୁଥାଏ - ଗାଧୋଉଥାଏ, ଟିଲା - ସ୍ଥଳ, ଚଳେଇ - ଚଢ଼େଇ, ବେଣ୍ଟ୍‌ଳେଇ - ବେଷ୍ଟନ କରି, ବେଲ୍‌ହେଇ - ବେଢ଼େଇ, ଦଉଳି - ଦୌଡ଼, ତିଳିପାଦ - ତଳିପା, ସିରିମୁଖ - ଶ୍ରୀମୁଖ, ତାଣ୍ଡ - ଦାଣ୍ଡ, ଗୁସିଆଁ - ସ୍ୱାମୀ, ଖୁଜ୍‌ଲା - ଖୋଜିଲା, ପିଇସି - ପିଉସୀ, ଠକିନେୟ - ଠକିଲେ, ହଟିଆ - ଅଝଟିଆ, କାପ - କାନର ଅଳଂକାର, ଟିଣ୍ଟିମିଣ୍ଟି - ପାଟଲୁଗା, ସାଲ୍‌ହି - ଶାଢ଼ୀ, କୁଛୁଳି - ଥଳି, ଭିକା - ଭିକ୍ଷା, ଠେଟାରି - ଲାଖ ଆଦିର କାମ କରୁଥିବା ଜାତି, ପାଟ୍‌ରା - ଟସର ସୂତାରେ କାମ କରୁଥିବା ଜାତି, ଡେରା - ତମ୍ବୁ, ଆଁଖି - ଆଖି, ସାମ୍‌ନା - ସମ୍ମୁଖ ।

□□

# ବେନିଝୁମ୍ପାମାଲି ଝିଅ

ସିଂଗ ରାଜା । ସିଂଗ ରାଜାକେ ତାର ସାତେଟା ପୁଅ । ଝିଅ ଗୁଟେକି, ବେନିଝୁମ୍ପାମାଲି । ବେନିଝୁମ୍ପାମାଲି ଝିଅକେ ବିଭା ନାଇଁ ଦେଇଥିଲା । ପୁଅ ସାତେଟାକେ ବିଭା ଦେଇଥିଲା । ହେନେତାର କଣସି କାମ୍ ନାଇଁ । ସବୁଦିନ୍ ସିକାର୍‌କି କରେ । ତାର ଜନ୍ତୁ ମାଇଁସରେକି ସିଏ ଭୁଞ୍ଜନ କରେ । ଆଉ କଣ୍‌ସି କାମ୍‌ଧନ୍ଦା ସିଏ କିଛି କରେୟନି । ସବୁଦିନ୍ ସିକାର୍ କରିକି ଜାନ୍ତି । ଦିନ୍‌କର୍ ଆଉ ସିକାର୍ କରକି ଗେନେୟ୍‌ଙ୍କେ ପାଇନେୟ ନାଇଁ ଖଜିଖଜି । ବୁଲିବୁଲି ଥକି ଗେନେୟ ବଲେ ସିଠୁ ସର୍‌ଗିମୂଲେ ବସିନେୟ୍ । ବସିକରି ତାର ସାତ୍‌ପୁଅକେ ଡାକିକରି କହୁଛି ବୁଢ଼ା, ଆଉ ଆସ ବାପାମାନେ ଇଠେ ସର୍‌ଗିମୂଲେ ବସିବା, ଆଉ ମୁଣ୍ଡର୍ ଝାଳ ଟୁଣ୍ଡରେ ପସିଗେଲାନି, ନହୁ ପାଏ ନେଖା ସୁକି ଗେଲାନି, ଆଉ ସବୁଦିନ୍ ନେନେ କଁଚା ମାଉଁସରେ ଭୁଞ୍ଜନ କରୁଥିନୁ, ଜନ୍ତୁ ଆଜ୍ କିସ ପାଇତି, ଚଢେଇ ଚିର୍‌ଗୁଣି କଟିଏବି ପାଇନୁନି । ବସିକରି ସିଠୁ କହୁଛିକିସ ଆଉ କିଏ କହିଦେତା ହେନେ କେଁ ନାଇନ୍‌ରେ ଜନ୍ତୁ ଅଛି ବଲି ମୁଇଁ ମର ବେନି ଝୁମ୍ପାମାଲି ଝିଅକେ ବାହାଦେତି । କହିଲା ବଲେତ ନିଜେ ଭଗ୍‌ବାନ୍ ସୁଣି ପାଇନେୟ । ଫେର୍ ସିମାନେ ସର୍‌ଗରୁ ଅଲ୍‌ହି ଆଇନେୟ । ଅଲ୍‌ହି ଆସିକରି କହୁଛି କିସନା, ଆଉ କାଇଁ ଆଇଥିଲ ବାବୁମାନେ, କିସନାଗି ଆଇଥିଲ ଏତେ ଖରାରେ । ମୁଣ୍ଡର ଝାଳ ଟୁଣ୍ଡିରେ ପସିଲାନି, ଆଉ କାଇଁ ଆଇଥିଲ, କିସନାଗି । କହିଲାଠାଣୁ ରାଜା କହୁଛି ନାଇଁ, ଅଉ ପାର୍‌ଧି କରିକି ଆଇଥିନୁଜେ ସବୁଦିନ୍ ଆମ୍‌ହେ କଂଚା ମାଉଁସରେ ଭୁଞ୍ଜନ କରୁଁ, ଆଜ୍ ଜନ୍ତୁ କିସ ପାଇତି ଚଢେଇ କଟିଏବି ପାଇନୁନି । ଆଉ ଏଇ କଥାଟା ବିଚାର କରୁଛେୟଁ ମର୍ ସାତ୍ ପୁଅକେ ଧରିକରି । ନାଇଁ ନାଇଁ ଆଉ ଗୁଟେ କଥା କିସ କହୁଥିଲ । ଆଉ ଗୁଟେ କଥା ବଲିକରି କିସବାବୁ । ଆଉ କିଏ କହିଦେତା ହେନେମର୍ ବେନି ଝୁମ୍ପାମାଲି ଝିଅକେ ଦେତି । ଏଇ କଥାଟା ମୁଇଁ କହୁଥିଲି । ହଉ ହୁଅ । ଏଇ କାନିରେ ଜୁଅକେ ଗୁଟେ କାଣ୍ଡରେ ତୁମ୍‌ହେ ଦୁଇ ତିନ୍ ମାର୍‌ବ । ସିଠୁ ସିମାନେ ଗେନେୟ୍ । ଗେନେୟତଁ ଠିକ୍ ପାଇ ଗେନେୟ । ଜନ୍ତୁ ମାରିନେୟ । ଘୁରିନେୟ ବଲେ ତାଙ୍କର ଘରର୍‌ନୁକ ଦେଖୁଛନ୍ତି, କେତେବେଲେ ଆସିମେୟ । ଆଉ ରାତି ହେଇଗେଲା । ଦେଇ କରି ଘର୍‌କେ ପହଁଚିନେୟ୍ । ସିଠୁ କହିନେୟ ଆମ୍‌ହେ ଆଜି, ମିଲ୍‌ଲା ନାଇଁ ବଲେ ରାତି ହେଲାଠାଣୁ ଆସିନୁ । ସିଠୁ ରୁସେଇ

ବାସେଇ କରିନେୟ, ଖାଇନେୟ, ଦାଇନେୟ, ସୁଇନେୟ୍ । ଇନ୍ତି ହେଇ ହେଇକି ତାର ବର୍‌ସେକି ଛମାସ୍ ଗେଲା । ନିଜେ ଭଗବାନ୍ ଆଉ ଜୁଗି ଭେସ୍‌ରେ ଆସିକରି ବସିନେୟ । ବସି ନେୟ୍‌କେ ତାର ବଡ଼ ପୁଅ କହୁଛି ଆଉ ଜୁଗି ଆସିକରି ପିଣ୍ଡାଦୁଆରେ ବସିନେୟ୍ । ଏତେ ଅଛି କର୍‌ରି ମେଲା, ବସିନେୟ ନାଇଁ, ପିଣ୍ଡା ଦୁଆରେ ବସିନେୟ, ଆଉ ବହୁମାନେ କାଇଁ ଭାଆରି ପାଇନେୟ ନାଇଁ । ଦୁଅ ମାଁ ଭିକ ଦେଇକରି ଆଉ ବିଦେୟ୍ କରିଦିଅ । ବଲିବା ବେଲ୍‌କେ ସେ ବୁଢ଼ି ଧରିକରି ଆଇଲା, ଚୁଳା, ଚାଉଳ, ଦୁଧ, ଗୁଳ, ଘିଅ, ସବୁ ଧରି କରି ଆଇଲା । ଆସିଲା ବଳେ ବୁଢ଼ି ବଲୁଛି -

ନେଙ୍କିନା ଜୁଗି ମର ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି
ଫେରେଇ ନେଇଜା ସାସୁ ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁଣ ଦେଇ ରାଣି ।

ସିଏ ବଇଲା ମକେତ ଆଉ ସାସୁ ବଇଲା । ଆଉ ଦୁଅ ବହୁଗା ନେଇଦିଅ । ବଡ଼ ବହୁକେତାର୍ ବଟେଇ ଦେଲା । ସିଏ ଧରି କରି ଭାଆରିଲା ।

ନେଙ୍କିନା ଜୁଗିମର ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି
ଫେରେଇ ନେଇଜା ନିନା ଭିକାରୀ ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି ।

ମକେ ନିନା ବଇଲା । ସିଠୁ ତାର ଆଉ ଗୁଟେ ବହୁ ଧରି କରି ଆଇଲା ।

ନେଙ୍କିନା ଜୁଗିମର ଭିକାରୀ ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି ।
ଫେରେଇ ନେଇଜା ନିନା ଭିକାରୀ ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି ।

ଇନ୍ତି କରି ସାତେଟା ସାରା ବହୁ ଦେନେୟ । ଦେନେୟ ବଳେ ସାତେଟାକେ ସାରାଁ ନିନା ବଇଲା । ଇମା ଧଇଲା ନାଇଁ ଜୁଗି ଭିକ । ଆଉ ତୁମ୍‌ହେ ଦିଅଁ ଆସ । ସିଏ କହୁଛି କିସନା ଆଉ କେତେ ଚାଉଳ ଦେଇଛୁ, କେତେ କିସ ଦେଇଛୁ, ଜୁଗି ଆଉ ନାଆକେ । ବେସି ପୁରା ଡଲା ଭର୍‌ତି କରିଦେନେ ସିନା ନାହୋକେ । ବଳେ ଆଣିଲା ସୁରୁ ଚୁଳା, ସୁରୁ ଚାଉଳ, ଦୁଧ, ଘିଅ, ସବୁ ଡଲାରେ ଭରତି କରି ଆଣିଦେଲା । ବଳେ

ନେଙ୍କିନା ଜୁଗିମର ଭିକାରୀ ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି
ଫେରେଇ ନେଇଙ୍କା ଫୁଲ ଭିକାରୀ ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି ।

ନା, ମକେ ଫୁଲ ବଇଲା । ସିଠୁ ତାର ଆଉ ଭାଇମାନ୍‌କେ ବଟେଇ ଦେଲା । ଜେତେ ସବୁ ଗେନେୟ୍ ସବୁକେ ଫୁଲ ବଇଲା । ସିଠୁ ବୁଢ଼ି ଜାଇକରି ବୁଢ଼ାକେ ଡାକି ଦେଲା । ଆସ ଆଉ ପୁଅମାନ୍‌କେ ଫୁଲ ବଇଲା । ବହୁମାନ୍‌କେ ନିନା ବଇଲା, ଜୁଗିତ ଆଉ ଗେଲା ନାଇଁ । ଦୁଆର୍‌ରେ ବସିଲା । ବଇଲା ବଙ୍କେ ବୁଢ଼ା କିସ କହିଲା ନା ମାଇଁସ ଆଣି ଦେଇଥିବୁ । ଖାଇଥିଲେ, ଆଉ ସିଗାଳି ମନ୍‌ରେ ନାଇଁ । ବେନି ଝୁମ୍ପାମାଳି ଝିଅକେ ଆଉ ଭେସ କରିକରି ଭାଆରେଇ ଦିଅ । ସିଠୁ ବହୁମାନେ କହୁଛନ୍ତି କିସନା -

ମାଇଁସ ଫୁଟକ ବାପା ନାଇଁ ଖାଇ ଥିଲନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି
ମାଇଁସ ଫୁଟକ ନାଗି ବେନିଝୁମ୍ପାମାଳି ଦେବନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି ।

ବହୁଗା କହିତେ କହିତେ ବେନିଝୁମ୍ପାମାଳି ଝିଅ କହିଲା -

ମାଇଁସ ଫୁଟକ ବାପା ନାଇଁ ଖାଇଥିଲନା
ମାଗି ବୁଲେୟଁରେମର କଇଁତା ଦେଇରାଣି
ମାଇଁସ ଫୁଟକ ନାଗି ମକେ ବିଭା ଦେବନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି ।

ଏଇ ରକମ୍ କହି କରିକା ତାର ଝିଅ ଜେତେ କାନ୍ଦୁଛି ବହୁମାନେ ସେତେ କାନ୍ଦୁଛନ୍ତି ।

ଡାଙ୍କସେ ମାଗଲିମର ଚାରିସାଇ ମୁହଁରେନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି
ଭାଆରି ଆସିଲେ ମର ଟୁକିକୁରି ଭାରିନା
ମାଗି ବୁଲେୟଁରେ ମଁର କଇଁତା ଦେଇ ରାଣି
ଆଗରେ ବାଟିସେ ଗେନେୟ ମର ବନ ହଳଦିନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି
ଆଗରେ ପଛରେ ହେଲେ ଟୁକି କୁରି ଭାରିନା

ମାଗି ବୁଲେୟଁରେ ମର କଇଁତା ଦେଇ ରାଣି ।
ମଝିରେ ହଇଲେ ମର ବେନି ଝୁମ୍ପାମାଳିନା
ମାଗି ବୁଲେୟଁରେ ମର କଇଁତା ଦେଇ ରାଣି ।

ବହୁମାନେ ବେନିଝୁମ୍ପାମାଳି ଝିଅକେ ଗାଧେଇ ଆଣିନେୟ । ଆଣିକରି ଆଉ ପାଟ୍‌ନୁଗା ପିନ୍ଧେଇ ଦେନେୟ । ପିନ୍ଧେଇ ଦେଇକରି ଆଉ ତାକେ ଭେସ କରିକରି ଦେନେୟ ଡଲା ଧରିକରି ଭାଆରେଇ ।

ନେକିନା ଜୁଗିମର ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି

ସିଠୁ ଜୁଗି ଆଉ ତାର ହାତ୍‌ରେ ଧରି ପକଲା । ଧରି ପକଲାଠାଣୁ ତାର ବହୁମାନେ ଭାଆରିକରି ଭଉତ୍ ମାଡ଼ ଦେନେୟ । ମାଡ଼ ଦେନେୟଙ୍କେ ଏକାଥରେ ହାଡ଼ଫେଲ୍ କରି ପକେଇ ଦେନେୟ । ଦେଇକରି ସେଇ ବୁଢ଼ା କେତେବେଙ୍କେ ଉଠି ବସ୍‌ଲା । ଭୁଲ ଗଞ୍ଜେଇନି ଖାଇ ଦେଇଥିଲି । ସେଇ ଦେଇକି ଢଳି ଫଇଲି ବଇଲା । ସଜାଳି ହେଇକରି ବସିଲା । ସିଠୁ ବିଭାକରେଇ ଦେନେୟ ବେନି ଝୁମ୍ପାମାଳି ଝିଅକେ । ଦେଇକରି ଭାଆରେଇ ଦେନେୟ ଝିଅକେ । ଗେନେୟ ଭାଆରି । ତାର ବହୁମାନେ କାନ୍ଦିକାନ୍ଦିକା ଘରେ ରହିନେୟ । ସିଠୁ ଇମାନେ ନେଇଛାଳିଗା ଗେନେୟଙ୍କେ ଜେତେବେଙ୍କେ ବନସ୍ତରେ ପହଁଚିନେୟ, ଆସବାବୁ ଆମ୍‌ହେତ ରାସ୍ତା ଦେଖିନାଇଁ, ତୁମ୍‌ହେ ଦେଖେଇବ ହେନେ ସିନା ଆମ୍‌ହେ ଚାଲିମୁ କହିନେୟ୍ । ନାଇଁ ନାଇଁ ଚାଲ । ଡାଳ ଖଣ୍ଡେ ଖଣ୍ଡେ ଭାଙ୍ଗିଦେଇ ଆସିଛେୟଁ । ସେଇ ରସ୍‌ତାରେ ଚାଲ । ସେଇ ରାସ୍‌ତାରେ ଗେନେୟଙ୍କେ ଗେନେୟଙ୍କେ ଅଗ୍‌ନାଅଗ୍‌ନି ବନସ୍ତରେ ଡାଳ୍ କୁଳିଆରେ ପହଁଚିନେୟ । ଜୁଗି କହିଲାଙ୍କେ ମର୍‌ତ ରୁସେଇ ବାସେଇ କରିବାର ନୁକନାଇଁ । ନିଜେ ରୁସେଇ କରେୟଁ । ଆଉ ଭୁଜା ଜଲ୍‌ଖିଆ ଜାହା କିଛି ଅଛି ଖାଇନେଇ ଜୁଅ । ସିଠୁ ନୁକଗା କହୁଛନ୍ତି ରାଜା ଘର ବଲିକରି ଝିଅ, ଏଇ ଡାଲ୍‌କୁଳିଆ ଘରେକି ଅଗନା ଅଗନି ବନସ୍ତରେ ଦିନ୍ କଟେଇ ପାରିଆକ୍ । ଦେଇକରି ସିମାନେ ଜାହା ଜଲ୍‌ଖିଆ ଥିଲା ଖାଇନେୟ । ଖାଇକରି ଆଉ ରୁସେଇ କରିନେୟ୍ । ଦେଇକରି ସକାଳ ପାହିଲାବଲେ ଆଁଉ ପଲେଇ ଆଇନେୟ । ସିଏ କାନ୍ଦି କାନ୍ଦି ବେନିଝୁମ୍ପାମାଳି ବସିଛି । ଜୁଗି କହିଲା କିସନାଗି କାନ୍ଦିକାନ୍ଦି ବସିଛେ ? ଜୁଅ ଗାଧିଆଇବ । ନାଁ ମୁଇଁତ ରାସ୍‌ତା ଦେଖିନାଇଁ । ଅଗ୍‌ନା ଅଗ୍‌ନି ବନସ୍ତରେ ମୁଇଁ କେଁଆଙ୍କେ ଜିବି ଗାଧିକି । ନାଁ ଜୁଅ, ମୁଇଁ ଡାଳ୍ ଭାଙ୍ଗି ଦେଇ ଆସିଛେୟଁ । ଝରଣା ପାଣିରେ ସିଠେ ଗାଧିବ । ସିଏ

ଗେଲା ଗାଧିକି । ଦାନ୍ତ ଘସିଘସି ନୂଟାଗୁଟେ ଧରିକରି ଆଉ ଗାଧିଲା ଝରଣା ପାଣିରେ । ଆଉ ଗାଧିକରି ପାଣିନୁଟା ଧରିକରି ଆଇଲା । ଆଇଲାବଲେ ଦେଖିଲାଜେ ପାରାଘରେ ପାରା, ହାତି ଘରେ ହାତି, ଘୁଳା ଘରେ ଘୁଳା ଆଉ ଜୁଗିତାର୍ ପାନ୍ ଖାଇ କରି ବସିଛି ଚିଆର୍‌ରେ । ଆର୍ ସିଏ ପହଁଚିଲା ଘର୍‌କେ ଆସ । ବଲେ ନାଇଁ ଇଟାନି ଜୁଗିଘର୍ ବଇଲା । ସିଠେ ରହିଲା । ନୁଗା ପିନ୍ଧିଲା ଆଉ ଚୁଲ୍‌ହି ଜଳେଇଲା । ରୁସେଇ ବାସେଇ କରି ଖାଇଦାଇ ରହିଲା । ବର୍‌ସେ ଗେଲାକି ତାର୍ ଛଅ ମାସ୍ ଗେଲା । ତାର୍ ଫେର୍ ଆଇଲା ରାଜା ଘର୍‌କେ ହାତିରେ ବସି କରି ।

ଆଣ, ଆଣ ରାଜା ଘର୍ ବଲି ଡାକ ବହୁଛି । ସୁରୁଚୁଳା, ସୁରୁ ଚାଉଳ, ଡାଲି, ଦୁଧ, ଘିଅ ଆଣ । ନାଁ କେଁଠୁ ଦେମୁବାପା ସୁରୁଚୁଳା ସୁରୁଚାଉଳ । ଜେଁ ଦିନୁ ବେନିଝୁମାଳି ଝିଅକେ ଦେଇଛଉଁ ଆମ୍‌ହର ଧନ ଦୁକାନ ସବୁ ସିଆଲେ ଉଡିଗେଲା । ଆଉ ଇନା ପୁଅବହୁ ଆଣିନେ ଖାଉଛଉଁ, ନହଲେ ନାଇଁ ବଇଲା । ଆଉ କାହିଁ ଜିବେ ନାଇଁ । ସିଙ୍ଗରାଜା ଘର୍‌କେ ଗଲେ ସୁରୁଚୁଳା, ସୁରୁଚାଉଳ, ଦୁଧ, ଘିଅ ଡାଲି ସବୁ ଦିଅନ୍ତ୍ ବଲି ବାପା କହିଥିଲେୟ ବଲିକରି ମୁଇଁ ଆଇଲି । ଆଉ ସିନ୍ତି ଦେଉଥିନୁ ବାପା । ଇନାତ ଝିଅଦେନୁ, ସେଇଆଲେ ସବୁ ଧନ୍ ଗେଲା । ସିଠୁ ଇଏ ପଳେଇ ଆଇଲା । ଆଉଥରେ ବଛରେ କି ଛଅ ମାସ୍ ଗେଲା । ଫେର୍ ଘୁର୍‌ଲା ସେଇ ହାତିରେ ବସିକରି । ଆଣ ଆଣ ରାଜା ଘର୍ ବଲି ଡାକ ବାଜୁଛି । ସୁରୁ ଚୁଳା, ସୁରୁ ଚାଉଳ, ଡାଲି, ଦୁଧ, ଘିଅ ଆଉ ଦିଅ । ନାଇଁ ବାପ, ଆମ୍‌ହରତ ବେନି ଝୁମାମାଳିକେ ଦେଲାଦିନୁ ଧନଦୁକାନ ସେଇଆଲେନି ଉଡ଼ିଗେଲା । ଇନା ପୁଅମାନେ କାମ୍ କର୍‌କି ଜାଇଛନ୍ତି । ଆଣିନେ ଜାଇକରି ଚୁଲ୍‌ହି ଜାଳାହାକେ, ନାହିଁନେ ଉପାସ୍ ରହିମୁ ।

ତାହାଲେ ଆମ୍‌ହର ରାଇଜରେ ଗୁଟେ ରାଜା ଅଛିଜେ ଧାନ କୁଲେକେ ମାଟିକୁଲେ ଦେଉଛି । ଆଉ ତମ୍‌ହର ପୁଅ ବହୁ ଜିତେ ହେନେତ ଖାଇତ । ନା, କେତେ ଧୁରିଆ ଜେବାପା, କିନ୍ତି କରି ଜିମୁ । ନା ମୁଇଁ ତାକ୍ ଖଣ୍ଡେ ଖଣ୍ଡେ ଭାଗି ଦେଇକରି ଜାଇଥିବି ସେଇ ରାସ୍ତାରେ । ଇଗା ମୁଇଁ ତାର୍ ଘରେ କାମ୍ କରିଥିଲିଜେ ନିଅ ଏଇ ଚାଉଳ, ଚୁଳା, ଦୁଧ, ଗୁଳ ରୁସେଇ ବାସେଇ କରି ଖାଇବ । କହିଲା ବଲେ ବୁଢ଼ିସବୁ ଚାଉଳ, ଚୁଳା ରଖିଲା, ରୁସେଇ ବାସେଇ କରିନେୟ୍ ଖାଇନେୟ୍ । ସିଠୁ ତାର୍ ପୁଅମାନ୍‌କେ କହିଲା ଝଣେ ନୁକ ଆଇଥିଲାଜେ ଆଉ କହିଲା ଗୁଟେ ନୁଆଁ ରାଜା ଅଛି ଜେ ମାଟି କୁଲେକେ ଧାନ୍ କୁଲେ ପରା ଦେଉଛି । ବଲେ ଆମ୍‌ହେ ଜିମୁ ବଲିକରି ସବୁ ଭାଆରିନେୟ । ରାତି ପାହିଲା ଠାଣୁ ଗେନେୟ୍ । ଗେନେୟବଲେ ଜାଇକରି ପହଁଚିନେୟ୍ ସେଇଘରେ ।

ଇମାନ୍‌କେ ଭାଆରିଆ ରଖିଦେଲା ଗୁଟେ ଘରେ । ଦେଇକରି ଆଉ ମାଟି କୁଲେ କଡନ୍ତି ହେନେ ଧାନ୍ କୁଲେ ଦିଏ । ଇନ୍ତି କରି କଡ଼ିନେୟ୍ କଡ଼ିନେୟ । ବେସି ଜେତେବେଳେ ଗାଡ଼ିଆ ହେଇଗେଲା ସିଠୁ ବହୁ ସାତ୍‌ଟାକେ ଚୁଟିକାଟି ଦେଲା ବାରିକ ଡାକିନେୟ । ଧୁବା ଡାକି କରି ନୁଗା କାଚେଇ ଦେଲା । ଦେଇକରି ଖାଇକି ଦାଇକି ଦେଇକରି କହିଲା ଜୁଅ ଆଉ କେତେ ଗାଡ଼ିଆ ହେଇଛି ଦେଖ । ସିଠୁ ସାତ୍‌ଟା ସାରା ବହୁ ଜେତେବେଳେ ଗାଡ଼ିଆ ଭିତର୍‌କେ ଭରତି ହେନେୟ ଆଉ ମାଟି କଣ୍ଡାକରି ଚଲେଇ ଦେଲା । ସାତ୍ ବହୁସାରା ସିଠେ ମରିନେୟ୍ । ତାର ପୁଅ ସାତ୍‌ଟାକେ ସିନ୍ତି ବାରିକ ଡାକି ଆଣ୍‌ଲା, ଧୁବା ଆଣ୍‌ଲା, ନୁଗା କାଚେଇଲା, ଆଉ ନୁଆଁନୁଗା ପିନ୍ଧିକି ଦେଲା । ସିମାନେ ଭାବୁଛନ୍ତି ଆମ୍‌କେହିଁ ସିନ୍ତି ମେରିଆ ଦାକ୍ । ସିମାନ୍‌କେ ଆର୍ ଥକେ ଘର୍‌କେ ଡାକିନେଲା । ବେନି ଝୁମାମାଳି ରୁସେଇ କରିଥିଲା । ଦେଲା ଖାଇକି, ଖାଇକେ ଦେଇସାରି କହିଲା ବାପା ହେଲାକି ମାଁ ହେଲା ଆଉ ମକେ ଚିନ୍‌ହ । ନାଁ, ତୁଇ କିଏ ଜେ ମାଁ ତକେ ଆମ୍‌ହେ ଚିନ୍‌ମୁ । ନା ମୁଇଁପରା ତମ୍‌ହର୍ ବେନିଝୁମାମାଳି ଝିଅ । ସିଠୁ କୁଣ୍ଡାକୁଣ୍ଡି କନ୍ଦାମୁନ୍ଦା ହେଇକରି ସିଠେ ରହିନେୟ୍ । ତାର ସାତ୍ ଭାଇକେ ସାତ୍‌ଟା ବହୁଆଣି ଦେଲା । ସବୁ ସିଠେ ରହିନେୟ୍ ।

**ନୂରୁପଟି,**
**ଚଳସାହି, ଯଶୀପୁର ଗଡ଼**

**ଶବ୍ଦାର୍ଥ :**

ପୁଡ଼ିବ - ପୋଡ଼ିବ, ଡାହା - ଦାହ, ଇନାଗ୍ - ବର୍ତ୍ତମାନ୍, ଏଇଲାଗେ; ଢୁକିଗେଲା - ପଶିଗଲା, କାଣ୍ଡିଆଙ୍ଗ୍‌ଳି - କନିଷ୍ଠ ଆଙ୍ଗୁଳି, ସିକାର - ଶିକାର, ସଗ୍‌ଗି - ଶାଳଗଛ, ଟୁଣ୍ଡ - ପାଟି, ମାଉଁସ/ମାଇଁସ - ମାଂସ; ଅଲ୍‌ହି - ଓହ୍ଲାଇ, ପାର୍‌ଧି - ପାରିଧି, କିସ - କ'ଣ, କାନି - କୋଣ, କାଣ୍ଡ୍ - ଶର, ପାଇନେୟ - ପାରିଲେ, ଗୁଳ - ଗୁଡ଼, ନାଆକେ - ନେବ, ଫୁଲ - ସଳା ସମ୍ବନ୍ଧୀୟ, ଫୁଟକ - ଖଣ୍ଡିଏ, ଟୁକିକୁରି - ପରିଚାରିକା, ହାଡ୍‌ଫେଲ୍ - ହାର୍ଟଫେଲ୍, ଭୁଲ୍ - ଭୋଳ, ସଜାଳି - ସଜାଡ଼ି, କୁଚିଆ - କୁଡ଼ିଆ, ରୁସେଇ - ରୋଷେଇ, ନୁଟା - ଲୋଟା, ଚିଆର୍ - ଚୌକି, ଚୁଲ୍‌ହି - ଚୁଲି, ଧନଦୁକାନ - ଧନଦୌଲତ, ବଛ୍‌ରେ - ବର୍ଷେ, ଗାଡ଼ିଆ - ଗାଳିହା - ଗଡ଼ିଆ, ଉପାସ - ଉପବାସ, ଧୁବା - ଧୋବା, ମେରିଆ - ବଳି, ଧନଦୁକାନ - ଧନଦୌଲତ, ବଛ୍‌ରେ - ବର୍ଷେ, ଗାଡ଼ିଆ,ଗାଳିହା - ଗଡ଼ିଆ, ଉପାସ - ଉପବାସ, ଧୁବା - ଧୋବା ।

# ସାଦ୍‌ବଝିଅ ରାଜାପୁଅ

ଗୁଟେ ସାଦ୍‌ବ ବୁଢ଼ାନି । ତାର ଗୁଟେନି ଝିଅ । ଗୁଟେନି ଝିଅଙ୍କେ ସିଏ ପାଠ ପଢ଼େଇ ପଢ଼େଇ ବଡ଼ କଇଲା । ବଡ଼ କଇଲାବେଲେ ସିଠୁ ତାର ବାପ୍ ବର୍ ଖଜି ଖଜି ଗେଲା । ବର୍‌ଖଜି ଗେଲା ବଲେ ସିଠୁ ଗାଁ ଗାଁ ଗେଲା । ଖଜି ପାଇଲା ନାଇଁ ବଲେ ସିଠୁ ତାର ଗାଁର ଗାକେ ଡାକେଇଲା । ଦିଅରେ ଆମ୍‌ହର ଝିଅର ବର୍‌ଖଜି । ଆଉ ବାହାଘର୍ କରିବା । ଏତେ ବଡ଼ ହେଇଗେଲା, ଘରେ ରଖିବା ନାଇଁ ଆଉ । ତାହାନେ ଆମ୍‌ହେ ଜାଉଛଉଁ । ଚୂଳା ଭୂଜା ଦେଲା ଆଉ ତାଙ୍କର୍ ସିଠୁ ଗାଧି ଆସିନେୟ ଗାଧି ଆସିକରି ଭାତ୍ ଦେଲା । ଭାତ୍ ଖାଇନେୟ ଆଉ ଗେନେୟ । ତାଙ୍କର ଘରର୍‌ଗା ବାଟେଇ ଦେନେୟ । ସିଠୁ ଭାଆରି ଗେନେୟଙ୍କେ ଗେନେୟଙ୍କେ ଜାଇକରି ଆଉଥରେ ଟଁପାମୁଳିଆ ନାଳରେ, ନାଳକନିଆ ବସିନେୟ । ସିଠୁ ଭାଇମାନେ ଇଠେ ଥାଅ । କେହି ବରଖଜି ପାଇନୁନି କହିବ । ସମତେ କହିବ । ସିଠୁ ହଁ । ତାଙ୍କର କୁକୁଡ଼ା ମାରିନେୟ, ମାଇଁସ ଭାତ ରାନ୍ଧିନେୟ । ସଭିଏଁ ରାନ୍ଧି ବାଢ଼ିକରି ତାଙ୍କର୍ ଗାଧିବୁଡ଼ିକରି ସିଠୁ ଖାଇନେୟ । ଖାଇକରି ସିଠୁ ଭଉଦ୍‌ପର୍‌ଗୁଡ଼ ଘସି ହେନେୟ । ସିଠୁ ପଳେଇ ଆଇନେୟ । ସାଦ୍‌ବ ଘର କୁଟ୍‌ରେ ଗୁଟେ କୁକୁରଥାଏ । ସିଟା ଖାଲି ଡ଼ିଡ଼ି ହେଇଥାଏ । ଡ଼ିଡ଼ି ହେଇଥିଲାବଲେ ଏ ସାଦ୍‌ବାଣି, ନା, କିସ, ଦେଖିନାରେ କିଏ ଆଇଛି, ଆଉ କୁକୁରଟା ଏତେ ଭୁକୁଛିଙ୍କେ । ଦେଖିଲାଙ୍କେ ତାର ବର୍‌ଖୁଜାଗା ଆଇଛନ୍ତି । ବର୍‌ଖୁଜା ଆଇଛନ୍ତି ବଲେ ସିଠୁ ପାଣି ଦେଲାସେ ସାଦ୍‌ବାଣି । ଛାନିଆ ମାନିଆ ଧୁଇ ହେନେୟ । ଆଉ ଖଟ ପକେଇଦେଲା । ଗଛାବିଛେଇ ଦେଲା । ବସିନେୟ । ସିଠୁ କଥା ଭାଆରେଇନେୟ । ତୁମ୍‌ହର ଝିଅଟା ଦୁସି । ବରଖଜିଖଜି ପାଇନୁନି । ଏତେ ଦିନ୍ ହେଲାନି, ଆଉ ସେଠୁ ପଳେଇ ଆସିନୁ ପାଇନୁ ନାଇଁ ବଲେ ।

ଆରେ ମର୍ ଗୁଟେ ବଲି ଝିଅ, ଏତେ ପାପ୍ ପଲ୍‌ହେଇଲ । ଆଉ ବର ଗୁଟେ ଖୁଜ୍‌ଲ ପାଇଲ ନାଇଁନା । ସିଠୁ ତାଙ୍କର କହିନେୟ ଅପ୍‌ଦୁସି ଝିଅଟାକେ ଆଉ ରଖିବାର ନାଇଁ ଇଆର ମୁହଁକେ ଆଉ ଚାହିଁବାର୍ କଥା ନାଇଁ । ଜେଁଆଲେ ମନ୍‌ତାର୍ ସିଆଲେ ଜାଉ । ତାର୍ ବାଘ ଖାଇଲାକି ଭାଲୁ ଖାଇଲା ଆଉ ରଖିବା କଥା ନାଇଁ । ସିଠୁ ଝିଅଟା ତାର୍ ଭାଆରି ଗେଲା । ତାର୍ ସଇ ଘର୍ ଗେଲା ।

ନିଅ ସଇ ପାଣି ବଲି ଦୁଅ
ଦଇବରେ ନିଅ ସଇ ପାଣି ଦୁଅ

ନାଇଁ ସଇ ନାଇଁଙ୍କେ ଦୁଇବି
ଦଇବରେ ମୁଇଁ ସଇ ନାଇ ଦୁୟବି ।
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲବ ।

ସିଠୁ ସିଠେ ପାଣି ଧୁଇଲା ନାଇଁ । ତାର ଫୁଲ ଘରକେ ଗେଲା ।

ନିଅ ଫୁଲ ପାଣିବଲି ଦୁଅ
ଦଇବରେ ନିଅ ଫୁଲ ପାଣି ଦୁଅ
ମୁଇଁ ଫୁଲ ନାଇଁଙ୍କେ ଦୁଇବି
ଦଇବରେ ମୁଇଁ ଫୁଲ ନାଇଁ ଦୁୟବି
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲବ ।

ସିଠୁ ପକେଇ ଆଇଲା ଘରକେ । ଚୁଳା ଚାଉଳ ବାନ୍ଧିଲା ।

ଦିଅ ମାଁ କାନର ଗଣ୍ଡିଆ
ଦଇବରେ ଦିଅମାଁ କାନ ଗଣ୍ଡିଆ
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲବ ।
ଦିଅମାଁ ନାକର ଜେ ଫୁଲି
ଦଇବରେ ଦିଅମାଁ ନାକର ଫୁଲି
ଦିଅମାଁ ହାତରକେ ଚୁଡ଼ି
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲବ ।

ତାର ମାଁ ଠାଣୁ ସବୁ ଆଣ୍ଲା । ଆଣିକରି ତାର ବାପଠାଣେ ଗେଲା ।

ଦିଅ ବାପା ତୁମ୍ବରନି ଦୁତି
ଦଇବରେ ଦିଅବାପା ତୁମ୍ହର ଢୁତି ।
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲବ ।
ଦିଅ ବାପା ତୁମ୍ହର ନି ଘଣ୍ଟା

ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲ୍‌ବ ।
ଦିଅବାପା ଉଡ଼ାଣିରି ଘୁଳା
ଦଇବରେ ଦିଅବାପା ଉଡାଣିରି ଘୁଳା
ଦୁସି ଝିଅ ରାଇଜ ବୁଲିବ
ଦଇବରେ ପାପି ଝିଅ ରାୟଜ ବୁଲ୍‌ବ ।

ସିଠୁ ପଲ୍‌ଲା । ଖାଇଲା ନାଇଁ, ପିଇଲା ନାଇଁ । ଉଡାଣିର ଘୁଳାଧରି ପଲ୍‌ଲା । ଆର୍ ଅଙ୍ଗା ପେଣ୍ଟ ମଡ଼େଇଲା । ତାର ଜେତେ ବେଡ଼ିଂ ପତର୍ ସବୁ ସାଉଟି ଦେଲା ଗୁଟେ ଘରେ । ଆଉ ତାର ସଇ ଘରେ ତାର ଫୁଲଘରୁ ଜାହାଜିନ୍‌ସ ଆଣିଥିଲା ସବୁ ସିଗା ସଜାଳିଲା । ଆଉ ସେଇ ଘୁଳା ପଛରେ ନଦିଲା । ଉଡିଉଡି ଦେଇତେ ଗେଲାଜେ ଗେଲାଜେ ଜାଇକରି ସେଇ ବଡ଼ ପର୍‌ବତ୍‌ରେ ମେଘ୍‌ସୁନ୍ ପର୍‌ବତ୍‌ରେ ଛିଳିଲା । ଛିଲ୍‌ଲା ବଳେ ସିଠୁ ଆଉ କିନ୍ତି କରେଯିଁ ବଇଲା । ସିଠୁ ମୁଣ୍ଡରେଉଠିଲା ଚୁଟିଗା ବାନ୍ଧିଲା । ସୁଟ୍ ସାଟ୍ ପିନ୍ଧିଲା । ଘଣ୍ଟା ଆଣ୍ଟିଲା । ବଜାର୍‌କେ ଗେଲା । ସିଠୁ ଗୁଟେ ଛତା ଆଣ୍‌ଲା । ମାନେ ପୁଅ ଭେସ ଧଇଲା । ଆଉ ତାର ମାଁର ସଜକେ ବୁଢ଼ା ପଥ୍‌ର ଆଳେଇ କରି ସିଠେ ନଦି ଦେଲା । ନଦିଦେଇ କରି ଆଉଥରେ ସିଠୁ ଉଡ଼ାଣିର ଘୁଳାକେ ଖୁଲ୍‌ଲା । ଆଉ ଥରେ ସେଇ ଉଡି ଉଡି ଗେଲାଜେ ଗେଲାଜେ ସେଇ ମନ୍ତରିପୁଅ ବେଣ୍ଟ ପୁଖରିରେ ଛିଲ୍‌ଲା । ଛିଲ୍‌ଲା ବଳେ ସିଠେ ତମ୍ଭୁଗାଡ଼ିକରି ରହିଲା । ପାନ୍ ଖାଇଲାଜେ ଖାଇଲଜେ ଏକାବେଳେ ପୁଖରିଟା ନାଲ ହେଇଗେଲା । ସିଠୁ ବଲୁଛି ସେଇ ମନ୍ତ୍ରିର କଠିଆଟା ଆରେ ମନ୍ତରି ଘରତ ଆଜି ପୁଖ୍‌ରିଟା ଏତେ ନାଲିଆ ହେଇ ଜାଇଛି କିସ ପାଇଁ । ନା ମୁଇଁ ଉପ୍ରୁର୍‌ଆଳେ ଦେଖଯିଁ । ସିଠୁ ଦେଖୁଛିଜେ ଅତି ଅତି ସୁଭାକର ପିଲାଟା ଆଉ ବିଦେସିଆଟା । ତାଙ୍କର ପୁଅ ମେତି ଦେଖାଜାଉଛି । ଆଉ ମୁଇଁ ଜାଏଁ, ଘଟ୍ କେଯିଁ । ପଣ୍ଡା ଧୁଇବି ପଛେ ବଇଲା । ଆଉ ମନ୍ତ୍ରି, ମନ୍ତରି ! ନା କିସ ? ନା, ସୁଣ୍‌ଲାର କଥା କହିବି ନା ଦେଖ୍‌ଲାର କଥା କହିବି । ନା, ଦେଖ୍‌ଲାର କଥା କ । ନା, ଆଉ ଅତି ଅତି ସୁଭାକାର ପିଲାଟା ଆଇଛି, ବିଦେସିଆଟା । ଏଇ ତୁମ୍‌ହର୍ ବେଣ୍ଟ ପୁଖରିରେ ପଣ୍ଡା ଧୁଥିଲି । ପାନ୍ ଖାଇଛିଜେ ପୁଖରିଟା ଏତେ ନାଲ୍ ଦିସଉଛି । ଚାଲ ଜିବା । ନା, ତୁମହର ପୁଅବି ଜାନ୍ତୁ । ତୁମ୍‌ହେବି ଚାଲ, ଆଉ ମୁଇଁବି ଚାଲ୍‌ବି ବଇଲା । ସିଠୁ ଗେନେୟ । ଆସିନେୟବଳେ ଇଏ ପାନ୍ ଖାଇକରି ବସିଛି । ଆଛା ତୁମ୍‌ହେ କେଁଠୁ ଆଇଲ । ନା ମୁଇଁ ରାଇଜ ବୁଲ୍‌କି ଆଇଛେଯିଁ ।

ଆଉ କିସନାଗି ଆଇଥିତି ବଲୁଛ । ଆଚ୍ଛା, ଆମ୍‌ହର୍ ପୁଅ ମେତିତ ଦିସୁଛ, ଆମ୍‌ହର ପୁଅ ସାତେ ଆଉ ସଙ୍ଗାତ ବସିବ ନାଇଁ । ନା ବ୍‌ସିମୁ । ଆଉ ଚାଲ ତେବେ । ସିଟା ଉତାଣି ଘୁଲାଟା ଧର, ଆଉ ଚାଲ ବଇନେୟ । ଗେନେୟ୍ । ତାର ମାଁ ପାଣିଦେଲା । ଆଉ ଧୁଇହେଲା । ଖଟ୍‌ଗୁଟେ ପକେଇଦେଲା ବସିନେୟ୍ । ସିଠୁ ବଲୁଛନ୍ତି ଆଉ ବିଣ୍ଡି । ବିଣ୍ଡି ନାଇଁ କହିଲା । ଭାତ୍ ଫାତ୍ ଖାଇବି ନାଇଁ, ଚାହାଟିକେ ବସେଇଦେ, ମୁଇଁ ଖାଇବି । ସିଠୁ ଆର୍‌ଦିନ ସିନ୍ତି ରାତି ପାହିଲା । ଆଉ ଗାଧିକି ଭାଆର୍‌ନେୟ । ସାବ୍‌ନି, ନଲିଆତେଲ୍ ଭାଆରେଇନେୟ୍ । ଆଉ ଗାଧିକି ଗେନେୟ ପୁଖରିକେ । ଆମ୍‌ହର ଗୁଟେ ପୁଖରିରେତ ଚଲେୟ ନାଇଁ । ଅଇନି ପୁଖରିରେ ଚଲ୍‌ବ ନା ? ନା, ହଁ । ହଉ ତାହାନେ ତୁମ୍‌ହେ ହାୟ୍ ପୁଖରିଟାକେ ଜୁଅ, ମୁଇଁ ଏଇ ପୁଖରିଟାରେ ଗାଧୟଁ । ତାର ସଙ୍ଗାତ୍ ଗେଲା ଗୁଟେ ପୁଖରି, ଇଏଗେଲା ଗୁଟେ ପୁଖରି । ତାର ଚନ୍ଦ୍ରମୁଣ୍ଡା ଗାଧିଲା । ତେଲ୍ ମାଖିଲା । ସାବ୍‌ନି ମାଖିଲା । ଆ ସିଠୁ ଚନ୍ଦ୍ର ମୁଣ୍ଡା ଗାଧି କରି ଉଠି ବସ୍‌ଲା ଇଲାକେ, ତାର ସିଙ୍ଗିକି ସାଡ଼ିଟା ପିନ୍ଧିକରି । ସିଠୁତ ତାରେ ସେଇ ପିଲା ପହରେ ପହରେ ଗାଧୁଛି । ସଙ୍ଗାତ ତୁମହେ ଏତେ ଶିଘ୍ର ଗାଧିଲଙ୍କେ । ନା ତୁମ୍ ହେ ପଲେଇ ଆସ, ଆର୍ ଜିବା । ଆଜ୍ ରଇବି ନାଇଁ ବଇଲା । ବଲେ ସିଠୁ ଆସିନେୟ୍ । ଆଉ ସିଠୁ, ଗୁଟେ ଥାଳିରେ ଭାତ୍ ଗୁଟେ ଥାଳିରେ ତୁଉଣ, ମସିଣା ପକେଇ ଦେଇକରି ପାଣି ଦେଲା ତାର୍ ମାଁ । ଧୁଇ ହେନେୟ୍ । ଖାଇକି ଆସିନେୟ । ନା ତମ୍‌କେ ସଙ୍ଗାତ କିସକଥା କହିଥିନି, ମନେନାଇଁ । ପୁଖରି କୁଲ୍‌ରେ ପାଣିକଥା କହିଥିଲିନା, ଆମ୍‌ହର ଗୁଟେ ପୁଖରିରେ ଚଳୟ ନାଇଁ ବଲିକରି । ଆମ୍‌ହର ଗୁଟେ ଥାଳିରେ ଭାତ୍‌ବି ଚଲିବ ନାଇଁ । ସିଠୁ ତାହାନେ ମୁଁ ଦୁଇଟା ଥାଳିକରିଦେ । ଆଉ ଇମାନ୍‌କେ ଗୁଟେ ଥାଳିରେ, ମକେ ଗୁଟେ ଥାଳିରେ କରିଦେ । ସିଠୁ ସିନ୍ତି କରିଦେନେୟ୍ । ଭାତ୍ ଦୁଇଟା ଥାଳିରେ, ଦୁଇଟା ଗିନାରେ ତୁଉଣ, ସିଏ ଗୁଟେ ଅଲ୍‌ଗା ଇଏ ଗୁଟେ ଅଲ୍‌ଗା ଖାଇନେୟ୍ । ଖାଇକରି ସିଠୁ ବେସ୍ ଉଠି ବସିନେୟ୍ । ପାନ୍‌ଗୁଟେ ଖାଇଖୁଆକରି ସିଠୁ ଖଟ୍‌ରେ ବସିନେୟ୍ । ପାନ୍‌ଟା ଖାଇଲା, ମଲିଖାଇଲା ଆଉ ପଲେଇ ଆଇଲା । ମୁଇଁ ମାଁ ଜାଉଛେୟଁ । ଆଉ ଥରେ ଆସିବି । ବାପା, ଆଉଥରେ ଆସିବେ । ନାହିଁ । ନା, ମୁଇଁବି ଜିବି ସଙ୍ଗାତ ସାତିରେ । ଇଏ ରାଇଜ ବୁଲି ବୁଲି କରି-ଜିଆକେଁ, ଆଉ ତୁଇ ଜିବେ ଇଆର୍ ସାଙ୍ଗେ, ତାର ମାଁ କହିଲା । ହଁ ଜିବିପରା । ନା, ତୁମ୍‌ହେ ଭୁଖ୍‌ରେ ରହି ପାର୍‌ବନା । ହଁ, ତମହେ ଜାହା ଖାଇବ ମୁଇଁ ତାହା ଖାଇବି । ଆଉ ତମ୍‌ହେ ଇଟାକେ ଚିନ୍ତା କରୁଛନା । ନା ଚାଲ । ସିଠୁ ପଲେଇ ଆଇନେୟ୍ । ଉଡ଼ିନେୟଙ୍କେ ଉଡ଼ିନେୟଙ୍କେ

ଝେଁଠେ ତାର୍ ମାଁର ସଢ଼ ତୁପିଛି ସିଠେ ସୁଜିଲା । ସିଠେ ଛିକିନେୟା । ଉଡାଣିର ଘୁଳାକେ ଡାକ ଦେନେୟ ଖାଇକେ । ଆଉ ସିଠୁଗେଲା । ତାର୍ ମାଁର ସଜଗା ଜେତେ ସବୁ ପିନ୍ଧଲା । ଚଟି ବାନ୍ଧିଦେଲା, ସାଲ୍‌ହି ପିନ୍ଧିଲା । ବିଲାଉଜ୍ ପିନ୍ଧିଲା । ସତା ଫୁଟେଇ କରି ଆଇଲା । ଇଏ ବଲୁଛି ସଙ୍ଗାତ ଏତେ ପରଙ୍ଗାଏଁ ଆଇନେୟ ନାଇଁ । କିସ କରିନେୟ୍ । କେଁ ଆନେ ଗେନେୟ, ମକେ ଏକ୍‌ଲା ଅଗ୍‌ନା ଅଗ୍‌ନି ବନସ୍ତରେ ଠିଆ କରେଇ ଦେନେୟ, ବଇଲା । ସିଠୁ ଆଇଲା, ଋଣୁଝୁଣୁ । ଆରେ ସିବାଟେ କିସ ଆଉଛି । ଦେଇକରି ସିଠୁ ଦେଖି ପାଇଲା । ଏ ମାଁ ବଇଲା ।

ତୁମ୍‌ହର ସଙ୍ଗାତ ମାନ ଚିନ ଅଛି  
ଦଇବରେ ତୁମ୍‌ହର  ସଙ୍ଗାତ ମାନ ଚିନ  
ମାଁ ଜାଣି ଥିନେ ବିଭା ଦେତା  
ଦଇବରେ ବାପା ଜାଣିଥିନେ ବିଭାଦେତା  
ତୁମ୍‌ହର ସଙ୍ଗାତ ନାକ ଚିନ ଅଛି  
ଦଇବରେ ତୁମହର ସଙ୍ଗାତ ନାକ ଚିନ  
ତୁମ୍‌ହେ ସଙ୍ଗାତ ଏଡ଼େ ଜେ ଚାଲକେ  
ଦଇବରେ ତୁମ୍‌ହେ ସଙ୍ଗାତ ଏଡ଼େ ଚାଲାକ୍  
ମନ୍ତରି ପୁଅକେ ବୁଲାଇ ଆଣିଲ  
ଦଇବରେ ମନ୍ତରି ପୁଅକେ ବୁଲାଉ ଆଣ୍‌ଲ  
ସିକୁଥିଲି ଏକୁଟିଆ ନୀଲା  
ଦଇବରେ ସିକୁଥିଲି ଏକୁଟିଆ  
ମନ୍ତରି ପୁଅକେ ବୁଲାଉ ଆଣିଲ  
ଦଇବରେ ମନ୍ତରି ପୁଅକେ ବୁଲାଇ ଆଣ୍‌ଲ ।

ସିଠୁ ବସେ ଆସ, ଉଡାଣିର ଘୁଳାରେ । ଝିଅଟା ଆଗିଲା ବସ୍‌ଲା । ସେଇ ପିଲାଟା ପଛା । ସିନ୍ତି ଉଡି ଉଡି ଗେନେୟଜେ ଗେନେୟଜେ, ସିଏ ଗୁଟେ ଚିଠି ଦେଖି ନେଖି ଚାଲୁଥାଏ । ସିଠୁ ଆର୍‌ଥରେ ଗେନେୟ, ତାର ବାପ୍ ରାଇଜ ଦିସିଲା ।

ଇଟା ସଙ୍ଗାଦ୍ କିସଙ୍କେ ରାଇଜ  
ଦଇବରେ ଇଟା ସଙ୍ଗାଦ୍ କିସ ରାୟଜ  
ଇଟା ସଙ୍ଗାଦ୍ ବାପାଙ୍କ ରାୟଜ  
ଦଇବରେ ଇଟା ସଙ୍ଗାଦ୍ ବାପା ରାୟଜ ।

ସିଠୁ ଛେଳିଆଟୁକା ରାଖୁଥାଏ ଛେଳି । ଏ ଛେଳିଆଟୁକା ନେରେ । ଆଉ ଚିଠିଟା ମର୍ ବାପାକେ ନେଇଦେବେ । ଏଇ ଚିଠିଟା ଜେଦି ପଲ୍‌ହିକରି ମର୍ ବାପା ବନ୍ଦେଇତେ ନାଇଁ ଆସିଆକ୍ ତୁମ୍‌ହର ଜେମା ଦେଇଛେ ବଲିକରି କହିବେ ।

ନା ଇଟା ତୁମ୍‌ହର ଜେମା ଚିଠି ଦେଇଛି । ଆଉ ବର୍‌ଧରି କରି ଆସିଛି । ଆଉ ବନ୍ଦେଇକି ଜିବ ପରା । ହଁ ବଇଲା । ଆର୍ ସିଠୁ ଗେନେୟ୍ । ନେଇ ଦେଲା ଚିଠିଟା ଜିନ୍ତି ପଲ୍‌ହଲା । ସିଠୁ ହଁ ମର୍ ଜିଅ ଆଣିଛି । ସିଏ ପାଇଲା, ମୁଇଁ ପାଇଲି ନାଇଁ । ସିଠୁ ସାତେ ସାତେ ଗାଁର୍ ବାଜା, ମହୁରି ଆଉ ବାଙ୍କତୁରି ଆଣ୍‌ଲା । ଗାଁରୁ ପାଁଚ୍‌ଝଣ ଡାକିନେଲା । ନାଚୁଣି ଆଣ୍‌ଲା । ସିଠୁ ଆଉ ଭାଆର୍‌ନେୟ୍ । ଥାଳି, ଗଗ୍‌ରେ ପାଣି, ପିଲ୍‌ହା ଗୁଟେ ଧରିକରି ଗେନେୟ । ସିଠୁ ଆଉ ବନ୍ଦେଇ ବୁନ୍ଧା ସାରିନେନ୍ୟ । ତାଙ୍କର ଗାଁର ବାହ୍ମଣଥାଏ । ବାହ୍ମଣ ଡାକି ଆଣିନେୟ୍ । ସାତେ ସାତେ ବିଭାଘର କରି ଦେନେୟ୍ । ସାନ୍ତାଲ୍ ବାହାଘର୍ ହେଲା । ଆର୍‌ଥରେ ଧୁରି ଆର୍‌ଗାକେ ପତର୍ ଦେନେୟ, ଗୁଆ ଦେନେୟ । ଖାସୁ ମାରିକରି ନୁନ୍‌ତାପାତି ଦେନେୟ୍ ।

*ପରମିଳା, ବିଲମଟା*
*ବିଶିପୁର, କରଂଜିଆ*

**ଶବ୍ଦାର୍ଥ :**

ଗୁଟେନି - ଗୋଟିଏ ବୋଲି, ଭୁଜା - ମୁଢ଼ି, କଳିଆ - କଡ଼ରେ, ଗୁଡ଼-ଗୋଡ଼, ତିତିହେଇଥାଏ - ଛିଡ଼ା ହୋଇ ରହିଥାଏ, ଉଦ୍ୟତ ହୋଇ ରହିଥାଏ, ସାଦ୍‌ବାଣି - ସାଧବାଣୀ, ଛାନିଆମାନିଆ - ଚଞ୍ଚଳ, ଗଛା - କଛା, ଅପ୍‌ଦୁସି - ଅଭାଗିନୀ, ସଇ - ସହି, ଦୁଇବି.ଦୁୟବି - ଧୋଇବି, ଫୁଲ - ଭିଣୋଇ ସଂପର୍କୀୟ, ରାୟଜ - ରାଜ୍ୟ, ଦୁତି - ଧୋତି, ଦୁନ୍‌ସ - ଜିନିଷ, ସିଗା - ସେଗୁଡ଼ା, ସଜାକିଲା - ସଜାଡ଼ିଲା, ନଦିଲା - ଲଦିଲା, ମେଘ୍‌ସୁନ ପର୍‌ବତ - ମେଘାସନ ପର୍ବତ, ଆଣ୍ଡିଲା - ବାନ୍ଧିଲା (ଘଣ୍ଟା ଆଣ୍ଡିଲା), ଭେସ - ବେଶ, ମାଁ - ମାଆ, ଛିଲ୍‌ଲା - ଛିଡ଼ିଲା, କଠିଆ - ଚାକର, ନାଲିଆ - ଲାଲ୍, ସୁଭାକର - ସୁନ୍ଦର, ମେତି - ସଦୃଶ, ଆଇଥିତି - ଆସିଥାନ୍ତି, ବିଣ୍ଡି - ବିଡ଼ି, ଚାହା - ଚା, ନକିଆ - ନଡ଼ିଆ, ଇକା - ହୁଡ଼ା, ପାନ୍ - ପାନ, ମଳି - ଦୋକତାଗୁଣ୍ଡି, ଭୁଖ୍ - ଭୋକ, ତୁପିଛି - ପୋତିଛି, ସତା - ଛତା, ଅଗ୍‌ନାଅଗ୍‌ନି - ଅଗମ୍ୟ, ଚିନ - ଚିହ୍ନ, ଆଗିଲା - ଅଗ୍ର ।

ପପ

# ଖେସ୍‌ଗିଣିଗିଣି ବଥ୍ ଗିଣିଗିଣି

ସା ଦ୍‌ବ ବୁଢ଼ାର ତାର ଗୁଟେ ପୁଅଙ୍କେ ଆଉ ବହୁ ଆସିଥିନେୟ୍ । ବହୁ ଆସିଛି ଙ୍କେ ଆଉ ଚାକିରି କରିକି ଢିଆକେ । ବଙ୍କେ ସିଠୁ କାଆର୍‌ଠାଣେ କଥା ହେବେ ନାଇଁ, ଆଉ କାହାକି ତୁଣ୍ଡାବେ ନାଇଁ ବଲିକରି କହିଲା ।

ନଗେଇ ଗଲା ଅଫଲା କଦଳିରେ
ନଗେଇ ଗଲା ଅଫଲା କଦଳି
ନଗେଇ ଗଲା ଅଫଲା ଆମ୍ବରେ ଦଇବ
ନଗେଇ ଗଲା ଅଫଲା ଆମ୍ବ
ରଖିଗଲା ଅଭୁକା କୁକୁରରେ ଦଇବ
ରଖିଗଲା ଅଭୁକା କୁକର ।
ରଖିଗଲା ଅରଳା କୁକୁଳିରେ ଦଇବ
ରଖିଗଲା ଅରଳା କୁକୁଳି ।
ନଗେଇଗଲା ଅଫଲା ଫଣସରେ ଦଇବ
ନଗେଇଗଲା ଅଫଲା ଫଣସ ।
ଆସ କଇନା ଡିଣ୍ଡା ଦଉଳକେରେ ଦଇବ
ଆସ କଇନା ଡିଣ୍ଡା ଦଉଳକେ
ନାଇଁ ଢିବି ଡିଣ୍ଡା ଦଉଳକେରେ ଦଇବ
ନାଇଁ ଢିବି ଡିଣ୍ଡା ଦଉଳକେ ।
ରହିଢିବି ସସୁର ତଳିରେ ଦଇବ
ରହିଢିବି ସସୁର ତଳିରେ ।
ଆସ କଇନା ଡିଣ୍ଡା ଦଉଳକେରେ ଦଇବ
ନାଇଁ ଢିବି ଡିଣ୍ଡା ଦଉଳକେରେ ଦଇବ
ନାଇଁ ଢିବି ଡିଣ୍ଡା ଦଉଳକେ ।
ରହି ଢିବି ଢେଙ୍କି ମେଲା ସାଳରେ ଦଇବ
ରହିଢିବି ଢେଙ୍କି ମେଲା ସାଳରେ ।

ସିଠୁ ସିଏ ଚାକିରିଗେଲା । ଚାକିରି ଗେଲା ବଙ୍କେ ଆଉ ରହିଲା । ସିଠୁ ନିଙ୍କେ ଭଗବାନ୍ ନିଆଁ ମାଗିକେ ଆଇଲା । ନିଆ ମାଗିକି ଆସିଲାବଙ୍କେ ସିଠୁ ତମର ଘରେ କିଏ ଅଛ, କଟେ ନିଆ ଦିଅ । ତମର ଘରେ କିଏ ଅଛ, ନିଆ ଦିଅ କଟେ ବଙ୍କେ ଦେଲା ନାଇଁ

ନିଆ । ସିଠୁ ଦୁଇଦିନ୍ ଆଇଲା ପାଇଲା ନାଇଁ । ନିଆ ଦେଲା ନାଇଁ ବଳେ ଖାଲି ଖେସ୍‌ଗିଣିଗିଣି ବଥ୍ ଗିଣିଗିଣି କରିଦେଲା । ବଳେ ଜେତେବେଳେ ଚାକରିରୁ ଆଇଲା ବଇଲା କନିଆଟା ଛାଡ଼ । ମୁଇଁତ ଉଠି ପାରୁଛେୟଁ ନାଇଁ, ବସି ପାରୁଛେୟଁ ନାଇଁ, ଆଉ କିନ୍ତି ଜିବି । ବଳେ ଆଉ ଗଇଁଠେ ଦେଲା ଟାଟିଟାରେ ଜେ ଏକାବଳେ ଭାଙ୍ଗିଦେଲା । ଦେଖିଲାଜେ ବଥିଗିଣିଗିଣି, ଖେସ୍ ଗିଣିଗିଣି । କିସ କର୍‌ବି ଇଆକେ ବଇଲା । ଡୁଲି ଖଣ୍ଡେ ସଜାକିଲା ଆଉ ସିଠୁ ବିକିକି ନେଲା । ଏକିଏ ରଖିଆକେ ଖେସ୍ ଗିଣିଗିଣି ବଥିଗିଣିଗିଣି ବଇଲା । ଆଉ ସିଠୁ ବିକିକି ନେଲାବଳେ ନିଜେ ଭଗବାନ୍ ଦେଇଥିଲା ଆଇସଁପ୍ ସିଏ ରଖିଲା । ତାର ପୁଅ ବାହା ହେଲା । ସିଠୁ ଇଏ ଖେସ୍ ଗିଣିଗିଣି ବଥ୍ ଗିଣିଗିଣି ଛେଳି ରାଖିନୟ । ବଳେ ଭାତ୍ ଦୟ୍ କଦିଳ ପତର୍‌ରେ । ଆୟ୍‌ରେ ଭାତ ଖାଇବେତ । ମର୍‌ତ ଖାଲି ଖେସ୍ ଗିଣିଗିଣି ବଥ୍ ଗିଣିଗିଣି । ଆଉ ଖାଲି ବାସି ଜାଉଛି । ଛେଳି ଗୁହଟେନି, ଛେଳି ମୁତଟେନି ବାସି ଜାଉଛି । ଆଉ ତର ଭାତ କିଏ ଖାୟାକେ । ନାଇଁ ଖାଇବି ବଇଲା । ସିଠୁ ଆର୍‌ଦିନତ ସିନ୍ତି ହେଇନି ପଳାଏ । ତାର ପୁଅ ବଇଲାର ସଳା ଖେସୁଆଣି ଜିଆକ୍‌ନା ନାଇଁ । ଗୁଟେ ନାଟ୍ କରୟଁ ବଇଲା । କିରତନ୍ ନାଟ୍ କଇଲା । ମାଇକ୍ ବଜେଇଲା । ଦୁଇରାତି, ତିନ୍‌ରାତି କଇଲା ନାଇଁ ଗେଲା । ଆଉ ଚାର୍‌ରାତି ବଳେ ଗେଲା । ଦେଇକି ଖାଲିରୁଣୁ ଝୁଣୁ ହେଇକରି ସଳା ଖେସୁଆଣି ଏତେ ବଢ଼ିଆଁ ହେଇ ଆଇଛି ବଇଲା । ସିଠୁ ତାର ପୁଅ ଘଟ୍‌କିଲାଜେ ଘଟ୍‌କିଲାଜେ ଜାଇକରି ଖେସ୍‌ଗିଣିଗିଣି ବଥିଗିଣିଗିଣିଟା ଫୁଡ଼ି ଦେଲା । ଫୁଡ଼ି ଦେଲାବଳେ ଇଆର ଦିହତ ଖାଲି ଫୁଡ଼ି ଜଳିଗେଲା । ଆରେ ଆରେ ମର୍ ଦିହତ ଫୁନି ଜଳିଗେଲା । ତୁମ୍‌ହେ କିସ କଇଲ । ବଳେ ସିଠୁ ହେମ୍‌କୁଣ୍ଡର ପାଣି କାକରକୁଣ୍ଡର ପାଣି ଡାଳି ଦେଲା । ବଢ଼ିଆଁ ହେଇଗେଲା । ଫର୍‌ଚା ।

*ଦାନୀ ନାଏକ*

*ଶରଧା, ଚାଟ, କରଂଜିଆ*

**ଶବ୍ଦାର୍ଥ :**

ଛେଳିଆଟ୍‌କା - ଛେଳିଜଗୁଆଳ, ଟୁକା - ଟୋକା, ନାଚୁଣି - ନର୍ତ୍ତକୀ, ଗଗ୍‌ରେ - ଗରାଏ, ପିଲ୍‌ହା - ପିଢ଼ା, ନୁନ୍‌ତା ପାତି - ଭୋଜୀଭାତ, ତୁଣ୍ଡାବେ - କଥା କହିବୁ, କଦିଳ - କଦଳୀ, କୁକ୍ରି - କୁକୁଡା, (ମାଈ), ପଣ୍‌ସ - ପଣସ, ଢିଣ୍ଡାଦଉଳ - ବେଦୀ, ଡିଣ୍ଡା - ଅବିବାହିତ ଯୁବକ, କଇନା - କନ୍ୟା, ଖେସ୍ - ଖସୁ, ଟାଟି - ତାଟି, ଡୁଲି - ଡୋଲି, ସଜାକିଲା - ସଜାଡ଼ିଲା, ଫର୍‌ଚା - ସଫା ।

□□

# ବିସ୍‌କେସ୍‌ନ

ବିସ୍‌କେସ୍‌ନକେ ସିଏ ବାରବଛର୍ ପାଠ ପଲ୍‌ହିଲା । ପଲ୍‌ହି କରି ତାର ପାଠ ସବୁ ସାରିଦେଲା । ସିଏ ରାଜା ମୁରଖକେ ଆଉ କେତେ ପଲ୍‌ହିଛି ମେଟ୍‌ରିକ୍ ପଲ୍‌ହିଛି କି କଲେଜ ପଲ୍‌ହିଛି ତାରେ ଆଉ ଇଏ ନାଇଁ । ବାର ବଛର୍ ଜେତେପର୍ ହେଲା ମନ୍ତରିକେ କହିଲା ରାଜା ଆଉ ବିସ୍‌କେସ୍‌ନକେ ଡାକି ଆଣ । ଖାତା ପତର୍ ସବୁ ମୁଇଁ ଗତେଇ ଦେବି । ମୁଇଁ ବୁରଧ ଅବସ୍ଥା ହେଲି । ସିଠୁ ମନ୍ତରିଗେଲା । ଗେଲାକେ କହିଲା ଆଉ ତମ୍‌ହର ବାପା ଡାକୁଛନ୍ତି । ବିସ୍‌କେସ୍‌ନ ଆସ । ମନ୍ତରି କହୁଛି ଆଉ ତମ୍‌ହର ବାପା କାଗଜ ପତର୍ ରାଇଜବାକି ସବୁ ଗତେଇ ଦେମେୟ । ସିଠୁ ରାଜା ଦେଖ୍‌ନେୟକେ ସରିଅ ସରିଆ ଦୁଇଟା ନାଇଁ । ବଲେ ରାଜା 'କହିନେୟ୍ ବିସ୍‌କେସ୍‌ନ ତର ମଥାମୁଇଁ ଆଜ୍ ଛେଦନ କରି କରି ତର୍ ନହୁ ମୁଇଁ ଟିକା ମାଖ୍ କରି ରହିବି । ମନ୍ତ୍ରି କହିଲା ଆଉ ପାଠ ନାଇଁ ପଲ୍‌ହଲା ବଲି ଆଉ ତୁମ୍‌ହେ ଛେଦନ କରିନେବ । ତାରତ କମ୍ ବୁଧି ନାଇଁ । ସିଏ ମନେ ମନେ ଭାବିଲା ଛାଏଁ ରାଜା ଘର କଳାମେଣ୍ଢାଗୁଟେ ହାଣିକରି ନହୁ ଗିଲାସ୍‌ରେ ଆଣୟଁ । ସିଠୁ ନହୁ ଗିଲାସ୍‌ରେ ଆଣ୍‌ଲା । ନିଅ ରାଜା ଇଗା ତୁମ୍‌ହର ବିସ୍‌କେସ୍‌ନକେ ମୁଇଁ ହାଣିକରି ଆଣିଛେୟଁ ନହୁଗା । ରାଜା ନହୁ ମାଖ୍‌ଲା । ମାଖ୍‌କରି ସିଏ ରହିଲାବେଲେ ମନ୍ତ୍ରି ବିସ୍‌କେସ୍‌ନକେ କହିଲା ତୁଇ ଆଜିଠାଣୁ ମର୍ ଧରମ୍ ପୁଅ ହେଲେ । ଜା ତୁଇ ରାଇଜ ଛାଡ଼ି ରାଇଜ । ତର୍ ଜିବନ୍‌ଟା ଥିନେ ଇଠ୍‌କେ ଘୁରିବେ, ନାଇଁନେ ନାଇଁ । ସେଇ ବିସ୍‌କେସ୍‌ନଗେଲା । ଗେଲାକେ ଗେଲାକେ ଏକ୍ ରାଜା ରାଇଜକେ । ସିଠେ ଆଣ୍ଡକୁଣ୍ଡି ବୁଲ୍‌ହି ଗୁଟେ ଗାଁ ସିମାରେ ଘର୍ ବନେଇଥାଏ । ଏ ମାଉସି ମକେ ତମ୍‌ହର ଘରେ ଆଉ ବସା ଦେବନା । ନା କିଏ ଭଅଣି ପୁଅରେ ଆଇଲେ ତୁଇ । ମରବିତ ପୁଅ ଝିଅ ନାଇଁ । ହଉ ତାହାନେ ବାପା ଭଲ୍ ହାଥାକେ । ଧରମ୍ ପୁଅ ହେଲେ ଆଜିଠାରୁ ବଇଲା । ଇନ୍ତି ଦିନେ ହେଉଁ ଦୁଇଦିନ ହେଲା । ଦୁଇଦିନ୍ ହେଉଁ ତିନ୍‌ଦିନ୍ ହେଲା । ସିଠୁ କହିଲା ମାଁରେୟ, ଚାଲ୍‌ଜିବା ରାଜା ଘର୍‌କେ । ଆଉ ଛେକି ରାଖ୍‌ଥାକେ । ମର୍ ଭଅଣିର ପୁଅ ଆଇଛି ବଲି କହିବେ । ସେ ବିସ୍‌କେସ୍‌ନ ବଟେଇଲା ରାଜା ଘରକେ । ସିଠୁ ତାର ମାଁ ଗେଲା । କହିଲା ବଲେ ଆଉ ଛେକି

ରାଖିବେ କିରେ ପିଲା । ନା, ହଁ ରାଖିବି । ସିଠୁ ଇଏ ତାର୍ ସିଠେ ରହିଲା । ଆଉ କହୟ ନାଇଁ ଜେ ମୁଇଁ ରାଜାଘର ପୁଅ ବଲି । ସିଠୁ ମନ୍ତରି ଝିଅ, କାଦିର ଝିଅ ଆଉ କଟୁଆଳର ଝିଅ ଇନ୍ତି ହେଇକରି ପାଠ ପଢ଼୍ହୁଥାନ୍ତି ତିନ୍‌ସଇ । ପାଠ ପଢ଼ି ପଢ଼ି ଆଉ ମାଘ ମାସ୍‌ରେ କିସ ଫୁଜାହୟ, ସରସଁତି । ଏ ଛେଳିଆଟୁକା ଆଜି ସରସଁତି ଫୁଜା ହେଉଛି, ଆମ୍‌ହର କାଗଜ୍‌ଗା କିଏ ଭିଣୟ, ତୁଇ ଇଠେ ଟାଟିକୁଣେ ଥାଇକରି ଜଗିବେ, ସେଇ ତିନ୍ ସଇ କହିନେୟ । ହଁ, ଜଗିବି ବଇଲା । ଜଗିଲା ବଳେ ସେ ସରସଁତିମାଁ ଆସିକରି କାଗଜ୍ ପତର୍ ସବୁ ଆଡ଼େଇ ଆଡ଼େଇ କିଏ କେତେ ପଢ଼ିହିଛି ଦେଖୁଛି । ସେ ବିସ୍‌କେସନ କହୁଛି ମାଁରେୟ୍, ନା କିସ ହେଲା ବୁବା, ଆଜି ମୁଇ ଚଳେଇ ଗୁଟେ ଆଣିଛେୟଁ । ତୁଇ ରାଜାଘର୍ ଜା ଜିବେ । ପିଆଜ୍ ଆଣ୍‌ବେ, ମସ୍‌ଲା ଆଣ୍‌ବେ, ଜିରା ଆଣ୍‌ବେ, ଆଜ୍ ଚଳେଇଟାକେ ମୁଇଁ ମାର୍‌ବି ବଲି ଆଣେଇଛେୟଁ । ସିଠୁ ଜେତେବେଳେ ସିଏ ମୁଜିକି ନେଉଛି ସେ ସରସଁତିମାଁ କହୁଛି ବିସ୍‌କେସ୍‌ନ, ତୁଇ ଆଉ ଚଳେଇଟା ମୁଲ୍ ନାଇଁ । ତୁଇ ଜାହା କହିବେ ତାହା ହାଆକେ । ଆଉ ମୁଇଁ ହେଉଛେୟଁ ସରସଁତି ମାଁ । ଜା'ଣ ପାଠ୍ ନାଇଁ ଆଉଛି ତାର ସବୁ ହଉଛି । ନା, ତୁଇ ସରସଁତି ମାଁ ହେନେ ମୁଇଁ ବାରବଛର୍ ପାଠପଢ଼୍‌ହିଲି, ଆଉ ଖାଲି ସରିଅ ସରିଆ ଦୁଇଟାନି । ମର୍ ଏକା ବଲି ବାପ୍ ଆଉ ମର୍ ନହୁଟିକା ମାରିଛି, ମନ୍ତରି ତାର ନଇଖେବୁଧି ବଲି ସିଏ ଧରମ୍ ପୁଅ କରିମକେ ରାଇଜ ଛାଳି ରାଇଜ ବଟେଇ ଦେଇଛି । ନାଇଁ, ଆଉ ମୁଲ୍ ନାଇଁ । ଆଜି ରାତି ଦସ୍‌ଟାରୁ ଗୁଟେ ଏକାବଳେ ତର୍ ସବୁପାଠ୍ ସାରିଦେବି । ସରସଁତି ମାଁ ସବୁପାଠ୍ ସାରିଦେଲା । ବିସ୍‌କେସ୍‌ନର ।

ସିଏ କିସ କରିନେୟ୍‌ନା ତାଙ୍କର ତିନ୍ ସଇ ଆଉ ସୁର ନଗେଇଛନ୍ତି ସେଇ ମାଷ୍ଟ୍ରକେ ଆଉ ତମ୍‌ହର ସାତିରେ ଆମ୍‌ହେ ପଢ଼ାମୁ । ସିଠୁ ବିଚାର୍ କରିଛନ୍ତିଜେ କୁକୁଳି ଡକାରୁ ଆଉ ମାଷ୍ଟ୍ର ସାଙ୍ଗ୍‌ରେ ପଢ଼େଇମେୟ୍ । ସିଠୁ ମାଷ୍ଟ୍ରକେ କହିନେୟ ଜୁଅ ଆଇଗାଁ, ଆମ୍‌ହର ସେଇ ପାରା ଭାଳରୁ ପାରା ଆଣିବ, ଆଉ ଭୁଞ୍ଜନ କରିକରି ଆମ୍‌ହେ ଜିମୁ । ସିଠୁ ମାଷ୍ଟ୍ରତ ପାରା ଆଁଣିକି ଜାଇକରି ପରାଭାଳିରେ ନେଟ୍‌କି କରି ରହିଲା । ତାର୍ ଉପ୍‌ରେ ପଟା ତଳେ ପଟା । ଉପୁର୍‌ଟା ଦେଇକରି ତଳେ ଅଣ୍ଟା ଟେକାରେ ନାଗିଲା, ଆଉ ମଇଲା ମାଷ୍ଟ୍ର । ସିଠୁ ଅନ୍ଧାରିଆ ସେଇ ତିନ୍‌ସଇ ବିସ୍‌କେସ୍‌ନ ସାଙ୍ଗେ ଚାଲନେୟ । ଦେଖିନେୟ ଜେ ଜେତେବେଳେ ଆଇହେଲା,

ଏହେ ମାସ୍ତ୍ର ଆମ୍ହର କାଇଁ । ଆମ୍ହେତ ଛେଳିଆଟୁକା ସାଙ୍ଗେ ଆଇନୁ । ସିଠୁ ମନ୍ତ୍ରି ଝିଅ କହୁଛି ଜା ହେଉପଛେ ଆମ୍ହେ ଇଠୁ ଆଉ ଘୁରି ଜିମୁନାଇଁ । ଗନେ ନଇଜାରେ ଆମ୍ହର ଜିବନ୍ ରହ୍ୟାକ୍ ନାଇଁ । ସିଠୁ ସେ ଛେଳିଆଟୁକା ବିସ୍‌କେସ୍‌ନ ସାଙ୍ଗେ ଚାଲ୍‌ନେୟ୍ । ସିଠୁ ଇନ୍ତି ହେଇ ଗେନେୟଙ୍କେ ଗେନେୟଙ୍କେ ତାରତ ସରସ୍‌ତି ମାଁ ଆଇସଁପ ଦେଇଛି, ବିସ୍‌କେସ୍‌ନ ଜା କହିନେ ତା ହାଆକେ । ସିଠୁ ଏକାଥରେ ବସନ୍ତ ଉଠି ଜିବେ ବଇଲା ବିସ୍‌କେସ୍‌ନ । ସିଠୁ ବସନ୍ତ ଉଠିଗେଲା । ସେଇ ତିନ୍‌ସର ଛେଳିଆଟୁକା ସାଙ୍ଗେ ଡଗ୍‌ରେଇଛନ୍ତି । ଦେଇକରି ବସନ୍ତ ଉଠିଗେଲା । ବସନ୍ତ ଉଠିଗେଲାବଳେ କଦିର ଝିଅ ଆଉ କଟୁଆଳ ଝିଅ, ଥୁ ଏଇ ପକ୍‌ରାଟା ଠାଣେ ଆମ୍ହେ ଜିମୁ, ବଲୁଛନ୍ତି । ସିଠୁ ମନ୍ତ୍ରି ଝିଅ ବଇଲା ହଉ ପୁର୍‌ସ ହଇତା ଦୁସ ନାଗିଆକେ, ତମ୍ହେ ନାଇଁ ପଚାର, ମୁଇଁ ପଚାରିବି । ନୁଗା ପଖାଳିବି ସାପ୍‌ପା ସୁତର୍ କର୍‌ବି । ସିଠୁ ଆଉଥରେ ବିସ୍‌କେସ୍‌ନ କହିଲା ସତ ଲୁଦୁରି ଭଗବାନ୍ ଆଉ ତୁଇ ଆଇସଁପ୍ ଦେଇଥିବେ ସର୍‌ସଁତି ମାଁ, ଆଉ ଇଏ ରାଜା ରାଇଜରେ ଗୁଟେ ପାଲାହାକେ । ସିଠି ପାଲା ହେଲା । ସିଏ ତାର ବସନ୍ତ କଲ୍‌ସାକେ ରଖିଦେଇକରି ବିସ୍‌କେସ୍‌ନ ଅଙ୍ଗାଛତା ଧରିକରି ଜେଁଠେ ପାଲା ହେଉଛି ସିଠ୍‌କେଗେଲା । ଦେଖି ସରସଁତି ମାଁ, ଜେତେ ପାଲା ମର୍ ପାଟିକେ ସବୁ ଆସିବେ । ଚାଆର ମୁଠିତ ଗାଆଣ ଧରେଇ ଦେଲା । ସୁଟ୍ ସାଟ୍ ମଡ଼େଇ କରି ସିଏ ଗେଲାବଳେ ସବୁ ପାଲା ଗାଇ ଦେଲା । ସେ ତାଙ୍କର୍ ଦୁଇ ସଇ ବଲୁଛନ୍ତି, ଏଇ ପିଲାଟା ସାଙ୍ଗେହେନେ ସିନା ଆମ୍‌କେ ଭଲ୍ ହେତା । ଏ ସଲା ଛେଳିଆ ଟୁକା ସାତେ ଦିବା ନାଇଁ । ସିଠୁ ଇମାନେ ତାକେ ଟିଠି ଦେନେୟ୍ । ଟିଠି ଦେନେୟ୍‌ବଳେ ବିସ୍‌କେସ୍‌ନ ଚିରି କରି ପକେଇଦେଲା । ଆଉ କିସ କରିବା । ନା, ଗାଆଣ ସରିବା ବଳେ ରାତିରେ ଆଉ ତାର୍ ଖାନ୍ଦଟା ଧରି ପକବା । କାଇଁ ଜିଆକେ । ତେଭେ କଥା ବାର୍‌ତା ଏଇ ପିଲାଟା ସାତେ ହେବା । ସିଠୁ ଦେଖିନେୟଙ୍କେ ସେଇ ବିସ୍‌କେସ୍‌ନ । ତାକୁ ଫେରଛି କହୁଥିନେୟ । ମନ୍ତ୍ରି ଝିଅ କହୁଛି ଏରେୟ୍ ସାଳିଏଁ ଆଜି ହେନେ ଟିରେଇ କରି ଦେଖନା । ସିଏ ବିସ୍‌କେସ୍‌ନ ତାରେ ସୁଟ୍‌ସାଟ୍ ମଡ଼େଇ କରି ବାସ୍‌ନା ତେଲ ମାରିକରି ପନ୍‌କରେ ସୁଇଛି । ମନ୍ତ୍ରି ଝିଅ କହୁଛି ଆଉ ଟିରେଇ କରି ହେନେ ଦେଖ । ପୁର୍‌ସ ହଇତା ଦୁସ ଛାଳି ଜିଆକେ । ନା ଆମ୍ହେ ଜିମୁନାଇଁ । ଉଁ, ବାସୁଛି । ସିଠୁ ଫେର୍ ବାଡ଼ିକଟେ ଆଣିକରି କଟେ ଟିରେଇ ଦେଖିନେୟ । ଖାଲି ସେଇ

ଅତ୍‌ରତେଲ, ସାବୁନି ବାସି କରିତ ଖାଲି ତାଙ୍କର ଦୁଇ ସଇ ଫଳି ଦେନେୟ । କିସ ହେଲା ? ମୁଇଁ କିଏ ? ଛିକରୁଥିଲ । ଜିଏ ସେବା ଆରଧନା କରିଛି ତାକେ ଆଗେ ବାହାହେବି । ସିଠୁ ମନ୍ତ୍ରି ଝିଅକେ ଆଗେ ବାହାହେଲା । ସିଠୁ ସେଇତାର ଧରମ୍‌ମାଁ ଠାଣିକେ ଗେନେୟ୍ । ତାର ଧରମ୍ ମାଁକେ ଦୁଇନଇଖ, ତିନ୍ ନଇଖ ଟଙ୍କା ଦେଲା, ଆଉ ତିନ୍‌ଟା ଭାର୍‌ଜା ଧରିକରି ରାଜା ରାଇଜକେ ଆଇଲା । ଗେଲା ବଳେ ତାର ବାପ୍ ମାଁର ଦିହ କଣ୍ଟା ହେଇ କରି ରହିଛି ଭାବ୍‌ନାରେ । ସିଠୁ ମନ୍ତ୍ରି ବିସ୍‌କେସ୍‌ନକେ ନେଇକରି ପହଁଚେଇ ଦେଲା । ବିସ୍‌କେସ୍‌ନ ରାଇଜ ଭାର ନେଲା । ତିନ୍‌ଟା ଭାର୍‌ଜା ଆଣି କରି ସିଠେ ତାର୍ ବାପ୍ ମାଁ ଠାଣେ ସୁକ୍‌ରେ ରହିଲା ।

**ଶବ୍ଦାର୍ଥ :**

ଗଡେଇବା - ଅନ୍ୟର ତତ୍ତ୍ୱାବଧାନରେ ଛାଡ଼ିବା, ଜିବନ୍ - ଜୀବନ, ଇଠକେ - ଏଠାକୁ, ଘୁରିବେ - ଫେରିବୁ, ଆଣ୍ଟକୁଳି - ଯେଉଁ ସ୍ତ୍ରୀର ଛୁଆପିଲା ନଥାଏ, କାଜି - ବିଚାରକ, ସଇ - ସହି, ସରସଁତି - ସରସ୍ୱତୀ, ସରିଅ ସରିଆ - ଅଆ, ନଇଖେ - ଲକ୍ଷେ, ମୁଲ୍ - ମୋଡ଼ିବା, ମାଷ୍ଟ୍ର - ମାଷ୍ଟ୍ରର, ସୁର୍‌ନଗେଇବା - ଅଳିକରବା, କୁକୁଳିଡ଼କା - ରାତ୍ରିର ଶେଷ ପ୍ରହର, ଆଇଗାଁ - ଆଜ୍ଞା, ଭାଳି - ଭାଡ଼ି, ନେଟ୍‌କି - ଲଟକିଯାଇ, ନଇଜା - ଲଜ୍ୟା, ପକ୍‌ରା - ପୋକଖିଆ, ପୁର୍‌ସ ପୁରୁଷ, ଆଇସଁପ - ଆଶୀର୍ବାଦ, ଅଙ୍ଗା - ପରିଧାନ, ଚାଆର - ଚାମର, ଗାଆଣ - ଗାୟକ, ଟିରେଇ - ଛାଟି, ମଡ଼େଇ - ପିନ୍ଧି, ପନ୍‌କ - ପଲଙ୍କ ।

ଠଠ

# ନଖ୍ୟଁ, ସର୍ସଁତି ଆଉ କର୍ମା

ଗୁଟେ ରାଜାକେ ତାରେ ଆଉ ବାର ବଛର୍ ମକର୍ଦମା ଫଇଲା । ନଖ୍ୟଁ, ସର୍ସଁତି ଆଉ କର୍ମା । ବଲେ ସିଏ କହିଲା ଆଉ ବାର ବଛର୍ ହେଲାନି, ଆଉ ମକର୍ଦମା ଠିକ୍ ହେଇ ପାରିକି ନାଇଁ । ନା, କିସ ମକର୍ଦମା ଫଳିଛି ? ନା, ନଖ୍ୟଁ କହୁଛି ମୁଇଁ ବଡ଼, ସରସଁତି କହୁଛି ମୁଇଁ ବଡ଼୍ ଆଉ କର୍ମା କହୁଛି ମୁଇଁ ବଡ଼୍ । କିଏ ବଡ଼୍ ଆଉ କିଏ ସାନ୍ ହେମେୟ ଆଉ ତାହାନେ କହିଦିଅ । ବଲେ ସିଠୁ ହଉ । ମୁଇଁତ ବୁଝି ପାରିକି ନାଇଁ । ମର୍ ଝୁଆଁଇ ବୁଝିଆକେ ବଇଲା । ସିଠୁ ଝୁଆଁଇ କହିଲା ସିମାନେ ପଲ୍ହା ସୁଣାଗା ଆଉ ବୁଝି ପାରୁଛନ୍ତି ନାଇଁ, ମୁଇଁତ ମୁର୍ଖ, ମୁଇଁ କିନ୍ତି କରି ବୁଝିବି । ହଉ ଝୁଅ । ଗାଧିପାଧି ଜିମେୟ ବାପା । ମୁଇଁ ସାଙ୍ଗ୍ ନେଇ ଜିବି । ସିଠୁ ଗେନେୟ କଚିରି । କଚିରି ଗେନେୟ ବଲେ ତାର ଝୁଆଁଇକେ ଡାକୁଛି ଗାଦିକି । ବଲେ ଝୁଆଁଇ କହିଲା ମୁଇଁ ଜିବି ନାଇଁ ଗାଦିକି । ଇଠେ ଥାଇକରି ମୁଇଁ କହିବି । ସିଠୁ ଝଣ୍କେ ଡାକ୍ରା ହେଲା । ଆଉ ସର୍ସଁତି କିସ କଥା ମାଁ ତମ୍ହର ? ନା, ମୁଇଁ ବଡ଼ କହୁଛେୟଁ । ସିଠୁ ତାର ଝୁଆଁଇ କହୁଛି ନା ସରସଁତି ମାଁ ତୁମ୍ହେ ଜୁଦି ବଡ଼ ହେଇଥିତ ମୁଇଁକେ ମୁରଖ ହେଇକରି ଏତେ ବଛର୍ ବୁଲିଲି ଆଉ ତୁମ୍ହେ ଜୁଦି ମର୍ ଗଲେ ମାଡ଼ିଥିତ ମର ପାଠ କିସନାଗି ଆସୁନାଇଁ । ସର୍ସଁତି ବଡ଼୍ ନାଇଁ । ଭାରାଭାରା କରିଦେଲା । ସିଠୁ ଫେର୍ ନଖ୍ୟଁ ଗେନେୟ୍ । କିସ କଥା ତମ୍ହର । ନା, ମୁଇଁ ବଡ଼୍ କହୁଛେୟଁ । ତମ୍ହେ ଜୁଦି ବଡ଼ ହେଇଥିତ ତାହାନେ-ରାଜାଘର ମକେ କୁଟ୍ରେ ପସେଇ ଦେଇଥିନେୟ, ଆଉ ମକେ ଅନ୍ନଭାତ୍ ଦୁଇଟି ମିଲ୍ଲାନାଇଁ କିନାଗି । ତୁମ୍ହେ ବି ବଡ଼୍ନାଇଁ, ଭାରାଭାରା କରିଦେଲା । ସିଠୁ କର୍ମାକେ ଡାକ୍ରା ହେଲା । କର୍ମା ମୁଇଁ ବଡ଼ ବଇଲା । ହଁ କର୍ମା ବଡ଼ ହେମେୟ୍ । କର୍ମ ଥିଲାବଲି ମୁଇଁ ରାଜା ଝିଅକେ ବାହା ହେଲି । କର୍ମା ତୁମ୍ହେ ବଡ଼୍ ।

ରମ୍ଭା
ଫୁଲ୍ପାହାଜି, କେଉଁଝର ।

# ବଡ଼ାମ୍ ବୁଢ଼ା ବଡ଼ାମ୍ ବୁଢ଼ି

ବଡ଼ାମ୍ ବୁଢ଼ା ଗେଲା ନଙ୍ଗ୍ଲ କାଟି । ନଙ୍ଗ୍ଲ କାଟି ଗେଲାଜେ ସିଠୁ ତାରେ ପିଠାକୁ କଡ଼ିକଡ଼ି ଖାଉଛି । ନଙ୍ଗ୍ଲ କାଟୁଛିଜେ ଦିନ୍‌ସାରା ଆଉ ପାରିକି ନାଇଁ ନଙ୍ଗ୍ଲ କାଟି ଜଙ୍ଗଲ୍‌ରେ । ସିଠୁ ବୁଢ଼ିଗେଲା । କହିଲା ବୁଢ଼ା କିସ କହିଲା । ଏତେ ଦିନ୍ ଆଇଲା ନାଇଁ ନଙ୍ଗ୍ଲ କାଟିକି ଗେଲାଜେ । ହଉ ମୁଇଁ ଜାଏଁ ଖଜିକି । ଦେଖିଲାଜେ ବୁଢ଼ା ସେଇ ପିଠାକୁ ଖାଇଖାଇ ରହିଛି, କଡ଼ କଡ଼ି । ସିଠୁ ବୁଢ଼ି କହିଲା ଇଗା ଖାଇକରି ରହିଛି, ର ସଳା ପିଠା କରିଦେବି । ସିଠୁ ଦେଲା କିସକରିଜେ ଆଉ ପିଠା ହେଇଗେଲା ।

ନଙ୍ଗ୍ଲ ବୁଢ଼ା ଆଜି ଜାଏଁ କାଟି ନାଇଁ ପାରି ? ନା, ନାଇଁ । ତୁଇ କଦିଜଟା ପାରିବେ । ଛାଲ୍ । ଆୟ, ଇଠେସୁଇବା । ତୁଇ ଇନ୍ତି ସୁ, ମୁଇଁ ଇନ୍ତି ସୁଅଯଁ । ସିଠୁ ସୁଇନେୟ । ଇଏବି କୁନ୍ଦୁଣୁ ମାରିକରି ସୁଇଲା, ସିଏବି କୁନ୍ଦୁଣୁ ମାରିକରି ସୁଇଲା । କହିଲା ଏଇରକମ୍ ନଙ୍ଗ୍ଲ କାଟିବେନା ବୁଢ଼ା । ସିଠୁ ଉଠିକରି ଗୁଟେ ଗଛ ହାଣିଲା । ଠିକ୍ ନଙ୍ଗ୍ଲ ହେଇଗେଲା । ଦେଖିବୁଢ଼ା ହେଲାନା ନାଇଁ । ବୁଢ଼ା ନଙ୍ଗ୍ଲ କାଟିଲା ତେଣିକି । ସିଏ କାଟୁଥିଲା କିସନା ସିଠେନି ଡାବି, ସିଠେନି ନଙ୍ଗ୍ଲ, ସିଠେନି ଦୁଆଳି ମୁଠି ସବୁ କିଛି ତିଆରିବି କଲା । ଆଉ ସିଟା ହେଉଛିନା । ହେଇ ପାରିଲା ନାଇଁ । ବଳେ ବୁଢ଼ି ଗେଲାଜେ ଆଉ କୁନ୍ଦୁଣୁ ମାରିକରି ସୁଇଲା । କହିଲା ଆମ୍‌ହେ ଜିନ୍ତି ସୁଇଛେୟଁ ସିନ୍ତି ତୁଇ ନଙ୍ଗ୍ଲ କାଟ୍ । ସିନ୍ତି କାଟିଲା, ବାସ୍ ନଙ୍ଗ୍ଲ ହେଇଗେଲା । ସିଠୁ ଫେରି ଆଇନେୟ ଜଙ୍ଗ୍‌ଲରୁ । ଆସିକରି ବଡ଼ାମ ବୁଢ଼ା କହିଲା କିସନା, ଆମ୍‌ହେ ଆଉ ଜେତେ ମଣ୍ସ ଡକେଇବା । ଡକେଇବାଜେ ଖାଇକି ପିଇକି ସବୁ ଦେବା ଭଲ୍ କରି । ଡକେଇନେୟ୍ ନୁକକେ । ସିଠୁ ନୁକ ଭରତି ହେଇ ଗେନେୟ୍ । ସବୁକଥା ଖାଇକି ପୁରା ଦେନେୟ୍ । ବଡ଼ାମ୍ ବୁଢ଼ାବୁଢ଼ି ଦୁଇଝଣ । ସିଠୁ ବଡ଼ାମ୍ ବଲୁଚି ଏରେ ବୁଢ଼ି ତୁଇଜା ଇବାଟେ ମୁଇଁ ଜାଏଁ ସିବାଟେ । ଆଗିଲା ନୁକିଥିବା । ଆଉ କିସ କହୁଛନ୍ତି ସୁଣିବା । ଗେନେୟ ସିନ୍ତି କରିଜେ ଆଗିଲା ନୁକିନେୟ । ସିଠୁ ସିବାଟର ମାନେ କହୁଛନ୍ତି ଇବାଟର ମାନ୍‌କେ । ବଡ଼ାମ୍ ବୁଢ଼ା ଭଲ୍ ଦେଲା ଖାଇକି । ହେନେ ଆଉ ଗୁଟେ କରି ପାଇଲା ନାଇଁ । ଗୁଟେ ଝାଞ୍ଜୁଳି ଦେଇତା ହେନେ ଠିକ୍

ହେଇତା । ସିଠୁ ବୁଢ଼ା ବୁଢ଼ି ପହଁଚିନେୟ୍ । ତୁଇ କିସ ସୁଣିଲେରେ ବୁଢ଼ି । ନା ମୁଇଁ ଇନ୍ତି ସୁଣିଲି । ନା ମକେବିତ କହିନେୟ୍ ସେଇ କଥାଟା । ହଉ ଆଉଦିନେ ଡକବା । ଆଉ ଦିନେ ସିଠୁ ହାଣ୍ଡିଆ ମଦ ସବୁ କରିନେୟ । କରି କରି ହକାନେୟ । ସିଠୁ ବାସ୍ ଖାଇକରିତ ଖାଲି ଝୁଲି ଗେନେୟ୍ । ଗିତ ହେଲା, ସବୁକଥା ହେଲା । ଇନ୍ତି କରି ସିଠୁ ଜା ବୁଢ଼ି ତୁଇ ସିବାଟେ ଜିବେ ମୁଇଁ ଇବାଟେ ଜାଏଁ । ସୁଣିନେୟ । କିନ୍ତୁ ଭଲ୍ ହେଲା । ଇମାନେ ଅଦବାଟ୍‌ରେ ରହିଛନ୍ତି । ବଳେ ନାଇଁ ଆଜି ବଡ଼ାମ୍ ବୁଢ଼ାବୁଢ଼ି କରି ଥିନେୟ ବଲି ।

*ସଇଳ ନାଏକ*
*ଚଣ୍ଡ, କେଉଁଝର ।*

ଶବ୍ଦାର୍ଥ :

ନଖଁ - ଲକ୍ଷ୍ମୀ, ଗଳେ - ଗଳାରେ, କୁଟ୍ - କୋର୍ଟ, କରମ - କରମ, ନଙ୍ଗ୍‌ଳ - ଲଙ୍ଗଳ, ପିତାଲୁ - ଏକ ପ୍ରକାର ବନ୍ୟଜାତ ଆଳୁ, ଇଗା - ଏଗୁଡ଼ା, ଆଜି ଜାଏଁ - ଆଜି ପର୍ଯ୍ୟନ୍ତ, କୁନ୍ଦୁଣୁ - କଡ଼େଇ, ଡାବି - ଈଶ ।

□□

# ଝାମ୍ପୁଲି ମୁଣ୍ଡି ଆଉ ଭାଲୁକାଣି

ସେ ଗାଁରେ ଛେଳିଯେ ଆଉ ଗୁଟେ ବଡ଼ ପଳିଆରେ ଛେଳି ରାଖନ୍ ସମତେ । ତ ସିଏ ସିନ୍ତି ଝାମ୍ପୁଲି ମୁଣ୍ଡି ଗାଁ ଜାକର ଛେଳି ରାଖୟ୍ । ତାର୍ ମାଁ ଦିନ୍ ସକାଳେ ପିଠା କରୟଳେ ପିଠା ନେଇ ନେଇ ସିଏ କହିଲା ମାଁରେୟ୍ ପିଠାଗୁଟେ ନଗାନେ ଗଛ୍ ଭାଆରି ଆକ୍ନା । ଏ ମୁର୍ଖ ପିଠାଟା ଗଛ୍ ଭାଆରି ଆକ୍ନା । ପିଠାରେ ଗଛ୍ ଭାଆରି ଆକ୍ନି ତାର୍ ମାଁ କହିଲା । ଇାହା ହେଉ ମୁଇଁ ଗୁଟେ ନଗେଇ ଦୟଁ ବଇଲା ଝାମ୍ପୁଲିମୁଣ୍ଡି । ସିଏ ନଗେଇଦେଲା । ପିଠାରୁ ଗଛ୍ ଭାଆର୍ଲା । ଗଛ ଜିନ୍ତି ଭାଆର୍ଲା ପିଠାତ ଫଳିଗେଲା । ଫଳିଲାଇେ ସିଏ ଛେଳି ଗୁଠ କରିଥାଏ । ଗଛ୍ରେ ଉଠୟ ଆର୍ ପିଠା ଖାଏ । ଇନ୍ତି ଖାଇତେ ଖାଇତେ ଦିନେ ଭାଲୁକାଣି ସେଇ ବାଟେ ଯାଉଛି । ବଇଲା ଝାମ୍ପୁଲି ମୁଣ୍ଡି କିସ କରୁଛୁରେ । ନା ପିଠା ଖାଉଛେୟଁ । ନା ଗୁଟେ ମକେ ଦେତୁ ନାଇଁ ? କହିଲା ଜେରକମ୍ ହଉନେ କହିକିରି ପକେଇ ଦେଲା । ବଇଲା ନାଇଁ ଖାଇବି, ଭୁଇଁ ଭୁଇଁ ବାସିଆ । ମକେ ଧରେଇ ଦେବେ ହେନେ ସିନା । ଇଏ ଅଲ୍ହିଲା ଆଉ ଗୁଟେ ଧରିକିରି । ତାକେ ଦେଲା ଧରେଇ । ଧରେଇ ଦେଲା ବେଲ୍କେତ ଧରି ପକଲା । ଧରିକିରି ବୁରାରେ ଭର୍ତି କଇଲା ଆଉ ମଟ ବାନ୍ଧିଲା । ମଟ ବାନ୍ଧିକିରି ପିଠିରେ ନଦିକରି ଚାଲ୍ଲା । ଚାଲ୍ଲା ଜେରକମ୍ ଜାଇ ଜାଇ ତାକେ ବେଡ଼େ ସୁସ ନାଗିଲା । ଇଠି କଟେ ପାଣି ମିଲ୍ତା ହେନେ ମୁଇଁ ଖାଇତି, ଏଇ ରକମ୍ କହିଲା । ଦେଇକରି ଦେଖ୍ଲାଇେ ଗୁଟେ ନକ ହଳ କରୁଛି । ତାକେ କହିଲା ଏୟ୍ ଏକ୍ ନଙ୍ଗ୍ଳିଆ ଭାୟ୍ । ଇଠେ ପାଣି ମିଳିଆକ୍ ? ସିଏ କହିଲା ନାଇଁ, ଜା ହେଇ ଦୁଇ ନଙ୍ଗଳିଆ ପାସ୍କେ । ସିଏ ଫେର୍ ଜାଇଜାଇ କହିଲା ଏ ଦୁଇନଙ୍ଗ୍ଳିଆ ଭାୟ୍, ପାଣି କେଁଠେ । ନା ହେଇ ତିନ୍ ନଙ୍ଗ୍ଳିଆ ପାସ୍କେ ଜା । ଦେଇକିରି ସିଏ କହିଲା କେତେ ଆଉ ଚାଲ୍ବି ! ଜାଇ ଜାଇ ଫେର୍ ତିନ୍ ନଙ୍ଗ୍ଳିଆ ପାସ୍ରେ ପହଞ୍ଚ୍ଲା । ତିନ୍ ନଙ୍ଗ୍ଳିଆ ଭାୟ୍ କହିନେୟ୍ଲେ ହାୟ୍ ସେଇନଦିଟା ଦେଖଉଛି, ସିଠ୍କେ ଜା । ସିଠି ପାଣି ପିଇବେ । ସିଏ ସିଠୁ ତାର୍ ମଟକେ ରଖ୍ ଦେଇକରି ଗେଲା ପାଣି ପାସ୍କେ । ସିଏ ପାଣି ଖାଇକେ ଗେଲାବଲେ ଇମାନେ କହିନେୟ କିସଟା ନେଉଛି ଦେଖ୍ବାନା ଭିଟେଇ । ଭିଟେଇ ଦେଖ୍ନେୟ୍ଲେ ଛୁଆଗୁଟେ ବଇଛି । ଇମାନେ ତାକେ ଭିଟେଇ ଦେନେୟ । ଭିଟେଇ ଦେଇକରି ହୁଳା କଣ୍ଟା ଆଉ ପାଣି ଦେଇକରି ମଟକରି ବାନ୍ଧି ଦେନେୟ । ଭାଲୁକାଣି ଇବର୍ ପାଣି ଖାଇକରିତ ଆଇଲା । ଆସିକରି ମଟ ମୁଣ୍ଡେଇ କରି ଚାଲ୍ଲା । ଜେତେବେଳେ

ପାଣି ପଳାୟ୍ କହୟ୍ ରାଣ୍ଡି ମୁତୁଛେ । ରଅ, ମୁଇଁ ଘର୍‌କେ ଜାଏଁ । ତର୍ ହାଢ଼୍ ମୁଣ୍ଡ୍ କରି ଖାଇବି । ଏଇ ରକମ୍ କହିକିରି ଜାଇଜାଇ ଘର୍ ପହଞ୍ଚ୍‌ଲା । ଘର୍ ଜେରକମ୍ ପହଞ୍ଚ୍‌ଲା ତାରତ ଗୁଟେ ଝିଅଥାଏ । ତାକେ କହିଲା ମୁଇଁ ଆଇ୍ ଆଣିଛେୟଁରେ । ପାଣିତତ । ସିଏ ପାଣିକେ ତତେଇ ଦେଇ କରି ମଟକେ ଭିଟେଇ ଦେଲା ବଳେତ କଣ୍ଡା ହୁଳା ପାଣି ଭାଆର୍‌ଲା । ଆରେ ମହାନ୍ ଅଲୁଆତ ହେଲା । ହୁଳା କିଡି କରି ହେଲା । ମୁଇଁତ ଝାମ୍ପୁଲି ମୁଣ୍ଡିକେ ଭର୍‌ତି କରି ଆଣ୍‌ଲି । ସେଇ ରାକ୍ସୁଣି ଖ୍ଆନି ଦେନେୟ୍ ଏଇ ହୁଳାଗା ଭରତି କରି । ଆଉ ସେଇ ନାଗି ମକେ ଧୁରିଆ ବଟେଇ ଦେନେୟ । ଆଉ ଅଲ୍‌ହାବିନି, ଆଉ ଦିନେ । ଗେଲା କିଛି ଦିନ୍ ବଳେ ଆଉ ଥରେ ସିଏ ଗେଲା । ଗେଲାବଳେ ସେଇ ଝାମ୍ପୁଲି ମୁଣ୍ଡିନି ସେଇ ପିଠା ଗଛରେ ଅଛି । ଇଏ ସେଇ ରକମ୍ ଫେର୍‌ପିଠା ମାଗ୍‌ଲା । ତୁଇ ଦେନା ପିଠା, ଆଉ ନେବି ନାଇଁଜେ ସିଦିନ ଖାଲି ତୁରେଇ ଦେଉଥ୍‌ଲି, ଇନ୍ତି କହିଲା । ସିଠୁ ସେଇରକମ୍ ଦେଲା ଗୁଟେଜେ ସିଏ ଖାଇଲା ନାଇଁ । ବଇଲା ପିଠାଟା ଭୁଇଁ ଭୁଇଁ ବାସିଲା । ଆଉ ଖାଇବି ନାଇଁ । ଧରେଇ ଦେନେ ସିନା । ଇଏ ତାକେ ଜିନ୍ତି ଧରେଇ ଦେଇଛି ଘିଆଳି କରିତ ବୁରାରେ ଭରତି କଇଲା । ପିଠିରେ ନଦି କରି ଚାଲ୍‌ଲା । ଆଉ କାଇଁ ଛିବି ନାଇଁ । ଘର୍ ପହଞ୍ଚି କରି କହିଲା ଦେନା ପାଣି ତତା ଇଲ୍‌ଦି । ତାର ଝିଅ ପାଣି ତତ୍‌ଲା । ତତେଇକରି ଆଉ ମଟ ଭିଟେଇଲା । ପାଣି ସିଆଳେ ଟୁକୁମୁକୁ ବଲ୍‌କୁଥାଏ । ଝୁମ୍ପୁଲିମୁଣ୍ଡି ସିଠୁ କହିଲା, ମକେ ଖାଇବେ ତ ଖାଇବେ । ଆଉ ଏତେ ଛାନିଆ କିସେଇଁ ହେଉଛେ । ଆଉ ଦେନା ତର୍ ଗହଣାଗା କଟେ ପିନ୍ଧୟଁ । ସିଏ ଜିନ୍ତି ଗହଣାଗା ଖୁଲ୍‌ବି କହୁଛି ଇଏ ତାକେ ଦେଲା ପେଳେଇ ଆଇଲା । ପଳେଇ ଆଗଲା ଜେରକମ୍ ଭାଲୁକାଣିତ ଗାଧ୍‌କରି ଆଇଲା । ଆସିକରି ଦେଖ୍‌ଲା ବେଲ୍‌କେ ତର୍‌କାରି ହାଣ୍ଡି ବସିଛି । ଭାତ୍ ବାଲ୍‌ଭିହିକିରି ସିଠୁ ତାର ଝିଅକେ ଡାକ୍‌ଲା । ଆୟ୍‌ରେ ନର୍‌ସିଙ୍ଗ ଭାତ୍ ଖାଇବେତ । ସିଠୁ ବିଳେଇଟା ଥାଏଜେ କହୟ୍ ଖାଆ ତର୍ ଝିଅକେ ଖାଆ । ଇଏ ସିଠୁ ସୁଣ୍‌ଲା କିସ କହୁଛି । ଦେଇକିରି କହିଲା, କିସ ନାଗିରେ ଇରକମ୍ କହୁଛୁ । ଭଲ୍ କରି କଅ, ଆଉ ମୁଇଁ ତକେ ଦୁଧ ଭାତ୍ ଦେବି । ନା ତର୍ ଝିଅକେ ତୁଉଣ ରାନ୍ଧି ଦେଇକରି ଝାମ୍ପୁଲିମୁଣ୍ଡି ସବୁ ଗହ୍‌ଣା ପତର ଗଗରା ବେଲା ନେଇକରି ପଳେଇ ଜାଇଛି । ସିଠୁ ସୁଣି କିରି ଛେଚିଁ କୁଟି ହେଇକରି ମଇଲା ।

କୃଷଚନ୍ଦ୍ର ନାଏକ
ଶରଧା, ଜର୍‌ଛିଆ ।

# ଦୁଖା, କାଣିବୁଢ଼ି ଆଉ ରାଜା ଝିଅ

ଗୁଟେ ରାଜା ରାଇଜରେ ଗୁଟେ କାଣି ବୁଢ଼ିଥାଏ । ସେଇ କାଣିବୁଢ଼ିର ତାର୍ ଗୁଟେ ପୁଅ । ତାରନାମ୍ ଦୁଖା । ସିଏ ତାର ଛେଳି ରାଖୟ୍ । ତାର ସେଇ ବେବସ୍ତା । ଛେଳି ବାଗାଲ୍ କରିକରି ସିଏ ତାର ଭାତିଆ ରୁଣ୍ଡେଇ ନୟ । ସିଏ ଛେଳି ରାଖୟ୍କେ ଦିନେ କହିଲା ମାଁରେୟ କେତେ ଦିନ୍ ଆଉ ଛେଳି ରାଖିବି । ଗୁଟେ ଡାହି କଡିବି, ଆଉ ତାସ କରିବା । ସିଠୁ ତାର ମାଁ କହିଲା ମୁଇଁ ତ କିଛି ଦେଖି ପାରୟଁନି । ଆର୍ ତର୍‌ନାଗି କିଏ ଭାତ୍ ନେଇଦାକ୍ । ନା, ନାଇଁରେ ମାଁ, ମୁଇଁ ଗୁଟେ ନଙ୍ଗଳରେ ଘରୁ ଗାର କରିକିରି ନେଇଥିବି । ସେଇ ଗାର୍‌ରେ ଗାର୍‌ରେ ତୁଇ ଯିବେ । ହଉ ତାହାନେ । ସିନ୍ତି ହେନେ ଜାଇ ମୁଇଁ ପାର୍‌ବି । ନା, ହଳିଆ କେଁଠେ ପାଇବେ ଜେ ହଳ୍ କରିବେ । ନା ଇଉର ବଡ଼ବଡ଼ ଖାସୁ ଦୁଇଟା ଅଛି, ସାଦ୍‌ବ ବୁଢ଼ାର, ଆଉ ସେଇଗାରେ ହଳ କଇବି । ତାର୍ ମାଁ ଜେଁଠୁ ହଁ କହିଲା ସିଠୁ ଇଏ ଜାଇକରି ଗୁଟେ ମସ୍ତ ଡାହି ଫୁଙ୍ଗେଇଲା । ଛେଳି ଦିନ୍ ଛଳି ଦୟ୍ ଆଉ ନିରଧୁମ୍ ଡାହି ହାଣୟ୍ । ଇନ୍ତି ହେଇକରି ସେଇ ଡାହିକେ ଫୁଙ୍ଗେଇ ସାରିଦେଲା । ବରସା ପାର୍ ଜିନ୍ତି ଆସିଗେଲା ସିଠୁ ନଙ୍ଗ୍‌ଳ ଜୁଆଳି ସବୁ ତିଆରିଲା । ତିଆରି କରିଛଣ ବାଟିଆ ନେଲା, ଅନ୍ଧ ନେଲା, କାଠର ଫାଳ ନଗେଇ ଦେଲା । ନଗେଇ ଦେଇକରି ସାଦ୍‌ବ ବୁଢ଼ାର ବଡ଼ବଡ଼ ଖାସୁଗାକେ ହଳ ଜୁଳିଲା । ହଳ ଜୁଳିକରି ତସିଲା ତସିଲା, ଗୁଣ୍ଡା ଆଣିକରି ବଳକେ କାଟିଲା, ଝୁଣ୍‌ଝାଣ୍ ଗୁଣ୍ଡ୍‌ଗୁଣ୍ଡା କରି । କାଟିକରି ଆର୍‌ଦିନ ଛେଳିଗୁରୁ ଖେଦିଲା । ବଳକେ ଧଇଲା ବାହାଙ୍ଗି ଭାର୍‌ରେ କରି । ଆଉ ତାର୍ ଡାହିକେ ଗେଲା । ସେଇ ଗୁଳାରେ ଖାସୁଗାକେ ହଳ ଜୁଳି କରି ବଳ କୁଟାକେ ବୁଣିଦେଲାକି ଆଉ ତସିଲା । ତସି ସାରି ଦେଲା । ଇନ୍ତି ଭଉତ୍‌ଦିନ୍ ତସିଲା ବେଲ୍‌କେ ଛେଳି ଖାସୁଗାର ଦିହ ଝଳିଗେଲା । ଖାନ୍ଦଗୁଳା ସବୁ ଛାଳିଗେଲା । ସାଦ୍‌ବଘର ଭାବିନେୟ୍ ଦୁଖା ଇଥର ଆମ୍‌ହର ଖାସୁଗାକେ କିସ କରୁଛି ଜେ-ଖାନ୍ଦଗା ଛାଳେଇ ଦେଉଛି । ଏତେ ଘା ହେଇଜାଉଛି ବଲି କରି କହିନେୟ । ଦୁଖା ଦିନେ ଛେଳିଗା ଆଣ୍‌ଲା ବଳେ ସାଦ୍‌ବ ପଚାର୍‌ଲା । ଏତେ ଦିନ୍‌ତ ଛେଳି ଖାସୁଗାରୁ କିଛି ହୟ ନାଇଁ । ଆଉ ଇଥର କିସେଇଁ ଖାନ୍ଦଗା ଘା ହେଇ ଜାଉଛେ, ଦିହ ଝଳି ଜାଉଛେ, ଆଉ ଖାସୁଗା ରଘା ହେଇ

ଜାଉଛନ୍ତି । ନାଇଁ ସାଦ୍‌ବ ଏଇ ଛେଳିଗା ଜେଁଠେ କଣ୍ଠା ସିଠେ ଖାଳଗା ଘସିହନ୍ତି । ଆଉ ଟାଗ୍‌ର ଜେଁଠେ ଦେଖନ୍ତି ସିଠେ ଜାଇକରି ସୁଇଥାନ୍ତି, ଚରନ୍ତି ନାଇଁ । ସେଇନାଗି ଇଆଙ୍କର ଖାନ୍ଦଗା ଛାଲିଗେଲା ଆଉ ଦିହଗା ଝଳିଗେଲା । ଇନ୍ତି ଚାଲାଖି କରିତ ପାହାରିଗେଲା । ତାର୍ ଡାହି ବୁଣା ହେଇଗେଲା । ସେଇ ଡାହିରେ ବଳକୁଟାରୁ ଧାନ୍ ଭାରଲା । ଧାନ୍ ଗଛ୍ ଭାଆରି କରି ବଡ଼ ବଡ଼ ହେଇଗେଲା । ଧାନ୍ ଜେତେବେଳେ ଫୁଟିବା ସମୟ ହେଲା ଫେର୍ ଦିନେ କହିନେୟ ତାର ସାଙ୍ଗ୍‌ମାନେ ବେୟ୍ ଦୁଖା, ଏତେ ଦିନ୍‌ତ ବିତିଗେଲାନି । କାଇଁରେ ବହୁଆଣୁଛେ । ତର୍ ମଚା କିଏ ଜଗିଆକେ । ତୁଇ ଘରେ ସୁଇବେ ନା ଧାନ୍ ବାଳିରେ ଜଗିବେ । ତକେ କିଏ ଭାତ୍ ଆଣିଦାକ୍ । ତର ଛେଳି କିଏ ଚରେଇଆକେ । ଇନ୍ତି ସାଙ୍ଗ୍‌ମାନେ କହିନେୟ ବଲେ ଆଜି ଗନେ ମାଁକେ ଧୁମ୍ କହିବି ବଇଲା । ଛେଳି ନେଇକରି ଘରକେ ଗେଲା । ଆଉ ତାର୍ ମାଁକେ କହିଲା, ମାଁରେୟ୍ ଆଉ ବହୁ ଗୁଟେ ଆଣିଦେ । ନହନେ ଉପାୟ୍ ନାଇଁ । ବିଲ୍‌ରେ ଧାନ୍‌ଗା ହେଇଗେଲାନି । ଆଉ ଧାନ୍ ଗୁଳାରେ ଜାଗିବି ନା ଘରେ ସୁଇବି । ମକେ ତୁଇ ଆର୍ କେତେଦିନ୍ ଇନ୍ତି ଭାତ୍‌ନେଇଦେବେ । ତାର୍ ମାଁ ସିଠୁ କହିଲା, ଆଜ୍‌ଦିନ୍‌ଟା ଜାହା ହେଇଥାଉ, କାଲି ତକେ ଗୁଟେ ବହୁ ଆଣି ଦେବି । ସିଏତ ଗରିବ୍ ନୁକ । ଦୁଖାର ନାଗି କିଏ ବହୁଦାକ୍ । ସିଏ ସିଠୁ କିଏ ପୁତ୍‌ଲା ବନାଏ ତାର୍ ପାସ୍‌କେ ଗେଲା । ମର୍ ପୁଅର୍ ନାଗି ବହୁକର୍‌ବି ବଲି ଗୁଟେ ବଡ଼୍ ଦୁଞ୍ଝା କରି ଆଉ ପୁତ୍‌ଲା ବନେଇ ଦିଅ କହିଲା । ସିଠୁ ମିସ୍ତିରି ସାତେସାତେ ପୁତ୍‌ଲା ଗୁଟେ ତିଆରି ଦେଲା । ସେ ବୁଢ଼ି ନେଇକରି ପଳେଇ ଆଇଲା । ନୁଆଁ ସାଲ୍‌ହିଗୁଟେ କିଣି ଆଣ୍‌ଲା । ସାଲ୍‌ହି କିଣି ଆଣିକରି ପିନ୍ଧେଇ ଦେଲା । ପିନ୍ଧେଇ ଦେଇ କରି ସେ ମଚାକେ ନେଇଗେଲା । ଭାତ୍ ଟୁକ୍‌ଲିଏ ବେଲା ଗୁଟ୍‌କିରେ ସଜାଳିଲା । ତୁଉଣ, ତର୍‌କାରି ପାଣି ଫାଣି ସବୁ ଆଉ ନେଲା । ତାର୍ ଡାହିରେ ମଚା ଜେଁଠେ ଦେଇଥାଏ ସେଇ ମଚା ଉପରେ ତାର୍ ମାଟିର୍ ପୁତ୍‌ଲା ବହୁକେ ବସେଇ ଦେଇକରି ପଳେଇ ଆଇଲା । ଦୁଖା କହୁଛି ମାଁରେୟ ବହୁଆଣି ଦେଇଛେନା । ହଁରେ ପୁଅ ! ବହୁ ଆଣି ଦେଇଛେୟଁଜେ ସଜା ହାତି ହୁତା ଖାଇଦେମେୟ୍ ବଲିକରି ବେଁଲ୍‌ସୁ ନେଇ ତାକେ ମଚାରେ ଛାଡ଼ି ଦେଇ ଆସିଛେୟଁ । ଭାତ ତୁଉଣ ପାଣି ପୁଣା ସବୁ ନେଇ ଜାଇଛି । ତୁଇ ବେଗା ଜିବେ ଜା । ଦୁଖା ଫେରିଗେଲା ବେଲ୍‌କେ କଇଲା ନିର୍‌ଧୁମ୍ । ଆଉ ଘରୁତ ଗାର ଟାଣି ଦେଇଥାଏ । ତାର୍ ମାଁ ଭାତ୍ ଧରିକରିଗେଲା । ଭାତ୍ ଧରିକରି

ଗେଲାବଲେ ଡାକି ଡାକି ଗେଲା । ଦୁଖାରେୟ୍, ଦୁଖାରେୟ । ଅଦ୍ ବାଟ୍‌ରେ ଗୁଟେ ସିଆଳ ବସିଥାଏ ଜେ ଅୟ୍ ବଲି କହିଲା । ମାଁ ଉଛୁଣି ଆଣିଛେନା, କେତେପରୁ ମକେ ଭୁକ ନାଗିଲାନି । ହଉ ଆଣ୍ ଆଣ୍ । ଆଜି ହଳିଆଗା ବେଡ଼େ ଚମ୍‌କୁଛନ୍ । ଆଉ ତୁଇ ନଙ୍ଗ୍‌ଳ ବେଣ୍ଟାଟା ଧରିଥା କହିକରି ତାର ନାଁଙ୍ଗୁଳଟା ଧରେଇ ଦେଲା ଆଉ ଖାଇ ନାଗ୍‌ଲା । ନାଁ ଙ୍ଗୁଳଟା ହଲେଇ ଦୟ କଟେକଟେ । ହଲେଇ ଦେଇକରି କହୟ ଏଇ ଧରିଥା । ଖାଇ ଦେଇକରି କହିଲା ଜାଆ ମାଁ ଏଇ ନଙ୍ଗ୍‌ଳ ଗାରେ ଗାରେ ଜିବେ ।, ବେଶା ହେବେ ନାଇନେ । ଦେଇକରି ସିଆଳ ପଲ୍‌ଲା । ଆସିକରି ଘରେ ଦୁଖାତ ଖାଇ ନାଇଁ ଭାତ୍, ଭୁକ୍‌ରେ ଅଛି । ଆସିକରି ପହଁଚିକରି କହିଲା ମାଁ କାଇଁରେ ଆଜ୍ ପଖାଲ୍ ନେଇ ଦେଲେ ନାଇଁଜେ । ଆଉ ଖାଇଲେ ପରାରେ, ନେଇଦେଲି ଖାଇଲେ । ମକେ ନଙ୍ଗ୍‌ଳ ମୁଠିଟା ଧରେଇଦେଲେ । କିନ୍ତି ନାଇଁ କହୁଛେ । ନାଇଁ ମୁଇଁତ ଖାଇ ନାଇଁ । ଆଉ କିଏ ଖାଇଲା ତାହାନେ । ହଉ ଆୟ୍ ତାହାନେ, ଖା ଆୟ୍ । ଖାଇଲା । ଖାଇକରି ଆର୍‌ଦିନ ହଲ୍ ନେଇଗେଲା । ହଲ୍ ନେଇ ଗେଲା ଜେ ସିଦିନ ଆଉ ଲୁଚିଲା ନାଇଁ । ଛକିଲା ଗଛ ଉପୁରେ ଚଲ୍‌ହିକରି । କାଣିବୁଢ଼ି ଚାର ଡାକି ଡାକି ଗେଲା, ଦୁଖାରେୟ୍, ଦୁଖାରେୟ୍, କେଁଠେ ହଲ୍ କରୁଛୁରେ ଦୁଖା, ଆୟ ଖାଇବେ । ହଁ ମାଁ ଇଠ୍‌କେ ଆଣ୍ ଆଣ୍ । ସେଇ ସିଆଳ ଇଠ୍‌କେ ଆଣ କହିଲା । ଖାଇକରି ନାଇଁ କହିବେ । ଇନ୍ତି କହିକରି ଫେର୍ ଖାଇଲେ ଦେଲା । ଦୁଖା ଦେଖିଲାଜେ ସଳା ଏଇ ସିଆଳତ ଖାଉଛି । ହଉ, ର । ଦୁଇଦିନ୍ ଜେରକମ୍ ଖାଇଗେଲା ତାର୍ ଆର୍ ଦିନ୍ କହିଲା ମାଁରେୟ୍ ସିଆଳତ ଖାଇଜାଉଛି । ତୁଇ ଆଉ କାଲିକି ନେଇଯିବେ । ଜେତେବେଳେ ସିଏ ନଙ୍ଗ୍‌ଳ ମୁଠିଟା ଧରାକେ ତୁଇ ନଙ୍ଗ୍‌ଳ ମୁଠିଟାକେ ଛାଡ଼ିବେ ନାଇଁ । କସ୍ ଝୁର ଧରିବେ ଆଉ ମକେ ଡାକି ଦେବେ । ସେଇରକମ୍ ଡାକିଡାକି ଜେତେବେଳେ ବୁଢ଼ିତଗଲା ଆଣ୍‌ମାଁ ଆଣ୍ । ମକେ କେତେପରୁ ଭୁକ ସୁସ ବାଗିଲାନି । ତୁଇ ଏତେପର ଜାଏଁ ଆଣସ ନାଇଁ । ନଙ୍ଗ୍‌ଳ ମୁଠିଟା ଧରିଥା କହିକରି ଜିନ୍ତି ନାଁଙ୍ଗୁଳଟା ଧରେଇ ଦେଲା ବୁଢ଼ିତ ଦୁଇ ହାତରେ ଝୁର୍‌କିରି ଧଂଇଲା । ସିଆଳ ବେଗିବେଗି ଖାଇ ନାଗିଥାଏ । ଆଉ ଇଆଙ୍କେ ଦୁଖାତ ନୁକିକରି ଥିଲା, ପହଁଚି ଗେଲା । ଧାଇଁ ଆସିକରିତ ନଗେଇଲା ସଳା ଠେଙ୍ଗା । ନାଇଁ ନାଇଁ ଦୁଖାଭାଇ ପିଟ୍ ନାଇଁ ପିଟ୍ ନାଇଁ, ତର୍ ଉପ୍‌ଗାର କର୍‌ବି । ଇନ୍ତି ଲୁହାର ମୁହାର ହେଇତେ ଆଉ ଦୁଖା ଛାଡ଼ି ଦେଲା । ହଳ ତସିକରିତ ଗୁଣ୍ଡା କଇଲା । ଗୁଣ୍ଡା

କଇଲାଙ୍କେ ଆଉ ଧାନ୍ ବୁଣ୍‌ତେ ବିଆନ୍ ନାଇଁ । କେଁଠୁ ଆଣ୍‌ବି ବିଅନ୍ ଆଉ ବୁଣିବି । ତାର୍ ବୁଧ୍‌ବେଣା ହେଇଗେଲା । ବୁଧ୍ କେଁଠୁ ବେଣା ହେଇଗେଲା ସିଠୁ କହିଲା ସିଆଳ ଭାଇକେ ପଚାରୟଁନା, କିଛି ଉପାୟ୍ କରିଦାକ୍‌ହେନେ । ସିଆଳ ତାକେ ବୁଧି କହିଦେଲାଙ୍କେ ସାଦ୍‌ବ ବୁଢ଼ା ଘରୁ ବଳଗା ଜେତେ ଗୁଲେ ଅଛି ଆଣିକରି ଆଉ ଝୁଣ୍‌ଝାଣ୍ ଗୁଣ୍ଡଗୁଣ୍ଡା କରି ବୁଣିଦେ । ସଁଜ ହେଲାଠାଣୁ ସିଠୁ ଦୁଖାଗେଲା ସାଦ୍‌ବ ଘରକେ । କହିଲା ସାଦ୍‌ବ ସାଦ୍‌ବ । ଆ କିସରେ, ଦୁଖା କିସେଇଁ ଆଇଲୁ । ନା ଗଣ୍ଡେ ବଳଗା ଦିଅ, ନିଆଁ ଧୁଙ୍ଗେଇବି । ମାଁତ ଜଙ୍ଗଲ୍ ଗେଲା ନାଇଁ, କାଠ୍ ଆଣି ପାଇଲା ନାଇଁ, ବରସା ମେଘ ହେଉଛି । ଆଉ ବେଢ଼େ ମସା ହେଉଛନ୍ତି, ନିଆ ଧୁଙ୍ଗେଇବି । ଇନ୍ତି କହିକରି ସାଦ୍‌ବ ଘରୁ ଜବର୍‌ଗୁଲେ ବଳଗା ନେଇ ଆଇଲା । ବେଲ୍‌କେତ ଅନ୍ଧାର୍‌ରାତିଆ ହେଇଜାଇଥାଏ । ମଚାରେ ଉଠିକରି ଦେଖ୍‌ଲାଙ୍କେ ସଦ୍‌ରେ ବହୁଖଣ୍ଡେ ଆଣି ଦେଇଛି । ଭାଆରି ସୁନ୍ଦର୍ । ସିଠୁ କହିଲା ତୁଇ ଆମ୍‌ହର୍ ଘରକେ ବହୁହେଇ ଆସିଲେ ପରା । ସିଏ କିଛି କହିଲା ନାଇଁ । ଦେ ଭାତ୍‌ଗା ଖାଏଁ । ଭାତ୍‌ଗା ଖାଏଁ ଦେ ବଲି ଦୁଇଥର ତିନ୍‌ଥର୍ କହିଲା । ତେବେବି ସୁଣ୍‌ଲା ନାଇଁ । ସୁଣ୍‌ଲା ନାଇଁ ଜିନ୍ତି ଗୁଟେ ଗୁଇଁଠା ମାଇଲାଙ୍କେ ସେ ମଚା ଉପରୁ ଫଲି ଦେଲା । ସେ କଣ୍ଡେଇ ପୁତ୍‌ଲାତ ତଳେ ଫଇଲା । ଧାନ୍ ଖାଇକି ଖେଳିଆ ଗୁଟେ ଆସିଥାଏ ସେଇ ଗୁଲାକେ । ସେ ଖେଳିଆ ତାରସଦ ସୁଣିକରି ଘଟ୍‌କିଲା ନିରଧୁମ୍ । ଦୁଖା ମର୍ ବହୁଟା ପଳେଇଲା ବଲିକରି ଇଏ ଖେଳିଆ ଜାହିଁଜାହିଁ ଧାଉଁଛି ସିଏତ ତାହିଁ ତାହିଁ ବଣ୍‌ରେ ସଦ ସୁଣି ସୁଣି ଧାଇଁଲା । ଘଟ୍‌କେଇଲାଙ୍କେ ଘଟ୍‌କେଇଲାଙ୍କେ ଧୁମ୍ । ରାତି ପାହିଗେଲା । ସକାଲ୍ ହେଇଗେଲା । ସେଇ ରାଇଜର ରାଜାଘର ଝିଅ ପୁଖୁର୍‌ରେ ଗାଧୁଥାଏ । ସେଇ ପୁଖ୍‌ରି ଆଳିରେ ଦୁଖା ପହଞ୍ଚିଗେଲା । ରାଜା ଝିଅକେ ଦେଖ୍ ପାଇକରି ଦୁଖା କହୁଛି, ଏୟ ସାଲି ହାରାମ୍‌ଜାଦି, ଆଜ୍ ତରନାଗି ରାତିଗୁଟା ମୁଇଁ ଉଜ୍‌ଗୁରା ହେଲି, ହଇରାଣ ପାଇଲି, ସାଲି ମକେ କିଛି କହିଲେ ନାଇଁ, ଏକାଥରେ ଉଡିକରି ପଳେଇ ଆଇଲେ ତର ବାପ୍ ଘରକେ । ସାଲି ଜିବେନା ନାଇଁ କ । ସିଏତ ଚୁପ୍ ହେଇକରି ରଇଁଲା । ଦୁଖା ଧରି ନେଇତେ ଝୁର୍ କଇଲା । ବଳେ ଇଏ କାନ୍ଦିକାନ୍ଦି ଧାଇଁଲା ଘରକେ । ଜାଇକରି ଘରେ କହିଲା । ବାପା ଆଉ ଗୁଟେ ନୁକ ଆଇଛି, ମୁଇଁ ପୁଖ୍‌ରିରେ ଗାଧୁଥିଲି । ଆଉ ତକେ ପରା ମର୍ ମାଁ ବହୁକରି ନେଇଦେଇଥିଲା । ଆଉ ଗୁଇଁଠା ମାଇଲିବଳେ ତୁଇ କିସ ନାଗିପଳେଇ ଆଇଲେ

ବଲି କହିଲା । ସେତେବେଳେ ଦୁଖାବି ପହଁଚିଗେଲା । ଆଉ ସସୁରେ ତମର ଝିଅକେ ଛାଳିଦିଅ । ଆଉ କିସନାଗି ରାଖିଛ, ମୁଇଁ ପରା ରାତିଗୁଟା ହଇରାଣ ହେଲି ବଲିକରି ରାଜାକେ କହିଲା । ସେତେବେଳେ ରାଜା ବକା ବନେଇଗେଲା । ତାର ଝିଅକେ କହିଲା ସତ୍‌ରେ ତୁଇ ତାର୍ ଘର୍‌କେ ବହୂ ହେଇକରି ଜାଇଥିଲେ ? ନାଇଁ, ମୁଇଁତ ଗାଧିକି ଜାଇଥିଲି ସକାଳେ ଆଜ୍ । ସିଏ ଜଙ୍ଗଲ୍‌ରୁ ଭାଆରି କରିନି ମକେତ ସିନ୍ତି କହିଲା । ରାଜା ସିଠୁ କହିଲା କିରେ ପୁଅ ତର ନାଗି କିଏ ବହୂ ନେଇ ଦେଇଥିଲା । ନା ମର୍ ମାଁ । ସିଠୁ ରାଜା କହିଲା, ଜାଆନା ତର୍ ମାଁକେ ଡାକି ଆଣ୍‌ବେ । ଫେର୍ କହିନେୟ ନାଇଁ ତକେ ଜାଇକେ ହାକ୍‌ନାଇଁ, ଆମ୍‌ହର ନୁକ ଜିମେୟ୍ ଆଉ ଡାକି ଆଣ୍‌ମେୟ । ରାଜା ତାର ଚାକର୍‌ଗାକେ ବଟେଇ ଦେଲା । ସିମାନେ ସେ କାଣି ବୁଢ଼ିକେ ଧରି ଆଣ୍‌ନେୟ । ଆଣି କରି ନେଇ ଜାଇଥିଲେନା ? ହଁ ରାଜା, ମର ପୁଅର୍ ନାଗି ବହୂକରି ନେଇ ଦେଇଥିଲି । ଆଉ ମତାକେ ବଟେଇ ଦେଇଥିଲି । ସିମାନେ କିସନାଗି କଲି ଝଗଲା ହେନେୟକେ ବହୁଟା ପଳେଇ ଆଇଲା । ରାଜାର୍ ତେଭେବି ବିସାସ୍ ହେଲା ନାଇଁ । ସିଠୁ କହିଲା ଆଉ କିଏ ଦେଖିଛେକ । ଇନ୍ତି କହିତେ ସେ ଶିଆଳ କେଇଁଆକେ ଥିଲା ଯେ ଭାରି ଆସିକି କହିଲା ମୁଇଁ ଦେଖିଛେଁ ରାଜା । ସିଠୁ ଆଉ ରାଜା କିସ କରିବ । ବାହ୍ମୁଣ, ବଷ୍ଟିମ, ଜଉତିଷ ଯାହାକୁ ଯାହା ନିମନ୍ତ୍ରଣ କଇଲା ଆଉ ବାଜା, ଢୁଲ, ମଉରି, ହୁଳାହୁଳି ସବୁକିଛି ସାତେସାତେ ହେଇଗେଲା । ଦୁଖାକେ ଅଧା ରାଇଜ ଦେଇକରି ଆଉ ଝିଅ ଜୁଇଁକେ ବଟେଇଦେଲ ।କରିନେୟ, ଧରିନେୟ, ଖାଇନେୟ, ଆଉ ସଭିଏଁ ସୁକ୍‌ରେ ରହିନେୟ ।

*ମିତ୍ରବଂଧୁ ନାଏକ*

*ଶରଧା, ଟାଟ କରଂଜିଆ*

**ଶବ୍ଦାର୍ଥ :**

ଡୁରେଇ - ଭୟଭୀତ କରାଇ, ଘିଞ୍ଚାଳି - ଝିଙ୍କି, ବୁରା - ବସ୍ତା, ଭିଟେଇଲା - ଫିଟାଇଲା, ଛାନିଆ - ଅସ୍ଥିର, ଛେଟିଁକୁଟି - ଛେଥିକୁଟି, ବେବସ୍ତା - ବ୍ୟବସ୍ଥା, ଡାହି - ପଡ଼ିଆଭୁଇଁ, ତସିଲୀ - ହଲକଲା, ଗୁଣ୍ଡଗୁଣ୍ଡା - ଖଣ୍ଡଖଣ୍ଡ, ବାହାଙ୍ଗିଭାର୍ - ଭାରଦଣ୍ଡ, ଖାସୁ - ଖାସି, ଖାନ୍ଦ - କାନ୍ଧ, ଝଲିଗେଲା - ଝଡ଼ିଗଲା, ଛାଳିଗେଲା - ଛାଡ଼ିଗଲା, ଇଥର - ଏଇର, ରଘା - ରୁଗ୍ଣ, ଟାଙ୍ଗ୍‌ର - ପଥର, ଭାଆରଲା - ବାହାରିଲା, ଧୁମ୍ - ବହୁତ, ମିସ୍ତିରି - ମିସ୍ତ୍ରୀ, ପୁତ୍‌ଳା - ପୁତୁଳା,

ସାଲ୍‌ହି - ଶାଢ଼ୀ, ମଚା - ମଞ୍ଚା, ତୁଉଣ - ତରକାରି, ନିର୍‌ଧୁମ୍ - ନିର୍ଘାତ୍, କେତେଘରୁ - କେତେପ୍ରହରରୁ, ନାଁଲୁଳ - ଲାଙ୍ଗୁଡ଼, ନିର୍‌ଧୁମ୍ - ନିର୍ଘାତ୍, କେତେପରୁ - କେତେପ୍ରହରରୁ, ନାଁ ଲୁଳ - ଲାଙ୍ଗୁଡ଼, ହୁଳିଲା - ଜଡ଼ିଲା, ସୁସ - ଶୋଷ, ବଳ - କୁଚା ଦଉଡ଼ି, ମସା - ମଶା, ଧୁଙ୍ଗେଇବି - ଧୂଆଁକରିବି, ଗୁଈଁଠା - ଗୋଇଠା, ଖେଳିଆ - ଠେକୁଆ, ଜାହିଁ ଜାହିଁ - ଯେତେଯେତେ, ସଦ - ଶବ୍ଦ, ଧୁମ୍ - ଜୋରସୋର୍, ସାଳି - ଶାଳୀ, ଜିମେୟ - ଜିବେ, ବାହ୍ମୁଣ - ବ୍ରାହ୍ମଣ, ବସ୍ନିମ - ବୈଷ୍ଣବ, ଜଉତିସ - ଜ୍ୟୋତିଷ, ନିମଡ୍ରଣ - ନିମନ୍ତ୍ରଣ, ଡୁଲ - ଢୋଲ, ସଭିଏଁ - ସର୍ବେ, ସୁକ୍‌ରେ - ସୁଖରେ ।

□□

# ରାଜାପୁଅ, ମନ୍ତରିପୁଅ କଟୁଆଲ ପୁଅ

ରାଜା ପୁଅ ଗୁଟେ, ମନ୍ତରି ପୁଅ ଗୁଟେ, କଟୁଆଳ ପୁଅ ଗୁଟେ । ତାଙ୍କର ତିନି ସଙ୍ଗାତ । ସିମାନେ ଏକା କିଲାସ୍‌ରେ ପାଠ ପଢ଼ନ୍ତି । ପାଠ ପଢ଼ି ପଢ଼ିକା ତାଙ୍କର କଟେ କଟେ ବଡ଼ ହୋଇଗେନେୟ । ବଡ଼ ହେଇ ମେନେୟ ଯେତେବେଳେ ଆଉ ପୁରାଟୁକା ହେଇଗେନେୟ ସିଠୁ କହିନେୟ ଚାଲ ଆମର୍ ବିଦେଶ୍ ବୁଲିକିଯିବା । ସମତେ ଟଙ୍କା ପଇସା ଧରନେୟ୍ ଆଉ ଚାଲ୍‌ନେୟ । ଯୁଦି ଚାଲ୍‌ନେୟ ଯାଇ ଯାଇ ଆଉ ଯେଁଠେ ଭଉତ୍ ବେଳ ହେଇଗେଲା ସିଠେ ଯାଇକରିକା ତାଙ୍କର ଚୁଳା ଚାଉଳ ନେଇଥିନେୟ, ଖାଇନେୟ । ଖାଇଖୁଆ ସାରିକରିକା ପାଣି ପିନେୟ । ପି କରକା ଫେର୍ ଚାଲ୍‌ନେୟ । ଚାଲିଚାଲି ସଇଧାଁ ହେଲା ଠାଣୁ ଯେଁଠେ ସଇଧାଁ ହେଲା ସିଠେ ରହିନେୟ । ରହିନେୟ, ଦେଇ କରିକା ଡାଳପାଳ ନୁଗାଫୁଗା ସବୁ ବିଛେଇ କରିକା ଶୁଇନେୟ । ଶୁଇଶୁଆ କରି ତେଣିକି ରାତି ପାହିଲା, ପାହିଲା ଯେରକମ୍ ସଖାଳ ହେଲାତ ମୁହଁ ଧୁଇନେୟ; ଧୁଇକରିକା ତେଣିକି ଚାଲିନେୟ । ଚାଲିନେୟଁଯେ ଚାଲିନେୟଁ ଯେ ଗୁଟେ ଗାଳିଆ ପାଇନେୟ । ସେଇ ଗାଳିଆ କଲ୍‌ରେ ବସିନେୟ, ଦେଇକରିବା ଦନ୍ତ ଘସିନେୟ । ଦାନ୍ତ ଘସିକରିକା ଫେରେ ଚୁଳା ଦୁଇଟା ଦୁଇଟା ଖାଇନେୟ । ଖାଇକରି ଫେରେ ଚାଲିନେୟ । ଏଇରକମ୍ ଚାଲିଚାଲି ଦୁଇତିନିମାସେ ହେଇଗେଲା । ଯେଦି ହେଇଗେଲା ଆଉ ସମତ୍‌କାର ଖାଇବାର୍ ସରିଗେଲା । ଯେତେବେଳେ ସରିଗେଲା ଆଉ କିସ କରିମୁ । କଣ, ସିଠେ ରାତି ହେଇଗେଲା । ଇମାନେ ଗୁଟେ ଗଛମୂଳେ ରହିନେୟ । ରହିକରିବା ଆଉ ଭୁକ୍‌ରେ ତ ଏଣେ କଲବଲ ହେଉଛନ୍ତି । ମନ୍ତରିପୁଅ ଆଉ କଟୁଆଳ ପୁଅ ଶୁଇଫଳିନେୟ । ଯେଦି ଶୁଇଫଳିନେୟ ରାଜାପୁଅକି ଆଉ ନିଦ ମାଡ଼ିକି ନାଇଁ । ଭୁକ ନାଗୁଛି । ସିଠୁ ଆମ୍ ଗଛ ଦୁଇଟା ତାଙ୍କର୍ ବିଚାର୍ ହେନେୟ୍ । ଏ ଆମ୍‌ଗଛ ତୁଇ ଧରିବେନା, ସେ କହିଲା ହଁ ତୁଇ କହନେ ମୁଇଁ ଧରିବି । ଏଇରକମ୍ ହେଇକରିକା ତାଙ୍କର୍ ଆମ୍ ଧରାଧରି ହେନେୟ । ଟଣା ହେଲା, ଟଣା ହେଇକରିକା କଟେକଯେ ବଡ଼ ହେଲା । ସେଇ ରାତିକ ଭିତ୍‌ରି

ଯିନ୍ତି ପାକିକରି ଫଳିଆକେ । ତେଣିକି ସିମାନେ ଖାଇମେୟ । ହେଇ କରିକା କେତ୍‌ଟା ଆମ୍ ହେଲା କଅନା, ତିନ୍‌ଟା ହେଲା, ତିନ୍‌ଝଣକୁ ତିନ୍‌ଟା । ଇନ୍ତି ହେଇ କରିକା ରାଜପୁଅ ତାର ସବୁ ଶୁଣୁଥାଏ । ସିଠୁ ଆମ୍ ପାଚି ସାଇଲା ଯେରକ୍ କହିଲା ଆଉ ଏଇଥର ଫଳିବିନା, ସିଏ କହିଲା ଫଳ୍ ତାହାନେ । ଫଳିବିନା ? ଫଳିବେ ଯେ ତାହାନେ ଏଇ ଯୁଦି ତିନ୍‌ଟା ଆମ୍ ହେଲା ଆଉ ଖାଇକିରି ମଣ୍ଷ ଯୁଦି ଆମର୍ ଗୁଟେ କିଛି ଭଲନାଁ ନାଇଁ ହାକେ ତାହାନେ ଆମର୍ ଆମ୍ ହେଇକିରି କିସ ନାଭ ହେଲା, ଇ ଟାଇମ୍‌ରେତ ଆମ୍ ନାଇଁ । ଆମେ ଆମ୍ ଧରିଛେଯଁ ସିଏ ଖାଇମେୟ ବଲି । ସିଠୁ କିସ ହେଲାନା ଆର ଆମ୍ ଗଛଟା କହିଲା ହଉ ଯେ ଆମ୍‌ଟା ଫଳିଆକେ ପରଥମ୍ ଆଉ ସେଟା ଯିଏ ଖାୟାକେ ସିଏ ରଜା ହାକେ । ଯେଁଟା ତା ପଛେ ଫଳିଆକେ ସେଟା ଯିଏ ଖାୟାକେ ସିଏ ମନ୍ତ୍ରିହାକେ । ଫେର୍ ତାପଛେ ଯେଁଟା ଫଳିଆକେ ସେଟା ସିଏ ଖାୟାକେ ସିଏ ସେନାପତି ହାକେ । ଏଇରକମ୍ ତିନ୍‌ଟା ଆମ୍ ତାଙ୍କର୍ ହେବାର ହେଲା । ଯୁଦି ହେଲା ଏତ ରଜା ପୁଅ ସବୁ ଶୁଣୁଥିଲା ଶୁଇ କରିକା । ସିଠୁ ଭୁଟ୍ କରିକା ଗୁଟେ ଫଳିଦେଲା । ଯେତେବେଳେ ଫଳି ଦେଲା ସିଏ ଯାଇକରିକା କୁହ୍ଲେଇ ଆଣ୍‌ଲା । କୁହ୍ଲେଇ ଆଣିକରି ତାର ରଖ୍‌ଲା । ରଖ୍ ସାରିକା ଆଉ ଫେର୍ ଡଣ୍ଡେ ଯାଇନାଇଁ ଆଉ ଗୁଟେ ଫଳି ଦେଲା । ଯଦି ଫଳିଲା ଆଉ ସିଟାବି ନେଇକିରି କୁହ୍ଲେଇ ଆଣ୍‌ଲା । କୁହ୍ଲେଇ ଆଣି କରିକା ସେଟା ଗଲା ରଖ୍‌ଦେଲା । ରଖ୍‌ଦେଇକରିକା ବସିଥାଏ । ଫେର୍ ଗୁଟେ ଫଳିଲା । ଯୁଦି ଫଳିଲା ତାକୁବି ଆଣି କରିକା ରଖ୍‌ଲା । ରଖ୍‌କରିକା ଡାକିଲା ସଙ୍ଗାତ ଉଠ ଖାଇବେନା । ଆଉ ସିଏ କହୁଛି କିସ । ନାଇଁ ଯାହେନେତ ଦେବି, ଖାଇବା କଥା, ତୁମ୍‌ହେ ଖାଇବ ମୁଇଁ ଦେବି । ସିଠୁ ଉଠ୍‌ନେୟ । ଉଠି କରିବା କାଇଁ କିସ ଦିଅ । ନା ଆମ୍ ଦେବି ତୁମକୁ । କେଁଠୁ ଆମ୍ ଆଣ୍‌ଲେ । ଆଜିକାଲିତ ଆଉ ଆସ ନାଇଁ ଗଛରେ । ସିଠୁ ନାଇଁରେ ଏଇ ଗଛରୁତ ଫଳ୍‌ଲା ତିନ୍‌ଟା ଆମ୍ । ତିନ୍‌ଟା ଆମ୍‌ପରା ତିନ୍‌ଜଣଙ୍କର ଫଳ୍‌ଲା । ତୁଇ ଇଟା ଖା, ସିଏ ସିଟା ଖାଉ ଆର୍ ମୁଇଁ ଇଟା ଖାଉଁ । ଇନ୍ତି କରିକା ତାଙ୍କର୍ ଭାଗ୍‌କରିକା ଖାଇଦେନେୟ୍ । ଖାଇକରିକା ତେଣକି ଆରାମ୍‌ରେ ଶୁଇନେୟ ଶୁଇନେୟ ଯେରାକମ୍ ରାତି ପାହିଗେଲା । ଫେରେ ଚାଲିନେୟ । ଚାଲି ଚାଲିକା ଫେର୍‌ଗୁଟେ ପୁଖରି କଲ୍‌ରେ ପହଞ୍ଚନେୟା ପହଞ୍ଚ୍ କରିକହିନେୟ ଯେ ଆଉ ଇଠେ ଦାନ୍ତ ଘସିବା । ପାଣି କଟେ କଟେ ନାହାନେ ପିଇବା । ଆଉ କେତେ ସିରକମ୍ ଉପାସ୍‌ରେ ଚାଲିବା । ସିଠୁ ଦାନ୍ତ

ଘସିନେୟ । ଦାନ୍ତ ଘସିକରିକା ଯେତେବେଳ ଢିଉର ମଳି କାଢ଼ିଲାବେଳକୁ ରାଜାର ପୁଅ ସେଇ ତାର୍ ପାଟିରୁ ଗୁଟେ ସୁନା ବାହାରି ପଲ୍ଲା । ଯେତେବେଳେ ସୁନା ବାହାରି ପଲ୍ଲା ଆଉ ସିଠୁ କହିଲା ଏୟ୍ ତମେ ନେଇକରିକା ଯୁଅ ଇଟାକ, ଆଉ ବିକିକରିକା ଚୁଳାଫୁଲା ଯାହାହେନେ ଆଣି ଆଇବ, ଆମ୍‌ହେ ଖାଇକରିକା ଇଠୁ ଯିମୁ । ନହନେ ଆଉ ଚାଲିହାକ୍ ନାଇଁ । ଏଇକଥା କହିଲା । ସିଠୁ ସେ ଦୁଇଝଣ ଚାଲିନେୟ । ଯାଇ କରିକା ପହଞ୍ଚିନେୟ ବଜାର୍‌ରେ । ସିଠେ ଯାଇକରିକା ପହଞ୍ଚିନେୟ ବଣିଆ ଦୁକାନ୍‌ରେ । ବଣିଆକୁ କହିନେୟ ଆମ୍‌ହେ ସୁନା ଆଣିଛଉଁ । ନା ଦେଖିବା ଦେଖିବା । ସିଠୁ ବଣିଆକୁ ଦେନେୟ୍ । ଦେନେୟ୍ ଯେତେବେଳେ ଦେଖିଲା ଯେ ଶଳା ଇମାନେ ଏଇ ସୁନା କେଁଠୁ ପାଇନେୟ । ଇଏତ ପୁରା ପତ୍‌ରି ସୁନା । ସିଠୁ ଇଏ କିସ୍ କଇଲାନା ଥାନାରେ ଯାଇକରିକା ଜଣେଇଦେଲା ଫୁଲ୍‌ସିକି । କହିଲା ଏଇ ରକମ୍ ଦୁଇଟା ଚୁର ସୁନା ଆଣିକରିକା ଆଇଛନ୍ତି । ସିଠୁ ଥାନା ବାଲା ଗେନେୟ । ଯାଇ କରକା ଇମାନ୍‌କୁ ପଚାର୍‌ନେୟ, ଚେକ୍ କର୍‌ନେୟ । ଏ ସୁନା ତୁଇ କେଁଠୁ ଆଣ୍‌ଲେରେ । ନା ରଜା ପୁଅ ପାଟିରୁ ଭାଆରିଲା । ହିଁ, ତମର୍ ରାଜା ପୁଅ ଏତେ ଇଏନା, ତା ପାଟିରୁ ଭାଆରିଲା । ନାଇଁ ତୁମ୍‌ହେ ଚୁରକରି ଆଣିଛ । ଇନ୍ତି କହିକରି ସିମାନକୁ ବାନ୍ଧିନେଇ ଗେନେୟ । ନେଇକରିକା ଥାନାରେ ରଖିଦେନେୟ । ଇଏ ଯଉଁ ରଜାପୁଅ ବଇଥିଲା କହିଲା କେତେପରୁତ ଗେନେୟନି, ଆଉ ଏତେ ଯାଏଁ କିନାଗି ଆଇନେୟନି । କାଆଣେ ଗେନେୟ । ଏଇ ରକମ୍ ବସି ବସିକା ଜବର ହଇରାଣ ହେଲା । ସିଠୁ କହିଲା ନାଇଁ ଆଉଥରେ ଘସେୟଁନା ଦାନ୍ତ । ଯୁଦି ଆଉ ଖଣ୍ଡେ ଭାଆରିଆକ୍ । ସିନ୍ତି ଦାନ୍ତ ଘସିକରିକା ଆଉ ଥରେ ମଳି କାଢ଼ିଲା ଯେ ଆଉ ଖଣ୍ଡେ ଭାଆର୍‌ଲା । ଭାଆର୍‌ଲା ଯେ ସାନ୍‌କଟେ ଭାଆର୍‌ଲା । ସେଇକଟି ନେଇ କରିକା ସିଏ ଗେଲା । ଯାଇକରି ସିଠେ ଯେଁଠେ ବିକିଥିନେୟ, ଯେଁଠେ ଚୁର ଧରିଥିଲା ଇଏ ଯାଇକରି ସେଇ ଦୁକାନ୍‌ରେ ପହଞ୍ଚିଗେଲା । ଯେତେବେଳେ ପହଞ୍ଚିଲା ଆଉ ସେଇ ଦୁକାନି କହିଲା କିସରେ । ନା ଗୁଟେ ସୁନା ଆଣିଛେୟଁ । ସୁନା ତୁୟ କେଁଠୁ ଆଣ୍‌ଲେ । ନାଇଁ ମର୍ ପାଟିରୁ ଭାଆର୍‌ଲା । ଇନ୍ତି କହିଁଲା ଯିନ୍ତି ସିଆଳି ଆଉ ଜଣେ ଥିଲା ଯେ ଜଣେଇ ଦେଲା ଥାନାରେ । ଆଉ ଫୁଲ୍‌ସି ବାବୁ ଆଉ ଝଣେ ସୁନା ଆଣିକିରି ଆଇଛି ପରା । ଫୁଲ୍‌ସିଗେଲା । ଯାଇକରିକା ତାକୁ ପଚାର୍‌ଲା ଏୟ୍ ତୁଇ କେଁଠୁ ଆଣ୍‌ଲେ । ନାଇଁ ମର ପାଟିରୁ ଭାଆର୍‌ଲା, ମୁଇଁ ଦାନ୍ତ ଘସୁଥିନି । ହିଁଃ ତର୍ ପାଟିରୁ ଇନ୍ତି ସୁନା

ଭାଆରୁଛିନା । କହିଲା ମୁଇଁ କିସ କର୍‌ବି ? ତାକୁ ଆଉ ଗୁଟେ ଖାଡ଼ି ଦେତ, କିନ୍ତି ତାର୍ ପାଟିରୁ ସୁନା ଭାଆରିଆକ୍ ଦେଖିବା । ଫେରଥରେ ତାକୁ ଦାନ୍ତ ଘସା କରେଇନେୟ୍ । ଶଳାଥରେକୁ ଦୁଇଥର ଭାଆରିଲା, ଆଉ ଫେର୍ ଭାଆରିଆକ୍‌ନା । ଫେର୍ ଦାନ୍ତ ଘସିଲା । ଦାନ୍ତ ଘସିକରି ମଳି କାହ୍ଲିଲା ଯେ ପର୍‌କୁତ୍‌ରେ ଇନ୍ତି କଟିଏ ଭାଆର୍‌ଲା ଫେରେ । ଯିନ୍ତି ଭାଆର୍‌ଲା ତାକୁ ଥାନା ବାବୁଗା ବିଶାସ୍ କରନେୟ । କହିନେୟ ହଁ ଇଆର୍ ପାଟିରୁ ଭାଆରିଛି । ସିଠୁ ଇଏ କହିଲା ଆର୍ ଦୁଇଝଣ ଆସିଥିନେୟ ଯେ କାଆଣେ ଗେନେୟ୍ । ନା ସିମାନ୍‌କୁ ତ ହାୟ ଥାନାରେ ଭରତି କରି ଦେଇ ଆସିଛୁଁ । ନା ସିମାନକୁ ତାହାନେ ଛାଳିଦିଅ, ଆଉ ଦେଖ୍‌ଲଡ ମର ଟୁଣ୍ଡରୁ ଭାଆର୍‌ଲା । ନା ସିମାନକୁ ଆଉ ଛାଳି ହୋକ୍‌ନାଇଁ । ଛଅ ମାସ୍ କିହଲ୍ ହେଇଗେଲାନି, ଆଉ ଛଅମାସ୍ ପୁରିନେ ସିମାନର୍କୁ ଛାଳିଦେମୁ । ଏଇରକମ୍ କହିନେୟ । ଯୁଦି କହନେୟ୍ ଇଏତାର୍ ଏକ୍‌ଲା ହେଇଗେଲାନି । ଯେଁ ଆଳେଗେଲା ଏକ୍‌ଲା ଗେଲା । ଦେଇକ୍‌ରିକା ସୁନାତାର୍ ସିଠେ ଫେର୍ ବିକ୍‌ଲା, ବିକି କରିକା ଜବର୍ ପେଟେ ଖାଇଲା ଦୁକାନ୍‌ରେ । ମିଠେଇ ଫିଟେଇ ଜବର୍ ଖାଇଲା । ଖାଇକରିକା କସ୍ ପାଣି ପିଇଲା । ପିଇଦେଇ କରିକା ଚାଲ୍‌ଲା ବାଟେବାଟେ । ଏଇ ରକମ୍ ସଲ୍‌ପ ସଲ୍‌ପ ସବୁ ଚାଲୁଛି । ରାତି ହେଇଗେଲା ବାଟ୍‌ରେ । ଆଉତ ଗାଁ ନାଇଁନି । ଗାଁ ଥିନେ ସିନା ଗାଁକୁ ଯିଆକେ । ସଠୁ ଛକ୍‌ରେ ଗୁଟେ ଜବର୍ ଝାମ୍ବରା ବର୍‌ଗଛ ଗୁଟେ ଅଛି । ବୁହ୍ଲା ବର୍‌ଗଛ । ଇଏ ଯାଇ କରିକା କିସ କଇଲା ନା ଥିର୍‌ହେଇ ଉଠିକରିକା ରଇଲା । କହିଲା ଏ ଗଛରେ ହେନେ ରହିଯିବି ରାତ୍ରିଟା, କେହି ଦେଖ୍‌ମେୟ ନାଇଁ ଆଉ । ସିଠୁ ଦୁଇଝଣ ଚୁର କିସ କରିଛନ୍ କଅନା ଆଉ ସେ ଇଏ ଚୁର କରିକା ଆଣିଛନ୍ତି । ଝଣେ ଆଣିଛି ତସ୍‌ଲାଟେ ଆଉ ଝଣେ ଖଣ୍ଡାଟେ ଆଉ ଢୁଣ ଦୁଇଟା । ଆଣିକରିକା ଗଛମୂଳେ ବାଣ୍ଟୁଛନ୍ତି । ଝଣେ ଢୁଣଟା ଆଉ ତସ୍‌ଲା ନେଇଗନେ ଆଉ ଝଣ୍‌କାର ଗୁଟେ ହିଏ । ତୁଇ ଦୁଇଟା ନେଉଛେ ଆଉ ମକେ ହେନେ ଗୁଟେ, ଦେ ମୁଇଁ ବାଣ୍ଟକରେଯଁ । ଇନ୍ତି ହେଇକରିକା ସିଏ ବାଣ୍ଟ କରେୟଯେ ତାର୍ ଦୁଇଟା ନୟ୍ ଇଆକୁ ଗୁଟେ ଦୟ୍ । ସିଠୁ ସିଏ କିସ କଇଲାନା ରଜାପୁଅ ଗଛରୁ ଉହ୍ଲିଆଇଲା । କହିଲା ଏ ଭାଇ କିସ କରୁଛବେ ସିଠେ । ନାଇଁ ଆମ୍‌ହେଡ ଚୁର୍‌ହେଇ ଆଣିଛଉଁ ଯେ ଆଉ ଇଠେ ଭାଗ ଭାଗ କରୁଛଉଁ ଯେ ଆଉ ହଉ ନାଇଁ । ସିଏ ଦୁଇଟା ନେଉଛି ଫେର ମକେ ଗୁଟେ ଦଉଛି । ଇଏ ସିଠୁ ଉହ୍ଲିଆଇକିରି କହୁଛି ବେୟ ଏଇ ଢୁଣଗା ଆଣିଛ ନାବେ । ଇଶଳା

ଜୁଣଗା କିସ କରବ । ଇଟା କାଆର୍ ମାଡ଼୍ଲା ଜୁଣଗା । ନାଇଁବେ ସେ ଜୁଣଗା କିସହାକ୍ ଜାଣିଛୁନା, ସେଇ ଜୁଣଗା ମାଡ଼ିକରି ତୁଇ ଯେଁସବୁ ଯିବେ କହିବେ ଏକାଥରେ ଉଡ଼େଇ ନେଇକରି ସିଠେ ପହଞ୍ଚେଇ ଦାଆକେ । ତାହାନେ ଏଇ ଖଣ୍ଡାଟା କିସ ହାକ୍ । ନା ଏଇ ଖଣ୍ଡାଟା ଥାପି ଦେନେତ ସିଠେ ପାକାଘର୍ ହେଇ ଯିଆକେ । ଆଉ ସେଇ ପାକାଘରେ ଧାନ ଚାଉଳ ଜବର୍ ହାକେ । ଆଉ ଏଇ ତସ୍‌ଲାଟା ପରା ଖାଲି ନିଆଁ ଜଳେଇ ଦେବେ । ଚୁଲ୍‌ହି ବନେଇ କିରି ଆଉ ନିଆଁ ଠେକେଇ ଦେନେ ଖାଲି ପାଣି ଢାଳି ଦେବେ ଯେ ଏକାଥରେ ଭାତ ଦେଇ ଯିଆକେ । ସିଠୁ ରଜା ପୁଅ କହିଲା ହଉ ଆଜି ଯିନ୍ତି ହେନେ ରାତିଟା ପାହିଯାଉ, ମୁଇଁ ତମ୍‌କୁ ଭାଗ କରିଦେବି । ଯିନ୍ତି ରାତି ପାହିଗେଲା ସିଏ ଅନେଇ ଦେଲା ଯେ ସିପାଖ୍‌ରେ ଗୁଟେ ଚୁଅ ଦିଶୁଛି । କହିଲା ହାୟଟା ଗୁଟେ ଚୁଅ ଦିଶୁଛି ଯେ ଯୁଅ ସିଠ୍‌କି । କହିଲା ଧାଇଁ ଧାଇଁ ଯୁଅ ଆଉ ସେଇ ଚୁଅରେ ଯେତେ ବେଗି ଗାଧ୍‌କରି ଆଇବ ତେତେବେଗି ଭାଗ କରିଦେଇଥିବି । ତାହାନେ ଇଏ ତାକର୍ ସମତେ ହେଇକରିକା ଧାଇଁ ନେୟ । ଯେତେବେଳେ ଧାଇଁନେୟ ଆଉ ଦେଖ୍‌ନେୟାଁ ନାଇଁ କିଛି । ଏକାଥରେ ଡେଇଁ ଫଳିନେୟ୍ । ଡେଇଁ ଫଳିନେୟ୍ ଯେ ଆଉ କୁଡ଼ା ଫଡ଼ା କିଛି ନାଗିନି, ଆଉ ଉଠି ପାଇନେୟନି । ଇଏ ତେଣିକି ଧାଇଁ କରିକା ଚାଲ୍‌ଲା । ଯାଇଯାଇ ଦେଖ୍‌ଲା ଗୁଟେ ବଡ୍ ପଳିଆ ଅଛି । ସେଇ ପଳିଆରେ କରିକା କହିଲା ଦେଖ୍‌ବା ସତନା ମିଛ । କହିକରି ତାର୍ ଖଣ୍ଡାଟା ଗାବି ଦେଲା । ଭୂଇଁରେ ଗାବି ଦେଲା ଯେରକମ୍ ସିଠେ ଗୁଟେ ପାକାଘର୍ ହେଇଗେଲା । ପାକାଘର୍ ହେଇ ଗେଲା ଯେରକମ୍ ଭାରି ଖୁସି ହେଲା । ତେଣିକି ତାର ଚୁଲ୍‌ହି ଫୁଲ୍‌ହି ସବୁ ହେଇଯାଇଥିଲା । ସିଠେ ତାରେ ପାଣି ଫାଣିତ ସବୁଅଛି । ନିଆଁ ଜଳେଇଲା । ଜଳେଇ କରିକା ବସେଇଲା ତସ୍‌ଲାକୁ ଚୁହ୍ଲିରେ । ଯେତେବେଳେ ବସେଇଲା ଆଉ ପାଣିତ ଢାଳି ଦେଇଛି । ପାଣି ବଲ୍‌କିଲା ବେଳକୁ ତାର ଭାତ ହିଁ ବଲ୍‌କିଲା । ଭାତ ଯିନ୍ତି ହେଇଗେଲା ଭାତଗାକ ଆଉଥରେ କାହ୍ଲିକରିକା ବସେଗଲା । ସିଠୁ ତାର୍ ଡାଲି ତୁଉଣ ହେଇଗେଲା । ବସିକରିକା ତାରେ ଥାଳିରେ ଥାଳିଏ ଖାଇଲା । ସେଠୁ କହିଲା ଯାହେଉ ମର୍ ଆଉ କାଆଣେ ଯିବି ନାଇଁ । ଇଠେନି ରହିଥିବି । ତାର ରାନ୍ଧୟ ବାଢ଼ୟ ଖାଏ । ଦିନେ ରାଣ୍ଡ ବାହ୍ମୁଣିଗୁଟେ ଆଇଲା ଭିକ ମାଗିକି । କହିଲା । ମାଆରେ ଭିକ ମୁଠେଦେ । ନା ମରତ କେହି ନାଇଁନି, ତକେ କିଏ ଭିକ ଦାକ୍ । ଆଉତର୍ ତାହାନେ କିଏ ରାନ୍ଧି ଦେଉଛେ ଯେ ତୁଇ ଖାଉଛେ । ନାଇଁ

ମର୍‌ତ ଏକ୍‌ଲା ରାନ୍ଧୁଛେୟଁ, ଆଉ ମର୍ ଏକ୍‌ଲା ଖାଉଛେୟଁ । ନା ମୁଇଁତ ରହିନେ ତର ଭାତ ରାନ୍ଧି ଦେଇତି । ର ତାହାନେ । ସିଠୁ ସିଏରଇଲା । ଆଉ ସେତେବେଲ୍‌କୁ ତ ରାନ୍ଧିବାର୍ ଟାଇମ୍ ହେଲାନି । ସେଠୁ ନିଆ ଜଳେଇ ସାରିକି ଆଉ ପାଣି ବସେଇ ଦେଇକି କହିଲା କାଇଁରେ ଚାଉଳ କେଁଠେ ଅଛି । ନା କିସ କରିବେ ଚାଉଳ । ମୁଇଁ ଭାତ ରାନ୍ଧ୍‌ବି ପରା । ନାଇଁ ତୁଇ ସିଠେ ପାଣି ଦେନା । ପାଣି ତାତିନେତ ତାର୍ ଭାତ ହେଇ ଯିଆକେ । ତୁଇ ଖାଲି ନିଆଁ ଠେକେଇ ଠେକେଇ ବସ୍ ସିଠେ । ସିନ୍ତି କଇଲା ବଳେ ବାସ୍ ଭାତ ହେଇଗେଲା । ଫେର୍ ତୁଉଣ ତର୍‌କାରି ସବୁ ହେଇଗେଲା । ହେଇଗେଲା ଯେ ରକମ୍ ତାହାନେ ଆୟ୍ ଖା । ତୁୟ୍ ଆଗେ ଖା । ନାଇଁ ତୁଇ ଛୁଆଟା ଆଗେ ଖା, ମୁଇଁତ ଖାଇବି ପଛରେ । ଇଏ ତାର୍ ତେଣିକି ଦେଲା । ଖାଇ ସାରିଲା ଯେରକମ୍ ସିଏ ପଛେ ଖାଇଲା । ଇନ୍ତି ହେଇ ହେଇକା ରହିଗେଲା । ଦଶ୍ ପନ୍ଦର ଦିନ୍ କାନ୍ତର୍ ରହିଗେଲା ବୁହ୍ଲି । କହିଲା ଇନ୍ତି ହେନେତ ମୁଇଁ ଆଉ ମାଗିକି ଯିବି କି ନାଗି । ଇଗାକତ ମୁଇଁ ଚୁରିକରି ନେଇଗଲେ ଭଲ୍ ହେତା । ବୁହ୍ଲି କହୁଛି ତାର୍ ମନେ ମନେ । ଆଉ ସେଠୁ କହୁଛି କାଲ୍‌କି ପଚାରିବି ଲୁତା ଦୁଇଟା କିସ ହାକେ ଆଉ ଏଇ ଖଣ୍ଡାଟା କିନାଗି ଇଠେ ଗାବିଛି । ଇନ୍ତି କହିଲା । ଯିନ୍ତି ରାତି ପାହିଲା ସିଠୁ ପଚାର୍‌ଲା ଇ ଖଣ୍ଡାଟା କିନାଗି ଇଠେ ଗାବିଛେ ? ନାଇଁରେ ମାଉସୀ ଏଇ ଖଣ୍ଡାଟା ସିଠେ ଗାବି ଦେଇଛେଁୟ ବଳି ଇପକା ଘର୍‌ଟା ହେଇଛି । ନହନେ କିନ୍ତି ହେତା । କାଇଁତ ତୁଇ ଏଇ ଲୁତାଗା ମାଲୁଛୁ ନାଇଁ ? ସେଇ ଲୁଣଗାକ ଖାଲି ମାଲିବେ, ଆଉ ପଳିଛିନା । ତାକୁ ମାଳି କରିକା ଆଉ ତୁଇ ଯେଁଠ୍‌କେ କହିବେ ସିଠ୍‌କେ ସିଏ ନେଇଯିଆକେ । ଆଉ ସଦାବେଳେ ମାଳିବେ ହେନେତ ଉଡ଼େଇ ନେଇ ଯିଆକେ । ତୁଇତ ତାହାନେ ଭଲ ଜିନ୍‌ଷ ରଖିଛେରେ, ଆଉ ଇଗା କେଁଠୁ ଆଣିଲେ ? ନା ଇଗା ମୁଇଁ କିଣିଥିନି । ସିଠୁ ବୁହ୍ଲିତାର ଭାରି ଖୁସିହେଲା ଆଉ କହିଲା ମୁଇଁଇଗା ଚୁରେଇକିରି ନେଇଯିବି । ସିଠୁ ରାତି ହେଇଗେଲା ଯିନ୍ତି ରଜାପୁଅ ତାରେ ଶୁଇଲା । ଶୁଇଲା ଯେରକମ୍ ବୁହ୍ଲିତାରେ ନୁଗାକଟେ ଘରୁ ଆଣ୍‌ଲା । ଆଣିକରି ତାର ବିଛଣା ତଳେ ଦେଇ ଦେଲା । ଦେଇକରିକା ଆଉ ସେଇ ଜିନ୍‌ଷଂଗା ଆଉ ଲୁଣକୁ ମାଳ୍‌ଲା । ମାଳିକିରିତ କହିଲା ଏୟ ଲୁଣ ମକେ ହାୟ୍ ଜବର ଧୁରିଆ ନେଇଯା, ଯେଁଠେ ବଡ଼ ପଳିଆ ଦେଖିବେ ସିଠେ ମକେ ଉହ୍ଲେଇ ଦେବେ । ଦେଇକରି ଖଣ୍ଡାକୁ ଧରିକରି ଆଉ ତସଲା ମୁଣ୍ଡେଇ କିରି ବୁହ୍ଲି ଚାଲ୍‌ଲା । ଲୁଣତ ତାକେ ଉଡ଼େଇ ନେଇଗେଲା । ଇଏତାର୍ ଶୁଇଛି । ରାତି

ପାହିଲା ଠାଣୁ ଦେଖ୍‌ଲା ଯେ ପାକାଘର୍ ନାଇନି । ପାକା ଘର୍ କାଇଁରେ ମର । କାଆଣେ ଗେଲା । ସେ ବୁହ୍ଲି କାଆଣେ ଗେଲା । କହିଲା ହଉ ଯାହାତ ହେଲା ହେଲା । ବିଛଣାଟା ଗୁଳେଇ ଦାୟଁ ଆଉ । କୁଆ କୁକୁରା ନାହାନେ ଶୁଇମେୟ । ପାଟିଆଟାକ ଗୁଳେଇ ଦେଲା ଯେତେବେଳେ ଦେଖ୍‌ଲା ଯେ ନୁଆଁ ନୁଗାଗୁଟେ ଆଉ ପଳିଛି । ସେଇ ନୁଆଁ ନୁଗାଟା ଯେତେବେଳେ ଖାନ୍ଦରେ ପକେଇଦେଲା ତେତେବେଳେ ସିଏ ଗୁଟେ ଚଲ୍‌ହେଇ ହେଇଗେଲା । ଆଉ ତେଣିକି ଖୁସିରେ ଉଡ଼୍‌ଲା । ଉଡିଉଡି ଯାଇକରିକା ଗୁଟେ ରଜାଘର ଆଉ ଫୁଲ୍‌ବାଳିରେ ପହଞ୍ଚିଲା । ପୁଖ୍‌ରି ଆଳିରେ ଗୁଟେ ଫୁଲ୍‌ବାଳି ଅଛି ତାକର୍ । ରଜାଝିଅ ତାର ସାଙ୍ଗମାନ୍‌କି ଡାକିଆଣୟ ଗାଧିକି । ଫୁଲ୍ ବଗିଚା ଆଳେ ବୁଲନ୍ତି ତାଙ୍କର୍ । ଇନ୍ତି ହେଇକରିକା ଦିନେ ଏଇ ଚଲ୍‌ହେଇକି ଦେଖ୍‌ଲା । ଚଲ୍‌ହେଇଟା ଆସିକିରି ଫୁଲ୍ ଗଛରେ ଖାଲି ଇଡ଼ାଲ୍‌ରେ ସିଡାଲ୍‌ରେ ଡେଇଁ ବୁଲୁଛି । ସିଠୁ ରାଜାଝିଅ ତାକୁ ଯିନ୍ତ ଦେଖି ଦେଇଛି କହିଲା ତାର ସଇକୁ ଯାନା ହାୟ ଚଲ୍ହେଇଟା ଧରିଆଣିବେ । ସଇମାନେ ଯେତେବେଳେ ଗେନେୟ ଧରିକି ଆ, ତକେ ପରା ରଜାଝିଅ ପୁଣିଆକେ ଦୁଧଭାତ ଦାକେ, ଆୟ୍ ଖାଇବେତ । ଇନ୍ତି ଯାଇକରିକା ଡାକିନେୟବଳେ ସିଏ ତାର୍ ଉପରକୁ ଉପରକୁ ପଳେଇଲା । ଆଉ ଇମାନେ ପଳେଇ ଆସିନେ ସିଏ ଉହ୍ଲିଆସୟ । ଇନ୍ତି କରିକ ବେଢ଼େ ହଇରାଣ୍ ହେନେୟ । ସିଠୁ ରଜାଝିଅତାର୍ ଏକ୍‌ଲା, ଭାରି ମନ, ଉଉତୁ । ବଇଲା ଆଜି ଚଲ୍ହେଇ ନ ନେନେ ମୁଇଁ ଘର୍‌କେ ଯିବି ନାଇଁ । ତାର ମନ୍‌ନିତି ହେଇଯାଇଛି । ସିଠୁ ସିଏ ନିଜେ ଗେଲା । ତକେ ପରା ମୁଇଁ ପୁଣିବି । ଆୟ୍ ତୁଇ ମର୍ ହାତ୍‌କୁ ଆୟ୍ । କେତେ ଦୁଧଭାତ ଖାଇକି ଦେମି, ମିଠେଇ ଖାଇକି ଦେବି । ଇନ୍ତି କରି ଡାକିଲା ଯିନ୍ତି ଉଡ଼ି ଆସିକରି ତାର୍ ହାତ୍‌ରେ ବସିଲା । ଯେତେବେଳେ ବସିଲା ସିଠୁ ତାରେ ସେଇ ଯଁ ଯୁଳଗାକ, ଯେଁଗା ଯାଇଥିନେୟ ସ୍ୱାତିରେ ତାକେ କହିଲା ଯା ମର୍ ବାଆକୁ କହିବେ ସୁନାର୍ ପଞ୍ଜରି ବନେଇ ଦାକେ । ସିଠୁ ସେ ଦୁଇଝଣ ଆଇନେୟ । ଆସିକରିକା ରାଜାକୁ କହିନେୟ । ଆଉ ରଜାଝିଅ ଗୁଟେ ଚଲ୍ହେଇ ଧରିଛି ଯେ ତାର ନାଗି ପରା ଗୁଟେ ସୁନା ପଞ୍ଜରି ତିଆରି ଦେବ । ଆଉ ନାଇଁ ତିଆରି ହେଁବା ପରଯନ୍ତେ ସିଏ ଆସିଆକ୍‌ନି । ସିଠୁ ରଜାଘରତ ଅଭାବ୍ ନାଇଁକିଛି । ଢବର୍ ସୁନା ଅଛି । ବଣିଆ ଗୁଟେ ଡାକି ଆଣ୍‌ନେୟ । ସିଏ ତାର୍ ପଞ୍ଜରି ତିଆରି ଦେଲା । ତିଆରି ଦେଲା ଯେରକମ୍ ଇମାନେ ନେଇକରିକା ସିଠ୍‌କି ଗେନେୟ । ସେଇ ଗାହ୍ଲିଆ ଘାଟକୁ । ସିଠି ଯାଇକରି

ପଢ଼ଞ୍ଚୁନେୟ ଯେତେବେଳେ ସିଏ ଭାରି ଖୁସି ହେଲା । ଖୁସି ହେଇକିରି ଖାଲି ଯାହା ତାହା ହେଇକିରି ଗାଧି ଦେଲା । ଚଢ୍ଲେଇତ ତାକୁ ବାୟା କରି ଦେଲାନି । ଛାନିଆ ମାନିଆ ହେଇକରି ଆଉ ଚଢ୍ଲେଇକୁ ଫୁରେଇ ଦେଲା, ଦେଇ କରିକା ଆଣିକରି ଘରେ ଟାଙ୍ଗ୍ଲା । ଟାଙ୍ଗି ଦେଇକରିକା ଆଉ ସିଏ ରଜାଝିଅ ଚଢ୍ଲେଇକୁ ନାଇଁ ଦେଇକରି ନିଜେ ହିଁ ଖାଇଲା । ଖାଇ କରିକା ଅଗଁଠା ଭାତ ଦୁଇଟା ନେଇକରି ଯାଉଛି । ସିଠୁ ଚଢ୍ଲେଇ ଆଉ ଖାଇଲା ନାଇଁ । ତାର୍ ମନ୍‌ରେ କହିଲା ମକେ ଆଉ କହିଥିଲା ଭଲ୍‌ଭାତ ଦେବି ବଲିକିରି, ଦେଖ୍‌ଲା ବେଲ୍‌କୁ ଅଗଁଠାଗାକ ଆଣିକରି ଦେଉଛି । ତାରେ ଖାଇଲା ନାଇଁ । ଯୁଦି ନଖାଇଲା ସିଠୁ ରଜାଝିଅ ତାର କହୁଛି ହେଁ ତକେ ଆଣିଥିନି କେତେ ଖୁସି କରି, ତୁଇ ଆଉ ଖାଉଛୁ ନାଇଁ । ଖା । ତକେ ପରା ଭଲ୍ ପାଉଛି ମୁଇଁ । ଇନ୍ତି କହିଲା ଯେ ଆଉ ଖାଇଲା ନାଇଁ । ଆଉ ସିଠୁ କହିଲା ଯେ ହଉ ଦେଖିବା । ମୁଇଁ ଅଗଁଠା ଭାତ ଦେଲି ଯେ ଖାଇଲା ନାଇଁ ନା କିସ । ଯାଇକରିକା ହାଣ୍ଡିରୁ ଦୁଇଟା ଭଲ୍‌ଭାତ ଆଣିଦେଲା । ଆଣିଦେଲା ଯେରକମ୍ ଆଉ ଦୁଧଭାତ ତୁଣ ସବୁ ଆଣି ଦେଲା ସାନି କରିକା, ତେଣିକି ଖାଇଲା । ସିଠୁ ଜାଣ୍‌ଲା ଯେ ଅହ ମୁଇଁ ଅଗଁଠା ଭାତ ଦେଲି ଯେ ଖାଇଲା ନାଇଁ, ଭଲ୍ ଦେଲି ଯେ ଖାଇଲା । ଏଇ ରକମ୍ ଦିନ୍ ଖାଇକି ଦୟ୍ । ଇନ୍ତି ହେଇକରିକା ଆଉ ଦିନେ କିସ ହେଇଛି କଅନା ରଜାଘର ସେଇ ଝିଅ ଗୁଳା ଯାଇଥିନେୟ ଗାଧିକି । ଯଦି ଗାଧିକି ଯାଇଥିନେୟ ସିଠୁ ବୁହ୍ଲି ଗୁଟେ କିସ କରିଛି ନା କଟିଏ ମନପବନ ଡଙ୍ଗା ଆଣିକରି ଆଇଛି । ସିଟା ଆକାଶ୍‌ରେ ଉଡୟ୍ । ଡଙ୍ଗାଟା ଆଣିକରି ବୁହ୍ଲି ଇକଳ ସିକଳ ବାହୁଛି, ବାହି ବାହିକା ତାରେ କେତେ ମଜାର୍ ଗୀତ ଗାଉଛି । ସିଠୁ ରଜା ଝିଅ ଯିନ୍ତି ଶୁଣ୍‌ଲା ସେଇ ଗୀତ କଟି କହିଲା ବହ୍ଲିଆଁ ଗୀତ କଟି ଗାଉଛି । ମୁଇଁ ଯାଏଁ ଅଖ୍‌ଣି, ଦୁଇ ବେଲ୍‌ହା ବସି କରିକା ଆସେୟଁ । ଆଉ ସିଏ କହୁଛି କେଁଠ୍‌ରି ନାଇଁ କେଁଠ୍‌ରି ବୁହ୍ଲିଟା । କେଁବାଟେ ନାଇଁ କେଁବାଟେ ଆଇଛି । ତାର୍ ନେଇ ଯିଆକ୍ କି କିସ କରିଆକ୍, ତୁଇ ତାର୍ ଡଙ୍ଗାରେ କିସ ନାଗି ବସିବେ । ବଳେ ରଜାଝିଅ କହୁଛି ଇଖ୍‌ଣିତ ବସିକିରି ପଳେଇ ଆଇବି । ସିଠୁ ବୁହ୍ଲିକୁ କହିନେୟ ନେଇ ଯାନା । ବୁହ୍ଲି ଶୁଣି ପାଇଲା । କିସ କହୁଛ ବେୟ ଛୁଆମାନେ । ନାଇଁ ମୁଇଁ କଟେ ଡଙ୍ଗାରେ ବସ୍‌ତି କହୁଛେୟଁ । ହଉ ଆୟ, ଇଠେ ବସ୍ । ଯିନ୍ତି ବସିଲା ଦୁଇ ବେଲ୍‌ହା ବୁଲେଇ କରିକା ଆଉ କାତ ମାରି ସାରିକିତ ଉଡ୍ରେଇ ନେଇଗେଲା । କାଆଣେ ନାଇଁ କାଆଣେ ଉଡ୍ରେଇ ନେଇଗେଲା ଯେ ଇଏତ ଅନେଇଛନ୍ତି । ଇଏ ଦୁଇଝଣ ତେଣିକି

କାନ୍ଦିକାନ୍ଦିକା ପଳେଇ ଆଇନେୟ ଘରକୁ । ସିଠୁ ଘର୍ ପହଞ୍ଚିନେୟ ବେଳକୁ ରଜା ପଚାରୁଛି ମର୍ ଝିଅ କାଆଣେ ଗେଲା । ନା ତାକେତ ଗୁଟେ ବୁହ୍ଲି ଡଙ୍ଗାରେ ବସେଇ କରିକା ସିଆଙ୍କେ କାଆଣେ ଉଡ଼େଇ ନେଇଗେଲା । ଆମ୍ହେ ଅନେଇ ଅନେଇକା ଆଉ ଯିନ୍ତି ଦେଖି ପାର୍ନୁନି ଆଉ ପଳେଇ ଆଇନୁ କାନ୍ଦି କାନ୍ଦିକା । ଇନ୍ତି କରି ତାଙ୍କର ଛବର କାନ୍ଦିନେୟ । କାନ୍ଦିକାନ୍ଦା ସାରିକରିକା ଯାହା ହେବାର ତ ହେଇଗେଲା । ତାହାନେ ଚନ୍ଲେଇ କଟିକୁ ଛାଡ଼ି ଦେବା ପଳଉତାର୍, ଆମର କିଏ ତାକୁ ଖାଇକି ଦାକ୍ କିସ କରିଆକ୍, ଇନ୍ତି କହିକରି ଛାଡ଼ିଦେନେୟ । ଚନ୍ଲେଇ କଟିକତାର୍ ସୁକ୍‌ରେ ଉଡିଲା । ଆଉ ସେଇ ଦୁଇଝଣ ଥିନେୟ ନିନା ଜିହଲ୍ ଖାନାରେ ଥାନାବାବୁଗା ସିମାନକୁ ଛାଡ଼ି ଦେଇଛନ୍ତି ବଳେ ସିମାନେ ଯାଇକରିକା ଆଉ ଗୁଟେ ରାଇଜରେ ରହିଛନ୍ତି । ଯଦି ରହିଛନ୍ତି ଆଉ ତାଙ୍କର୍ ସେଇ ରାଇଜରେ ରାଜା ନାଇଁ । ରାଜା ନାଇଁନିକି ମନ୍ତ୍ରି ନାଇଁନି । ରାଜାଘର ସବଁଶ ସବୁ ମରି ଯାଇଛନ୍ତିନି । ବଂଶ ବୁଡ଼ି ଯାଇଛି ତାଙ୍କର । ଯୁଦି ବୁଡ଼ି ଯାଇଛିନି ତାଙ୍କର ହାତିଗୁଟେ ଅଛି, ପାଟ ହାତୀଟେ । ଆଉ ତାଙ୍କର ସେଇ ରାଇଜରେ ଯେତେ ନୁକ ସମତେ କହିନେୟ ତାହାନେ ସେଇ ପାଟ ହାତୀଟାକୁ ସୁନା କଲ୍‌ସାଗୁଟେ ମୁଣ୍ଡେଇଦିଅ, ଆଉ ଯାଇ ମୁଣ୍ଡିରେ ଢାଳିଆକେ ଆଉସିଏ ରାଜା ହାକେ । ଦେଇ କରିକା ଇଏତାର ପାଣିନେଇ କରିକା ହାତୀ ପଛରେ ସମତେ ଚାଲିନେୟ । ସିଏ ତାର୍ ହାତୀ ଚାଲ୍‌ଲା ଆରାମ୍‌ରେ । ଯାଇକରିକା ଯିଏ ମନ୍ତ୍ରି ପୁଅ ଯିଏ ଆମ୍ ଖାଇଥିଲା ସେଇ ତାର୍ ମଥାରେ ଆଗ୍‌ରେ ପାଣି ଢାଲ୍‌ଲା । ସିଠୁ ତାକୁ କହିନେୟ ଇଏ କିସ ହାକେ । ତାଙ୍କର୍ ଗାଁର ସମତେ କହିନେୟ ଇଏ ଆଉ ରଜା ହେବାନାଗି ଉପଯୁକ୍ତ ନାଇଁ । ମନ୍ତରି କରେଇବା ଇଆକୁ । ଇଏ ଭାରି ବୁଦ୍ଧିଆ ରକମ୍ ଜଣା ପଡୁଛି । ସିଠୁ ତାକୁ ହାତୀରେ ବସେଇ କରି ନେଇ ଗେନେୟ । ନେଇଗେନେୟ ଯେରକମ୍ ତାର୍ ଉପରେ ହାତୀତ ସୁନାର ସବୁ ପାଣିକା ଢାଳି ଥାଏନି, ଫେର ଡଙ୍କେ ଯାଇନି ଯାଇକରି ଆଉ ଜଣ୍‌କର ମୁଣ୍ଡରେ ଢାଲ୍‌ଲା । ଆରେ ଇଆକୁ କିସ କର୍‌ବା । ନା ଇଆକୁ ସେନାପତି କର୍‌ବା । ସିଠୁ ଇମାନକୁ ନେଇ ଗେନେୟ ଆଉ ଗଲ୍‌ହରେ ରଖିନେୟ । ସିଠୁ କହିନେୟ ମନ୍ତରିତ ହେଲା, ମନ୍ତରିକି ଆଉ ରାଜା ବଲି ମାନିବାନା । ରାଜା ଯେତେ ଦିନ୍ ନାଇଁ ଆଉ ରାଜା ବଲି ମାନ୍‌ବା । ତାହାନେ ଗୁଟେ ରାଣୀତ ଦର୍‌କାର । ରାଣିଗୁଟେ ନ ଆଣିନେତ ହାକ୍‌ନାଇଁ । ଯୁଅ ରାଣିଖୁଜ । ସିଠୁ ସେଇ ବୁହ୍ଲିଗୁଟେ ଯଁ ରଜାଝିଅଟାକେ ନେଇ ଆଇଥିଲାନି ତାକେ

ରାଣି କରିମେୟ ବଲି ଗେନେୟ । ଆଣିକରିକା ତାକୁ ରଖିନେୟ । ଆଉ କହିନେୟ ଭଲ୍‌ଦିନ ଦେଖି କରିକା ତାକୁ ବାହାଘର କରିଦେମୁ । ସିଠୁ ତାକର୍ ସବୁ ଠୁଲେଇ ନେୟ । ମିଠେଇ ଫିଟେଇ ସବୁ କରିନେୟ ନୁକ ମାନେ ଖାଇମେୟ ବଲି । ବାଆଘର କରିକି କହିଲା ବେଲ୍‌କୁ ସିଠୁ ରଜା ଝିଅ କହିଲା ନାଇଁ ମର୍ ବାହାଘର୍ ଇଖିଣ ହାବ୍‌ନି । ଆଉ ବାର ବରଶ ଗେନେ ଯାଇ ଆଉ ମର୍ ବାହାଘର୍ ହାକେ । ଇଖିଣି ମୁଇଁ ଯାହା କହିବି ସେୟା କର । କିସ କରମୁ ତାହାନେ । ନା ଇଠେ ମୁଇଁ ବାରବରଷ ପରିଯନ୍ତେ ଖାଲି ଭାଆରକୁ ମିଠେଇ ଫିଙ୍ଗ୍‌ବି । ମାନେ ଚହ୍ଲେଇ ଚିରଗୁଣି ମାନକୁ ଦାନ କରବି । ସିଗାକୁ ମର୍ ଦାନ କରିସାରିନେ ଆଉ ବାରବରଷ ପୁରିଗନେ ସେଇଦିନ ମକେ ଆଉ ବାହାକରିଦେବ, ମୁଇଁ ରାଣି ହେଇକରିବା ରଇବି । ଇଏ ତାରେ ସଖାଳ ହେଲାମାନେ ଦିନ୍ ମିଠେଇ ଡଲିଏ ଝୁରକାବାଟେ ପଳିଆଗୁଟେକୁ ଫିଙ୍ଗୟ । ଫିଙ୍ଗୟ ଯେ ଇଉର ଚହ୍ଲେଇ ଆସିକରିକା ଖାନ୍ । ସିଏ କିସ ନାଗି ଫିଙ୍ଗୁଛି କ’ ନା ମର୍ ସେଇ ଚହ୍ଲେଇଟା ଆସିଆକେ । ଆସିନେ ମୁଇଁ ତାକେ ରଖିବି । ଇତି କହିକରିକା କସ୍ ଫିଙ୍ଗୟ୍ । ଫିଙ୍ଗିଫିଙ୍ଗି ଚାଲିଗେଲା, ଚାର୍ ପାଞ୍ଚ ବରଷ ଚାଲିଗେଲା । ତେବେବି ସିଏ ଆଇଲା ନାଇଁ । ଇଆର୍ ଭାରି ମନ ଖାରାପ୍ ହେଲା । ହେଇକରିକା କହିଲା ହଉ ଆଉତ ଅଛି ଏତେ ବରଷ । ଇତି ଫିଙ୍ଗିଫିଙ୍ଗି ଯେଁଦିନ ବାରବରଷ ପୁରି ଯିଆକ୍‌ନିନା ତାର୍ ଆଗଦିନ ସଞ୍ଜବେଳକୁ ଯାଇକରିକା ସେଇ ଚହ୍ଲେଇଟା ସିଠେ ପହଞ୍ଚିଲା । ଇଏତ ହାତ ବହ୍ଲେଇ କିରି ଫିଙ୍ଗୁଛି । ସେଇ ଚହ୍ଲେଇଟା ଆଉ ତଳେ ନାଇଁ ଖାଇକରିକା ଆଉ ଇଆର ହାତ୍‌ରେ ଆସିକରି ବସିଲା । ସିମାନେ ତାକର ଖୁସି ହେଇ ଗେନେୟନି ଯେ ଯାହେଉ ବାରବରଷ ଆଜି ପୁରିଗେଲା, କାଲିକୁ ରାଜା ଝିଅର ବାହାଘର ହାକେ । ସେଇ ରାତିରେ ରଜାଝିଅ କିସ କଇଲାନା ଚହ୍ଲେଇ ବେକରେ ଯେଁ କନା କଟିଏ ଥିଲା ସେଇ କନାଟା ସିଏ ଭିଟେଇ ଦେଲା । ଯେତେବେଳେ ଭିଟେଇ ଦେଲା ଆଉ ସିଏତ ମଣ୍ଷ ହେଇଗେଲା । ଭାରି ବହ୍ଲିଆ ପୁଅଟେ ହେଇଗେଲା । ଦେଇତେ ତାକର ରାତିରେ ତେଣିକି ଫୁସୁରଫୁସୁର କଥା ହେନେୟ । ଇଆକେ ସବୁ ଜାଗୁଆଲି ଜଗେଇ ଦେଇଛନ୍ତି ଯେ ସେଇ ଘରକୁ ମର୍‌ଦନୁକ ଆଉ କେହି ଯିମେୟ ନାଇଁ । ଯାହା ଯିମେୟଁ ଟିର୍‌ଲାନୁକ । ଏଇରକମ୍ ହେଇ କରିକା ଆଉ ସିଠୁ ଇଏତ କଥାବାର୍ତା ହେଉଛନ୍ତି । ଯିନ୍ତି ହେଉଛନ୍ତି ଜଗିଥିନେୟଗା ଶୁଣି ପାଇନେୟ । ଶୁଣି ପକେଇକିରି ଇଏ କହୁଛି ବେୟ୍ ତୁଇ ଛାଳିଛେ, ସିଏ କହୁଛି ବେୟ୍ ତୁଇ ଛାଳିଛେ ।

ରାତି ସାରା ଇନ୍ତି ହେଉଛନ୍ତି । ଇନ୍ତି ହେଇକା ସଖାଲ୍ ହେଇଗେଲାନି । ତାର୍ କଥା ଇମାନେ କିଛି ଶୁଣିକି ନାଇଁ, ଖାସ୍ କହୁଛନ୍ତି ଇଏ ଛାଡ଼ିଲା, ସିଏ କହୁଛି ସିଏ ଛାଡ଼୍ଲା । ତେଣିକି ଇଏ ଜବର୍ ପିଟ୍ଲା ସିମାନ୍‌କେ । ଯେତେବେଳେ ପିଟ୍ଲା ସିଠୁ ରଜାପୁଅ ଭିତ୍ରି କହୁଛି କିଗାନି ସିମାନ୍‌କେ ପିଟୁଛେ । ମୁଇଁକି ମଣ୍ଷ ହେଇକିରି ଆଇଛେଁ । ରଜା ଝିଅ କିସ ନାଗି ମିଠେଇ ଦଉଥିଲା କନା । ମୁଇଁ ଯେତେବେଳେ ଚଢ଼େଇ ଥିଲି ସିଏ ମକେ ପୁଣିଥିଲା, ଆଉ ସିମାନେ ଯେତେବେଳେ ଛାଡ଼ି ଦେନେୟ ମୁଇଁ ଉଡ଼ିଉଡିକା ଆସିକିରି ଇଆର୍ ହାତ୍‌ରେ ବସ୍‌ନି । ସିଠୁ ଇଏ ଗେଲା ବେଳକୁ ତୁଇ କିଏରେ, ଭାଆରିଆୟ୍, ତକେ ଆଜି ଶୁନିଦେମୁ କହିଲା । ଆଉ ସିଏ ଯିନ୍ତ ଭାଆରି ଆଇଲା ତେଣିକି ଆରେ ତମ୍‌କୁତ ଚିନ୍ଲା ଚିନ୍ଲା ନାଗୁଛି, ହେ କେଁସକାର୍ ନୁକ, କେଁଠୁ ଆଇଛ ? ନାଇଁ ସିକଥା କହିବି କିସ, ମର ଭାରି ଦୁଖର୍ କଥା ଆଉ ସିଗା କହିନେ ମକେ ଭାରି କାନ୍ଦ ନାଗୁଛି । ନା ସେଇ ଦୁଖର୍ କଥା ଗା କହନା ଦେଖ୍‌ବା । ଆଉ ତାହାନେ କହୁଛ ଉଁ ଶୁଣ । ଆଉ ମୁଇଁ ହେଉଛେଁ ରଜାପୁଅ, ଆଉ ଝଣେ ମନ୍ତରିପୁଅ, ଆଉ ଝଣେ ସେନାପତି ପୁଅ । ଏଇ ତିନ୍‌ଝଣ ଆମ୍‌ହେ ବିଦେଶ ବୁଲି ଯାଇଥିନୁ । ଯେଦ୍ଧି ଯାଇଥିନୁ ଆଉ ଯାହା ଖାଇ ଖରଚ, ଟଙ୍କା ପଇସା ସବୁ ନେଇଥିନୁ ସିଗାତ ସବୁ ସରିଗେଲା, ବଳେ ମକେ ଭାରି ଭୁକ ନାଗିଲା, ଗୁଟେ ପଳିଆ କଲ୍‌ରେ ବସିକରିକା ଦାନ୍ତ ଘସ୍‌ଲି ଯେରକମ୍ ମର୍ ପାଟିରୁ ଖଣ୍ଡେ ସୁନା ଭାଆର୍‌ଲା । ତାକୁ ଦେଲି ବିକିକି ଯେ ସେଇ ଦୁଇଝଣ୍‌କୁ ସେ ନେଇକିରି ଗେନେୟ, ମନ୍ତ୍ରି ପୁଅ ଆଉ ସେନାପତି ପୁଅ । ସିମାନ୍‌କୁ ଚୁର କହିକିରି ଜିହଲ୍‌ରେ ପୁରେଇ ଦେନେୟ ... ଇନ୍ତି ସବୁ କଥା କହିଗେଲା । ସିଠୁ ଏ ଦୁଇ ଝଣ୍ ଚିନି ଗେନେୟ । ତାହାନେ ତୁମ୍‌ହେ ସେଇ ରଜାପୁଅ । ତୁମ୍‌ହେ ତାହାନେ ରଜାପୁଅ ରଜାହ । ମୁଇଁ ମନ୍ତ୍ରି ହେଉଛେଁ ଆଉ ଇଏ ସେନାପତି ହେଉ । ତାଙ୍କର୍ ନିଜେ ନିଜେ ଚିନା ପରିଚୟ ହେଇଗେନେୟ୍, ହେଇଯାଇ କରିକା ସିଠୁ ସେ ରଜାପୁଅକୁ ରଜା ଝିଅକୁ ବାହା କରି ଦେନେୟ, ରଜାରାଣୀ ହେଇକରିକା ଆଉ ସୁକରେ ରହିନେୟ । ମୁଇଁ ଯାଇଥିଲି ଯେ ମକେ ଧୁତି କଟିଏ ଗାମ୍‌ଛାଁ କଟିଏ କରି ଦେଇଥିନେୟ ।

*ଛଳିଦା, ଜମ୍ପିପଦା*

ଠଠ

# ରାଜାପୁଅ ଆଉ ମାଳତି କନିଆ

ଝିଁଣେ ରାଜା ଥିନେୟ । ତାଙ୍କର ଛୁଆପିଲା ନାଇଁ ହେଇତେ ସିଏ ଦୁଇଟା ରାଣି ବାହା ହେନେୟ । ଦୁଇଟା ରାଣି ବାହା ହେନେୟ, ଆଉ ଦୁଇରାଣିର ଜାକ ଗରଭ ଉଦୟ ହେଲା । ଦୁଇରାଣିର ଦୁଇଟା ପୁଅ ଜନ୍ମ ହେନେୟ । ବଡ଼ ପୁଅର ନାଁ ହେଲା ସୁଧିର, ସାନ୍ ପୁଅର ନାଁ ହେଲା ସୁସିଳ । ଇନ୍ତି ହେଇ ଆଉ ସାନ୍ ପୁଅ ସାନ୍‌ରାଣି ସାତିରେ ରାଜା ଆଉ ସଇତ କରିଥିନେୟ କିସନା ମର୍ ଲୁଦି ପୁଅହାକେ ତାହାନେ ତୁମ୍‌ହେ ତାକେ ରାଜ୍‌ଗାଦି ଦେବ । ଏକଥା ସିଏ କହିଥିନେୟ । ଆଉ ସେଇ ସଇତଟା ମନେଥାଏ । ଆଉ ବଡ଼ ରାଣିର ପୁଅକେ ଟିକେ ଆଦର୍ କରିନେୟ୍‌ନି । ସାନ୍‌ରାଣିର ପୁଅକେ ଆଦର୍, ସୁସିଳ ନାଗି । ଆଉ ଲୁଦି ଆଦର୍ କରିଛନ୍ତି ଦିନେ ତାଙ୍କର ପୁଜାହାରି ପଣ୍ଡାଗେଲା ତାଙ୍କର୍ ଘରକେ । ଇଏ ରାଜା କିସେଇଁ ତମହେ ମନ ଘୁମେଇକି ବସିଛ । ନା ମୁଇଁ ବୁରଧ ହେଇ ଗନିନି । ପିଲା ମାନେତ, ରାଜଗାଦି କାଆକେ ଦେବି ମୁଇଁ, କିଏ ନାଆକେ ବଲିକିରି ଭାବୁଛେୟଁ । ନା ଆଉ ପିଲାମାନ୍‌କେ ଡାକିକରି ରାଜଗାଦି ଗତେଇ ଦେଇକେ ହଉ । ଏକଥା ଜେତେବେଳେ କହିନେୟ୍ ଦୁଇ ଭାଇକେ ତାଙ୍କର ଡାକିନେୟ୍ । ସୁଧିର, ସୁସିଳ ଆସ । ଏତେବେଳେ ମର ସେସ ଅବସ୍ଥା ହେଲାନି । ଆଉ ତମ୍‌ହେ ରାଜନିତି ସିକିକରି ଆଉ ରାଜଗାଦି ନିଅ । କିଏ ତାହାନେ ନାଆକେ ତମ୍‌ହର ଦୁଇଭାଇ । ସେ ସୁଧିର କହୁଛି ବାପାତ ସାନ୍‌ମାଁ ସାତିରେ ଆଉ ସଇତ କରିଛନ୍ତି, ଆଉ ତାହାନେ ସିଏ ସୁସିଳକେ ଦେଉନ୍ ରାଜଗାଦି, ସିଠୁ କହିନେୟ୍ କିଏ ନାଆକେ କୁହ । ସୁସିଳକେ ମୁଇଁ ଦେବି । ସୁସିଳ କହିଲା ଏଁ ମୁଇଁ କିସେଇଁ ନେବି । ବଡ଼ ଭାଇ ଥାଇତେ ଥାଇତେ ଆଉ ତାଙ୍କର ଟଣ୍ଡିରେ ମୁଇଁ ଖୁର ନଗେଇବି ? ମୁଇଁ ସାନ ହେଇକି ଆଉ ରାଜା ହେବି ? ତାହାନେ ନିହାଲ୍‌କଥା ହେଲା । ସୁଧିର କହିଲା ହଇରେ ସୁସିଳ ସଇତ କରିଛନ୍ତି ପରା ବାପା ଆମ୍‌ହର ମାଁ ସାତିରେ, ସଇତଟାକେ ଆଉ ପାଳନ୍ କରିକି ହାକେ । ତୁଇ ରାଜଗାଦି ନେ । ନା ମୁଇଁ ନେବି ନାଇଁ । ନେବି ନାଇଁ ବଲିକରି ସେ ଅଲଗା ହେଇକରି ଖେଲିନେୟ । ଖେଲୁଥାନ୍ । ଆ ସେ ପୁଜାହାରି ପଣ୍ଡା କହିଲା, ଅଃ ଏଇକଥା । ଏଇକଥା ଆଉ ମୁଇଁ ତାକୁ କହିଦେବିକେ

ରାଜାଙ୍କରତ ମୃତ୍ରୁ ପହଞ୍ଚିଗଲେ, ତମ୍‌ହେ କେହି ରାଜ୍‌ଗାଦି ନେଲ ନାଇଁ, ଆଉ ମୁଇଁ ଜାତ୍‌କ ଦେଖିଥିଲି । ରାଜାତ ଆଉ ସତ୍ରୁ ହାତ୍‌ରେ ବଧ ହେମେୟ, ଆଉ ତମ୍‌ହେ କିନାଗି ଇଠେ ଖେଲ ଖେଲୁଛ । ଜାଇକରି ସେ ପଣ୍ଡା କରିଦେଲା । ସୁଧିର କହିଲା ଆମ୍‌ହେ ଦୁଇପୁଅ ଥାଇତେ ଥାଇତେ ବାପା କିସ ସତ୍ରୁ ହାତ୍‌ରେ ବଧ ହେମେୟ୍ । ହଉ ଆଜି ରାତିରେ ବଧ ହେମେୟତ । ମୁଇଁ ଜିବି ସତ୍ରୁକେ ମୁଇଁ ହତିଆ କର୍‌ବି । ସୁସିଲତ ଆଉସିଏ ଛୁଟିଆ ହେଇଛି ଜାଣୟ ନାଇଁ । ଇନ୍ତି ହେଇକରି ଆଉ ରାଣି ସତ୍ରୁ ହାତ୍‌ରେ ତମ୍‌ହର ପହଞ୍ଚିଗେଲା । ତାହାନେ କିନ୍ତି କରିବା, ଉଜ୍‌ଗୁରା ରହିନେ ସିନା ଆମ୍‌ହେ ପାରିବା, ଉଜ୍‌ଗୁରା ରହିବା । ତୁମହେ ଗୁଟେ ପୁରାଣ ପୁଥି ଆଣିକରି ଶୁଅ । ଆଉ ତୁମ୍‌ହେ ଅରଥ ବତେଇବ, ମୁଇଁ ସୁଣିବି । ଇଏ ପୁରାଣ ଗୁଟେ ପକେଇ କରି ସେ ରାଜା ଆଲ୍ ଜାଳିକରି ଗାଉଛନ୍ତି । ରାଣି ବଉଛନ୍ତି, ସିଏ ହଁ ମାରୁଛନ୍ତି । ଇଏ ସୁଧିର କିସ କରିଛି, ସତ୍ରୁ ଆଜି ବାପାକେ ହତିଆ କରିଆକେ, ଇଏ ଖଣ୍ଡା ଧରିକିରି ଦୁଆର୍ ସାମ୍‌ନାରେ ଉହାଲ୍ ହେଇକିରି ରହିଛି । ସେତିବେଳେ କିସ ହେଇଛି ସେଇ ଯେଁ ରାଣୀ, କହିଲା ହଉ ରାଜା ଇଠେ ବନ୍ଦକର, ମୁଇଁ କଟେ ଭାଆରୁ ଆସେଯିଁ, ପିସାପ୍ କରିକିରି । ସିଏ ଭାଆରି ପଲ୍‌ଲା ବେଲ୍‌କୁତ ଇଏ ବସିଛି ସୁଧୀର । ବସିଛି ନା । ଆଉ ଇଆକୁ ଦେଖିଲା ଯିନ୍ତି ବଇଲା ଏ ରାଜା ଆସଆସ ତୁମର ଶତ୍ରୁ ଆସି ପହଞ୍ଚିଛି ତମକୁ ହତିଆ କରିବା ନାଗି ଖଣ୍ଡା ଧରିକିରି । ଆସ, ଆଲ ଧରିକିରି ସେ ରାଜା ପହଞ୍ଚି ଗେନେୟ । ଦେଖନେୟ ବେଳକୁ ଆଉ ନିଜର୍ ପୁଅ ଭୁଣ୍ଡକରି ଗୁଡ଼ ତଳେ ପଡ଼ିଗେଲା । ବାପା ଆଉ ମୁଇଁ ତୁମର ବଡ଼ ପୁଅ, ଶତ୍ରୁ ଯୁଦି ଆସୟ ତାକୁ କାଟ୍‌ବି ବଲିକିରି ମୁଇଁ ଇଠେ ଖଣ୍ଡା ଧରିକିରି ବସିଛେୟଁ, ହେନେ ମୁଇଁ ତୁମର୍ ଶତ୍ରୁ ନାଇଁ । ନା ଇଆକୁ ନେଇଯ, ନେଇକରି ମଥା କାଟିକରି ଇଆକୁ ଆଣ । ନହୁଟୁପେ ମୁଇଁ ଟିକା ଘିନିବି । ଇଏ ମର୍ ଶତ୍ରୁ । ଯେତେ କହିଲା ଆଉ ମାନ୍‌ଲା ନାଇଁ । ଗୁଡ୍ ତଳେ ଫଲ୍‌ଲା ଆଉ ମାନ୍‌ଲା ନାଇଁ । କର ତାହାନେ ଯାହା କରିବ, ଜନ୍‌ମ କରିଛ ଆଉ କାଟି ଦେନେ ଭଲ୍ । ସେଠୁ ନେଇ ଗେନେୟ୍ । ଆଉ ଜଙ୍ଗଲରେ ରଖିକିରି, ରାଇକୁମରକୁ ହାଣିବା କଥା କିସ ସହଜ୍ ହେଇଛି, ସିଏ ଇଆକେ ଆସେୟ, କିନ୍ତି କିରି ହାଣିବି, ସିଏ କହୁଛି ବେଗି ହାଣିଦେ, ହାଣି ଦେଇକରି ନହୁଟୁପେ ନେଇଦେ । ଆଉ ଇଏ ଦୂତ ହାଣିକି ହାତ ଉଠ୍‌ଲା ନାଇଁ । ତେତେବେଳେ ଗୁଟେ ରାଇଜର ଆଉ ନଛତ୍ର ହେଇଛି । ସେ ରାଇଜରେ ଖାଲି ମାଡ଼ି

ବସା ବୁସି ହେଉଛନ୍ ରାଜା ହେଇତେ । ସିଠୁ ଇଏ କିସ କହିନେୟ ନାଇଁ କେହି ରାଜା ହେଇକି ଭାଆର ନାଇଁ । ଆଉ ଯଁ ରାଜାଘର ପାଟହାତୀଟା ଅଛି ତାକୁ ସୁନା କଲ୍ସାରେ ପାଣିଦିଅ । ସିଏ ଯାହାରେ ମୁଣ୍ଡରେ ଡାଳିଆକେ ସେଇ ତାକୁହିଁ ରାଜା କର୍‌ବା । ହାତୀକୁ ଧରେଇ ଦେନେୟ । ହାତୀ କିସ କଇଲା, ସେଇ କଲ୍‌ସାକୁ ଧରିକିରି ପଳେଇଲା ଏକ୍‌ଦମ୍ ସେଇ ଜଙ୍ଗଲ୍‌କୁ, ଯଁ ଜଙ୍ଗଲ୍‌କୁ ନେଇଛି ଇଁ ସୁଧୀରକୁ ହାଣିକି । ଆଉ ଇଏତ ହାଣି ପାରିକି ନାଇଁ । ବସିଛି । ହାତୀ ନେଇକିରି ସୁଧୀରର ମଥାରେ ଢାଳି ଦେଲା । ପାଣି ଢାଳି ଦେଇକିରି ଉଠେଇଲା ତାକୁ ପିଠିକୁ । ଉଠେଇକିରି ନେଇଗେଲା । ସେଠୁ ଦୂତ କହୁଛି ହାଁ ହାଁ କାଇଁ ନେଇ ଯାଉଛ । ନା ଇଏ ଯାଉଛି ସେଇ ରାଇଜକି ଆଉ ରାଜା ହାକେ । ସେଇ ନାଗି ହାତୀ ନେଇ ଯାଉଛି ନିଛତ୍ରି ରାଇଜ । ତାକୁତ ନେଇଗେଲା । ସିଏ ଗେଲା । ଇଏ କିସ କରିଛି, ସୁଶୀଳ, ଆର୍ ଦିନ ସଖାଲୁ କହଛି ମାଁବ, ଆଉ ଭାଇ କାଇଁଗେଲା । ବଡ଼ ମାଁବ ଭାଇ କାଇଁଗେଲା । ଆ ତାଙ୍କର ବୁଦ୍ଧିବଣା, ନାଇଁ ଆରତର ଭାଇକି ପରା କାଟା କରେଇନେୟ, ସିଏ ଶତ୍ରୁଯେ, ହଁ ଭାଇକି କାଟା କରେଇନେୟ, କିଏ ନେଇଗେଲାକି ? ହେଇ ଦୂତ ନେଇଗେଲା, ଏ ଦୂତ ମକେବି ଚାଲ୍‌ହାଣ୍ । ମକେ କାଟିଦେ । ମଥାବି ଯାଉ । ସେଠୁ ତାକୁ ନାଇଁରେ, ସେ ତାକୁ ମୁଇଁ କାଟିନି, କଁ ରାଇଜରେ ନିଛତ୍ରି ହେଇଥିଲା ରାଜା ନାଇଁ, ହାତୀ ଆସିକରି ପାଣି ଢାଳି ଦେଇକରି ତାକୁ ନେଇଗେଲା । ସେଠୁ ବଲଲା, ଅହ ଇତି ହେଇଛି, ହଉ ତାହାନେ ମୁଇଁ ଆର୍ ଘର୍‌କୁ ଫେରିବି ନାଇଁ । ମୁଁ ଭାଇର ସନ୍ଧାନ୍ କର୍‌ବି ଯାଏଁ । ଭାଇ ସନ୍ଧ୍ କରତେ ସିଏ ଗେଲା । ଗେଲା ଯେ ବୁଲିବୁଲି କିରି ସଇଧାଁ ହେଲା । ବଳେ ଗୁଟେ ଶବର ପଲ୍ଲି । ଏ ତମ ଘରେ କିଏ ଅଛ । ସେଠୁ ଶବ୍‌ରଣୀ କହିଲା ମୁଁ ଅଛେଁ । ଦେଖ୍‌ଲା ଯେ ରାଇକୁମାର, କାଇଁରେ ବାପା ସଇଁଧା ହେଲା, ଏଢ଼େ ଜଙ୍ଗଲ୍‌ରେ ଆସିଲୁ, ଆୟ୍ ବାପା ଆୟ୍, ଘର୍‌କୁ ଆୟ୍ । ଘର୍‌କୁ ନେଇଗେଲା । ବଇଲା ଆମର୍‌ତ ଛୁଆପିଲା ନାଇଁ, ଆଉ ଜନ୍ତୁ ମାରିନେ ବିକ୍ରି କରିନେ ଆମ୍‌ହେ ଖାଉଛଉଁ, ଆୟ୍ ବାପା ଆଉ ମର୍‌ପୁଅ ହେଇକିରି ତୁଇର । ନାଇଁ ମୁଇଁ ଭାଇ ସନ୍ଧାନ୍ କର୍‌ତେ ଯାଉଛେଁ, ମର୍‌ବଡ୍ ଭାଇକୁ କାଆଣେ ନେଇଗେଲା ହାତୀଯେ ମୁଇଁ ଯାଉଛେଁ । ହଁ ଇଠେ ଥାଇକରି ସନ୍ଧାନ କରିବା ବାପା, ଆଉ ତୁଇ ମର୍ ପୁଅ ହେଇକିରିର । ବାସ୍ ସେ ଶବର ପଲ୍ଲିରେ ରହିଲା । ଆର୍ ଯାହା କିଛି ମାଇଁସ ଭାତ ରାନ୍ଧି ଥିନେୟ

ତାକୁ ଖାଇକି ଦେନେୟ, ଖାଇପିଇ କରି ଶୁଇଲା । ଆର୍‌ଦିନ କହିଲା ବାପା ଚାଲ୍ ଯିବା ଆଜି ଜନ୍ତୁ ମାରିକି ଜନ୍ତୁ ମାରିନେ ଆଉ ବିକ୍ରି କରିକେ ନେଇ ଯିବୁ ଯେ ଆଉ ମାଳବ ଦେଶରେ ବିକ୍ରି କରିବୁ । ଆଉ ବିକ୍ରି କରିକିରି ଚାଉଳ ଆଣିବୁ, ଡାଲି ଆଣିବ, ନୁଣ ଆଣିବୁ ତେଲ ଆଣିବୁ ସବୁ ଆଣିବୁ ଜିନିଷ । ସିଠୁ ଗନେୟଯେ ଶବର କିସ କଇଲା ଗୁଟେ ମୁର୍‌ଗ ବିନ୍ଧି ପକେଇଲା । ବିନ୍ଧି ପକେଇକିରି କହିଲା ହଁ ଆରେ ବାପା ଆଥା ଫଳିଆ ଦୁଇଟା ମୁଇଁ କାଟି ଦେଉଛେୟଁ । ତୁଇ ଭାର କର୍ । ଦୁଇ ଫଳିଆ କାଟିଦେଲା, ତାର କଇଲା ଆଉ ଯାହାକିଛି ମାଉଁସ କାଟିକରି ଶବର ବାନ୍ଧିଲା । ବାନ୍ଧିକରି ଗଣ୍ଡିରା କରିକରି ଘରକୁ ଫେରିନେଲା । ରାନ୍ଧାବାଡ଼ା କରିନେୟ, ଖାଉନେୟ, ଖାଇକରି ଘର୍‌କୁ ଫେରିନେୟ । ଆଉ ଏଇଗା ମାଳବ ଦେଶକୁ ନେବୁ, ବିକ୍ରି କରିବୁ ଆଉ ଚାଉଳ ପତର ସବୁ ଆଣିବୁ । ସେ ମାଳବ ଦେଶର ରାଜାର ଝିଅ ମାଳତୀ, ମାଳତୀ କନ୍ୟା ସିଏ କିସ ହେଇଛି, ତାର ବରଆଉ କାଇଁ ମିଳ୍‌ତେ ନାଇଁ ଯେ ତାର ବାପା ଆଣିକିରି ସେଇ ଜଙ୍ଗଲ୍‌ରେ ପାକା ତୁଳି ଦେଇଛି ଆଉ ମାଳତୀକି କହିଛି ଯେ ତର ଇଚ୍ଛାରେ ତୁଇ ବରଣକର୍ । ସିଠେ ଟୁକି ପର୍‌ବାରି ରାଖିଦେଇଛି, ଫୁଲ୍‌ସି ରାଖି ଦେଇଛି, ମାଳତୀ କନିଆ କିସ କରିଛି ନା ଫଟ ଦୁଇଟା ତାର ଫଟ ରାସ୍ତା କଲ୍‌ରେ କିରି ପକେଇ ଦେଇଛି । ଆଉ ଆରଦିନ ସଖାଳୁ ଉଠିକିରି ସେଜନ୍ତୁ ଫଳିଆ ଦୁଇଟା ଧରିକିରି ଆ ଯାଉଛି । ଯାଉଛି ଯେ ଦେଖିପାଇଲା ପର୍‌ଥମ ଫଟଟା । କୁହ୍ଲେଇ ପାଇଲା, କହିଲା କେଡ଼େ ସୁନ୍ଦରଫଟଟା । ସୁନ୍ଦରୀ ମାଳତୀ କନିଆ ଦେଖୁଛି । କହିଲା ଏୟ ଫୁଲସି ମାନେ ଯୁଅ ପିଲାକୁ ଧରିଆଣ । ବର୍ଣ୍ଣମାଳା ଦେବି । ଯାଇକରି ତାକୁ ଧଇନେୟ । ଏୟ ବାବୁ ମତେ କିସେଇଁ ଧରୁଛ । ଏ ଜନ୍ତୁ ମାଉଁସଗା ନେଉଛେୟଁ ବିକିକେ, ବିକିକି ଆଣିବେ, ମୁଇଁ ପରା ଶବ୍‌ର ପୁଅ । ନା ହାୟ ଡାକୁଛନ୍ତି ମାଳତୀ କନିଆ ଶୁଣିକିରି ଯା । ସିଠୁ ଯିନ୍ତି ପାଖିକୁ ନେଇ ଗେନେୟ ଧରିକିରି ଆଉ ବର୍ଣ୍ଣମାଳାଟା ପକେଇ ଦେଇ ମାଳତୀ କନିଆ ତାର ବାପା ରାଇଜକୁ ଚିଠି ନେଖିକିରି ବଟେଇ ଦେଲା । ମାଳ୍‌ବ ଦେଶର୍ ରାଜା ଆଇଲା, ବଇଲା ବାପା ତାହାନେ ତୁଇତ କାହାଘରଁ ପୁଅ । ନାଁ ମୁଇଁ ଶବର ଘର ପୁଅ । ଆଉ ମର୍ ରାଇଜରେ ଆଉ ମର୍ ପୁଅ ନାଇଁ ଏଇ କନିଆଟା । ଏଇ କନିଆଟା ହେନେ ତୁମ୍‌ହେ ମର୍ ରାଇଜଟା ନିଅ । ମୁଇଁ ତମକୁ ରାଜଗାଦିନି ଦେମି । ଏଇ କଥା କହିଲା ବାହା କରେଇ ଦେଲା । ରହିନେୟ ବାଆ ହେଇକିରି । ଆଉସେ

ମାଙସ । ଇଏ ବିକିକରି ସବ୍ର ଘରକେ ଫେରୁଛିନା ? ଛୁଦି ରହିନେୟ କିଛି ଦିନ୍ ଗେଲା । ମାଲ୍ତିକି କହିଲା ହେଁ ମାଲ୍ତି ତୁମ୍ହେ ବାପ୍ ଘରେ ଥାଅ, ମୁଇଁ ଟିକେ ଭାଇ ସନ୍ଧାନ୍ କରେୟଁ । ଭାଇ କାଆଣେ ଜାଇଛନ୍ତି । ଏଇ କଥା କହିଲା ଜେତେବେଳେ ସେ ମାଳତି କହିଲା ହେଁ ମର୍ କରମରେ ବର ମିଳୁଥିନେୟ ନାଇଁ, ଆଉ ମୁଇଁ ତୁମ୍କେ ବର୍ଣମାଳା ଦେଇଛେୟଁ, ମୁଇଁ ବର କରିଛେୟଁ, ଆ ତୁମ୍ହେ ମକେ ଠକି ଦେଇକରି ଫେର୍ ଛାଡ଼ିକରି ପଳାବ । ସେକଥା ହେଇକି ନାଇଁ । ନାଇଁ ତମ୍ହେତ ତିର୍ଲାନୁକ ଜାଣନାଇଁ, ତୁମହେ ଇଠେ ଘରେନି ଥାଅ । ନାଇଁ ସାଁପ ଜିଆକେ ସନ୍ଧାନ୍ କରିକି ଛିବା । ଇନ୍ତି ଆଉ ଦୁଇ ପରାଣି ଗେନେୟ । ଜାଇଜାଇ ଜଙ୍ଗଲ୍ ପାହାରି ଗେନେୟ । ଜଙ୍ଗଲ ପାହାରି ଗେଲା କତିରୁ ଗୁଟେ ନଦି ଫଳିଲା । ସେ ନଦି ବଲ୍ହିଛି । ସିଠେ ଦୁଇଝଣ କେଉଟପିଲା ନାଉରି ହେଇଛନ୍ତି । ସେଇ କେଉଟପିଲା କିସ କରିଛିନା ନାଆ ବାହୁଛି । ସୁସିଳ କହିଲା ଏ ପିଲାମାନେ ବେଗି ଆଣ୍ନା ନାଆଟା, ଆମ୍ହେ ପାହାରି ଯିମୁଁ । ସିଠୁ ସେ କଉଟ ପିଲା ଦୁଇଝଣ କଥା ହେଉଛନ୍ତି ଏ ଭାଇ ଏଇ ଟୁକ୍ଲିଟାକୁ ଆଉ ରାଜାଘରେ ଆମ୍ହେ ଦେବା । ଆଉ ଭେଟିବା ହେନେ କିଛି ପୁରସକାର୍ ପାଇବା । ଏଇ ପିଲାଟାକେ ଇଠେ ନଦିରେ ଭାସେଇ ଦେବା । ପେଲେଇ କରିନି ଭାସେଇ ଦେବା । ଭାସି ଜିଆକେ ଆଉ । ସିଠୁ ନାଆରେ ବସେଇନେୟ । ଆଗା ଝଣେ ପଛା ଝଣେ । ମଝିରେ ନେଇକରି କହିନେୟ ଏୟ ପିଲା ତେଇଁବେତ ତେଁ ନାଇଁନେ ଦେଖ୍ତର୍ ଖପରି ଉଡି ଜିଆକେ । ହେଇ ବଡ଼େଇନୁ । ହଁ ବାପା, ସେ ମାଲ୍ତି କହୁଛି ତାକୁ କିସେଇଁ ମାରିବ । ମକେ ପଛେ ମାରିକରି ଭାସେଇ ଦିଅ ତାକୁ ମାର ନାଇଁ । କିନାଗି, ତୁଇତ ରାଣି ହେବେ, ତକେ ଆଉ ମାରିମୁ ? ସିଠୁ ସେ ପିଲାକେ ଦେନେୟ ଭାସେଇ । ଭାସିକରି ସିଏ ପଲ୍ଲା । ଜାଇକରି ମାଲୁଣିର ଫୁଲବାଡ଼ିରେ ନାଗିଲା । ନାଗିଛି ଆଉ ଇଏ ମାଲୁଣି ଆଇଲା ଫୁଲ ତୁଳିକେ । ମାଲୁଣି ନେଇକରି ଆଉ ତାକେ ପୁଅ କରିକିରି ରାଖିଲା । ମାଲୁଣି ଘରେ ରହିଲା ସୁସିଳ । ଆଉ ଇଏ ମାଳତିକେ ନେଇକରି ରାଜାଘରେ ଦେନେୟ । ବଂଳେ ମାଲ୍ତି କହିଲା ରାଜାତ ବାହା ହେଇକି ନାଇଁ । ମୁଇଁ ଆଉଁ ରାଜାଘରେ କିନ୍ତୁ ସିଏ ମକେ ବାହାହାକେ । ଗୁଟେ ବାହା ହେଇଛେୟଁ, ଆଉରିଥରେ ମୁଇଁ ବାହା ହେବି । ନାଇଁ ମୁଇଁ ଠକ କରୟଁ । ମର୍ ଅଛି ବଛରେ ବର୍ତ । ତେଭେ ଜାଇକରି ମର୍ ବାହାଘର ହାକେ । ବର୍ତଟା କର୍ବି ଆଉ ଏଇ ବର୍ତଟା ନାଇଁ ପୁରିବା

ପରିଜନ୍ତେ ତମ୍ହେ କେହି ବାହା ହେଇ ପାରିବ ନାଇଁ । ହଉ ତାହାନେ ହେଇ ପାକାରେ ରାଖ ।

ଦିନ୍ ଦୁଇଝଣ କରି ତାକେ ଜାଗିନେୟ । ଦୁଇଝଣ ନେଖା ପାଳିକରି ଏଗ ବସାରେ କରି ପାଟିଆରେ ସୁଅନ୍ତି । ଆଉ କବାଟବି ଦିଆହେଇଛି । ସିଏ ସୁଉଛି ମାଲ୍ତି କନିଆ । ଶେଷ ଦିନେ ବାରିକ ପିଲା ଆଉ ମାଳୁଣିର ପୁଅ ଏଇ ଦୁଇଝଣକେ ପଞ୍ଚାହେଲା । ମାଲୁଣି ବୁଢ଼ି କହିଲା, ଏୟ୍ ବାପା, ସିଏ ରାଜାରୁଜା ଜାତି, ସିଏ ଆଗାପଛା ଜାଣନ୍ତି ନାଇଁ, ଆ ତମ୍ହେ ତେବେ ଲୁରରେ ସୁଇବ ନାଇଁ । ସୁଲା ଗୁନେ ଭାଜି ଦେଉଛେଇଁ ନେ ଧରିଆ, ଗୁଟେ ଗୁଟେ କରି ଚୁବଉଥିବ, ଆଉ ବସିଥିବ କଥା ହେଉଥିବ । ମାଳୁଣି ବୁଢ଼ି ସୁଲା ଗୁନ୍‌ହିଏ ଦେଲା, ଆଉ ବାରିକ ପିଲା ସାତିରେ ଜାଇକରି ସୁଇନେୟ । ସୁଇକରି, କଥାଗୁଟେ ଦେବ କହ ବାରିକ ଭାଇ । ମୁଇଁତ କିଛି ଜାଣେୟ ନାଇଁ । ଖାଲିଛେର କରିଜାଣେୟ । ଛେର କରି ଆଣିନେ ସିଗା ଆମ୍ହେ ଖାଉଁ । ଦେ ଭାଇ ତୁଇହେନେ କହ ଗୁଟେ କଥା । ମୁଇଁ ହେନେ ଆଉ କିସ ଜାଣେୟ୍ । ମୁଇଁ ବିତ କିଛି ଜାଣେୟଁ ନାଇଁ । ହେନେ ମରଭଉଦ୍ ଦୁଖ । ଦୁଖକଥାଟା ହେନେକ । ସେଇ କଥାଟା ମୁଳରୁ କହିଆଣ୍‌ଲା । ଆମ୍ହର ବାପର ଆଉ ଦୁଇଟା ରାଣି, ମୁଇଁ ସାନ୍ ରାଣିର ପୁଅ । ବଡ଼ ରାଣିର ପୁଅ ମର ଭାଇ । ତାର ନାଁ ସୁଧିର । ମର ନାଁ ସୁସିଲା ଆଉ ମୁଇଁ, ଭାଇକେ କେଁଠେ ହାତି ଆଣି ଆଇଲା । ଇ ରକମ୍ ସେଗା ସବୁ କହି ଆସିଲା । ଆଣି ଆଇଲାବଲେ ମୁଇଁ ତାକେ ଖୁଜକି ଆସିକରି ସବର ପଲ୍ଲିରେ ରହିଲି । ଜନ୍ତୁ ମାଇଁସ ବିକିକି ନେଉଥିଲି ମାଲ୍‌ବ ଦେସ୍‌କେ । ବଲେ ମାଲ୍ତି କନିଆକେ, ଆଉ ଫଟ ଧରି ଛୁଇଁଦେଲି ବଲେ ମାଲ୍ତି କନିଆକେ ରାଜା ବାହା କରେଇ ଦେନେୟ । ସିଠେ ମୁଇଁଥିଲି । ଆଉ ମାଳତି ମକେ କହିଲା ମକେ ଠକି ଦେଇକରି କାଆଣେ ପଳେଇବ, ଆଉ ମୁଇଁବି ଜିବି ବଲି କରି ଆସୁଥିନୁ । କେଉଟ ପିଲା ଦୁହେଁ ପରା ପିଟିକରି ମକେ ଭାସେଇ ଦେନେୟ । ମାଳତି କନିଆକେ ନେଇ ଗେନେୟ । ଏତ୍‌କି କହିଲା ବେଲ୍‌କେତ ସେ ଉଆସ ଭିତରେ ଥାଇକରି ଭଁ, ଭ କାନ୍ଦିଲା । ଏୟ, କାନ୍ଦିଲାତ, ରାଣିତ କାନ୍ଦିଲା । ଆଉ କହିବାଁ ନାଇଁ, ଆଉ କହିବା ନାଇଁ । ସିଠୁ ଇନ୍ତି ହେଇକରି ରାତି ପାହିଗେଲା । ଆଉ ମାଳ୍ତି ସିଆକେ କାନ୍ଦୁଛି । ସିଠୁ ସମତେ କହିନେୟ, ଆଜି ରାଣି କିସନାଗି କାନ୍ଦୁଛି ରାଜା । ଆଜି କିଏ ଜାଗୁଆଳ ଥିନେୟ, ଡାକ ତାକୁ । ନା, ହେ ବାରିକର ପୁଅ ଆଉ ହେଇ

ମାଲୁଣିର୍ ପୁଅ । ଡାକି ନେନେୟ ବେଲ୍‌କେ ଗେନେୟ । ଛାଇକରି ଆଉ ବସିନେୟ । ଆଉ କିସ କହିଲ, କିଏ କିସ କହିଲଙ୍କେ ରାଣି କାନ୍ଦୁଛି । ଆଉ ମର ଭାଇକି ମୁଇଁ ଖୁଜ୍‌କି ଆସିଥିଲି, ଆଉ ମାଲ୍‌ତି କନିଆ ବାହାହେଲି । ବାହା ହେଇକରି ଆଉ କେଉଟମାନେ ମକେ ନେଇଗେନେୟ, ଆଉ ମକେ ଭାସେଇ ଦେନେୟଙ୍କେ ମୁଇଁ ମାଲୁଣିର ଫୁଲ ବାଡ଼ିରେ ନାଗିଲି । ମାଲୁଣି ମକେ ପରତିପାଳନ କରିଛି ବଲି ବେଳେତ କାନ୍ଦୁଛନ୍ତି ସିଏ । ଅହ, ସିଠୁ ରାଜା କହିନେୟ ହଉ ବାବୁ ବସ୍, ପାଖରେ ବସ୍, ବସି କରିମକେ କଥା ଆଉଥରେ କଥ । ମକେ କାନ୍ଦ ନାଗୁଛି, ସେକଥା କହିନେ, ହଁ କ, କ, କାନ୍ଦିବେ କିସ । ବଲେ ସିଠୁ ପାସ୍‌ରେ ବସେଇଲା । ଆଉ ଥରେ ମୂଳ୍‌ରୁ କହି ଆଣ୍‌ଲା । କହି ଆଣ୍‌ଲା ଠାଣୁ ଆୟ୍ ମର୍ ଭାଇ ବଲିକରି ରାଜା କୁଲ୍‌ହେଇ ନେଇକରି ବସେଇନେୟ । ଆଚ୍ଛା, ବହୁକେ ଛୁଅ, କବାଟ ଖୁଲି କରିଦିଅ । କାନ୍ଦନୁ ନାଇଁ । ଆଉ ଉଆସରେ ରୁହ । ମୁଇଁ ଇଠେ ରାଜା ହେଲି । ମୁଇଁ ବାହା ହେବି ନାଇଁ । ଆଉ ଇଏତ ଭାଇକିବି ପାଇଲି । ତମ୍‌ହକେ ବି ପାଇଲି । ଆମ୍‌ହେ ଆଉ ଜିବା ଆମ୍‌ହର ଦେସକେ । ସିଠୁ ଦୁଇଭାଇ ସିଏ ଆଉ ତାର ସାନ୍‌ଭାଇ ହେଇକରି ଆଇନେୟ । ଚାଲଜିବା ଆମ୍‌ହର ରାଇଜରେ କିସ ହେଇଛି, ବାପା କାହାକେ ଦେଉଛନ୍ତି ରାଇଜ ଭାର ଚାଲ । ଆଉ ସୁସିକ ତୁଇ ଦୁଇଟା ରାଇଜ ଚଲା । ତର ସସୁର ରାଇଜଟା । ଆଉ ଆମ୍‌ହର ନିଜର ରାଇଜଟା । ମୁଇଁତ ଆସିକରି ରହିଲି । ନିଛତ୍ରି ରାଇଜରେ ରାଜା ହେଲି ।

*କ୍ଷେତ୍ର ମୋହନ ନାଏକ*
*ଅର୍ଜୁନବିଲା, ଖଡିଂ*

**ଶବ୍ଦାର୍ଥ :**

ଗାଦି - ସିଂହାସନ, ଘୁମେଇକି - ମାରିକରି (ମନମାରି), ବୁର୍‌ଧ - ବୃଦ୍ଧ, କାଆକେ - କାହାକୁ, ସେସ - ଶେଷ, ସିକି - ଶିଖି, ଦେଉନ୍ - ଦିଅନ୍ତୁ, ଥାଇତେ ଥାଇତେ - ଥାଇଁ ଥାଇଁ, ଟଣ୍ଡି - 'ଟଣ୍ଡି, ଖୁର - କ୍ଷୁର, ନିହାଲ୍‌କଥା - କାଠିକର ବ୍ୟପାର, ଖେଲିନେୟ - ଖେଳିଲେ, ମୁର୍‌ତୁ - ମୃତ୍ୟୁ, ଛୁଟିଆ - ଛୋଟ, ସତ୍ରୁ - ଶତ୍ରୁ, ଭଜ୍‌ଗୁରା - ଭଜାଗର, ଆଇ - ଆଲୁଓ, ବଇଛନ୍ତି - ବସିଛନ୍ତି, କାଆଣେ - କେଉଁଆଡ଼େ, ପରାଣି - ପ୍ରାଣୀ, ବେଗି - ଶୀଘ୍ର, ବଲ୍‌ହିଛି - ବଢ଼ିଛି, କରତ -

ବ୍ରତ, ପଞ୍ଝାହେଲା - ଭାଗପଡ଼ିଲା, ସୁଲା - ବୁଟ, ଗୁଳେ - ଗୁଡାଏ, ଉହାଳ - ଆତୁଆଳ, ପିସାପ୍ - ପରିସ୍ରା, ତମ୍‌କେ - ତୁମ୍ଭଙ୍କୁ, ନିଛତ୍ରି - ରାଜା ବିହୀନ, କଲ୍‌ସା - କଳସ, ମାଁବ - ମାଆ ଗା ! ସନ୍ଦାନ୍ - ସନ୍ଦାନ, ସଇଁଧା - ସନ୍ଧ୍ୟା, ସବ୍‌ରଣି - ଶବରୁଣୀ (ଶବରୀ), ସବ୍‌ର - ଶବର, ମୁର୍‌ଗ - ମୃଗ, ଫଳିଆ - ଫଡ଼ି, ବର୍ଣ୍ଣମାଳା - ବରଣମାଳା, ରାଇଜ - ରାଜ୍ୟ, ଚୁବଉଥିବ - ଚୋବାଉଥିବ, ଛେର - କ୍ଷୌର, ଦୁଖ - ଦୁଃଖ, ଖୁଜ୍‌କି - ଖୋଜିବାକୁ, କେଉଟ - କୈବର୍ତ୍ତ, ପରତିପାଳନ - ପ୍ରତିପୋଷ, କୁଳ୍‌ହେଇ - କୁଣ୍ଢାଇ, କୋଳକୁନେବା ।

□□

# ବଡ଼ାମ ପୁଅ ଆଉ ଅସୁରାଣି

ମନ୍ତରୀ ପୁଅ, କାଜିରି ପୁଅ, ସାଦ୍‌ବର ପୁଅ, ବଡ଼ାମର ପୁଅ ଚାରଭାୟ୍‌। ଚାରଭାୟ୍ ଯେ ସିମାନେ ଆଉ ଇସ୍‌କୁଲ୍‌ଯାନ୍ତି। ସିମାନେ ଅଲ୍‌ସୁଆ ଭଳିଆ। ଇମାନେ ପାଠ ପଢ଼ିଯାନ୍ତି ଆଉ କାମଧନ୍ଦା କରନ୍ତି ନାଇଁ। ଦିନ୍‌କର୍ କହିନେୟ ଯେ ତାଙ୍କର୍ ଘରର୍ ନୁକ ସିମାନକୁ କି ବୁଦ୍ଧି କରବା, ନା ଇଏ ଦିନ୍‌କର୍ ସିମାନ୍‌କୁ ଡରହୁଆ କରବା। କିନ୍ତି ନା ରାନ୍ଧିବ ଖରି ଭାତ। ଖରି ଭାତ ରାନ୍ଧିକରି ସିମାନ୍‌କୁ ଭଲ୍ ଭାତ ଉପରେ ଦେବ ତଳେ ଖରି ଭାତ ଦେବ। ଆଉ ଇସ୍‌କୁଲ୍‌ରୁ ଯେତେବେଳେ ଆଇନେୟଁ ଆସିକରି ସିମାନେ ଆଉ ଖ୍ୟାଇକି ନାଗି ନେୟଁ। ଖାଇକି ନାଗି ଫଳିନେୟ ବଳେ ଘାରି ଦେନେଇ ବଳେ ହାତ ଫୁଡ଼ି ଗେଲାପାଟି ଫୁଡ଼ିଗେଲା। ଆଉ ସିମାନ୍‌କର ପାଟି ଫିଟିଲା ନାଇଁ, ହାତ ଚଳିଲା ନାଇଁ। ଚଳିଲା ନାଇଁ ଯେତେବେଳେ ଠାରାଠୁରି ହେଁନେୟ। ଯିବା ଆମ୍‌ହେ। ଇଏ ଠାରିଲା ତାକି ସିଏ ଠାରିଲା ତାକି। ଇଏ ଅଣ୍‌ଲା ତାର୍ ମୁହଁକୁ, ସିଏ ଅଣ୍‌ଲା ତାର୍ ମୁହଁକୁ ସିଠୁ ପଳେଇ ନେୟଁ। ପୁଖ୍‌ରି ଆଳିରେ ଗୁଟେ ଗଛ ଥାଏ। ସେଇ ଗଛ୍‌ମୂଳେ ସବୁଦିନେ ଗାଧାବୁଡ଼ା କରନ୍। କରିକରି ଆଉ ହଁସକେଲ୍ ହେଇକରି ଆସନ୍ ଘରକୁ। ସେତେବେଳେ ଇମାନେ ଯାଇକରି ଇଏ ଅନେଇଛି ତାର ମୁହକୁ, ସିଏ ଅନେଇଛି ତାର୍ ମୁହଁକୁ। ଯେତେବେଳେ ସିଏ ଅନେଇନେୟଁ, ଆଉ ମୂଷା କେତ୍‌ଟା ଥାନ୍ ମାନେ ସିଠେ। ସବୁଦିନେତ ପିଲାମାନେ ଆସନ୍ତି, ଖେଳନ୍ତି। ଆଜି କିସେଇଁ ଧିରଧାର ହେଇ ରହିଛନ୍ତି। କନ୍ଦାଳି କାଲା ଭେଳିଆ ରହିଛନ୍ତି କହିନେୟ। ମୂଷାଗା ଚେଁଉଁ ଚେଁଉଁ କରିନେୟ ଆଉ ଆସିକରି ଦେହେଗାରେ ଫଳିନେୟ ବେଳେ ତାଙ୍କର ପାଟି ଭିଟିଗେଲା। ଆମ୍‌କୁତ ଇମାନେ ମାରିକି ରହିଛନ୍ତି। ଆମ୍‌ହେ ଆଉ ରହିବା ନାଇଁ ଘରେ। ରାଇଜଛାଡ଼ି ପଳେଇ ଯିବା। ଉଜା ମଲ୍ଲିରି ଘୁଳାତ ଧରିନେୟ, ଆଉ ରହିବା ନାଇଁ ଭାଇମାନେ ବଇନେୟ।

ଉଜା ମଲ୍ଲିରି ଘୁଳାରେ ତ ଉଡିବଲି ଗନେଇ
ହାଇରେ ମର୍ ଉଡିବଲି ଗନେଇ।
ଯାଉ ହେନେରେ ଝପ ଫାଡ଼ାନ୍ଦରେ ନା

ହାଇରେ ମର ଝପ ଫାଡାନ୍ଦରେ ।
ମେଣ୍ଢା ମୁଣ୍ଡଟା ଭାଇମାନେ ଖୁଜଯେ ବଲନ୍ତିନା
ହାଇରେ ମର୍ ଖୁଜଯେ ବଲନ୍ତି ।
ମେଣ୍ଢା ମୁଣ୍ଡ ବଲି ସାମୁଟି ପକାନ୍ତିନା
ହାଇରେ ମର୍ ସାମୁଟି ପକାନ୍ତି ।
ମେଣ୍ଢାମୁଣ୍ଡ ବଲି ସାମୁଟି ପକାନ୍ତିନା
ହାଇରେ ମର୍ ସାମୁଟି ପକାନ୍ତି ।
ଯାଇ ହେନେୟରେ ଘରାନ ଥରାନ ବନରେନା
ହାଇରେ ମର ଥରାନ ବନରେ,
ଯାଇ ହେନେଯେ ଅଇନ ଯେ ଦେଶକୁନା
ହାଇରେ ମର ଅଇନ ଯେ ଦେଶକୁ ।
ଯାଇ ହେନେଯେ ମର ପୁଖୁରି ଆଳିରେନା
ହାଇରେ ମର ପୁଖୁରି ଆଳିରେ ।
ରାନ୍ଧିବାଢ଼ି ଭାଇମାନେ ଖାଇବା ବଲନ୍ତି ଯେ
ହାଇରେ ମର ଖାଇବା ବଲନ୍ତି ଯେ
ବଡ଼ାମ ପୁଅକୁ ତୁଇଁ ଜଗିଥା ବଲନ୍ତି ନା
ହାଇରେ ମର ଜଗିଥା ବଲନ୍ତି
ରାନ୍ଧିବାଢ଼ି ଖାଇ ଆମେ ଯିବା ଯେ ବଲନ୍ତି ନା
ହାଇରେ ଆମେ ଯିବା ଯେ ବଲନ୍ତି ।
ବଡ଼ାମ ପୁଅ ତୁଇଁ ଜଗିଥା ବଲନ୍ତି ନା
ହାଇରେ ମର ଜଗିଥା ବଲନ୍ତି
ନିଆଁ କଟେ ଆମ୍‌ହେ ଆଣଉଁ ବଲନ୍ତିନା
ହାଇରେ ଆମ୍‌ହେ ଆଣଉଁ ବଲନ୍ତି

ସେଠୁ ନିଆଁ ନାଗି ଗେନେଇ । ନିଆ ନାଗି ଯେତେବେଳେ ଗେନେଇ ନିଆ ଆଣି କରି ମନ୍ତରୀ ପୁଅ ଆସିବଲି ହେଲାନା :

ହାଇରେ ମର ଆସି ବଲି ହେଲାନା
ମୁଣ୍ଡରୁ ଗୁଡ଼ ସରିତା ଗିଳିବଲି ଦେଲାନା

ହାଇରେ ମର ଗିଳି ବଲି ଦେଲାନା
କାଜିରି ପୁଅ ନିଆ ମାଗିକରି ଆସିବଲି ହେଲାନା
ହାଇରେ ମର ଆସିବଲି ହେଲାନା
ଘୁଡ଼ରୁ ମୁଣ୍ଡ ସରିତା ଗିଳିବଲି ଦେଲାନା
ହାଇରେ ମର ଗିଳିବଲି ଦେଲାନା
ନିଆ ମାଗିକରି ଆସିବଲି ହେଲା ସାଦ୍‌ବର ପୁଅ
ଘୁଡ଼ରୁ ଘୁଡ଼ ସରିତା ଗିଳିବଲି ଦେଲାନା
ହାଇରେ ମର ଗିଳି ବଲି ଦେଲାନା
ହାଇରେ ମର ଆସିବଲି ହେଲାନା
ଘୁଡ଼ରୁ ମୁଣ୍ଡ ସରିତା ଗିଳିବଲି ଦେଲାନା
ନିଆ ମାଗିକରି ଆସିବଲି ହେଲା ସାଦ୍‌ବର ପୁଅନା
ହାଇରେ ମର୍ ସାଦ୍‌ବର ପୁଅ
ଘୁଡରୁ ମୁଣ୍ଡ ସରିତା ଗିଳିବଲି ଦେଲାନା
ହାଇରେ ମର୍ ଗିଳିବଲି ଦେଲା ।

ସିଠୁ ବଡ଼ାମର ପୁଅ ବଇଲା ମୁଇଁ ଆଉ କେଁଆଲେ ଯିବି । ସଭିକିତ ଗିଳିଦେଲା ମେଣ୍ଢାକଟି । ସେଇ ମେଣ୍ଢାମୁଣ୍ଡ କଟିକୁ ଯେଉଁ ଅଇରାନ ବନରୁ କୁଢ଼େଇ ଆଣିଛନ୍ ସେଇ ଚାର ଭାୟନା, ମେଣ୍ଢାମୁଣ୍ଡ ନାଇଁ ସିଏ ଅସୁରାଣି । ଝରଣିନାକୁ ଯାଇକରି ବଲୁଛନ୍ତି ଭାଇମାନେ ଇଠେ ଆମ୍‌ହେ ଏଇ ମୁଣ୍ଡଟାଁ ରୁଷେଇ କର୍‌ବା, ଖାଇବା ଖାଇକରି ଆମ୍‌ହେ ଯେଁ ଆଲେ ଯିବା ଯିବା । ତାହାନେ ତୁଇ ବଡ଼ାମ, ରାଜାର ପୁଅ ଜଗିଥା । ସେଠୁ ବଡ଼ାମ ବଇଲା ସବିକିତ ଗିଳି ଦେଲା ଇଏ । ଏତେ ବେଳେ ପଳେଇ ଯିବିମୁଇଁ । ବସିଗେଲା ଉଳା ମଲ୍ଲିରି ଘୁଳାରେ ।

ବସି ଗଲାରେ ଉଳାମଲ୍ଲିରି ଘୁଳାନା
ହାଇରେ ମର ଉଳା ମଲ୍ଲିରି ଘୁଳା
ଯାଇ ହେଲାଯେ ଏକ ରଜା ରାଇଜନା
ହାଇରେ ମର ଏକ ରଜା ରାଇଜ ।

ଏକ ରଜା ରାଇଜରେ ଯାଇ ହେଲା ଯେତେବେଳେ, ପୁଖରି ଆଳିରେ ଗୁଟେ ଆମ୍ବଗଛ ଥାଏ । ଅସୁରାଣି ପଛା ଦଉଡେଇଛି । ସଭିକ ଗିଳିଲି ଆଉ ତକେକି

ଛାଲ୍ବି । ମୁଇଁ ତକେବି ଖାଇବି । ସିଠୁ ଗେଲା । ଏକରଜା ରାଇଜରେ ପୁଖରି ଆଳିରେ ଗୁଟେ ଆମ୍ଗଛ ଥାଏ । ସେଇ ଆମ୍ ଗଛରେ ବଇଲା ଏକା ମାଁର୍ ଏକା ବାପର ହେଇଥିବିନା ଆମ୍ଗଛଟା ଦୁଇଫାଲ୍ ହେଇଯିଆକେ । ଦୁଇଫାଲ୍ ହେଇଗେଲା ଯେତେବେଳେ ଆମ୍ଗଛଟା, ସେତେବେଳେ ରଜାପୁଅ ଆମ୍ଗଛ ଭିତିରି ପଶିଗେଲା । ପଶିଗେଲା ବଳେ ଆମ୍ଫଳ ପାଚିଲା ନାଲବିର୍ନ ।

ନାଲ ବର୍ନ ହେଇ ଆମ ଯେ ପାଚିଲା ନା
ହାଇରେ ମର ଆମ ଯେ ପାଚିଲା
କା କା କରିକୁଆ ଉଡ଼ିଯେ ଆଇଲାନା
ହାଇରେ ମର ଉଡିଯେ ଆଇଲା
କାଆ କାଆ କରି କୁଆ ଡାଳରେ ବସିଲାନା
ହାଇରେ ମର୍ ଡାଳରେ ବସିଲା
ପାଚିଲା ଆମ ଖଣ୍ଡିକ ଖସିଯେ ପଡ଼ିଲାନା
ହାଇରେ ମର ଖସିଯେ ପଡ଼ିଲା ।
ପଛାପୁଛି ଅସୁରାଣି ଦଉଡ଼େଇ ଥିଲାନା
ହାଇରେ ମର୍ ଦଉଡ଼େଇ ଥିଲା ।
ଆମଟା ଖାଇବି ବଲି ଜଗିବସିଥିଲାନା
ହାଇରେ ମର୍ ଜଗିବସି ଥିଲା ।
ପାକିଲା ଆମ ଖଣ୍ଡିଆ ପାଣିରେ ଫଳିଲାନା
ହାଇରେ ମର୍ ପାଣିରେ ଫଳିଲା ।
ପାଞ୍ଚୁଥିଲା ରୁହି ମାଛ ଗିଳିବଲି ଦେଲାନା
ହାଇରେ ମର ଗିଳିବଲି ଦେଲା
ଅସୁରାଣିର ବୁଦ୍ଧିଖଣ୍ଡେ ହଜିବଲି ଗଲାନା
ହାଇରେ ମର ହଜିବଲି ଗଲା

ତାର୍ ପରେ କୁଆ ଆସିକରି ବସିଲା । ପାକିଲା ଆମ୍ ଖଣ୍ଡିକ ପାଣିରେ ଫଳି ଦେଲା । ପାଣିରେ ରୁହି ମାଛ ଗିଳିଦେଲା । ଅସୁରାଣିର ବୁଦ୍ଧି ଖଣ୍ଡ ହଜିବଳିଗଲା ।

ଏକା ମାଆର୍ ଏକା ବାପର୍ ଯଦି ହେଇଥିବିନା

ହାଇରେ ମର୍ ଯଦି ହେଇଥିବି
ଅସୁରାଣି ହେଇକରି ଝିଅ ଖଣ୍ଡେ ହେବିନା
ହାଇରେ ମର୍ ଝିଅ ଖଣ୍ଡେ ହେବି ।

ଅତି ଅତି ଶୁଭାକାର ଝିଅ ଖଣ୍ଡେ ହେଲା । ଅତି ଅତି ଶୁଭାକାର ଝିଅଖଣ୍ଡେ ହେଲା ବେଳକୁ ପୁଖ୍ରି ଆଳିରେ ବସିଲା ।

ପୁଖରୀ ଆଳିରେ ଝିଅ ବସିଯେ ରହିଲା ନା
ହାଇରେ ମର୍ ବସିଯେ ରହିଲା ।
ରଜାରେ ପୁଅ ତାରେ ଗାଧଇ ଆଇଲାନା
ହାଇରେ ମର୍ ଗାଧଇ ଆଇଲା ।
ଅତି ଅତି ଶୁଭାକାର ଝିଅ ଖଣ୍ଡେ ଅଛିନା
ହାଇରେ ମର ଝିଅ ଖଣ୍ଡେ ଅଛି ...
କେଁଠୁ ଆଇଲୁ ଝିଅ କହିଦେ ବଇଲାନା
ହାଇରେ ମର କହିଦେ ବଇଲା
କେତେ ରାଇଜରୁ ବାପା ଆସିଛେଁ ବଇଲାନା
ହାଇରେ ମର ଆସିଛେଁ ବଇଲା

କେତେ ରାଇଜରୁ ସିଏ ଆଇଛି । ଅନେକ ଦୂରରୁ ଆସିକରି ସେ ପୁଖ୍ରି ଆଳିରେ ଅଛି । ରାଜାର ପୁଅ ଗାଧିଲା, ବୁଡ଼ିଲା, ନେଖିଲା ଦେଖିକରି ସିଏ ପଳେଇଲା । ପଳେଇ ଗେଲା ଘରକୁ । ଯାଇକରି ତାର ନୁଗା ପାଲଟି ଦେଇ ଯାଇ ପନ୍‌କରେ ଶୁଇଲା । ଶୁଇ ଫଳିକରି ସିଏ ଖାଇଲା ନାଇଁ । ତାର୍ ମାଁ ଆଇଲା, ତାର୍ ମାଁ ଆଇଲାଯେ କହିଲା ବାପା ତୁମ୍‌ହେ କିଛି ଅନ୍ନ ଭୁଞ୍ଜିବ ନାଇଁକି । କହିଲା ବଲେ ସିଏ ମୁଇଁ ଯା କହିବି ମରକଥା ମାନିବକି ତୁମ୍‌ହେ । ତାହାନେ ମୁଇଁ ଅନ୍ନ ଭୁଞ୍ଜିବି । ନହେନେ ନାଇଁ । କହିଲା ବଲେ

ଯା କହିବି ମାଁ ମ କଥା ମାନିବ ନା
ହାଇରେ ମର୍ ମ କଥା ମାନିବ ।
ପୁଖୁରି ଆଳିରେ ଅଛି ଅତିଅତି ଶୁଭାକାର
ହାଇରେ ମର୍ ଅତିଅତି ଶୁଭାକାର
ବିଭାକରି ଦେବ ହେନେ ଅନ୍ନ ଭୁଞ୍ଜିବି, ନହେନେ ନାଇଁ ।

ନିଙ୍କେ ରଜା ଚାଲିଗେଲା ପୁଖରି ଆଳିକୁନା

ହାଇରେ ମର୍ ପୁଖରି ଆଳିକୁ

ପୁଖରି ଆଳିକୁ ଯେତେବେଳେ ଚାଲିଗେଲା ଦେଖିଲା ଅତିଅତି ଶୁଭାକାର ଝିଅଖଣ୍ଡେ ବଇଛି ।

କେଁଠୁ ଆଇଲ ଝିଅ କହିବେ ବଇଲାନା

ହାଇରେ ମର୍ କହିଦେ ବଇଲା

କେତେ ରାଇଜରୁ ବା ପା ଆସିଛେଁ ବଇଲାନା

ହାଇରେ ମର୍ ଆସିଛେଁ ବଇଲା ।

ଆଉ ମର୍ ପୁଅ ନାଗିନି ତକେ ବିଭା କରିଦେବି । ଇଠୁ ନୁଗା ବିଛେଇ ନେଇ ଯିବୁ ଯେ ତୁମର ସମୁତାଣି ଘରକୁ ହେନେ ବାଆ ହେବି ନହନେ ନାଇଁ । କହିଲା ବଳେ ତାର ସମତ୍‌କୁ ଡକେଇଲା । ଡକେଇ କରି କହିଲା ବିଭାଘର ହେବ । ଯେତେବେଳେ ବିଭାଘର ହେଲା ନୁଗା ବିଛେଇ ନେଲା ଯେ ଘରୁ ପୁଖରୀ ଆଳିକୁ । ପୁଖରି ଆଳିରୁ ହେଇକରି ବିଭାଘର ହେଲା । ନୁଗା ଉପ୍‌ରେ ଉପ୍‌ରେ ଚାଲିଗେଲା । ଯେତେବେଳେ ସେଇ ନୁଗା ଉପ୍‌ରେ ଚାଲିଗେଲା ତାଙ୍କ ଘରକୁ ବିଭାଘର କରନେୟଁ । କରିକରି ତାର୍‌ପରେ ଘରେ ନେଇକରି ରଖିଦେନେୟ । ତାର୍‌ପରେ ଗାଁଗଣ୍ଡା ଗୁଆଗୁଣ୍ଡା ବୁଲେଇ ଦେନେୟ । ତାର୍‌ପରେ ସବୁ ବନ୍ଧୁବାସ ସବୁ ଠୁଳେଇ ହେନେୟ । ଠୁଳେଇ ହେଇକରି ବିଭାଘର କରିଦେନେୟ । ସବୁ ନୁନ୍‌ତା ପାତି କରିନେୟ । ଦେଇକରି ସିମାନେ ବନ୍ଧୁବାସ ସବୁ ପଳେଇ ଗେନେୟ । ପଳେଇ ଯେତେବେଳେ ଗେନେୟ୍, କିଛିଦିନ୍‌ଗେଲା, ସିଏ ଖାଇଲା ନାଇଁ, ରୁଷି ରହିଲା ।

ନିଙ୍କେ ଶାଶୁ ଚାଲିଗଲା ବହୂର ପାଖକୁନା

ହାଇରେ ମର୍ ବହୂର ପାଖକୁ

ଆସ ବହୂତୁମ୍‌ହେ ଅନ୍ନ ବଲି ଭୁଞ୍ଜନା

ହାଇରେ ଅନ୍ନ ବଲି ଭୁଞ୍ଜ,

ସେଠୁଁ ତାର୍ ଶଶୁର ଚାଲିଗେଲା । ଯେତେବେଳେ ଶଶୁର ଚାଲିଗେଲା

ଉଠ ବହୂ ତୁମେ ଅନ୍ନ ଯେ ଭୁଞ୍ଜବ ନା

ହାଇରେ ମର ଅନ୍ନ ଯେ ଭୁଞ୍ଜିବ

ଶୁଇଲ ତୁମ୍‌ହେ କିମ୍ପାଇ ଶୁଇଲନା

ହାଇରେ ମର କିପାଇଁ ଶୁଇଲ
କେହି କିଛି କହିନାଇଁ କହିବି ବଇଲାନା
ହାଇରେ ମର୍ କହିବି ବଇଲା
ପୁଖରୀରୁ ମାଛ ବାପା ଖାଇବି ବଇଲାନା
ହାଇରେ ମର୍ ଖାଇବି ବଇଲା ।

ପୁଖରିରି ମାଛ ଯୁଦି ଆଣିଦେବ ମାରିକରି ତେବେ ଅନ୍ନ ଭୁଞ୍ଜିବି ନହେନେ ନାଇଁ । ସେତେବେଳେ ଆଉ

ନିଜେ ରଜା ଚାଲିଗଲା ପୁଖରି ଆଡ଼ିକୁନା
ହାଇରେ ମର୍ ପୁଖରି ଆଡ଼ିକୁ
ଯାଉ ଯାଉ କରି ଜାଲ ଚାଲିବଲି ଗଲାନା
ହାଇରେ ମର୍ ଚାଲିବଲି ଗଲା
ଛେକିବଲି ଦେଲା ପାର ଫୁରିଆରେ ଜାଲନା
ହାଇରେ ମର ପାର ଫୁରିଆରେ ଜାଲ
ସାତ ଭାର ମାଛ ତାରେ ଗଦା କରି ଦେଲାନା
ହାଇରେ ମର୍ ଗଦା କରି ଦେଲା ।

ସାତଭାର ମାଛ ଗଦା କରିଦେନେୟ । ଛେଳିଆଟୁକା ଖଣ୍ଡ ସେ ଛେଳି ରାଖିକରି ଆଇଲା । ରଜାଘର ଛେଳି ରାଖୁଥାଏ । ଯେତେବେଳେ ଆଇଲା ଛେଳି ରାଖିକରି ସିଏ ଆଉ କହିଲା ତାର୍ ମାଁକୁ, ମାଁରେୟ ଆଉ ରଜାଘରେ ପରା ଆଜି ଏତେ ଗୁଲ୍‌ହେ ମାଛ ମାରିଛନ୍ତି । ଆଉ ମାଛ ତୁଣ ଟିକେ ଦେନେଇ ନାଇଁ ମକେ । କାଇଁ ବୁବା । ନାଇଁତ ଦେନେୟ । ଆଉ ଇଗାତ ଖାଲି ଭାତ୍‌ଗା ଦେଇଛନ୍ତି ଯେ ଆଣିଛେୟଁ ମୁଇଁ । ଆଉ କେଜାଣି ମୁଇଁତ ଜାଣି ନାଇଁ । ଜାଣି ଥିନେୟ ସିନା ମାଛ ତୁଉଣ କଟେ ଦିଅ ବଲି କରି ମାଗିତି । ଆଉ ତାଙ୍କର୍ ରାଜାଘର ମାଛ ତୁଉଣ ନାଇଁ ଦେନେଇ ହେନେ ମୁଇଁ ମାଛ ଧରିକି ଯାଏଁ । ମାଛ ଧରିକି ଆଣିବି । ତରକାରି କରିଦେବେ ଆଉ ମୁଇଁ ଭାତ ଖାଇଁବି ।

ପୁଖରୀ ଆଡ଼ିକୁ ଛୁଆ ଦଉଡ଼ିଯେ ଗେଲାନା
ହାଇରେ ମର୍ ଦଉଡିଯେ ଗେଲା
ଏ ଖାଦ ସେ ଖାଦ ଛୁଆ ବାହି ଯେ ନାଗିଲା ନା

କହିମେୟ। ଯେତେ କହିନେୟ ଛୁଆ ନାଇଁ ମାନିଲା। ନାଇଁ ମାନିଲା ଯେତେବେଳେ -

ଯାଇକରି ଛୁଆ ଘେରେ ପିଣ୍ଡାରେ ବସିଲାନା
ହାଇରେ ମର୍ ପିଣ୍ଡାରେ ବସିଲା
ଅସୁରାଣି ସେତେବେଳେ ଦେଖିଯେ ପାଇଲାନା
ହାଇରେ ମର୍ ଦେଖି ଯେ ପାଇଲା।

ସେତେବେଳେ ଝରକାରେ ଥାଇକରି ଅସୁରାଣି ଦେଖିଲା ଯେ, ବଇଲା ସେଇନିତ ସିଏ ଆଇଛ। ସେଠୁ ରାଜାଘର ତାଙ୍କର କହିନେୟ ଯେ ନିଅଛୁଆଟାକୁ। ଆଉ ଟୁକ୍‌ଲି ଛୁଆଟାରେ ଟୁକ୍‌ଲି ଛୁଏ ଭୁଜା ଧରେଇ ଦେନେୟ।

ଏ ପିଣ୍ଡା ସେ ପିଣ୍ଡା ଛୁଆ ଡେଗା ଯେ ମାଇଲାନା
ହାଗରେ ମର୍ ଡେଗା ଯେ ମାଇଲା।
ମାଲୁ ମାଲୁ ଛୁଆ ଖାଇଯେ ନାଗିଲା ନା
ହାଇରେ ମର୍ ଖାଇଯେ ନାଗିଲା।

ଏ ପିଣ୍ଡା ସେ ପିଣ୍ଡା ଖାଇ ନାଗିଲା। ଖାଇ ନାଗିଲା ଯେତେବେଳେ ସିଠୁ ବଇନେୟ ଦେଖା ଆଉ ଛେଳିଆ ଟୁକାର ଭାଇ ଆଉ ଖଣ୍ଡେ ଆଇଛି। ଭାତ ଦେନେୟ, ଭାତିଆ, ଆଉ ଭୁଜା ଟୁକୁଲିଏ ଦେନେୟ। ପଳେଇ ଗେନେୟ ଯେତେବେଳେ ଆଉ ସେତେପର ଅସୁରାଣି ତାର୍ ମନେ ଭାବିଛି ଇଟାତ ସେଇନି। ମାଛଟା ଆଣ ଖାଇବି ବଲ୍‌କି ବେଳେ କେଁ ମାଛଟା ଆଣିନେୟଁ ଯେ ମୁଇଁ ଖାଇଲି। ଏତ ସେଇ ମାଛଟା ଆଣିନାଇଁ। ଇଟାତ ରାଜାର ପୁଅ।

ଛେଳିଆ ଟୁକାର ଭାଗ ଖଣ୍ଡକୁ କହିଦେବୁନା ସାତଭାର ବାଘଦୁଧ ଆଣିଦେବ ହେନେତ ଭଲ୍‌କଥା, ନାହିଁନେ ନେଇକି ଶୂଳିଆ ପଦାରେ ଶୂଳିଦେବି। ଶୂଳିଆପଦାରେ ଯେତେବେଳେ ଶୂଳିଦେବି ବଇଲା।

ଛେଳିଆଟୁକାତ ତାରେ ଶୁଣିବଲି ଗଲାନା
ହାଇରେ ମର୍ ଶୁରିବଲିଗଲା
କାନ୍ଦିକାନ୍ଦି ଛୁଆ ତାର ଘରକୁ ଯେ ଗଲାନା
ହାଇରେ ମର ଘରକୁ ଯେ ଗଲା
କିପାଁଇ କାନ୍ଦୁଛେ ବାପା କିପାଁଇ କାନ୍ଦୁଛେନା

ମାଁ, ନହେନେ ଆଖୁଁରେ ବାଜିବତି । ମାଛଟା ହେଇ କଥା କହୁଛି । ମୁଇଁ ମାଛଟାକେ ନାଇଁ କାଟିକି, ରଖିଦେଲା ଯେତେବେଳେ ସେଇ ଛେଳିଆଟୁକା ଛେଳି ନେଇକରି ରଜାଘରେ ବାନ୍ଧି ଦେଇକରି ଆଇଲା । ଆସିକରି କହିଲା ଆଉ ମାଁ ମାଛ ତର୍କାରୀ କଇଲେ ନାଇଁ । ମାଛଟା ହେଇ କଥା କହୁଛି । ଆଉ ମୁଇଁ ମାଛଟାକୁ ନାଇଁ କାଟିଲି ବାପା, ନାଇଁ କାଟିବି ମୁଇଁ ।

ଆଣ୍ ପନ୍‌ଖି ମୁଇଁ କାଟ୍‌ବି । ତୁଇ ସିନା ମାଛଟାକୁ ଆଣିକରି ତରକାରୀ କର୍‌ବେ ବଇଲେ, ଆଉ ମୁଇଁତ ମାଛଟାକୁ ଡରଲି । ଆର୍ କେଁଠେ କାଟୁଛେୟଁନା ତକେ ତର୍କାରୀ ରାନ୍ଧୁଛେୟଁ । ମାଛଟା ହେଇକରି କଥା କହୁଛି ।

ଛେଳିଆ ଟୁକା କହିଲା କିସ ଆଣ୍ ପନ୍‌ଖି ମୁଇଁ କାଟ୍‌କି ।
ଗୁଡ଼ରେ ପନିକି ତାର ଗୁଡ଼ରେ ମାଡ଼ିଲାନା
ହାଇରେ ମର ଗୁଡ଼ରେ ମାଡ଼ିଲା
ମାଛଟାକୁ ତାର ନମରେ କାଟିଲା ନା
ହାଇରେ ମର ନମରେ କାଟିଲା
ଅତି ଅତି ଶୁଭାକାର ପୁଅ ବାହାରିଲାନା
ହାଇରେ ମର ପୁଅ ବାହାରିଲା

ଯେତେବେଳେ ମାଛଟା କାଟିଦେଲା ଦୁଇ ଫାଳ କରି ନମରେ ଅତିଅତି ଶୁଭାକାର ପୁଅଟି ଭାଆର୍‌ଲା । ସେଠୁ ତା ଛେଳିଆଟୁକାର ପୁଅ ବଲୁଛି ମାଁରେୟ୍ ମୁଇଁ ମାଛଟା କାଟି ଦେଲିବଲେ ଏତେ ଶୁଭାକାର ପୁଅଟି ବାହାରିଲା । ଆଉ ମାଁ କିବୁଦ୍ଧି କର୍‌ବା ।

ଆଉ ଯା ହେଉ ମାଁ ଗୁଟେ ହେଇଥିଲି । ଏଥର ଦୁଇଭାଇ ହେନୁ । ତୁଇ ଇଥାକୁ ଭଲ୍ ଭାବରେ ଖୁଏଇ ପିଏଇ ଗଦେଇ କୁହ୍ଲେଇ ସାଉତିକରି ରଖ୍ । ବଲେ ରାଜାଘର କହିନେୟଁ କିସ । ଆଉ ସିମାନେ କହିନେୟଁ କହିବ ଯେ ଏକୁଟିଆ ହେଇଥିଲି । ଦୁଇଭାଇ ହେଇଗେନୁ । ସେଠୁ ତାକୁ ନୁକେଇ କରି ଘରେ ରଖିଲା । ରଖିକରି କେତେଦିନ୍ ଗେଲା । ଦେଇକରି ସେତ ଚାଲାବୁଲା ହେଲା । ଚାଲାବୁଲା ହେଇଗଲାବଲେ ସେଠୁ କହିଲା ତାର୍ ମାଁ ତୁୟ ବାବୁ ଆଜିଘରେ ଥାଆ । ମୁଇଁ ଯାଉଛେ ୟଁ ରାଜା ଘରକୁ, ଭାତ ଆଣି, ଆଜି ଖାଇବା । ନା ମାଁ ମୁଇଁବି ଯିବି ତ ସାତିରେ । ନାଇଁ ବାପା ତୁଇ ଯିବେ ନାଇଁ । ରାଜାଘର ଦେଖିନେୟ କିସ

କହିମେୟ । ଯେତେ କହିନେୟ ଛୁଆ ନାଇଁ ମାନିଲା । ନାଇଁ ମାନିଲା ଯେତେବେଳେ -

ଯାଇକରି ଛୁଆ ଘେରେ ପିଣ୍ଡାରେ ବସିଲାନା
ହାଇରେ ମର୍ ପିଣ୍ଡାରେ ବସିଲା
ଅସୁରାଣି ସେତେବେଳେ ଦେଖିଯେ ପାଇଲାନା
ହାଇରେ ମର୍ ଦେଖି ଯେ ପାଇଲା ।

ସେତେବେଳେ ଝରକାରେ ଥାଇକରି ଅସୁରାଣି ଦେଖିଲା ଯେ, ବଇଲା ସେଇନିତ ସିଏ ଆଇଛ । ସେଠୁ ରାଜାଘର ତାଙ୍କର କହିନେୟ ଯେ ନିଅଛୁଆଟାକୁ । ଆଉ ଟୁବ୍‌ଲି ଛୁଆଟାରେ ଟୁକ୍‌ଲି ଛୁଏ ଭୁଜା ଧରେଇ ଦେନେୟ ।

ଏ ପିଣ୍ଡା ସେ ପିଣ୍ଡା ଛୁଆ ଡେଗା ଯେ ମାଇଲାନା
ହାଇରେ ମର୍ ଡେଗା ଯେ ମାଇଲା ।
ମାଲୁ ମାଲୁ ଛୁଆ ଖାଇଯେ ନାଗିଲା ନା
ହାଇରେ ମର୍ ଖାଇଯେ ନାଗିଲା ।

ଏ ପିଣ୍ଡା ସେ ପିଣ୍ଡା ଖାଇ ନାଗିଲା । ଖାଇ ନାଗିଲା ଯେତେବେଳେ ସିଠୁ ବଇନେୟ ଦେଖା ଆଉ ଛେଳିଆ ଟୁକାର ଭାଇ ଆଉ ଖଣ୍ଡେ ଆଇଛି । ଭାତ ଦେନେୟ, ଭାତିଆ, ଆଉ ଭୁଜା ଟୁକୁଲିଏ ଦେନେୟ । ପଳେଇ ଗେନେୟ ଯେତେବେଳେ ଆଉ ସେତେପର ଅସୁରାଣି ତାର୍ ମନେ ଭାବିଛି ଇଟାତ ସେଇନି । ମାଛଟା ଆଣ ଖାଇବି ବଲ୍‌କି ବେଳେ କେଁ ମାଛଟା ଆଣିନେୟଁ ଯେ ମୁଇଁ ଖାଇଲି । ଏତ ସେଇ ମାଛଟା ଆଣିନାଇଁ । ଇଟାତ ରାଜାର ପୁଅ ।

ଛେଳିଆ ଟୁକାର ଭାଇ ଖଣ୍ଡକୁ କହିଦେବୁନା ସାତଭାର ବାଘଦୁଧ ଆଣିଦେବ ହେନେତ ଭଲ୍‌କଥା, ନାହିଁନେ ନେଇକି ଶୁଳିଆ ପଦାରେ ଶୁଳିଦେବି । ଶୁଳିଆପଦାରେ ଯେତେବେଳେ ଶୁଳିଦେବି ବଇଲା ।

ଛେଳିଆଟୁକାତ ତାରେ ଶୁଣିବଲି ଗଲାନା
ହାଇରେ ମର୍ ଶୁରିବଲିଗଲା
କାନ୍ଦିକାନ୍ଦି ଛୁଆ ତାର ଘରକୁ ଯେ ଗଲାନା
ହାଇରେ ମର ଘରକୁ ଯେ ଗଲା
କିପାଁଇ କାନ୍ଦୁଛେ ବାପା କିପାଁଇ କାନ୍ଦୁଛେନା

ହାଇରେ ମର କିପାଇଁ କାନ୍ଦୁଛେ ।

ଯେତେବେଳେ ସିଏ କହିଲା କିପାଁଇ କାନ୍ଦୁଛେନା, ସାତଭାର ବାଘଦୁଧ ଆମର ଭାଇ ଛୁଆଟା ଆଣିଦାକ୍ ହେନେତ ଭଲ ନାହିଁନେ ତାକେ ଶୂନିଆ ପଦାରେ ଶୂଳିଦେକେ ବଲି କହିଲା ଯେତେବେଳେ ସିଏ ବଇଲା, ସେ ଛୁଆ କହିଲା ଭାଇ ଏତ୍‌କି ନାଗି ତୁଇ ଭାବନା କରୁଛେ, ହଉ ଯା ରାଜାଘରୁ ଗୁଟେ ବନ୍ଧୁକ ଆଣିବେ ।

ରାଜାଘରୁ ଯାଇକରି ବନ୍ଧୁକ ଆଣିବେନା
ହାଇରେ ମର ବନ୍ଧୁକ ଆଣିବେ
ଖାନ୍ଦରେ ଖାନ୍ଦିଲା ତାରେ ବନ୍ଧୁକ ଗୁଟେନା
ହାଇରେ ମର ବନ୍ଧୁକ ଯେ ଗୁଟେ

ଖାନ୍ଦରେ ଖାନ୍ଦେଇ କରି ବନ୍ଧୁକଟା ଆଇଲା । କହିଲା ମାଁ ଦେନା ମକେ ହଳଦୀ ତେଲ ମାଖେଇ । ଗୁଟେ କଳାଟିକା ଦେ ।

କଳାଟିକା ଗୁଟେ ଦେଲାବଳେ କହିଲା ମାଁ
ଅକଳ କାନ୍ଦଣା ମାଁ କାନ୍ଦିବଲି ଗଲାନା
ହାଇରେ ମର କାନ୍ଦିବଲି ଗଲା
କିପାଁଇ କାନ୍ଦୁଛେ ମା କିପାଁଇ କାନ୍ଦୁଛେନା
ହାଇରେ ମର କିପାଁଇ କାନ୍ଦୁଛେ

କିପାଁଇ କାନ୍ଦୁଛେ ମାଁ । ତୁଇ ଏରଣ୍ଡିରେ ଶୁଇ ଫଳ । ଶୁଇ ଯେତିକିବଳେ ଫଳିଲା ତାର ମାଁ ଏରଣ୍ଡିରେ ଡେଗା ଗୁଟେ ମାରିଦେଇ ଚାଲିଗେଲା ।

ଖାନ୍ଦରେ ବନ୍ଧୁକ ତାର ଖାନ୍ଦରେ ଖାନ୍ଦିଲାନା
ହାଇରେ ମର ଖାନ୍ଦରେ ଖାନ୍ଦିଲା
ଡେଗା ଗୁଟେ ମାରିଦେଇ ଚାଲିବଲି ଗଲାନା
ହାଇରେ ମର ଚାଲିବଲିଗଲା ।
ଅକନ୍ଦ କାନ୍ଦଣାମାଁ କାନ୍ଦିବଲି ଗଲାନା
ହାଇରେ ମର କାନ୍ଦିବଲି ଗଲା
ସାତଭାର ବାଘଦୁଧ ଆଣିବଲି ଦେବନା
ହାଇରେ ମର ଆଣିବଲି ଦେବ
ଚାଲିବଲି ଗଲା ତାର ଅଇରାନ ବନକୁ ନା

ହାଇରେ ମର ଅଗରାନ ଦିନକୁ ।

ଅଗରାନ ବନକୁ ଚାଲିଗେଲା । ବନ୍ଦେ ଯାଇକରି ଝରଣି ନାଗଥାଏ ଛିଆଗଛ ଗୁଟେ । ସେଇ ଗଛ ଉପରେ ଉଠିଲା ।

ସେଠୁ ଗୁଟେ ବାଘୁଆଣି ଆଇଲା ପାଣି ଖାଇକି । ସେଠୁ ସିଏ କହୁଛି ହାଁ ହାଁ ବାଘୁଆଣି ନଖାଇବ ପାଣିନା

ହାଇରେ ମର ନଖାଇବ ପାଣି

ସାତଭାଉ ବାଘଦୁଧ ଦେଇକି ପାରିବନା

ହାଇରେ ମର ଦେଇକି ପାରିବ ।

ସାତଭାଉ ବାଘଦୁଧ ଦେଇକି ପାରିବ । ସେଠୁ ସେ ବାଘୁଆଣି ଡୁକରି ଦେଲା ଯେ ବାଘ ଖାଲିତ ଗାଇଗୁଠ ମେତି ଆସି ଗନେୟ । ତାର ଛୁଆକୁ ବଇଲା ଆୟଛୁଆ ଏତେବେଳେ ଆୟ । ଆଉ ବାଘ ଦୁଧ ରୁଞ୍ଜିବା । ସେତେବେଳେ କହିଲା ଚାଲ ରାଜା ଘରକୁ ଯିବା । ନେଲା ଗାଇଗୁଠ ମେତି ଖେଦି । ରାଜା ଘରକୁ ଗନେୟନେଲେ ରାଜା ଘରକୁ ଖେଦିନେଇ କବାଟ କିଳିଦେନେୟ । କବାଟ କିଳି ଦେନେୟ ବେଳକୁ ସେ କହିଲା ଆଣ ବାଲ୍ଟି ଡେକ୍ଚି । ସାତଭାଉ ବାଘ ଦୁଧ ରୁଞ୍ଜିଦେଲା । ରୁଞ୍ଜିଦେଲା ବଳେ କହିନେୟ ଇମାନକୁ ଖାଇକି ଦିଅ । ବଳେ ଖାଇକି ଆଉ କିସ । ଯାହାକୁ ପାଇବୁ ତାକୁ ଖାଇବୁ । ଆଉ ସିଏ ସେଇ ଅସୁରାଣୀକୁ ଖାଇଦେଲା ।

*ସାବିତ୍ରୀ ସୀତା ନାଏକ*

*କୁଞ୍ଜିଆ, ଚାଟ, ଜରଂଜିଆ*

□□

# ସାଦ୍‌ବ ପୁଅ ଆଉ ଅସୁରାଣି

ସାଦ୍‌ବ ବୁଲ୍‌ହାର ସାତଟା ପୁଅ । ସାତ୍‌ଟା ପୁଅ ଯେ ତାର ଛଅଟା ପୁଅ ବାଆ ହେଇଛନ୍ତି ନି । ସିଠୁ ସେଇ ସାନ୍‌ଟାର ନାଗି କନିଆ ଖଜି ଗେନେୟ । କନିଆ ଖଜିକି ଗେନେୟ, ତାର ଛଅ ବହୁଯାକ କନିଆ ଦେଖିକରି ଆସିନେୟ । ପୁଅର ନାଗି ବାଆଘର୍ ହେଲା । ବାଆଘର୍ ହେଇ କରିକା ସିଠୁ ଇନ୍ତିକା ଆଠ୍‌ମଙ୍ଗଳା ହେଲା । ଆଠମଙ୍ଗ୍‌ଳୀ ଗେଲା । ଆଠ୍‌ମଙ୍ଗଳା ଯାଇକରିକା ସିଠୁ ଆଉ କିସ ସିଏତ ପରମ୍ ଅଜସୁଆ ସାନ୍‌ଟା, ସିଏ କହିଲା ଯେ ଇନାଗ୍ ଆଉ କିସ କର୍‌ବି । ମୁଇଁତ କାମ୍‌ଦାମ୍ ଜାଣିନାଇଁ । କାମଦାମ ଜାଣିନାଇଁ ବଇଲା । ସେଠୁ ଝିଅଟା କହୁଛି ଯେ ଚାଲ ମାଁ ଘରକୁ କୁଣିଆ ଯିବା । ସିଠୁ ପୁଅ କହୁଛି ଯେ ଚାଲ ମାଉସୀ ଘରୁ ଆଗ ଫେରି ଆଇବା । ମାଉସୀ ଘରୁ ଫେରି ଆଇନେ ତେଣିକି ତର୍ ମାଁ ଘରକୁ ଯିବା । ବଳେ ସିଠୁ ତାର ଝିଅ ରାମ୍ପୁଡ଼ି ଛାମ୍ପୁଡ଼ି ହେଉକରିବା ରେଡ଼ି ହେନେୟ । ସିଠୁ ଉଳା ମଲ୍ଲିରି ଘୁଳା ଧଇନେୟ । ଉଳା ମଲ୍ଲିରିଘୁଳା ଧରିକିରି ତାର ମାଉସୀ ଘର୍‌କୁ କୁଣୁଆ ଗେନେୟ । ସିଠେ ଦୁଇଗୁଣ୍ଡିଆ ଝଳିଆ ହେଉଛି । ଝଳିଆ ହଉଛି ଯେତେବେଳେ ସିଠୁ ବର୍‌ଗଛ ମୂଳେ ଠିଆ କରେଇଦେଲା ବହୂଟାକୁ । ସେଠୁ ଠିଆ କରେଇଦେଲା । ଠିଆ କରେଇ ଦେଇକରିକା ଆଉ ସିଏ କହିଲା ଯେ ହେଇଗା ଘର୍ ଦେଖା ଯାଉଛି, ମୁଇଁ କଟେ ଯାଏଁ ଯେ ନିଆଁ କଟେ ମାଗୟଁ ବଇଲା । ସେଇ ନିଆଁ କଟେ ମାଗିକରିକା ଆଣ୍‌ଲା ବେଳକୁ ସିଠୁ ଅସୁରାଣୀ ବୁହ୍ଲି କିସ କରୁଛିନା ବସିଛି । ସିଠୁ ବଇଲା ଏ ମାଉସୀ ଦେ କଟେ ନିଆଁ । ବଳେ ସିଠୁ ଅସୁରାଣି ବଲୁଛି ଏ ବୁବା ତୁଇ ଏକ୍‌ଲା ଆଇଛୁ ନାରେ ଆଉ କିଏ । ନା ତର୍ ବହୂକୁ ଡାକି ଆଣିଛେୟଁ ବଇଲା । ବେଳକୁ ଯାଆ ଯିବେ, ଡାକି ଆଣିବେ ମାଉସୀ ଯାଆ । ଅସୁରାଣୀତ ଖାଲି ଛାନିଆ ହେଲା ଯାଇକି । ଡାକି ଆଣ୍‌ଲା ସିଠୁ ଯାଇ କରିକା ତାର୍ ପୁଅ ବହୂକୁ । ସେଠୁ ସେଇ ଅଦା କାଠ ଅଦା ଚୁଲ୍‌ହି, ଆଉ ସେଇ ଗୁଟେ ଶାଳ ଗଛ ପିଞ୍ଜିଲା, ଦିଆସିଲି ଗୁଟେ ଦେଲା । ଆର୍ ନିଆଁ ନଗେଇକି ଦେଲା ରାନ୍ଧିକରି ଖିଅ ବଲିକିରି । ଆଉ ସେଇ ଅସୁର ସାତେ ଭାଇ ତାଙ୍କର ଯାଇଛନ୍ତି ଇଠ୍‌କି ବଣ୍‌କୁ ଚରିକି । ସିମାନେ ଆଇନେୟ ବେଗି ଖାଇତେୟଁ ଇଗାକୁ, ଇଏ କହୁଛି । ସିଠୁ ଅଦା କାଠ ଅଦା ଚୁଲ୍‌ହି ଆଉତ ଜଳିକି ନାଇଁ ।

ଅଦା କାଠ ଅଦା ଚୁଲ୍‌ହି କିବଲି ରାନ୍ଧିବି
କିବଲି ରାନ୍ଧିବି ମା ସାମୀ କିବଲି ରାନ୍ଧିବି
କୁଞ୍ଚ ପାଟ ଠାରୁ ଫାଳେ ଚିରିବଲି ଦଅ
ଚିରିବଲି ଦିଅ କଇନା ଚିରିବଲି ଦିଅ ।

ସିଠୁ ଚିରି ଦେଲା ସିଏ । ଚିରି ଦେଇ କରିକା ମାଚିସ୍ ମାରି ଦେଲା, ନିଆଁ ନଗିଲା, ଭାତ ତୁଉଣ ହୋଇଗେଲା । ଭାତ ତୁଉଣ ହେଇଗେଲା ଯିନ୍ତି ଖାଇନେୟ, ପିଇନେୟ, ସେଠୁ ସେଇ ବହୂ ଛାନିଆ ହେଉଛି ଆସିକି । ବଳେ ସେ ବୁନ୍‌ହି ପଟଉଛି ରନା, ଡଣ୍ଡେ ବସ୍‌ନା,ର ନାଡଣ୍ଡେ, ର ନା ଡଣ୍ଡେ ବଲୁଛି । ବଳେ ସିଏ ଆଉ ମାନୁଛି ନାଇଁ । ଦେଖୁଛି ଯେ ଅସୁର । ସିଠୁ ପଳେଇ ଆଇନେୟ ଯିନ୍ତି ସିଏ ବଲୁଛି ନେ ବଉ ଇଗା ସରଷ ପାଏ, ଗଣ୍ଡେଇ କରିକା ନେଇୟା ବଇଲା । ଯେଁଠେ ନୁଗାଟା ଚିକିଯାଇଛି ସିଠେ ସରସ ପାଏ ଗଣ୍ଡେଇ ଦେଲା । ସିଠୁତ ଅସୁରମାନେ ପହଞ୍ଚି ଆଇନେୟ । ଦେଖିଲ ମୁଇଁ ଏତେପର ଅପଟା ହେଲି ଯେ ତୁମ୍‌ହେ ଆଇଲ ନାଇଁ, ଇନାଗେ ପରା ଖାଇଥିତ । ଇମାନେ ତ ଉଳା ମଲ୍ଲିରି ଘୁଳାରେ ବସିକିରି ଆଉଛନ୍ତି । ସରସ ଫଳିଫଳି ଆସୁଛି । ସିଠୁ ଅସୁରାଣୀ କହୁଛି ଆଉ ଅସୁରଗାକୁ ଯେ ଫୁଲ ଯେତି ଧୁରିଆ ଫୁଟିଥିଆକେ ତେତ୍‌କି ଧୁରିଆ ତୁମ୍‌ହେ ଯିବି । ସେଇ ଫୁଲ୍‌ରେ ଫୁଲ୍‌ରେ ଡର୍‌ରେଇବ ବଇଲା । ଫୁଲ ଫୁଟିଛି । ଇମାନେ ଆଉ ଘଟ୍‌କେଇ ନେୟ । ସିଠୁତ ଝିଅ କିନ୍ତିକରି ପଛା ନଉଟି କରି ଦେଖିଲା । ନଉଟି ଦେଖିଲା ଯେତେବେଳେ ତ ସିଠୁ ଧାଇଁଛନ୍ତି ଅସୁର ।

ଧାଇଁଲେ ଧାଇଁଲେ ମ ସାମୀ ଅସୁରର ପଲ
ଅସୁରର ପଲଗ ସାମୀ ଅସୁରର ପଲ
କିସେଇଁ କଇନା ତୁମ୍‌ହେ ରୁଦନ କରୁଛ
ରୁଦନ କରୁଛ ଗ କଇନା ରୁଦନ କରୁଛ
ମାରିବି କଟକର ବାଣ ରଖିବି ପରାଣ
ରଖିବି ପରାଣଗ କଇନା ରଖିବି ପରାଣ

ସିଠୁ ସିଏ ପୁଅ ସିନି କହୁଛି ଝିଅକୁ । ଆଉ ସିଠୁ ଯେତେବେଳେ ଡେଗା ମାରିନେୟ ଅସୁର ସେତେବେଳେ ସେଇ ପୁଅ ଫଳି ଦେଲା । ପୁଅ ଝିଅ ଫଳି ଦେନେୟ । ସିଠୁ ଆଉ ଥରେ କହିଲା ମକେତ ଭଉତ୍ ଜୁର୍ ଶୁଷ ନାଗିଲା । ପାଣି

ଖାଇକି ଯାଏଁ ବଇଲା । ସିଠୁ ବନ୍ଧରେ ଯାଇକରିକା ସେଇ ଅସୁରମାନେ ଡୁବିଛନ୍ତି । ଏଇ ପୁଅ ଗେଲା ପାଣି ଖାଇକି । ପାଣିଖାଇକି ଯେତେବେଳେ ଗେଲା ସିଠୁ ଇମାନେ ପାଣି ଖାଇନେୟ ବେଳକୁ ଟଣ୍ଡିରେ କରି କାମ୍‌ଳି ଦେନେୟ । ଟଣ୍ଡିରେ କାମ୍‌ଳି ଦେନେୟ ଯେତେବେଳେ ସିଠୁ ଇଏ ଘୁରି ଦେଖ୍‌ଲା । ଏତେବେଳ ଯାଏଁତ ନୁକଟା ଆଇଲା ନାଇଁ । କିସଯେ କଇଲା ବଇଲା । ସିଠୁ ସେଇ ଝିଅ ଉଳାମଲ୍ଲିରିଘୁଳା ସିଠେ ରାଖି ଦେଇକରିଗେଲା । ଯାଇ ଦେଖିଲା ଯେ ଫଳିଛି ପୁଅ । ସିଠୁ ସିଏ କାନ୍ଦିଲା । କାନ୍ଦିଲା ଯେତେବେଳେ ଆଉ ସେଇ ପିମ୍ପଳିଆଗା ଆସିନେୟ ।

କିସ ପାଇଁ ଯସ୍‌ମା ତୁମ୍‌ହେ ଏତେ ଯେ କାନ୍ଦୁଛ
ଏତେ ଯେ କାନ୍ଦୁଛ ଗ ଯସ୍‌ମା ଏତେ ଯେ କାନ୍ଦୁଛ
କିଟାକୁ ଯସ୍‌ମା ତୁମ୍‌ହେ ଚିନ୍ତା ଯେ କରୁଛଁ
ଚିନ୍ତାଯେ କରୁଛ ଗ ଯସ୍‌ମା ଚିନ୍ତା ଯେ କରୁଛ ।

ସିଠୁ ସେଇ ଇଶର୍ ପାରବତୀ ଆସିନେୟ୍ । ଆସିନେୟ । ଆସିକରିକା ମଣ୍ଡକ୍ଷଟାକୁ ବଞ୍ଚେଇ ଦେନେୟ । ବଞ୍ଚେଇ ଦେନେୟ ଯେତେବେଳେ ସିଠୁତ ସେଇ ପୁଅ ଆଇଲା ଆଉଥରେ । ଆଉ ଥରେ ଉଳା ମଲିରି ଘୁଳାରେ ବସିନେୟ । ଫେର ଆର୍‌ଥରେ ଅସୁରଗା ଧାଇଁନେୟ ତାର୍ ପଛା ପଛା । ଧାଇଁନେୟ ଯିନ୍ତି ପଛବାଟେ ନଉଟି ଦେଖ୍‌ଲା ଝିଅଯେ ହା ଗା ଅସୁରର୍‌ପଲା ।

ଧାଇଁଲେ ଧାଇଁଲେ ମ ସାମୀ ଅସୁରର ପଲ
ଅସୁରର ପଲଗ ସାମୀ ଅସୁର ପଲ
କି ସେଇଁ କଇନା ତୁମ୍‌ହେ ରୁଦନ କରୁଛ
ରୁଦନ କରୁଛ ଗ କଇନା ରୁଦନ କରୁଛି
ମାରିବି କଟକର ବାଣ ରଖିବି ପରାଣ
ରଖିବି ପରାଣବା କଇନା ରଖିବି ପରାଣ

ସିଠୁ ସିଏ ଆଗ ବଡ଼ଟାକୁ ମାଇଲା । ଆଉ ରହିନେୟ ଛଅଟା । ସିମାନେ ସିନ୍ତି ଘଟେକେଇନେୟ ।

ଧାଇଁଲେ ଧାଇଁଲେ ମ ସାମୀ ଅସୁରର ପଲ
ଅସୁରର ପଲଗ ସାମୀ ଅସୁରର ପଲ
କିସେଇଁ କଇନା ତୁମ୍‌ହେ ରୁଦନ କରୁଛ

ରୁଦନ କରୁଛ ତା କଇନା ରୁଦନ କରୁଛ
ମାରିବି କଟକର ବାଣ ରଖିବି ପରାଣ
ରଖିବି ପରାଣଗ କଇନା ରଖିବି ପରାଣ ।

ଇନ୍ତିକିରି ବାଣ ମାରି ମାରି ଛଅଟାକୁ ପକେଇ ଦେଲା । ଯେତେବେଳେ ସବୁ ଅସୁର ମାରିକରିକା ପକେଇ ଦେଲା ସିଠୁ ସାତେଟାରୁ ଛଅଟା ମରି ଗେନେୟ । ଗୁଟେୟ ରହିଲା ଯିନ୍ତି ସିଠୁ ସେଇ ସାନ୍‌ଟା ବଲୁଛି ଭାଇ ମକେ ମାର ନାଇଁ । ତର୍ ନୁଗା ହକାଳିବି, ତର୍ ଗୁଡ଼ ଘସିବି, ତର୍ ସବୁକିଛି କରିବି ବଇଲା । ହଉ ତେବେ । ତୁଇ ପଛା ବସ୍ । ମର ବହୂ ମଝାବସୁ, ମୁଇଁ ଆଗ୍ରେ ବସେଯଁ ବଇଲା । ସିଠୁ ବସିକରି ଗେନେୟ । ଯାଇତେ ଯାଇତେ ସିଠୁ ଆର୍‌ଥରେ ତାର ବହୂବଲୁଛି ମକେତ ଭଉତ୍ ଜୁର୍ ଶୁଷ ନାଗିଲା । ବଳେ ସେ ପିଲା ବଲୁଛି ଭାଉଜ ତମକୁ ଏଡ଼େ ଶୁଷ ନାଗୁଛି କି । ହଁ ମକେ ଇଠେ ଶୁଷ ନାଗୁଛି, ମୁଇଁ ପାଣି ଖାଇବି । ଆଉ ଚାଲ ଯିବା ପାଣି ଖାଇକି ବଇଲା । ପାଣି ଖାଇକି ଯିବି ବଇଲା ବେଳକୁ ସେ ପିଲା ବଲୁଛି ମୁଇଁ ଆଗ୍ରେ ତାହାନେ ଭାଉଜ ଯାଏଁ । ତୁମେ ପଛା ଯିବ । ସିଠୁ ଆଗ୍ରେ ଗେଲା ସେଇ ପିଲା । ଯାଇ କରିକା ବନ୍ଧରେ ସିଏ ଡୁବିଛି । ବନ୍ଧରେ ଯେତେବେଳେ ଡୁବିଛି ସେଠୁ ତାର୍ ବହୂ ପାଣି ଖାଇକି ଗେଲାବେଳକୁ ସେଇ ଟଣ୍ଡିରେ କିଛି କାମ୍‌ଳି ଦେଲା । ଯିଏ ଗୁଡ଼୍‌ତଳେ ଫଳିଥିଲା । କାମୁଳି ଦେଇ କରିକା ତ ସେଇ ପାଣି ଭିତରେ ଡୁବିଲା । ଡୁବି କରିକା ସେଇ ପୁଅ ବଲୁଛି ଯେ ପାଣି ଖାଇକି କାଣେ ଗେନେୟ, ଇଏବି ନାଇଁତ ସିଏବି ନାଇଁ । ତାର୍ କିସ କରିନେୟ ନୁକଗା, ଆସିନେୟ ନାଇଁ ଏତେବେଳ ଯାଏଁ ବଇଲା । ସିଠୁ ଯାଇ ଦେଖିଲା ସେ ଉଳା ମଲିର ଘୁଳା ଚରୁଛି । ଆଉ ବାନ୍ଧି ଦେଇକରି ଗେଲା । ବାନ୍ଧି ଦେଇକରି ଗେଲା ଯେତେବେଳେ ସିଠୁ ଦେଖିଲା ଝିଅଟା ଫଳିଛି । ବେଳ୍‌ରେ କିରି କାମ୍‌ଳ ଦେଇଛି, ଝିଅଟା ଫଳିଛି ଆଉ । ସିଠୁ ସେ ପିଲା ଝିଅକୁ କୁଣ୍ଡେଇ କରିକା କାନ୍ଦୁଛି ଯେ କାନ୍ଦୁଛି । କାନ୍ଦୁଛି ବେଳକୁ ଆଉ କିସ କରିଆକେ । ନିଜେ ଭଗବାନ୍ ଯେତେବେଳେ ଉହ୍ଲିଲା ସିଠୁହେଁ ପିଲା ତର ଏତେ ଦୁଖକି । କିସ ପାଇଁ ତୁଇ କାନ୍ଦୁଛେ ? ନା ମରପରା ଏତେଦୁଖ ବଇଲା । ସିଠୁ ସିଏ ଫଲପାଣିକରି ମାଇଲା ଯେ ଧାଳ୍‌କରି ଝିଅ ଉଠି ବସିଲା । ଧାଳ୍ କରି ଝିଅ ଯେତେବେଳେ ଉଠି ବସିଲା ସିଠୁ ହାଁ ହାଁ ମର୍ ସୁକ୍ ନିଦିରା କିଏ ଭାଙ୍ଗୁଛ ବଇଲା । ବଳେ ଆଛା ସୁକ ନିଦ୍‌ରା ଯାଇଥିଲ ନିତି ବଲୁଛି ସେଇ ପିଲାଟା । ସିଠୁ

ଆରଥରେ ଉଳାମଲ୍ଲିରି ଘୁଳାରେ ବସିନେୟ ଆଉ ପଳେଇ ଆଇନେୟ । ଭଗ୍‌ବାନ୍ ନିଜେ ସୁନାର ବାଡ଼ି ଗୁଟେ ଦେଲା ନେ ଇଟା ଯେଁଠେ ବଡ଼ ପଳିଆ ସିଠେ ତୁଇ ପିଟିବେ ବଇଲା । ସିଠୁ ଆସିନେୟ ଯେ ଆସିନେୟ ଯେ ଆସିକରି ଦେଖିନେୟ ବଡ଼ ପଳିଆ ସେଇ ଅଗ୍‌ନା ଅଗ୍‌ନି ବନସ୍ତରେ, ସିଠେ କରି ପିଟ୍‌ଲା । ପିଟିଲା ଯିନ୍ତି ଘର ଦୁଆର ସବୁ କଥାରେ ହେଲା । ହେଲା ଯିନ୍ତି ସିଠେ ରହିନେୟ । ରହିଯାଇ କରକା ଦିନ୍ ଅସୁରମାନେ ସିଠ୍‌କି ଚରିକି ଆସନ୍ତି । ସେଇ ଜାଗାକୁ । ତାର୍ ସିଠେ ପେଜ ତୁରାଣି ପକେଇଥାଏ, ପାଣିଫାଣି ସବୁ । ସିଗା ଖାଇକରିକା ଯାନ୍ତି ଅସୁର ମାନେ । ସିଠୁ ସେଇ ଝିଅ ବଲୁଛି ଯେ ଇଟାତ ଅସୁରମାନେ ଦିନ୍ ଆଇନେୟ, ଇଠେ ତାହାନେ ବଗିଚା ଗୁଟେ କରଯେ ଆମେ ଘରୁ ଭାଆର୍‌ବା ନାଇଁ ଯିନ୍ତି । ସିଠୁ ସିଏ ସେଇ ଘର ଭିତ୍‌ରେକି ଚୁଅ ଇନ୍ତି ପାଇଖ୍‌ନା ସବୁ କଥାରୁ ହେଲା । ସବୁ କଥାରୁ ହେଲା ଯିନ୍ତି ସିଠୁ ଆଉ ଘରୁ ଭାଆରନ୍ତି ନାଇଁ, ସେଇ ଝିଅ ପୁଅ । ଦିନି ଆସନ୍ତି ଅସୁରମାନେ, ପାଇନେୟ ଖାଇତେୟଁ ।

*ସୁଟୁରୀ ନାଏକ, ବିଶିପୁର, କରଞ୍ଜିଆ*

□□

# ଅଯୁଇଧା କୁମର

ଏକ ରଜା ରାଇଜରେ ରଜା ଆଉ ରାଣୀ । ରଜା ଆଉ ରାଣୀ ଯେ ତାଙ୍କର ସନ୍ତାନ ଆଉ କିଛି ନାଇଁ । ସନ୍ତାନ କିଛି ନାଇଁ ବଲେ ସଠି ରଜା କହିଲା ଆଉ ମୁଇଁ ରାଣୀର ମୁଖ ଚାହିଁବି ନାଇଁ । ପଳେଇବି ଯେଁଆଲେ ହେନେ ବଇଲା । ପଳ୍‌ଲା ।

ପଳାଇଯେ ଗଲାରାଜା ଦଫଖା ଡାଣ୍ଡକୁ<br>
ହାୟରେ ମର ଦଫଖା ଡାଣ୍ଡକୁ<br>
ପଠାଇବ ରାଣୀ ମର ଚିଠିକି ପତର<br>
ହାୟରେ ମର ଚିଠିକି ପତର ।<br>
ଧରିଗଲା ତାର ଯାରେ ଟୁକିକି ଚାକର<br>
ହାୟରେ ମର ଟୁକି କି ଚାକର ।<br>
ରାଣୀଙ୍କର ମୁଖ ମୁଇଁ ଚାହିଁବିଯେ ନାଇଁ<br>
ହାୟରେ ମର ଚାହିଁବିଯେ ନାଇଁ ।<br>
ସିଠୁଁ ପଳ୍‌ଲା । ବଲେ ରାଣୀ ରହିଲା ଏକ୍‌ଲା । ବଲେ ସିଠୁ<br>
ଦଶମାସ ଦଶ ଦିନେ ତପଇସା କରିଲା<br>
ହାୟରେ ମର ତପଇସା କହିଲା<br>
ରାଣୀଙ୍କର ଦିହ ଯେବେ ଅଙ୍ଗକି ଭରିଲା<br>
ହାୟରେ ମର ଅଙ୍ଗକି ଭରିଲା<br>
ଦଶ ମାସ ଦଶତାର ପଂଖକି ବହିଲା<br>
ହାୟରେ ମର ପଂଖକି ବହିଲା<br>
ରାଣୀରଯେ ତାର ଯାରେ ପୁତୁର ଜନମ<br>
ହାୟରେ ମର ପୁତୁର ଜନମ<br>
ନେଖିଯେରେ ଗଲା ତାର ଚିଠିକି ପତର<br>
ହାୟରେ ମର ଚିଠିକି ପତର

ଚିଠି ନେଖିଲା ରଜାକୁ । ଆଉ ପୁତୁର ଜନମ ହେଲା । ରାଜା ଫେରି ଆଇବ ବଇଲା । ସିଠୁ ରାଜାତାର୍ ଟୁକି ଚାକର୍ ମାନ୍‌କୁ କହିଲା ଚାଲ ଚାଲ ଆଉ ରାଣୀର ପରା ପୁତୁର ଜନମ୍ ହେଇଛି । ଆଉ ଘରକୁ ଫେରିଯିବା । ଆଉ ଇଗା ଜିନ୍‌ଷ ପତ୍‌ର ଧର । ସବୁ ପଲ୍‌ବା ବଇଲା । ସିଠୁ ପଳେଇ ଆଇନେୟ ।

ଡାକ ଡାକ ରଜାମର ଧୂବା କି ବାରିକ
ହାୟରେ ମର୍ ଧୂବାକି ବାରିକ ।
ଛୁଆକି କରିବା ରାଜା ଜାତିକି ପତର
ହାୟରେ ମର ଜାତିକି ପତର
ଡାକ ଡାକ ରଜା ମର ଗାଁରେ ଯେ ନୁକ ।
ସିଠୁ ଗାଁର ମଣ୍ଡ ଡାକି ଡାକିନେୟ । ଆଉ ସିଠୁ ନାଁ ଦେନେୟ ।
ନାମଯେ ଉଠିଲା ତାର ଅଯୁଇଧା କୁମର
ହାୟରେ ମର ଅଯୁଇଧା କୁମର

ସିଠୁ କାକୁଲି ଡକ ଯିନ୍ତି ଡକାଇ ଆମର ବାବୁ ସିନ୍ତି ବହ୍ଲିବ ବଇଲା । ସେଠୁ ବହ୍ଲିଲା । ଅଧୁଇଧା କୁମର । ବଳେ ବାପା ମତେ ସିଲଟି ଆଣି ଦିଅ ପାଠ ପହ୍ଲିଯିବି ବଇଲା । ବଳେ ସିଠୁ ସିଲଟି ଆଣିଦେଲା । ଇସ୍କୁଲ୍ ଗେଲା । ପାଠ ପହ୍ଲିଲା ।

ଦିନେ ଯାଉଁ ଯାଉଁ ଯେରେ ଦୁଇ ଦିନି ଗେଲା ।
ହାୟରେ ମର ଦୁଇଦିନି ଗେଲା
ବସିଯେ ଯାଇଛେ ମାଁ ସାତକି ସଙ୍ଗାତ
ହାୟରେ ମର ସାତକି ସଙ୍ଗାତ ।

ଦିନେ ଗେଲା । ଦୁଇଦିନ ଗେଲା । ତିନ୍‌ଦିନ୍ ବଳେ ସଙ୍ଗାତ ବସିଲା । ସାତ୍ ସଙ୍ଗାତ କରିଲା । ପାଠ ଶାଠ ଆଉ ସବୁ ଖେଲରେ ସିଏ ଜିନ୍ତିଲା । ଜନ୍ତିଲାବଳେ ତାର ସାତ ସଙ୍ଗାତ କିସ କହିନେୟନା ରଃ ଆଉ ଇଆକୁ ଦିନେ ସାପ କଣ୍ଡା ଅଡ଼ିବା ବାଟରେ । ସାପ କଣ୍ଡା ଅଡ଼ିନେୟ । ଇସ୍କୁଲ୍‌ରୁ ଆସିଲାବଳେ ଅଦବାଟରେ ସାପକଣ୍ଡା ଅଡ଼ିନେୟ । ଅଡ଼ିନେୟ ବଳେତ ମାଡ଼ିଦେଲା । ମାଡ଼ିଦେଲା ବଳେ ମରିଗେଲା । ମରିଗଲାବଳେ ସିଠୁ କଦୀଳ ଭାଣ୍ଡୁଆ ଆଣିନେୟ । ଆଉ ଡଙ୍ଗା କରିକରି ଭସେଇ ଦେନେୟ ନଦୀରେ । ବଳେ ଅଁଳାଶିରୀ କଇନା ତଳେ ଗାଧୁଥାଏ । ସିଏ ଛାଙ୍କି ନେଇଗେଲା । ଛାଙ୍କି ନେଇକରି ଦେଖ୍‌ଲାଯେ ଶୁଭାକାର ପିଲାଗୁଟେ । ବଳେ ସିଠୁ ନେଇ କରି ରଖ୍‌ଲା । ତାର୍ ମାଁକୁ କହୁଛି ଝିଅଟା

ସଜ ପଖାଲୁ ମାଁ ଦେ୍ବେକିରେ ନାଇଁ
ହାୟରେ ମର ଦେବେ କିରେ ନାଇଁ
ସଜ ପଖାଳ ଭାତ ଖାଇବି ଯେ ନାଇଁ
ହାୟରେ ମର ଖାଇବି ଯେ ନାଇଁ

ବଇଲାବଳେ ସିଠୁ ଶାର୍‌ଗୁଣା ଚହ୍ଲେଇଗା ବଇନେୟ ଯେଁ ଅଁଳାଶିରୀ କଇନା

ଗୁଟେ ମକ୍ଲୁ ଆଣିକରି ସାଉତିଛି ଆଉ ବୁହ୍ଲି ଗାଣଗୁଟେ ଦେତାହେନେ ଆମର ଗୁହୁଗା ଆଣିକରି ନଗେଇ ଦେତା, ଆର୍ ସିଟା ଭଲ ହେଇ ଯିତା । ବଲେ ସିଠୁ ଅଁକାଶିରୀ କଇନା ଶୁଣିପାଇଲା ଆଉ ବୁହ୍ଲି ହଳିଆ ଗୁଟେ ଖେଦି ଦେଲା । ଖେଦି ଦେଲା ବଲେ ସେଇ ଚହ୍ଲେଇଗା ଖାଇନେୟ । ଆଉ ତାଙ୍କର ଗୁହଗା ଆଣିକରି ନଗେଇ ଦେଲା । ମଖେଇ ମୁଖା ଦେଲାବଲେ ଆଉ ମଣ୍ଷ ହେଇଗେଲା । ବଞ୍ଚିଲା ଆଉଥରେ । ବଞ୍ଚିଲାବଲେ ସିଠୁ ତାର୍ ମାଁ ବାପଠେ କହିଲା । ଆଉ ମାଁ ହେଲାକି ବାପା ହେଲା । ମୁଇଁ ଏଇ ପିଲା ସାତିରେ ବିଭାହେବି । କହିଲାବଲେ ସିଠୁ ତାର ମାଁ ବିଭାଦେଇ ଦେନେୟ । ସିଠୁ ଚାର୍ ପାଁଦିନ୍ ରହିନେୟ । ରହିକରି ପଳେଇନେୟ । ଯୁଅ କଇନା ତୁମ୍‌ହେ ମାଁ ବାପ ଠାଣୁ କି ସଇ ଆଣୁଛ ଆଣ, ଘରକୁ ପଳେଇବା । ଏତେଦିନ୍ ହେଇଗେଲାନି ବଇଲା । ବଲେ ସିଠୁ ପଳେଇ ଆଇନେୟ । ପଳେଇ ଆସିକରି ପୁଖରୀ ଆଳିରେ ଆଉ କଇନା ଦେଖୟଁ ଆଉ କିସ ଯଉତୁକ ଆଣିଛ ତୁମର ମାଁ ବାପ ଠାଣୁ କଇଲା । ବଲେ ଆଉ ଧନ ଦୁକାନ୍‌ରୁ ଫାଲେ ନେଇଯା, ରାଇଜ ବାଳିରୁ ଫାଲେ ନେଇଯା ବଲିକରି କହିନେୟ । ନାଇଁ ଆମର୍ ଏତେ କିଛି ଦରକାର୍ ନାଇଁ, ଆମର ଯିଉଡାଣ୍ଡିରୁ ଫାଲେ ଆଣିବ ଯୁଅ । ସିଏ ଯମରଜାର ଝିଅ । ବଲେ ସିଠୁ ଯିଉ ଡାଣ୍ଡିରୁ ଫାଲେ ଦେଲା ଯଉତୁକ । ସିଠୁ ଯଉତୁକ ଆଣିକରି ପଳେଇ ଆଇନେୟ । ବଲେ ତାର ମାଁ ତାର୍ ପୁଅକୁ ଝୁରିଝୁରି ରହିଛି । ଯେତେ ବସିଛି ସିଠେ । ବଲେ ସିଠୁ ଆଇନେୟ । ଆସିକରି ଘରେ ତାରେ ଆରଥରେ ଖେଳ କରିଆକ୍ ସେଇ ଅଯୁଇଧା । ଗୁଟେ ବୁହ୍ଲା ପାଞ୍ଚୁରି କର୍‌ଲା । ସିଠୁ ତାର ସଙ୍ଗାତ ଗାକୁ ଗୁଟେ ଚିଠି ଦେଲା । ଚିଠି ଦେଲା ଯୁଇଧ କରିବା ଆସିବ ବଲି । ଏକାଠାଣେ ଠୁଲେଇ ଦେଲା । ଆଉ ସିଠୁ ପଳେଇ ଆଇଲା । ଫେର୍ ଆଉ ଥରେ ତାର ସାତ୍‌ସଙ୍ଗାତକୁ ଡକେଇଲା । ଡକେଇଲା ବଲେ ସେଇ ଅଁକାଶିରୀ କଇନା କହୁଛି ଆ ତୁମ୍‌ହେଯିବ ନାଇଁ, ମୁଇଁ ଯିବି । ତୁମ୍‌ହେ ତ ଗେନେ ଆଉ ଆସିପାରବ ନାଇଁ, ମୁଇଁ ଯିବି ବଇଲା । ସିଠୁ ଗେଲା । ଆଉ ମୁଇଁ ହେଉଛେୟଁ ଏକ୍‌ଲା । ତମ୍‌ହେ ସାତଝଣ । ଆଉ ନୁଗା ଡେରା ବାନ୍ଧ ବଇଲା । ନୁଗାଡେରା ବାନ୍ଧିନେୟ । ଆଉ ଝଣେ ଝଣେ ଆଇବ । ଏକାବେଳେ ସବୁଗା ଆଇବ ନାଇଁ । ସେଇ ଝଣେ ଝଣେ ଆଇନେୟ ବଲେ ଆଉ ଝଣକୁ ଛୁରି ମାରିଦୟ ଆଉ ହାଲେ ଫାବ୍‌ଲି ଦୟ । ବଲେ ସିଠୁ ଏକାଠାଣେ ଗଦା କର୍‌ଲା । ଗଦା କରିକିରି ତେଲ ଢାଳିଦେଲା । ମାଚିସ ମାରିଦେଲା । ଫୁଡ଼ି ଦେଇକରି ଝିଅଟା ପଳେଇ ଆଇଲା ଘରକୁ ।

*ଦାନି ନାଏକ, ଶରଧା, ଚାଟ, କରଞ୍ଜିଆ*

ପପ

# କନିଆ ମାଁ

ଆଉ ତାର୍ ଆଗୁ ମାଁର୍ ଛୁଆ ହେଉଛି ପଇ । ପଛ ମାଁର ହେଲା ଯେ ଝିଅ ଗୁଟେ ଆଉ ଭଲ୍ ଦେଖିକି ନାଇଁ । ତପଇ ଗୁଟେ ଭଲ୍ ଦେଖିକି ଅଛି । ଆଉ ତାର ମାଆ କହିଲା ଯେ ତାକ୍ତିତ ଖାଇକି ନାଇଁ ଦିଆ ହେଉଛି ଭଲ୍, ଆଉ କୈଁରକମ୍ ସିଏ ଭଲ୍ ଦେଖାଯାଉଛି । ଆଉ ମର୍ ଝିଅତ ଏତେ ସବୁକିଛି ଖାଉଛି ଆଉ ତାକେ କିସେଇଁ ଏରକମ୍ ଦିଶଉଛି । ଦେଇକରି ସିଠୁ ତପଇକି କହିନେୟ ନାଇଁଇଏ ଘରେନେତ ଆଉରି ଭଲ୍‌ଦେଖା ଯିଆକେ, ଇହାକୁ ବଟେଇ ଦେବୀ ଛେଳିରାଖିକି । ଦେଇକିରି ସିଏ ତାର ଦିନ୍ ଛେଳି ରାଖିକି ନୟ । ଦିନେ ଏଇରକମ୍ ଛେଳି ରାଖିରାଖି ତାକୁ ଭୁଖ ନାଗିଲା ଯେରକମ୍ କାନ୍ଦିଲା ସେଇ ବଣ୍ରେ । କାନ୍ଦିଲା ଯେଦି ଗୁଟେ ଛେଳିଟା କହିଲା ତୁଇ କିନାଗି କାନ୍ଦୁଛେ । ନାଇଁ ଏଇରକମ୍ ସେଇରକମ୍, ମର କିନିଆମା ମକେ ହଇରାଣ୍ କରୁଛି । ଖାଇକିନି ଦେଉଛି ନାଇଁ । ଆଉ ମୁଇଁ କେତେଭୁଖରେ ରହିବି । ଦେଇକିରି ଛେଳିଟା କହିଲା ହଉ ତାହାକେ ତୁଇ କାନ୍ଦ ନାଇଁ । ତୁୟ୍ ତାହାନେ ମର ପିଠିରେ ଦୁଇ ବଂଧାଦେ, ଆଉ ତୁୟ୍ ଦେଖିବେ ମରଠାଣୁ ସବୁକିଛି ପାଇବେ, ସବୁ କିଛି ଖାଇବେ । ଦେଇକିରି ସେଇ ତପଇ ଡର୍ଲା, ଯେଦି ଛେଳିଟାକୁ ଘିଟି ଦେବି ଛେଳିଟାତ ମରି ଯିଆକେ, ଆହୁରି ଫେର୍ ମୁଇଁ ମାଡ ଖାଇବି । କହିଲା ନାଇଁ ମୁଇଁ ପଟିବି ନାଇଁ । ସେଇ ଛେଳିଟା କହିଲା ହଉ ତୁଇ ମକେ ଫିଟ୍‌ନା, ଫିଟ୍ ଦେଖିବେ ତୁଇ ଇନାର୍ କେତେ ରକମ୍ ପାଇବେ, କେତେ କିସ ଖାଇବେ । ଦେଇକିରି ଛେଳିଟା କହିଲା ଯିତି ତପଇ ତାର ମୁଣ୍ଡରେ ଦୁଇ ପାହାର ଦେଲା । ଦୁଇ ପାହାର୍ ଦେଲା ଯେ ସିଠୁ ଫଳଫୁଲି ସବୁକିସ ଭାଆରିଲା । ଦେଇକିରି ସିଏ ସବୁଦିନି ଖାୟ ତାର୍ । ତାର୍ ମାଁଟା କହିଲା ଫେର୍ ଇଏତ ଦିନ୍ ଛେଳି ରାଖିକି ନେଉଛି, କୈଁଠେ ଏତେରକମ୍ ଖାଉଛି ଯେ ଆହୁରି ଫେର୍ ଏତେ ବଢ଼ିଆଁ ଦିଶଉଛି । ଦେଇକରି ସେଇ ଝିଅଟାକୁ ଆର୍‌ଥରେ କହିଲା ତୁଇ ଯାନା ତାର ସାଙ୍ଗ୍‌ରେ ଯିବୁ । ଦେଖିବୁ ସିଏ କିସ ଖାଉଛି ଆଉ କୈଁଠୁ ଆଣିକରି ଖାଉଛି । ସେଇ ଝିଅଛୁଆଟା ଦେଇତେ ଗେଲା ତାର ସାଙ୍ଗ୍‌ରେ । ଗେଲାଯେ ଦେଇକିରି ଛେଳିଟା କହିଲା ଇଏତ ଆଜି ଆସିଲାନି । ଇଆର ସାଙ୍ଗରେ, ଆଉ ଆଜି ସବୁ ଦେଖିନାକେ ।

ଇଏ ଦେଖିଗନେ ମକେ ଆଉ ମାରିଦାକେ ତାର ମାଁ । ଦେଇକରି ସେ ଛଆଟାକୁ କେତେ କିସ କହିଲା । ତୁୟଯା ଏଇ ବଣବାଟେ ଆଉରି କେତେଗା ପଳେଇ ଯାଇଛନ୍ତି ଛେଳି ଖଜି ଆଣବେୟା । ଦେଇକରି ସିଏ କହିଲା ମୁଇଁ ଏକ୍‌ଲା ଯିବି ନାଇଁ ଆଉ ଝଣେ ଚାଲ୍ ମର ସାଙ୍ଗରେ, ଏଇରକମ୍ କହିକରି ସିଏ ଆଉ ମୁଟେ ଗେଲା ନାଇଁ । ସିଏ ଆଉ ଗେଲା ନାଇଁ ଛେଳି ଖୁଜିକି । ଗେଲାନାଇଁ ଯେରକମ୍ ଛେଳିଟା କହିଲା ଇଏ ଆଉ କେତେ ଭୁଖ ସହିବ, ମରୟଁ ପଛେ ଖାଇକି ଦେବି । ଦେଇକରି ସେଦିନବି ସବୁରକମ୍ ଖାଇକି ଦେଲା ଆଉ ଘରକୁ ଆଇଲା । ଘର୍‌କୁ ଆଇଲା ଯିନ୍ତି ସେଇଛୁଆଟା ତାର ମାଁକୁ ସବୁ କହିଦେଲା । ଆଜି ମର୍ ମରଣ ଆସିଆକ୍, ହଉ ମୁଇଁ ସିନା ମରିଯିବି, ମକେ ମାରି ଦେନେ ମର୍ ମାଇଁସ ସିମାନେ ଯଁ ଖାଇମେୟନା ତୁଇ ଆଉ ଖାଇବେ ନାଇଁ । ଗୁଟେ ଟିକିରାରେ ନେଇକରି ତୁପି ଦେବେ । ଏଇରକମ୍ କହିଲା । ତାକୁ ମାରିଦେନେୟ, ଆଉ ଖାଇ ଦେନେୟ । ଆଉ ତାକୁ ସେଇ ଛେଳିରି ମାଇଁସଗା ଦେନେୟ ଯେ ସିଏ ଖାଇଲା ନାଇଁ, ନେଇକିରି ତାର ହାଳଗା ଗୁଟେ ଟିକିରାରେ ତୁପି ଦେଲା । ଦେଇକିରି ଗୁଟେ ରାଜାଘର ଗାଁରେ ଗୁଟେ ସଭା ହେଲା । ସଭାହେଲାଯେ ସେଇ ସଭାକୁ ଯାଇକି ସମତେ ଭାରିନେୟ । ଇଆଙ୍କର୍ ମାଆ ଝିଅ ଭାଆରିନେୟ ଆଉ ତପଇକି ନେଉଛନ୍ତି ନାଇଁ । ଦେଇକିରି ତାକୁ ଗୁଡ଼ି ଚାଉଳଗାକୁ ରଖିକରି କାନ୍ଦିଲାକସ୍ । ସେତିବେଳେ ବାଇ ଚଢ଼େଇଗା ଆସୁଥାନ୍ତି । ସିମାନେ ଏଇ ତପଇର କାନ୍ଦଣା ଦେଖିନେୟ । କିସେଇଁ ଝିଅ କାନ୍ଦୁଛେ, ତର ଦୁଖ କିସ କ । ଆମ୍‌ହେ ସବୁ କରି ଦେମୁଁ । ଏଇରକମ୍ କହିନେୟ । ଦେଇକିରି ସିଏ କହିଲା ଏଇରକମ୍ ସଭିଏଁ ସଭା ଦେଖିକି ଯାଉଛନ୍ତି ଆଉ ମକେ ଟିକେ ନେଉଛନ୍ତି ନାଇଁ, ଆଉ ମକେ ଏଇରକମ୍ ଗୁଡ଼ି ଚାଉଳ ବାଛିକି ଦେଇକରି ଯାଇଛନ୍ତି । ସିଠୁ ସିମାନେ କହିନେୟ ହଉ ତାହାନେ ତୁଇ କାନ୍ଦନାଇଁ, ଆମ୍‌ହେ ସବୁ ବାଛି ଦେମୁ । ଦେଇତେ ସିଏ ଗେଲା । ସିଏ ଫେରେ ଆଉ ତାର ସଜବାଜନାଇଁ ସମତେ ସଜ ହେଇକିରି ଯାଉଛନ୍ତି ଇହାର୍ ଦେଖିଲା ବେଳକୁ କିଛି ନାଇଁ । ସଜ ନାଇଁ ମର୍, କିସଁ ପିନ୍ଧିକି ଯିବି, ଦେଇକରି ସେଇ ଛେଳିର ହାଳଗା ନେଇକିରିଁ ଯଁ ତୁପିଥିଲା ନାଇଁନା ଟିକିରାଟାରେ ସେଇ ଟିକିରା କଡିକି ଗେଲା । ଟିକିରା କଡିରେ ଯାଇକରି କାନ୍ଦିଲା କସ୍ । କହିଲା ସମତେ ସଭା ଦେଖିକି ଯାଉଛନ୍ତି, ସମତେ ସଜହେଇକି ଯାଉଛନ୍ତି, ମର୍ କିଛି ସଜ ନାଇଁ, ମୁଇଁ କିସ ନେଇ କରିଯିବି ।

ଦେଇକରି ସେ ଟିକିରାଟାରୁ ଭା'ରିଲା ସୁନା ଜିନିଷ, ନୁଗାପଟା, ଗହଣା ଫହ୍ଣାସବୁ ଭାଥାରିଲା । ସିଏ ତାରେ ସବୁ ଗହଣା ପତର ପିନ୍ଧି କରିକା ଗଲା ସଭା ଦେଖ୍କି । ସଭା ଦେଖ୍କି ଯାଇତେ ଆହ ସେଇ ରାଇକୁମାରଟା କହୁଛି ହାୟଟା ଗୁଟେ ଏତେ ବଢ଼ିଆଁ ଝିଅଟା ଥାଇଛି ଯୁଅନା ଆଣିଆଇବ ଏଇରକମ୍ କହୁଛି । ଦେଇକରି ତପଇତ ଡର୍‌ହିକରି ଧାଇଁଲା । ଶଙ୍କର ମାଁଝିଅ ନାକି ମକେ ଇଠ୍‌କେ ଚାଲାକିକରି ନେଇ ଆସିଛନ୍ତି ନା କିସ, ସେଇ ନାଗି ଏଇ ନୁକ ଦୁଇଟା ମକେ ନେଇକେ ଆସିଛନ୍ତି, ଏଇ ରକମ୍ କହିଲା । ଦେଇକିରି ଧାଇଁଲା । ଧାଇଁ ଧାଇଁ ସିଏ ଆସୁଥିଲା, ବାଟରେ ଫଲିଦେଲା ତାର୍ ଚପଲ୍‌ଟା ସୁନାର ଚପଲ୍‌ଟା । ସେଇ ଚପଲ୍‌ଟା ଫଳି ଦେଲା ଯିନ୍ତି ତାକୁ କୁଣ୍ଡେଇ ନେଇ ଗେନେୟ ସେଇ ରାଜାରେ ତାର ଚେଲା ଦୁଇଟା । ଦେଇକିରି ଏଇ ଚପଲ୍‌ଟା ନେଇ ଗେନେୟ ଯିନ୍ତି ତାକୁ ଦେଖେଇନେୟ । କହିନେୟ ସେଇ ଝିଅଟା ଯଁ ଧାଇଁ ଥିଲା ନା ଇଟା ତାର ଚପଲ୍‌ଟା ଫଳି ଦେଇଛି ଆଉ ତାକୁତ ଆମ୍‌ହେ ଧରି ପାରୁନୁନି । ରାଜାର ପୁଅ କହିଲା ଯେ ହଉ ତାହାନେ ଏଇ ଚପଲ୍‌ଟା ନେଇକିରି ଯୁଅ, ସବୁ ଝିଅମାନ୍‌କେ ପିନ୍ଧେଇବ, ଯାର ଗୁଡ଼ରେ ଏଇ ଚପଲ୍‌ଟା ହାକେ ସେଇ ଝିଅଟାକେ ମୁଇଁ ବାଆ ହେବି । ଦେଇକରି ଇମାନେ ସବୁ ରାଇଜକୁ ଗେନେୟ, ସମତ୍‌କାର୍ ଗୁଡ୍‌କୁ ପିନ୍ଧେଇନେୟ ସେଇ ଚପ୍‌ଲ୍‌ଟା । କାହାରି ଗୁଡକୁ ଆଉ ହେଲା ନାଇଁ । କାହାରି ଗୁଡ଼ରେ ହେଲା ନାଇଁ ଯିନ୍ତି ସେଇ ତପଇ ଘରକୁ ଆସିନେୟ । ଆସିନେୟ ଯିନ୍ତି ତାର ସେଇ କନିଆ ମାଁଟା ଭାଥାରି ପଇଲା । ଆଉ ତାର ଝିଅଟାକୁ ଡାକିଲା ଆୟଲ ଚପଲ୍ ପିନ୍ଧିବୁତ । ଦେଇକରି ସିଏ ଧାଇଁଲା । ସିଏ ଯାଇକରି ପିନ୍ଧିଲା, ତାର୍ ଗୁଡ଼କୁ ଦେଲାନାଇଁ । ତାର ଗୁଡ୍‌କୁ ହେଲାନାଇଁ ଯିନ୍ତି ଆଉ ତପଇ ଦେଖୁଥାଏ । ତପଇକି ଡାକିନେୟ ରଜାର ଚେଲା ଦୁଇଟା । ତପଇ ସିଠୁ ଆଇଲା । ସିଏ ପିନ୍ଧିଲା ଯେ ତାର୍ ଗୁଡ୍‌ରେ ହେଇଗେଲା । ଦେଇକିରି ସେଇ ଝିଅଟା ଆଉ ରାଜାର ପୁଅଟାର୍ ବା'ଘର ହେଲା । ହେଲା ଯିନ୍ତି ତପଇ ଯାଇକରି ରାଜାଘରେ ରହିଲା । ଦେଇକରିକା ଦିନେ ଏଇରକମ୍ ତାର ମାଁ ଡକେଇଲା ଯେ ତପଇ ଆମର ଘରକୁ ଆଇଲା । ତାର ଝିଅଟାକୁ ଆଗୁ ଶିଖେଇ ଦେଇଛି ଯେ ତୁଇ ତପଇକୁ ଡାକି ନେଇଯିବୁ ପୁଖରୀ କନ୍ଦରେ ବସେଇବୁ ଆଉ ଦେଇକିରି କଥା କହିକରି ତାକୁ ମାତେଇ ଦେବୁ । ସିଠୁ ତାଙ୍କର ଦୁଇ ଭଅଣୀ କଥା କହିକରି ବସିନେୟ । ସେ ସାନ୍ ଭଅଣୀଟା କହୁଛି ଦେବା ନୀନା ତର ଗହଣାଗା ମୁଇଁ ପିନ୍ଧୟଁ । ଦେଇକରି ଇଏ

ତାର ଗହଣାଗା ପିନ୍ଧିଲା । ପିନ୍ଧିକରିକା ତାର ମାଁଟା ଗେଲାରେ ପୁଖରୀକି ପେଲେଇ ଦେଲା । ପେଲେଇ ଦେଲା ଯିନ୍ତି ଗାଁରେ ଗୁଟେ ନୁକଟା କଥା । ତାକୁ ଛାକି ଥିଲା । ରାଜାପୁଅ କହିଲା ଏତେ ଦିନ୍ ହେଲା କିସେଇଁ ଆଇଲାନି । ଦେଇକିରି ତପଇ ତାର କନିଆଁ ମାଁ କହୁଛି ନାଇଁ ସେତ ଗାଧିଯାଇଥିଲା, ଏଇରକମ୍ ପୁଖରୀରେ ବୁଡ଼ିମଇଲା । ରାଜାପୁଅ କହିଲା ନାଁ ତୁମ୍‌ହେ ସବୁ ମାରିଛ । ଦେଇକରି ଗାଲ୍‌ଦେଲା ତାଙ୍କର ମାଁ ଝିଅକୁ । ଇଏ ସିଠୁ ଫେରି ଆଇଲା । ଫେରି ଆଇତେ ଦେଖିଲା ଯେ ତପଇ ବସିଛି କାନ୍ଦି କାନ୍ଦିକିରି । ରାଜାପୁଅ ଚିନି ପକେଇଲା ତାକୁ । ତପଇ ତାର ସବୁକଥା କହିଦେଲା ରାଜକୁମାର ଠାଣେ । ରାଜପୁଅ ତାର ନେଇଗେଲା ରାଜବାଟିକି । ସିଠୁ ଇହାଙ୍କର ମାଁ ଝିଅ କହିନେୟ ଆମ୍‌ହେତ ମାରି ଦେଇଥିଲୁ କେରକମ୍ ବଞ୍ଚିଲା । ଆଉ କିରକମ୍‌କରି ମାରିବା । ଦେଇକିରି ଆଉଥରେ ରାଜବାଟି ଗେନେୟ । ରାଜବାଟି ଗେନେୟ ଯେରକମ୍ ତାର ମାଁ ଝିଅକୁ ଟାଙ୍ଗିରିକରି ଛାକି ଦେନେୟ । ତପଇ ଆର୍ ତାରଭାଇ ଭଲ୍‌ରେ ରହିନେୟ ।

*ପାଟ୍‌ପୁର, ଉଦଳା*

□□

# ଭାଇ ଭଅଣୀ

ତାଙ୍କର ଭାଇ ଭଅଣୀଯେ ଆଉ ବାପ ମାଁ କେହି ନାଇଁ । ଇମାନେ ତାଙ୍କର ଭଉତ୍ କଷ୍ଟରେ ଚଳନ୍ତି । କିଛି ନାଇଁନି ଘରେ । ଆଉ ଯେଁଆଳୁ ଆଣିନେ ଖାନ୍ତି । ଦେଇକରି ତା ଭାଇଟା କହିଲା ମୁଇଁ ଯାଏଁ ଆଜି କାଠ ଆଣିକି । ତାର ଭଅଣିଟା ଘରେ ଥାଏ । ଦେଇକିରି ସର୍ଗରୁ ତିନ୍‌ଝଣ ଆଇନେୟ୍ । ସିଠୁ ସିଏ କହିଲା ଇମାନେ ଆସିକରି ପହଞ୍ଚିନେୟ, ମୁଇଁ ଆଉ କିସ ଦେବି ଖାଇକି । ଆଉ ତାର ଭାଇ ଗୁଟେ ଆମ୍ ଆଣିଥାଏ । ଏଇ ଆମ୍‌ଟା ଥାଉ ମୁଇଁ କାଠରୁ ଆସିନେ ଖାଇବା ଏଇରକମ୍ କହୁଥାଏ । ସିଠୁ ଇମାନେ ଯିନ୍ତି ପହଞ୍ଚିଗେନେୟ ସେଇ ଆମ୍‌ଟାକେ ତିନ୍‌ଫାଳ କରିଦେଲା । ତିନ୍ ଝଣକୁ ଦେଲା କାଟିକାଟି । ଆମ୍ ଫାଳେ ଫାଳେ ଖାଇକରି ସିଠୁ ସେଇ ଝିଅଟାକୁ ପଚାରିନେୟ ତୁମର୍ ଘରେ କିଏ ଅଛି । ନାଁ ଆମର ବାପ, ମାଁ କେହି ନାଇଁନି, ଆମର ଭାଇ ଭଅଣି ଅଛୁଁ କହିଲା । ତାହାନେ ତର ଭାଇ କାଆଣେ ଯାଇଛେ ? ନା, କାଠ ଆଣିକି ଯାଇଛି । ସିମାନେ ତ ଆମ୍ ଖାଇକରି ଖୁସି ହେଇ ଗନେୟ । କହିନେୟ ତୁମର କେଇରକମ୍ ଚଳୁଛ । ନା ଆମର ଯେଁ ଆଳୁ ଆଣିନେ ଖାଉଛୁଁ । ଆମର ଘରେତ କିଛି ନାଇଁନି । ଦେଇକରିକା ତିନ୍‌ଝଣ କହିକରି ଗେନେୟ ଯେ ଝଣେ କହିଲା ମୁଇଁ ତକେ ଗୁଟେ କଥା କହିକରି ଯାଉଛେୟଁ । ସେଟାତର୍ ଦିନ୍ ହାକେ । ତୁଇ ଗାଧିଁକରିକା ଖାଙ୍କି ହେବେ ଯେତେବେଳେ ତର୍ ମଥାରୁ ସୁନା ଝରିଥାକେ କହିଲା । ଆଉ ଦେଇ କରିକା ସିଏ ତାର ହଁ କହିଲା । ଆଉ ଝଣେ କହିଲା ତୁଇ କଥା କହିବେବେଳେ ତର ପାଟିରୁ ଭଲ୍‌ଭଲ୍ ଜିନ୍‌ଷ ଭାଆରିଆକ୍ । ଆଉ ଝଣେ କହିଲା ତୁଇ ଗାଧିକି ପଁଛି ହେଲା ବେଳକୁ ତର୍ ଦିହରୁ ହୀରା ମାଣିକ ବାହାରିଆକ୍ । ଏଇରକମ୍ କହିକିରି ସିମାନେ ପଳେଇଗେନେୟ । ପଳେଇ ଗନେୟବଳେ ତାର ଭାଇଟା କାଠ ଆଣିକିରି ପହଞ୍ଚିଲା । ଆଉ ମକେ ଖାଇକି ଦେ କହିଲା । ତାର୍ ଭଅଣୀଟା କିସ ଖାଇକି ଦାକ୍ । କିଛି ତ ନାଇଁନି । ଆମ୍‌ଟାତ ସିମାନଙ୍କେ ଦେଇଦେଇଛି । କିଛିତ ନାଇଁନି । ଆଉ କିସ ଖାଇବେ ଏଇରକମ୍ କହିଲା । ନା ଆମ୍‌ଟା ଆଣିଥିଲି ଯେ କାହାକୁ ଦେଲେ । ନା ସର୍ଗର ଏରକମ୍ ତିନିଝଣ ଆଇଥିନେୟ ଆଉ ମୁଇଁ ସିମାନଙ୍କେ ଦେଇଦେଲି ।

ସିମାନେ ଖାଇକରି ଗେନେୟ । ଆଉରି ମକେ କହିକରି ଯାଇଛନ୍ତି ଯେ ତୁଇ ଏ· ·କମ୍ ଏରକମ୍ କହିନେ ତର୍ ମୁଣ୍ଡରୁ ସୁନା ଭାଆରିଆକେ, କଥା କହିନେ ଭଲ୍ ଭଲ ଜିନ୍ଷ ଭାଆରିଆକେ, ଦିହରୁ ହୀରା ମାଣିକ ଭାଆରିଆକେ । ସିଏ ଏରକମ୍ କହିଲା ଯେରକମ୍ ଭାଇଟା କହିଲା ହଉ ତୁଇ ଥରେ ପରୀଖା କର୍‌ନା, ଦେଖିବା । ଦେଇକରି ସିଏ ଗାଧିକି ଗେଲା । ଗାଧିକରି ମୁଣ୍ଡ ମୁଣ୍ଡା ବୁଡ଼ି ଆସିକରି ଖାଙ୍କି ହେଲା । ଖାଙ୍କି ହେଲା ଯେ ଯେଁମାନେ ଯାହା କହିଥିନେୟ ସେଇରକମ୍ ସବୁ ଭାଆରିଲା । ଭାଆରିଲା ଯିନ୍ତି ତାର୍‌ଭାଇ ସୁନାଗାକେ ଧରିକରି ହାଟ୍‌କୁ ଗେଲା । ହାଟ୍‌କୁ ଗେଲାଯେ ଗୁଟେ ରାଜାଥାଏ । ଇଆଙ୍କର୍‌ତ ଏତେ ଗରିବ, ଇଏ ସୁନା କେଁଠୁ ଆଣିଲା ଇନ୍ତି କହିଲା । କହିଲା ଯିନ୍ତି ତାକୁ ପଚାରିନେୟ । ଏୟ ତୁଇ ସୁନା କେଁଠୁଆଣିଲୁ ? ସିଏ କହିଲା ମର୍ ଭଅଣୀ ଖାଙ୍କି ହେନେ ମଥାରୁ ଭାଆରୁଛି, ଗାଧିକରି ପଁଛିହେନେ ତା ଦିହରୁ ଭାଆରୁଛି, ଏଇ ରକମ୍ କହିଲା । ଦେଇକିରି ଯାନା ତେବେ ତର୍ ଭଅଣୀକେ ଡାକି ଆଣିବେ ସତ ନା ମିଛ । ଇଏ ସିଠୁ ତାର୍ ଭଅଣିକେ ଡାକିକି ଗେଲା । କହିଲା ତୁଇ ଆୟ୍ ଆଉ ଏରକମ୍ ସେରକମ୍ ରାଜା ଘର କହୁଛନ୍ତି । ଆଉ ଯୁଦି ସତ ହ୍‌କେ ତାହାନେ ରାଜାତାର୍ ପୁଅ ନାଗି ତକେ ବହୂକରି ଆକେ । ଦେଇକରି ସିଠୁ ଇଏ ଗେଲା । ଗୁଟେ ବଣ ପାହାରିକିରି ଯିମେୟ । ସେଇ ବଣ୍‌ରେ ଗୁଟେ ଅସୁରାଣୀ ବୁହ୍ଲିଟା ଥାଏ । ସିଏ କିସ କଇଲାନା, ତାର ଭାଇ ଆଗ୍‌ରେ ପାହାରି ଆଇଲା ଯେରକମ୍ ତାର ଭଅଣୀଟାକୁ ଡାକି ନେଇଗେଲା । ଡାକି ନେଇକିରି ମୁଣ୍ଡରେ ଗୁଟେ ପିନ୍‌କଣ୍ଟା ଖେଚିଦେଲା । ଖେଚି ଦେଲାଯେ ତାର୍ ଭଅଣିଟା ଗୁଟେ ଚିହ୍ନେଇ ହେଇକିରି ଉଡିଗେଲା । ଆଉ ସେଇ ଅସୁରାଣୀଟା ତାର ଭଅଣୀ ରୂପେ ସାଜିଲା । ଦେଇକରିକା ସେଇ ଅସୁରାଣୀଟାକେ ନେଇକରି ଇଏ ରାଜାଘରେ ପହଞ୍ଚିଗେଲା । ପହଞ୍ଚିଗେଲା ବେଲ୍‌କୁ ତାକୁ ଗାଧିକି କହିନେୟ, ଗାଧିଲା । ଆଉ ମୁଣ୍ଡ ଖାଙ୍କିଲା ବେଳକୁ ଖାଲି ଉଖୁଣୀ ଗା ଭାରିନେୟ । ମେଞ୍ଚାମେଞ୍ଚା ଭାଆରିନେୟ । ଆଉ ଏଇରକମ୍ ଗାଧିକରିକା ନୁଗାରେ ପଁଛି ହେଲା । ଖାଲି ମଳିଗା । ଦେଇ କରିକା ତାର ଭାଇଟାକୁ ଁକସ୍ ପାଚି କର୍‌ନେୟ । କାଇଁ ତୁଇତ କହୁଥିଲେ ମର ଭଅଣୀ ଖାଙ୍କିହେନେ ସୁନା ଭାଆରି ଆକେ, ପଁଛି ହେନେ ହୀରା ମାଣିକ ଭାଆରିଆକେ, ଦେଇକରି ମକି ଉଖୁଣୀ ଏଇରକମ୍ କହିନେୟ । ଫେରେ ରାଜା ତାର ଭାଇଟାକୁ ମିଛ କଥା କହୁଛେ, ତୁଇଜିହଲରେ ଥା, ଏଇରକମ୍ କହିନେୟ । ଦେଇକରି ତାର

ଭାଇଟାକୁ ଢିହଲ୍ ଦେଇ ଦେନେୟ । ଅସୁରାଣିଟା ତାର ସିଠେ ରହିଲା । ନିଳଇକରି ସେଇ ଯିଁ ଚନ୍ଲେଇଟା ନାଇଁନା, ତାର ଭଅଣୀ ଚନ୍ଲେଇ ହେଇକରି ପଢି ଥିଲା ଆସିକରି ରାଜାଘର ବାଳିରେ ଗୁଟେ ଗଛରେ ବସିଲା । ଗଛ ଉପ୍ରେ ବସିକରି ତାର ଭାଇ ନାଁରେ ଗୀତ ଗାଇଲା । ରାଜା ପୁଅଟା କହିଲା କିଏଟା ଇଠେଗୁଟେ ଇତ୍ତି ବଢ଼ିଆ ଗୀତ ଗାଉଛି ଏରକମ୍ କହିଲା । ଦେଇକରି ରାଜା ପୁଅଟା ଧରିକି ଗେଲାବେଳକୁ ସିଏ ଆଉ ଧରେଇ ହେଲାନି । ଦେଇକରିକା ତାର ଭାଇଟା ନିଜେ ଗେଲା । କହିଲା ମର୍ ନାଁରେତ ଗୀତ ବଲୁଛି ମୁଇଁ ଯାଏଁନା ଦେଖୟଁ ମର୍ଠାଣେ ଧରେଇ ହେଉଛିନା ନାଇଁ । ଦେଇକିରି ତାର ଭାଇଠାଣେ ଧରେଇ ହେଲା ବେଳକୁ ଆଉ ଥରେ ତାର ଭଅଣୀ ହେଇଗେଲା । ତାର ଭାଇ କହିଲା ଇଟା ଦେଖ ମର୍ ଭଅଣୀ ଆଉ ସିଟା ମର୍ ଭଅଣୀ ନାଇଁ । ସିଟା ଅସୁରାଣୀଟା । ହଉ ଇଟା ଯଦି ତରଭଅଣୀ ଦେଖିବାନା ସିଏ ଗାଧୁ କୁଣ୍ଡରେ ଦେଖିବା କିନ୍ତି ଭାଆରିଆକେ । ଦେଇକରି ଇଏ ସେରକମ୍ ଗାଧିଲା । ଗାଧିକରି ଭାଆରିଲା ଯେରକମ୍ ହୀରା ମାଣିକ ସବୁରକମ୍ ଭାଆରିଲା । ସିଠୁ ତାର ଭାଇକି ଖୁଲାସ୍ କରିଦେନେୟ, ସେଇଝିଅ ଆଉ ରାଜା ପୁଅକୁ ବିଭା କରେଇ ଦେନେୟ । ଆଉ ସବୁରକମ୍ ମାଇଁସ ଫାଇଁସ ଖାଇକି ଦେନେୟ ।

*ପାଟପୁର, ଉଦଳା*

ଦଦ

# ମୂଳାବତୀ କଥାଣି

ରାଜାଘର ମୂଳାବୁଣି ଥିନେୟ ଯେ ତାର ଦିନ୍ ଗାଧିକି ଯାଏ । ଦିନ୍ ଗାଧିକି ଯାଏ ଯେ ଦେଖୟ କିଏ ମୂଳା ବୁଣିଛି । ମୂଳା ଶାଗ ଦୁଇଟା ଦେତେହେନେ ମୁଇଁ ଖାଇତି, କହିକରିକା ସବୁଦିନେ ଦେଖି ଦେଖିକା ପଳେଇ ଆସୟ । ଆଉ ସିଏ ଦେଲା ନାଇଁ ବଳେ ପଳେଇ ଆଇଲା । ଆଉ ଦିନେ ଯାଇ କରିକା ତାରେ ସେଦିନ୍ ମୂଳା ଉଠଉଥିଲା ସିଏ । ଉଠଉଥିଲା ଯିନ୍ତି ଉଠେଇତେ ଉଠେଇତେ ଛୁତିକା ହେଲା ସିଠେ । ଛୁତିକା ହେଲା ଯିନ୍ତି ଛୁଆଟାକୁ ମୂଳାଗଛ ମୂଳେ ଶୁଏଇ ଦେଇକରିକା ଶାଗଟା କୁହ୍ଲେଇ କରି ପଳେଇଆଇଲା । ସେଇ ଛୁଆଟାତାର ଅତିଶୟ କାନ୍ଦୁଛି । ସିଏ ପଳେଇ ଆଇଲା ଯିନ୍ତି ଛାଳି ଦେଇକି ରାଜାପୁଅ ଆଇଲା ସେଇ ବାଳିକି । ଆସିଲା ଯେରକମ୍ ଶୁଣିଲା କେଁଠି ଛୁଆ କାନ୍ଦୁଛି । ଦେଖିଲାବଳେ ମୂଳାଗଛ ମୂଳେ । ଆଉ ସିଠୁ ଟାର ପାଇଗେଲା ଯିନ୍ତି ସେଇଛୁଆଟାକୁ ତାର ମାଁକୁ ଦେଲା ରାଣୀକି । ରାଣୀ କହୁଛି ବାପାଲ କେଁଠୁ ଆଣିଲୁଲ ଏଇଛୁଆ । ନା, ଆମର ବାଳିରେ ଥିଲା । ଇଆକୁ ଆଉ ସମ୍ଭାଳିବା । ସିଠୁ ତାର ମାଁ କେତେ ହେପାଜୁତ୍ କରିଲା । ଆଉ ସିଏ ଆସ୍ତେ ଆସ୍ତେ ବଡ଼ ହେଇଗେଲା । ରାଜାପୁଅ ଆଉ କେଁଦିନୁ ଦେଖିନାଇ ତାକୁ । ଇନ୍ତି ହେଇତେ ହେଇତେ ଦିନେ ସେଇ ମୂଳାବତୀର ମଥା ମଳି ହେଇଗେଲା । ତାର୍ ମଥା ଧୁଇଲା । ଧୁଇକିରି ଦୁଇଟା ଖଟ ପକେଇଦେଲା । ଗୁଟେ ଖଟ୍‌ରେ ବୁଝି ପକେଇ ଦେଲା, ଆଉ ଗୁଟେ ଖଟ୍‌ରେ ସିଏ ଶୁଇଲା । ସିଠୁ ରାଜାପୁଅ ଆଇଲା । ରାଜାପୁଅ ଆଇଲା ଯିନ୍ତି କିସ କହିଲାନା ଇଟା କିଏ ଆସିଛି । ନା ଲ ବାପା ତୁଇ ଯାଁ ପାଇ ଆଣିଥିଲେ ଝିଅ । ଆଉ ବର ପାତ୍ର ଦେଖ । ବାହାଘର୍ କରିବା । କହିଲାବଳେ ନାଇଁ ମାଁ ମୁଇଁ କାହାରିକା ବିଭା ଦେବି ନାଇଁ । ମୁଇଁ ନିଜେ ବାଆ ହେବି । କହିଲା ବଳେ ଛିଃ, ତୁଇପରା ନିଜେ ପାଇ ଆଣିଛେ, ମୁଇଁ ନିଜେ ହେପାଜୁତ କରିଛେଁ । ସିଏ ଭଉଣୀ ହାକେ । ଆଉ ତୁଇ ବାଆହେବେ'କିନ୍ତି । ନାଁ ମୁଇଁତ ବାଆ ହେବି । ଦେଇକରି ସିଠୁ ତାର୍ ବାଆଘର୍ ହେଲା । ବାଆଘର୍ ହେଲା ଯିନ୍ତି ଆଉ ଛୁଆପିଲା ହେନେୟ । ଶାରୀ ଆଉ ଶୁଆ । ସିଠୁ ରାଜାପୁଅ ଶିକାର କରିକି ଭାରିଲା । ଭାଆରି କରି ଗେଲା । ଗେଲା ଯିନ୍ତି ଅଦବାଟ୍‌ରୁ ତାରାବତୀ ତାକୁ ଛେଙ୍କିଲା । ତାରା ବତୀ

ଛେଙ୍କି କରି ରଖିଲା । ରାଜା ପୁଅକୁ ଭାତ୍ ତୁଣ କରିକିରି ଖାଇକି ଦେଲା । ତାର ନାଗି ବିଛଣା କରି ଦେନେୟ, ତାର ନୁଗା ପଖାଳି ଦେନେୟ । ତେଲ ମାରିଦେନେୟ, ତାରାବତୀ ଯାହା କରି ଦେନେ ଆଉ ରାଜାର ମନ୍‌ନିତି ହୟ୍ ନାଇଁ । ସଦାବେଳେ ମୂନାବତୀର କଥା କହୟ । କହୟ ବଳେ ତାରାବତୀ ଆଉ ବଟେଇଲା ତାର୍ କାମ୍‌ତୁଣୀକି ମୂନାବତୀକି ନେଇ ଆସିବେ ଯାଆବଲି । ମୂନାବତୀକୁ ନେଇ ଆଣିକରି ଆଉ ରଖିଲା ଗୁଟେ ଘରେ । ତାର ଭାଲିଆ ତେଲ ପେଳିକରି ରଖିଥାଏ । ମୂନାବତୀ ଆଇଲା ଯିନ୍ତି ଆଉ ଆସ ଆସ ତୁମକୁ ଗୁଡ଼ଧୁଇ ଦେବା ବଇଲା । ଧୁଇ ଦେଇକରି ଭାଲିଆ ତେଲ ଦେଇ ଦେଲାଯେ ତାର୍ ଗୁଡ଼ଗା ଫଟ୍‌ଫାଟ୍ ଫାଟିଗେଲା । ଫାଟି ଗେଲା ଯିନ୍ତି ତାର୍ କାନ୍ଦିଲା । କାନ୍ଦି କୁନ୍ଦିକିରି କେତେ ଦିନ୍‌ରେ ଭଲ ହେଲା । ଭଲ ହେଲାଯିନ୍ତି ଆର୍‌ଦିନ ତାରାବତୀ ଧାନ କୁଟିକି କହିଲା । ବଥାଗୁଡ଼ରେ ଇଏ ଆଉ କରି ପାଇଲାନି । ସିଠୁ ସେଙ୍କେଇକି ଗେଲା । ସେଙ୍କେଇକି ଗେଲା ଯିନ୍ତି ସିଏତାର ଧଡ୍‌କେଇଲା ଯେ ଧଡ୍‌କେଇଲା ଯେ କେଞ୍ଚୁ ମାଇଲା । ଇନ୍ତି ହେଇକରି ତାର କେତେକଷ୍ଟ ହେଲା । ଦେଇକିରି କହିଲା ହେ ଭଗବାନ୍ ମର୍‌ଗୁଟେ ଘର ହେଇ ଯିତାକି ମୁଇଁ ସିଠେ ରହିତି । ମର୍ ଛୁଆମାନଙ୍କୁ ନେଇକିରି ରଖିତି । ରାଜାପୁଅ ମକେ ଚାହିଁଲା ନାଇଁ, ମୁଇଁ ଆଉ କେତେ କଷ୍ଟ ସହିବି । ସିଠୁ ତାର ଗୁଟେ ଘର ହେଇଗେଲା ବଣ୍‌ରେ । ଇଏତାର୍ ଯାଇକରି ସେଇଘରେ ରହିଲା । ଯିନ୍ତି ସିଠେ ରହିଲା ଦିନେ ଜଉର୍ ମେଘ ବର୍‌ଷା ଆଇଲା । ଜଉର ମେଘ ବର୍‌ଷା ଆଇଲା ଯିନ୍ତି ରଜାପୁଅ ସେଦିନ ଶିକାରରୁ ଫେରୁଛି । ଦେଖିଲା ଡୁଳି ଉପରେ ଗୁଟେ ଘର ଅଛି । କହିଲା କେଁଆଳେ ଗନେ ସିଠେ ପହଞ୍ଚିବି କହିକିରି ଧାଇଁଲା । ଯାଇ କରି ବର୍‌ଷାରେ ଭିଜିଭିଜି ପହଞ୍ଚିଗେଲା । କହିଲା ମାଉସୀ ତୁମ ଘରେ ଆଜି ରଇବି, ତାହାନେ ଶୁଇବାକୁ ଟିକେ ଦେବନା ପିଣ୍ଡାରେ । ହଁ ଆଉ ବାଟ ଭିଖାରୀକି ଦେବା ନାଇଁନା । ଇନ୍ତି କହିନେୟ ବଳେ ସିଠେ ରହିଲା । ଆଉ ରହିଲା ବେଲ୍‌କୁ ଶୁଆଶାରୀ କିସ କହିନେୟ ନା ଥାଉ ଦେ ତାହାନେ ମାଁ ଦୁଇଟା ଗପ କହିବେ । କିସ କହିବି, କହିକରିକା ମୂଳରୁ କହିଲା । ମୂଳର୍ କହିଲା ଯେ ତାହାନେ ମୁଇଁ କେଁତେ ଅବସ୍ଥା ହେଇଛେୟଁ । ମର୍ ମାଁ ଇନ୍ତି ଶାଗ ଉଠେଇତେ ଉଠେଇତେ ମୁଇଁ ଜନ୍‌ମ ହେଲି । ମୂନାବାଳିରେ ମକେ ଛାଡ଼ିଆଇଲା । ରାଜା ପୁଅ ନେଇଗଲା ଆଉ ନେଇକରିକା ମକେ ରଖିଲା । ଫେର୍ ମକେ ବାଆହେଲା । ବାଆ ହେଇକରିକା ଛୁଆ ଦୁଇଟା

ହେଇସାରିନେୟ ବଳେ ଶିକାର ଭାଆରିଲା । ଶିକାର ଭାଆରିଲାବଳେ ତାରାବତୀ ଛେଙ୍କିଲା ତାକୁ । ଛେଙ୍କିକରିକା ତାକୁ ରଖିଲା । ଆଉ ତାକୁ ଯିନ୍ତି ଭୁଲେଇ ନେଇଗେଲା ମତେ ଆଉଥରେ ତାରାବତୀ ଶୁକୁଟାମହନୀ ଦେଇକରି ମାଲୁଆଣିଠାରୁ ଆଉ ଆଣି ଆଇଲା । ଆଣି ଆଇଲା ଯେ ଭାଲିଆତେଲ ମଖେଇ ଦେଲା । ଗୁଡ଼ ମର୍ କେତେ ଘା' ଛଉ ହେଇଗେଲା । କେତେ କଷ୍ଟରେ ଭଲ୍‌ହେଲି । ସିଠୁ ଧାନ୍ ନୁଟେଇଲା । ଧାନ କୁଟି ପାଇଲି ନାଇଁ । ଧାନ ସେଙ୍କେଇକି ସିଠୁ ଗେଲିଯେ ଆଉ କେଞ୍ଚ୍ ମାଇଲା । କେତେମର୍ ପୂଜା ଅପ୍‌ପା କଇଲି । ପାକାଘର ଇଠେ ସିଠୁ ହେଲା । ସିଠୁ କହିଲା ବଳେ ଆଉ ଧିର ହେଇଶୁଇପଳ ଛୁଆମାନେ । ଦେ ମାଁ ଆଉ ଦୁଇଟା କହିଦେ, ଉହୁଁ, ଉହୁଁ କରି କହିନେୟ । କହିନେୟ ବଳେ କେତେଯେ ମର୍ ଦୁଖର କଥା କହିବି, କହିନେ ସରିଆକ୍‌ନି କହିତେ ରାଜାପୁଅ ଆଉ ଆସିକରି ମୂଳାବତୀଠାଣେ ପରିଚୟ ଦେଲା ଆଉ ମୂଳାବତୀକୁ ନେଇଗେଲା ।

*ପାଟ୍‌ପୁର, ଉଦ୍‌ଳା*

□□

# ମାଣିକ ରାଜା, ବିଦାଧର ଆଉ ରଙ୍ଗବତୀ

ମାଣିକରାଜା ଯେ ତାର ଝିଅ ରଙ୍ଗବତୀ । ବିଦାଧର ଘର ତାଙ୍କର ମହାଜନ ଘର ଯେ ଆଉ ଧାନ୍ ଚାଉଳ, ରଙ୍ଗବତୀ ଘର ନାଇଁ । ରଙ୍ଗବତୀ ଘର ନାଇଁବଳେ ତାଙ୍କର ବିଦାଧର ଘରକେ ଗେନେୟ । ଗେନେୟ ବଳେ ସିଠୁ କିମ୍ବା ମହାଜନ ଘରକୁ ଆଉ ଦେଖିଲା ଯିନ୍ତି ଖଟ ପନଙ୍କ, ପାଣି ପାନ ଦେନେୟ । ଦେଇକିରି ସିଠୁ କହିଲା ଦିନେତ ରାଜା ଆଉ ଆସୁଛ ନାଇଁ, ଆଜି କିସନାଗି ଆଇଲ ତୁମ୍‌ହେ ଆମର ଘର୍‌କେ । ସିମାନେ କହିନେୟ ତୁମର ଧାନ୍‌ଧୁନା ଦେଉଛ ଆଉ ଆମ୍‌କେ ଦିଅ । ଆମର ଆଉ ଏସୁଁ ଖାଇକି କିଛିନାଇଁ । ସିଏ କହିଲା ତୁମ୍‌ହେତ ରାଜାନୁକ, ରାଜାଘର ନୁକ ଆମର ଘରକେ ଆଇଲ । ତୁମର ଘର ଜିନିଷ କିଏ ଖାୟାକେ, ଆଉ ତୁମ୍‌ହେ ଆଇଲ । ନା ଆଇନୁ । ଆମର ଖାଇକି ଅକୁଲାଣ ହେଲା । ଆଉ ଦିଅ । କହିଲା ଧାନ ଯଦି ଦେଇ ନାଇଁ ପାର୍‌ବି ମୁଇଁ ମର୍ ରଙ୍ଗବତୀକି ବିଭାଘର୍ କର୍‌ବି । ନହେନେ ଗୁଟୁରଗୁମାର ଛେଲାଟା ତସିବ । କହିଲାବଳେ କିମ୍ବା ମହାଜନ କହିଲା ଏତ୍‌କିଧାନ୍ ସୁଝି ପାରିବ ନାଇଁ ଯେ ଆର୍ ତୁମର ଝିଅଟାକେ ବିଭାଘର କରିଦେବ । ତାହାନେ ଗୁଟୁର୍‌ଗୁମା ଛେଲାଟାନି ତସୁଁ । ତାକୁ ଖାଇକି ଦାଇକି ଯାହା ଦେନେୟ ସିଏ ନେଇକରି ଘର୍‌କେ ଗେଲା । ଧରିକରି ଆଇଲା ବଳେ ରଙ୍ଗବତୀ ଝିଅ କହିଲା ବାପା ଆଣିଲୁନା, ପାଇଲୁ । ଆଉ ଯା ଝିଅ ଘର ଦୁଆର ନେସିବ, ଆଜି ହାଣ୍ଡିଶରାଦ କରିବା । ସିଠୁ ତାଙ୍କର ଘର ଦୁଆର ନେପିନେୟ । ହାଣ୍ଡିଶରାଦ କରିନେୟ । ଉଆଧାନ କୁଟିନେୟ୍, ଢଳଖିଆ କରିନେୟ୍, ଯାଆକି ତାର ସବୁକିଛି କରିନେୟ୍ । ସବୁକିଛି କରିନେୟ୍‌ବଳେ ଖାଇକିରି ହଳଧରିକରି ଗେଲା ତାରବାପା ଧାନ୍ ବୁଣିକି । ଗୁଟୁର୍‌ଗୁମା ଛେଲାକେ ଯେତେବଳେ ଧାନ୍ ଧରିକିରି ଗେଲା ତାର ମାଁ ବାସିଆମ୍ ନେଇଦେଲା । ଧାନ୍ ବୁଣିଲା । ଧାନ ବୁଣି ସାରିକିରି ସିଠୁ ତାର ବାପ ଆଇଲା । ସିଠୁ ବର୍‌ଷା ହେଲା । କେତ୍‌ଦିନ୍‌ଗେଲା । ପନ୍ଦର ଦିନ୍ ମାସେ ଗେଲା । ସିଠୁ ରୁଆ ବିହିଲା ହେଲା । ରୁଆ ବିହ୍‌ନା ଯେତେବଳେ ହେଲା

ସିଠୁ କହିଲା ଆଜି ବିହିଳିକି ମୁଇଁ ନେଉଛେଇଁ ବିଆର୍‌କୁ । ଆର୍ ଝିଅମାନେ ତୁମ୍‌ହେ ଯିବ ବାଟିଆ କରି । ତାର ବାପ ହଳଧରିକରି ଗେଲା । ଆଉ ଝିଅମାନେ ବାଟିଆ କର୍‌କି ଗେନେୟ । ବାଟିଆ କରିନେୟ । ପଳେଇ ଆଇନେୟ । ଫେର୍ ବାଛିକି ଗେନେୟ, ବାଛା ହେଲାବେଳେ । ବାଛିକରି ସିଠୁ ଆଇନେୟ । ଝଳା ଛିଣ୍ଡେଇନେୟ । ସିଠୁ ଧାନ ପାକିଲା । ଧାନ କାଟିନେୟ । କାଟିକରି ସିଠୁ ଆଇନେୟ, ମଡ଼େଇନେୟ୍ । ସିଠୁ କିମ୍ବା ମହାଜନ ଘରକେ ଯେତେବେଳେ ଧାନ ସୁଜିକି ଆଣିମେୟ ସେତେବେଳେ ବିଦାଧରଭାଆରିଲା । କହିଲା ଇନାତ ରଙ୍ଗବତୀ ଘର ଧାନ ସୁଜ୍‌କି ଆଣିମେୟ । ମୁଇଁ ଏତେବେଳେ ଯାଏଁ ବଗଲା । ସିଠୁ ତାର ଗାଧି ଆଇଲା । ରାମ୍ପୁଡ଼ି ଛାମ୍ପୁଡ଼ି ହେଲା । ଖାଇଲା, ଦାଇଲା ଉଆରିଲା । ରଙ୍ଗବତୀ ସିଏ ତାରେ ତେଲ ସାବନ୍, ଛାୟା, ଶାଲ୍‌ହି ସବୁକିଛି ଧରିକିରି ଗାଧିକି ଆଇଲା ବନ୍ଧକୁ । ଆଇଲା ଯେତେବେଳେ ସେଇ ଗାଧୁଆ ଘାଟ୍‌ରେ ବିଦାଧର ପହଞ୍ଚିଲା । ଆଉ ରଜା ଘର ଝିଅ, ... ଦେଇକରି ତାରେ ରଜିମଜି ହେଉଛି । ରଜିମାଜି ଯେତେବେଳେ ହେଉଛି ସିଠୁ ଇଏ କହୁଛି କିସ ରାଜାଘର ଝିଅ, କିସ ବଲିବି । ଯା ହେଉ ପଚାରେଯଁ । ସିଠୁ ପଚାର୍‌ଲା ।

କାହାଘର ଝିଅ କାହାଘର ବହୂ
କାହାଘର ଝିଅ କାହାଘର ବହୂ
ଉଢ଼ୁଣା ଆଡ଼େଇ କୁହହ ହାଇ ହାଇକରମ ।
ତୁମକୁ ବଲଇଁ କୁଳିଆ ଭାଇହ
ରାସ୍ତା ଫଳିଛି କୁଆ ହଇହ ହାଇହାଇ କରମ ।
ରଙ୍ଗବତୀ ମର ରଙ୍ଗର ଯୁବତୀ
ତୁମଠାରେ କଥା ଅଛିହ ହାଇ ହାଇ କରମ ।
ଛାତିଏ ପାଣିରେ ସଇତ କରିବା
ଚଉଦ ବରଷ ଦେଖା ଛୁହାଁହ ହାଇ ହାଇ କରମ ।
ତୁମକୁ ବଲଇଁ କୁଳିଆ ଭାଇହଁ
ରାସ୍ତା ଫଳିଛି କୁଆ ହଇହ ହାଇହାଇ କରମ
ବାପାକୁ କହିବ ମାଁକୁ କହିବ
ମର ଠାଣେ କିସ କଥାହ ହାଇ ହାଇ କରମ ।

ବାପାକୁ କହିବ ମାଁକୁ କହିବ କଲିଲା ଯିନ୍ତି ବିଦାଧର ତାର ମାଁ ବାପ ଠାଣିକି ଗେଲା । କହିଲା ବାପା ହେଲାକି ମାଁ ହେଲା ଆଉ ଧାନ ନେଇ ଦବୁ ନାଇଁ, ତୁମର ଝିଅଟା ମକେ ବିଭାଘର କରିଦେବ । ହଉ ଝିଅଟା ଯେଁଠେ ହେନେତ ବିକ୍ରି କର୍ବି । ଘରେ ରଖାଟା ଯେ ଆଉ ଘରେ ରଖ୍‌ବିନା, ଦେଇଦେବି କହିଲା । ସିଠୁ ସିଏ ତାର କଣ୍ଠା ଦେଇକିରି ଗେଲା । ଶୁକ୍ରୁରବାର ଦିନ ବାଆଘର ହୋକେ, ଆଠ୍ ଦିନ୍ ଭିତରେ ବଇଲା । ତାର ଧାନ୍ ଚାଉଳ କୁଟେଇଲା । ଧାନ୍ ଚାଉଳ କୁଟେଇକରି ଭୁଜା କରେଇଲା । ଯା ନାଗେ ଅଲ୍‌ତା ସୁନ୍ଦୁର ସବୁକିଛି କର୍‌ଲା । ରଙ୍ଗବତୀଘର ସବୁକିଛି କରିନେୟ । ଆଉ ବିଦାଧର ଘର ତାର କିମ୍ମା ମହାଜନ୍ କିଛି କଇଲା ନାଇଁ । ବାଜାବିଜାଇଁ, ଶଙ୍ଖ କିଛି କର୍‌ଲା ନାଇଁ । ବିଦାଧର ତାର ବରସଜ ହେଇକରି ଯିନ୍ତି ଆଇଲା । ଆସିଗେଲା ଯିନ୍ତି ସିଠୁ ସେଇ ଗାଁରଗା ଚାଲ ବନ୍ଦେଇବାକୁ ଯିବା କହିନେୟ । ସିଠୁ ବନ୍ଦେଇକି ଆଇନେୟ । ଖାଇତେ ଦାଇତେ ଦେନେୟ । ବାହ୍ମଣ ଡାକି ଆଣିନେୟ । ବାଆଘର ହେଇଗେଲା । ସିଠୁ ବଇଲା ଆସ ଆଉ ମର ଝିଅକେ ନେଇ ଛାଡ଼ିଯିବା । ନେଇଛାଡ଼ି ଯିବା କହିଲା ଯେତେବେଳେ ସଭିଏଁ କହିନେୟ ଏଡ଼େ କିମ୍ମା ମହାଜନ୍, ସିଏ ଖାଇକି ଦାକ୍ ନାଇଁ । ଆଉ ଆମ୍‌ହେ ଯିମୁ ନାଇଁ । ନା ମୁଇଁ ଚାଉଳ ଛେଳି ଦେଉଛେୟଁ, ଖାଇକରି ତୁମ୍‌ହେ ଆଇବ ପଛେ ମର ଝିଅକେ ନେଇ ଛାଳି ଆସ । ତୁମର ଝିଅକେ ମୁଇଁ ନେଇ ଛାଳେୟଁ ଆଉ ମର୍‌ଝିଅକେ ତୁମ୍‌ହେ ନେଇ ଛାଳିବ ନାଇଁ । ହଉ ଯିମୁ । ସମତେ ସାଙ୍ଗ୍‌ସାଥ୍ ହେଇକରି ରାମ୍ପୁଡ଼ି ଛାମ୍ପୁଡ଼ି ହେନେୟ, ରେଡ଼ି ହେନେୟ । ଆଉ ଚାଲ ନେଇ ଛାଡ଼ିକି ଯିବ୍ରା । ତାର କନିଆ ଆଣିକିରି ଆଉ ପହଞ୍ଚେଇ ଦେନେୟ ବଳେ ବିଦେଇ ବୁନ୍ଦା ନେଇ ଗେନେୟ । ଖାଇକି ଦାଇକି ଦେନେୟ । ଆର୍‌ଦିନ ସଖାକୁ ସାନ୍‌କଟି ଛେଳିଛୁଆ, ଉଆ ଚାଉଳ ପାଞ୍ଚପାଇ ଆଣିଦେଲା । ପାଞ୍ଚପାଇ ଯେତେବେଳେ ଆଣିଦେଲା ଆମ୍‌ହେ ଇଗା ଖାଇମୁନି ଝିଅକୁ ଛାଳିଛୁଲା ଦେଇକରି ଆମ୍‌ହେ ଯାଉଛଉଁ କହିନେୟ୍ । ତୁମର ଇଗା ଥାଉ ଆମ୍‌ହେ ପଳଉଛୁଁ ବଇନେୟ୍ । କିନ୍ତି ପଳେଇବ, ଖାଇକରି ଯିବନାଇଁ । ତୁମର ଝିଅକୁଁ ଆଣି ଛାଳିଲ ଆଉ ଖାଇଦାଇ କିରିଯିବ ନାଇଁ । ସିଠୁ କହିନେୟଁ ହଉ କଥାଟା ମାନିବା । ଅରୁଆ ଚାଉଳ ରାନ୍ଧ, ଛେଳିଛୁଆ କଟି କାଟା ସିଠୁ ଖାଇକରି ଆମ୍‌ହେ ଯିବା କହିନେୟ । ଖାଇନେୟ, ଦାଇନେୟ, ଝିଅକୁ ଗତେଇ ଦେନେୟ ଆଉ ପଳେଇ ଆଇନେୟ ।

ସିଠୁ ତାର୍ ଆର୍‌ଦିନ କିମ୍ବା ମହାଜନ ତାର ସାତ୍‌ପୁଅକେ ଡାକିଲା । ଯେତେବେଳେ ଡାକ୍‌ରା କର୍‌ଲା ସମତେ ଆଇନେୟ । ସିଠୁ କହିଲା କିଏ କେତେ ଟଙ୍କାରେ ଚଳି ପାର୍‌ବ । ତାର ଛଅପୁଅ ଦୁଇଟଙ୍କା କହିନେୟ । ତାର ସାନ୍‌ପୁଅ ବିଦାଧର ଯେତେବେଳେ କହିଲା ମୁଇଁ ପାଞ୍ଚଟଙ୍କା ନହେନେ ଚଳି ପାର୍‌ବିନି । ସମତେ ଦୁଇଟଙ୍କାରେ ଚଳି ପାର୍‌ମେୟ ଆଉ ତୁଇ କିନ୍ତି ଚଳି ପାର୍‌ବୁ ନାଇଁ । ତର ଛୁଆପୁଆ ଆଉ ବେଶିଯେ ତୁଇ ପାଞ୍ଚ ଟଙ୍କାରେ ଚଳିବେ । ଯୁଅ ଯିବ ବଣିଜବେପାର ବଇଲା । ସିଠୁ ପୁଅମାନେ ବଣିଜ ବେପାର ଯେତେବେଳେ ଗନେୟ ରଙ୍ଗବତୀକୁ ଗୁଟେ ଉଆସରେ ରଖ୍‌ଦେନେୟ । ଯେତେବେଳେ ବଣିଜବେପାର ଗେନେୟ ଆଠଦିନ୍ ହେଲା । ଆଠ୍‌ଦିନ୍ ହେଲାବଳେ ରଙ୍ଗବତୀର ଭାଉଜଗା କହିନେୟ ଆଜି ରଙ୍ଗବତୀ ଘର ଆଠ୍‌ମଙ୍ଗଳା ଆଉ ଆମ୍‌ହେ ଯିମୁଯେ । ସିଠୁ ତାଙ୍କର ବୁନ୍ଦିଆ ଛାକିନେୟ । ମିଠେଇ ଛାକିନେୟ । ଜିନିଷ ପତର ସବୁ ଯୁଗାଳିନେୟ – ଯିବାବଲି । ଯୁଗାଳିକରି ସିଠୁ ଆଇନେୟ । ପହଞ୍ଚିନେୟ ଯିନ୍ତି ନିପାଁପଁଛା ନାଇଁ, ତାର ଘର୍ ଦୁଆର ପଳିଆ ପଳିଛି । ଘର୍ ଯେତେବେଳେ ପଳିଆ ପଳିଛି କହୁଛି ଆଜି ରଙ୍ଗବତୀର ଆଠମଙ୍ଗ୍‌ଳା ନିଁପା ପଁଛା ନାଇଁ । କିଛିନାଇଁ, ଇଆଙ୍କର ଭାଇଙ୍କର ଭାଇମାନେତ ଗନେୟ ବଣିଜ ବେପାର କରିବି, କିଏ ଅଛିଯେ ଆଉ ଆଠ୍‌ମଙ୍ଗଳା କରମେୟ୍ । କେହିନାଇଁ ଘରେ ହେନେ ଆମ୍‌ହେ କିସନାଗି ଆଉ ରହିମୁ । ଆମ୍‌ହେ ତାହାନେ ରଙ୍ଗବତୀ ଫେରିଯାଉଁ । ଇଗା ଜିନ୍‌ଷ ପତ୍‌ରଗା ତୁଇ ରଖ । ଆଉ ତୋର ମାଁ ବାପାକୁ ବଟେଇ ଦେମୁ । ଆମ୍‌ହେ ପଳଉଛୁଁ । ଶାଶୁ ଶଶୁରା ଆଉ ଯାମାନେ ଅଛନ୍ତି କହିକିରି ଯୁଅ ଆଉ ଇନ୍ତି କିନ୍ତି ଯିବ । ସିଠୁ ଇମାନେ ତାର ଶାଶୁଠାଣିକି ଗେନେୟ । ମାଉସୀ ଆଜି ତୁମର ଆଠ ମଙ୍ଗଳା ନାଇଁ । ଆଜିତ ଆମର୍ ଆଠ୍‌ମଙ୍ଗଳା ନାଇଁ, ପୁଅତ ନାଇଁ ଘରେ, ବଣିଜ ବେପାର ଯାଇଛନ୍ତି । ଆଉ କିନ୍ତି କର୍‌ବି ଆଠ୍‌ମଙ୍ଗଳା । ପୁଅ ଯେବେ ଘୁର୍‌ବ ତେବେ କର୍‌ବି, ନହେନେ ନାଇଁ । ଆମ୍‌ହେ ତାହାନେ ଫେରିଯାଉଛୁଁ । ତୁମରତ ଅଠ୍‌ମଙ୍ଗ୍‌ଳା ନାଇଁ ଆଉ କିସନାଗି ତାହାନେ ରହିମୁଁ । ଗୁଟେୟ ଦିନ ଶାଶୁ ଶଶୁରା ଆସିନେୟ ଆଉ ଦେଖ ଚାହିଁ କରି ଝିଅକୁ ଯିମେଁୟ । ତାଙ୍କର ଫେରି ଆଇନେୟ । ଫେରି ଆଇନେୟ ଯେତେବେଳେ ତାର୍ ମାଁ ଧାଇଁ ଆଇଲା, ତାର ବହୂ ପାଖକୁ । ବଇଲା ବହୂ ରଙ୍ଗବତୀ ଭଲନା ଆଉ କିନ୍ତି । ଦେଖ୍ ଚାହିଁକରି ଦେଇଛ ଭଲ ଘରେ, ଆଉ ଭଲ୍ ହାକ୍ ନାଇଁ କିନ୍ତି ହାକେ । ରଙ୍ଗବତୀ ତାର ଉଆସରେ ଥାଏ । ତା ଭାଉଜ ଘରିକା ଯାହା ନେଇ ଦେଇଥିନେୟ ସବୁ

ଶାଇଦେଇ କିରି ସିଏ ରହିଲା । ସିଗା ସବୁ ସରିଆଇଲାବଳେ ମର୍ ଆଉ କିଛି ବୁଦ୍ଧି ଦିଶୁନାଇଁ, କିନ୍ତିକିରି କର୍‌ବି ବଇଲା । ତାର ଗୁଟେ ପାଟ ନୁଗା ନେଇଥାଏ । ସିଠୁ କହୁଛି ଇଟାରେ ହେନେ ଫାଶ ଦେଇ ଆଉ ମୁଇଁ ମରିଯିବି । କିସ ଖାଇବିଯେ ଆଉ ରହିବି । ମର୍ ଶାଶୁ ପଚାର୍‌ଲା ନାଇଁ, ମର୍ ଶଶୁରା ପଚାର୍‌ଲା ନାଇଁ । ମର୍ ଯା ପଚାର୍‌ଲା ନାଇଁ କିସ ଖାଇକରି ମୁଇଁ ଆଉ ରଇବି । କହିଲା ଯେତେବେଳେ ଗୁଟେ ବାହ୍ମଣ ବୁହ୍ଲା ଆଇଲା ମାଗିକେ । ଏ ଝିଅ ଦେରେୟ ମୁଠେ । ନାଇଁ ଶୁଣ୍‌ଲାବଳେ ଡୁଣ୍ଡକି ଦେଖ୍‌ଲା ଯେ ସେଇ ମଠା ନୁଗାଟା ପାଗ୍ ଦେଉଛି ଦଉଲା ଦେବା ନାଗି । ଝିଅ ଝିଅ, କିସ ନାଗି ଆଉ ମଥାନୁଗାଟା ପାଗ୍ ଦେଉଛୁ ? ନା ବାପା ଯାହାକି ଜିନ୍‌ଷ ପତର ଆଣିଥିଲା ଆଇଲିବେଳେ ଆଉ ମର ଭାଉଜମାନେ ଆଣି ଦେଇଥିନେୟ ଏତ୍‌କି ବର୍‌ଷ ଖାଇଲି ଆଉ କିଛି ନାଇଁ, କିସ ଖାଇବି ଯେ ରଇବି । ସିଠୁ ବାହ୍ମଣ ବୁହ୍ନା କହିଲା ନାଇଁ ଜୀବନ୍‌କୁ ଏତେ ବାଧା କର୍‌ନାଇଁ, ଆଜିରି ଭିତରେ ମୁଇଁ ବିଦାଧରକୁ ବଟେଇ ଦେବି । ସିଠୁ ବୁହ୍ଲାଟାର କଥା ମାନିକରିନି ନୁଗାଟା ଗୁଟେଇ ଦେଇକରି ଥିର୍ ହେଇ କରିନି ବସିଲା । ବସିଲା, ଖାଉଛିନା କିସ କରୁଛି । କିଛି ନାଇଁ ଯେତେବେଳେ ସିଠୁ ଆଉ ଶୁଇ ଫଳିଲା ରାତି ହେଲାବଳେ ।  ରାତି ହେଲାବଳେ ଶୁଇଫଳିଲା ଯିନ୍ତି ସିଠୁ ଅମିସାରାତି ଇନ୍ତି ହେଇକରି ସେଇ ବୁହ୍ଲାଟା ପହଞ୍ଚିଲା । ସିମାନେ ଭାତ ଖାଇ ବସିଥାନ୍ତି ବିଦାଧର ଘରି କହିଲା ବିଦାଧର ବିଦାଧର । ବିଦାଧର ସିଠୁ ଧାଇଁ ଆସି କହିଲା ବାପା କିନାଗି ଡାକ୍‌ରା କରୁଛେ । ନା ବାପ ଯେଁ ଝିଅଟା ଆଣିଛୁ ସେଇ ଝିଅଟା ମଠାନୁଗା ଆଣି ଦଉଲା ଦେଇକେ ପାଗ୍ ଦେଉଛି । ମୁଇଁ କିସ ଖାଇବି ବାପା, କିସ ପିନ୍ଧିବି, କିସ ମାଖିବି, ମଣ୍ଡରେ କିଛି ନାଇଁ ଇନ୍ତି କହିକିରି ଜୀବନ ରଖିବି ନାଇଁ କହୁଛି । ତୁଇ ଆଜିରି ଭିତ୍‌ରେ ଦେଖିହେନେ ଆସିବୁ ଯା । ନା ଭାଇମାନେ ମକେ ବଟେଇ ଦେତେ ହେନେ ସିନା ଯିତି । ଆଉ ନାଇଁ ବଟେଇ ଦେନେ କିନ୍ତିଯିବି । ନା ସମତେ ଶୁଇଫଲ୍‌ମେୟବଳେ ଆଉ ଅମିସା ରାତି, ତୁଇ ନୁକିକିରି ଯିବେ । ଖାଇନେୟ ଦାଇନେୟ, ଆଉ ତାର ଭାଇଯରି ସମତେ ଶୁଇ ଫଳନେୟବେଳେ ଇଏ ଆଉ ଆସିଗେଲା । ଆସିକରି ସିଠୁ ଡାକିଲା ।

ରଙ୍ଗବତୀ ମର ରଙ୍ଗର ଯୁବତୀ
ରଙ୍ଗବତୀ ମର ରଙ୍ଗର ଯୁବତୀ
କବାଟଟେ ଖୁଲିଦିଅର ହଇହାଇ କରମ ।

ଏତେ ନିଶାରାତି କିଏ ସେ ଡାକୁଛି
ଏତେ ନିଶାରାତି କିଏ ସେ ଡାକୁଛି
ମ ସାମୀ ନାହାନ୍ତି ଘରେହ ହଇ ହଇକରମ ।
ବିଦାଧର ବର ମୁଁ ହ ତୁମର
ବିଦାଧର ବର ମୁଁହ ତୁମର
କବାଟଟେ ଖୁଲି ଦିଅହ ହଇ ହଇ କରମ ।

ସିଠୁ କବାଟ ଖୁଲି ଦେଲା । କବାଟ ଯେତେବେଳେ ଖୁଲି ଦେଲା ତାର ଘରେ କିଛିନାଇଁ ଦେଖିଲା । ଯାହାକି ଜିନ୍ଷପତର ଥିଲା ସବୁ ସଇଲା । କିସ ଖାଇବାକୁ ଦେବି । ହାଣ୍ଡିଟାରେ ଗଣ୍ଡେ ଚୁଳାଥାଏ । ଚୁଳାଗଣ୍ଡେ ହାତୁ ଆଣିଲା । ପାଣିକଟେ ଆଣି ସାନିଦେଲା । ଆଉ ଖାଇକି ଦେଲା ତାର ସାମୀକେ । ଖାଇଲା, ଖାଇକରି ସିଠୁ ଶୁଇନେୟ । ଯେତେବେଳେ କୁକ୍କା ଡାକିଲା ଆଉ ଇନାର୍ ଯାଉଛେୟଁ ବଇଲା । ବିଦାଧର ତାର ହାତର ମୁଦିଟା ଦେଇଦେଲା । ସିଠୁ ରଙ୍ଗବତୀ କଇଲା ଆଉ ଶଶୁର ଦେଖିନେ ରାଗିବେ, ଶାଶୁ ଦେଖିନେ ରାଗିଆକେ, ଯା ଦେଖିନେ ରାଗିମେୟ, ମୁଇଁକାଇଁ ରହିବି ବଇଲା । ନା ରାଗିନେ ହାତର୍ ଗାମୁଛା ଆଉ ମୁଦି ଦେଖେଇବେ । ଆଉ ଯେଁ ପୁତ୍ରଟାହାକ୍ ତାକେ ପୁଟୁଗଡ଼ ବଲି ନାଁ ଦେବେ । କହିକିରି ବିଦାଧର ଗେଲା । ସିଠୁ ତାର ରହିଲା । ଇନ୍ତି ହେଇତେ ହେଇତେ କିନ୍ତି ଭିନେ ଭିନେ ଜଣାଫକିଲା । ସିଠୁ ଦିନେ ତାର ଯାଗା ସମତେ ଡାକିନେୟ, ରଙ୍ଗବତୀ ଆସିଲାପରୁତ ଆଉ ଡାକିଲିନାଇଁ, ତୁଣ୍ଡେଇଲି ନାଇଁ, ସିଏ ତାର ଉଆସରେ ରହିଲା, ଆମର ଉଆସରେ ଆମ୍ହେ ରହିନୁ । ଡାକ ଆମ୍ହେ ଗାଧିକି ଯିମୁ କହିନେୟ । ସିଠୁ ଗାଧି ଗେନେୟ । ତାର ଶାଶୁ ଆଉ ଛତ ଯା ହେଇକରି ଗାଧି ଗେନେୟ । ଛଅ ଯା ହେଇକିରି ଗେନେୟ ଯେତେବେଳେ ଡାକିକି ଆଉ ମରତ ପାଇଟି ଆରିନାଇଁ, ଆଉ ତୁମର ଯୁଅ ଗାଧି ଆଇବ । ଏ ତାର ପାଇଟିଟା ଏତେ ପରିକା ସରିଥାଏ ନାଇଁ, ଆୟ ଯିବା ଗାଧି ଆଇବେ । ରାଗି ହେନେୟବଳେ ଭଏ ତାର ବେଲାଟା ରଖି ଦେଲା, ଆଉ ଗାଧିକି ଗେଲା । ମର୍ତ ଇନ୍ତିବି ମର୍ବି, ସିନ୍ତିବି ମଂର୍ବି, ମର୍ ଆଉ ଜୀବନଟା ଠିକ୍ ରହ୍ୟାକ୍ଯେ ଏତେ, ମରେଇ ଦେନେ ଦେମେୟ । ଜାଣିଲିଯେ ମର ବାପ, ମାଁ, ଭାଇ, ଭାଉଜ ସମତେ ମକେ ଜାଣିକରି ଦେଇଛନ୍ତି ମରିବା ନାଗି, ଆଉ ଯାଏଁ । ଦେଇକରି ସିଠୁନି ଗେଲା । ଗେଲା ଯେତେବଳେ ତାର ଶାଶୁ କହିଲା ଆଉ ମର୍ ପୁଅତ ଘରେ

ଶାଇଦେଇ କିରି ସିଏ ରହିଲା । ସିଗା ସବୁ ସରିଆଇଲାବଲେ ମର୍ ଆଉ କିଛି ବୁଦ୍ଧି ଦିଶୁନାଇଁ, କିତିକିରି କର୍‌ବି ବଇଲା । ତାର ଗୁଟେ ପାଟ ନୁଗା ନେଇଥାଏ । ସିଠୁ କହୁଛି ଇଟାରେ ହେନେ ଫାଶ ଦେଇ ଆଉ ମୁଇଁ ମରିଯିବି । କିସ ଖାଇବିଯେ ଆଉ ରହିବି । ମର୍ ଶାଶୁ ପଚାର୍‌ଲା ନାଇଁ, ମର୍ ଶଶୁରା ପଚାର୍‌ଲା ନାଇଁ । ମର୍ ଯା ପଚାର୍‌ଲା ନାଇଁ କିସ ଖାଇକରି ମୁଇଁ ଆଉ ରଇବି । କହିଲା ଯେତେବେଳେ ଗୁଟେ ବାହ୍ମଣ ବୁହ୍ଲା ଆଇଲା ମାଗିକେ । ଏ ଝିଅ ଦେରେୟ ମୁଠେ । ନାଇଁ ଶୁଣ୍‌ଲାବଲେ ଡୁଣ୍ଡକି ଦେଖ୍‌ଲା ଯେ ସେଇ ମଠା ନୁଗାଟା ପାଗ୍ ଦେଉଛି ଦଉଳା ଦେବା ନାଗି । ଝିଅ ଝିଅ, କିସ ନାଗି ଆଉ ମଥାନୁଗାଟା ପାଗ୍ ଦେଉଛୁ ? ନା ବାପା ଯାହାକି ଜିନ୍‌ଷ ପତର ଆଣିଥିଲା ଆଇଲିବେଳେ ଆଉ ମର ଭାଉଜମାନେ ଆଣି ଦେଇଥିନେୟ ଏତ୍‌କି ବରଷ ଖାଇଲି ଆଉ କିଛି ନାଇଁ, କିସ ଖାଇବି ଯେ ରଇବି । ସିଠୁ ବାହ୍ମଣ ବୁନ୍‌ହା କହିଲା ନାଇଁ ଜୀବନ୍‌କୁ ଏତେ ବାଧା କର୍‌ନାଇଁ, ଆଜିରି ଭିତରେ ମୁଇଁ ବିଦାଧରକୁ ବଟେଇ ଦେବି । ସିଠୁ ବୁହ୍ଲାଟାର କଥା ମାନିକରିନି ନୁଗାଟା ଗୁଟେଇ ଦେଇକରି ଥିର୍ ହେଇ କରିନି ବସିଲା । ବସିଲା, ଖାଉଛିନା କିସ କରୁଛି । କିଛି ନାଇଁ ଯେତେବେଳେ ସିଠୁ ଆଉ ଶୁଇ ଫଳିଲା ରାତି ହେଲାବଲେ । ରାତି ହେଲାବଲେ ଶୁଇଫଲିଛା ଯିନ୍ତି ସିଠୁ ଅମିସାରାତି ଇନ୍ତି ହେଇକରି ସେଇ ବୁହ୍ଲାଟା ପହଞ୍ଚିଲା । ସିମାନେ ଭାତ ଖାଇ ବସିଥାନ୍ତି ବିଦାଧର ଘରି କହିଲା ବିଦାଧର ବିଦାଧର । ବିଦାଧର ସିଠୁ ଧାଇଁ ଆସି କହିଲା ବାପା କିନାଗି ଡାକ୍‌ରା କରୁଛେ । ନା ବାପ ଯେଁ ଝିଅଟା ଆଣିଛୁ ସେଇ ଝିଅଟା ମଠାନୁଗା ଆଣି ଦଉଳା ଦେଇକେ ପାଗ୍ ଦେଉଛି । ମୁଇଁ କିସ ଖାଇବି ବାପା, କିସ ପିନ୍ଧିବି, କିସ ମାଖିବି, ମଣ୍ଡରେ କିଛି ନାଇଁ ଇନ୍ତି କହିକିରି ଜୀବନ ରଖିବି ନାଇଁ କହୁଛି । ତୁଇ ଆଜିରି ଭିତ୍‌ରେ ଦେଖ୍‌ହେନେ ଆସିବୁ ଯା । ନା ଭାଇମାନେ ମକେ ବଟେଇ ଦେତେ ହେନେ ସିନା ଯିଚି । ଆଉ ନାଇଁ ବଟେଇ ଦେନେ କିତିଯିବି । ନା ସମତେ ଶୁଇଫଲ୍‌ମେୟବଲେ ଆଉ ଅମିସା ରାତି, ତୁଇ ନୁକିକିରି ଯିବେ । ଖାଇନେୟ ଦାଇନେୟ, ଆଉ ଟାର ଭାଇଯରି ସମତେ ଶୁଇ ଫଲନେୟବେଳେ ଇଏ ଆଉ ଆସିଗେଲା । ଆସିକରି ସିଠୁ ଡାକିଲା ।

ରଙ୍ଗବତୀ ମର ରଙ୍ଗର ଯୁବତୀ
ରଙ୍ଗବତୀ ମର ରଙ୍ଗର ଯୁବତୀ
କବାଟଟେ ଖୁଲିଦିଅର ହଇହାଇ କରମ ।

ଏତେ ନିଶାରାତି କିଏ ସେ ଡାକୁଛି
ଏତେ ନିଶାରାତି କିଏ ସେ ଡାକୁଛି
ମ ସାମୀ ନାହାନ୍ତି ଘରେହ ହଇ ହଇକରମ ।
ବିଦାଧର ବର ମୁଁ ହ ତୁମର
ବିଦାଧର ବର ମୁଁହ ତୁମର
କବାଟଟେ ଖୁଲି ଦିଅହ ହଇ ହଇ କରମ ।

ସିଠୁ କବାଟ ଖୁଲି ଦେଲା । କବାଟ ଯେତେବେଳେ ଖୁଲି ଦେଲା ତାର ଘରେ କିଛିନାଇଁ ଦେଖିଲା । ଯାହାକି ଜିନ୍‌ଷପତର ଥିଲା ସବୁ ସଇଲା । କିସ ଖାଇବାକୁ ଦେବି । ହାଣ୍ଡିଟାରେ ଗଣ୍ଡେ ଚୁନାଥାଏ । ଚୁନାଗଣ୍ଡେ ହାଟୁ ଆଣିଲା । ପାଣିକଟେ ଆଣି ସାନିଦେଲା । ଆଉ ଖାଇକି ଦେଲା ତାର ସାମୀକେ । ଖାଇଲା, ଖାଇକରି ସିଠୁ ଶୁଇନେୟ । ଯେତେବେଳେ କୁକ୍‌ଲା ଡାକିଲା ଆଉ ଇନାର୍ ଯାଉଛେୟଁ ବଇଲା । ବିଦାଧର ତାର ହାତର ମୁଦିଟା ଦେଇଦେଲା । ସିଠୁ ରଙ୍ଗବତୀ କଇଲା ଆଉ ଶଶୁର ଦେଖିନେ ରାଗିବେ, ଶାଶୁ ଦେଖିନେ ରାଗିଆକେ, ଯା ଦେଖିନେ ରାଗିମେୟ, ମୁଇଁକାଇଁ ରହିବି ବଇଲା । ନା ରାଗିନେ ହାତର୍ ଗାମୁଛା ଆଉ ମୁଦି ଦେଖେଇବେ । ଆଉ ଯେଁ ପୁତ୍‌ରଟାହାକ୍ ତାକେ ପୁଟୁଗଡ଼ ବଲି ନାଁ ଦେବେ । କହିକିରି ବିଦାଧର ଗେଲା । ସିଠୁ ତାର ରହିଲା । ଇନ୍ତି ହେଇତେ ହେଇତେ କିନ୍ତି ଭିନେ ଭିନେ ଜଣାଫଲିଲା । ସିଠୁ ଦିନେ ତାର ଯାଗା ସମତେ ଡାକିନେୟ, ରଙ୍ଗବତୀ ଆସିଲାପରୁତ ଆଉ ଡାକିଲିନାଇଁ, ତୁଣ୍ଡେଇଲି ନାଇଁ, ସିଏ ତାର ଉଆସରେ ରହିଲା, ଆମର ଉଆସରେ ଆମ୍‌ହେ ରହିନୁ । ଡାକ ଆମ୍‌ହେ ଗାଧିକି ଯିମୁ କହିନେୟ । ସିଠୁ ଗାଧି ଗେନେୟ୍ । ତାର ଶାଶୁ ଆଉ ଛତ ଯା ହେଇକରି ଗାଧି ଗେନେୟ । ଛଅ ଯା ହେଇକିରି ଗେନେୟ ଯେତେବଳେ ଡାକିକି ଆଉ ମରତ ପାଇଟି ଆରିନାଇଁ, ଆଉ ତୁମର ଯୁଅ ଗାଧି ଆଇବ । ଏ ତାର ପାଇଟିଟା ଏତେ ପରିକା ସରିଥାଏ ନାଇଁ, ଆୟ ଯିବା ଗାଧି ଆଇବେ । ରାଗି ହେନେୟବଳେ ଇଏ ତାର ବେଲାଟା ରଖି ଦେଲା, ଆଉ ଗାଧିକି ଗେଲା । ମର୍‌ତ ଇନ୍ତିବି ମର୍‌ବି, ସିନ୍ତିବି ମଂର୍‌ବି, ମର୍ ଆଉ ଜୀବନଟା ଠିକ୍ ରହ୍ୟାକ୍‌ଯେ ଏତେ, ମରେଇ ଦେନେ ଦେମେୟ । ଜାଣିଲିଯେ ମର ବାପ, ମାଁ, ଭାଉ, ଭାଉଜ ସମତେ ମକେ ଜାଣିକରି ଦେଇଛନ୍ତି ମରିବା ନାଗି, ଆଉ ଯାଏଁ । ଦେଇକରି ସିଠୁନି ଗେଲା । ଗେଲା ଯେତେବଳେ ତାର ଶାଶୁ କହିଲା ଆଉ ମର୍ ପୁଅତ ଘରେ

ନାଇଁ, ତୁଇ କାହାର ଠାଣେ କଥାବାରତା ହେଲେ । ନା ତୁମର ପୁଅ ଆଇଥିନେୟ ଆଉ ହାତର ମୁଦି ନିଅ, ଖାନ୍ଦର ଗାମ୍ଛା ନିଅ ଦେଇକରି ଯାଇଛନ୍ତି କହିଲା । ନା ମର ଆର୍ ପୁଅଗା ଆସିନାଇଁ ଇଏ କିଚ୍ଚି ଆଇଲା ଏକୁଟିଆ । ମର ପୁଅ ଆସିନାଇଁ । ଇଟା ମର ପୁଅର ମୁଦି ନାଇଁ, ଇଟା ମର ପୁଅର ଖାନ୍ଦର ଗାମ୍ଛା ନାଇଁ । ଠକିକିରି ଆଉ ତୁଇ ଦେଉଛୁ । ଆଜିର୍ ଭିତରେନି ତୁଇ ଭାଆରିଯା ମରଘରୁ । ସିଠୁ ଘିଞ୍ଚି ଦେଲା ତାର ଘରୁ । ଘରୁ ଯେତେବେଳେ ଘିଞ୍ଚିଦେଲା କାଛରେ ଧରିଲା । କାଛରୁ ଯେତେବଳେ ଘିଞ୍ଚିଦେଲା ଚାଳରେ ଧରିଲା । ଚାଳ୍ରୁ ଯେତେବଳେ ଘିଞ୍ଚିଦେଲା ଖୁଣ୍ଟାରେ ଧରିଲା । ଖୁଣ୍ଟାରୁ ଯେତେବେଳେ ଘିଞ୍ଚି ଦେଲା କହିଲା ମର୍ ଆଖିଁ ଦୁଇଟା ଯାହିଁ ଦିଶିଆ ମୁଇଁ ତାହିଁ ଯିବି । ଭା'ରି ଗେଲା ଯେତେବଳେ ଗେଲାଯେ ଗେଲାଯେ ଅରଇନ ନଟିରେ ଚାରମୂଳେ ଯାଇ ବସିଲା । ସିଠୁ ମଇଁ ସିଆଳ ବୁହ୍ଲାଗୁଟେ ମଇଁଷି ରାଖୁଥାଏ ସେଇ ଇଙ୍ଗଲ୍ ଭିତରି । କହିଲା ଝିଅ, ତୁଇକେତେ ଭଲ୍ ଝିଅ କେତେ ଭଲ୍ଘର ବହୁ ଆଉ ତୁଇ କିସନାଗି ଇଠେ ବସିଲୁ । ନା, ମୁଇଁତ ବାପା ହେଇଥିଲି ଭଲ ଘରର୍ ଝିଅ, ଭଲ୍ ଘରର୍ ବହୁ, ଆଉ ମର ଶାଶୁତ ଖେଦିଦେନେୟ, ଆଉ ରଖିନେୟ ନାଇଁ ଘରେ, ମୁଇଁ ବାପା ପଳେଇ ଆଇଛେୟଁ । ଆଉ କେଁଠେ ବାପା ପାଣିଟିକେ ଅଛି ମକେ ଦେଖେଇ ଦିଅନା ମୁଇଁ ପାଣିଟିକେ ପିଏୟଁ । ସିଠୁ ପାଣିକଟେ ପିକରି ଆଇଲା । ସିଠୁ କହିଲା ଚାଲମା ଆମର ଘରକୁ ତକେ ନେଇଯିବି । ଆମର୍ ଘରେ କେହି ନାଇଁ, ଆମର ଘରେ ରହିବେ । ତକେ ମୁଇଁ ଧରମ୍ ଝିଅ କରିବି । ରାନ୍ଧିବେ, ବାହ୍ଲିବେ ଖାଇବେ, ଆମର ଘରେ ରହିବେ । ତୁଇ ଆଉ କାଆଣେ ଯିବେ ରାଜାଘର ଝିଅ । ସିଠୁ ସେଇ ମଇଁଷିଆଳ ବୁହ୍ଲା ଘରେ ରହିଲା । ରହିତେ ଫେର୍ କିଛି ଦିନ୍ ପରେ ବେତେ ଦୁଖ ପାଇଲା । ଦୁଖ ପାଇଲାବଳେ ଗେଲା କୁଶୁରାଣୀ ଡାକିବି । ଆଣ୍ଲା ଡାକି । ପାଣି ନେଇ ଦେନେୟ । ସିଠୁ ପୁଅଛୁଆ ହେଲା । ନାହୁଡ଼ି କାଟିଲା, ଫୁଲ ତୁପିଲା, ଗାଧେଇଲା, ବୁଡ଼େଇଲା, ଛୁଆକୁ ଶୁଏଇ ଦେଇଗେଲା । ଯେତେବେଳେ ଗେଲା ନ ଦିନ୍‌ରେ ଆଇବି, ଏକୁଶ ଦିନ୍‌ରେ ଆଇବି କହିଲା । ଏକୁଶିଆ ଯେଁ ଦିନ କର୍ଲା ତାର ଘରବି ରିପିଆର ହେଲା, ସବୁ ମଁଣଷ ଆଇନେୟ । ତାର ନୂଆଁ ଘରକେ ଗେଲା, ପୁଅନୁକ ନେଇଁଗେଲା, ସେଇ ଘରେ ରହିଲା ।

ଫେର୍ ବିଦାଧର ତାର ଭାଇମାନେ ସଭିଏଁ ବଣିଜ ବେପାରିଆଗା ଘୁରିନେୟ । ଘୁରିନେୟ ବଳେ ବିଦାଧର ଆଉ ବନ୍ଦାଣ ପାଇଲା ନାଇଁ । ରଙ୍ଗବତୀ ତ ଘରେ ନାଇଁ,

ସିଏ ପଳେଇଛନି । ସିଠୁ ଯେ ତିନ୍ତି ମିନ୍ତୀ ଶାହ୍ଲିଟା ଆଣିଥିଲା କୁଛୁଲା ବନେଇଲା ଆଉ ଯୁଗୀଭେଷ ଧରିକିରି ଗେଲା ।

ହୀରାନୀଳା କାପ ଯୁନିକ ମୁଦୁରା ତଳାଲି
ତିନ୍ତିମିନ୍ତି ଶାହ୍ଲିଖଣ୍ଡ କୁନ୍ତୁଲା ସିଣାଳି
ଏକାରଙ୍ଗବତୀ ନାଗି ଯୁଗୀ ଭେଷ ହେଲି
କୁଁ କୁଁ.କୁଁ

ଇନ୍ତି ଇଗା ସିଗା ମାଗି ମାଗି ଖାଇଖାଇ ରଙ୍ଗବତୀ ଘରେ ପହଞ୍ଚିଲା । ରଙ୍ଗବତୀ ଘରେ ପହଞ୍ଚିଲା ଯିନ୍ତି କହିଲା ମର ନାଁ ଧରୁଛି, ମର୍ ସାମୀନା କିଏ । ସିଠୁ ଗେଲା ଯିନ୍ତି ଦେଖିଲା ଯେ ତାର ସାମୀ । ସିଠୁ ଚୁଅର ପାଣି ନେଇକିରି ଦେଲା, ଗାଧିଲା, ଭାତତୁଣ ଦେଲା ଖାଇଲା, ବଇଲା, ରହିଲା । ସିଠୁ ତାଙ୍କର କହିନେୟ ଯେ ପୁଖରୀ ଗୁଟେ କୁଡେଇବା । ପୁଖରୀ କୁଡ଼େଇମେୟ ଯେ ମାଟି କୁଳେକୁ ଧାନ କୁଳେ ବଲି ତୁଣ୍ଡରା ଦିଅା କରେଇନେୟ । ରଙ୍ଗବତୀର ଭାଉଜାଗା କହୁଛନ୍ତି ଆମର୍ ସାନକି ଯେଁଦିନୁ ଯାଇଛି ସେଇଦିନୁ ଆମ୍ହେ କିଛି ପାଇନୁନି । ନୁଗାପାଇକି ନାଇଁ, ଦାନା ପାଇକି ନାଇଁ ଆଉ କିସ ଖାଇକରି ଆମ୍ହେ ବଞ୍ଚିମୁଁ । ତୁଣ୍ଡରା ଯେଁଠୁ ଶୁଣିନେୟ ସିଠୁ ଛୁଆରା କହିନେୟ ଆମ୍ହେତ ରାସ୍ତା ଦେଖି ନାଇଁ, ଆଉ ଚାଲ ଡଗ୍ରେଇ ନେଇ ଦିଅ । ସିଠୁ ସମତେ ଗେନେୟ ସିଠ୍କେ ପୁଖ୍ରୀ କଡ଼ିକି । ପୁଖରୀ କଡ଼ିନେୟ ଯେ ଯେତ୍ଠେକା ମାଟି ବୁଲିନେୟ ସେତ୍ଠେକା ଯାଇକରି ଧାନ ଆଣିନେୟ । ଧାନ ଆଣିନେୟ ବଳେ ରଙ୍ଗବତୀ ତାର ପୁଅକେ ଦୁଳିରେ ଖେଳେଇଲା ଗୀତ ଗାଇ ଗାଇ ।

ଛଅ ଜେଡଶୁର ଛଅ ମୁଲିଆ ଗ ଛଯା ମୁଲିଆଣୀ,
ଶଶୁର ହଇବ ଗୁହାଳର ଜାଗ ଶାଶୁହେଉ ଗୁହାଳଣି ।
ମସାମୀ ହଇବ କନିକା ରାଜାହ ମୁଇଁ ହେବି ପାଟରାଣୀ ।

ସିଠୁ ଇମାନେ କାନଉଛନ୍ତି କିସବଲି ଗୀତ ଗାଉଛି କିଏ । ଦେଖିନେୟ ଯେ ରଙ୍ଗବତୀ । ଆଉ ତମର କଠିଆ ରହିମୁ ପଛେ ଆଉ କୁହନାଇଁ ବଲିନେୟ । ତାର ମୁଣ୍ଡତଳେ ଗୁଡ଼ିଂତଳେଇମାନେ ସବୁ ଜିନ୍ଷ ପତର କୁଗେଇନେୟ ଆଉ ସିମାନେ ରାଜାରାଣୀ ହେଇକିରି ରହିନେୟ ।

ଚାଟ. କରଂଜିଆ

ОО

# ରାଜାପୁଅ ଆଉ ସପତ ମାଁ

ଏକ୍ ଯେ ରାଜା । ରାଜାଯେ ତାର ଛୁଆନାଇଁ ପିଲା ନାଇଁ । ବାଁଆ ହେଇଛି । ବାଆ ହେଇଛି । ବାଆ ହେଇଛି ବଳେ କହୁଛି କିସନା ମର୍ ଛୁଆନାଇଁ ପିଲାନାଇଁ, ଆଉ ମର୍ ଧନ ଦର୍ପଗା କିଏ ଖାୟାକେ । କିଏ ଖାୟାକେ ବଲିକିରି ଦିନ୍ କାନ୍ଦୟ୍ ଯାଇକରି ନଦୀକଳେ । କାନ୍ଦୟ୍‌ଯେ ଆଉ ନିଜେ ଭଗବାନ୍ ଆଇଲା ଉହ୍ଲି । ଉଲ୍ ହେଇ ଆସିକରି ବଲୁଛି ଆଉ ତର କିସ ଦୁଖ । ନା ମୁଇଁ ଦୁଇଟା ମାଇଲା ବାଆ ହେଲି, ମର ଗୁଟେହେଁ ଛୁଆ ନାଇଁ ଆଉ ମର ଧନ ଦର୍ପଗା କିଏ ଖାୟାକେ ବଲି କାନ୍ଦୁଛେଁୟ । ସିଠୁ ନିଜେ ଭଗବାନ ବଇଲା ହଉ ତୁମର ବାଡ଼ିରେ ତ ଡାଳିମ ଫଳଅଛି । ସେଇ ଡାଳିମଟା ଗାଧିବୁଡ଼ି ଯାଇକରି ତୁମର ଭାର୍ଜା ଖାଇନେ ଆଉ ପୁଅକି ଝିଅ ହେଇ ଯିଆକେ । କହିଲା ବଳେ ରାଜା ତାର ତିରଲା ମାନକେ କହିଲା । ସିଠୁ ଆଉ ସାନ୍‌ଟା ଗାଧିବୁଡ଼ି ଯାଇକରି ଗୁଡ଼ହାତ ଧୁଇକିରି ନୁଗା ଗୁଟେ ପିନ୍ଧିଲା ପିନ୍ଧିକିରି ଆଉ ଫଳଗୁଟେ ଆଣ୍‌ଲା । ଆଣିକିରି ଛେଚିକିରି ଖାଇଦେଲା । ସିଠୁ ଦୁଇଦିନ୍ ଗେଲା । ଦୁଇଦିନ୍ ଗେଲାବଳେ ବଲୁଛି ତାର ଗୁସିଆଁକୁ ଏସାମୀ ମୁଇଁ କିସକର୍‌ବି, ମର ଗୁଡ ହାତଗା ମେଳେଇ ଯାଉଛି । ନା ତୁମହେ କିଛି କର ନାଇଁ ମେଳେଇ ଯାଉଛି ହେନେ, ଆଉ ଆଜିଠାଣୁ ଖାଲି ଗାଧିଆସ, ଗାଧି ଆସିକରି ଶୁଅବସ । ବଇଲାଠାଣୁ ଶୁଇଲା । ବଳେ ସେତ ଭଗବାନ୍ ନିଜେ ଦେଲା । ଦେଲାତ ଦେହରେ ରହିଲା ପୁଅଗୁଟେ । ସିଠୁ ତାର କଠିଆଣି ମାନେ ଖାଇକି ଦାଇକି ଦେନେୟ । ସିଠୁ ନଅମାସ ଦଶମାସ ହେଲା । ହେଲାବଳେ ପାଣି ଗାଧିଲା । ପାଣି ଗାଧିଲା ଯେ ଅତି ଅତି ଶୁଭାକାର ପୁଅଗୁଟେ ହେଲା । ସିଠୁ ରାଜାତ ତାରେ ଖୁସି ହେଇଗେଲା, ତାର ରାଣୀକେ କହିଲା ତୁମ୍‌ହେ ଆଉ କିଛି କର ନାଇଁତ ଇନା, ତୁମହେ ଖାଲି ଶୁଇ ବସିକିରି ରୁହ । ସିଠୁ ତାର ଉଠିଆରି ବାରଜାତି କର୍‌ଲା । ସିଠୁ ସେଇ ଛୁଆ ଫେରି ପେଟେଇଲା । ପେଟଉ ପେଟଉ ବସିଲା । ବସୁବସୁ ଚାଲିଲା । ଚାଲୁଚାଲୁ ବଡ଼କଟେ ହେଲା । ବଡ଼ କଟେ ହେଲାବଳେ ବଲୁଛି କିସନା ମରତ କଟିଏ ବଲିଛୁଆ, ମର୍ କଟିଏକି ପୁଅ, ଆଉ ତାକେ ପାଠ ପଢ୍ହେଇବି । ସିଏ ପାଠ ପାଢ୍ହେଇଲା । ପାଠ ପଢ୍ହିକରିତ ବଡ଼ ଖଣ୍ଡେ ହେଲା । ଇଆର୍‌ମେତି

ହେଲା । ଇଥାର୍ ମେତି ହେଲାବଲେ ବଲୁଛି କିସନା ଏ ମାଁ ମୁଇଁ ଗୁଟେ ପାରା ସାଉତିବି । ସେଇ ପାରାଟା ମର ଅଇଁଠା ଭାତ୍‌ଗା ଖାୟାକ୍ । ସିଠୁତ ତାର କଠିଆକୁ କହିଲା ବଲେ ଗୁଟେ ଆଣି ଦେଲା । ଇଏ ତାର ଖାଇଦାନଇ ଯେଁଭାତ୍‌ଗା ରହୟ ସିଗା ପାରାଟାକୁ ଝିଣ୍ଟିଦୟ । ଝିଣ୍ଟିଦୟ ବଲେ ସିଏ ଖାଏ, ଖାଇପି ପଲାଏ । ସିଠୁ ଦିନ୍‌କର୍ କିସ ହେଲାନା ପାରାତ ଖାଇଲା ଭାତ ଖାଇକରି ଗେଲା ତାର ବଡ଼ମାର ଉଆସକୁ । ସଉତୁଣୀ ଉଗାରି ପରା । ମର୍ ନାଇଁ ବଲିକିରି ପାଟି ଟୁଣ୍ଡ କରୟ୍ । ସିଠୁ ପାରାଟା ଗେଲା ବଲେ ଢଙ୍କେଇ ରହିଲା । ସିଠୁ ଇଏ ଗେଲା । ଗେଲାବଲେ ଏ ମାଁ ଆଉ ତୁମର ଘର୍‌କେ ପାରାଟା ଆଇଛିନା । ମର ଢଙ୍କେଇ କରି ରଖିଛ ହେନେ ଦିଅ । ନା ବାପା ଆଇଛି । ହେନେ ତର ଜୀବନମାଳାଟା ଦେବେ ହେନେତ ଦେବି, ନହନେ ନାଇଁ । ଜୀବନ୍ ମାଳାଟା ଦେବି ବଇଲା । ଇଏ ମରିଯିବି ବଲି ଆଉ ଜାଣିଛି ନା ? ମରିଯିବି ବଲିତ ଜାଣୟ ନାଇଁ । ସିଠୁ ବେକ୍‌ରୁ ଉହ୍ଲେଇହେଲା ଜୀବନ୍‌ମାଳାଟା । ତେବେ ମର୍ ପାରାଟା ଦେ ବଇଲା । ଜୀବନ୍ ମାଳାଟା ଯିନ୍ତି ଉହ୍ଲେଇ ଦେଲା ତାର ବେକ୍‌ରେ କିରି ଗଲେଇ ଦେଲା ତାର୍ ସଉତୁଣୀଆ ମାଁ ଆଉ ପଳେଇ ଆଇଲା । ଜୀବନ୍‌ମାଳାତ ଉହ୍ଲେଇ ଦେଲାବଲେ ତାର ଜୀବନ ଛାଡ଼ିଗେଲା । ସିଠୁ ଇଏ କିସ ବଲୁଛି ନା ତାର୍ ମାଁ ଏ ମାଁ ଛୁଆର୍‌ତ ଜୀବନ୍ ଆଉ ଛାଡ଼ିଗେଲା, ମୁଇଁ କିସ କର୍‌ବି ବଲିକିରି କେତେ କାନ୍ଦିଲା ।

ଡାଳିମ ଫଳ ଖାଇ ପୁତ୍ର ଜନମରେ
ଏ ବାପା ମର ।
ଜୀବନ ମାଳା ମର କେଁଆଲେ ଗେଲେରେ
ଏ ବାପା ମର ।
ନିଲେ ଭଗବାନ ମତେ କି ଦେଲେରେ
ଏ ବାପା ମର ।

ଇନ୍ତି ତାର ମାଁ କାନ୍ଦିଲା, ତାର୍ ବାପ କାନ୍ଦିଲା । କାନ୍ଦି କାନ୍ଦି କରି ଝୁରି ହେନେୟ । ସିଠୁ ତାର ମାଁ କହିଲା କିସନା ଏଁ ଛୁଆକୁ ମର୍ ପୁଡ଼ିବ ନାଇଁ, ଡାହା କରିବ ନାଇଁ ଚପିବ ନାଇଁ କିଛି ନାଇଁ । ଆଉ ପାଳା ଦିଅ ଯାଇକରି । ସିଠେ ନେଇକରି ମର୍ ଛୁଆକେ ଦିଅ । ବଲେ ପାଳା ଦେନେୟ । ତାର ସବୁକଥା ଦେନେୟ, ଦେଇକରି ସିଠେ ତେଲ ଘିଅ ସବୁ ଢାଳି ଦେଇକରି ପାଳାରେ ନେଇକରି ବିଛଣା

ପକେଇ ଦେନେୟ, ପନଙ୍କ ପକେଇ ଦେନେୟ, ଆଉ ସେଇ ଛୁଆଟା ସିଠେ ଦେନେୟ । ଦେଇକରି ସାଇ ପଲିଶିଆ, ଘରର୍ ମଣଷ ସବୁ କାନ୍ଦିନେୟ । ଶୁଏଇ ଦେଇକରି ପଳେଇ ଆଇନେୟ । ସବୁକଥା ତାର ବହି ପତର ସବୁ ଦେନେୟ ଆଉ ଗୁଟେ କଟୁଆଳ ଜଗେଇ ଦେନେୟ ସିଠେ । ସିଠ୍‌କେ କିଛି ଯାଇକେ ଦାକ୍ ନାଇଁ । କୁଆ ଆସିକିବି ଦୟ ନାଇଁ, କୁକ୍‌ର ଆସିକି ଦୟ ନାଇଁ କିଛି ଦୟ ନାଇଁ ।

ସିଠୁ ଆଉ ଗୁଟେ ରାଜାଯେ ଆଉ ତାର ଗୁଟେ ଝିଅ । ତାର ବରଘର୍ କିଛି ମିଲ୍‌ଲା ନାଇଁ । କିଛି ମିଲ୍‌ଲାନାଇଁ ବଲେ ଆଉ ତାର ବାପ ମାଁ ବଲିନେୟ ଏଇ ଝିଅଟାକୁ ଆଉ ରଖ୍‌ବା ନାଇଁ । ଇଟା ଅପ୍‌ଦୁସି ଝିଅଟା, ବରଘର ମିଲ୍‌ଲା ନାଇଁ । ଇଆ ରଖିନେ କେତେ ନାଇଁ ରଖିନେ କେତେ । ଇଆକୁ ଖେଦ ବଇଲା ତାର ବାପ । ଖେଦ୍‌ଲାବଲେ ପଳେଇ ଆଇଲା । ପଳେଇ ଆଇଲାବଲେ ସେଇ ଦିନଯେ ବାଆଧୁନ୍ଦି ଅନେକ୍, ଖୁଦେଲା । ଖୁଦେଲାବଲେ ତାର ସେଇ ପାକା ଘରେ ଯାଇକରି ରହିଲା । ରାଜାର ଝିଅ ଯାଇକରି ଦେଖିଲା ଯିନ୍ତି ଝରକା ଅଛି ସିଠୁ ପିଲାଖଣ୍ଡ କହୁଛି କିସନା ଆଉ ତୁମ୍‌ହେ କାଇଁ ଯାଉଛ, ଆଉ ଇଠ୍‌କି ଆଇଲ । ନା ମର ବେଢ଼େ ଦୁଖ । ଆଉ ମର୍ ବାପ ମାଁ ଖେଦିନେୟ ଘରୁ । ଆଉ ବର ଘର ଘଟିଲା ନାଇଁ ବଲେ ତୁଇ ପଜା ପାପିଆ ଝିଅ ବଲିକିରି ଖେଦିନେୟ । ଖେଦିନେୟ ବଲେ ମୁଇଁ ଆଇଲି । ଆଉ ବାଆଧୁନ୍ଦି ଦେଲା ଯେ ଇଠେ ମୁଇଁ ରହିଛେଇଁ ଇପାରି । ନା କିସ ନାଗି ତୁମ୍‌ହେ ସିପାରି ରହିଛ, ଇପାରି ଆସ ବଇଲା । ସିଠୁ ତାଟି ଖୁଲିଦେଲା । ଖୁଲି ଦେଲାବଲେ ସିଏ ଢୁକିଗେଲା । ସିଠୁ ତାର୍ ଦୁଖ ତାର୍ କହିଲା ଇଆର୍ ଦୁଖ ଇଏ କହିଲା । ମର୍‌ନି ମର ବାପର କଟିଏନି ଛୁଆ ମୁଇଁ, ଆଉ ଛୁଆ ପିଲା ନାଇଁ । ଧନଦରପ ଶମ୍ପା ଅଛି ମର ବାପର । ଆଉ ଏତ୍‌କି କଥାରୁ ମକେ ମରେଇ ଦେଲା ମର ବଡ଼ ମାଁ । ଆଉ ମୁଇଁ ରାତିରେ ଚେତା ହୟଇଁ, ଦିନ୍‌ବଲେ ମରୟଇଁ । ମର୍ ଏତ୍‌କି ନାଗି ତୁମ୍‌ହେ ରହିବ ହେନେ ମରଠାଣେ ରୁହ, ନାଇନେ ରୁହ ନାଇଁ । ଇନ୍ତି କହିଲାବଲେ ସିଏ କହିଲା ହଁ ମୁଇଁ ରହିବି । ସିଠୁ ସିଏ ରହିଲାତ । ରହିତେ ରହିତେ ତାର ଗୁଟେ ପୁଅ ହେଲା । ଦିନ୍ ତାର କଟୁଆଳ ବୁଲିଯାଏ । ସିଠୁ ଇଏ ଝିଅ କହିଲା ଆଉ ସାମୀ କିସ କରିବା, ତୁମ୍‌ହେତ ରାତିରେ ବଞ୍ଚିଲ, ଦିନ୍‌ରେ ଡେଡରା ହେଲ । ଘରର୍ ମଣଷ ଆସି ଯାଇ ହେଉଛନ୍ତି, ଆଉ ଆମ୍‌କେ ଦେଖି ପକେଇମେୟଁ କେଁ ଦିନ । ନା ମର ଜୀବନମାଳାଟା ଆଣିଦେନେ ମର୍ ବଡ଼ ମାଁ ଠାଣୁ ଆଉ ମୁଇଁ ବଞ୍ଚିବି । ସିଠୁ ଇଏ

ବଇଲା କିନ୍ତି କିରିଯେ ଆଣ୍‌ବି, କିନ୍ତିକିରି ବଞ୍ଚେଇବି ମର୍ ସାମୀକେ, ଏଇ ରକମ କହିକିରି ଛୁଆଟାକୁ ହଳଦୀ ତେଲ ମାକେଇଲା, ଗାଧେଇଲା, ବୁଢ଼େଇଲା । ଆଉ ଡମ୍‌ଣୀ ଗୁଟେକେ କହିଲା ଏ ଡମ୍‌ଣୀ ମାଉସୀ ପାନ୍ ପାଛିଆ ଗୁଟେ ଆଣି ଦେବେନା । ସିଠୁ ଡମ୍‌ଣି ପାନ୍ ପାଛିଆ, ଟୁକ୍‌ଲି ସବୁ ଆଣିଦେଲା । ଆଣିଦେଲା ବଳେ ଇଏ ଡମ୍‌ଣୀ ଫେସନ କାଟିଲା । ଡମ୍‌ଣୀ ନୁଗା ପିନ୍ଧିଲା, ଡମ୍‌ଣୀ ସବୁ କର୍‌ଲା । ସିଠୁ ଛୁଆଟା ଧରିକିରି ଗେଲା ତାର ପାଛିଆ ଟୁକ୍‌ଲି ବିକିକି । ଗେଲାଯେ ତାର ସଉତୁଣିଆ ମାଁ ଘରେ ଢୁକିଲା । ପଶିକିରି କହୁଛି ଆଉ ଏ ମାଉସୀ । ଆଉ ପାନ୍ ପାଛିଆ ରଖ୍‌ବନା । ବଳେ କହୁଛି ହଁ ରଖ୍‌ବି । ସିଏ ଡମ୍‌ଣୀ ଛାନ୍ଦତ ହେଇଛି । ସିଠୁ ନେଇ କରି ରଖିଦେଲାବଳେ ଛୁଆତ ଦେଖିଲା, ରଜା ଛୁଆ ଚିକଣ୍ । ବଳେ ସେଇ ଛୁଆ ଧରିକିତ ନୁଭେଇଲା । ନୁଭେଇଲା ବଳେ ଘେନି ପକ୍‌ଲା । ଘେନିପକ୍‌ଲାବଳେ ମାଁ ତୁଇ କାଆର ଝିଅ । ଡମ୍‌ଣୀ ଝିଅ ହେଇକରି ଏଡ଼େ ସୁନ୍ଦର । ନା ମୁଇଁତ ଡମଣୀ ଝିଅ । ମର ଗୁସିଆଁ ଯାଇଛନ୍ତି ଆଉ ବାଁଶ ନାଗି । ଶାଶୁ ଶଶୁରା ନେଇଛନ୍ତି ଟୁକ୍‌ଲିବିକି । ଆଉ ତୁମେ ରଖ, ଏଇ ପାଛିଆଟା ରଖ । ତେତ୍‌କିବେଳେ ସେଇ ବେକର ମାଳାଟାତ ଧରି ପକଲା ଛୁଆ । ଧରି ପକଲା ଯିନ୍ତି ଇଏ ବଲୁଛି ମାଁ ମାଁ ମକେ ଧାନ ଚାଉଳ ପଇସା ପତର ଦିଅ ନାଇଁ । ବେକର ମାଳାଟା ମକେ ଦିଅ । ନାହିଁନେ ମର ଗୁସିଆଁ କହ୍ୟାକ୍ ତକେ କିଛି ଅଷୁ ଥିଲା ନାଇଁ, ଆଉ ତୁଇ କିସନାଗି ପାଛିଆ ବିକିକି ନେଲେ । ଆଉ ମାଁ ଦିଅ ବେକର ମାଳାଟା ମକେ ଦିଅ । ଧାନ ଚାଉଳ ମୁଇଁ କିଛି ନେବି ନାଇଁ, କହିତେ କହିତେ ତ ସେଇ ହାଲୁକୁ ଦୁଲୁକୁ ଛୁଆଟାତ ଧରି ପକେଇ ଘିଞ୍ଚି ଆଣ୍‌ଲା । ଘିଞ୍ଚି ଆଣ୍‌ଲା ବଳେ ତାର ମାଁ ସେଇ ବେକର ମାଳାଟା ଧରିକରି ଆଣି ଆଇଲା । ଆଣି ଆଇଲା ସିଠୁ ଆଇନେୟ ତାଙ୍କର ଘରକେ । ଆ ତୁମ୍‌ହେ କାଆଣେ ଯାଇଥିଲ । ନା ଭୁଲିକି । ସିଠୁ ବେକର ମାଳାଟା କିସ କଇଲା ନା ଛୁଆଟା ତାର ବାପର ବେକ୍‌ରେ କରି ଦେଲା । ଦେଲାଯେ ବାପ ଦିନ୍‌ବଳେବି ଝିଁଲା । ଝିଁ କରି ବଲୁଛି ଆଉ ମରଛୁଆ ନାଇଁଥିନେ ମର୍ ଜୀବନ ଯାଇଥିତା । ଆଉ ଛୁଆ ଥିଲା ବଲି ସିନା ଆଣି ଆଇଲା । ଛୁଆ, ମାଁ, ବାପ ସବୁ ସିଠେ ରହିନେୟ । ବଳେ ସେଇ କଟୁଆଳ ଯିଏ ଭୁଲିକି ଆସୟ ବଲୁଛି ଇଠେ କିଏ କଥାବାର୍‌ତା ହେଉଛି ଦେଖଯଁନା । ଦେଖିଲା ଯେ ରାଜପୁଅ ବଞ୍ଚିଛି । ସିଠୁ କଟୁଆଳ ରାଜା ପାଶ୍‌କେ ଧାଇଁଲା । ବାପା ହେଲାକି ମାଁ ହେଲା ଆଉ ମୁଇଁ ଗୁଟେ ଦେଖିଲାର

କଥା କହିବି ନା ଶୁଣ୍‌ଲାର କଥା କହିବି ? ନା ଦେଖ୍‌ଲାର କଥା ସିନା ଗୁଟେ କଥା ଆଉ ଶୁଣ୍‌ଲାର କଥାଟା ଇଠେ ଶୁଣ୍‌ଲ, ସିଠେ ଶୁଣ୍‌ଲ ଇଟା ଗୁଟେ କଥା । ଦେଖ୍‌ଲାର କଥାଟା କ' । ନା ବାପା ଅତି ଅତି ଶୁଭକାର ଛୁଆଗୁଟେ ଆଉ ବହୁଗୁଟେ ଆଉ ଆମର ବାବୁ କଥା ହେଉଛନ୍ତି । ଆଉ ଦେଖିବ ହେନେତ ଆସ ବଇଲା । ଆଉ ବାପ ମାଁର ସେତେବେଳେ ଜୀବନ୍ କିନ୍ତି ନାଗୁଥାଏ । ଜୀବନ୍‌ତ ଉଡିଯାଉଥାଏ । ସିଠୁ ସାତେସାତେ ଆଇନେୟ । ଦେଖିକରିତ ଆଉ ଖୁସି ହେଇଗେନେୟ ।

ଆସ ଆସ ବାପା ଘରକୁ ଯିବାରେ
ଏ ବାପା ମର ।
ଏଡ଼େ ବଡ ସଁପତି କିଏ ଖାଇବରେ
ଏ ବାପା ମର ।
ନେଇ ଯାଇକରି ଘରେ ରଖ୍‌ଲେରେ
ଏ ବାପା ମର ।
ରାଜା ରାଣୀ ଯେତେ ଉଷତ ହେଲେରେ
ଏ ବାପା ମର ।

ସିଠୁ ପୁଅ, ଭାର୍‌ଜା, ନାତି ସବୁ ଆଇନେୟ । ପୁଅ ବଲି କରି କେତେ ଉଷତ ହେନେୟ । ଆଉ ସବୁ ରାଇଜର ରାଜା ଆଇନେୟ । ଆସିକରି ତାର ବଡ଼ ମାଁକୁ ମରାନେୟ । ଛୁଆଣ ପୁଅ ଯେତେବେଳେ ମରେଇ ଦେଇଛି ଆଉ ମରାନେୟ ନାଇଁ । ସବୁ ରାଜା ଠୁଳେଇ ହେଇ କରି ତାକୁ ମାରି ଦେନେୟ । ଆଉ ତାର ପୁଅ ରାଇଜବୋଡ଼ି ଧନ ଦରପ ସବୁ ଖାଇଲା ।

*ନୁରୁପତି, ଚଳସାହି, ଯଶୀପୁରଗଡ଼*

□□

# ନକ୍ଷୀଁ ବଡ଼ରାମ୍

ଦଶରଥ ରାଜାରେ ତାରେ ଛୁଆ ନାଇଁ ପିଲାନାଇଁ, କିଛି ନାଇଁ । ବିଭା ହେଇକରି ବାରବରଷ ରହିଲା । ହିନ୍ତି ଡିଣ୍ଡା ହେଇକିରି । ଡିଣ୍ଡା ହେଇକରି ରହିଲା ବଳେ ସିଠୁ ଦଶରଥ ରାଜା କହିନେୟ ଆରେ ମୁଇଁ ବିଭା ହେଇକିରି ବାରବରଷ ହେଲା, ଏଣୁକରି ଛୁଆନାଇଁ ପିଲାନାଇଁ ଆଉ ଆମ୍‌ହେ କିସ କର୍‌ବା । ଆମ୍‌କେ କିଏ ଆଉ ପରତିପୁଷଣ କରିଆକେ । ଯୁବାକାଳେ ଯୁଦି ପୁଅକି ଝିଅ ହେଇଥିତା ବାରବରଷ ହେଲାବଳେ ଆଉ ଯୁବସ୍ତ ହେତା । ସିଠୁ ଭଗ୍‌ବାନ କହିଲା ଏରେ ଦଶରଥରାଜା ତର ଛୁଆ ନାଇଁ ପିଲାନାଇଁ, ତୁଇ ଯୁଦି ବାରବରଷ ତପଇସା ଖଟ୍‌ବୁ ତାହାନେ ତୁଇ ପାଇବେ । ଭଗବାନ୍ ନାରାୟଣ କହିଲା ତୁଇଁ ଯିବେୟା ଆଉ ବାରଭାଇ ରୁଷିଠାଣୁ ତୁଇଁ ଆଉ କର ଆଣିବେ । ଦଶରଥ ରାଜା ଯେଁଠୁ କର ମାଗିଲା ରୁଷିମାନେ କହିନେୟ କିସ ଦେମୁ ଖାଇଣାକର । ଆମ୍‌ହେତ ପଥର ପାଲଟି କରି ଅଛଉଁ । କର କେଁଠୁ ଦେମୁ । ହଉ ଯୁଦି ଆମ୍‌ହେ ଦେମୁ ତୁମହେ କଞ୍ଚାରେ କଲ୍‌ସାଗୁଟେ ବନେଇକରି କଦୀଳପତର ବାନ୍ଧିକରି ଆଉ ଆଣିନେ ଦେମୁ । ସିଠୁ ରାଜା କୁମ୍ଭାର ଠାଣିକିଗେଲା । ବଇଲା କୁମ୍ଭାର, ଆଉ ହାଣ୍ଡିଗୁଟେ ଦେଇ ପାର୍‌ବୁ । କୁମ୍ଭାର ହାଣ୍ଡି ବନେଇ ବନେଇ ସାତେଦିନ ସାତେ ରାତି ହେଇଗେଲା । ଆଉ ହେଲା ନାଇଁ । ସିଠୁ ରାଜା କହିଲା ଆଜିରି ଭିତ୍‌ରେ ହାଣ୍ଡି ବନେଇ ଦେବୁତ ଭଲ୍‌କଥା, ନାଇଁନେ ତର ସବଁଶ ତେଙ୍କିରେ କୁଟ୍‌ବି ତୁନ୍ତୁଳି ପତ୍‌ରରେ ମାଇଁସ ବାଣ୍ଟବି । ସିଠୁ କୁମ୍ଭାର କହିଲା ତାହାନେ ତ ମହାନ ମୁସ୍‌କିଲ୍ ହେଲା । ମୁଇଁ କିସ କର୍‌ବି । ସିଠୁ ଭଗ୍‌ବାନ ପରସନ ଦେଲା ଯେ ତର ପଲୁଆଁ ଝିଅକେ ଯୁଦି ତୁଇ ଦେବୁ ମାଟି ଖଣିରେ ତାହାନେ ତୁଇ ହାଣ୍ଡି ବନେଇ ପାରିବେ । ସିଠୁ ତାର୍ ଝିଅକେ କହିଲା ଯା ନିଦାପୁଳାରେ ତୁଇ ଧାନ ଭାଆରେଇ କିରି ଉଆ କୁଟିବେ ଆଉ ଫୁଲ ଚନ୍ଦନ ଧୁପକାଠି ନଳିଆ ନେବେ ସିଠ୍‌କେ । ସିଠୁ ଫେର୍ କୁମ୍ଭାର କହୁଛି ମୁଇଁ କିନ୍ତିକରି ଯୁବତ ଝିଅକୁ ଇଠେ ଛେଦନ କର୍‌ବି । କହିକିରି କାଣ୍ଡି ଆଙ୍ଗୁଲ୍‌ରେ ଇନ୍ତି ତୁଶୀ ଦେଇକିରି ଭୁଇଁ ବାସୁକିରେ ପକେଇ ଦେଲା । ଭୁଇଁ ବାସୁକିରେ ପକେଇ ଦେଲା ଯେତେବେଳେ ସେଇ ଯୁବତ ଝିଅ ଘରେ ଆସିକରି ମରିଗେଲା । ମାରାପଡିଲା ବଳେ ସିଏ ଧୁବା ଭଣ୍ଡାରୀ ଡାକି ଆଣିକରି ଖେଉର୍ ବତର୍ ହେଲା । ଖେଉର୍‌ବତର ହେଇକରି ସେଇ କଳସ ବନେଇ କିରି ଦଶରଥ

ରାଜାକୁ ଆଣି ଦେଲା । ସିଠୁ ବାର ଭାଇ ଋଷିମାନେ ସେଇ କାଷି ଆଙ୍ଗ୍‌ଳିର ନହୁ ଠପେ ଠପେ ପକେଇ ଦେନେୟ । ଦଶରଥ ରାଜା ସେଇ କଳସାକୁ ନେଇକରି ଯେଁ କୁଦ୍‌ରରେ ତ ପଇସା ଖଟିଥିଲା ସିଠେ ତୁପି ଦେଲା । ତୁପି ଦେଇକରି କହିଲା ଯେ ଯେଁଦିନ ଝଲିବରଷା ହାକ୍ ସେଇଦିନ ଆଉ ଗାଁବାଲା ସଭିଏଁ କୁଦ୍‌ରକୁ ହଲ୍ ନେମେୟ । ସିଠୁ ଝଲିବରଷା ହେଲାବଳେ ଆଉ ଗାଁବାଲା ହଲ୍ ନେନେୟ । ଗାରେ ଆଣିକରି ଦୁଇଗାର ଆଣିକରି ଅହ୍ଲେଇଗାର୍ ଆଣିନେୟବଳେ ଅତି ଅତି ସୁନ୍ଦର ଝିଅଗୁଟେ ସିଠେ ଜନ୍‌ମ ହେଲା । ନକ୍ଷୀଁ ଜନ୍‌ମ ହେଲା । ସିଠୁ ରାଜାକେ କହିନେୟ ଆସ ଆସ କି ସୁନ୍ଦର ଭୁଇଁ ବାସୁକିରେ ଜନ୍‌ମ ହେଇଛି ତମର ଗୁଟେ ଝିଅ । ରାଜା ଘଟ୍‌କିଲା । ଆଉ ତାର୍ ତିର୍‌ଲାକେ କହିଲା ଆସ ଦେଖି ଆଇବା । ଗଲାଯେ ଖାଲି କୁଆଁ କୁଆଁ କାନ୍ଦୁଛି, କି ସୁନ୍ଦର ନକ୍ଷ୍ମୀ ଜନ୍‌ମ ହେଇଛି । ସିଠୁ ଦଶ୍‌ରଥ ରାଜା କହିଲା ଆମରତ ଆଇଦରୁ ବଁଝା ବାଁଝି । ଯେତେ ଛିଙ୍କା ନୁଗାଅଛି ଆଉ ପେଟ୍‌ରେ ବାନ୍ଧ । ସିଠୁ ରାଣୀ ବାନ୍ଧିକିରି ଗେଲା । ଦଶ୍‌ରଥ ରାଜା ନକ୍ଷ ନକ୍ଷ ଟଙ୍କା ଦେଲା । ସବୁ ଫିଙ୍ଗିଫିଙ୍ଗି ବାଟ୍‌ରେ ଆଇନେୟ । ସମତେ କହିନେୟ ଆଉ ଦଶରଥ ରାଜାରେ ଭାରଜାର ଝିଅ ଗୁଟେ ହେଇଛି । ଆଉ ଯିବା ଦେଖିକି । ସିଠୁ ଗେନେୟ । ଦଶ୍‌ରଥ ରାଜା ତାକୁ ଖିର ଖୁଏଇ ବଡ଼ କଇଲା । ମାସେ ହେଉଁ ହେଉଁ ଦୁଇମାସ ହେଲା, ଦୁଇମାସ୍ ହେଉଁହେଉଁ ତିନ୍‌ମାସ୍ ହେଲା । ଇନ୍ତି ନକ୍ଷୀଁ ଠାକୁରାଣୀ ବଢ଼ିଯାଉଛନ୍ତି ହୁର୍‌ହୁର୍ । ସିଠୁ ବାରବର୍‌ଷ ହେଲା । ବାରବର୍‌ଷ ହେଲା ବଲି ଯୁବସ୍ତ ହେଲା । ତାଙ୍କର୍ ଦୁହେଁ ଭଉତ୍ ଖୁସି । ଭଗବାନ ଯାହା ହେନେ ଦେଇଛି । ଇଆକୁ ଆମ୍‌ହେ ବରପାଦ୍‌ର ଖୁଜ୍‌ବା । ସିଠୁ ବରପାଦ୍‌ର ଖଜିକି ଗେନେୟ । ଦକ୍ଷିଣ ଗେନେୟ, ଉତର ଗେନେୟ, ପଛିମ ଗେନେୟ, ପୁର୍‌ବ ଗେନେୟ, କାଇଁ ପାଇନେୟ ନାଇଁ । ସିଠୁ ରାଜା କହିଲା ମାଁ ତର ନାଗିତ ବର ପାଇନୁନି କାଇଁ । ନକ୍ଷୀଁ ଠାକୁରାଣୀ କହିନେୟ ବାପା ମୁଇଁ ଗୁଟେ କହିବି, ସିଠେ ଯଦି ନାଇଁହେବ ଆଉ ମର ଭାଇଗରେ ନାଇଁ ପୁରୁଷ । ସିଠୁ କହିନେୟ ବାପା ବଡ଼ରାମ କନ୍‌ହେଇ ଠାଣେ ଯାଇଥିଇ । ନା ମାଁ ସିଠ୍‌କେ ଯାଇ ନାଇଁ । ସିଠୁ ଇମାନେ ବଡ଼ରାମ କନ୍‌ହେଇ ଗଣିକି ଗେନେୟ । ଯେତେବେଳେ ଗେନେୟ ବଡ୍‌ରାମଁକେ ନାଇଁ ସୁଜିକିରି କନ୍ ହେଇକି ସୁଜ୍‌ଲା । ବଡକୁ ସୁଜ୍‌ଲା ନାଁଇଁ ସାନକେ ସୁଜ୍‌ଲା ତାହାନେ ସାନକେ ନେବା । ହଁ ନେବା । ସିଠୁ ବାଆ କରେଇ ଦେନେୟ । ଯେତେବେଳେ ହାତ୍‌ରେ ଧରେଇ ଦେଲା ଆଉ ଦଶ ଦୁଷ କ୍ଷମା କରିବ ମର୍ ଝିଅର କହିଲା । ମାଘ ମାସ୍‌ରେ ବାଆଘର ହେଲା । ସିଠୁ ମାଘଗେଲା ଫଗୁଣଗେଲା,

ଚଇତଗେଲା, ବଇଶାଖ ଗେଲା, ଆଷାଢ ଗେଲା, ଶାରବଣ ଗେଲା ଯେଁଥର ମଗୁସୁର ମାସ ହେଲା ସିଠୁ ଭଗ୍‌ବାନ୍ କହିଲା ଯେ ନକ୍ଷୀଁ ତୁମହେ ଯିଅ ବୁଲିଆସ । ଗେନେୟ ନକ୍ଷୀଁ ବୁଲିକି ଯେ ଦକ୍ଷିଣ ଗେନେୟ, ଉତ୍ତର ଗେନେୟ, ପଶ୍ଚିମ ଗେନେୟ, ପୁର୍‌ବ ଗେନେୟ କାଇଁ ଆଉ ନୁଣ୍ଡାଗାରେ ନାଇଁ, ଝଟି ନାଇଁକି ଧୁଣାଧୂପ ନାଇଁ । ସିଠୁ ନକ୍ଷୀଁ କାନ୍ଦିକରି ଯେତେବେଳେ ଗାଁ ଇନ୍ତି ସୀମାକୁ ଆସି ପହଞ୍ଚିନେୟ ସତ ଯୁଦି ମୁଇଁ ବାର ଭାଇ ରୁଷି ତମର ନହୁ ଠପେରୁ ମୁଇଁ ଜନ୍‌ମ ହେଇଥିବି ଖେତ୍‌ରି ଝିଅ ଆଉ କିନ୍ତି କିରି ମୁଇଁ ଆଜି ଧୁଣାଧୂପ ଗୁଟେ ପାଇଲି ନାଇଁ । ମର୍ ନକ୍ଷୀଁ ଡାକଟାତ ଖାଲିଟାରେ ଅକାରଣ ଗେଲା । ଘାସିଆଣୀ ବୁହ୍ଲି ଡାଣ୍ଡ ଖର୍‌କିକିରି ଡାଳପାଲା ଦେଇଥାଏ । ଗାଁ ମୁଣ୍ଡା ସୀମାରେ । ସେ ଘାସିଆଣୀ କିସ କଇଲାନା ନୁଣ୍ଡା ଦେଇକରି ଝଟି ଅଲ୍‌ପନା ଦେଇକରି ଆଉ ଧୂପକାଠି ଦେଇକରି ସିଏ କଲ୍‌ପତ୍‌ରି ଯୁଲି କରି ଧରମ୍ ମୁଖା ବସିଛି । ସିଠୁ ନକ୍ଷୀଁ ବଇନେୟ କିସ ମୁଇଁ କାଇଁ ଝଟି ଅଲ୍‌ପଣା ପାଇଲି ନାଇଁ, ଘାସିଆଣୀ ଦୁଆରପାରି ଇଠେ ବସେୟଁ । ଯାହେଉ ପଛେ । ସିଠୁ ନକ୍ଷୀଁ କହିନେୟ ଦୁଖ କିସତର୍ ଜଣା । ନା ମାଁ ଡାଣ୍ଡ ଖରକୁଛେୟଁ ଏଇ ଡାଳପାଲା ଦେଇକରି, କିଏ ଚାଉଳ ମୁଠେୟ ଦେଉଛି କିଏ ଭାତ ମୁଠେୟ୍ ଦେଉଛି ଯାହା ଦେନେୟ ମାଁ ସିଗା ଆଣିକିରି ଚଳୁଛେୟଁ । କିନ୍ତି ମର୍ ଧନ୍ ସଁପତି ହେଉ । ସେ ଘାସିଆଣିରି ଧନ ସଁପତି କାଇଁରେ କିସ ହେଇଗେଲା । ସିଠୁ ବଡ଼ରାମ କନ୍‌ହେଇ କହିନେୟ ଏଇ ଘାସିଆଣି ବୁହ୍ଲିର ଧନସଁପତି କେଁଆକୁ ଆଇଲା । ସିଠୁ ବଡ଼୍‌ରାମ କହିନେୟ କନ୍‌ହେଇ ଦେଖତ ନକ୍ଷୀଁ ଯାଇଥିନେକି କିସ ? ପଚାରିନେୟଁ ବଲେ ନକ୍ଷୀଁ କହିନେୟ ମୁଇଁ ତ ନକ୍ଷୀଁ, ସମକାର୍‌ତ ନକ୍ଷୀଁ ଆଉ ମୁଇଁ ଘାସିଘରେହିଁ ଜନ୍‌ମ ହେବି ଆଉ ସମ୍‌କାର ଘରେହିଁ ଜନ୍‌ମ ହେବି । ସମ୍‌କାର୍‌ତ ଧାନ ଅଛି । ସିଠୁ ଘର୍‌କେ ଗେଲାବଲେ ବଡ଼୍‌ରାମ କନ୍‌ହେଇ ଦୁଆରେ ଦେଖି ଦେଇଛନ୍ତି ତମକୁ ଆଜି ଆଉ ରଖିବାରେ ନାଇଁ । ହଉ ଯୁଦି ମକେ ନାଇଁ ରଖିବ ମୁଇଁ ଯିବି । ମର ଯେଁ ଆଳେ ଦିଶିଆକ୍ ମୁଇଁ ସିଆଳେକି ଯିବି । ଛାଲିଦେବ ହେନେ ଛାଲିଦିଅ । ସିଠୁ ଇମାନେ ନକ୍ଷୀଁକେ ଛାଲି ଦେନେୟ । ଦଶ୍‌ରଥ ରାଜା ତାରେ ଉଳାଣିର ଘୁଳା ଦେଇଥିଲା । ସୁନାରେ ପଲଙ୍କ ଦେଇଛି, ସୁନାରେଁ ପିହ୍ଲା ଦେଇଛି । ନକ୍ଷୀଁ ସୁନାର୍ ପଲଙ୍କଟା, ସୁନା ମୁଣ୍ଡା ସବୁ ଛାଁଳି ଗେନେୟ । ଏ ଚାଣ୍ଡାଳମାନେ ଦିନେ ନାଇଁ ଦିନେ ବିକି ଭାଙ୍ଗି ଖାଇମେୟ । ମୁଇଁ ପଳାନେତ ଆଉ ଧନ ସଁପତି ରହ୍ୟାକ୍ ନାଇ । ସିଠୁ ନକ୍ଷୀଁ ପଳାନେୟ । ଗେନେୟ୍‌ଯେ ଗେନେୟ୍‌ଯେ ଏକାଥରେ ପୁରୀ । ପୁରୀକି ଗେନେୟ । ସିଠେ ଯାଇକିରି କହିନେୟ ସତ

ଯଦି ମୁଇଁ ଖେତ୍‌ରି ଝିଅ ହେଇଥିବି ଏଇ ମାଆ ମାଟିରୁ ତାହାନେ ଇଠେମର ଉଆସ ପାଚୁରୀ ସବୁ ହେଇଯିଆକେ । ସିଠୁ ବାରଭାଇ ରୁଷିମାନେ କହିନେୟ୍ ଏ ପୁରୀରେ ଷାଠିଏ ହାଣ୍ଡି ବସିଆକ୍ ଭୁଗ । ଷାଠିଏ ହାଣ୍ଡି ଗୁଟେ ସଳିତାରେ ଜଳିଆକେ, ନକ୍ଷନକ୍ଷ ନୁକ ଆସିକରି ଇଠେ ଦରଶନ କରିମେୟ ଆଉ ଭୁଗ ପାଇମେୟ । ଇଠେ ରହିନେୟ । କେତେ ଟୁକିକୁଇଲି ଠୁଳେଇ ଦେନେୟ, ଶଅ ଶଅ । ଇଆଳେ ବଡ଼ରାମ କନ୍‌ହେଇ ଦାନା ପାଇନେୟ ନାଇଁ । ସିଠୁ ଗେନେୟ, ପଛିମ ବାଟେ ବରଗଛ ଗୁଟେୟ ବରକୁଳି ପାକିଥାଏ । ସାତେଦିନ ବର୍‌କୁଳି ଖାଇନେୟ । ସିମାନେ ଗୁଟେ ଗୁଟେ ମହାପୁରୁ, ଆଉ ନକ୍ଷୀଁଠାଣୁ ସାଇପ ପାଇକରି ସିମାନେ ଦାନା ପାଇନେୟ ନାଇଁ, ବର୍‌କୁଳି ଖାଇନେୟ ସାତେଦିନ୍ । ଇନ୍ତି କିରି ହେଲା ଚଉଦଦିନ୍ । ନକ୍ଷୀ ଇଆଳେ ନେଖି ଦେଇ ଯାଇଛନ୍ତି ବାର ବରଷ ନାଇଁ ପୁରିବେ ଆଉ ଭେଟେ ଘାଟ ନାଇଁ । ନକ୍ଷୀଁତ ତାଙ୍କର ଭଲ୍ ହେଇ ରହିନେୟ । ଏଇ ନରନୁକ ମାନେ ସିମାନ୍‌କୁ କେତେ ସେବା ଆରାଧନା କରିନେୟ୍ । ବଡ଼ରାମ କନ୍‌ହେଇ ବାରବରଷ ହେଲା ଇନ୍ତି ବୁଲିବୁଲି ଆଉ ବାରବରଷ ହାକେ, ଚାଣ୍ଡାଳ ହେଇ ଗେନେୟନି । ଏଇ ଦିହରେ ବସ୍‌ତର ନାଇଁ । ନୁଗାଗା ଆଉ କେତେଦିନ୍ ଯିଆକେ । ଛଅ ମାସେରେ ତ ଛିଳିଗେଲା । ସିମାନେ ସିଠୁ କାନ୍ଦିନେୟ । ଭଗବାନ୍ ନାରାୟଣ କହିନେୟ୍ କିରେ ଚାଣ୍ଡାଳ ମାନେ ତୁମ୍‌ହେ ନକ୍ଷୀଁକି ଛାଳି ଦେଇକରି କି ଅବସ୍ତା ପାଉଛ । ତୁମରତ ଦିହରୁ ନୁଗା ଛିଳିଗେଲା, କିସ କରିବ । ଚାଣ୍ଡାଳ ମାନେ ଏଇ ବୁଡ଼ିଆଟା ନିଅ, ଆଉ ଗଛରୁ ବାକ୍‌ଳା କାହ୍ଲି ପିନ୍ଧିବ । ସବୁ ଗଛ ଶଅ ଶଅ ଗଛ କାଟିନେୟ । କେଁ ଗଛରୁ ଆଉ ବାକ୍‌ଳି ଭାଆରିଆକେ । ଦେଖିନେୟଯେ କୁମ୍ଭିଗଛରୁ ବାକ୍‌ଳି ଭାଆର୍‌ଲା । ସିଠୁ ସେଇ କୁମ୍ଭିବାକ୍‌ଳା ଅଙ୍ଗା କଇନେୟ । ଏଇ ମଥାରେ ଚୁଟି, ଦାହ୍ଲି ବହ୍ଲିଗେଲା ଭୁଇଁ ପରିଯନ୍ତେ । ଇନ୍ତି ହେଇତେ ହେଇତେ ଆଉ ବାର ବରଷ ହେଇଗେଲା । ବଳେ ଆଉ ସିମାନେ କିଛି ନାଇଁ । କୁଳିନାଇଁ, ଆଳୁନାଇଁ, ଛଅବରଷ ଖାଲି ପବନ ଆହାର । ସିଠୁ ବଡ଼୍‌ରାମ କହିନେୟ କନ୍‌ହେଇକି ଏରେ ଭାଇ କେତେ ଆମ୍‌ହେ ଭୁଖିରେ ଶୁଖିରେ ରହିବା, ଆଉ ପହଞ୍ଚିଗେଲାତ ବାରବରଷ, ଦେଖ ଗଛରେ ଉଠିକରି ଦକ୍ଷିଣ, ଉତ୍ତର ପଛିମ ପୁରବ ଯେଁଆଳେ ନିଆଁ ଧୂଆଁ ଭାଆରୁଥିଆକେ ସେଇଆଳେ ଯିବା । ସିଠେ ଆମ୍‌ହେଁ ଅନ୍ନପାଣି ପାଇମୁ । ସିଠୁ ଗେନେୟ ଯେ ଗୁଟେ ରାଜା ରାଇଜକୁ ସିଠେ ବେଣ୍ଟ ପୁଖରୀ ପାଣି ଖାଲି ଉଲୁଚୁଲୁ କରୁଛି । ଧୁବା କାଚୁଛି ନୁଗା । ଏ ଦୁଇ ଝଣ ଯେତେବଳେ କହିନେୟ ସିଠ୍‌କେ ଯିବା ପାଣି କଟେକଟେ ହେନେ ଖାଇବା, ବାପ ଚୁଲ୍‌ଚୁଲ୍ କରୁଥିଲା ପାଣି

ନୁକିଗେଲା । ନୁକିଗେଲା ଯିନ୍ତି ପାଣି ସେ ଧୁବଣିତ ସୁଜନା ଠେଙ୍ଗାଧରି ଘଟ୍‌କଲା । ପଲପଲ ନକ୍ଷୀଁଛଲେ, ଅନ୍ନଛଲେ । ସିଠୁ ଗେନେୟ, ଗେନେୟ ଯେ ଗୁଟେ କଉଟ ଘର୍‌କୁ । କଉଟ ଇନ୍ତି ନମା ଚଉଳା ଛଅ ବଖରା ଘର । ଭୁଜା ଭାଜିଛି ଯେ ବାପ ତାର କେତେ ପଉଟି ଖାଲି ବଗବଗିଆ ଦିଶୁଛି । ଏ ମାଉସୀ ଏ ମାଉସୀ ଇଠୁ ଦିଅନା ଆମ୍‌କୁ ଭୁଜା ମୁଠେୟ ମୁଠେୟ । ବାରବର୍‌ଷ ହେଲା ଆମ୍‌ହେ ଅନ୍ତରଧିଆନି । ଆମର ପେଟ୍‌କୁ ଦାନା ନାଇଁ ଅଣ୍ଟାକୁ କନାନାଇଁ, ଆଉ ଆମ୍‌ହେ ଖାଇମୁ । ଡଲାଛୁଆ ଧରିକରି ସେଇ କଉଟଣି ଗେଲା । ଏଇ ଚାଣ୍ଡାଳଗାକୁ ଦାୟଁ ଭୁଜା ଗଣ୍ଡେ ଗଣ୍ଡେ ହେନେ । ବଲେ କାହୁଁ କାହୁଁ ପବନ ଆଇଲା ଯେ ଏଡ଼େ ଏଡ଼େ ଭୁଜାସବୁ ଉଡ଼େଇ ନେଇଗେଲା । ସିଠୁ କାନ୍ଦିକରି ବଡ଼ରାମ କନ୍‌ହେଇ ପଳାନେୟ । ଆଉ ହାକ୍‌ନାଇଁ, ଆମକୁ ଦାନାପାଣି ମିଳିଆକ୍ ନାଇଁ । ସିଠୁ ବଡ଼ରାମ କହିନେୟ କନ୍‌ହେଇକି ଦେଖ୍‌ଲେ ତୁଇ ପରା ଚାରିବାହାକୁ ଚାରଟା ବାଆ କରୁଥିଲେ । ଗୁଟେ ବାଆ କରିତ ଏତେ ଅବସ୍ଥା ପାଇନୁନି । ଏ ଭାଇ ଯା କୁହ ପଛେ, ତୁମ୍‌ହେ ମାଇନେ ମଇଧ ମୁଇଁ କିଛି କହିବି ନାଇଁ, ସିଠୁ ଯାଉଥିନେୟ ବଡ଼ରାମ ମୁରଛା ଗେଲା । ମୁରଛାଗେଲା ଯେତେବଲେ ଡାଳଗୁଟେ ଆଣିକରି ବିଞ୍ଚିକରି ତାକୁ ସାଷ୍ଟାମ୍ କଇଲା କନ୍‌ହେଇ । ସିଠୁ ଗେନେୟ ଗୁଟେ ବାହ୍ମଣ ଘରକେ । ବାହ୍ମଣ ଘରକେ ଗେନେୟଯେ ମାଉସୀ କିସ କରିବା, ଆମ୍‌କୁ ପଖାଳ ଦୁଇଟା ନେଖାଏଁ ହେନେ ଦିଅ । ସିଠୁ ବାହ୍ମୁଆଣି ବଲୁଛି ଏ ବାପ କିସ କର୍‌ବି, ଆଉ ଏଇ ନିନି ପଖାଳ ହେନେ ଦୟଁ । ନିନି ପଖାଳ କହିନେ ଏଇ ଛୁଆ ମାନକାର ଯେତେ ଅଇଁଠା ଗୁଟେ ଯାଗାରେ ପଖାଳନ୍ତି ସିଗା ନିନି ପଖାଳ । ରଫଲ୍‌ବେଲା ଦୁଇଟା ଆଣିଲା ଏଇ ଚାଣ୍ଡାଳ୍ ଦୁଇଝଣକୁ ଦୟଁ ବଲି । ସେ ନିନି ପଖାଳ ବାପା ଉଡିଗେଲା । ସିଠେବି ପାଇନେୟନି । ସିଠୁ କାନ୍ଦିକରି ପଳାନେୟ । ସିଠୁ ଗେନେୟଯେ ଗେନେୟଯେ ପୁରୀରୁ ଦୁଇଝଣ ଘୁରୁଥାନ୍ତି । ଏ ବାପା ତୁମ୍‌ହେ କେଁଠ୍‌କୁ ଯାଇଥିଲ । ନା ଆମ୍‌ହେ ପୁରୀ ଦଉଳକୁ ଯାଇଥିନୁ । ନା ସିଠେ କିସ କିସ । ନା ଷାଠିଏ ହାଣ୍ଡି ବସିଛି, ଗୁଟେ ସଳିତା ଜଳୁଛି । ଶଅ ଶଅ ଦେଖିନୁ ଉତର ପୁରବ ପଛିମ ନୁକ ସିଠ୍‌କି ଯାଉଛନ୍ତି । ଦିଅନା ବାପା ପୁରୀରୁ ଭୁଗ ଆଣିଛ ହେନେ । ସିଠୁ ସିମାନେ ଭୁଗ ଦେଇକି ଗେନେୟ ବଲେ ସେ ଭୁଗବି ଉଡ଼ିଗେଲା । ରାମ୍ ରାମ୍ ଚାଣ୍ଡାଳ ମାନେ, ତୁମ୍‌ହେ ନକ୍ଷୀଁ ଛଲେ । ତିରିନାରୀ ଅବିଚାରୀ । ତମେ ତିରିକି ଦେଇଛ ଖେଦି ଆଉ ନକ୍ଷୀଁକି ପାଇ ତୁମ୍‌ହେ । ସିଠୁ ବଇନେୟ କେଁଠ୍‌କୁ ଯିମୁ ଭାଇମାନେ । ଯୁଅ ଚାଣ୍ଡାଳମାନେ ଡଗ୍‌ରେଇ ଡଗ୍‌ରେଇ ପୁରୀକୁ ଯୁଅ । ସିଠୁ ଡଗ୍‌ରେଇ ଡଗ୍‌ରେଇ ପୁରୀକେ ଗେନେୟ । ଗେନେୟ ଯେ ଯେତେବଲେ ଟୁକି କୁଇଲି ମାନେ ଭୁଗବାଣ୍ଟି ନେଉଛନ୍ତି ଆଉ

ନୁକକୁ ଏତ୍‌କି ଦେନେବି ଶାନ୍ତି ଖାଇକରି, ଆଉ ସେ ଦୁଇଝଣ ନାଇଁ । ଯେତେ ଦେନେ ଖାଇନେୟ, ଯେତେ ଦେନେ ଖାଇନେୟ । ସିଠୁ ଟୁକି କୁଇଲିମାନେ ବଲୁଛନ୍ତି ନକ୍ଷୀ ଠାଣେ ଆଉ ଗୁଟେ କଥା କହିମୁ । ନା କିସକଥା କହିବ । ଦୁଇଝଣ ନୁକ ଆଇଛନ୍ତି ଯେ ତାଙ୍କର ଦିହରେ ବସ୍‌ତର ନାଇଁ, କୁମ୍ଭି ବାକ୍‌ଳା ପିନ୍ଧିଛନ୍ତି, ତାଙ୍କର ଦାହ୍ଲି ବହ୍ଲିଛି ଯେ ଗୁଡ୍‌ରେ ଫଳିଛି । ସିଠୁ ନକ୍ଷୀ ତିଥି ଦେଖିନେୟ ଯେ ଅହ, ବାରବରଷ ପହଞ୍ଚିଗେଲା । ଆଉଛନ୍ତି ଡଗରିକରି ଆଉ । ସିଠୁ କନ୍‌ହେଇ ବଲୁଛନ୍ତି ବଡରାମକେ ଭାଇ ଯା ହେନେ ଖାଇଥିତେୟଁ, ଆଉ ଆମ୍‌କେ ପୂଜା ଦାକ୍ ଇନାରା । ଦଉଳ ଭିତିରିକ ଚାରି ଘରିଆକେ ନେଲାନି ଆଉ ଆମ୍‌କେ ରଖିଆକେ । ସିଠୁ ବଡ଼ରାମ କହିନେୟ କରୁପଛେ ଯିବା । ସିଠୁ ନାକ୍ଷୀ ଦେଖିଦେୟ ଝରକାବାଟେ ଯେ ଅହ, ମକେ ଖେଦିକରି ଏତେ ଅବସ୍ଥା ପାଇଲ । ସତ ଯୁଦୁରି ବଡରାମ କନ୍‌ହେଇ ଆଇଥିମେୟ ହେନେ ଆଣ ଭୁଗଥାକିଟା ମୁଇଁ ଛୁଇଁ ଦୟଁ । ସେ ନକ୍ଷୀ ଠାକୁରାଣୀ ଛୁଇଁ ଦେନେୟ୍ ଯିନ୍ତି ଏତ୍‌କି ଏତ୍‌କି ଖାଇ ପାଇନେୟନି । ସିଠୁ ଟୁକି କୁଇଲି ମାନ୍‌କେ କହିନେୟ ଯୁଅ ବଜାରକେ ଯିବଯେ ସାତେ ସାତେଟା ନୁଗା ଆଣିବ ଚଉଦଟା ସାତେ ସାତେଟା ଆଣିବ ଗଞ୍ଜି ଚଉଦଟା । ସାତ ସାତେଟା ଗାମ୍‌ଛା ଆଣିବ ଚଉଦଟା । ଆଉ ଅଦେ ଯିବାଯେ ଘିଅ ଆଣିବ ସାତେ ମହଣ । ଆଉ ଦୁଇଝଣ ଗେନେୟ୍ ଧୁବାଭଣ୍ଡାରି ଡାକି । ବଳେ ବଡ଼ରାମ କହୁଛନ୍ତି ଆଜି ଆମ୍‌କେ ପୂଜା କରି ଦାକ୍‌ନି, ଆଉ କରୁପଛେ ଭାଇ । ଖାଇଛେୟଁତ । ସିଠୁ ଧୁବା ଭଣ୍ଡାରି ଆଇନେୟ । ଖେର ବତ୍‌ର କରି ଦେନେୟ । ଗୁଟେ ନୁଗା ପିନ୍ଧିକରି ଆଉ ଗୁଟେ ପକେଇ ଦନ୍ତି । ସେଇ ପାଣିରେ ଇମାନେ ଡୁବିକରି ଆସନ୍ତି । ଇନ୍ତି ହେଇ ହେଇ ସାତେଟା ନୁଗା ଧୁବା ନେଲା ସାତେଟା ବାରିକ ନେଲା । ଆଉ ଗୁଟେ ଗୁଟେ ତାଙ୍କର ଦିହିରେ ରହିଲା । ସିଠୁ ନକ୍ଷୀ ଗୁଟେ ଖୁଟେ ଭଲ ନୁଗା ଦେନେୟ । ଯେତେବଳେ ଭରାହ୍ମ ହେଇଥାଏ ସେତେବଳେ ନକ୍ଷୀ ଫିଙ୍ଗି ଦେନେୟ ଚିଠିଟା ଦେଖନ୍ତୁ । ବଡ଼ରାମ ବଇନେୟ ଠିକ୍‌ରେ ବାପର୍ ଝିଅ । ତର ଗୁଡ଼ ତଳକୁ ଆଇନୁ ଆମ୍‌ହେ । ସେଇ ତିର୍‌ଲା ଝିଅ ପୁରୁଷକୁ ଜାତି କରେଇଲା, ସିଠେ ମିଶିଲା । ସେଠୁ ଯେତେପର ହୁମ ଯାଇକି କରିସାଇନେୟ ପୁଥିସାହାସ୍ର ପଲ୍‌ହି ସାଇନେୟ ସେଇ ତିର୍‌ଲା କହିଲା

''ଟା ମା ମଇଧେ ତୁଲ୍‌ସି ପତର ତର ମଇଧେ ପାନ୍‌ଗ
ତିରି ମଇଧେ ରାଧିକା ପୁରୁଷ ମଇଧେ ଭଗବାନ ।''

ଅପୁର୍ବଗଦେଇ, ବିଶିପୁର

ଠଠ

# ଚାଙ୍ଗୁଗିତ

ସିରି ରାମ ରାମ ତଳେ ସିରି ରାମ ରାମ ସିରି ରାମ ରାମ
ସିତଲ ବଉଳ ମୂଳେ ଡଣ୍ଡେ ବିସିରାମ ଡଣ୍ଡେ ବିସିରାମ ।
ଏ ଉଆଚାଉଳ କଁଚାଦୁଧ ବଡ଼ାମ ବନ୍ଦଇଁ ବଡ଼ାମ ବନ୍ଦଇଁ
ଏ ଉଆ ଚାଉଳ କଁଚାଦୁଧ ବଡ଼ାମ ବନ୍ଦଇଁ ବଡ଼ାମ ବନ୍ଦଇଁ
ଏ ପକେଇ ଦିଅ ଚକି ପିଲ୍‌ହା ବସିବେ ବଡ଼ାମ, ବସିବେ ବଡ଼ାମ
ଏ ପକେଇ ଦିଅ ଚକି ପିଲ୍‌ହା ବସିବେ ବଡ଼ାମ, ବସିବେ ବଡ଼ାମ
ଏ ସିରି ରାମ ରାମ ରାମ ତଳେ ସିରି ରାମ ରାମ ସିରି ରାମ ରାମ
ସିତଲ ବଉଳମୂଳେ ଡଣ୍ଡେ ବିସିରାମ ଡଣ୍ଡେ ବିସିରାମ ।
ଏ ବନ୍ଦଇଁ ଦେବି ଦୂଗା ବନ୍ଦଇ ଦେବି ଦୂଗା କର ସୁଦୟା କର ସୁଦୟା
ବନ୍ଦୁଛି ଦେବି ଦୂଗା ବନ୍ଦୁଛି ଦେବି ଦୂଗା କର ସୁଦୟା ଜେ ନାମ ଅଭୟା ।
ଆଉ କିଚ୍‌କ ବାହୁବଳ ବିରାଟ ଗଳ
ହେ କିଚକ ବାହୁବଳ ବିରାଟ ଗଳ
ଘେରି ରହିଛି ଦେଖ ଘେରି ରହିଛି ଦେଖ ହୁଳି ପାହାଡ଼ଜେ
ହେ ଘେରି ରହିଛି ଦେଖ ଘେରି ରହିଛି ଦେଖ ହୁଳି ପାହାଡ଼ ।
ଆଉ ପଛିମ ଦିଗରେ ସେ ସମ୍ମୁଖ ରହି ୪
ହେ ପଛିମ ଦିଗରେ ସେ ସମ୍ମୁଖ ରହି
ତାପାଖେ ଖୁସୁବଦ୍ରା ତା ପାଖେ ଖୁସୁବଦ୍ରା ନଦି ବୁହଇଜେ
ତାପାଖେ ଖୁସୁବଦ୍ରା ନଦି ବୁହଇଜେ ପାଟ ମଣ୍ଡାଇ
ଆଉ ପୁଡ଼ାଡିହାମ ଗ୍ରାମ ନିଜାମ ସ୍ଥାନ
ପଞ୍ଚୁ ପାଣ୍ଡେବ କରି ପଞ୍ଚୁ ପାଣ୍ଡେବ କରିଛନ୍ତି ଆସ୍ଥାନଜେ, ସେହୁ ଆସ୍ଥାନ
ମ ଘର ସାଇଁକୁଳା ବାହ୍ମଣ ସାଇ
ମ ଘର ସାଇଁକୁଳା ବାହ୍ମଣ ସାଇଁ
ଏ ଗିତ ହରେ କିସ୍‌ଟଁ ଏ ଗିତ ହରେ କିସ୍‌ଟଁ ରଚନା ସେହିଜେ,
ନୁହେଁ କଳ୍ପନା

ଆଉ ଗିତ ବାନ୍ଧିଛି କବି, ଗିତ ବାନ୍ଧିଛି କବି ହେଉଛି ବଣାକେ,
ନୁହେଁ କଳନା ।

ନଛିପୁର, କପ୍ତିପଦା

ଶବ୍ଦାର୍ଥ :-

ସିରିରାମ-ଶ୍ରୀରାମ, ବିସିରାମ-ବିଶ୍ରାମ, ବଡ଼ାମ-ବଳରାମ, ପିଲ୍ହା-ପିଢ଼ା, ଦୁଗା-ଦୁର୍ଗା, ଗଳ-ଗଡ଼, ହୁଳି-ଛୋଟ ପାହାଡ଼(ପଥର ସ୍ତୂପ) ପାହାଳ-ପାହାଡ଼, ପଛିମ-ପଶ୍ଚିମ, ସମ୍ରିଖ-ଶମିବୃକ୍ଷ, ଖୁସୁବୁଦ୍ରା-କୁଶଭଦ୍ରା, ନିଜାମ-ରାଜାଦତ୍ତ, ଆସ୍ତାନ-ଆସ୍ଥାନ ।

-୨-

ଇଏ ହରିରାମ ରାମ ସିରିରାମ ରାମ
ସିରିପଦକେ ବନ୍ଦୁଅଛି ଫୁଲଚନ୍ଦନ, ମୁଖେ ଦିଅ ଚୁମନ
ହରି ରାମ ରାମ ସିରି ରାମ ରାମ
ସିରିପଦକେ ବନ୍ଦୁଅଛି ଫୁଲଚନ୍ଦନ, ମୁଖେ ଦିଅ ଚୁମ୍ବନ ।
ସାରିରେ ସୁଆ ରାମ ଭଜୁଛି
ଚାରଘର ଭାଆର ହିରା ମାଣିକ ଜଳୁଛି, ସୁଆ ରାମ ଭଜୁଛି ।
ରେ ଉଆ ଚାଉଳ କଁଚା ଦୁଧ ବଡ଼ାମ ବନ୍ଦଇଁ ନା
ସାରିରେ ସୁଆ ରାମ ଭଜୁଛି
ଚାରଘର ଭାଆର ହିରା ମାଣିରକ ଜଳୁଛି ସୁଆ ରାମ ଭଜୁଛି ।
ଏ କାଟିଗଲି ମୁଣ୍ଡା କାଟିଗଲି ମୁଣ୍ଡା
ଏପଦେ ବନ୍ଦିତେ ପଡ଼େ ବଡ଼ାମର ବୁଢ଼ା
ସାରିରେ ସୁଆ ରାମ ଭଜୁଛି
ଚାରଘର ଭାଆର ହିରା ମାଣିକ ଜଳୁଛି,
ଖେଲ୍ ଖେଲ୍ ଖେଲ୍ ଲିଫାୟ୍, ଲିଫାୟ୍, ଲିଫାୟ୍ ।
କୁଳ୍‌ହେଇ ପାଁଇନି ଗୁଡ଼ି
ଏ କୁଳ୍‌ହେଇ ପାଇନି ଗୁଡ଼ି
ଏ ପଦେ ବନ୍ଦିତେ ପଡ଼େ ବଡ଼ାମର ବୁଢ଼ି
ହାୟ ହାୟ୍ ବଡ଼ାମର ବୁଢ଼ି ବଡ଼ାମର ବୁଢ଼ି

କାଟି ଗନି ରୁଅ କାଟି ଗନି ରୁଅ
ଏ ପଦେ ବନ୍ଦିତେ ପଡ଼େ ବଡ଼ାମର ପୁଅନା
ହାୟ ହାୟ ବଡ଼ାମର ପୁଅ ।
ଏୟ ସିଲ ଘରେ ମହୁନା ପତର୍ ଘରେ ମହୁ
ଏ ପଦେ ବନ୍ଦିତେ ପଡ଼େ ବଡ଼ାମର ବହୁ
ହାୟ ହାୟ ବଡ଼ାମର ବହୁ ।
ସାରିରେ ସୁଆ ରାମ ଭଜୁଛି
ହାୟ ହାୟ ସୁରୁ ମୁହଁକେ ସୁରୁ ସଂଖା ଭଲ ଦିସୁଛି, ଖେଲ୍ ଖେଲ୍ ଖେଲ୍ ଲିଫାୟା, ଲିଫାୟ୍, ଲିଫାୟ୍ ।
ଆମ ଖିଆ କାତିନା ଆମଖିଆ କାତି
ଏ ପଦେ ବନ୍ଦିତେ ପଡ଼େ ବଡ଼ାମର ନାତି
ଏ ସାରିରେ ସୁଆ ରାମ ଭଜୁଛି
ଚାର୍‌ଘର ଭାଆର ହିରା ମାଣିକ ଜଳୁଛି, ମାର୍ ମାର୍ ଭୁଇତାଳୁକେ, ଗଡ଼ିଗଡ଼ିଗଲା ହାଣ୍ଡିସାଲ୍‌କେ
ଏତ୍‌କି ଜାଣୟ ତେତ୍‌କି ଜାଣୟ
ପାତାଳେ ପଡ଼ଇନା
ବଡ଼ାମ୍ ଗିତ ଅତେଇକଲି, ଦେଉଛି ମେଲାଣିନା
ଏ ସାରିରେ ସୁଆ ରାମ ଭଜୁଛି
ଚାର୍‌ଘର ଭାଆର ହିରା ମାଣିକ ଜଳୁଛି ।

(-ନଛିପୁର-)

ଶବ୍ଦାର୍ଥ :-

ଚୁମନ-ଚୁମ୍ବନ, ଭାଆର-ବାହାର, ଗୁଡ଼ି-ଗୋଡ଼ିନ, ସଂଖା-ଶଙ୍ଖା, ଭୁଇଁତାଳୁ-ବୋଇତି କଖାରୁ ।

-୩-

ଚାଲ ଜିବା ବୃନ୍ଦାବନ
ତୁନି ଜିବା ପୁସ, କରିବାରାସ
ତୁନି ଜିବା ପୁସ କରିବାରାସ

ଏ କାଲି ମଙ୍ଗଳ ବିଦାନ
ଏ ସୁଣ ସଙ୍ଗାତ
ଏଇଙ୍କେ ଗଲେ ତୁଳିବାପାଇଁ ପାର୍‌ବତି କାନ୍ତ
ହିଏ ସୁଣ ସଙ୍ଗାତ
ନିବିଡ଼ କୁସୁମ ନାମ ବଇକାଳିଙ୍କେ
ତୁଳୁଛନ୍ତି ବ୍ରଜ ନାରିଙ୍କେ
ତୁଳୁଛନ୍ତି ବ୍ରଜ ନାରିଙ୍କେ
କାହିଁ ନୁଚିଅଛ ବରଣ ଦେବି
କେତେ ନୁଚିଅଛ ନନ୍ଦର ନନ୍ଦେଲି
ଏଇଙ୍କେ କାଲି ଆସିବା ଘରୁ ପଳାଇ
ରେ ନାଙ୍କ ନାଇଁ ମରଥରେ
କଳା ଘୁଳା ଧଳା ଘୁଳା
ସହଳାରେ ରଙ୍ଗ ଳୁଳି
ସହଳାରେ ରଙ୍ଗ ଳୁଳି
ଆଖିଁ ମିଟି ମିଟି, ଦାନ୍ତ କିଟି କିଟି
ଆଖିଁ ମିଟି ମିଟି, ଦାନ୍ତ କିଟି କିଟି
ଦେଖି ମରିଲେରେ ରସ ଳୁବତି
ଗୁପି ହସରତନ
ଛାଡ଼ି ପଳାଇଲେ ବୃନ୍ଦାବନ
ଗୁପି ହସ ରତନ ।
ଆହାରେ ଦୁତି
ରାଧିକା କହନ୍ତି
କୁସ୍‌ଟଁ ଛାଳି ଦେଲା ହସ
କୁସ୍‌ଟଁ ଛାଳି ଦେଲା ହସ
କୁସ୍‌ଟଁ ଛାଳି ଦେଲା ହସ
ଆମ୍ଭେ ଦୁଇ ସଖି, ଚରଣ ଖଟନ୍ତି
କହେ ରାମ ଚରଣ

ବିସି ମାଗଲେ ପାଣି ସରଣ
କହେ ରାମ ଚରଣ ।

('ବିସି ପୁର୍')

ଶବ୍ଦାର୍ଥ :-

ବୃନ୍ଦାବନ-ବୃନ୍ଦାବନ, ତୁଲି-ତୋଳି, ପୁସ-ପୁଷ୍ପ, ବିଦାନ-ବିଧାନ, ଗୁପି-ଗୋପୀ, କୁସ୍ଟଁ-କୃଷ୍ଣ ।

-୪-

କ' କୁଦୁମ୍ ମୁଳେ କିଏ ବଇଛି
କ କୁଦୁମ୍ ମୁଳେ କିଏ ବଇଛି
ତୁମରି ପରି ଝଣେ, ତୁମରି ପରିଝଣେ ଦିସୁଛି
କ କୁଦୁମ୍ ମୁଳେ କିଏ ବଇଛି ।
ସୁନା ପରି ଦିହ ପିତଳ କଲୁଗ
ସୁନା ପରି ଦିହ ପିତଳ କଲୁଗ
କ କୁଦୁମ୍ ମୁଳେ କିଏ ବଇଛି ।
ଦିଅର ଗାଞ୍ଜଣା
ଭାଉଜ ଗାଞ୍ଜଣାଜେ
ସଇନ ପାରଇଗ
କ କୁଦୁମ୍ ମୁଳେ କିଏ ବଇଛି
ତୁମରି ପରି ଝଣେ ତୁମରି ପରି ଝଣେ ଦିସୁଛି
କ କୁଦୁମ୍ ମୁଳେ କିଏ ବଇଛି ।

-୫-

ଆରେ ମତେ ନାରିକଲା ଆଣି ଦଇବ
ମତେ ନାରି କଲା ଆଣି ଦଇବ
ବନ ଫୁଡ଼ିଗନେ ସମତେ ଜାଣନ୍ତି
ହୃଦ ପୁନେ କିଏ ଜାଣିବ
ମତେ ନାରି କଲା ଆଣି ଦଇବ ।
ଆରେ ଦଇବ କି କଲା

ନାଗର ବରକେ ଜେ
ମର ରସିକ ବରକେ ନେଇ
ବିଦେସରେ ବିହିଲା
ବିଦେସରେ ଥାଇବର, ବାଣ ବାଜିଲା
ପିଟି ଥୟ ନ ହେଲା
ସିଠୁ ହେତୁ ବସିଲା
ସୁପାତି ବିଛଣା ଦିନେ, କରି ଦେଲୁ ମନା
ସୁମନ ମିଛରେ ତୁ ହେଲୁ ବାଇନା
ମତେ ନାରିକଲା ଆଣି ଦଇବ ।
ବନ ଫୁଡ଼ିଗନେ ସମତେ ଜାଣନ୍ତି, ହୃଦ ପୁନେ କିଏ ଜାଣିବ ।
କହେ ସଦାନନ୍ଦ ମନରେ ବିସାଦ
ସତେକି ସୁଭାଗ ହଇବ
ମତେ ନାରିକଲା ଆଣି ଦଇବ ।

(ପାଟ୍‌ବିଲ୍)

ଶବ୍ଦାର୍ଥ :-

କ-କହ, କୁଦୁମ୍-କଦମ୍ବ, ବଇଛି-ବସିଛି, ସଇନପାରଇ-ସହିନପାରଇ, ବନ-ବଣ, ଫୁଡ଼ିଗନେ-ପୋଡ଼ିଗଲେ, ପୁନେ-ପୋଡ଼ିଲେ, ସୁଭାଗ-ସୌଭାଗ୍ୟ ।

-୬-

ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଖାଇବେ ମାଇଁସ ଟେଙ୍କେ ନାନିଲ ମର
କାଲିକେ ଆସିବେ ଚାହା ଖାଇ ନାନିଲ ମର ।
ମଲିଫୁଲ ଦନାଦନା କେତକି ନାନିଲ
ପିନ୍ଧିନେ ଜାଣିବ୍‌ବେ ସିନା କେତକିନାନି
ମର ଚାଙ୍ଗୁ ଘାଉଁ ଘାଉଁ ନାରେ ଚାଙ୍ଗୁ ଘାଉଁ ଘାଉଁ
ଚାଲ୍‌ରେ ବୁଢ଼ି ନେଇ ଛାଲିବି ବେଳା ଥାଉଁ ଥାଉଁ ।

□□

# ଟାଙ୍ଗୁହାଦି

ଟାଲ୍‌ଘେନ୍ତାଲ୍ ଘିନ୍‌ତା
ଟାଲ୍ ଘେନ୍ତାଲ୍ ଘିନ୍‌ତା
ଟାଗ୍, ଟାଗ୍, ଟାରାଟା
ଟା ଘେନ୍ତାଲ୍ ଘିନ୍‌ତା
ଟା ଟା ଟା ଘିନ୍ ଘିଟା
ଟା ଟା ଟାଘିନ୍ ଘିଟା
ଟା ଘୁନ୍ ଘୁଁ ଟା, ଟା ଘୁନ ଘୁଁତ, ଘୁନ୍‌ତା, ଘୁନ୍‌ତା, ଘୁନ୍‌ତା ।

□□

# ଡାଣ୍ଡିଗିତ

ଆହାରେ ଅସକ ଖେତି
ମ ଗୁଡ଼େ ନାଗିଛି ହ ଜମ ଦେଉଡି
ମ ଗୁଡ଼େ ନାଗିଛି ହ ଜମ ଦେଉଡି
ଜମ ଦେଉଡ଼ି ହ ମ ପ୍ରାଣ ଜାଉଛି ଛାଡ଼ି ।
ମ ପ୍ରାଣ ଜିବାର ବେଳେ
ଛ ଖଣ୍ଡ କାଠହ ନେଇ ବାନ୍ଧିଲେ
ଛ ଖଣ୍ଡ କାଠହ ନେଇ ବାନ୍ଧିଲେ
ନେଇ ବାନ୍ଧିଲେହ ମସାଣି ପଦାରେ ଦେଲେ ।
ବାଲିକି ଧସାଇ ଦେଇ
ଜଳ ଡୁବା ଦେଇହ ସମତେ ଜାଇ
ଜଳ ଡୁବା ଦେଇହ ସମତେ ଜାଇ
ସମତେ ଜାଇହ କାନ୍ଦୁଛନ୍ତି ବାପା ଭାଇ ।
ବାପା ଭାଇ କେଡ଼େ ମିଠା
ଅଧରାତ୍ର ହେନେହ ଖାଆନ୍ତି ପିଠା
ଅଧରାତ୍ର ହେନେହ ଖାଆନ୍ତି ପିଠା
ଖାଆନ୍ତି ପିଠାହ ବାପାକେ ନାଗିଲା ଚିନ୍ତା ।
ବାପା ଗୁଣ ଗାଉଥିବ
ଦସ ଦିନ ହେନେ ହ ସୁଦ କରିବ
ଦସ ଦିନ ହେହେ ହ ସୁଦ କରିବ
ସୁଦ କରିବହ ମନାମ ନୁଚାଇ ଦେବ ।
ଆହାରେ ମ ପ୍ରାଣ ସହି
ହଳଦି ଅଣାହ ବାଟକେ ନେଇ
ହଳଦି ଅଣାହ ବାଟକେ ନେଇ
ବାଟକେ ନେଇହ ଚୁଠକେ ଛିବା ଗାଧଇ ।

ଟୁଠରୁ ଫେରିଲାବଳେ
ଚହରାରେ ପାଣି ହ ଜୁଗାଇଥିବେ
ଚହରାରେ ପାଣି ହ ଜୁଗାଇଥିବେ
ଜୁଗାଇଥିବେହ ସମତେ ହସ୍ତରେ ଦେବେ ।
ଟାଙ୍ଗର ତଳିଆଛାଇ
ଅଧରାତ୍ର ହେନେହ ଆଣିବ ଜାଇ
ଅଧରାତ୍ର ହେନେହ ଆଣିବ ଜାଇ
ଆଣିବ ଜାଇହ ଗାଁଟା ନିଛଳ ହଇ ।
ପୁଖୁରି ଆଡ଼ିଆ ନିମ
ହସ୍ତ ବଣଉଛିହ ଗରୁଡ଼ କୁମ
ହସ୍ତ ବଣଉଛିହ ଗରୁଡ଼ କୁମ
ଗରୁଡ଼ କୁମହ ବାଛି ବାଛି ନେଲା ଜମ ।
ବଳ ନିଆ ନିଭିଗେଲା
ଆଛା ପୁତ୍‌ର ଖଣ୍ଡେହ ଜନମିଥିଲା
ଆଛା ପୁତ୍‌ର ଖଣ୍ଡେହ ଜନମିଥିଲା
ଜନମି ଥିଲାହ ଜମ ସଜା ନେଇଗଲା ।
ଜମର କାକୁଡ଼ି ବାଡ଼ି
କେଁଚା ପାକିଲାରୁହ ଖାଆନ୍ତି ତୁଳି
କେଁଚା ପାକିଲାରୁହ ଖାଆନ୍ତି ତୁଳି
ଖାଆନ୍ତି ତୁଳିହ ଜମର କିଟନ୍ତି ବେଲ୍‌ହି ।
ଜମର ଏ ସାନ ଭାଇ
ଆଉ କିରେ ଜମ ପାରିବେ ନେଇ
ଆଉ କିରେ ଜମ ପାରିବେ ନେଇ
ପାରିବେ ନେଇହ ନେଖାଇ ରଖିଥିବଇ ।
ଥନ୍ତାସର ବାଇଁସର
ନାଳକୁଳେ ନେଇହ କଇଲେ ଘର
ନାଳକୁଳେ ନେଇହ କଇଲେ ଘର

କଇଲେ ଘରହ ସଁପତି ଖାଇବେ ତର ।
ନୁଆଁ ବେହେରିରି ବହି
ଆଇସ ପୁରିନେହ ଜମ ନିଅଇ
ଆଇସ ପୁରିନେହ ଜମ ନିଅଇ
ଜମ ନିଅଇହ ବୁଲିଲେ ବିରକ୍ତ ହଇ ।
ଚାଉଳ ଭାଜିନି ଝାଇଁ
କୁଳେ ପୁତ୍ର ନାଇଁହ ଭାବିବି ନାଇଁ
କୁଳେ ପୁତ୍ର ନାଇଁହ ଭାବିବି ନାଇଁ
ଭାବିବି ନାଇଁହ ସଁପତିରେ କାଜନାଇଁ ।
ଧନଥିନେ କିସ ହେବ
କୁଳେ ପୁତ୍ର ଥିନେହ ପଥି ନାଇବ
କୁଳେ ପୁତ୍ର ଥିନେହ ପଥି ନାଇବ
ପଥି ନାଇବଂହ ସକାଳେ ରାତି ପାହିବ ।

(ଚଣ୍ଡ, କେଉଁଝର)

ଶବ୍ଦାର୍ଥ :

ହାଦି-ତାଳ, ମସାଣିପଦା-ଶ୍ମଶାନଭୂମି, ଦେଉଡ଼ି-ଦଉଡ଼ି, ଦସ-ଦଶ, ସ୍ରୁଦ-ଶ୍ରାଦ୍ଧ, ନୁଚାଇ-ଲୁଚାଇ, ଟୁଠ-ତୁଠ, ଚହରା-ଚଉରା, ଟାଙ୍ଗରା-ପଥର, ନିଛଳ-ନିଶ୍ଚଳ, କୁମ-ଖମ୍ବ, ବଳ-ନିଆଁରଖିବା ଅଟା (ବଡ଼), କାକୁଳି-କାକୁଡ଼ି, କେଁଚା-କଞ୍ଚା, ବେଲ୍‌ହି-ବେଢ଼ି, ଥନ୍ତା-ଥନ୍ତରା ।

# ଦୁଲିଗିତ

-୧-

ରଜ ଦୁଲି ଖେଲ ସୁଖ, ସତେ ସିରାମକୁଗ ଦେଖିବି ମୁଖ
ରଜ ଦୁଲି ଖେଲ ସୁଖ, ସତେ ସିରାମକୁଗ ଦେଖିବି ମୁଖ
ଦେଖିବି ମୁଖ ଗ ପାସୁରିବି ସବୁ ଦୁଖ ।
ରଜ ହେଲାଣି ନିକଟ ଆସ ସଖିମାନେ ଦୁଲିରେ ବସ
ଦୁଲିରେ ବସଗ ମନ ହେଲାଣି ଉଛଟ,
ସୁରୁମୁହିଁ ଆଏ ସୁଣ, ତୁମଠାରେ ଅଛି ଭଉତ ଗୁଣ
ଭଉତ ଗୁଣ ଗ କିମ୍ପାଇଁ ମାରିଦେଲୁ ମନ ।
କାଳିଆ ଛେଳିରି ପଘା, କଁ ଦିନ ପାତେଲାଗ ଦେଇଛୁ ଦଗା
ଦେଇଛୁ ଦଗାମ, ସେଇଦିନୁ ମନଭଙ୍ଗା ।
ଦୁଲି ଦୁଇମୁଣ୍ଡ ଘାସ, ଆସ ସଖିମାନେ ଗ ଦୁଲିରେ ବସ
ଦୁଲିରେ ବସଗ, ନାଇଁ ନାଗି ଛିବ ଦୁସ ।

(-ଜସିପୁର-)

-୨-

ଚାଉଳ ଭାଙ୍ଗିନି ଝାଇଁ
ହୃଦ ମନ କଥାହ କହିବି କାଇଁ ।
କହିବି କାଇଁ ହ
ଗ୍ରଭଧାରି ମାତା ନାଇଁ ।
ଗ୍ରଭଧାରି ମାତା ଥାଆନ୍ତା
ମ ମନ ବୁଝାଇହ ସିଏ କହନ୍ତା
ସିଏ କହନ୍ତାହ ଛଡ଼ାଇ ନେଲା ବିଧାତା ।
ଫାଟି କାଉଅଛି ବୁକୁ, କିଏ ଆଣିଦେବହ ପ୍ରାଣଧନକୁ
ପ୍ରାଣଧନକୁ ହ, ରାଇଜବାଳି ଦେବି ତାକୁ ।

ରାଇଜରବାଳି ତାଙ୍କ ସବୁ
କିଏ ଆଣି ଦେବହ ପ୍ରାଣ ଇସର
ପ୍ରାଣ ଇସରହ ଖଟନ୍ତି ତାଙ୍କ ପୟର ।
ବାଟର ମହୁଆ କସି
ହୃଦ ମନ କଥାହ କିଏ ଜାଣିଛି
କିଏ ଜାଣିଛି ହ.......
ଆହାରେ ଉଲଟବଟ
ରାଜା ପିନ୍ଧିଛନ୍ତି ହ ସୁକଲ ପାଟ
ସୁକଲ ପାଟହ ଉଠିଗଲେ ସିଦମଠ ।
ସିଦରୁ ଅଲ୍‌ହିବା ବଲେ
ଦରସନ କଲେହ ବଡ଼ ଡାଣ୍ଡରେ ।
ଏ ଜଉଁ ସିଂଗ ଦୁଆର
କି ସୁବା ଦିସୁଛି ହ କଚିରି ଘର ।
କଚିରି ଘରହ, ମୁଖରୁ ବହୁଛି ଝାଲ ।
ଝାଲ ଗମ ଗମ ଜା ମୁଚୁକୁ ହଁସା,
ମୁଚୁକୁ ହଁସାଇ ମାରିଛୁ ଢ଼ାଲିଆ ଖୁସା
ଏ ଢାଲିଆ ଖୁସାରେ ଜା ଫୁଲ ଚହଟା
ନାରଙ୍ଗ ଅପାଲ ଗୁଡ଼ାଇ ଜାଇତେ କଥା ।
ପାଣିରି ପାଣି ପହଁରା
ଗିତ ସୁଣିବାକୁ ହ ଆଇଛ ପରା
ଆଇଛ ପରାହ ଭାରରେ କରି ଦଦରା ।
ଆଜି ଖୁଲି ଦେବି ଜା ତର ମହତ
ତର ମହତ ସମାଳି ଗାଇଥା ଗିତ ।
ସୁଜୁନା ମୁଲେ ପାଉଁସ
ଝୁମୁକା ଝୁଣ୍ଟିଆଜା ବାଙ୍କେ ଉଆସ,
ବାଙ୍କେ ଉଆସଲ ବାଗୁଡୁ ଖେଲିବା ଆସ ।
ଖେଲେ ଗୁଡୁଗୁଡୁ ଜା ଧରା ବାଗୁଡୁ

ଧରା ବାଗୁଡୁ ଜା ଗିତରେ କରିବି ପାଡୁ ।
ତାଲ ପତ୍ର ଚରଚର,
ଗିତ ନାଇଁ ହେନେହ ଉଧାରେ କର ।
ଉଧାରେ କରହ ନେଖି ଦେମୁ ଛର ଛର ।
ଆମ୍ବ ପତ୍ର ଗାଦି ଗାଦି
ଆଇ ପାତେଲିହ ନାଗିବା ବାଦି
ନାଗିବା ବାଦିହ କାହାରେ କେତେଟା ବୁଧି
ଚାଉଳ ଭାଜିନି ଝାଇଁ
କିପରି ଆସିଲାହ ରଜପୁନେଇ
ରଜ ପୁନେଇହ ଘରେ ମନ ରୁହେ ନାଇଁ,
ଖଞ୍ଜାଇନି ଖଞ୍ଜୁରୁଅ
ଖଞ୍ଜି ଖଞ୍ଜି ଗିତହ ଆଉରି ଗୁଅ
ଆଉରି ଗୁଅହ ପାଇନେ ବନେଇ ଦିଅ ।
କିକି ପାଞ୍ଜିଲୁ ମତେ
କି ବଲି ଉତରହ ଫେରାବି ତତେ ।
କିକି ପାଞ୍ଜିଲୁ ମତେ
କି ବଲି ଉତରହ ଫେରାବି ତତେ ।
କାଇଁ ପାଇଁ ରାମଗ କରୁ ବିଳମ
କରୁ ବିଳମଙ୍କେ ଘେନି ଆସ ଲଇଖଣ
ଲଇଖଣ ତାଙ୍କ ଦିଅର
କାଟି ଦେଇଗଲେ ଗ ଏ ତିନି ଗାର
ଏ ତିନି ଗାରଲ ସିତା ନ ହେବ ଭାଆର ।
ସିତାରେ ବଣରେ ଘର
ଫଳମୂଳ ଖାଇ ଥାଏ ସେ ତାର
ଥାଏସେ ତାର ଲ କାହୁଁ ଦେବି ଅନ୍ନଜଳ ।
ବାପା ଗ ପିତା ମହର
ଘରୁ ଘାଉଡାଲ ଜା ହେଲି ଭାଆର

ହେଲି ଭାଆରଲ ଆଉକି ଆସିବି ଘର
କହଜା ମତେଜେ ଆଉକି ଆସିବି ଘର ।
ଆହାରେ କୁକୁଳି ଚାର ସିତାକୁକେ ଦେଖିକିପାର
ଦେଖିକି ପାରଜେ ରାମ ନାଇଁଥିଲେ ଘର
ଲଇଖଣ ତାଙ୍କ ଦିଅର
କାଟିଦେଇଗଲେ ହ ଏ ତିନିଗାର
ଏ ଗାର ତିନି ଗାରଜେ ସିତା ନ ହେବ ଭାଆର ।

ଶବ୍ଦାର୍ଥ :-

ବେହେରି-ବଢ଼ା(ମାଟିପାତ୍ର), ଆଇସ-ଆୟୁ, କୁଲେ-କୋଳରେ, ସଂପତି-ସମ୍ପତ୍ତି, କାଇ-କାର୍ଯ୍ୟ, ଗ୍ରଭଧାରି-ଗର୍ଭଧାରୀ, ସୁକଲ-ଶୁକ୍ଳ, ସିଂଗ-ସିଂହ, ସୁବା-ଶୋଭା, ଖୁସା-ଖୋଷା, ବୁଧି-ବୁଦ୍ଧି, ଗୁଅ-ଗାଅ, ବିଳମ-ବିଳମ୍ବ, ଲଇଖଣ-ଲକ୍ଷ୍ମଣ ।

-୩-

ଦିବା ନିସି ଜାବତ
ବନ୍ଦନା କରୁଛି ହ ବାସୁକି ମାତା
ଦିବା ନିସି ଜାବତ
ବନ୍ଦନା କରୁଛି ହ ବାସୁକି ମାତା ।
ବାସୁକି ମାତାହ, ତାପରେ ଧର୍ମ ଦେବତା ।
ଫଣସ ଧଇଲା କସି
କି ଗିତ ବଲିମୁହ ମାଆଁ ମାଉସି
ମାଁ ମାଉସିହ ଦୁଳିରେ ବସିନୁଆସି ।
ଏକା ଦିନେ ବଂସି ଧାରି
ରାଧିକା ସୁନ୍ଦରିହ ମନରେ କରି
ମନରେ କରିହ ତନାଗି ବସିଲି ଝୁରି ।
ଜୁଇରେ ଦେଖି ଦୁତିକା
ଡାକି ପଚାରନ୍ତିହ ସିରିକିସ୍ନ ଏକା,
ସିରିକିସ୍ନ ଏକାହ ନାଇଁମ ସଖି ରାଧିକା ।

ତିନିରେ ହିନି କରନ୍ତି
କହକଲା କାନ୍ହୁହ ଆଉମ ଦୁତି
ଆଉମ ଦୁତିହ ଚାରିରେ କିସ ହୁଅନ୍ତି ।
ଚାରିରେ ଚତୁରି ରାଧା
ସିରିପତି ସୁନ୍ଦରି ହ ସଇଲ ଜେମା
ସଇଲ ଜେମା ହ ତାଙ୍କୁକେ ଦେଲା ଉପମା ।
ପାଞ୍ଚେରେ ପଚାରି ଦେଲେ
କହକଲା କାନ୍ହୁହ ଆଉକେ ଥିଲେ,
ଆଉକେ ଥିଲେହ ଛଅରେ କିସ ହଇଲେ ।
ଛଅରେ ଛଟକି ଭାଇ
କାନ୍ହୁ ପାସେ ଜାଇହ ବଚନ ଦେଇ
ବଚନ ଦେଇହ ବେତାଇଲେ ଚାନ୍ଦମୁହିଁ ।
ସାତେରେ ସଇତ କଲେ
କାନ୍ହୁ ହସ୍ତ ମୁଦିହ ଦୁତିକା ନେଲେ
ଦୁତିକା ନେଲେହ କୁଞ୍ଜବନ ସଜାଇଲେ ।
କୁଞ୍ଜବନେ ବାସି କେସି
ରାଧାରାଧା ବଲିହ ବାଜେ ବଇସି
ବାଜେ ବଇସିହ କୁଦୁମ ଡାଳରେ ବସି ।
କୁଦୁମ ମୁଳିଆ ଛାଇ
ନୁଚି ବୁଲୁଥାନ୍ତି ହ ନିଳ ମାଧଇ
ନିଳ ମାଧଇହ ରାଧିକା ଗଲେ ଗାଧଇ ।
ରାଧିକା ଭାରି ଛେନିକି
ହସି ହସି ଗଲେ ହ ପାଣି ଆଣିକି
ପାଣି ଆଣିକି ହ କୁଦୁମ ମୁଳ ଠାଣିକି ।
ବାଲି ଚାଣ୍ଡା ଧରି ଧରି
ସକାଳୁ ଉଠନ୍ତି ହ ରାଧା ସୁନ୍ଦରି
ରାଧା ସୁନ୍ଦରିହ, ପାନ ଭାଙ୍ଗେ ଜତନକରି ।

ପାନ ଭାଙ୍ଗିବାର ବଳେ
କିଏ ସେ ଡାକସହ ଏଡ଼େ ବିକଳେ
ଏଡେ ବିକଳେହ କାନ୍ହୁ ବସିଛନ୍ତି କୁଳେ ।
କାଖେରେ ଧରି ମାଠିଆ
ଜମୁନା ଜଳରେ ହ ହଇଲଠିଆ
ହଇଲ ଠିଆହ ଛାପିଛି ନନ୍ଦ ଛାଟିଆ ।
ପାଣି ଡୁବାଇଲା ସଖି
କୁହୁମ ମୁଳକୁହ ନପାରେ ଦେଖି
ନପାରେ ଦେଖିହ ନନ୍ଦ ପୁଅ ଅଛି ଛାପି ।

ଶବ୍ଦାର୍ଥ :-

ଫଣ୍‌ସ-ପଣସ, ସିରିକିସ୍‌ଟଁ-ଶ୍ରୀକୃଷ୍ଣ, ସଇତ-ସତ୍ୟ, ମାଧଇ-ମାଧବ ।

-୪-

ମାଇ ମଉରିର ଦେସରେ ସଙ୍ଗାତ
ମାଇ ମଉରି ଦେସରେ ପରାବେତ ।
ଘାଲିଆ ମଲିର ଫୁଲରେ ସଙ୍ଗାତ
ଦେଇଛନ୍ତିଜେ ଉଚେ ଡାକ, ଦେଉଛନ୍ତି ଡାକ ।
କେଉଁଝର ଚାରିପାଖରେ ସଙ୍ଗାତ
କେଉଁଝର ଚାରିପାଖ, ଦେଉଛି ଡାକ ।
ଗିତ ବଲଇଁ ହ, କିଏ କସି ଖାଇନାଇଁ ।
ବାଡ଼ିରେ ଥୁଣ୍ଟି କଦାଳି
ଧରି ବେଣ୍ଟ ଦେବି ଅଜାଳିହ, ଦେବି ଅଜାଳି,
ଦେବି ଅଜାଳିହ ବସିଥା ନୁଗା ସଜାଳି ।
ଆହାରେ କିଆକେତକି,ରେ ସଙ୍ଗାତ
ଆହାରେ କିଆ କେତକି, କିଆ କେତକି ।
ବିଜୁଳି ମାରଇ ଫୁଲରେ ସଙ୍ଗାତ
ତରରେ ତର ଛାଟିକି, ତର କଟିକି,

ଚାଲିଜା କିଥା ନଟିକିରେ ସଙ୍ଗାତ
ଚାଲିଜା କିଥା ନଟିକି ।
ଘିତିରି ନାଳିଆ ଛେକି ପାଳଇ ପିଠାଳି ।
ଖାଇରି ଉପରେ ଖାଇରେ ସଙ୍ଗାତ
ଖାଇରି ଉପରେ ଖାଇ, ସେ ପରା ଖାଇ ।
ପାକୁଟେ ପାକୁଟେ ଫୁଲରେ ସଙ୍ଗାତ
ଜିବାରେ ଜିବା ପଳାଇ ଜିବା ପଳାଇ ।
ଖେଙ୍କା ଜାମୁ ଖାଇ ଖାଇରେ ସଙ୍ଗାତ
ଖେଙ୍କା ଜାମୁ ଖାଇ ଖାଇ ।
ଜା ଲାଗି ଲାଗିଆ ତତେ ମଲି ଭାବି ଭାବି ।
ବାଇଁସ ମାରେ କଣିକି
ଗିତ ଦୁଇପଦ ମାର ଏଣିକିରେ ମାର ଏଣିକି
ମାର ଏଣିକି ହ ଆସିଛୁଁ ଗିତ ସୁଣିକି ।

ଶବ୍ଦାର୍ଥ :-

ଜତନ-ଯତ୍ନ, ଛାପି-ଛପି, ମଉରି-ମୟୂରୀ, ଅଜାଳି-ଅଜାଡ଼ି ।

□□

# ବାଦିଗିତ

ଧାନକୁ ପଡ଼େ ସିସିରି
ଦେଲ ଧାର ମୁହଁ ହ ଦେଲ ପାସୁରି ଦେଲ ପାସୁରି
ଦେଲ ପାସୁରିହ ମନେ କିସ ବିଚାରି । (ସ୍ତ୍ରୀ)
ପାସୁରି ନାଇଁରେ ତତେ
ହୃଦ ମନ କଥାହ, ହୃଦରେ ଜେତେ
ହୃଦରେ ଜେତେ ହ ଜିବ ଜିବା ପରିଜନ୍ତେ । (ପୁ)
ନଇ ପାଣି ଧସ ଧସ
ସଙ୍ଗାତର ମନହ ନାଇଁ ହରସ
ନାଇଁ ହରସହ ବସିନୁ ଜେ କିସ । (ସ୍ତ୍ରୀ)
ଆହାରେ ନବ ଗୁଲାଇ
ଖଣ୍ଡେ ପାନ ଦେଇହ ନେଲ ଭୁଲାଇ
ନେଲ ଭୁଲାଇହ ନେଲ ଭୁଲାଇ । (ପୁ)
ସଜକର ନୁଆଁ ସାରା
ନୟନ ବିଜୁଳି ହ ତ ଆଁଖିଠାର
ତ ଆଁଖି ଠାର ହ ତ ଆଁଖିଠାର
ତ ଆଁଖି ଠାର ହ ମନ ବଢ଼ିଗଲାମର । (ସ୍ତ୍ରୀ)
ନଇ ପାଣି ତରହର
ଚୁରି ଗଲା ତର ହ ମଠା ଚାଦର
ମଠା ଚାଦରହ ଫୁଲା କରିଥିଲେ ଘର । (ପୁ)
ବାଟର କଣ୍ଟା ଫିରିକି
ଆମକୁ ଦେଖିନେହ ଜାଅ ଫରକି
ଜାଅ ଫରକିହ ଜାଅ ଫରକି
ଜାଅ ଫରକିହ ବାଟ ଛାଡ଼ିମୁ କାଟିକି । (ସ୍ତ୍ରୀ)
ନଇ ପାଣି ଥିକି ଥିକି

ତୁମକୁ ଦେଖିବେ ହ ଜାଉଁ କତିକି
ଜାଉଁ କତିକି ହ ଜାଉଁ କତିକି
ଜାଉଁ କତିକି ହ ଭଲମନ୍ଦ ପଚାରିକି । (ପୁ)
ଚଢ଼େ ଚାଢ଼େ ଗଲା ବିଛା
ଏପରି ପିଲାକେହ ନାଲ ଗାମୁଛା
ନାଲି ଗାମୁଛାହ ନାଲ ଗାମୁଛା
ନାଲି ଗାମୁଛା ହ ଦେଖିକି ହୁଅଇ ଇଛା । (ସ୍ତ୍ରୀ)
ଗବଉ ଗାଡ଼ିଆ କଇଁ ନାଲ କଇଁ ପରିହ ଗଲନି ସଇଁ
ଗଲିନି ସଇଁହ ଗଲନି ସଇଁ
ଗଲିନି ସଇଁହ କାହା ମୁଖ ଚାହିଁ ଚାହିଁ । (ପୁ)
ଢାବୁଆ ଘର ଧାରଣା
ତୁମ୍‌ହେ ଭାଇ ଘରିହ ଘର କରଣା
ଘର କରଣା ହ ଘର କରଣା
ଘର କରଣା ହ ଆମ୍‌ହେତ କରି ଜାଣେନା । (ସ୍ତ୍ରୀ)
ଆହଂରେ ଚିଲିକି ଚିତା
କହି ଦେବି ତତେରେ ଦୁଖର କଥା
ଦୁଖର କଥା ହ ଦୁଖର କଥା
ସୁଣିଲେ ଖାଉବେ ମଥା । (ପୁ)

-୨-

ସୁପର ଫାଉନି ଦେଖି
ମର ବେନି ଆଖିଁ ରହିଲା ନାଖି
ରହିଲା ନାଖିରେ ରହିଲା ନାଖି
ସୁପର ଫାଉନି ଦେଖି, ରହିଲା ନାଖି । (ପୁ)
ନଈ ପାଣିଗଲା କାଇଁ
ମରଠାରେ ଆସା ଦେଇଥା ନାଇଁରେ
ଆସା ଦେଇଥା ନାଇଁ

ସଙ୍ଗାତ ଦେଇଥା ନାଇଁହ
ବଡ଼ ଆସା ଭାଙ୍ଗି ମୁଇଁ, ଦେଇଥା ନାଇଁ । (ସ୍ତ୍ରୀ)
ନଈ ପାଣି ଗିରି ଗିରି
ତର ଠାଣେ ସଙ୍ଗାତ ଦେଇଛି ଭରି
ଦେଇଛି ଭରିରେ ଦେଇଛି ଭରି
ନାନି ଦେଇଛି ଭରି
ଘରକେ ପାସୁରି କରି, ଦେଇଛି ଭରି । (ପୁ)
ନାଲ ଗାଡ଼ିଆର କଇଁ
କିପାଁଇ ସଙ୍ଗାତ ଫଳିଲା ଡେଇଁ
ପୁରୁଣାକେ ମନେ ନାଇଁ, ଫଳିଲା ଡେଇଁ । (ସ୍ତ୍ରୀ)
ନାଇଁ ପାସୁରିରେ ତତେ
ମନ ହୁର୍‌ଦ କଥା ରଖିଛି ଚିତେ
ସଙ୍ଗାତ ରଖିଛି ଚିତେ, ଜିବ ଜିବା ପରିଜନ୍ତେ । (ପୁ)
ନଈ ପାଣି ତର ହର
ଛାକେ ସରଦା କରସେ କର
କରସେ କରରେ କରସେ କର
ସିଏ ସେନ ଦରକାର, କରସେ କର । (ସ୍ତ୍ରୀ)
ନଈ ପାଣି ଗଲା ଖାଇ
ତର ମର କଥାରେ କାଜ ଅଟଇ
କାଜ ଅଟଇରେ କାଜ ଅଟଇ
କାଜ ଅଟଇରେ କାଜ ଅଟଇ
ସଙ୍ଗାତ କାଜ ଅଟଇ
ନ ପାରଉଁ ଗିତ ଗାଇ, କାଜ ଅଟଇ । (ପୁ)
କାଳିଆ ଛେଳିରି ପଘା
ଆଉ ସଙ୍ଗାତର ଗିତରେ କାଜରେ
ଗିତରେ ମାରସ ଡେଗାରେ ଗିତରେ କାଜ ।
ସଙ୍ଗାଚ ଜିବି ସିଠିକି

ଘିଅ୍ ଆଣିବିରେ ଇଠିକି, ଛିବି ସିଠିକି । (ସ୍ତ୍ରୀ)
ଅଦଲା ତଳିଆ ବିଲ
ଗିତ ଛାଣି ନାଇଁରେ ନାଗେ ଭାବନା
ନାଗେ ଭାବନାରେ ନାଗେ ଭାବନା
ସଙ୍ଗାତ ନାଗେ ଭାବନାରେ
ଗିତ ସିକି ଥିନେ ସିଳାରେ, ନାଗେ ଭାବନା ।
ସଙ୍ଗାତ ଭଟୁନୁଟୁନୁ
ହେଇ ଗଡ଼ାଗୁଡ଼ି ଗେନୁରେ
ଭଟୁନୁଟୁନୁ । (ପୁ)
ଖବର ଗାଡ଼ିଆ ଖାତେ
ଗିତ ଗାଡ଼ିଆ ଖାତେ
ଗିତ ସିକି ଅଛରେ ବୁରେ ବସତେ
ବୁରେ ବସତେରେ ବୁରେ ବସତେ
ସଙ୍ଗାତ ବୁରେ ବସତେ
ମଠାରେ ଫାଙ୍କି ଦେଉଛରେ, ବୁରେବସତେ । (ସ୍ତ୍ରୀ)
ଜାଣି ଚତୁରାରେ ତୁଇ
ଜାଣି ସୁଣି କରିରେ ବଲସେ ନାଇଁ
ବଲସେ ନାଇଁରେ ବଲସେ ନାଇଁ
ସଙ୍ଗାତ ବଲସେ ନାଇଁରେ
ମତେକି ଜାଣସେ ନାଇଁରେ, ବଲସେ ନାଇଁ । (ସ୍ତ୍ରୀ)
ଆହାରେ ସଙ୍ଗାତ ମାନେ
ଆଉକି ପାଇବ ଜାରେ ସଦା ସପନେ
ଆଉକି ପାଇବ ଜାରେ ସଦା ସପନେ
ସଦା ସପନେ ଜାରେ
ଗିତ ଗଲା ଦିନେ ଦିନେରେ ସଦା ସପନେ । (ପୁ)
ପଳିଆ ଭୁଇଁ ଖୁଣ୍ଟି
ଗିତ ସରିନାଇଁ ଜାରେ ଜାଉଛ ଉଠି

ଜାଉଛ ଉଠି ଜାରେ
ବାଟରେ ମରିବ ଝୁଣ୍ଟି
ହେଇରେ ଜିବି ଜାରେ
ପରାଣ ଛଳାଇ ଦେବି ।
ପତର ନେଲା ଉଡ଼ାଇ
ତୁ ଆମ ପଛା ପୁଛି ଜାରେ, ଜିମୁ ଗୁଡ଼ାଇ
ଜିମୁ ଗୁଡ଼ାଇ ଜାରେ, ନାଇଁନେ ଦେମୁ ଉଡ଼ାଇ । (ସ୍ତ୍ରୀ)
ଆରେ କିଆ କେତକି
ଦହଅ୍ ଦହଅ୍ ଜାରେ ଜିବି ପହଁଚି
ଜିନି ପହଁଚି ଜାରେ
ସିଠୁ ନାଇଁ ଜିବେ ଘୁଁଚି
ଉଫଲ ବେଳାହ
ତିର ଛାୟା ଝେପେଲା, ରଫଲ ବେଳା । (ପୁ)
କିଆନଟି କଣ୍ଡାକେଣ୍ଡେ
କାଲି ଜାଇ କରି ଜାରେ ଧରିବି ତତେ
ଧରିବି ତତେ ଜାରେ
ଟିକେ ଡରୁ ନାଇଁ ମତେରେ, ଧରିବି ତତେ । (ପୁ)
ନଇ ପାଣି ଥର ହର
ମତେ ଧରିବାରେ ଜାରେ ଧାତା କାଆର
ଧାତା କାଆର ଜାରେ ଧାଣ କାଆର
ଫଳିଛି କେନ୍ଦୁ ପାହାର, ଧାଣ କାହାର । (ସ୍ତ୍ରୀ)
କାଟିନି ସାକୁଆ ଗଜା
ତ କେନ୍ଦୁ ବାଡ଼ି ଜାରେ ନିଆକେ ସଜା
ନିଆକେ ସଜା ଜାରେ
ଜଳି ଜିବ କେଡ଼େ ମଜା, ନିଆକେ ସଜା । (ପୁ)

ଦଦ

# ଝାଲଗିତ

ଫାଁଶସ ଧଇଲା କସି
ଆଉକି ସାଇବ ସାଇକେଲେ ବସି
ମ ସାଇକେଲେ ବସି
ଦେଖି ଜବାବ ଦେଉଛି କସି ।
ଉପୁରେ ଚାଲେ ମାଦଳ
ଆଉଛି ବାଙ୍ଗରା କସିତେ ବଳ
କସିତେ ବଳଙ୍କେ,
ତାକେ ଦିଆଇବୁ ନୁଟେ ଜଳ ।

□□

# ବାହାଘର ଗିତ

## ଘୁରୁଲେଇ ପାଣି ମାଗା

ବାଳି ପଛ ଆଳେ କଡ଼େଇ ଗନି ଅଦାନା
ବାଳି ପଛ ଆଳେ କଡ଼େଇ ଗନି ଅଦାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା
ଦିଅ ଦିଅ ମାଁ ଘୁରୁଲେଇ ପାଣିନା
ଦିଅ ଦିଅ ମାଁ ଘୁରୁଲେଇ ପାଣିନା ।
ଦେବକି ନଦେବ ଜାଉଁଛୁଁ ପଳାଇନା
ଦେବକି ନଦେବ ଜାଉଛୁଁ ପଳାଇନା
ଆସି ହେଲୁରେ ବାସୁକି ଦୁଆରେନା
ଆସି ହେଲୁରେ ବାସୁକି ଦୁଆରେନା
ପକେଇ ଦିଅରେ ଚନ୍ଦନର ଛେଳାନା
ପକେଇ ଦିଅରେ ଚନ୍ଦନର ଛେଳାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା
ବାଡ଼ି ପଛ ବାଟେ ମଇଁସି କଳେଇନା
ବାଡ଼ି ପଛ ବାଟେ ମଇଁସି କଳେଇନା
ଦେବକି ନଦେବ ଜାଉଛୁ ପଳାଇନା
ଦେବକି ନଦେବ ଜାଉଛୁ ପଳାଇନା
ଇଠରି ଘରଣି କେଣିକି ଜାଇଛିନା
ଇଠରି ଘରଣି କେଣିକି ଜାଇଛିନା
କୁଣ୍ଡା ଖାଇକରି ଛେରିକି ଜାଇଛିନା
କୁଣ୍ଡା ଖାଇକରି ଛେରିକି ଜାଇଛିନା ।

ΟΟ

# ମାଟିକଡା

ମାଟିର ମାଟି ବଲେୟଁ କଳା ଜିରା ମାଟି
ଉଠ ମାଟି ଜିବା ବିଭାଘର
ଉଠ ମାଟି ଜିବା ବିଭାଘର
ବିଭାଘର ନଜାଣଇ ସଙ୍ଗାଘର ନଜାଣଇ
ବିଭାଘର ନଜାଣଇ ସଙ୍ଗାଘର ନଜାଣଇ
ମୁଇଁ ଅଛେୟଁ ଚାରିକଣ ମାଡ଼ିଗ
ମୁଇଁ ଅଛେୟଁ ଚାରିକଣ ମାଡ଼ିଗ ।

ପପ

## ଝଟିଗିତ

ଏ ଝଟି ନେଖୁ ନେଖୁ ସେ ଝଟି ନେଖଲିଗ
ମଝରି ଝଟି କି ସୁଭା ଦିସଇ
ମଝରି ଝଟି କି ସୁଭା ଦିସଇ
ଭାଆରି ଆୟରେ ବରର ମାଁଗ
ଭାଆରି ଆୟରେ ବରର ମାଁଗ
ଦେଖବେ ତର ଝଟିରି ମୁରତିଗ
କିସ ଦେଖବିରେ ମାଁ ଝଟିର ମୁରତିଗ
ପଡ଼ିଛେୟଁରେ ପୁଅର ଜଞ୍ଜାଳେ ଗ,
ଚାଉଳ ମାଣେକର,
ବିରହି ଫାଳେ କର
ଖେଦି ଦେବରେ ପୁଅର ଜଞ୍ଜାଳ ।

□□

## ବନ୍ଦାଣ ଗିତ

ପୁଦୁନା କଡ଼ାନି ନଗାନି ସୁଜୁନାଗ
କାଇଁସର ବାଳା ଛ ଖଣ୍ଡ ବାଜଣା
କାଇଁସର ବାଳା ଛ ଖଣ୍ଡ ବାଜଣା
ଛଅଖଣ୍ଡ ବାଜଣାରୁ ଖଣ୍ଡେ ନ ସୁବାଇ
ଛଅଖଣ୍ଡ ବାଜଣାରୁ ଖଣ୍ଡେ ନ ସୁବାଇ ଗ
ବରର ବାପ ମୁଖେ ନାଜ ନାଇଁ
ବରର ବାପ ମୁଖେ ନାଜ ନାଇଁ ।
କନ୍‌ବଜାରେ ବାଙ୍କ ସବଦଗ
କନ୍‌ବଜାରେ ବାଙ୍କ ସବଦଗ
କନ୍‌ବଜାରେ ବାଳିର ସସୁର୍‌ଘର୍ ।
ଟିଲ ଉଡୁଛି ଛାରଗୁଣା ଛିଜୁଛି ଗ
ଅୟ ବଜାରେ ବାଳିର ସସୁର୍ ଘର୍ ।
ଏ ପାଖେ ଆଦିପୁର୍ ସେ ପାଖେ ଜଡିପୁର୍
ମଝିରେ ଅଛିରେ କିଆ ନଟିର ବଣ
ଛିଳିଜା ଛିଳିଜା କିଆ ନଟିର ବଣ ଗ
ବନ୍ଧୁ ସଙ୍ଗେ ହେମୁ ଦରସନ ।

# ହଳଦି ମଖା ଗିତ

ଏ ବାଇଁସ ପତ୍ର ଫିରି ଫାରେ
ହଳଦି ମଖାବି ତର
ହାତ ଦେଖାରେ ବର
ଏ ବାଇଁସ ପତ୍ର ଫିରି ଫାରେ
ହଳଦି ମଖାବି ତର
ମୁହଁ ଦେଖାରେ ବର ।
ଏ ଗାଲତର ଦିସୁ ନାଇଁ
ଦିସିଲା ଅଥରା ଗାଲ ।
ବାଇଁସ ପତ୍ର ଫିରି ଫାରେ
ପେଟ ଦେଖାରେ ବର
ହଳଦି ମଖାବି ତର
ପେଟଟେ ହଇଛି ପଲମର ପେଟ
ବାଇଁସ ପତ୍ର ଫିରି ଫାରେ
ପିଠି ଦେଖାରେ ବର
ହଳଦି ମଖାବି ତର
ପିଠି ଦିସୁଛିରେ ଭଲା
କାଳିଆ କାଠରେ ତର ।

ଶବ୍ଦାର୍ଥ :-ଛାର୍‌ଗୁଣା-ଶାଗୁଣା ।

ㅁㅁ

## ନଣ୍ଦେଇ ପେଳି

ବେଇଚ ବେଲ ବଲେୟଁ ଟଲ୍‌ଟଲିଆ ବେଲ
ଦୁଇପଇସା ନେବି ବଳି ଦୁଇ ପଇସା ନେବି ବାଟରେ, ମକର
ଦେଖିବ ମୁଳର ବେଲରସ ଜା ରସ ଜା ଚାଲିଜାରେ ।
ଜା ଚାଲିକି ଆ ଚାଲିକି ବେରା ଜାଲରେ
ଜା ଚାଲିକି ଆ ଚାଲିକି ବେରା ଜାଲରେ
ବେରା ଜାଲ କିପରି ବେରା ଜାଲ କିପରିରେ ମକର
ରାତିଦିନ୍ ପାନ୍ ଭଙ୍ଗାରେ, ମର୍ ଗୁଆ ଭଙ୍ଗାରେ ।
କନିଆ ବାଳିର ମାର୍‌ସ ସାଗ ଡାଲୁ ଡାଲୁ ପତର
ଆମ ଭାଇର ପିତା ଗୁଆ
ଆମ୍‌ହର ଭାଇରି ନାଟ ନାଚରେ ମକର
ସଇଲା ଏଥର ରସେ ଜା ରସେ ଜା ଚାଲି ଜାରେ ।
ଡାଇଁତ ଡାଇଁ ବଲେୟଁ ଖେଜ୍‌ରି ଡାଇଁ ଡାଇଁ
ଡାଇଁ ତ ଡାଇଁ ବଲେୟଁ ଖେଜ୍‌ରି ଡାଇଁ ଡାଇଁ
ନିମ ଗଛରେ ବାଣ ଟାଙ୍ଗିଛି
ନିମ ଗଛରେ ବାଟ ଟାଙ୍ଗିଛି ମକର
କେହି ଚମ୍‌କିବ ନାଇଁ ରସେ ଜା ରସେ ଜା ଚାଲିଜାରେ ।
କାଅିତ କାଅି ବଲେୟଁ ତେଲ ମଖା କାଅି
ଗରିବ ଛୁଆ ବାହା ହେଉଛି
ଗରିବ ଛୁଆ ବାହା ହେଉଛି ମକର
କେହି ନାଇଁ ଦେବ ହସି ରସ ଜା ରସ ଜା ଚାଲିଜାରେ ।
ଛେଳିତ ଛେଳି ବଲେୟଁ ଚିତଚ୍ଚ କାବର୍ ଛେଳି
ଛେଳି ଉପରେ ନେଖି ଦେଇଛୁଁରେ
ଛେଳି ଉପରେ ନେଖି ଦେଇଛୁଁରେ
ଝିଅ ନଣ୍ଦେଇ ପେଳି ରସେ ଜା ରସେ ଜା ଚାଲିଜାରେ ।
ଢଳିତ ଢଳି ଭାଙ୍ଗେୟ୍ ମାଟିର ଠେଙ୍ଗାଢଳି

ଆଣିଦେଇ ଛେୟଁ ନଣ୍‌ଦେଇ ପେଳି
ଆଣି ଦେଇ ଛେୟଁ ନଣ୍‌ଦେଇ ପେଳି ମକର
ବାଟ୍‌ରେ ଦେଲା ଫଳି ରସ ଜା ରସ ଜା ଚାଲିଜାରେ।
ରଜତ ରଜ ବଲେୟଁ ଅସାଳ ମାସିଆ ରଜ
ଆଣି ଦେଇଛଉଁ ନଣ୍‌ଦେଇ ପେଳି
ଆଣି ଦେଇଛଉଁ ନଣ୍‌ଦେଇ ପେଳି ମକର
କେତେ ରଖିବେ ସଜରସେ ଜା ରସେ ଜା ଚାଲିଜାରେ।
ନାଠିତ ନାଠି ବଲେୟଁ ବଲ୍‌ସି ନାଠି ନାଠି
ମାରିଦେବି ଠିଆ ଗଇଁଠା
ମାରି ଦେବି ଠିଆ ଗଇଁଠା ମକର
ଭାଙ୍ଗି ଦେବି ଟାଟି ରସେ ଜାରସେ ଜା ଚାଲିଜାରେ।
ନାଠିତ ନାଠି ବଲେୟଁ ବଲ୍‌ସି ନାଠି ନାଠି
ମ ସଉତୁଣି ଆଉଛି ବଲି
ମ ସଉତୁଣି ଆଉଛି ବଲି
ମାରି ଦେଉଛେୟଁ ଟାଟିରସ ଜା ରସ ଚାଲିଜାରେ।

□□

## ଗନ୍ଧାଦିଆ

ମାହୁରତ ମହୁରି ଗ ପିତଳ ମହୁରି
ଭଲ୍‌କରି ଗନ୍ଧାଦିଅ, ଭଲ୍‌କରି ଗନ୍ଧାଦିଅ
ମନୁଆଁ ଦହୁରି, ମନୁଆଁ ଦହୁରି ।
ନାଇଁ ସିନାବଲିବ ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ
ମନୁଆଁ ଦହୁରି, ମନୁଆଁ ଦହୁରି ।
ଖଲିତ ଖଲିଗ ଟିପିଗନି ଖଲି
କନିଆର ନାନା ଗନ୍ଧା ଦେଉଛି
କନିଆର ନାନା ଗନ୍ଧା ଦେଉଛି
ଭଲ୍ ବଲିମେୟ ବଲି
ଭଲ୍ ବଲିମେୟ ବଲି ।
ନାଇଁ ସିନା ବଲିବି ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ
ଭଲ୍ ବଲିମେୟ ବଲି, ଭଲ୍ ବଲିମେୟ୍ ବଲି ।
ପରବତ ସିକେ ସିକେ ତା ଭାଙ୍ଗିନି କଲାଝାଟି
ଝିଅ ଭାଆଗର କରିବି ବଲି, ଝିଅ ଭାଆଗର କରିବି ବଲି
ଫାଇଲେ କଲା କାଠି, ଫାଇଲେ କଲା କାଠି
ନାଇଁ ସିନା ବଲିବ ତୁମ୍‌ହେ ନାଇଁ ସିନା ବଲିବ ତୁମ୍‌ହେ
ଫାଇଲେ କଲାକାଠି, ଫାଇଲେ କଲା କାଠି ।
ନିସତ ନିସଗ ବଙ୍କାନିସନିସ
ଝିଅ ଭାଆଗର କରିବେ ବଲି, ଝିଅ ଭାଆଗର କରିବେ ବଲି
ଆଣିଛେ କିସକିସଗ, ଆଣିଛେ କିସକିସ
ନାଇଁ ସିନା ବଲିବ ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ
ଆଣିଛେ କିସ କିସ ଆଣିଛେ କିସକିସ ।
ଖରକାତ ଖରକାଗ ଭାଆର ଖରକା
କନିଆର ବାପା ଗନ୍ଧାଦେଉଛି, କନିଆର ବାପା ଗନ୍ଧା ଦେଉଛି
ଗୁଡ଼ଗା ଫେରେକା, ଗୁଡ଼ଗା ଫେରେକା ।
ନାଇଁ ସିନା ବଲିବ ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ

ଗୁଡ଼ଗା ଫେରେକାଗ, ଗୁଡ଼ଗା ଫେରେକା ।
ଉମେହିତ ଉମେହି ବଣର ଉମେହି
କନିଆର ବାପ ଗନ୍ଧାଦେଉଛି, କନିଆର ବାପ ଗନ୍ଧାଦେଉଛି
ଗୁଡ଼ଗା ଫେରେକା, ଗୁଡ଼ଗା ଫେରେକା ।
ନାଇଁ ସିନା ବଲିବ ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ
ଗୁଡ଼ଗା ଫେରେକାଗ, ଗୁଡ଼ଗା ଫେରେକା ।
ଉମେହିତ ଉମେହି ବଣର ଉମେହି
କନିଆର ବାପ ଗନ୍ଧାଦେଉଛି, କନିଆ ବାପ ଗନ୍ଧା ଦେଉଛି
ବସିଲ ଘୁମାଇଗ ବସିଲ ଘୁମାଇ ।
ନାଇଁ ସିନା ବଲିବ ତୁମ୍‌ହେ ନାଇଁ ସିନା ବଲିବ ତୁମ୍‌ହେ, ବସିଲ ଘୁମାଇ ।
ଗେଣ୍ଡାତ ଗେଣ୍ଡାଗ ପର୍‌ବତିଆ ଗେଣ୍ଡା
କନିଆର ବଡ୍‌ମାଁ ଗନ୍ଧା ଦେଉଛି, କନିଆର ବଡ଼ମାଁ ଗନ୍ଧା ଦେଉଛି
ପର୍‌ବତିଆଗେଣ୍ଡା,
ନାଇଁ ସିନା ବଲିବ ତୁମ୍‌ହେ, ନାଇଁ ସିନା ବଲିବ ତୁମ୍‌ହେ
ପରବତିଆ ଗେଣ୍ଡାଗ ପରବତିଆ ଗେଣ୍ଡା ।
କପାତ କପାଗ, କୁଲ୍‌ହେଇଗନି କପା
କନିଆର ମାଁ ଗନ୍ଧା ଦେଉଛି
ଗାଲ ଦୁଇଟା ଚପା, ଗାଲ ଦୁଇଟା ଚପା
ନାଇଁ ସିନା ବଲିବ ତୁମ୍‌ହେ, ଗାଲ ଦୁଇଟା ଚପା ।
ହଳଦି ଛେଚିଲି, ସିଲ ଡେରି ଦେଲିଗ
ସିଲତଲେ ଏ ବାଲିର ଚୁଆ
ନାମନ ଜାଣଇ କି ବଲି ଡାକିବିଗ
ଉଠ ଉଠ ବଡ଼ ଘରର ଝିଅ
ଝିଅ ବଇଛନ୍ତି, ଏ ମଝି ଭାଆରେଗ
ବାଆରେ ଦୁଦୁରି ସରଦା ବୈଳିବଗ
ଝିଅ ବଲି ଗନ୍ଧା ପଣା ଦେବ
ଝିଅ ବଲି ଗନ୍ଧା ପଣା ଦେବ ।

ପପ

## ବରଦାନ

କିବର ମାଁ ବର କଇନା ଦେଇ
ଦେଇନ ପାରଉଁ ମାଁ ଅମରିରି ବର
ଗୁହାଳକେ ସାଇକ ଦେନି ନଖଁପତି ଗାଇ
କୁଠା କେଳେ ସାଇକ ଦେନି ଧାନର ମରାଇ
ମାଟି ମୁଠେ ପକେଇ ଦେନେ ସୁନା ବରସିବ
ସାତେ ପୁଅ ସୁନାନାକି ଝିଅଳେ ଘେନିବ
ବୁଢ଼ନ୍ତା କାଳରେ ଜାଇ ବଇକଣ୍ଠେ ବସିବ
ହାୟ୍ ହରି ପଡ଼ି ଜାଉରେ ଜୟ ହୁଳହୁଳି ।

## କନିଆ ଛାଲା ଗିତ

ବିଲର ବିରି କଣିକିରେ ସଙ୍ଗାତ
ସୁଣରେ ମର ବିଲର ବିରି କଣିକିଲେ
ଛାଳି ଜାଉଛଉଁ ଅଳରେ ସଙ୍ଗିକି
ଫୁଲରେ ମର ନାଇଁ ପଠାବ ପାଲିକିଲେ ।
ନୁଆଁ ପୁଖୁରିର ଗୁଡ଼ିରେ ସଙ୍ଗାତ
ଫୁଲରେ ମର ନୁଆଁ ପୁଖୁରିର ଗୁଡ଼ିଲେ ।
ଛାଳି ଜାଉଛଉଁ ଅଧଳାରେ ବୁଢ଼ି
ଫୁଲରେ ମର ଗୁଡ଼ରେ ନ ଦେବ ମାଡ଼ିଲେ ।
ମାଇନି କୁକୁଳି ଚିଆଁରେ ସଙ୍ଗାତ
ଫୁଲରେ ମର ମାଇନି କୁକୁଳି ଚିଆଁଲେ
ଆମ୍‌ହର କନିଆ ତୁମ୍‌ହରରେ ହେଲା
ଫୁଲରେ ମର ଆମ୍‌ହର କୁହାରେ ନିଆଲେ ।
ବିଲର ବିରି କଣିକିରେ ସଙ୍ଗାତ
ଫୁଲରେ ମର ବିଲର ବିରି କଣିକିଲେ
ଛାଳି ଜାଉଛଉଁ ଅଳରେ ସଇକି
ଫୁଲରେ ମର ନାଇଁ ପଠାବ ପାଲିକିଲେ ।
ବିଲର କଦିଳ ମେଳାରେ ସଙ୍ଗାତ
ବିଲର କଦିଳ ମେଳା
ଫୁଲରେ ମର ବିଲର କଦିଳ ମେଳାଲେ
ଛାଳି ଜାଉଛଉଁ ବୁଢ଼ିରେ କନିଆ
ଫୁଲରେ ମର ନାଇଁ କରି ଦେବ ହେଲାଲେ
ତୁ ଲୁଦି କରିବେ ହେଳାରେ ସଙ୍ଗାତ
ଫୁଲରେ ମର ନାଇଁ ଦେଇ ଲିମ୍ବୁ ପରାଲେ ।

ଶବ୍ଦାର୍ଥ :

ସାଇକ - ସାକ୍ଷ, କଣିକି - କଣିକା, ପଠାବ - ପଠାଇବ ।

ଠଠ

## କାନ୍ଦଣାଗିତ

କବାଟ ଛି କରେ କୁଠେ ଗିଲେରି
ବାପା ଘର ଝିଅ ମୁଇଁ ବୁଲାରି
ବୁଲି ଆସଇଁକି ଖେଲି ଆସଇଁ
ଅଗୁଡ଼ ଦୁଆ ଘରେ ପସଇଁ
ଅଚିନ୍ତା ନାରିକି କି ଚିନ୍ତା ଦେଲ
ସବୁ ଦୁଖ ମତେ ଧରାଇ ଦେଲ ।

ପରବତ ସିଖେ କଣ୍ଟା ବାଇଁସ
ମାଡ଼ି ଆସିଲାନି କେଳା ବଉଁସ
କେହିନ ପସିଲେ ବାଘ ମଝୁର
ମ ବାପା ପସିଲେ ଧନ ନୁଉର
ଧନତିରି ନାରି ସଁପତି କେତେ
ଜାଚି କରି ବାପା ଦେଇଛି ମତେ
ଜାଚିଲାରେ କଥା ଜେବେ ସୁଣିବି
ବଢ଼ନ୍ତା ନଦିରେ ଛିଳି ଫଳିବି ।

-୨-

ମ ପରବତ ସିକରେ, ମ ନେହେଙ୍କାବେତ, ହୁଁ, ମ ସାଙ୍ଗ
ମ ସାତେ ଦଲାରିଆ, ମ ଧରୁଛି ହାତ, ହୁଁ, ମ ସାଙ୍ଗ
ମ ଭାଙ୍ଗି ଜିବ ମର, ମ ରେସୁଣି କାଚ, ହୁଁ, ମ ସାଙ୍ଗ
ମ ରେସୁଣି କାଚକି, ମ ଦସ ପଇସା, ହୁଁ, ମ ସାଙ୍ଗ
ମ ଖାତ ନେଖିକରି, ମ ଦେବି ପଇସା, ହୁଁ, ମ ସାଙ୍ଗ
ମ ଗୁଆ ଗଡ଼ିଜାଏ, ମ ଖାନି ତଳକୁ, ହୁଁ, ମ ସାଙ୍ଗ
ମ ମୁଇଁ ନାଇଁ ଜିବି, ମ ବେଦି ସାଳକୁ, ହୁଁ, ମ ସାଙ୍ଗ

ମ ସଏ ବେଲପତ୍ର, ମ ମହାଦେବକୁ, ହୁଁ, ମ ମାଁ
ମ କୁଟିଏ ଜୁହାର, ମ ମାଁ ମାନଙ୍କୁ, ହୁଁ, ମ ମାଁ

ମ ହାତ ପାତି ତୁମ, ମ କୁଳକୁ ନିଅ, ହୁଁ, ମ ମାଁ
ମ ବୁଧି ବାଟ ମତେ, ମ ଦେଖାଇ ଦିଅ, ହୁଁ, ମ ମାଁ
ମ ବାଡ଼ିବାଇଗଣ, ମ ମୂଳରେ କର, ହୁଁ, ମ ବାପା
ମ କେହି ନ କହିଲ, ମ ଥାଉ ଆମର, ହୁଁ, ମ ବାପା
ମ ସମତେ କହିଲ, ମ ଜାଉ ଏଥର, ହୁଁ, ମ ବାପା
ମ ତୁମ ସାଗଭାତ, ମ କେତେ ସରଇ, ହୁଁ, ମ ବାପା
ମ ରହି ଗଲିବଲି, ମ ଦେଲ ପେଲେଇ, ହୁଁ, ମ ବାପା
ମ ଏତେ ହିନ ପରେ, ମ ନଦେଇ ଥିତ, ହୁଁ ମ ବାପା
ମ ବଲ୍‌ହିଥିତା ନଇ, ମ ପେଲାଇ ଥିତ, ହୁଁ ମ ବାପା
ମ ପୁଟୁକୁ ପତର, ମ ଫୁଲ ଫୁଟିଛି, ହୁଁ, ମ ସାଙ୍ଗ
ମ ତାରେ ବଡ଼ବହୁ, ମ ଆଗେ ଆସିଛି, ହୁଁ, ମ ସାଙ୍ଗ
ମ ରିକିସ ଗାଡ଼ିରେ, ମ ଭାର ଆଣିଛି, ହୁଁ, ମ ସାଙ୍ଗ
ମ ଛ ଖଣ୍ଡ ମଉଜା, ମ ରିଣ ଛାଡ଼ିଛି, ହୁଁ, ମ ସାଙ୍ଗ
ମ ରିଣ ନ ପାଇତେ, ମ ମତେ ଡାକୁଛି, ହୁଁ, ମ ସାଙ୍ଗ
ମ ମୁଇଁ ପଲ୍‌ହି ନାଇଁ, ମ କାଳି ଅଖର, ହୁଁ, ମ ସାଙ୍ଗ
ମ କିମିତି ନପାବି, ମ ରିଣ ତାଙ୍କର, ହୁଁ, ମ ସାଙ୍ଗ
ମ ତାରେ ବଡ଼ ବହୁ, ମ ତା ଘରେ ରଜା, ହୁଁ, ମ ମାଁ
ମ ମତେ ରଖିଦେବ, ମ ମୁଲ୍ୟାଣି ଖଞ୍ଜା, ହୁଁ, ମ ମାଁ
ମ ନୁକ ପଚାରିବେ, ମ ଇଏ କାଆର, ହୁଁ, ମ ମାଁ
ମ ତା ବହୁ ବଲିବ, ମ ମୁଲ୍ୟାଣି ମର, ହୁଁ, ମ ମାଁ
ମ କେଁଝରି ଗଳିଆ, ମ ପିତଳ ପଳା, ହୁଁ, ମ ଭାଇ
ମ ନିତି ବଲୁଥିଲ, ମ ଘରୁ ପଳା, ହୁଁ, ମ ଭାଇ
ମ ଘରୁ ଖେଦାସେ ଜେ, ମ କାଆଣେ ଜିତି, ହୁଁ, ମ ଭାଇ
ମ ଜମ ନେଇଥିନେ, ମ ମୁଁ ମରିଥିତି, ହୁଁ ମ ଭାଇ,
ମ ଦୁଆର ବନ୍ଧରେ, ମ ଘିଅ ନହଣି, 'ହୁଁ', ମଭାଇ,
ମ ଜାଁ ଘରେ ଭାଇ, ମ ଦେଲ ଭଅଣି, ହୁଁ, ମ ଭାଇ,
ମ ନିତି ପଡୁଥିବ, ମ ଆଖିଁର ପାଣି, ହୁଁ, ମ ଭାଇ,

ମ ଦେ ନଈ ପାଣି, ମ ଅଣ୍ଟାବ ନାଇଁ, ହୁଁ, ମ ଭାଇ
ମ ତୁମ୍‌ହେ ଜିବ ବଲି, ମ ପରତେ ନାଇଁ, ହୁଁ, ମ ଭାଇ

-୩-

ମୁଁ ଛାଡ଼ି ଜାଉଛି ଡେଙ୍ଗା ପାଚୁରି ମ, ଭାଇ
ଡେଙ୍ଗା ପାଚୁରିରେ ପୁଇ ପତର ମ ଭାଇ
ମୁଁ ଛାଡ଼ି ଜାଉଛି ସିରି ଖେତର ମ ଭାଇ
ସିରି ଖେତରରେ ନିଆଳି ଧାନ ମ ଭାଇ
ଅଦେ କଟାଳିରା ଅଦେ ବିହାନ ମ ଭାଇ
ବିହାନ କେତିକି ବାନ୍ଧି ରଖିଲ ମ ଭାଇ
ଅଗାଳି ହେଲିଜା ଭସାଇ ଦେଲ ମ ଭାଇ
ପର୍‌ବତ ଷିକରେ ଦୁଧ ଗିଲାସ ମଭାଇ
ଫେସି ଦେଲ ମତେ ଦଖିଣ ଦେସ ମଭାଇ ।

ଶବ୍ଦାର୍ଥ :

ରିକିସ - ରିକ୍ସା, ରିଣ - ଋଣ, ନହଣି - ଲହୁଣି, ଅଣ୍ଟାବ - ଯଥେଷ୍ଟ ହେବ, ପୁଇ - ପୋଈ, ଷିକ - ଶିଖ ।

□□

# ଛଟା

-୧-

ଏ ହ ହାଉଲେ, ସୁକ ପାହୁଲେ
କୁକୁଳାକେ ଦେଲି ଚିଆଁ
ରେ ମୁଖ ଦରସନ ପାଇବି ବଲି
ମିଛେ ମାଗୁଥିଲି ନିଆ ।
ରେ ଖକାରୁ ପତର ଆଉଁସୁ
ରେ ଖକାରୁ ପତର ଆଉଁସୁ
ରେ ଘଇତାକେ ଦେଖି ନହର ପହର
ଦିଅରକେ ଦେଖି ହସୁ ।

ରେ ଆମ୍ ପାଇଁଗନି ଅଦା ବାଟରେ
ହଜାଇଲି ଗୁଡ଼ ମୁଢି
ସୁରୁସୁରୁ କରି ସୁତା କାଟୁଥିବୁ
ବୁଣିଦେବି କଳା ସାନ୍ହି ।
ରେ କଳା ବାଇଁଗଣ ବହଳ ଚୁପାଲ
କାଟିବାକେ ବଡ଼ ଦୁଖ
ନାଗରକେ ଦେଖି ନାଗର ଠାରୁଛି
ଦିନେ ହେଲେ ହେବ ସୁକ ।

-୨-

ଏ ଟିକି ଟିକି କାଟି ଇଲିସି ସୁଖୁଆ
କା ପତରରେ ଦେବି
ରେ ଘଇତାକେ ମର କବାଟ କିଳିଣ
ଘୁଙ୍ଗା ନାଟ ଦେଖୁଥିବି ।
କଥା କଉ ମାରଙ୍ଗରେ ଗଲା
ଦୁବ ଗଛକେ ଚକକ ମାଇଲା
ଦାରୁ ଗଛ ଫୁଡ଼ି ମଲା ।

ରେ ଆର୍ ପାରିଆ କୁଦୁମ୍ ଗଛ
ବାଆ ଖୁଲୁ ଖୁଲୁ ବହୁଛି
ରେ ଢ଼ାଙ୍ଗୁନି ଜାଳରେ ଏଡ଼ିକି ରସ
ତ ଦିନ କିମିତି ଜାଉଛି ।

-୩-

ଏ ଭାଜିନି ଭୁଜା କୁଲା ତଳେ ଗଲା ନାଗିରେ
ହିନ୍ ପୁରୁସକେ ନାଜ ନ ନାଗଇ
ନିତି ଖାଉଥାଉ ମାଗିରେ ।
ମୁଇଁତ ଗାଗଲ ପତର
ତୁଇ ବାର ବଛରର୍ ଛଣ୍ଡା
ତର ମର୍ ପଷା ଖେଳିବା ଗଙ୍ଗରା ଭିତର
ଗଙ୍ଗରା ଭିତରେ ଖଟ୍‌ପଲ୍‌ଙ୍କ ରେଞ୍ଚ ରେଞ୍ଚଉଛି
ଉଠ ଉଠ ମର ଟୁକା ଦିଅର ଜଙ୍ଗ ବଥଉଛି ।

-୪-

ଏ ନୁଗା ଖାନି ନେଲା ଉଡାଇ
ଭରସିକରି କହିନ ପାରସେ ଖଣ୍ଡଧୁର୍ ଗେଲୁ ଗୁଡାଇ
କାଠେ ଚୁନା, ତମ୍ ଦିନ୍‌କିଆ ନାରା ନଛନା
ପିଞ୍ଜିନି ବଣ, ଜାଣିଲି ତୁମ୍‌ହର ଛଟକ କଥା
ଆହୁରି ଅଛି ଆହୁରି ଅଛି
କୁସର ଭିତରେ ଚାହୁଁରି ଅଛି
ନାକ୍‌ଫୁଲି ଦେକି ଛାୟା
ହଁସ କରି ପିଲା କଥା ନ କୁହଇ
ପୁରୁସର କେତେ ମାୟା ।

-୫-

ଛଟା ସିକି ଥିଲି ପଣେ
ଜେଁ ଦିନ ପାତେକା ହାତରେ ଧଇଲା
ସବୁ ଗେଲା ଏଣେ ତେଣେ ।

-୬-

ପୁଖୁରି ଆଲେ ନିମ ଗଛଟା ବାଆ ଖୁଲୁଖୁଲୁ ଦେଉଛି
ତୁଲ ତରେ ପିଲା ଛନ୍‌ମନିଆ ତର୍ ସାତେ କିଏ ଜାଉଛି ।

ଶବ୍ଦାର୍ଥ :

ଛଟା - ଛଟକ କଥା/ରସିକ କଥା, ସୁକ - ସୁଖ, କୁକୁଲା - କୁକୁଡ଼ା, ଚିଆଁ - କୁକୁଡ଼ା ଛୁଆ, ନିଆ - ନିଆଁ, ଖକାରୁ - କଖାରୁ, ଘଇତା - ସ୍ୱାମୀ, ଅଦା - ଅଧା, ସାଲ୍‌ହି - ଶାଢ଼ି, ମାରଙ୍ଗ - ମାର୍ଗ, ଚଙ୍କ - ବକ୍ର, ଛଣ୍ଡା - ଅବିବାହିତ ଯୁବକ, ଗଙ୍ଗରା - ଗମ୍ଭିରି, ଜଙ୍ଗ - ଜଘ, ଖାନି - କାନି, ପୁଖୁରି - ପୋଖରୀ, ଛନ୍‌ମନିଆ - ଚଞ୍ଚଳ ।

□□

# ଢ଼ଗ

-୧-

ଏଡିକଟେ ରାଇଟ୍ ପିଲା
ଘର ବଟେ ଛାଇ କୁହାଟୁ ଥିଲା (ବୁଡ଼ିଆ)

-୨-

ଏଇ ଢୁଳି ଥିଲା ପଟେ
ଛାଳି ଦେଲାଙ୍କେ ହେଲା ହକେ (ଦାନ୍ତ ଖାଡ଼ି)

-୩-

ଗଛର ନା ମଦ୍‌ନା
ଫୁଲ ଫୁଟେ ଚନ୍ଦନା
ବାର ଖଣ୍ଡ କେନା
ଭିନେ ଭିନେ ନାଁ ।(ବାରମାସ)

-୪-

ଗରିବଙ୍କି ତରିବ
ଜେଗଛର୍ ପତର୍ ନାଇଁ ସେ ତରକାରି କରିବ (ଛତୁ)

-୫-

ଅମୁଣ୍ଡ ମଣ୍ଡା
ମୁଣ୍ଡି ନାଇଁତାର ମିଛରେ ଗଣ୍ଡା (ଛତୁ)

-୬-

ଏଇ ଗୁରୁ ଗେଲା ଗୁବ୍‌ର ନାଇଁ
ଆଉ ସଗଳ ଗେଲା ଡଗର ନାଇଁ (ବେଙ୍ଗ)

-୭-

କାଣେ ଛାଉଛୁରେ ନମ ନମ ?
କିସ ବଲୁଛୁରେ ଅଲ୍‌ଝିଲା ?